# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୨/୨୦୧୯ (୨୦ ପୃଷ୍ଠା) | Bhubaneswar, Tuesday, March 12/2019 | ★★★★★★

୪୫ଶ ଭାଗ ୧୦୮ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୫/-







"ଲୋକ ସଭା ନିର୍ବାଚନ ଜିତିବା ଉଦ୍ଦେଶ୍ୟରେ ବାଲାକୋଟ କାର୍ଯ୍ୟାନୁଷ୍ଠାନ ହୋଇଥିଲା ।"
- ଫାରୁକ ଅବଦୁଲ୍ଲା, ନ୍ୟାଶନାଲ କନ୍‌ଫରେନ୍ସ ଅଧକ୍ଷ

## ସଂକ୍ଷେପରେ

### ସେନା ଶିବିର ବାହାରୁ ଗ୍ରେନେଡ୍ ସହ ସନ୍ଦିଗ୍ଧ ଗିରଫ

ଜମ୍ମୁ,୧୧।୩(ପି.ଟି.)- ଜମ୍ମୁ-କଶ୍ମୀର ପୁଞ୍ଚ୍ ଜିଲାରେ ଥିବା ଏକ ସେନା କ୍ୟାମ୍ପ୍ ବାହାରେ ସନ୍ଦେହଜନକ ଭାବେ ବୁଲୁଥିବା ଜଣେ ୩୩ ବର୍ଷୀୟ ଯୁବକଙ୍କୁ ଗିରଫ କରାଯାଇଛି। ତାଙ୍କଠାରୁ ଦୁଇଟି ଗ୍ରେନେଡ୍ ଓ ଡିଟୋନେଟର ଜବତ ହୋଇଛି। କାଲାକୋଟେ ଅଞ୍ଚଳର ରାଜିନ୍ଦର ସିଂ ଏକ ନିଯୁକ୍ତି ର୍ୟାଲିରେ ଯୋଗଦେବା ଲାଗି ଆସିଥିଲେ। ସେ ସୁରାନକୋଟ୍‌ସ୍ଥିତ ସେନା ଗେଟ୍ ବାହାରେ ବୁଲୁଥିବାବେଳେ ଗିରଫ ହୋଇଥିବା ପୁଞ୍ଚ୍‌ର ବରିଷ୍ଠ ଏସ୍‌ପି କହିଛନ୍ତି। ତାଙ୍କଠାରୁ ଗୋଟିଏ ସି-୯୦ ଗ୍ରେନେଡ, ଗୋଟିଏ ୟୁବିଜିଏଲ୍ ଗ୍ରେନେଡ ଏବଂ ଡେଟୋନେଟର ଜବତ ହୋଇଛି। ତାଙ୍କ ବିରୋଧରେ ମାମଲା ରୁଜୁ ହେବା ସହ ପୋଲିସ ଜେରା କରୁଛି।

### ଆତଙ୍କବାଦୀଙ୍କୁ ପ୍ରଶ୍ରୟ ଦେବନି ବାଂଲାଦେଶ: ହାସିନା



ଢାକା,୧୧।୩ (ପି.ଟି.)- ଆତଙ୍କବାଦୀ ନିରୋଧୀ ଲଢ଼େଇରେ ଭାରତକୁ ସମସ୍ତ ପ୍ରକାର ସହଯୋଗ ଯୋଗାଇ ଦେବାକୁ ବାଂଲାଦେଶ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି ପ୍ରଧାନମନ୍ତ୍ରୀ ଶେଖ୍ ହାସିନା ସୋମବାର ପୁଣି ଥରେ ସ୍ପଷ୍ଟ କରିଛନ୍ତି। ବାଂଲାଦେଶ ମାଟିରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ପ୍ରଶ୍ରୟ ଦିଆଯିବ ନାହିଁ। ଆତଙ୍କ ସୃଷ୍ଟିକାରୀ ସଙ୍ଗଠନ ଏବଂ ଷଡ଼ଯନ୍ତ୍ରକାରୀଙ୍କ ପ୍ରତି 'ଶୂନ୍ୟ ସହିଷ୍ଣୁତା ନୀତି' ଅଧୀନ କଠୋର ପଦକ୍ଷେପ ନିଆଯିବ। ଢାକା ଏବଂ ନୂଆଦିଲ୍ଲୀରୁ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ବାଂଲାଦେଶରେ ୪ଟି ପ୍ରକଳ୍ପ ଉଦ୍‌ଘାଟନ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସେ ଏହି ଭରସା ଦେଇଛନ୍ତି। ଦୁଇ ଦେଶ ମଧ୍ୟରେ ଆପୋସ ସହଯୋଗ ଦ୍ୱାରା ଆତଙ୍କବାଦ ଶକ୍ତିର ମୂଳୋତ୍ପାଟନ ପାଇଁ ତାଙ୍କ ସରକାର ପ୍ରତିବଦ୍ଧ ବୋଲି ଭାରତକୁ ଆଶ୍ୱସ୍ତ କରିଛନ୍ତି। ଏଥିସହ ପୁଲ୍‌ୱାମା ଆତ୍ମଘାତୀ ଆକ୍ରମଣରେ ଶହୀଦ ହୋଇଥିବା ସୁରକ୍ଷା ଯବାନଙ୍କ ଶୋକସନ୍ତପ୍ତ ପରିବାରଙ୍କୁ ସମବେଦନା ଜଣାଇଛନ୍ତି।

### ୪୬ ଆତଙ୍କବାଦୀ ନିହତ

କାୟିରୋ,୧୧।୩(ପି.ଟି.)- ଗୁଳି ବିନିମୟରେ ୪୬ ଆଇଏସ୍ ଆତଙ୍କବାଦୀ ନିହତ ହୋଇଥିବା ସୋମବାର ଇଜିପ୍ଟ ସେନା ପକ୍ଷରୁ କୁହାଯାଇଛି। ଉତ୍ତର ଏବଂ କେନ୍ଦ୍ରାଞ୍ଚଳ ସିନାଇ ପ୍ରଦେଶରେ ସେନା ପକ୍ଷରୁ ଅପରେଶନ ହୋଇଥିଲା। ଆଇଏସ୍ ଗୋଷ୍ଠୀ ସହ ସମ୍ପୃକ୍ତ ଶହେରୁ ଅଧିକ ଅପରାଧୀଙ୍କୁ ଗିରଫ କରାଯାଇଥିବାବେଳେ ୩ ଯବାନ ପ୍ରାଣ ହରାଇଥିବା ସେନା ସ୍ପଷ୍ଟ କରିଛି। ୨୦୧୩ରେ ରାଷ୍ଟ୍ରପତି ମହମ୍ମଦ ମୋର୍ସିଙ୍କୁ ସେନା କ୍ଷମତାରୁ ହଟାଇବା ପରେ ସିନାଇ ଆତଙ୍କବାଦୀଙ୍କ କେନ୍ଦ୍ରସ୍ଥଳ ପାଲଟିଛି। ସେମାନଙ୍କୁ ନିପାତ କରିବା ପାଇଁ ଫେବୃୟାରୀ ୨୦୧୮ରୁ ଇଜିପ୍ଟ ସେନା ଅଭିଯାନ ଚଳାଇଥିବାବେଳେ ୬ଶହ ଆତଙ୍କବାଦୀ ଏବଂ ୪୦ ଯବାନଙ୍କ ମୃତ୍ୟୁ ଘଟିଛି।

### ରାହୁଲଙ୍କ 'ମାସୁଦ ଆଝାରଜୀ' ମନ୍ତବ୍ୟକୁ ନେଇ ବିବାଦ

ନୂଆଦିଲ୍ଲୀ,୧୧।୩(ପି.ଟି.)- ଜୈଶ୍-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର ମୁଖ୍ୟଙ୍କୁ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀ 'ମାସୁଦ ଆଝାରଜୀ' ସମ୍ବୋଧନ କରିବାକୁ ନେଇ ବିବାଦ ଦେଖାଦେଇଛି। ରାହୁଲ ଆତଙ୍କବାଦୀଙ୍କୁ



ଭଲ ପାଉଥିବା ବିରୋଧୀ ଦଳ ଅଭିଯୋଗ କରିଛି। ଦଳୀୟ କର୍ମୀମାନଙ୍କ ବୈଠକରେ ରାହୁଲ କହିଥିଲେ, ଭାଜପାର ପୂର୍ବ ସରକାର ସମୟରେ ମାସୁଦ ଆଝାରଜୀଙ୍କୁ ଅଜିତ ଡୋଭାଲ ବିମାନରେ ନେଇ କାନ୍ଦାହାରରେ ଛାଡିଆସିଥିଲେ। ୫୬ ଇଞ୍ଚ ଛାତି ଥିବା ବ୍ୟକ୍ତି ଏହା ମନେ ପକାଇବା ଉଚିତ। କେନ୍ଦ୍ରମନ୍ତ୍ରୀ ରବିଶଙ୍କର ପ୍ରସାଦ କହିଛନ୍ତି, ପୂର୍ବରୁ ବରିଷ୍ଠ କଂଗ୍ରେସ ନେତା ଦିଗ୍‌ବିଜୟ ସିଂ 'ଓସାମାଜୀ' ଏବଂ 'ହାଫିଜ ସୟିଦ ସାହେବ' ସମ୍ବୋଧନ କରିଥିଲେ। ଏବେ କଂଗ୍ରେସ ଅଧକ୍ଷ ମାସୁଦ ଆଝାରଜୀ ସମ୍ବୋଧନ କରୁଛନ୍ତି। ଭୋଟ ପାଇଁ କଂଗ୍ରେସ ଯେକୌଣସି ସ୍ତରକୁ ଖସିଯାଇପାରେ ଏହା ରାହୁଲଙ୍କ ମନ୍ତବ୍ୟରୁ ସ୍ପଷ୍ଟ ହେଉଛି। ବାଲାକୋଟ ଆକ୍ରମଣର ପ୍ରମାଣ ମାଗି ସେନାକୁ ଅସମ୍ମାନିତ କରୁଥିବା କଂଗ୍ରେସ ହତ୍ୟାକାରୀ ଆତଙ୍କବାଦୀ ଆଝାରଙ୍କୁ ସମ୍ମାନ ଦେଉଛି ବୋଲି ଭାଜପା ନେତା କହିଛନ୍ତି।

# କେନ୍ଦ୍ରରେ କିଏ ଗଢ଼ିବ ସରକାର

**ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ସର୍ଭେ**

**ଏନ୍‌ଡିଏକୁ ୨୮୫, ଉପାକୁ ୧୨୬ ଆସନ ମିଳିବ**



**ଅଙ୍କକଷା ଆରମ୍ଭ**

ନୂଆଦିଲ୍ଲୀ,୧୧।୩

ଆଗାମୀ ଲୋକ ସଭା ନିର୍ବାଚନ ଲାଗି ତାରିଖ ଘୋଷଣା ହେବା ପରେ ଏଥର କେନ୍ଦ୍ରରେ କିଏ ଗଢ଼ିବ ସରକାର ତାକୁ ନେଇ ଅଙ୍କକଷା ଆରମ୍ଭ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୂର୍ଣ୍ଣ ବହୁମତ ସହ ଦ୍ୱିତୀୟ ଥର କ୍ଷମତାରେ ରହିବାକୁ ଉଦ୍ୟମ ଚଳାଇଛନ୍ତି। ଅନ୍ୟପକ୍ଷରେ କୃଷକଙ୍କ ସମସ୍ୟା, ନିଯୁକ୍ତି ସୃଷ୍ଟିରେ ବିଫଳତା, ରାଫାଲ ଆଦି ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡିକ ଭାଜପା ନେତୃତ୍ୱାଧୀନ ସରକାରକୁ ହଟାଇବା ଉଦ୍ୟମରେ ଅଛନ୍ତି। ଯଦିଓ ବିରୋଧୀ ଦଳଗୁଡିକ ମହାମେଣ୍ଟ ଗଢ଼ିବାରେ ବିଫଳ ହୋଇଛନ୍ତି, ତେବେ ଉତ୍ତରପ୍ରଦେଶ, କର୍ଣାଟକ ଆଦି କେତେକ ରାଜ୍ୟରେ ବିରୋଧୀଙ୍କ ମେଣ୍ଟ ଶାସକ ଦଳକୁ ଅସୁବିଧାରେ ପକାଇବ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଗତ ବିଧାନସଭା ନିର୍ବାଚନରେ ତିନୋଟି ପ୍ରମୁଖ ହିନ୍ଦୀଭାଷୀ ରାଜ୍ୟରେ ବିଜୟୀ ହୋଇ କଂଗ୍ରେସ ମନୋବଳ ସୁଦୃଢ଼ କରିଥିଲେ ମଧ୍ୟ କୌଣସି ନୂଆ ଦଳକୁ ସାଙ୍ଗରେ ନେବାରେ ବିଫଳ ହୋଇଛି। ଟିଏମ୍‌ସି, ସମାଜବାଦୀ ପାର୍ଟି, ବିଏସ୍‌ପି, ଡିଏମ୍‌କେ ଏବଂ ୱାଇଏସ୍‌ଆର କଂଗ୍ରେସ ପାର୍ଟି ଭଳି ଆଞ୍ଚଳିକ ଦଳ ସେମାନଙ୍କ ରାଜ୍ୟରେ ସୁଦୃଢ଼ ଅଛନ୍ତି ଏବଂ ଉଭୟ ଭାଜପା ଓ କଂଗ୍ରେସ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛନ୍ତି। ତେବେ ସେମାନେ ଏକାଠି ହେବାରେ ବିଫଳ ହୋଇଛନ୍ତି।

ଏହି ଅବସରରେ ବିଭିନ୍ନ ଗଣମାଧ୍ୟମ ପକ୍ଷରୁ ଜନମତ ସର୍ଭେ ରିପୋର୍ଟ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁଯାୟୀ ଏନ୍‌ଡିଏ ପୁଣି ଥରେ କ୍ଷମତାକୁ ଆସିବା ପୂର୍ବାନୁମାନ କରାଯାଇଛି। ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ପକ୍ଷରୁ କରାଯାଇଥିବା ଜନମତ ସର୍ଭେ ଅନୁଯାୟୀ ଲୋକ ସଭା ନିର୍ବାଚନରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ପୂର୍ଣ୍ଣ ସଂଖ୍ୟାଗରିଷ୍ଠତା ହାସଲ କରି ସରକାର ଗଢ଼ିବ। ଭାଜପା ୨୩୮ ଆସନରେ ବିଜୟୀ ହୋଇ ଏକକ ସଂଖ୍ୟାଗରିଷ୍ଠ ଦଳର ମାନ୍ୟତା ହାସଲ କରିବାକୁ ଥିବାବେଳେ ଏନ୍‌ଡିଏକୁ ୨୮୫ ଆସନ ମିଳିବ ବୋଲି ପୂର୍ବାନୁମାନ କରାଯାଇଛି। ୨୦୧୪ ତୁଳନାରେ ଭାଜପା ଏଥର ୪୪ ଆସନ ହରାଇବ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ଗତଥର ଭାଜପା ୨୮୨ ଏବଂ ଏନ୍‌ଡିଏ ୩୫୫ ଆସନରେ ଜିତିଥିଲା। ଗତ ଥର କଂଗ୍ରେସ ନେତୃତ୍ୱାଧୀନ ଉପାକୁ ୮୦ ଆସନ ମିଳିଥିବାବେଳେ ଏଥର ୧୨୬ ଆସନ ପାଇବ ବୋଲି ଜନମତ ସର୍ଭେରେ କୁହାଯାଇଛି। ଅର୍ଥାତ ୨୦୧୪ ତୁଳନାରେ ଉପାକୁ ଏଥର ୪୬ ଆସନ ଅଧିକ ମିଳିବ। ଗତଥର କଂଗ୍ରେସକୁ ମାତ୍ର ୪୪ ଆସନ ମିଳିଥିବାବେଳେ ଏଥର ରାହୁଲ ଗାନ୍ଧୀଙ୍କ ନେତୃତ୍ୱରେ ଦଳ ୮୨ ଆସନରେ ଜିତିବା ପୂର୍ବାନୁମାନ କରାଯାଇଛି। ଏନ୍‌ଡିଏ ଓ ଉପା ବାହାରେ ଥିବା ଅନ୍ୟ ଦଳଗୁଡିକ ୧୩୨ ଆସନରେ ଜିତିବା ସମ୍ଭାବନା ରହିଛି। ସର୍ଭେରେ ମାୟାବତୀଙ୍କ ବହୁଜନ ସମାଜ ପାର୍ଟି (ବିଏସ୍‌ପି) ଫାଇଦାରେ ରହିବ ବୋଲି କୁହାଯାଇଛି। ଗତଥର ବିଏସ୍‌ପି ଖାତା ଖୋଲିପାରି ନ ଥିବାବେଳେ ଏଥର ୧୬ଟି ଆସନ ଏବଂ ତାଙ୍କ ସହଯୋଗୀ ଅଖିଳେଶ ଯାଦବଙ୍କ ସମାଜବାଦୀ ପାର୍ଟି ୧୮ ଆସନରେ ଜିତିବା ପୂର୍ବାନୁମାନ କରାଯାଇଛି। ଗତଥର ଭାଜପା ଉତ୍ତରପ୍ରଦେଶରୁ ୭୧ ଆସନ ଜିତିଥିଲାବେଳେ ଏଥର ୪୦ ଆସନରେ ସୀମିତ ରହିପାରେ ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି। ୧୯୩ ନିର୍ବାଚନ ମଣ୍ଡଳୀର ୩୮,୬୦୦ ଲୋକଙ୍କ ମତାମତ ସଂଗ୍ରହ କରି ଇଣ୍ଡିଆ ଟିଭି-ସିଏନ୍‌ଏକ୍ସ ଉକ୍ତ ରିପୋର୍ଟ ପ୍ରସ୍ତୁତ କରିଛି।

ଅନ୍ୟପକ୍ଷରେ ସି-ଭୋଟର ସର୍ଭେ ଅନୁଯାୟୀ ଏନ୍‌ଡିଏ ମେଣ୍ଟକୁ ୨୬୪ ଆସନ ମିଳିବାକୁ ଥିବାବେଳେ ଉପାକୁ ୧୪୧ ଓ ଅନ୍ୟ ଦଳଗୁଡିକୁ ୧୩୮ ଆସନ ମିଳିବା ଆଶା କରାଯାଉଛି। ନିର୍ବାଚନ ପରବର୍ତ୍ତୀ ମେଣ୍ଟ କରି ଏନଡିଏ ପୁଣି ଥରେ କ୍ଷମତାକୁ ଆସିବ ବୋଲି ଏଥିରେ ପୂର୍ବାନୁମାନ କରାଯାଇଛି। ନିର୍ବାଚନ ପରେ ମେଣ୍ଟ ହେଲେ ଏନ୍‌ଡିଏକୁ ୱାଇଏସ୍‌ଆର କଂଗ୍ରେସ, ମିଜୋ ନ୍ୟାଶନାଲ ଫ୍ରଣ୍ଟ (ଏମ୍‌ଏନ୍‌ଏଫ), ବିଜୁ ଜନତା ଦଳ (ବିଜେଡି), ତେଲେଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ସମର୍ଥନ ଦେଇପାରନ୍ତି। ଏମାନଙ୍କ ସମର୍ଥନରେ ଏନଡିଏର ଆସନ ସଂଖ୍ୟା ୩୦୧ ହେବ। ଅନ୍ୟ ପକ୍ଷରେ କଂଗ୍ରେସକୁ ୮୬ ଓ ଅନ୍ୟ ସହଯୋଗୀଙ୍କୁ ୫୫ ଆସନ ମିଳିବ ବୋଲି ସର୍ଭେରେ କୁହାଯାଇଛି।

## ପିନାକାର ସଫଳ ପରୀକ୍ଷା



ନୂଆଦିଲ୍ଲୀ,୧୧।୩

ପ୍ରତିରକ୍ଷା ଗବେଷଣା ଓ ବିକାଶ ସଂଗଠନ (ଡିଆର୍‌ଡିଓ) ସୋମବାର ପୋଖରାନ ରେଞ୍ଜ୍‌ରୁ ଦୁଇଟି ପିନାକା ରକେଟର ସଫଳ ପରୀକ୍ଷା କରିଛି। ଏହା ଭାରତୀୟ ସେନାର ଶକ୍ତି ବୃଦ୍ଧିରେ ସହାୟକ ହେବ। ଉଭୟ ରକେଟ ୯୦ କିଲୋମିଟର ଧାର୍ଯ୍ୟ ଲକ୍ଷ୍ୟକୁ ସଫଳତାର ସହ ଟାର୍ଗେଟ କରିଥିଲେ। ଟେଲିମେଟ୍ରିକ ସିଷ୍ଟମ ଜରିଆରେ ସେମାନଙ୍କ ଗତିବିଧି ଉପରେ ନଜର ରଖାଯାଇଥିଲା ଏବଂ ପରୀକ୍ଷା ସମ୍ପୂର୍ଣ୍ଣ ସଫଳ ହୋଇଥିବା ଡିଆରଡିଓ ପକ୍ଷରୁ କୁହାଯାଇଛି। ଡିଆରଡିଓ ଦ୍ୱାରା ନିର୍ମିତ ପିନାକା ରକେଟ ଲଞ୍ଚର ସୈନ୍ୟବାହିନୀରେ ସାମିଲ ହୋଇଛି। ୪୪ ସେକେଣ୍ଡରେ ୧୨ ଏଚ୍‌ଇ ରକେଟ ଉତ୍କ୍ଷେପଣ କରିବା କ୍ଷମତା ଏହାର ରହିଛି। ଏହି ସିଷ୍ଟମକୁ ଟାଟ୍ରା ଟ୍ରକ୍‌ରେ ପରିବହନ କରାଯାଇଥାଏ। କାର୍‌ଗିଲ ଯୁଦ୍ଧ ବେଳେ ଶତ୍ରୁପକ୍ଷର ଶିବିରକୁ ଧ୍ୱଂସ କରିବାରେ ପିନାକା ବ୍ୟବହୃତ ହୋଇଥିଲା।

**■ ସମଝୌତା ଏକ୍ସପ୍ରେସ୍ ବିସ୍ଫୋରଣ ମାମଲା**

## ରାୟ ୧୪କୁ ଘୁଞ୍ଚିଲା

ପଞ୍ଚକୁଲା,୧୧।୩(ପି.ଟି.)

ସମଝୌତା ଏକ୍ସପ୍ରେସ ବିସ୍ଫୋରଣ ମାମଲାର ରାୟ ସୋମବାର ପ୍ରକାଶ ପାଇବାକୁ ଥିବାବେଳେ ଶେଷ ମୁହୂର୍ତ୍ତରେ ଜଣେ ପାକିସ୍ତାନୀ ମହିଳାଙ୍କ ପିଟିଶନ୍ ଯୋଗୁ ଏହାର ପରବର୍ତ୍ତୀ ଶୁଣାଣି ସ୍ୱତନ୍ତ୍ର ଏନ୍‌ଆଇଏ କୋର୍ଟ ୧୪ ତାରିଖକୁ ଧାର୍ଯ୍ୟ କରିଛନ୍ତି। ରାହିଲା ଏଲ୍ ଭକିଲ ନାମ୍ନୀ ଏହି ମହିଳାଙ୍କ ପାଖରେ ମାମଲାର କେତେକ ପ୍ରମାଣ ଥିବା ସେ କୋର୍ଟଙ୍କୁ ଜଣାଇଥିଲେ। ଗତ ୬ ତାରିଖରେ ମାମଲାର ଶୁଣାଣି ଶେଷ ହୋଇ ସୋମବାର ରାୟ ପ୍ରକାଶ ପାଇବାକୁ ଥିଲା। ୨୦୦୭ ଫେବୃୟାରୀ ୧୮ରେ ପାନିପଥ ନିକଟରେ ସମଝୌତା ଏକ୍ସପ୍ରେସର ଦୁଇଟି ବଗିରେ ବିସ୍ଫୋରଣ ହେବାରୁ ୬୮ ଜଣଙ୍କ ମୃତ୍ୟୁ ଘଟିଥିଲା। ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍‌ଆଇଏ)କୁ ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଥିଲା। ଏନ୍‌ଆଇଏ ୮ ଜଣଙ୍କ ନାମରେ ଚାର୍ଜଶିଟ୍ ଦାଖଲ କରିଥିଲା। ସେମାନଙ୍କ ମଧ୍ୟରୁ ସୁନୀଲ ଜୋଷୀଙ୍କର ମୃତ୍ୟୁ ହୋଇଥିବାବେଳେ ଏବେ ବି ତିନି ଜଣ ଫେରାର ଅଛନ୍ତି। ସୋମବାର କୋର୍ଟରେ ସ୍ୱାମୀ ଅସୀମାନନ୍ଦ, ଲୋକେଶ ଶର୍ମା, କମଲ ଚୌହାନ, ରାଜିନ୍ଦର ଚୌଧୁରୀ ହାଜର ହୋଇଥିଲେ।

## ନିର୍ବାଚନ ବେଳେ ବାଇକ ରାଲି, ରୋଡ୍ ଶୋ' ବନ୍ଦ ହେଉ

**ସୁପ୍ରିମକୋର୍ଟରେ ପିଟିଶନ**



ନୂଆଦିଲ୍ଲୀ,୧୧।୩(ପି.ଟି.)

ନିର୍ବାଚନ ବେଳେ ରୋଡ୍ ଶୋ' ଏବଂ ବାଇକ ର୍ୟାଲି ବନ୍ଦ କରିବା ପାଇଁ ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବାକୁ ସୁପ୍ରିମକୋର୍ଟରେ ପିଟିଶନ୍ ଦାଏର ହୋଇଛି। ଉତ୍ତରପ୍ରଦେଶର ପୂର୍ବତନ ପୋଲିସ ମହାନିର୍ଦ୍ଦେଶକ ବିକ୍ରମ ସିଂ ଏବଂ ପରିବେଶବିତ୍ ଶୈବିକା ଅଗ୍ରୱାଲ ଏହି ଆବେଦନ କରିଛନ୍ତି। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ ଦୀପକ ଗୁପ୍ତା ଏବଂ ସଞ୍ଜୀବ ଖାନ୍ନାଙ୍କ ଖଣ୍ଡପୀଠ ଆବେଦନର ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ତେବେ ତ୍ୱରିତ ଶୁଣାଣିକୁ ଅଦାଲତ ମନା କରିଦେଇଛନ୍ତି। ନିର୍ବାଚନ ବେଳେ ରୋଡ୍ ଶୋ' ଓ ବାଇକ ର୍ୟାଲି ଯୋଗୁ ବାୟୁ ଓ ଶବ୍ଦ ପ୍ରଦୂଷଣ ହେବା ସହ ଟ୍ରାଫିକ ଜାମ୍ ଭଳି ସମସ୍ୟା ସୃଷ୍ଟି କରୁଛି। ଫଳରେ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେଣୁ ରୋଡ ଶୋ' ଓ ର୍ୟାଲି ବନ୍ଦ ଲାଗି ନିର୍ବାଚନ କମିଶନଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ପିଟିଶନରେ ଅନୁରୋଧ କରାଯାଇଛି। ରୋଡ ଶୋ'ରେ ୧୦ରୁ ଅଧିକ ଗାଡି ସାମିଲ ହୋଇପାରିବ ନାହିଁ ଏବଂ ଗାଡିଗୁଡିକୁ ପଞ୍ଜୀକୃତ କରିବା ନିୟମ ଥିଲେ ମଧ୍ୟ ଏହାକୁ କେହି ମାନୁ ନ ଥିବା ଅଭିଯୋଗ ହୋଇଛି।

## ଭୁଲ୍‌ରେ ସୀମା ଅତିକ୍ରମ କରିଥିବା ଯୁବକଙ୍କୁ ପାକିସ୍ତାନ ଫେରାଇଲା

ଲାହୋର,୧୧।୩(ପି.ଟି.)-ଜଣେ ଭାରତୀୟ ପାଖାପାଖି ୭ ବର୍ଷ ତଳେ ଭୁଲ୍‌ରେ ସୀମା ଅତିକ୍ରମ କରି ପାକିସ୍ତାନ ଚାଲିଯାଇଥିଲେ। ପାକିସ୍ତାନୀ କର୍ତ୍ତୃପକ୍ଷ ସୋମବାର ତାଙ୍କୁ ସୀମା ସୁରକ୍ଷା ବଳ (ବିଏସ୍‌ଏଫ୍)କୁ ହସ୍ତାନ୍ତର କରିଛନ୍ତି। ଜମ୍ମୁ-କଶ୍ମୀରର ଗୁଲାମ କାଦିର ୨୦୧୨ରେ ପାକିସ୍ତାନ ଚାଲିଯିବାରୁ ସେଠାରେ ମୁତୟନ ଥିବା ପାକ୍ ରେଞ୍ଜରମାନେ ତାଙ୍କୁ ଗିରଫ କରି ସ୍ଥାନୀୟ ପୋଲିସ ଜିମା ଦେଇଥିଲେ। ବେଆଇନ ଭାବେ ପ୍ରବେଶ କରିଥିବାରୁ ତାଙ୍କ ବିରୋଧରେ ମାମଲାର ବିଚାରକରି କୋର୍ଟ ଜେଲ୍ ଦଣ୍ଡାଦେଶ ଦେଇଥିଲେ। ଜେଲ୍ ଅବଧି ଶେଷ ହେବା ପରେ ତାଙ୍କୁ ଭାରତ ପଠାଇ ଦିଆଯାଇଛି।

## କଂଗ୍ରେସରେ ଯୋଗଦେବେ ହାର୍ଦ୍ଦିକ୍



ଅହମ୍ମଦାବାଦ୍,୧୧।୩(ପି.ଟି.)

ପଟିଦାର ନେତା ହାର୍ଦ୍ଦିକ୍ ପଟେଲ କଂଗ୍ରେସରେ ଯୋଗ ଦେବେ। ମଙ୍ଗଳବାର ଅହମ୍ମଦାବାଦ୍‌ରେ ଏକ ରାଲି କାର୍ଯ୍ୟକ୍ରମରେ କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ୍ ହେବେ ବୋଲି କହିଛନ୍ତି। ରାଜକୋଟଠାରେ ପଟିଦାର ଅନାମତ ଆନ୍ଦୋଳନ ସମିତି (ପିଏଏଏସ୍)ର କୋର୍ କମିଟି ବୈଠକ ପରେ ହାର୍ଦ୍ଦିକ୍ ଏହା ସ୍ପଷ୍ଟ କରିଛନ୍ତି। ପିଏଏଏସ୍ ତାଙ୍କୁ ଏହି ଅନୁମତି ଦେଇଥିବା କୋର କମିଟି ସଦସ୍ୟ ଗୀତା ପଟେଲ୍ ଜଣାଇଛନ୍ତି। ଗୁଜରାଟର ଅର୍ମେଲି, ମେହସନା ଅଥବା ଜାମନଗର ଲୋକ ସଭା ଆସନରୁ ହାର୍ଦ୍ଦିକ୍ ପ୍ରାର୍ଥୀ ହେବେ ବୋଲି କୁହାଯାଉଛି।

**■ ଆତଙ୍କବାଦ ନେଇ ଭାରତ-ଆମେରିକା ଆଲୋଚନା**

## ପାକିସ୍ତାନକୁ ଦୃଢ଼ ପଦକ୍ଷେପ ନେବାକୁ ହେବ

ୱାଶିଂଟନ,୧୧।୩(ପି.ଟି)

ଆତଙ୍କବାଦୀଙ୍କ ଭିତ୍ତିଭୂମି ଧ୍ୱଂସ କରିବା ଲାଗି ପାକିସ୍ତାନ କଠୋର ପଦକ୍ଷେପ ନେବା ଆବଶ୍ୟକ। ଭାରତ ଓ ଆମେରିକା ବହିର୍ବ୍ୟାପାର ସଚିବସ୍ତରୀୟ ଆଲୋଚନାରେ ଏହି ନିଷ୍ପତ୍ତି ନିଆଯାଇଛି। ଭାରତର ବହିର୍ବ୍ୟାପାର ସଚିବ ବିଜୟ ଗୋଖ୍‌ଲେ ସୋମବାର ତାଙ୍କ ଆମେରିକା ପ୍ରତିପକ୍ଷ ମାଇକ୍ ପମ୍ପେଓଙ୍କୁ ଭେଟି ବୈଦେଶିକ ନୀତି ଏବଂ ପୁଲୱାମା ଆକ୍ରମଣ ପରବର୍ତ୍ତୀ ସୁରକ୍ଷା ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। ଭାରତ-ଆମେରିକା ରଣନୀତିକ ସହଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ଅଗ୍ରଗତି ହୋଇଥିବାରୁ ଉଭୟ ସନ୍ତୋଷ ବ୍ୟକ୍ତ କରିଥିଲେ। ସୀମାପାର ଆତଙ୍କବାଦକୁ ନେଇ ଭାରତର ଉଦ୍‌ବେଗ ଆମେ ହୃଦୟଙ୍ଗମ କରୁଛୁ। ପାକିସ୍ତାନରେ ସେମାନଙ୍କ ନିରାପଦ ଭୂସ୍ୱର୍ଗକୁ ଧ୍ୱଂସ କରିବାରେ ଇସ୍‌ଲାମାବାଦକୁ ଦୃଢ଼ ପଦକ୍ଷେପ ନେବାକୁ ହେବ ବୋଲି ପମ୍ପେଓ କହିଛନ୍ତି। ଯେକୌଣସି ପ୍ରକାର ଆତଙ୍କବାଦକୁ ସମର୍ଥନ ଦେଉଥିବା ରାଷ୍ଟ୍ର ଏଥିପାଇଁ ଉତ୍ତରଦାୟୀ ରହିବା ଆବଶ୍ୟକ ବୋଲି ଉଭୟ ମିଳିତ ବିବୃତିରେ କହିଛନ୍ତି।



ବିଜୟ ଗୋଖ୍‌ଲେ ଓ ମାଇକ୍ ପମ୍ପେଓ

## ଇଲେକ୍ଟୋରାଲ୍ ବଣ୍ଡ୍ ମାମଲା ଶୁଣାଣି ୨୬ରେ

ନୂଆଦିଲ୍ଲୀ,୧୧।୩

ରାଜନୈତିକ ଦଳକୁ ଚାନ୍ଦା ସମ୍ପର୍କିତ ଇଲେକ୍ଟୋରାଲ୍ ବଣ୍ଡ୍ ଇସ୍ୟୁ ନିୟମରେ ସଂଶୋଧନ ପାଇଁ ଦାଏର ପିଟିଶନ ଉପରେ ୨୬ରେ ଶୁଣାଣି ହେବ। ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହା କହିଛନ୍ତି। ସଂଶୋଧନ ପାଇଁ ସିପିଏମ୍ ଏବଂ ଆସୋସିଏଶନ ଅଫ୍ ଡେମୋକ୍ରାଟିକ୍ ରିଫର୍ମସ୍ ସୁପ୍ରିମ୍‌କୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ଚାଇନା, ଇଥିଓପିଆରେ ବୋଇଂ ୭୩୭ ମାକ୍ସ ଉଡ଼ାଣ ବନ୍ଦ

ବେଜିଂ/ଆଡିସ୍ ଆବାବା,୧୧।୩

ଇଥିଓପିଆର ବୋଇଂ ୭୩୭ ମାକ୍ସ୍ ୮ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ପରେ ଚାଇନା ଓ ଇଥିଓପିଆ ସରକାର ଏହି ବିମାନ ଉଡାଣ ବନ୍ଦ କରିଛନ୍ତି। ରବିବାର ଆଡିସ ଆବାବାରୁ କେନିଆ ରାଜଧାନୀ ନାଇରୋବି ଯାଉଥିବା ଇଥିଓପିଆ ଏୟାରଲାଇନ୍ସର ଇଟି ୩୦୨ ବିମାନ ଦୁର୍ଘଟଣାଗ୍ରସ୍ତ ହେବାରୁ ୧୫୭ ଜଣଙ୍କ ମୃତ୍ୟୁ ଘଟିଥିଲା। ଗତବର୍ଷ ଅକ୍ଟୋବରରେ ଏହି ମଡେଲର ଅନ୍ୟ ଏକ ଜେଟ୍ ଦୁର୍ଘଟଣାଗ୍ରସ୍ତ ହୋଇ ୧୮୯ ଜଣଙ୍କ ଜୀବନ ଯାଇଥିଲା। ବୋଇଂ କମ୍ପାନୀର ଉକ୍ତ ମଡେଲ ଉଡାଣ ଉପରେ ଅତିରିକ୍ତ ସୁରକ୍ଷା ନିୟମାବଳୀ ଜାରି କରିବାକୁ ଭାରତର ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ବିଚାର କରୁଥିବା ଜଣାପଡିଛି।

**ତିନି ତଲାକ୍ ଅଧ୍ୟାଦେଶ**

## ହସ୍ତକ୍ଷେପ କରିବେନି ସୁପ୍ରିମକୋର୍ଟ

ନୂଆଦିଲ୍ଲୀ,୧୧।୩(ପି.ଟି)-ସରକାର ପୁନର୍ବାର ତିନି ତଲାକ ଅଧ୍ୟାଦେଶ ଜାରି କରିଥିବାବେଳେ ଏହା ଉପରେ ହସ୍ତକ୍ଷେପ କରିବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି। ମୁସଲମାନ ମହିଳା (ବିବାହ ଅଧିକାର ସୁରକ୍ଷା) ଅଧ୍ୟାଦେଶ ଫେବୃୟାରୀ ୨୧ରେ ପୁଣି ଥରେ ଜାରି ହୋଇଛି। ଏହାକୁ ଚ୍ୟାଲେଞ୍ଜକରି ଏକାଧିକ ପିଟିଶନ ଦାଏର ହୋଇଥିଲା। ତିନି ତଲାକକୁ ବେଆଇନ କରିବା ପାଇଁ ଅଣାଯାଇଥିବା ବିଲ୍ ଲୋକ ସଭାରେ ଗୃହୀତ ହୋଇଥିବାବେଳେ ରାଜ୍ୟ ସଭାରେ ପଡିରହିଛି। ଏଥିରେ ଅଦାଲତ କିଛି କରିପାରିବେ ନାହିଁ ବୋଲି ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇ, ଜଷ୍ଟିସ ଦୀପକ ଗୁପ୍ତା ଓ ସଞ୍ଜୀବ ଖାନ୍ନାଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି।





ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

### କେମିତି ରହିବ ଆଜିର ପାଗ

**ରାଜ୍ୟ**-ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାର ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ**-ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳର ଆକାଶ ଆଂଶିକ ମେଘୁଆ ରହିବ। ମଙ୍ଗଳବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୬ ଡିଗ୍ରୀ ଏବଂ ସର୍ବନିମ୍ନ ୨୪ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ସୋମବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୩.୭ | ୨୨.୫ |
| ଚାନ୍ଦବାଲି | ୩୪.୬ | ୨୪.୪ |
| କଟକ | ୩୬.୨ | ୨୩.୦ |
| ପାରାଦ୍ୱୀପ | ୩୦.୫ | ୨୫.୬ |
| ଭୁବନେଶ୍ୱର | ୩୬.୨ | ୨୪.୨ |
| ଗୋପାଳପୁର | ୩୧.୨ | ୨୫.୦ |
| ପୁରୀ | ୩୨.୬ | ୨୫.୮ |
| ଅନୁଗୋଳ | ୩୬.୧ | ୨୦.୦ |
| ବାରିପଦା | ୩୩.୦ | ୨୩.୪ |
| ଝାରସୁଗୁଡ଼ା | ୩୫.୯ | ୧୯.୬ |
| କେନ୍ଦୁଝର | ୩୨.୭ | ୧୮.୦ |
| ସମ୍ବଲପୁର | ୩୬.୨ | ୧୯.୧ |
| ସୁନ୍ଦରଗଡ଼ | ୩୫.୦ | ୧୬.୦ |
| ହୀରାକୁଦ | ୩୫.୫ | ୧୯.୩ |
| ତାଳଚେର | ୩୫.୨ | ୨୦.୫ |
| ଭବାନୀପାଟଣା | ୩୭.୫ | ୨୨.୫ |
| ବଲାଙ୍ଗୀର | ୩୭.୨ | ୨୧.୦ |
| କୋରାପୁଟ | ୩୪.୪ | ୧୬.୪ |
| ଫୁଲବାଣୀ | --- | --- |
| ଟିଟିଲାଗଡ଼ | --- | ୨୦.୦ |
| ମାଲକାନଗିରି | ୩୮.୫ | ୧୯.୫ |
| ସୋନପୁର | ୩୭.୨ | ୧୮.୪ |
| ଦାରିଙ୍ଗିବାଡ଼ି | ୩୪.୫ | ୧୯.୦ |

ଡିଗ୍ରୀ ସେଲ୍‌ସିୟସ୍

## ୫୬ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ

ନୂଆଦିଲ୍ଲୀ,୧୧।୩

ରାଷ୍ଟ୍ରପତି ରାମନାଥ କୋବିନ୍ଦ ସୋମବାର ୫୬ ଜଣଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରିଛନ୍ତି। ପଦ୍ମ ପୁରସ୍କାର ପାଇଁ ୧୧୨ଜଣଙ୍କୁ ମନୋନୀତ କରାଯାଇଥିବା ବେଳେ ଅନ୍ୟମାନଙ୍କୁ ୧୬ ତାରିଖରେ ପ୍ରଦାନ କରାଯିବ।

ଦେଶର ଦ୍ୱିତୀୟ ବେସାମରିକ ସମ୍ମାନ ପଦ୍ମ ବିଭୂଷଣ ମଞ୍ଚ କଳାକାର ତଥା ଲେଖକ ବଲୱନ୍ତ ମୋରେଶ୍ୱର ପୁରନ୍ଦରେଙ୍କୁ ପ୍ରଦାନ କରାଯାଇଛି। ଏହି ପୁରସ୍କାର ଲାଭ କରିଥିବା ବ୍ୟକ୍ତିଙ୍କ ମଧ୍ୟରେ ଅଛନ୍ତି ସ୍ୱର୍ଗତ ସାମ୍ବାଦିକ ତଥା ଲେଖକ କୁଲଦୀପ ନାୟାର, ପ୍ରଭୁ ଦେବା, ଶଙ୍କର ମହାଦେବନ୍ ଏବଂ ହିନ୍ଦୀ ଫିଲ୍ମ କଳାକାର କାଦର ଖାନ୍। ଡାକ୍ତର ରବୀନ୍ଦ୍ର ଏବଂ ସ୍ମିତା କୋହ୍ଲେ ଉଭୟଙ୍କୁ ଗୋଟିଏ ପଦ୍ମ ପୁରସ୍କାର ଦିଆଯାଇଛି।

ପଞ୍ଜାବର ବିଶିଷ୍ଟ ରାଜନେତା ତଥା ରାଜ୍ୟ ସଭା ସଦସ୍ୟ ସୁଖଦେବ ସିଂ ଧିଣ୍ଡସା, ମାଲୟାଲମ ଫିଲ୍ମ ଅଭିନେତା ବିଶ୍ୱନାଥନ୍ ମୋହନଲାଲ୍ ଏବଂ ଲୋକ ସଭାର ପୂର୍ବତନ ଉପବାଚସ୍ପତି କାରିଆ ମୁଣ୍ଡା, ପାର୍ଲାମେଣ୍ଟାରିଆନ୍ ହୁକୁମଦେବ ନାରାୟଣନ୍ ଯାଦବ ଏବଂ ସିତାର ବାଦକ ବୁଦ୍ଧାଦିତ୍ୟ ମୁଖାର୍ଜୀ ପଦ୍ମଭୂଷଣ ପାଇଛନ୍ତି। କୁଲଦୀପ ନାୟାର (ମରଣୋତ୍ତର)ଙ୍କ ପୁରସ୍କାର ତାଙ୍କ ସ୍ତ୍ରୀ ଭାରତୀ ଗ୍ରହଣ କରିଛନ୍ତି।

ପଦ୍ମଶ୍ରୀ ପୁରସ୍କାର ପାଇଛନ୍ତି ଡାକ୍ତର ଇଲିଆସ୍ ଆଲି ଏବଂ ମମେନ୍ ଚାଣ୍ଡି, ସ୍ଥପତି ବିମଲ ପଟେ, ଭୂତତ୍ତ୍ୱବିତ୍ ଦିଲୀପ କୁମାର ଚକ୍ରବର୍ତ୍ତୀ, ଶିକ୍ଷାବିତ୍ ଗଣପତ୍ ପଟେଲ୍, ଅଧ୍ୟାତ୍ମବାଦୀ ବଙ୍ଗାରୁ ଆଡିଗଲର, ସାମାଜିକ କର୍ମୀ ମୁକ୍ତାବେନ୍ ପଙ୍କଜ କୁମାର ଡଗ୍‌ଲି, ରଜନୀକାନ୍ତ ଓ ବୁଲୁ ଇମାମ୍, ବିହାର ଏମ୍‌ଏଲ୍‌ଏ ଭାଗୀରଥି ଦେବୀ, କର୍ଣାଟକୀ ସଂଗୀତ ବ୍ୟାଖ୍ୟାକାର କଦମପୁଥରମାଡମ୍ ଗୋପାଳନ୍ ଥନ୍ତ୍ରି ଜୟନ ଏବଂ ପୂର୍ବତନ ବୈଦେଶିକ ସଚିବ ଏସ୍. ଜୟଶଙ୍କର। କଳା, ସମାଜ ସେବା, ସାଧାରଣ ବ୍ୟାପାର, ବିଜ୍ଞାନ ଶିକ୍ଷା, କ୍ରୀଡ଼ା ଓ ଲୋକସେବା ଆଦି କ୍ଷେତ୍ରରେ ପ୍ରସିଦ୍ଧି ହାସଲ କରିଥିବା ବ୍ୟକ୍ତିଙ୍କୁ ପଦ୍ମ ପୁରସ୍କାର ପ୍ରଦାନ କରାଯାଏ।



ମାଲୟାଲମ ଫିଲ୍ମ ଅଭିନେତା ବିଶ୍ୱନାଥନ୍ ମୋହନଲାଲ୍‌ଙ୍କୁ ରାଷ୍ଟ୍ରପତି ରାମନାଥ କୋବିନ୍ଦ ପଦ୍ମଭୂଷଣ ପୁରସ୍କାର ପ୍ରଦାନ କରୁଛନ୍ତି।

ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୨/୨୦୧୯ | Bhubaneswar, Tuesday, March 12/2019 | ପୃଷ୍ଠା-୧




## ୟୁରୋପରେ ଖେଳିବାକୁ ଶୁଭମ୍ ଆଗ୍ରହୀ

ଭାରତୀୟ ସିନିୟର ଦଳରେ ସ୍ଥାନ ପାଇବା ସହ ଭବିଷ୍ୟତରେ ୟୁରୋପରେ ଖେଳିବାକୁ ଆଗ୍ରହୀ ଓଡ଼ିଆ ଫୁଟବଲ ପ୍ରତିଭା ଶୁଭମ୍ ଷଡ଼ଙ୍ଗୀ।

୧୭

୦୭

## ୱେବ୍ ସିରିଜ୍‌କୁ ଯାଇପାରନ୍ତି ପରିଣୀତି

ଅନେକ ଆଉ ଅଫର ମିଳୁଥିବାରୁ ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ୱେବ୍ ସିରିଜ୍ କରିବା ସମ୍ଭାବନା ଅଛି।



# ମୃତ୍ୟୁଫାଶରେ ସୁରକ୍ଷାଦାତା

## ଲଗାତର ଶହୀଦ ହେଉଛନ୍ତି ଯବାନ, ହେଲେ ମିଳୁନି ମାନ୍ୟତା

ନୂଆଦିଲ୍ଲୀ,୧୧।୩

ସୀମାରେ ଯବାନ ସଜାଗ ଅଛନ୍ତି ବୋଲି ଆମେ ଶାନ୍ତିରେ ଶୋଇପାରୁଛେ। ହେଲେ କ୍ରମଶଃ ବିପନ୍ନ ହେବାରେ ଲାଗିଛି ସୁରକ୍ଷାଦାତାଙ୍କ ନିଜ ସୁରକ୍ଷା। କେତେବେଳେ ପାକିସ୍ତାନୀ ଗୋଇନ୍ଦା ସଂସ୍ଥା ଆଇଏସ୍‌ଆଇର ଚକ୍ରବ୍ୟୂହରେ ଫସି ଆତଙ୍କବାଦୀଙ୍କ ଆକ୍ରମଣରେ ଜୀବନ ଯାଉଛି ତ ପୁଣି କେତେବେଳେ ଶତ୍ରୁପକ୍ଷର ସୀମାପାର ଗୁଳିରେ ଶହୀଦ ହେଉଛନ୍ତି ଆମ ଯବାନ। ୨୦୧୪ରୁ ଏହି କ୍ରମବର୍ଦ୍ଧିଷ୍ଣୁ ଧାରା ଉପରେ ନଜର ପକାଇଲେ ବାରି ହୋଇଯାଉଛି କେତେ ଦୁର୍ବଳ କରିଦିଆଯାଇଛି ଭାରତର ସୁରକ୍ଷା ବଳକୁ। ମୁକାବିଲା ପାଇଁ ଯବାନଙ୍କୁ ନା ମିଳୁଛି ଉପଯୁକ୍ତ ତାଲିମ ନା ଅତ୍ୟାଧୁନିକ ଯୁଦ୍ଧାସ୍ତ୍ର। ପୁରୁଣାକାଳିଆ ଅସ୍ତ୍ରଶସ୍ତ୍ର ଦେଇ ମୃତ୍ୟୁମୁଖକୁ ଏକପ୍ରକାର ଠେଲିଦିଆଯାଉଛି ସେମାନଙ୍କୁ। ଫଳସ୍ୱରୂପ ଜମ୍ମୁ-କଶ୍ମୀର ସଂଲଗ୍ନ ନିୟନ୍ତ୍ରଣରେଖା (ଏଲ୍‌ଓସି)ରେ ପାକିସ୍ତାନୀ ରେଞ୍ଜର୍ସଙ୍କ ସହ ଗୁଳି ବିନିମୟ ବେଳେ ପ୍ରତିବର୍ଷ ଶତାଧିକ ଯବାନଙ୍କ ଜୀବନ ଯାଉଛି। ଦେଶ ପାଇଁ ଜୀବନ ଦେବା ପରେ ଯବାନଙ୍କୁ ଶହୀଦ ମାନ୍ୟତା ତ ମିଳୁନାହିଁ, ଓଲଟା ଘନ ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଉଛି ସେମାନଙ୍କ ପରିବାରର ଭବିଷ୍ୟତ।

ଫେବୃୟାରୀ ୧୪ରେ ଜମ୍ମୁ-କଶ୍ମୀରର ପୁଲ୍‌ୱାମା ଜିଲା ଅୱନ୍ତିପୋରା ନିକଟସ୍ଥ ଲେଥ୍‌ପୋରାରେ ସୁରକ୍ଷା ବଳକୁ ଟାର୍ଗେଟ କରିଥିଲା ପାକିସ୍ତାନର ଆତଙ୍କବାଦୀ ସଙ୍ଗଠନ ଜୈଶ୍-ଇ-ମହମ୍ମଦ। ଭଲ ଭାବେ ନିଶ ଉଠି ନ ଥିବା ୨୦ ବର୍ଷୀୟ ଆଦିଲ ଅହମ୍ମଦ କେତେବେଳେ ଆତଙ୍କବାଦୀ ସାଜି ପ୍ରାୟ ୫୦ ସିଆର୍‌ପିଏଫ୍ ଯବାନଙ୍କ ଜୀବନ ନେଲେ କେହି ଜାଣି ପାରିଲେନାହିଁ। ଆକ୍ରମଣ ପରେ ରାଜନୈତିକ ଦଳ ଓ ଗଣମାଧ୍ୟମ ସଂସ୍ଥାଗୁଡ଼ିକର ବ୍ୟବହାର ଯେଉଁ ଗୋଟିଏ ଦିଗକୁ ଅଗ୍ରସର ହେଉଥିଲା, ତାହା ହେଲା ଯୁଦ୍ଧ। ସବୁଠି ଦାବି ଜୋର୍ ଧରିଲା, ପାକିସ୍ତାନଠାରୁ ପ୍ରତିଶୋଧ ନିଅ। ଗୋଟିଏ ବଦଳରେ ୧୦ ମୁଣ୍ଡ ଆଣ। ଆଗକୁ ସାଧାରଣ ନିର୍ବାଚନ ଥିବାରୁ ଉଗ୍ର ଜାତୀୟତାବାଦ ସୃଷ୍ଟି କରି ଧ୍ରୁବୀକରଣ ରାଜନୀତିରେ ବ୍ୟସ୍ତ ରହିଲେ କେନ୍ଦ୍ର ଓ ଭାଜପା ଶାସିତ ଅନେକ ରାଜ୍ୟର ସରକାର। ସୀମା ସେପଟେ ବାୟୁସେନା ବୋମାମାଡ଼ରେ କେତେ ଆତଙ୍କବାଦୀ ନିହତ ହେଲେ ତାହା କାହାକୁ ଜଣା ନ ଥିଲେ ବି ମନଗଢା କାହାଣୀ ଓ କଳ୍ପନାଜଳ୍ପନାକୁ ନେଇ ଆରମ୍ଭ ହୋଇଥିବା ସଂଖ୍ୟାର ଖେଳ ଏଯାଏ ସରିନି। ଏହି ପରିପ୍ରେକ୍ଷୀରେ ନିଆଁରେ ଘିଅ ଢାଳିବା ଭଳି ନେତାମାନଙ୍କ ମତମନ୍ତବ୍ୟରୁ କୌଣସି ଜଣେ ହେଲେ ଯବାନଙ୍କ ଆତ୍ମାକୁ ଶାନ୍ତି ମିଳି ନ ଥିବ ବୋଲି ନିଃସନ୍ଦେହରେ କୁହାଯାଇପାରେ। କାରଣ ପ୍ରକୃତ ସମସ୍ୟା ଓ ଏହାର ସମାଧାନ ପ୍ରତି କାହାର ନିଘା ନାହିଁ।

ଭାରତ-ପାକିସ୍ତାନ ମଧ୍ୟରେ ୩,୩୨୩ କି.ମି. ବିସ୍ତୃତ ସୀମା ରହିଛି। ତହିଁରୁ ଯେଉଁଠି ସର୍ବାଧିକ ଯବାନ ଶହୀଦ ହୁଅନ୍ତି ତାହା ହେଲା ଜମ୍ମୁ-କଶ୍ମୀର ☞ପୃଷ୍ଠା-୨



- ୨୦୧୪ରୁ ଆତଙ୍କବାଦୀ ଆକ୍ରମଣ ୧୭୬% ବୃଦ୍ଧି
- ୫ ବର୍ଷରେ ଶହୀଦଙ୍କ ସଂଖ୍ୟା ବଢ଼ିଛି ୯୩%
- ସୁରକ୍ଷା ବଳ ପାଇଁ ନିୟନ୍ତ୍ରଣରେଖା ପାଲଟିଛି ମରଣଯନ୍ତା
- ଯବାନମାନେ ଶହୀଦ ହେବା ପରେ ଚାଲିଛି କାଦୁଅଫିଙ୍ଗା

| ବର୍ଷ | ଶହୀଦଙ୍କ ସଂଖ୍ୟା |
|---|---|
| ୨୦୧୪ | ୪୬ |
| ୨୦୧୫ | ୪୩ |
| ୨୦୧୬ | ୮୮ |
| ୨୦୧୭ | ୮୩ |
| ୨୦୧୮ | ୯୫ |
| ୨୦୧୯ | ଅଦ୍ୟାବଧି ପ୍ରାୟ ୧୦୦ |

### ଶହୀଦ କିଏ

ସ୍ୱାଧୀନତା ସଂଗ୍ରାମରେ ପ୍ରାଣବଳି ଦେଉଥିବା ଓ ଦେଶବାସୀଙ୍କ ପାଇଁ ଶତ୍ରୁପକ୍ଷ ସହ ଲଢ଼ି ଜୀବନ ହାରୁଥିବା ଯବାନ ବା ସୈନ୍ୟଙ୍କୁ ଶହୀଦ କୁହାଯାଏ। କିନ୍ତୁ ଏହା କେବଳ ମୌଖିକ ଭାବେ। ସୀମାରେ କର୍ତ୍ତବ୍ୟରତ ଯବାନଙ୍କ ଜୀବନ ଗଲେ କ୍ଷମତାସୀନ ଦଳ ତାଙ୍କୁ 'ଶହୀଦ' କହି ରାଜନୈତିକ ରୋଟି ସେକନ୍ତି। କିନ୍ତୁ ସରକାରୀ ଭାବେ ତାଙ୍କୁ ଶହୀଦ ମାନ୍ୟତା ମିଳେନାହିଁ। ସରକାରୀ ଶବ୍ଦକୋଷ ବା ରେକର୍ଡରେ 'ଶହୀଦ' ବୋଲି ଶବ୍ଦଟିଏ ନାହିଁ କି ଯୁଦ୍ଧ ଲଢ଼ି ଜୀବନ ଯାଇଥିବା ଯବାନଙ୍କ ପରିବାରକୁ 'ଶହୀଦ ପ୍ରମାଣପତ୍ର' ମିଳେନାହିଁ। ୨୦୧୭ରେ ସୂଚନା ଅଧିକାର (ଆର୍‌ଟିଆଇ) ଆଇନ ବଳରେ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଓ ପ୍ରତିରକ୍ଷା ମନ୍ତ୍ରଣାଳୟରୁ ମିଳିଥିବା ତଥ୍ୟରୁ ଏହା ସ୍ପଷ୍ଟ ହୋଇଛି। ଏଥିପାଇଁ ପୁଲ୍‌ୱାମା ଆକ୍ରମଣରେ ଟଳିପଡ଼ିଥିବା ଯବାନମାନଙ୍କୁ ଶହୀଦ ମାନତା କାହିଁକି ଦିଆଯାଉ ନାହିଁ ବୋଲି ଫେବୃୟାରୀ ୨୩ରେ କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ ପ୍ରଶ୍ନ କରିଥିଲେ।

## ସିଟି ସ୍କୁଲ ଛାତ୍ରୀଙ୍କୁ ଛୁରାମାଡ଼

- ଅଭିଯୁକ୍ତ ଛାତ୍ର ଗିରଫ
- ଛାତ୍ରୀଙ୍କ ଅବସ୍ଥା ଗୁରୁତର ହେବାରୁ କଟକ ସ୍ଥାନାନ୍ତର
- ଏକତରଫା ପ୍ରେମକୁ ନେଇ ଛୁରାମାଡ଼ ସନ୍ଦେହ

ଆନନ୍ଦପୁର, ୧୧।୩(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ଥାନା ଫକୀରପୁର ସିଟି ସ୍କୁଲ ପରିସରରେ ସୋମବାର ଜଣେ ଛାତ୍ରୀଙ୍କୁ ଛୁରାମାଡ଼ ହୋଇଛି। ଶ୍ରେଣୀଗୃହ ସାମ୍ନାରୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯିବା ପରେ କଟକ ସ୍ଥାନାନ୍ତର କରାଯାଇଛି। ଏହି ଛୁରା ମାଡ଼ ଘଟାଇଥିବା ଅଭିଯୁକ୍ତ ଛାତ୍ର ବଳଭଦ୍ର ଜେନା ପରେ ଏକ ଶ୍ରେଣୀ ଗୃହ ଭିତରେ କବାଟ ବନ୍ଦ କରି ଲୁଚି ରହିଥିଲେ। ସିଟି ସ୍କୁଲ ସହକାରୀ ଶିକ୍ଷକ ଆଲୋକ ରଣା ଆନନ୍ଦପୁର ଥାନାକୁ ଜଣାଇବା ପରେ ପୋଲିସ ପହଞ୍ଚି ଅଭିଯୁକ୍ତ ବଳଭଦ୍ରଙ୍କୁ ଗିରଫ କରି ତଦନ୍ତ ଚଳାଇଛି। ଏକତରଫା ପ୍ରେମକୁ ନେଇ ଏଭଳି କାଣ୍ଡ ଘଟିଥିବା ଚର୍ଚ୍ଚା ହେଉଛି। ଶିକ୍ଷାନୁଷ୍ଠାନରେ ଏଭଳି ଛୁରାମାଡ଼ ଘଟଣା ପରେ ଛାତ୍ରୀଛାତ୍ରମାନେ ଆତଙ୍କିତ ହୋଇପଡ଼ିଛନ୍ତି। ଏହି ଘଟଣା ଅଭିଭାବକ ମହଲକୁ ମଧ୍ୟ ଆଲୋଡ଼ିତ କରିଛି।

ସୋମବାର ପୂର୍ବାହ୍ନ ସାଢ଼େ ୧୧ଟା ସମୟରେ ସିଟି ସ୍କୁଲର ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ର ଦୁଇମହଲା କୋଠାର ଉପର ଶ୍ରେଣୀ ଗୃହକୁ ଯାଇଥିଲେ। ଶ୍ରେଣୀଗୃହ ସାମ୍ନାରେ ଠିଆ ହୋଇଥିବା ସମ୍ପୃକ୍ତ ଛାତ୍ରୀଙ୍କୁ ବଳଭଦ୍ର ଅଚାନକ୍ ଆସି ଏକ ବଡ଼ ଛୁରିରେ ତାଙ୍କ ଗୋଡ଼, ହାତ ଓ ପିଠିକୁ ବାରମ୍ବାର ଆଘାତ କରିଥିଲେ। ଛାତ୍ରୀ ଜଣଙ୍କ ଚିତ୍କାର କରି ସଂଜ୍ଞାହୀନ ☞ପୃଷ୍ଠା-୨

## ନିର୍ବାଚନ ଲଢ଼ିବେନି ଶରଦ ପାୱାର



ପୁଣେ,୧୧।୩(ପି.ଟି.)

ବରିଷ୍ଠ ନେତା ତଥା ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ଅଧ୍ୟକ୍ଷ ଶରଦ ପାୱାର ଆଗାମୀ ଲୋକ ସଭା ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଛନ୍ତି। ତାଙ୍କ ପରିବାରରୁ ୨ ଜଣ ନିର୍ବାଚନ ଲଢ଼ିବାକୁ ଯାଉଥିବାରୁ ସେ ଓହରିଯିବାକୁ ଚାହିଁଲେ ବୋଲି ୭୮ ବର୍ଷୀୟ ପାୱାର କହିଛନ୍ତି। ଦଳୀୟ ନେତାମାନଙ୍କ ସହ ବୈଠକ ପରେ ପାୱାର ଖବରଦାତାମାନଙ୍କୁ କହିଥିଲେ, ସେ ୧୪ ଥର ନିର୍ବାଚିତ ହେଲେଣି। ତେଣୁ ଆଉ ନିର୍ବାଚନ ଲଢ଼ିବା ପାଇଁ ଚାହୁଁନାହାନ୍ତି। ତାଙ୍କ ପୁତୁରା ତଥା ପୂର୍ବତନ ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାରଙ୍କ ପୁଅ ପାର୍ଥ ମାଭାଲ ଲୋକ ସଭା ଆସନରୁ ଏନ୍‌ସିପି ପ୍ରାର୍ଥୀ ହେବେ ବୋଲି ଏହି ଅବସରରେ ପାୱାର ଘୋଷଣା କରିଛନ୍ତି। ପାୱାର ନିଜ ନିର୍ବାଚନ ମଣ୍ଡଳୀ ବାରାମତିରୁ କ୍ରମାଗତ ଭାବେ ଜିତି ଆସୁଥିଲେ। ୨୦୧୨ରେ ସେ ନିର୍ବାଚନ ଲଢ଼ିବେ ନାହିଁ ବୋଲି ଘୋଷଣା କରିଥିଲେ। ଏଥର ତାଙ୍କୁ ମାଧ ଆସନରୁ ଲଢ଼ିବା ପାଇଁ କର୍ମୀମାନେ ଅନୁରୋଧ କରିଥିଲେ ହେଁ ସେ ଏହାକୁ ଗ୍ରହଣ କରି ନାହାନ୍ତି। ତାଙ୍କ ଝିଅ ସୁପ୍ରିୟା ସୁଲେ ଏବେ ବାରାମତିରୁ ଏମ୍‌ପି ଅଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ହେଲେ ଗୋପବନ୍ଧୁ ଦାସ

ଭୁବନେଶ୍ୱର,୧୧।୩ (ବ୍ୟୁରୋ)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଅବସରପ୍ରାପ୍ତ ପ୍ରଶାସକ ଗୋପବନ୍ଧୁ ଦାସଙ୍କୁ ନିଜ ରାଜନୈତିକ ସଚିବ ଭାବେ ନିଯୁକ୍ତ କରିଛନ୍ତି। ଏ ନେଇ ବିଜେଡି ରାଜ୍ୟ ସମ୍ପାଦକ ବିଜୟ ନାୟକ ଏକ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସୂଚନା ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଗୋପବନ୍ଧୁ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିଲେ। ଅବସର ପରେ ମଧ୍ୟ ତାଙ୍କୁ କିଛି କାର୍ଯ୍ୟରେ ନିୟୋଜିତ କରାଯାଇଥିଲା।

### ■ ତ୍ରାଲ୍‌ରେ ଏନ୍‌କାଉଣ୍ଟର

## ପୁଲ୍‌ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ନିହତ

ଶ୍ରୀନଗର,୧୧।୩(ପି.ଟି.)

ଦକ୍ଷିଣ କଶ୍ମୀରର ତ୍ରାଲ୍ ଅଞ୍ଚଳରେ ରବିବାର ରାତିରେ ସୁରକ୍ଷା ବଳ ସହ ଏନ୍‌କାଉଣ୍ଟରରେ ପୁଲ୍‌ୱାମା ଆକ୍ରମଣର ମାଷ୍ଟରମାଇଣ୍ଡ ମୁଦାସିର ଅହମ୍ମଦ ଖାନଙ୍କ ସମେତ ୨ ଜୈଶ୍-ଇ-ମହମ୍ମଦ(ଜେଇଏମ୍) ଆତଙ୍କବାଦୀ ନିହତ ହୋଇଛନ୍ତି। ପିଙ୍ଗ୍‌ଲିଶ୍‌ରେ ଆତଙ୍କବାଦୀ ଆତ୍ମଗୋପନ କରିଥିବା ଗୋଇନ୍ଦା ସୂଚନା ପାଇବା ପରେ ସୁରକ୍ଷା ବଳ ରବିବାର ସନ୍ଧ୍ୟାରେ ଉକ୍ତ ଅଞ୍ଚଳକୁ ଚାରିପଟୁ ଘେରିଯାଇ ତଲାସି ଅଭିଯାନ ଆରମ୍ଭ କରିଥିଲା। ଯବାନଙ୍କୁ ଦେଖି ଆତଙ୍କବାଦୀ ପ୍ରଥମେ ଗୁଳି ଚଳାଇବାରୁ ସୁରକ୍ଷା ବଳ ଏହାର ପାଲଟା ଜବାବ ଦେଇଥିଲା। ଫଳରେ ସୋମବାର ସକାଳ ପର୍ଯ୍ୟନ୍ତ ଗୁଳି ବିନିମୟ ଜାରି ରହିଥିଲା। ଅନ୍ୟ ଆତଙ୍କବାଦୀଙ୍କ ପରିଚୟ ମିଳିନାହିଁ।

ଫେବୃୟାରୀ ୧୪ ପୁଲ୍‌ୱାମା ଆକ୍ରମଣରେ ସିଆର୍‌ପିଏଫ୍‌ର ୪୯ ଯବାନ ଶହୀଦ ହୋଇଥିଲେ। ଏହା ପରେ ବିଭିନ୍ନ ଏନ୍‌କାଉଣ୍ଟରରେ ୬ ପାକିସ୍ତାନୀ ଜେଇଏମ୍ ସଦସ୍ୟଙ୍କ ସମେତ ୧୮ ଆତଙ୍କବାଦୀ ନିହତ ହେଲେଣି। ୨୩ ବର୍ଷୀୟ ମୁଦାସିର ଜଣେ ଇଲେକ୍ଟ୍ରିସିଆନ ଏବଂ ତାଙ୍କ ଘର ପୁଲ୍‌ୱାମାରେ। ସେ ୨୦୧୭ରେ ଜେଇଏମ୍‌ରେ ସାମିଲ ହୋଇଥିଲେ। ପୁଲ୍‌ୱାମା ଆକ୍ରମଣ ପାଇଁ ସେ ଗାଡ଼ି ଓ ବିସ୍ଫୋରକ ବ୍ୟବସ୍ଥା କରିଥିଲେ। ମୁଦାସିର ନିହତ ହେବା ଫଳରେ ଜେଇଏମ୍‌କୁ ଶକ୍ତ ଝଟକା ଲାଗିଛି। ସିଆର୍‌ପିଏଫ୍ ବସ୍‌କୁ ବିସ୍ଫୋରଣ ଭର୍ତ୍ତି ଭ୍ୟାନ୍ ଧକ୍କା କରାଇଥିବା ଆତ୍ମଘାତୀ ଆକ୍ରମଣକାରୀ ଆଦିଲ୍ ଅହମ୍ମଦ ଦର୍ ମୁଦାସିରଙ୍କ ସହ ନିୟମିତ ଯୋଗାଯୋଗରେ ରହିଥିଲେ ବୋଲି ଜଣେ ପୋଲିସ ଅଧିକାରୀ କହିଛନ୍ତି।

### ■ ଖଣି କମ୍ପାନୀର ଦାମୀ ଗାଡ଼ି

## ବ୍ୟବହାର କରୁଛନ୍ତି ମନ୍ତ୍ରୀ, ବନ ଅଧିକାରୀ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ମନ୍ତ୍ରୀ ଓ ବନ ବିଭାଗର ବରିଷ୍ଠ ଅଧିକାରୀମାନେ ଖଣି କମ୍ପାନୀଗୁଡ଼ିକ ଦ୍ୱାରା ଦିଆଯାଇଥିବା ଦାମୀ ଗାଡ଼ି ବ୍ୟବହାର କରୁଛନ୍ତି। କିନ୍ତୁ ନିୟମ ରହିଛି ଯେ, କେବଳ ବୃକ୍ଷରୋପଣ ଓ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟରେ ଲଗାଇବା ପାଇଁ ବିଭାଗୀୟ ଅଧିକାରୀମାନେ କମ୍ପାନୀଗୁଡ଼ିକଠାରୁ ଗାଡ଼ି ଆଣିପାରିବେ। ଯେଉଁ କମ୍ପାନୀ ପାଇଁ ବିଭାଗ ପକ୍ଷରୁ ବୃକ୍ଷରୋପଣ କରାଯାଉଥିବ, ତା'ର ଭିତ୍ତିଭୂମି ହିସାବରେ ବିଭାଗ ଗାଡ଼ି ମାଗିପାରିବ। କାରଣ, ଭିତ୍ତିଭୂମି ହିସାବରେ କାମ କରିବା ପାଇଁ କମ୍ପ୍ୟୁଟର ଓ ଜଗିବା ପାଇଁ ୱାଚର ଆଦି ମଗାଯାଇଥାଏ। ଏଠାରେ ଉଲ୍ଲେଖଯୋଗ୍ୟ, ଜଙ୍ଗଲ ସଂରକ୍ଷଣ ହେଉ କିମ୍ବା ବନ୍ୟଜନ୍ତୁ ସଂରକ୍ଷଣ, ଏଥିରେ କୌଣସି ଦାମୀ ଗାଡ଼ି ଲାଗିବାର ଆବଶ୍ୟକତା ନାହିଁ। ଯଦିଓ ଏଭଳି ଗାଡ଼ି କମ୍ପାନୀଗୁଡ଼ିକ ଦେଉଛନ୍ତି, ତେବେ ବିଭାଗୀୟ ଅଧିକାରୀମାନେ କିପରି ସେହି ଗାଡ଼ିଗୁଡ଼ିକୁ ନିଜର ଆବଶ୍ୟକତା ପାଇଁ ବ୍ୟବହାର କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି ଟ୍ରାନ୍ସପରେନ୍ସି ଇଣ୍ଟରନ୍ୟାଶନାଲ ଇଣ୍ଡିଆର ସଦସ୍ୟ ଡ. ବିଶ୍ୱଜିତ୍ ମହାନ୍ତି। ତାଙ୍କ ଅଭିଯୋଗ ଅନୁଯାୟୀ, ☞ପୃଷ୍ଠା-୨



Information in reply to RTI application dated 10.12.18 of Sri Biswajit Mohanty
Vehicles provided by the user agency from 16.2.2016 to 12.12.2018
Keonjhar Forest Division

| Vehicle Registration Number | Type and Make of vehicle | Name of user agency who provided the same | Name of the diversion proposal/wildlife management plan against which the vehicle has been obtained | Purpose for which vehicle has been obtained from user agency. | Designation and name of the Officer to whom th vhicle has been allotted. |
|---|---|---|---|---|---|
| OD09H2538 | Bolero-Mahindra & Mahindra | M/s KJS Ahuluwalia | Site Specific Wildlife Conservation Plan of Nuagaon Iron Ore Mines | Protection duty | Forest Protection duty in Keonjhar Forest Division. |
| OD09H2539 | Bolero-Mahindra & Mahindra | | | | |
| OD02AAK4500 | LMV Innova Crystal 2.4-Toyota Kirloskar Motor Ltd | M/s TATA Steal Ltd. | Site Specific Wildlife Conservation Plan of Joda West Manganese Mines | Provision for Vehicle for the DFO. | As per Memo No. 1035 dt.4.2.17 of the Pr.C.C.F (WL) & CWLW, Odisha, Bhubaneswar, the vehicle handed over to Pr.CCF, Wildlife & CWLW vide this office memo No.899 dt.4.2.2017 for official use by the Hon'ble Minister, Forest & Environment Department, Odisha |

Public Information Officer
O/o the Divisional Forest Officer
Keonjhar Division

ଆର୍‌ଟିଆଇ ଜରିଆରେ ମିଳିଥିବା ତଥ୍ୟର ନକଲ।

### ଆଜିର ସମ୍ପାଦକୀୟ

ବିମୁଦ୍ରୀକରଣ ପରେ ବାଲାକୋଟ

### ଆଜିର ମନ୍ତବ୍ୟ

" ମହାତ୍ମା ଗାନ୍ଧୀଙ୍କ ଭାରତ ଓ ନାଥୁରାମ ଗଡ୍‌ସେଙ୍କ ଭାରତ ମଧ୍ୟରୁ ଗୋଟିଏକୁ ବାଛିବାକୁ ହେବ।

-ରାହୁଲ ଗାନ୍ଧୀ, କଂଗ୍ରେସ ଅଧ୍ୟକ୍ଷ

### କିଛି ତଥ୍ୟ

ବର୍ତ୍ତମାନ ୪୮୦ ଟୋଲ ପ୍ଲାଜାଗୁଡ଼ିକରେ ୪.୩ ନିୟୁତ ଫାଷ୍ଟଟ୍ୟାଗ୍ ଜାରି କରାଯାଇଛି। - ଏନ୍‌ଏଚ୍‌ଏଆଇ


NECC NATIONAL EGG CO-ORDINATION COMMITTEE 11.03.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 80 | 132 | 142 |
| CTC | 82 | 135 | 145 |
| DKL | 82 | 135 | 145 |
| BDK | 84 | 137 | 147 |
| BLS | 85 | 139 | 149 |
| ANG | 82 | 135 | 145 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers


# ଏନ୍‌ଜିଟି ନିଷ୍ପତ୍ତି ବିରୋଧରେ ସୁପ୍ରିମକୋର୍ଟରେ ସେସୁ

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

ଢେଙ୍କାନାଳ ସଦର ବନଖଣ୍ଡ କମଳାଙ୍ଗ ଗ୍ରାମ ନିକଟରେ ୨୦୧୮ ଅକ୍ଟୋବର ୨୭ ତାରିଖରେ ବିଦ୍ୟୁତ ଆଘାତରେ ୭ଟି ହାତୀଙ୍କର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ ଉଦ୍‌ବେଗ ପ୍ରକାଶ କରିବା ସହ ସେଣ୍ଟ୍ରାଲ ଇଲେକ୍ଟ୍ରିସିଟି ସପ୍ଲାଏ ୟୁଟିଲିଟି (ସେସୁ) ବିରୋଧରେ ନିଜ ଆଡୁ ମାମଲା ରୁଜୁ କରିଥିଲେ। କ୍ଷତିପୂରଣ ବାବଦରେ ସେସୁ ଉପରେ ଦୁଇଟି ଶୁଣାଣିରେ ୫ କୋଟି ଟଙ୍କାର ଜରିମାନା ଧାର୍ଯ୍ୟ କରିଥିଲେ। ଏହି ରାଶିକୁ ଦୁଇମାସ ମଧ୍ୟରେ ଜଙ୍ଗଲ ଓ ପରିବେଶ ବିଭାଗରେ ଦାଖଲ କରିବାକୁ ଏନ୍‌ଜିଟି ନିର୍ଦ୍ଦେଶ ଦେଇଥିଲେ। ତେବେ ସେସୁ ଜରିମାନା ଫାଙ୍କିବା ପାଇଁ ଏନ୍‌ଜିଟିଙ୍କ ନିଷ୍ପତ୍ତିକୁ ସୁପ୍ରିମକୋର୍ଟରେ ଚ୍ୟାଲେଞ୍ଜ କରିଛି। ମିଳିଥିବା ସୂଚନା ଅନୁଯାୟୀ ସେସୁ ଜଙ୍ଗଲ ଓ ପରିବେଶ ବିଭାଗରେ ୧ କୋଟି ଟଙ୍କା ଦାଖଲ କରିଥିବା ବେଳେ ଅବଶିଷ୍ଟ ୪ କୋଟି ଟଙ୍କା ନ ଦେବାକୁ ସୁପ୍ରିମକୋର୍ଟରୁ ରହିତାଦେଶ ଆଣିଥିବା ଜଣାପଡିଛି।

ହାତୀ ମୃତ୍ୟୁ ଉପରେ ରାୟ ଶୁଣାଇବା କିମ୍ବା ଜରିମାନା ଧାର୍ଯ୍ୟ କରିବାର ଅଧିକାର ଏନଜିଟିଙ୍କର ନାହିଁ । ଏନ୍‌ଜିଟି ସବୁଜବଳୟ ନଷ୍ଟ କିମ୍ବା ପରିବେଶ ସମ୍ପର୍କରେ ଶୁଣାଣି କରି ରାୟ ଦେଇପାରିବେ। ମାତ୍ର ବନ୍ୟପ୍ରାଣୀଙ୍କର କୌଣସି କ୍ଷତି ହେଲେ ଏନଜିଟି ଏହା ଉପରେ ରାୟ ଶୁଣାଇବା ଆଇନରେ ବ୍ୟବସ୍ଥା ନ ଥିବା ଦର୍ଶାଇ ସେସୁ ସୁପ୍ରିମ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛି ବୋଲି ଶକ୍ତି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ଢେଙ୍କାନାଳ ୭ ହାତୀ ମୃତ୍ୟୁ ଘଟଣା

- ୪ କୋଟି ଜରିମାନା ଉପରେ ସ୍ଥଗିତାଦେଶ



ଉଲ୍ଲେଖଯୋଗ୍ୟ ଯେ, କମଳାଙ୍ଗ ଗ୍ରାମ ନିକଟରେ ହାତୀପଲ ବିଲ ଦେଇ ଅତିକ୍ରମ କରୁଥିବା ବେଳେ କମ୍ ଉଚ୍ଚତାରେ ଥିବା ୧୧ କେ.ଭି. ବିଦ୍ୟୁତ୍ ସଂସ୍ପର୍ଶରେ ଆସି ୬ଟି ବଡ଼ହାତୀ ସହିତ ଗୋଟିଏ ଛୁଆହାତୀର ମୃତ୍ୟୁ ହୋଇଥିଲା। ଏହାକୁ ନେଇ ସରକାରୀ ସ୍ତରରେ କେତେ କ'ଣ ତୁମ୍ଭିତୋଫାନ ହେଲା। ଜଙ୍ଗଲ ଓ ପରିବେଶ ବିଭାଗ ଏବଂ ଶକ୍ତି ବିଭାଗ ମଧ୍ୟରେ ଏହି ଘଟଣାକୁ ନେଇ ଆରୋପ ପ୍ରତ୍ୟାରୋପ ଚାଲିଲା। କର୍ତ୍ତବ୍ୟରେ ଅବହେଳା ପାଇଁ ଜଙ୍ଗଲ ଓ ପରିବେଶ ବିଭାଗର ୩ ଜଣ ଏବଂ ସେସୁର ୩ ଜଣ କର୍ମଚାରୀଙ୍କୁ ନିଲମ୍ବନ କରାଯାଇଥିବା ବେଳେ ମେରାମୁଣ୍ଡଳୀ ବିଦ୍ୟୁତ୍ ସେକ୍ସନର ଜଣେ ଜୁନିୟର ମ୍ୟାନେଜରଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିଲା। ହାତୀ ମୃତ୍ୟୁକୁ ନେଇ ଜଙ୍ଗଲ ଓ ପରିବେଶ ବିଭାଗ ମୁଖ୍ୟ ବନ୍ୟପ୍ରାଣୀ ସଂରକ୍ଷକ(ପିସିସିଏଫ) ଏକ ପ୍ରେସ ବିଜ୍ଞପ୍ତିରେ ସଫେଇ ଦେଇ କହିଥିଲେ ଯେ, ହାତୀ ଚଳପ୍ରଚଳ ହେଉଥିବା ଅଞ୍ଚଳରେ ୧୧ କେ.ଭି. ବିଦ୍ୟୁତ୍ ତାର ବିପଜ୍ଜନକ ଅବସ୍ଥାରେ ରହିଛି। ତୁରନ୍ତ ଏହାର ପ୍ରତିକାର ବ୍ୟବସ୍ଥା କରିବାକୁ ଢେଙ୍କାନାଳ ଡିଏଫଓ ସେସୁ କର୍ତ୍ତୃପକ୍ଷଙ୍କୁ ୨୦୧୭ରେ ଚିଠି ଲେଖିଥିଲେ। ମାତ୍ର ସେସୁ କର୍ତ୍ତୃପକ୍ଷ ଏ ନେଇ କୌଣସି ପଦକ୍ଷେପ ନେଇ ନ ଥିଲେ ବୋଲି ଅଭିଯୋଗ କରିଥିଲେ। ସେହିପରି ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ୨୦୧୮ ମାର୍ଚ୍ଚ ୨୯ରେ ବସିଥିବା ବୈଠକରେ ମଧ୍ୟ ଏ ନେଇ ପ୍ରତିକାର କରିବାକୁ ଶକ୍ତି ବିଭାଗକୁ ଅନୁରୋଧ କରାଯାଇଥିଲା। ଏହାସତ୍ତ୍ୱେ ଶକ୍ତି ବିଭାଗ କିମ୍ବା ସେସୁ ପକ୍ଷରୁ କୌଣସି ପଦକ୍ଷେପ ନିଆଯାଇ ନ ଥିବାରୁ ଏଭଳି ଦୁର୍ଘଟଣା ହେଲା ବୋଲି ରାଜ୍ୟ ମୁଖ୍ୟ ବନ୍ୟପ୍ରାଣୀ ଅଧିକାରୀ ଅଭିଯୋଗ କରିଥିଲେ।

ଉଭୟ ଶକ୍ତି ଏବଂ ଜଙ୍ଗଲ ଓ ପରିବେଶ ବିଭାଗର ଖାମଖିଆଲ ମନୋଭାବ ଯୋଗୁ ଏଭଳି ଏକ ଦୁର୍ଘଟଣା ହେଲା। ଏନ୍‌ଜିଟି ସେସୁ ବିରୋଧରେ ମାମଲା ଦାଏର କରିବା ସହ କର୍ତ୍ତବ୍ୟ ☞ପୃଷ୍ଠା-୨



ଭୋଟ ହାତେଇବା ଲାଗି ନିର୍ବାଚନ ପ୍ରଚାରରେ ସାବରିମାଲା ଭଳି ଧର୍ମୀୟ ପ୍ରସଙ୍ଗକୁ ରାଜନୈତିକ ଦଳଗୁଡ଼ିକ ବ୍ୟବହାର କରିପାରିବେ ନାହିଁ। ଏନେଇ କେରଳ ନିର୍ବାଚନ କମିଶନ ସୋମବାର ସତର୍କ କରିଦେଇଛନ୍ତି। କେରଳର ମୁଖ୍ୟ ନିର୍ବାଚନ କମିଶନର ଟିକରାମ ମୀନା ଗଣମାଧ୍ୟମକୁ କହିଛନ୍ତି, ସାବରିମାଲା ପ୍ରସଙ୍ଗକୁ ପ୍ରଚାରରେ ବ୍ୟବହାର କରାଗଲେ ଏହାକୁ ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ ଭାବେ ଗ୍ରହଣ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁଗୁଲି
ପରିବାରବର୍ଗ



ଜିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified



real estate

### SALE

30' road gharabari residential boundarywall plot at Canal Road (near petrol pump) Hanspal, Bhubaneswar, 7,80,000/-. 9437033320. D-65363

Gharabari plot near Jatnigate Gangapada 30'road, Boundarywall with electricity. 9438400633. D-65377

Stithiban plots available at Dashpur, Bhubaneswar near Biotech Park, 30' road adjacent 200' wide road. 9439614880. D-65365

**Duplex & stithiban plot sale at AIIMS Hospital Bhubaneswar. 8480745797.** D-65372

Bhubaneswar GITA Collegeଠାରେ 1200 sqft. 3,99,000/-ରେ demarcated plot ମିଳୁଅଛି। 9937146640. D-65369

ଭୁବନେଶ୍ୱର KEC, ଗୁଡିଆପୋଖରୀ ଠାରେ 30'road boundarywall electry, gharabari, Temple, sqft. 650/-ରେ ଦିଆଯାଉଅଛି। 7008045582, 9692003948. D-11491

ଭୁବନେଶ୍ୱର ପିତାପଲ୍ଲୀଛକ NH-5 ଠାରୁ 100' ଦୂରତାରେ BDA yellow zone ପ୍ଲଟ ମିଳୁଅଛି: 8338932027. D-65376

Xavier University ନିକଟରେ ରାସ୍ତାଥାଉ ପ୍ଲଟ 4,50,000/-ରେ ଦିଆଯାଉଅଛି। Sasmita- 9853150290. D-65383

**Gharabari plot with 30' road & compoundwall at Brahmanajharilo Cuttack 68,000 sqft., 11km. from Bhubaneswar, 18 km. from Cuttack best for complex, officers complex, outright sale1.5 crore. No. brokers please. 7809525452.** D-65854

Twincityର middle point (Phulnakhara)ରେ ନିର୍ମିତ Grandbazar NH-5ରୁ walk-able distanceରେ ଘରବାରି ପ୍ଲଟ କିଣନ୍ତୁ। Biswanath: 7789062619. D-65380

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡ଼ି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-66023

ନଖରା ତ୍ରିନାଥବଜାରଠାରେ SC ଘରବାରି plot 1200ରୁ 3,60,000/- general plot 1200ରୁ 5,40,000/- (outright) 9776934361, 7749026703. D-65385

ଭୁବନେଶ୍ୱର ଜଟଣୀଗେଟ୍ କିଛିଦୂରତାରେ 1200 sqft. 1,80,000/-, BEC କଲେଜ ଠାରେ 1200ରୁ 3,00,000/- (outright). 9776934361, 7749026703. D-65386

Bhubaneswar new Railway Station 30' ରୋଡଥାଉ ଘରବାରି ପ୍ଲଟ 1200 sqft. 5,40,000/-ରେ ମିଳୁଛି: 9439690111.D-66106

BDA yellow zone gharabari plot for sale Patrapada, Bhubaneswar near Dnregalia Mall, 650/- sqft. 7008487006, 9437335686. D-11520

Gharabadi yellowzone plot near AIIMS Hospital, immediate possession. 9938670164, 6370907396. D-66027



to-let

**Commercial space 1500 sqft. at Dindayal Bhawan, next to UCO Bank, Master Canteen available. Contact: Hindustan Jewellers, Bapuji Nagar, Bhubaneswar.** D-65621

Open space with boundary for rent of 30000 sqft. for godown/stockyard available opposite Synergy College, Nakhara, Bhubaneswar, Call: 9337122452. D-11598



healthcare

Fully refreshed/ relaxed body massage by expert therapist, Shastri Nagar. 7377984773. D-65600

Rejuvenate and Ayurvedic full body massage by smart therapist. 9114402304. D-65599

Ayurvedic full body massage ladies/ gents experts therapist. 8338097451. D-65853

Ayurvedic full body massage ladies/ gents smart experts therapist. 9114697517. D-65849

Newly ayurvedic fullbody massage ladies, gents: 7609923705, 7438851534. D-38550

Herbal full body massage with refreshment by well trained therapist. 7381239385, 06742540855. D-66028

Experience full body massage with us by experts. Enquiry. 0674259782 2, 7377048581. D-66029

Herbal full body massage by smart/ expert therapist. Contact: 8338067247. D-66030

Newly opening ayurvedic body massage smart therapist, Shree herbal. 7750020754. D-66031

Improving your health, skin care through expert therapist, excellent offer. 9668374480. D-66032

Sampark ayurvedic massage club fully relaxed by smart lady, home service available. 8280102994. D-65853

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତ ଭଗବାନ ବେହେରା**

ଆବିର୍ଭାବ: ୧୪।୦୪।୧୯୩୫
ତିରୋଧାନ: ୨୧।୦୨।୨୦୧୮
ତାରିଖ-୧୨।୦୩।୨୦୧୯

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ତୁମ୍ଭେମାନେ ଆମ ପାଖରେ ନାହିଁ। ତୁମ୍ଭମାନଙ୍କର ଅନୁପସ୍ଥିତି ଆମ ସମସ୍ତଙ୍କ ଜୀବନରେ ଆଣିଛି ଅପୂରଣୀୟ ଶୂନ୍ୟତା। ତୁମେ ଦୁହେଁ ପରସ୍ପରକୁ ଏତେ ଭଲ ପାଉଥିଲ ଯେ, ଗଲାବେଳେ ଦୁହେଁ ସାଙ୍ଗ ହୋଇ ଆରପାରିକି ଚାଲିଗଲ। ତୁମ୍ଭମାନଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଚିରଦିନ ପାଇଁ ଆମ ଜୀବନରେ ପ୍ରେରଣାର ଉତ୍ସ ହୋଇ ରହିଥିବ। ଯେଉଁଠି ଥାଅ ଭଲରେ ଥାଅ ଏବଂ ଆମ ସମସ୍ତଙ୍କୁ ଆଶୀର୍ବାଦ କରୁଥାଅ। ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅ- କାଳିଆସୁନା, ବୋହୂ-ପ୍ରମିଳା ଏବଂ ନାତୁଣୀମାନେ-କୁନୁ, ରୁନୁ, ଦୀକ୍ଷା।

ଏଲ ଆଇ ଜି-୨୬୪, ନୟାପଲ୍ଲୀ ବ୍ରିଟ୍ କଲୋନି, ଭୁବନେଶ୍ୱର

ଧ-୧୧୫୩୩

### ପ୍ରଥମ ଶ୍ରାଦ୍ଧବାର୍ଷିକୀ



**ସ୍ୱର୍ଗତା ଯଶୋଦା ବେହେରା**

ଆବିର୍ଭାବ: ୦୧।୦୭।୧୯୩୮
ତିରୋଧାନ: ୨୧।୦୨।୨୦୧୮
ତାରିଖ-୧୨।୦୩।୨୦୧୯

ଚାହୁଁ ଚାହୁଁ ଏକ ବର୍ଷ ବିତିଗଲା। ତୁମ୍ଭେମାନେ ଆମ ପାଖରେ ନାହିଁ। ତୁମ୍ଭମାନଙ୍କର ଅନୁପସ୍ଥିତି ଆମ ସମସ୍ତଙ୍କ ଜୀବନରେ ଆଣିଛି ଅପୂରଣୀୟ ଶୂନ୍ୟତା। ତୁମେ ଦୁହେଁ ପରସ୍ପରକୁ ଏତେ ଭଲ ପାଉଥିଲ ଯେ, ଗଲାବେଳେ ଦୁହେଁ ସାଙ୍ଗ ହୋଇ ଆରପାରିକି ଚାଲିଗଲ। ତୁମ୍ଭମାନଙ୍କର ସ୍ନେହ, ଶ୍ରଦ୍ଧା, ଆଦର୍ଶ ଚିରଦିନ ପାଇଁ ଆମ ଜୀବନରେ ପ୍ରେରଣାର ଉତ୍ସ ହୋଇ ରହିଥିବ। ଯେଉଁଠି ଥାଅ ଭଲରେ ଥାଅ ଏବଂ ଆମ ସମସ୍ତଙ୍କୁ ଆଶୀର୍ବାଦ କରୁଥାଅ। ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ପୁଅ- କାଳିଆସୁନା, ବୋହୂ-ପ୍ରମିଳା ଏବଂ ନାତୁଣୀମାନେ-କୁନୁ, ରୁନୁ, ଦୀକ୍ଷା।

ଏଲ ଆଇ ଜି-୨୬୪, ନୟାପଲ୍ଲୀ ବ୍ରିଟ୍ କଲୋନି, ଭୁବନେଶ୍ୱର

ଧ-୧୧୫୩୪

### ଦ୍ୱିତୀୟ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ



**ସ୍ୱର୍ଗତା ସୁନ୍ଦରୀ ସାହୁ**

ସ୍ୱାମୀ-ଶ୍ୟାମସୁନ୍ଦର ସାହୁ

N-6-541 ଉଇଚଟେ ବିହାର, ଭୁବନେଶ୍ୱର

ତୁମର ଅବର୍ତ୍ତମାନରେ ଆମେ ସମସ୍ତେ ବେସାହାରା। ତୁମର ଜୀବନଦର୍ଶନ ସେ ଉଜ୍ଜ୍ୱଳ ଆଲୋକ ଆମମାନଙ୍କ ଜୀବନର ବର୍ତ୍ତମାନ ପାଥେୟ। ତୁମର ଆତ୍ମା ପରମାତ୍ମାଙ୍କ ସାଙ୍ଗରେ ବିଲିନ ହୋଇ ଅମରତ୍ୱ ଲାଭ କରୁ। ଏହାହିଁ ଭଗବାନଙ୍କ ନିକଟରେ ପ୍ରାର୍ଥନା। ଶୋକସନ୍ତପ୍ତ: ସ୍ୱାମୀ, ପୁତ୍ର, ପୁତ୍ରବଧୂ, ନାତିନାତୁଣୀ, ବନ୍ଧୁ ପରିଜନ ଓ ଆତ୍ମୀୟସ୍ୱଜନ।

ଧ-୧୧୫୩୦

Your Classified Advertisement published in Dharitri will be listed free in Dharitri Online Edition: www.dharitri.com

# ଓଏଚ୍ଆର୍ସି ଅଧ୍ୟକ୍ଷ ପଦବୀ ମାମଲା
# ପଦକ୍ଷେପ ରିପୋର୍ଟ ମାଗିଲେ ହାଇକୋର୍ଟ

**କଟକ ଅଫିସ, ୧୧।୩**

ଓଡ଼ିଶା ମାନବାଧିକାର କମିଶନ (ଓଏଚ୍ଆର୍ସି) ଅଧ୍ୟକ୍ଷ ପଦବୀ ଖାଲି ପଡ଼ିବା ନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କଠାରୁ ପଦକ୍ଷେପ ସମ୍ପର୍କିତ ରିପୋର୍ଟ ମାଗିଛନ୍ତି। ଏପ୍ରିଲ ୧୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ଉକ୍ତଦିନ ସରକାର ତାଙ୍କ ରିପୋର୍ଟ ଦାଖଲ କରିବେ। ସୂଚନାଥାଉ କି, ଓଏଚ୍ଆର୍ସି ଅଧ୍ୟକ୍ଷ ପଦବୀ ଦୀର୍ଘବର୍ଷ ହେବ ଖାଲି ପଡ଼ିଥିବା ନେଇ ହାଇକୋର୍ଟରେ ଦୁଇଟି ମାମଲା ରୁଜୁ ହୋଇଥିଲା। ଏହି ଦୁଇଟି ମାମଲାର ଏକତ୍ର ଶୁଣାଣି କରି ହାଇକୋର୍ଟ ପଦବୀ ପୂରଣ ଦିଗରେ ତ୍ୱରିତ ପଦକ୍ଷେପ ନେବା ନିମନ୍ତେ ସରକାରଙ୍କୁ ଆଦେଶ ଦେଇଥିଲେ। ଏହାପରେ ସରକାର ନିକଟରେ ଜଷ୍ଟିସ ରଘୁବୀର ଦାସଙ୍କୁ କମିଶନ ସଦସ୍ୟ ଭାବେ ନିଯୁକ୍ତି ଦେଇଥିଲେ। କିନ୍ତୁ ଅଦ୍ୟାବଧି ଅଧ୍ୟକ୍ଷ ପଦବୀ ପୂରଣ ନିମନ୍ତେ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ପ୍ରଥମ ପୃଷ୍ଠାରୁ...

## ମୃତ୍ୟୁଫାଶରେ...

ସଂଲଗ୍ନ ୭୪୦ କି.ମି.ର ନିୟନ୍ତ୍ରଣରେଖା (ଏଲ୍ଓସି) ଏବଂ ୨୨୧ କି.ମି. ବିସ୍ତୃତ ଅନ୍ତର୍ଜାତୀୟ ସୀମା (ଆଇବି)। ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ତଥ୍ୟାନୁସାରେ ଉପତ୍ୟକା ଓ ଏହାର ସୀମାରେ ୨୦୧୪ରେ ୪୭ ଯବାନ ଶହୀଦ ହୋଇଥିଲେ। ସେହିପରି ୨୦୧୫ରେ ୩୯, ୨୦୧୬ରେ ୮୨ ଓ ୨୦୧୭ରେ ୮୩ ଯବାନ ଶହୀଦ ହୋଇଥିଲେ। ୨୦୧୮ରେ ଅନେକ ଆକ୍ରମଣରେ ୯୫ ଯବାନ ଶହୀଦ ହୋଇଥିଲେ, ଯାହାକି ପୂର୍ବ ୮ ବର୍ଷ ତୁଳନାରେ ସର୍ବାଧିକ। ଚଳିତବର୍ଷ ଆରମ୍ଭରୁ ଏଯାଏ ଶହୀଦଙ୍କ ସଂଖ୍ୟା (ପୁଲଓ୍ୱାମା ଆକ୍ରମଣକୁ ମିଶାଇ) ପ୍ରାୟ ଶହେରେ ପହଞ୍ଚିଲାଣି। ଅର୍ଥାତ୍ ଶହୀଦଙ୍କ ସଂଖ୍ୟା ଲଗାତର ବଢ଼ିବାରେ ଲାଗିଛି। ୨୦୧୪ ଡିସେମ୍ବର ୫ରେ ୬ ସଶସ୍ତ୍ର ଆତଙ୍କବାଦୀ ଉରିସ୍ଥିତ ମୋହରା ସେନା ଶିବିରରେ ଅତର୍କିତ ଆକ୍ରମଣ କରି ୧୦ ଯବାନଙ୍କୁ ମୃତ୍ୟୁର ନିଦରେ ଶୁଆଇଦେଇଥିଲେ। ୨୦୧୬ ଜୁନ୍ ୩ରେ ପମ୍ପୋରରେ ଏକ ସିଆର୍ପିଏଫ୍ ବସ୍କୁ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ସେମାନେ କବ୍ଜା କରି ରଖିଥିବା ଏକ ସରକାରୀ କୋଠାରେ ଦୁଇଦିନ ଧରି ଚାଲିଥିବା ଏନ୍କାଉଣ୍ଟରରେ ୨ ସେନା ଅଧିକାରୀ ଓ ୫ ଯବାନ ଶହୀଦ ହୋଇଥିଲେ। ସେହି ମାସ ୨୫ ତାରିଖରେ ପମ୍ପୋରର ଶ୍ରୀନଗର-ଜମ୍ମୁ ଜାତୀୟ ରାଜପଥରରେ ସିଆର୍ପିଏଫ୍ ବସ୍କୁ ଆତଙ୍କବାଦୀମାନେ ଆକ୍ରମଣ କରି ୮ ଯବାନଙ୍କ ଜୀବନ ନେଇଥିଲେ। ୨୦୧୬ ସେପ୍ଟେମ୍ବର ୧୮ରେ ବାରାମୁଲ୍ଲା ଜିଲାର ଉରି ସେନା ଶିବିରରେ ଯବାନମାନେ ଶୋଇଥିବାବେଳେ ୪ ପାକିସ୍ତାନୀ ଆତଙ୍କବାଦୀ ଆକ୍ରମଣ କରିଥିଲେ। ଏଥିରେ ୧୮ ଯବାନଙ୍କ ଜୀବନ ଯାଇଥିଲା। ଏହା ପରେ ପାକ୍-ଅଧିକୃତ କଶ୍ମୀର(ପିଓକେ)ରେ ଭାରତୀୟ ପାରା କମାଣ୍ଡୋ ସର୍ଜିକାଲ ଷ୍ଟ୍ରାଇକ୍ କରିଥିବା କୁହାଯାଇଥିଲା। ଏହି ଜବାବୀ କାର୍ଯ୍ୟାନୁଷ୍ଠାନରେ ପାକିସ୍ତାନ ଆତଙ୍କିତ ହୋଇଯାଇଥିବା ସେତେବେଳେ ଦାବି କରାଯାଇଥିଲା। କିନ୍ତୁ ଏହାର କିଛିଦିନ ପରେ ନଭେମ୍ବର ୨୯ରେ ଜମ୍ମୁସ୍ଥିତ ନଗ୍ରୋଟା ସେନା ଶିବିରକୁ ଆତଙ୍କବାଦୀମାନେ ଟାର୍ଗେଟ କରିଥିଲେ। ୩ ଆତଙ୍କବାଦୀଙ୍କୁ ନିପାତ କରିବା ପୂର୍ବରୁ ୭ ଯବାନ ଶହୀଦ ହୋଇଥିଲେ। ୨୦୧୭ ଅଗଷ୍ଟ ୨୬ରେ ପୁଲଓ୍ୱାମାସ୍ଥିତ ଡିଷ୍ଟ୍ରିକ୍ଟ ପୋଲିସ ଲାଇନ୍ରେ ୩ ଜେଇଏମ୍ ଆତଙ୍କବାଦୀ ଅତର୍କିତ ଆକ୍ରମଣ କରିଥିଲେ। ଏଥିରେ ୮ ସୁରକ୍ଷା କର୍ମୀ ଶହୀଦ ହୋଇଥିଲେ। ଗତମାସରେ ପୁଲଓ୍ୱାମାରେ ପୁଣି ହୋଇଛି ଭାରତକୁ ସ୍ତବ୍ଧ କରିଦେବା ଭଳି ବଡ଼ଧରଣର ଆକ୍ରମଣ। ବିଗତ ୩୦ ବର୍ଷ ମଧ୍ୟରେ ସୁରକ୍ଷା ବଳ ଉପରେ ଏତେବଡ଼ ଧରଣର ଟାର୍ଗେଟ କେବେ ହୋଇ ନ ଥିଲା। ଜମ୍ମୁ-କଶ୍ମୀରରେ ୨୦୧୪ରୁ ୨୦୧୯ ମଧ୍ୟରେ ଆତଙ୍କବାଦୀ ଆକ୍ରମଣ ୧୭୬% ବୃଦ୍ଧି ପାଇଛି। ପ୍ରତିମାସ ହାରାହାରି ୧୧ ଆତଙ୍କବାଦୀ ଉପତ୍ୟକାରେ ଅନୁପ୍ରବେଶ କରୁଛନ୍ତି। ଏଥିଯୋଗୁ ୫ ବର୍ଷରେ ଶହୀଦଙ୍କ ସଂଖ୍ୟା ୯୩% ବୃଦ୍ଧି ପାଇଛି ବୋଲି ଖୋଦ୍ କେନ୍ଦ୍ର ସରକାର ସ୍ୱୀକାର କରିଛନ୍ତି। ଅନେକ ସମୟରେ ପାକିସ୍ତାନୀ ସେନା ଅସ୍ତ୍ରବିରତି ଉଲ୍ଲଂଘନ କରି ଘନ ଘନ ଗୁଳିବର୍ଷା ଓ ମୋର୍ଟାର ମାଡ଼ କରୁଥିବାବେଳେ ଆତଙ୍କବାଦୀମାନେ ଅନୁପ୍ରବେଶ କରି ଭାରତୀୟ ଯବାନଙ୍କୁ ଟାର୍ଗେଟ କରିଥାନ୍ତି। ଫଳରେ ପାକିସ୍ତାନୀ ସେନା କି ଆତଙ୍କବାଦୀଙ୍କ ଆକ୍ରମଣରେ ଯବାନ ଶହୀଦ ହୋଇଥାନ୍ତି ତାହା ଜଣାପଡ଼େ ନାହିଁ। ତେବେ ଉଭୟ ଜମ୍ମୁ-କଶ୍ମୀରରେ ଏବଂ ଏଲ୍ଓସିରେ ୨୦୧୪ରେ ୪୬, ୨୦୧୫ରେ ୪୩, ୨୦୧୬ରେ ୮୮, ୨୦୧୭ରେ ୮୩ ଓ ୨୦୧୮ରେ ୯୫ ଯବାନ ପ୍ରାଣ ହରାଇଥିବା ଦିଲ୍ଲୀର ତଥ୍ୟ ସଂଗ୍ରହକାରୀ ସଂସ୍ଥା ସାଉଥ୍ ଏସିଆ ଟେରରିଜମ୍ ପୋର୍ଟାଲ (ଏସ୍ଏଟିଏଫ୍) ପକ୍ଷରୁ କୁହାଯାଇଛି।

ଏହା ତ ଗଲା ସୀମାନ୍ତ କଥା। ଦେଶ ଭିତରେ ମାଓବାଦୀଙ୍କ ଆକ୍ରମଣରେ ଶହୀଦ ହେଉଥିବା ଯବାନଙ୍କ ସଂଖ୍ୟା ମଧ୍ୟ କିଛି କମ୍ ନୁହେଁ। ଲାଲ ଆତଙ୍କରେ ଜର୍ଜରିତ ଓଡ଼ିଶା, ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରର ଘଞ୍ଚ ଜଙ୍ଗଲରେ ମାଓବାଦୀଙ୍କ ସହ ମୁହାଁମୁହିଁ ହେବାବେଳେ ଅନେକ ଯବାନଙ୍କୁ ଜୀବନ ହାରିବାକୁ ପଡ଼ୁଛି। ୨୦୧୪ ଫେବୃୟାରୀ ୨୮ରେ ଛତିଶଗଡ଼ର ଦାନ୍ତେଓ୍ୱାଡ଼ାରେ ମାଓବାଦୀ ଆକ୍ରମଣରେ ୬ ପୋଲିସ କର୍ମୀ ଶହୀଦ ହୋଇଥିଲେ। ସେହିବର୍ଷ ମାର୍ଚ୍ଚ ୧୧ରେ ସୁକ୍ମାରେ ମାଓବାଦୀମାନେ ୧୧ ସିଆର୍ପିଏଫ୍ ଯବାନ ଓ ୪ ପୋଲିସ କର୍ମୀଙ୍କ ଜୀବନ ନେଇଥିଲେ। ମେ ୧୧ରେ ମହାରାଷ୍ଟ୍ରର ଗଡ଼ଚିରୋଲି ଜିଲାର ଏକ ଜଙ୍ଗଲରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣରେ ୭ ପୋଲିସ କର୍ମୀଙ୍କ ଜୀବନ ଯାଇଥିଲା। ୨୦୧୬ ଡିସେମ୍ବର ୬ରେ ଛତିଶଗଡ଼ର ବସ୍ତର ଜିଲାରେ ଜଣେ ଯବାନ ଶହୀଦ ହୋଇଥିଲେ। ୨୦୧୭ ଫେବୃୟାରୀ ୧ରେ କୋରାପୁଟରେ ଲ୍ୟାଣ୍ଡମାଇନ୍ ବିସ୍ଫୋରଣ ଯୋଗୁ ୮ ପୋଲିସ କର୍ମଚାରୀଙ୍କ ପ୍ରାଣହାନି ଘଟିଥିଲା। ପରବର୍ତ୍ତୀ ସମୟରେ ଛତିଶଗଡ଼ରେ ମାର୍ଚ୍ଚ ୧୧ରେ ୧୧ ଓ ଏପ୍ରିଲ ୨୪ରେ ୨୫ ଅର୍ଦ୍ଧସାମରିକ ଯବାନ ଶହୀଦ ହୋଇଥିଲେ। ଗତବର୍ଷ କେବଳ ଛତିଶଗଡ଼ର ୯ଟି ସ୍ଥାନରେ ମାଓବାଦୀ ଆକ୍ରମଣ ଘଟିଥିଲା। ଏଥିରେ ମୋଟ ୨୮ ଯବାନ ଓ ପୋଲିସ କର୍ମଚାରୀଙ୍କ ଜୀବନ ଯାଇଥିଲା। ଏସବୁ ଭାରତର ଗୋଇନ୍ଦା ବ୍ୟବସ୍ଥାରେ ଗୋଟିଏ ଗୋଟିଏ ନିଷ୍ଠୁର ବିଫଳତା, ଯାହା ପ୍ରତିଥର ଆମକୁ ଚେତାଇଦିଏ ତ୍ରୁଟି ନ ସୁଧାରିଲେ ଆଗକୁ ମଧ୍ୟ ଏଭଳି ଆକ୍ରମଣ ହୋଇପାରେ ବୋଲି।

ସୀମା ସୁରକ୍ଷା ବାହିନୀ (ବିଏସ୍ଏଫ୍) ଓ କେନ୍ଦ୍ରୀୟ ରିଜର୍ଭ ପୋଲିସ ବଳ (ସିଆର୍ପିଏଫ୍) ଯବାନଙ୍କ ଭଳି ଆଭ୍ୟନ୍ତରୀଣ ନିରାପତ୍ତା ଦାୟିତ୍ୱ ମୁଣ୍ଡାଇଥିବା ଅର୍ଦ୍ଧସାମରିକ ବଳ ପ୍ରତି ମଧ୍ୟ ଏ ଦେଶର ସରକାରଙ୍କ ମନୋଭାବ ଅନୁରୂପ। ଯବାନମାନେ ଶହୀଦ ହେବା ପରେ ରାଜନୀତି ଜୋର୍ ଧରୁଛି ଓ କାଦୁଅଫିଙ୍ଗା ଚାଲିଛି। ଶାସକ ଦଳ, ସରକାର ଓ କେତେକ ଗଣମାଧ୍ୟମ ଯୁଦ୍ଧ ଉନ୍ମାଦ ସୃଷ୍ଟି କରୁଥିବାବେଳେ ତଥାକଥିତ ଦେଶଭକ୍ତଙ୍କ ଉଗ୍ର ଦେଶପ୍ରେମ ଉଚ୍ଛୁଳି ପଡ଼ୁଛି। ହେଲେ ଯୋଜନାବଦ୍ଧ ଭାବେ ଉପଯୁକ୍ତ ରଣନୀତି ସ୍ଥିର କରି ଗୋଇନ୍ଦା ବିଫଳତାକୁ ରୋକା ନ ଗଲେ ଏବଂ ଆତଙ୍କବାଦ ଓ ମାଓବାଦର ମୂଳ ସମସ୍ୟା ସମାଧାନ କରା ନ ଯିବା ଯାଏ ଏହି ଧାରାରେ ପୂର୍ଣ୍ଣଚ୍ଛେଦ ପଡ଼ିବା ଭଳି ମନେହେଉନି।

## ବ୍ୟବହାର କରୁଛନ୍ତି...

କାମ୍ପା ପ୍ରୋଜେକ୍ଟ ଜରିଆରେ ବିଭାଗ ପ୍ରତିବର୍ଷ ୪୦୦କୋଟି ଟଙ୍କା ଖର୍ଚ୍ଚ କରୁଛି। ହେଲେ ସେହି ଟଙ୍କାରେ ବିଭାଗୀୟ ଅଧିକାରୀମାନେ ଗାଡ଼ି କିଣିପାରିବେ ନାହିଁ। କାରଣ, ସେଥିରେ କେବଳ ଆମ୍ବାସାଡର ଓ ଜିପ୍ କିଣାଯାଇପାରିବ। ସେହି ଗାଡ଼ିରେ ପୁଣି ଏସି ନ ଥିବ ଓ ତାହା ଡିଜେଲ ଦ୍ୱାରା ଚାଲୁଥିବ। ତେଣୁ ଅଧିକାରୀମାନେ ନିଜର ଅତି ଆବଶ୍ୟକତା ପାଇଁ ବିଭିନ୍ନ ଉପାୟରେ କମ୍ପାନୀଗୁଡ଼ିକୁ ଗାଡ଼ି ମାଗୁଛନ୍ତି ବୋଲି ବିଶ୍ୱଜିତ୍ ଅଭିଯୋଗ କରିଛନ୍ତି।

ତାଙ୍କ କହିବାନୁଯାୟୀ, ରାଜ୍ୟରେ ବର୍ତ୍ତମାନ ପ୍ରାୟ ୨୫ପ୍ରତିଶତ ଏମିତି ଗାଡ଼ି ରହିଛି, ଯେଉଁଗୁଡ଼ିକ ସଂରକ୍ଷଣ ଓ ବୃକ୍ଷରୋପଣ କ୍ଷେତ୍ରରେ କାର୍ଯ୍ୟରେ ଲାଗୁଛି। ଖଣି କମ୍ପାନୀ ଦେଇଥିବା ଗାଡ଼ିକୁ ଯଦି ବନ ବିଭାଗ ଅଧିକାରୀମାନେ ଚଲାଇବେ, ତେବେ ସେମାନଙ୍କ ପ୍ରତି ଏମାନଙ୍କର ଦରଦ ବା ଅନୁଗ୍ରହ ରହିବ। ଏନ୍ଫୋର୍ସମେଣ୍ଟ କରିପାରିବେ ନାହିଁ। ୨୦୧୮ ଡିସେମ୍ବର ୧୦ର ଆର୍ଟିଆଇ ତଥ୍ୟ ଏକ ବଡ଼ ଗୁମରକୁ ସାମ୍ନାକୁ ଆଣିଛି। ସେଥିରେ ଉଲ୍ଲେଖ ରହିଛି ଯେ, ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ବ୍ୟବହାର କରୁଥିବା ଗାଡ଼ିର ଦାମ ୨୫ଲକ୍ଷ ଟଙ୍କା। ଏହାକୁ ଟାଟା କମ୍ପାନୀ ଦେଇଛି। ଯୋଡ଼ା ୱେଷ୍ଟ୍ ମାଙ୍ଗାନିଜ୍ ମାଇନ୍ସରେ ସଂରକ୍ଷଣ ପାଇଁ ଟାଟା କମ୍ପାନୀ ଉକ୍ତ ଗାଡ଼ିକୁ କେନ୍ଦୁଝର ବନଖଣ୍ଡକୁ ଦେଇଥିଲା, ଯାହା ସମ୍ପୃକ୍ତ ବନଖଣ୍ଡ ଅଧିକାରୀଙ୍କ ପାଇଁ ଉଦ୍ଦିଷ୍ଟ ଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ୨୦୧୭ ଫେବୃୟାରୀ ୪ରେ ତାହା ମନ୍ତ୍ରୀଙ୍କ ସରକାରୀ କାର୍ଯ୍ୟରେ ବ୍ୟବହାର ପାଇଁ ଦିଆଯାଇଥିବା ଏହି ଆର୍ଟିଆଇ ତଥ୍ୟରେ ଉଲ୍ଲେଖ ରହିଛି। କେବଳ ମନ୍ତ୍ରୀ ନୁହନ୍ତି, ଆର୍ଟିଆଇ ତଥ୍ୟ ଅନୁଯାୟୀ, ଭୁବନେଶ୍ୱରର ଅନେକ ବରିଷ୍ଠ ବନ ଅଧିକାରୀ ଏବଂ ମଣ୍ଡଳ ମୁଖ୍ୟ କାର୍ଯ୍ୟାଳୟର ଅଧିକାରୀମାନେ ବିଭିନ୍ନ କମ୍ପାନୀର ଦାମୀ ଗାଡ଼ି ବ୍ୟବହାର କରୁଥିବା ଜଣାପଡ଼ିଛି।

## ଏନ୍ଜିଟି ନିଷ୍ପତ୍ତି...

ପାଳନରେ ଅବହେଳା କରୁଥିବାରୁ ୨୦୧୮ ଅକ୍ଟୋବର ୩୦ ତାରିଖରେ ସେସୁ ଉପରେ ୧ କୋଟି ଟଙ୍କାର ଜରିମାନା କରିଥିଲେ। ତେବେ ୨୦୧୮ ଡିସେମ୍ବର ୨୧ ତାରିଖରେ ମାମଲାର ଶୁଣାଣି କରି ଏନଜିଟି ସେସୁ ଉପରେ ଆଉ ୪ କୋଟି ଟଙ୍କାର ଜରିମାନା ଲଗାଇଥିଲେ। ୫ କୋଟି ଜରିମାନା ରାଶିକୁ ଜଙ୍ଗଲ ଓ ପରିବେଶ ବିଭାଗରେ ଜମା ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅର୍ଥରେ ହାତୀ ଚଳପ୍ରଚଳ କରୁଥିବା ଅଞ୍ଚଳର ବିଦ୍ୟୁତ୍ ଭିତ୍ତିଭୂମିର ଉନ୍ନତି କରିବାକୁ ପରାମର୍ଶ ଦେଇଥିଲେ। ତେବେ ଜରିମାନା ରାଶି ପଇଠ କରିବା ପରିବର୍ତ୍ତେ ଫାଙ୍କିବା ପାଇଁ ସେସୁ କର୍ତ୍ତୃପକ୍ଷ ଏନ୍ଜିଟି ରାୟ ବିରୋଧରେ ସୁପ୍ରିମକୋର୍ଟରେ ମାମଲା ଦାଏର କରିଛନ୍ତି। ସୁପ୍ରିମକୋର୍ଟଙ୍କ ରାୟ ଉପରେ ସେସୁର ଜରିମାନା ଭାଗ୍ୟ ନିର୍ଭର କରିବ।

ଏଠାରେ ସୂଚନାଯୋଗ୍ୟ, ୨୦୦୦ରୁ ୨୦୧୮ ମଧ୍ୟରେ ବିଦ୍ୟୁତ୍ ଆଘାତରେ ରାଜ୍ୟରେ ୧୭୯ ହାତୀଙ୍କର ମୃତ୍ୟୁ ହୋଇଛି। ୨୦୧୦ ପରଠାରୁ ସେସୁ ଅଞ୍ଚଳର ବିଭିନ୍ନ ବନଖଣ୍ଡରେ ୪୨ଟି ହାତୀଙ୍କର ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଥିବା ବେଳେ ଏହି ସମୟ ମଧ୍ୟରେ କେବଳ ଢେଙ୍କାନାଳ ବନଖଣ୍ଡରେ ୧୮ ହାତୀଙ୍କର ଜୀବନ ଯାଇଛି।

ଏ ସମ୍ପର୍କରେ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ସେସୁ ଜରିମାନା ବାବଦରେ ୧ କୋଟି ଟଙ୍କା ଜଙ୍ଗଲ ବିଭାଗରେ ଜମା କରିଛି। ଅବଶିଷ୍ଟ ୪ କୋଟି ନ ଦେବାକୁ ସୁପ୍ରିମକୋର୍ଟରୁ ସ୍ଥଗିତାଦେଶ ଆଣିଥିବା ଜଣା ପଡିଛି।

## ସିଟି ସ୍କୁଲ

ହୋଇପଡ଼ିଥିଲେ। ଏଭଳି ଘଟଣା ପରେ ସିଟି ସ୍କୁଲ ପରିସର ସ୍ତବ୍ଧ ହୋଇଯାଇଥିଲା। ଖବର ପାଇ ଆଖପାଖ ଅଞ୍ଚଳର ଶତାଧିକ ଲୋକ ସେଠାରେ ଜମା ହୋଇଯାଇଥିଲେ। ଆକ୍ରମଣ କରିଥିବା ଛାତ୍ର ଉନ୍ମତ୍ତ ଅବସ୍ଥାରେ ଥିବାରୁ କେହି ଭୟରେ ତାଙ୍କ ପାଖ ପଶି ନ ଥିଲେ। ବଳଭଦ୍ରଙ୍କ ଘର ଯାଜପୁର ଜିଲାରେ। ଛୁରାମାଡ଼ରେ ଆହତ ଛାତ୍ରୀଙ୍କ ଘର ବାଲେଶ୍ୱର ଜିଲାରେ। ତାଙ୍କ ବାପା ଚାକିରୀ କରୁଥିବାରୁ ଯାଜପୁର ଅଞ୍ଚଳରେ ଘରଭଡା ନେଇ ରହି ଆସୁଥିଲେ। ବଳଭଦ୍ର ଓ ଏହି ଛାତ୍ରୀ ଉଭୟ ଘରକୁ ଯିବାଆସିବା ସମୟରେ ପରସ୍ପରର ସାଙ୍ଗ ହୋଇଥିଲେ। କୌଣସି କାରଣରୁ ଛାତ୍ରୀ ଜଣଙ୍କ ବଳଭଦ୍ରଙ୍କ ସହ ମିଳାମିଶା ନ କରିବାରୁ ସେ ଏଭଳି ଉନ୍ମତ୍ତ କାଣ୍ଡ ଘଟାଇଥିବା ପୋଲିସ ସୂଚନା ଦେଇଛି। ଆନନ୍ଦପୁର ଥାନାରେ ଏହି ଆକ୍ରମଣ ଘଟଣା ନେଇ ପୋଲିସ ଏକ ମାମଲା(ନଂ.୫୧/୨୦୧୯) ରୁଜୁ କରି ଅଭିଯୁକ୍ତ ବଳଭଦ୍ରଙ୍କୁ କୋର୍ଟ ଚାଲାଣ କରିଛି। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇଦିଆଯାଇଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**

କର୍ମକ୍ଷେତ୍ରରେ ଉପୁଜିଥିବା ଅପ୍ରୀତିକର ପରିସ୍ଥିତିକୁ ସଜାଡି ନେଇପାରିବେ। ମୁହଁ ସାମ୍ନାରେ ଭଲ ଭଲ କହୁଥିବା ସମ୍ପର୍କୀୟମାନେ ପଛରେ ବିଭିନ୍ନ ପ୍ରକାର କଥା କହୁଥିବାର ଶୁଣିବାକୁ ପାଇବେ। ପ୍ରତ୍ୟେକ କ୍ଷେତ୍ରରେ ଅବସ୍ଥା ଦେଖି ବ୍ୟବସ୍ଥା ନ କଲେ ପରେ ଅନୁତାପ କରିବାକୁ ପଡିବ। ଗତକାଲିଠାରୁ ଯେଉଁଥିପାଇଁ ଚିନ୍ତିତ ରହିଥିଲେ ଆଜି ତାହା ପାଇପାରିବେ।

**ବୃଷ**

ଅଭାବ ଅସୁବିଧା ମଧ୍ୟରେ ଚଳିବାକୁ ପଡୁଥିବାରୁ ମାନସିକ ସନ୍ତୁଳନ ହରାଇପାରନ୍ତି। ଅଫିସରେ ଆଲୋଚନା କ୍ଷେତ୍ରରେ କାର୍ଯ୍ୟବ୍ୟସ୍ତତା ଯୋଗୁ କୌଣସି କାମ ଠିକ୍ ସମୟରେ କରି ପାରିବେ ନାହିଁ। ପରୋକ୍ଷ ଶତ୍ରୁତା, ସାମୟିକ ଦେହପୀଡା ଓ ବନ୍ଧୁଙ୍କ ସହ ବୁଝାମଣାର ଅଭାବ ପରିସ୍ଥିତିକୁ ସଙ୍ଗିନ କରିଦେଇପାରେ।

**ମିଥୁନ**

ମନର ରାଗ ଓ ଅଭିମାନକୁ ନିୟନ୍ତ୍ରଣ ମଧ୍ୟରେ ନ ରଖିବା କାରଣରୁ ଅଯଥା କଳହର ଆଶଙ୍କା ସୃଷ୍ଟି ହୋଇପାରେ। ତଥାପି ନୂତନ କର୍ମାରମ୍ଭ ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇ କାମ ହାସଲ କରିପାରିବେ। ରାଜନୀତି, ସଭାସମିତି ଓ ଆନୁଷ୍ଠାନିକ କ୍ଷେତ୍ରରେ ନୂତନ କାମ ଆରମ୍ଭ କରି ପ୍ରଶଂସିତ ହେବେ। ସ୍ତ୍ରୀ ଙ୍କ ସୌହାର୍ଦ୍ଦ୍ୟରୁ ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ।

**କର୍କଟ**

ନିଜର ମନ କଥା ମନରେ ରଖି ବନ୍ଧୁଙ୍କ ନିକଟରେ ସଫେଇ ଦେବାକୁ ପଡିପାରେ। କର୍ମକ୍ଷେତ୍ରରେ ଜଣେ ପ୍ରତିଷ୍ଠାବାନ୍ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରି ଆତ୍ମବିଭୋର ହୋଇପାରନ୍ତି। ମାଲିମକଦ୍ଦମାରେ ଜୟଲାଭ କରିବାର ଆଶା କ୍ରମଶଃ ବୃଦ୍ଧି ପାଇବ। ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ବିଦ୍ରୋହ ଓ ଅଶାନ୍ତି ବଢ଼ିବାର ସୂଚନା ରହିଛି।

**ସିଂହ**

ପ୍ରତ୍ୟେକ କାମ ହାସଲ କରିବା ପୂର୍ବରୁ କୌଣସି ଆକସ୍ମିକ ସମସ୍ୟା ସୃଷ୍ଟି ହୋଇପାରେ। ବୁଧଙ୍କ ଦୁର୍ବଳତା କାରଣରୁ ପାରିବାରିକ ଋଣ ଭାରରେ ଅତିଷ୍ଠ ହେବେ, କିନ୍ତୁ ପରିଶୋଧ କରିବାର ରାସ୍ତା ଖୋଜିପାଇ ପାରିବେ ନାହିଁ। କ୍ରୀଡା, କଳା, ସଙ୍ଗୀତ କ୍ଷେତ୍ରରେ ସୁନାମ ଅର୍ଜନ କରିବେ। ଶତ୍ରୁତା କରୁଥିବା ବ୍ୟକ୍ତିମାନଙ୍କ ପ୍ରତି ଦୂରତ୍ୱ ବଜାୟ ରଖି ଚଳିବା ଭଲ ହେବ।

**କନ୍ୟା**

ଭାଗ୍ୟସ୍ଥାନ ପ୍ରତି ବୃହସ୍ପତିଙ୍କ ଦୃଷ୍ଟି ଆନୁଷଙ୍ଗିକ ସାହାଯ୍ୟ ପ୍ରଦାନ କରି କାର୍ଯ୍ୟ ସାଧିତ କରାଇବ। ଆଜି ଦିନଟିରେ କିଛି ପାଇବାର ଆଶା ରଖିଲେ କିଛି ଦେବା ପାଇଁ ଚେଷ୍ଟା କରନ୍ତୁ। ଦୀର୍ଘଦିନରୁ ଜମା ପଡୁ ନ ଥିବା ବନ୍ଧୁ କିମ୍ବା ଶତ୍ରୁତା କରୁଥିବା ଲୋକଟି ମନକୁ ବାଧିଲା ଭଳି କଥା କହିପାରେ। ବ୍ୟବସାୟ କ୍ଷେତ୍ରରେ ଅଧିକ କିଛି ଆଶା ମନରେ ଦୁଃଖ ଦେଇପାରେ।

**ତୁଳା**

ରାଶିରେ ଶନି ରହିଥିବାରୁ ଆପଣ କୌଣସି ବନ୍ଧୁଙ୍କୁ ସାହାଯ୍ୟ କରିବା ସକାଶେ ହଁ କରିପାରିବେନି କିମ୍ବା ନାହିଁ ମଧ୍ୟ କରି ପାରିବେନି। ପ୍ରତ୍ୟେକ କ୍ଷେତ୍ରରେ ଶତ୍ରୁଠାରୁ ଦୂରତା ରଖି କାମ କରିବା ଭଲ ହେବ। ଆକସ୍ମିକ ଭାବରେ ଆସି ଫେରି ଯାଉଥିବା ବନ୍ଧୁଟି ବାଟରୁ ଲେଉଟି ଆସିପାରେ। ବନ୍ଧୁଙ୍କୁ କେନ୍ଦ୍ରକରି ପରିବାରରେ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢିଯିବ।

**ବିଛା**

ଆନୁଷଙ୍ଗିକ ସହଯୋଗ ଲାଭକରି ଯେଉଁ କାମଟି ଦୀର୍ଘଦିନ ହେଲା ହୋଇ ପାରି ନ ଥିଲା ଆଜି ଆକସ୍ମିକ ଭାବରେ ସମ୍ପନ୍ନ ହୋଇଯିବ। ଅର୍ଥ ସମ୍ପର୍କରେ ଯେତେ ପାଇଲେ ମଧ୍ୟ ଆହୁରି ଅଧିକ ପାଇବାକୁ ବ୍ୟାକୁଳତା ପ୍ରକାଶ କରିପାରନ୍ତି। ପରିବହନ, ଶିଳ୍ପ ଓ ବ୍ୟବସାୟ, ବାଣିଜ୍ୟରେ ପ୍ରତିବନ୍ଧକ ଦୂରେଇବା ପାଇଁ ପ୍ରଯତ୍ନ କରି ସଫଳତା ପାଇବେ।

**ଧନୁ**

ନିଜର ରହୁଥିବା ସ୍ଥାନର କୌଣସି ପରିଚିତ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଆପଣଙ୍କ ଦୁଶ୍ଚିନ୍ତାର କାରଣ ହୋଇପାରେ। ଆଲୋଚନା ମାଧ୍ୟମରେ ପ୍ରଶାସନିକ ସ୍ତରରେ ସମସ୍ୟା ସମାଧାନ କରିପାରିବେ। ଆଜିର ଯାତ୍ରା ସମୟରେ ଯାନ୍ତ୍ରିକ ତ୍ରୁଟି ଅସୁବିଧାରେ ପକାଇପାରେ। ଚେଷ୍ଟା କରୁଥିବା କାମରେ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇପାରନ୍ତି।

**ମକର**

ଶାରୀରିକ ଅସୁସ୍ଥତା ଧୀରେ ଧୀରେ ଦୂରେଇବା ହେତୁ ମାନସିକ ଆଶ୍ୱସ୍ତି ଲାଭ କରିବେ। ଜଣେ ବ୍ୟକ୍ତି ଠାରୁ ହଠାତ୍ କୌଣସି ବିସ୍ମୟ ସୃଷ୍ଟିକାରୀ ଖବର ପାଇ ବିଚଳିତ ବୋଧ କରିପାରନ୍ତି। ଉପରିସ୍ଥ ଅଧିକାରୀଙ୍କ କାମହାସଲ ସକାଶେ ଆପଣଙ୍କ ଉପରେ ଚାପ ପଡିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ, ପରିବହନ, ନିର୍ମାଣ, ସଭାସମିତିରୁ ସୁଫଳ ପାଇବେ।

**କୁମ୍ଭ**

ପରିବାର ଭିତରେ ସାଧାରଣ କଥାକୁ କେନ୍ଦ୍ରକରି ହଠାତ୍ କଳହ ସୃଷ୍ଟି ହୋଇପାରେ। କର୍ମକ୍ଷେତ୍ରସ୍ଥ ସମସ୍ୟାର ସମାଧାନ ସକାଶେ ନିଜର ବନ୍ଧୁମାନଙ୍କ ସାହାଯ୍ୟ ଭିକ୍ଷା କରି ପାରନ୍ତି। କଳା, କ୍ରୀଡା, ସଙ୍ଗୀତ ଓ ଚଳଚ୍ଚିତ୍ର ତଥା ରାଜନୀତି ଓ ସାହିତ୍ୟ କ୍ଷେତ୍ରରେ ଲକ୍ଷ୍ୟହାସଲ କରିପାରିବେ। ସାମୟିକ କ୍ରନିକ ରୋଗରେ କଷ୍ଟ ପାଇପାରନ୍ତି।

**ମୀନ**

ପ୍ରତ୍ୟେକ କ୍ଷେତ୍ରରେ ଆପଣ ଯେତେଟା ପରିସ୍ଥିତିକୁ ଜଟିଳ ମନେକରୁଛନ୍ତି ବାସ୍ତବରେ ସେପରି କିଛି ହେବନି। ପରିବାର ଭିତରେ ଅଯଥା ବ୍ୟସ୍ତତା ପ୍ରକାଶ କରି ସମାଲୋଚିତ ହୋଇପାରନ୍ତି। ପରିସ୍ଥିତି ବଶତଃ ଧାର, କରଜ କରି ଆବଶ୍ୟକତାକୁ ଚଳାଇ ନେବାକୁ ବାଧ ହେବେ। ଯାତ୍ରା ସମୟରେ ଅପରିଚିତ ବ୍ୟକ୍ତିଙ୍କୁ ବିଶ୍ୱାସ କରି ଖାଲରେ ପଡି ପାରନ୍ତି।

ଆଜି ଫାଲ୍ଗୁନ ଶୁକ୍ଳ ଷଷ୍ଠୀ ମଙ୍ଗଳବାର, ମାର୍ଚ୍ଚ ୧୨ ତାରିଖ, ରାଶି ନକ୍ଷତ୍ର-କୃତିକା/ମେଷ, ମକର ରାଶିର ଘାତବାର,ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୯।୦୧ମି. ଗତେ ଘ୧୦।୩୦ମି. ମଧ୍ୟେ, ଘ୧୧।୫୮ମି. ଗତେ, ଘ୧।୨୫ମି. ମଧ୍ୟେ ଅମୃତବେଳା। ଦିବା ଘ୧୦।୨୯ମି. ଗତେ ଘ୧୧।୫୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୨।୫୪ମି. ଗତେ ଘ୪।୨୩ମି. ମଧ୍ୟେ ରାହୁକାଳ।



ଯୁକ୍ତରାଷ୍ଟ୍ର ଆମେରିକାରେ ହେବାକୁ ଥିବା ଅନ୍ତର୍ଜାତୀୟ ନେତୃତ୍ୱ ପରିଦର୍ଶକ କାର୍ଯ୍ୟକ୍ରମ (ଆଇଭିଏଲପି)ରେ ଭାଗନେବାକୁ ବ୍ରହ୍ମପୁର ଗୋବିନ୍ଦବିହାର ୯ମ ଲାଇନ ତଥା ୟୁଥ ଫର ସୋସିଆଲ ଡେଭ୍‌ଲପମେଣ୍ଟ(ସିୱାଇଏସ୍‌ଡି) ସମ୍ପାଦକ ବିଭୁ ପ୍ରସାଦ ସାହୁ ମନୋନୀତ ହୋଇଛନ୍ତି। ୟୁଏସ୍ ଡେଭଲପମେଣ୍ଟ ଅଫ ଷ୍ଟେଟ ପକ୍ଷରୁ ଆମେରିକାରେ ଏହି କାର୍ଯ୍ୟକ୍ରମ ଚଳିତ ମାସ ୧୮ ରୁ ଏପ୍ରିଲ ୧୮ତାରିଖ ପର୍ଯ୍ୟନ୍ତ ଏକମାସ ବ୍ୟାପୀ ଚାଲିବ।




ଯୁବ ଆଇନଜୀବୀଙ୍କୁ ଷ୍ଟାଇପେଣ୍ଡ ପ୍ରଦାନ ମାମଲା

# ଅସହମତ ହେଲା ଆଇନ ବିଭାଗ

କଟକ ଅଫିସ, ୧୧।୩

ରାଜ୍ୟରେ ଯୁବ ଆଇନଜୀବୀମାନଙ୍କୁ ଷ୍ଟାଇପେଣ୍ଡ ଦେବା ପାଇଁ ଆଇନ ବିଭାଗ ଅସହମତ ପ୍ରକାଶ କରିଛି। ସୋମବାର ଆଇନ ବିଭାଗ ଉପସଚିବ ଗଙ୍ଗାଧର ସେଠୀ ହାଇକୋର୍ଟରେ ସତ୍ୟପାଠ ଜରିଆରେ ସରକାରଙ୍କ ପକ୍ଷରୁ ରିପୋର୍ଟ ଦାଖଲ କରିଛନ୍ତି। ପୂର୍ବରୁ ଅର୍ଥ ବିଭାଗ ମଧ ସମାନ ଢଙ୍ଗରେ ଅମଙ୍ଗ ହୋଇଥିଲା। ତେବେ ଆଇନ ବିଭାଗର ଜବାବ ଉପରେ ପ୍ରତିଜବାବ ରଖିବାକୁ ଆବେଦନକାରୀ ଦିଲୀପ କୁମାର ମହାପାତ୍ର ହାଇକୋର୍ଟଙ୍କଠାରୁ ସମୟ ଲୋଡିଛନ୍ତି। ଆସନ୍ତା ୨୫ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି କରାଯିବ। ସୂଚନାଥାଉ କି, ରାଜ୍ୟରେ ଯୁବ ଆଇନଜୀବୀମାନଙ୍କୁ ଷ୍ଟାଇପେଣ୍ଡ ଦେବା ନିମନ୍ତେ ଆଡଭୋକେଟ ଦିଲୀପ କୁମାର ମହାପାତ୍ର ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରୁଛନ୍ତି।




## ସଂକ୍ଷେପରେ

### ମହିଳାଙ୍କୁ କଚାଡ଼ି ମାରିଲା ଦନ୍ତା

ରାସୋଳ,୧୧।୩(ଡି.ଏନ.ଏ): ଢେଙ୍କାନାଳ ଜିଲା ହିନ୍ଦୋଳ ରେଞ୍ଜ୍ ଖଲିବୋରେଇ ସେକ୍ସନ ଚିଲତଇଲା ଗ୍ରାମର ଜଣେ ମହିଳା ରବିବାର ବିଳମ୍ବିତ ରାତିରେ ହାତୀ ଆକ୍ରମଣରେ ପ୍ରାଣ ହରାଇଛନ୍ତି। ସେ ହେଲେ ବିଦ୍ୟାଧର ସାମଲଙ୍କ ସ୍ତ୍ରୀ କେତୁକା ସାମଲ (୫୯)। ୩ଦିନ ମଧ୍ୟରେ ଏହା ହେଉଛି ଦ୍ୱିତୀୟ ହାତୀ ଆକ୍ରମଣଜନିତ ମୃତ୍ୟୁ। ଗତ ଶନିବାର ରୋଡ୍ ପଞ୍ଚାୟତ ଅଧୀନ ଗଇଲୋ ଗ୍ରାମର ଚାଷୀ କୁମୁଦ ସାହୁ (୫୫)କୁ ଦନ୍ତା ଦଳି ଦେଇଥିଲା।ବିଳମ୍ବିତ ରାତିରେ ଉକ୍ତ ଦନ୍ତା ଜନବସତିକୁ ପଶିଆସି ବିଦ୍ୟାଧର ସାହୁଙ୍କ ଘର ଭାଙ୍ଗିଥିଲା। ଘରେ ଶୋଇଥିବା କେତୁକା ଏବଂ ତାଙ୍କ ସାନଝିଅ ପ୍ରାଣ ବିକଳରେ ବାହାରକୁ ବାହାରି ଆସିଥିଲେ। ଏହି ସମୟରେ ହାତୀ କେତୁକାଙ୍କୁ ଶୁଣ୍ଢରେ ଟେକିନେଇ କଚାଡ଼ି ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସୂଚନା ପାଇ ବନ କର୍ମଚାରୀ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ଲାଗି ପଠାଇଥିଲେ। ଏ ନେଇ ରେଞ୍ଜର ମଧୁସୂଦନ ପାତ୍ର କୁହନ୍ତି, ପ୍ରାଥମିକ ପର୍ଯ୍ୟାୟରେ ମୃତାଙ୍କ ପରିବାରକୁ ୪୦ ହଜାର ଟଙ୍କାର ସହାୟତା ଚେକ୍ ପ୍ରଦାନ କରାଯାଇଛି। ଆବଶ୍ୟକ କାଗଜପତ୍ର ଦାଖଲ ପରେ ଅବଶିଷ୍ଟ ୩ଲକ୍ଷ ୬୦ ହଜାର ଟଙ୍କା କ୍ଷତିପୂରଣ ପ୍ରଦାନ କରାଯିବ। କ୍ଷତିଗ୍ରସ୍ତ ବିଦ୍ୟାଧରଙ୍କୁ ଆବାସ ଯୋଜନାରେ ବାସଗୃହ ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି।

# ନିର୍ବାଚନକୁ ନେଇ ବଢୁଛି ରାଜନୈତିକ ଉଷ୍ମତା

ଭୁବନେଶ୍ୱର,୧୧।୩(ବ୍ୟୁରୋ)

- ଖୁବ୍ ଶୀଘ୍ର ପ୍ରକାଶ ପାଇବ ପ୍ରାର୍ଥୀ ତାଲିକା: ମୁଖ୍ୟମନ୍ତ୍ରୀ
- ୪ ପର୍ଯ୍ୟାୟ ନିର୍ବାଚନ ଘୋଷଣାକୁ ବିଜେଡିର ବିରୋଧ
- ସରକାରୀ ହୋର୍ଡିଂକୁ ନେଇ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ଭାଜପା

ଲୋକ ସଭା ଓ ବିଧାନସଭା ପାଇଁ ନିର୍ବାଚନ ତାରିଖ ଘୋଷଣା ପରେ ରାଜ୍ୟରେ ରାଜନୈତିକ ପାଣିପାଗ ଆହୁରି ଉଷ୍ମ ହୋଇଛି। ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପ୍ରସ୍ତୁତିକୁ ଆହୁରି ଜୋରଦାର କରିଛନ୍ତି। ଭାଜପା ନିଜ ପ୍ରଚାର ଅଭିଯାନକୁ ଆଗକୁ ବଢ଼ାଇ ନେଇଥିବା ବେଳେ କଂଗ୍ରେସ ଆଗୁଆ ପ୍ରାର୍ଥୀଙ୍କ ନାମ ଘୋଷଣା କରି ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଛି। ରାଜ୍ୟ କଂଗ୍ରେସ ପକ୍ଷରୁ ସ୍କ୍ରିନିଂ କମିଟିକୁ ଦିଆଯାଇଥିବା ବିଧାନସଭା ଓ ଲୋକ ସଭା ପ୍ରାର୍ଥୀ ତାଲିକା ଚୂଡାନ୍ତ କରିବାକୁ ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ସମେତ ଦଳର ଅନ୍ୟ ବରିଷ୍ଠ ନେତାମାନେ ନୂଆଦିଲ୍ଲୀରେ ଡେରା ପକାଇଛନ୍ତି। ଅନ୍ୟପକ୍ଷରେ ବିଜେଡି ପ୍ରାର୍ଥୀମାନଙ୍କର ଚୂଡାନ୍ତ ତାଲିକା ଖୁବ୍‌ଶୀଘ୍ର ପ୍ରକାଶ କରାଯିବ ବୋଲି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ପ୍ରାର୍ଥୀ ତାଲିକା ପ୍ରସ୍ତୁତ ପ୍ରକ୍ରିୟା ଚାଲିଛି। ଖୁବ୍‌ଶୀଘ୍ର ଏହା ପ୍ରକାଶ ପାଇବ। ଗଣମାଧ୍ୟମ ପ୍ରଶ୍ନର ଉତ୍ତରରେ ନବୀନ କହିଛନ୍ତି ଯେ, ଆମେ ନିର୍ବାଚନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିଛୁ। ୨୦୧୯ରେ ଦଳ ବହୁତ ଭଲ ପ୍ରଦର୍ଶନ କରିବ ବୋଲି କହିଛନ୍ତି। ନିର୍ବାଚନ ଘୋଷଣା ପରେ ପ୍ରାର୍ଥୀ ହେବାକୁ ଆଶା ବାନ୍ଧିଥିବା ନେତାମାନେ ଟିକେଟ ଲବିକୁ ଜୋରଦାର କରିଛନ୍ତି। ୪ଟି ପର୍ଯ୍ୟାୟରେ ନିର୍ବାଚନ ଘୋଷଣାକୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି। ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବ ବୋଲି ଘୋଷଣା ହେବା ପରେ ଏହାକୁ ନେଇ ବିଜେଡି ପ୍ରଶ୍ନ ଉଠାଇଛି। ରାଜ୍ୟର ମୁଖ୍ୟ ନିର୍ବାଚନ ଅଧିକାରୀ ଭାଜପା ଦ୍ୱାରା ପ୍ରଭାବିତ ହୋଇ ଏଭଳି ସୁପାରିସ କରିଥିବା ମନେହେଉଛି ବୋଲି ବିଜେଡି ଆଇଟି ସେଲ୍ ମୁଖ୍ୟ ଅମର ପଟ୍ଟନାୟକ ଅଭିଯୋଗ କରିଛନ୍ତି।

ଆନ୍ଧ୍ରପ୍ରଦେଶ, ଗୁଜରାଟ ଭଳି ରାଜ୍ୟର ଲୋକ ସଭା ଆସନ ସଂଖ୍ୟା ଓଡ଼ିଶାଠାରୁ ଅଧିକ ହୋଇଥିବା ବେଳେ ସେଠାରେ ଗୋଟିଏ ପର୍ଯ୍ୟାୟରେ ନିର୍ବାଚନ ହେବ ବୋଲି ଘୋଷଣା ହୋଇଛି। କର୍ଣ୍ଣାଟକ, ରାଜସ୍ଥାନରେ ଦୁଇଟି ପର୍ଯ୍ୟାୟରେ ନିର୍ବାଚନ ପାଇଁ ଧାର୍ଯ୍ୟ ହୋଇଛି। ୨୦୦୯ ଓ ୨୦୧୪ରେ ଓଡ଼ିଶାରେ ମାଓବାଦୀ ସମସ୍ୟା ଅଧିକ ଥିଲା, ଏବେ ଆଶାତୀତ ହ୍ରାସ ପାଇଛି। ଏହାସତ୍ତ୍ୱେ ୪ଟି ପର୍ଯ୍ୟାୟରେ ନିର୍ବାଚନ କରିବାର ଆବଶ୍ୟକତା କ'ଣ ପଡ଼ିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ଯେଉଁଠି ଭାଜପାର ସ୍ଥିତି ଭଲ ନାହିଁ ସେଠାରେ ଚାରି ଏବଂ ତା'ଠାରୁ ଅଧିକ ପର୍ଯ୍ୟାୟରେ ନିର୍ବାଚନ ତାରିଖ ଧାର୍ଯ୍ୟ ହୋଇଥିବା ସ୍ପଷ୍ଟ ବାରି ହୋଇପଡୁଛି ବୋଲି ଅମର କହିଛନ୍ତି। ଓଡ଼ିଶାରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିରପେକ୍ଷତା ରକ୍ଷା ନ କରି ଭାଜପା ଦ୍ୱାରା ପ୍ରଭାବିତ ହୋଇଥିବା ଜଣାପଡୁଛି ବୋଲି ସେ କହିଛନ୍ତି।

ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ବିଜେଡି ଅଭିଯୋଗର ଜବାବ୍ ରଖି କହିଛନ୍ତି ଯେ, ଯଦି ବିଜେଡି ଏଭଳି ଭାବୁଛି ତେବେ ସାମ୍ବିଧାନିକ ବିଧିବ୍ୟବସ୍ଥା ଅନୁଯାୟୀ କହୁ। ଏଭଳି ଗଣମାଧ୍ୟମ ଆଗରେ କହି ଅଯଥା ରାଜନୀତି କଲେ କିଛି ଲାଭନାହିଁ। କଂଗ୍ରେସ ବରିଷ୍ଠ ନେତା ଶରତ ରାଉତ କହିଛନ୍ତି ଯେ, ଏଥିରେ କିଛି ଅସୁବିଧା ଥିଲା ଭଳି ମନେ ହେଉନାହିଁ। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦାୟିତ୍ୱ ସେ ସୁଚାରୁରୂପେ ନିର୍ବାଚନ ପରିଚାଳନା କରିବେ, ଆମର ଏଥିରେ ମୁଣ୍ଡବ୍ୟଥା ହେବାର କୌଣସି କାରଣ ନାହିଁ। ବିଜେଡିର ଏହାଦ୍ୱାରା ନିଶ୍ଚିତ କିଛି ଅସୁବିଧା ହେବ, ସେଥିପାଇଁ ସେମାନେ ଏପରି ଅଭିଯୋଗ କରୁଛନ୍ତି ବୋଲି ଶରତ କହିଛନ୍ତି।

ନିର୍ବାଚନ ଆଚରଣ ବିଧି ଲାଗୁ ହେବା ପରେ ମଧ ପ୍ରଶାସନ ସହାୟତାରେ ଶାସକ ଦଳ ଭୋଟରଙ୍କୁ ପ୍ରଭାବିତ କରିଚାଲିଛି ବୋଲି ଭାଜପା ଅଭିଯୋଗ କରିଛି। ରାଜ୍ୟରେ ଥିବା କଣ୍ଟ୍ରୋଲ ଡିଲରମାନେ ୪ଟି ଏଲଇଡି ବଲ୍‌ବ ସହ ଆଇନା ପୁସ୍ତିକା ବଣ୍ଟନ କରୁଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ହୋର୍ଡିଂ ତୁରନ୍ତ ହଟାଇବାକୁ ଭାଜପା ଉପସଭାପତି ସମୀର ମହାନ୍ତିଙ୍କ ନେତୃତ୍ୱରେ ଏକ ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଭେଟି ଅଭିଯୋଗ କରିଛନ୍ତି। ରାଜ୍ୟର ଅନେକ ସ୍ଥାନରେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ସମ୍ପର୍କିତ ହୋର୍ଡିଂ ଏବଂ ଇଲେକ୍ଟ୍ରୋନିକ୍ସ ହୋର୍ଡିଂ ଏବେ ବି ଲାଗି ରହିଛି। ଏହି ବିଜ୍ଞାପନ ଏବଂ ହୋର୍ଡିଂଗୁଡ଼ିକ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ କରିବା ସହ ଧାରା ୧୭୧(ଗ) ଅନୁଯାୟୀ ଆଇନତଃ ଅପରାଧ। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶନାମା ୩୫ ଏବଂ ୩୯କୁ ଏହା ଉଲ୍ଲଂଘନ କରୁଛି ବୋଲି ସମୀର କହିଛନ୍ତି । ଅନ୍ୟପଟେ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନା ରହିଥିବା ପୁସ୍ତିକା ଆଇନା ସରକାରୀ କଳ ଏବଂ ଅଙ୍ଗନୱାଡି କର୍ମୀମାନଙ୍କ ଦ୍ୱାରା ଘରେ ଘରେ ବଣ୍ଟାଯାଉଛି। ଏହା ଉପରେ ଲଗାମ ଲଗାଇବା ସହ ସାଧାରଣ ନିର୍ବାଚନକୁ ମୁକ୍ତ, ଅବାଧ ଏବଂ ନିରପେକ୍ଷ କରିବାକୁ ଭାଜପା ପ୍ରତିନିଧି ଦଳ ନିର୍ବାଚନ କମିଶନଙ୍କ ନିକଟରେ ଦାବି କରିଛନ୍ତି।

■ ନବୀନ ନିବାସରେ ଆଶାୟୀଙ୍କ ଭିଡ଼

# ପ୍ରଥମ ପର୍ଯ୍ୟାୟରେ ଆସିପାରେ ୭ ମହିଳା ଲୋକ ସଭା ପ୍ରାର୍ଥୀଙ୍କ ନାମ

ଭୁବନେଶ୍ୱର,୧୧।୩ (ବ୍ୟୁରୋ)

ମୁଖ୍ୟ ନିର୍ବାଚନ କମିଶନର ସୁନୀଲ ଆରୋରା ରବିବାର ୨୦୧୯ ସାଧାରଣ ନିର୍ବାଚନ ତାରିଖ ଘୋଷଣା କରିଛନ୍ତି। ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବ। ଅପରପକ୍ଷରେ ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆସନ୍ତା ନିର୍ବାଚନ ପାଇଁ ବିଜେଡି ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିବା ମତ ରଖିଛନ୍ତି। ଏହାସହ ଖୁବ୍‌ଶୀଘ୍ର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ମଧ ଘୋଷଣା କରାଯିବ ବୋଲି ନବୀନ କହିଛନ୍ତି। ଗୋଟିଏ ପଟେ ଦଳୀୟ ଟିକେଟ ପାଇବାକୁ ମାଳମାଳ ନେତା ବିଜେଡି ଭିତରେ କସରତ ଚଳାଇଥିବା ବେଳେ ଅନ୍ୟପଟେ ଅନ୍ୟ ଦଳର ସାଙ୍ଗଠନିକ ଦକ୍ଷତା ରଖିଥିବା ଏବଂ ବିଗତ ଦିନରେ ବିଜେଡି ଛାଡିଥିବା ବହୁ ନେତାଙ୍କୁ ମଧ ମୁଖ୍ୟମନ୍ତ୍ରୀ ଦଳରେ ସାମିଲ କରିବାରେ ଲାଗିଛନ୍ତି। ଫଳରେ କାହାକୁ କେଉଁଠାରୁ ଟିକେଟ ମିଳିବ ସେ ନେଇ କୌଣସି ସ୍ପଷ୍ଟ ଚିତ୍ର ଆସିପାରୁ ନାହିଁ, ଯାହାକୁ ନେଇ ବହୁ ନେତା ଦ୍ୱନ୍ଦ୍ୱ ଭିତରେ ଫସି ରହିଛନ୍ତି। ଦ୍ୱିତୀୟତଃ ରବିବାର କେନ୍ଦ୍ରାପଡ଼ା ଗସ୍ତରେ ଥିବାବେଳେ ମୁଖ୍ୟମନ୍ତ୍ରୀ ଲୋକ ସଭା ନିର୍ବାଚନରେ ୩୩ପ୍ରତିଶତ ମହିଳା ପ୍ରାର୍ଥୀଙ୍କୁ ଦଳ ଟିକେଟ ଦେବ ବୋଲି ଘୋଷଣା କରିଛନ୍ତି। ଫଳରେ ଏହା ମଧ ବହୁ ନେତାଙ୍କ ହୋସ୍ ଉଡାଇଦେଇଛି। ପ୍ରଥମ ପର୍ଯ୍ୟାୟରେ ମୁଖ୍ୟମନ୍ତ୍ରୀ ୭ ମହିଳା ପ୍ରାର୍ଥୀଙ୍କ ନାମ ଘୋଷଣା କରିପାରନ୍ତି ବୋଲି ମଧ ଦଳର ବହୁ ନେତା ମତ ରଖିଛନ୍ତି। ସୋମବାର ନବୀନ ନିବାସରେ ବହୁ ମହିଳା ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରିଛନ୍ତି। ଏମାନଙ୍କ ମଧ୍ୟରେ ବିଧାୟିକା ପ୍ରମିଳା ମଲ୍ଲିକ, କନ୍ଧମାଳ ଏମ୍‌ପି ପ୍ରତ୍ୟୁଷା ରାଜେଶ୍ୱରୀ ସିଂ, ଯାଜପୁର ଏମ୍‌ପି ରୀତା ତରାଇ, ବିଜେଡି ନେତ୍ରୀ ଶ୍ରୀମୟୀ ମିଶ୍ର, ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକଙ୍କ ସମେତ ଆଉ କେତେଜଣ ନବୀନ ନିବାସ ଯାଇଥିଲେ। ଏମାନଙ୍କ ମଧ୍ୟରୁ କେତେଜଣଙ୍କୁ ଦଳ ଲୋକ ସଭା ପାଇଁ ପ୍ରାର୍ଥୀ କରିବାକୁ ଥିବା ଜଣାପଡିଛି। ଏହାସହ ଏମ୍‌ପି ପ୍ରଭାସ ସିଂ ଏବଂ ଅର୍କ କେଶରୀ ସିଂଦେଓ ମଧ ନବୀନଙ୍କୁ ସାକ୍ଷାତ କରିଥିବା ଜଣାପଡିଛି। ତେବେ ପ୍ରମିଳାଙ୍କୁ ଦଳ ଯାଜପୁର ଲୋକ ସଭା ଆସନରୁ ପ୍ରାର୍ଥୀ କରିବାକୁ ଚାହୁଁଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଏ ନେଇ ପ୍ରମିଳାଙ୍କୁ ପଚରାଯିବାରୁ ସେ କହିଛନ୍ତି ଯେ, ବିଧାନସଭା ପାଇଁ ଲଢିବାକୁ ବ୍ୟକ୍ତିଗତ ଭାବେ ମୋର ଇଚ୍ଛା ରହିଛି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ, ସେ ଯେଉଁଠାରୁ ଚାହିଁବେ ମୁଁ ସେଠାରୁ ଲଢିବି ବୋଲି ପ୍ରମିଳା କହିଛନ୍ତି।

ନବୀନ ନିବାସରୁ ଆସିବା ପରେ ପ୍ରତ୍ୟୁଷା ରାଜେଶ୍ୱରୀ ସିଂ କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ ୩୩ପ୍ରତିଶତ ମହିଳା ପ୍ରାର୍ଥୀ ଲୋକ ସଭା ନିର୍ବାଚନ ପାଇଁ ଦେବାକୁ ଘୋଷଣା କରିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହାଦ୍ୱାରା ମହିଳାମାନଙ୍କ ଆଗ୍ରହ ବଢିବ। ଦଳ ପାଇଁ ଏବଂ ନିର୍ବାଚନମଣ୍ଡଳୀ ଲୋକଙ୍କ ପାଇଁ ସବୁବେଳେ କାମ କରିଛି। ଆଗକୁ ଟିକେଟ କେଉଁଠାରୁ ମିଳିବ ସେନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେବେ ବୋଲି ପ୍ରତ୍ୟୁଷା କହିଛନ୍ତି। ଅନ୍ୟପଟେ ଶ୍ରୀମୟୀଙ୍କୁ ଦଳ ବଲାଙ୍ଗୀର ଲୋକ ସଭା ଆସନରୁ ନିର୍ବାଚନ ଲଢିବାକୁ ନିଷ୍ପତ୍ତି କରିଛି ବୋଲି ମଧ ଚର୍ଚ୍ଚା ଜୋର୍ ଧରିଛି। ସେହିପରି ରାଜଶ୍ରୀଙ୍କୁ ଜଗତସିଂହପୁର ଲୋକ ସଭା ଆସନରୁ ପ୍ରାର୍ଥୀ କରାଯିବା ନେଇ ଅନୁରୂପ ଭାବେ ଚର୍ଚ୍ଚା ଆରମ୍ଭ ହୋଇଛି। ତେବେ ବିଧାୟକ ପ୍ରାର୍ଥୀ ହେବା ଲାଗି ମଧ ବହୁ ଆଶାୟୀ ନବୀନ ନିବାସ ଆଗରେ ଧାଡି ଲଗାଇ ରହିଥିବା ଜଣାପଡିଛି। ତେବେ ଦଳର ବିଭିନ୍ନ କାର୍ଯ୍ୟକ୍ରମରେ ଦୀର୍ଘଦିନ ଧରି ଜଡିତ ଥିବା ବହୁ ମହିଳା ନେତ୍ରୀ ଟିକେଟ ଆଶାରେ ରହିଥିଲେ ମଧ ଏପର୍ଯ୍ୟନ୍ତ ସେମାନଙ୍କୁ କୌଣସି ସ୍ପଷ୍ଟ ସୂଚନା ଦିଆଯାଉ ନାହିଁ। ଯେଉଁଥିପାଇଁ ଦଳରେ ଅନେକ ଅସନ୍ତୁଷ୍ଟ ମହିଳା ନେତ୍ରୀ ଦଳ ବିରୋଧରେ ପ୍ରଚାର କରିବା ଆରମ୍ଭ କରିଦେଇଥିବା ଦେଖିବାକୁ ମିଳୁଛି। ପ୍ରାର୍ଥୀ ତାଲିକା ଘୋଷଣା ହେବାପରେ ଏହାର ସ୍ପଷ୍ଟଚିତ୍ର ଦେଖିବାକୁ ମିଳିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ଆକଳନ କରୁଛନ୍ତି।

# ମାତିଲେ ମାଓବାଦୀ: ଜଣଙ୍କୁ ହତ୍ୟା, ପୋଡ଼ିଦେଲେ ଗାଡ଼ି

ମାଲକାନଗିରି,୧୧।୩ (ଡି.ଏନ୍.ଏ./ସ୍ୱ.ପ୍ର.) ଦୀର୍ଘଦିନର ନୀରବତା ପରେ ସୋମବାର ମାଓବାଦୀମାନେ ରାସ୍ତା କାମରେ ନିୟୋଜିତ ୨ଟି ଗାଡି ପୋଡି ଦେଇଛନ୍ତି। ଜଣେ ଠିକାଦାରଙ୍କ ଭାଇଙ୍କୁ ହତ୍ୟା କରିଛନ୍ତି। ଖବରରୁ ଜଣାପଡିଛି ମାଲକାନଗିରି ଜିଲା ମାଥିଲି ଥାନା ଟେମୁରୁପାଲି ଗ୍ରାମ ନିକଟରେ ଜଣେ ଠିକାଦାର ରାସ୍ତା କାମ ନେଇଥିଲେ। ସେ ଏଥିପାଇଁ ଗୋଟିଏ ଟ୍ରକ ଓ ଟ୍ରାକ୍ଟର ବ୍ୟବହାର କରୁଥିଲେ। ସୋମବାର ସନ୍ଧ୍ୟାରେ ୧୦/୧୫ ଜଣ ମାଓବାଦୀ ଆସି ଏହି ଟ୍ରକ ଓ ଟ୍ରାକ୍ଟରରେ ନିଆଁ ଲଗାଇ ପୋଡିଦେଇଥିଲେ। ପରେ ହେଉଥିବା ରାସ୍ତା କାମର ଠିକାଦାରଙ୍କ ଭାଇଙ୍କୁ ହତ୍ୟା କରିଥିଲେ। ଏ ସମ୍ପର୍କରେ ମାଥିଲି ଡିଏସପି ଦିଲୀପ ଦାସଙ୍କୁ ପଚାରିବାରୁ ସେ କହିଲେ ଯେ, ଏନେଇ ଆମେ ଶୁଣିବାକୁ ପାଉଛୁ। ଏହାର ତଦନ୍ତ ଆରମ୍ଭ କରିଛୁ। ଏ ସମ୍ପର୍କରେ ଏସ୍.ପି. ଜଗମୋହନ ମୀନାଙ୍କୁ ପଚାରିବାରୁ ସମ୍ପୃକ୍ତ ଅଞ୍ଚଳ ଦୁର୍ଗମ ହୋଇଥିବାରୁ ପ୍ରକୃତ ତଥ୍ୟ ଆସିନାହିଁ। ଏ ନେଇ ତଦନ୍ତ କରାଯିବ ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ, ଛତିଶଗଡକୁ ଲାଗିଥିବା ଏହି ଅଞ୍ଚଳରେ ରାସ୍ତା ନିର୍ମାଣକୁ ମାଓବାଦୀମାନେ ବିରୋଧ କରି ଆସୁଛନ୍ତି। ସାଧାରଣ ନିର୍ବାଚନ ତାରିଖ ଘୋଷଣା ପରେ ମାଓବାଦୀମାନେ ଗାଡିପୋଡି ସମ୍ପୃକ୍ତ ଅଞ୍ଚଳରେ ନିଜର ସ୍ଥିତି ଜାହିର କରିଛନ୍ତି।

# ରାଜଧାନୀରେ ନିୟମଗିରି ତାତି

ଭୁବନେଶ୍ୱର,୧୧।୩(ବ୍ୟୁରୋ)

- ପୋଲିସ ଦମନ ବନ୍ଦ ପାଇଁ ରାଜ୍ୟପାଳଙ୍କୁ ସ୍ମାରକପତ୍ର
- ଲିଙ୍ଗରାଜ ଆଜାଦଙ୍କୁ ଖଲାସ ଦାବିରେ ବିକ୍ଷୋଭ
- ପଞ୍ଚାୟତ ଅଫିସ୍‌ରୁ ସିଆର୍‌ପିଏଫ୍ କ୍ୟାମ୍ପ୍ ଉଠାଯାଉ

କଳାହାଣ୍ଡି ଓ ରାୟଗଡ଼ା ଜିଲାରେ ରହିଥିବା ନିୟମଗିରି ପାହାଡ଼ରୁ ବକ୍ସାଇଟ୍ ଖନନକୁ ନେଇ ଦୀର୍ଘଦିନ ହେବ ବିବାଦ ଲାଗି ରହିଛି। ଏହାକୁ ସ୍ଥାନୀୟ ଅଞ୍ଚଳବାସୀ ତୀବ୍ର ବିରୋଧ କରି ଆସୁଛନ୍ତି। ଇତିମଧ୍ୟରେ ଅନେକ ଘଟଣା ଘଟିଯାଇଥିବାବେଳେ ସୋମବାର ରାଜଧାନୀ ଭୁବନେଶ୍ୱରରେ ନିୟମଗିରି ତାତି ଦେଖିବାକୁ ମିଳିଥିଲା। ଦୁଇଶହରୁ ଅଧିକ ଆଦିବାସୀ ମହିଳା ଓ ପୁରୁଷ ବିଭିନ୍ନ ଅସ୍ତ୍ରଶସ୍ତ୍ର ଧରି ମାଷ୍ଟରକ୍ୟାଣ୍ଟିନ ଛକରୁ ଶୋଭାଯାତ୍ରାରେ ବାହାରି ଲୋୟର ପିଏମ୍‌ଜିରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ନିୟମଗିରିରେ ପୋଲିସ ଦମନ ତୁରନ୍ତ ବନ୍ଦ ଦାବି କରି ଗର୍ଜିଥିଲେ। ଏହି ଅବସରରେ ଲୋକଶକ୍ତି ଅଭିଯାନର ସଭାପତି ପ୍ରଫୁଲ୍ଲ ସାମନ୍ତରା, ସମାଜବାଦୀ ଜନ ପରିଷଦର ଅଫଲାତୁନ, ନିୟମଗିରି ସୁରକ୍ଷା ସମିତି ସଭାପତି ଦଦି ପୁସିକା ଓ ରାଜକିଶୋର ରାଜଭବନରେ ରାଜ୍ୟପାଳଙ୍କୁ ସାକ୍ଷାତ୍ କରି ସ୍ମାରକପତ୍ର ପ୍ରଦାନ କରିଥିଲେ।

ନିୟମଗିରି ସୁରକ୍ଷା ସମିତି ସଂଗଠକ ତଥା ଜନଆନ୍ଦୋଳନ ରାଷ୍ଟ୍ରୀୟ ସମନ୍ୱୟର ଆବାହକ ଲିଙ୍ଗରାଜ ଆଜାଦଙ୍କୁ ମିଥ୍ୟା ମାମଲାରେ ପୋଲିସ ଗିରଫ କରିଥିବାରୁ ଏହାକୁ ସେମାନେ ବିରୋଧ କରିଛନ୍ତି। ତୁରନ୍ତ ତାଙ୍କୁ ଖଲାସ ପାଇଁ ଦାବି କରିବା ସହ ନିୟମଗିରିରେ ପୋଲିସ ଦମନଲୀଳା ବନ୍ଦ ଓ ତ୍ରିଲୋଚନପୁର ପଞ୍ଚାୟତ କାର୍ଯ୍ୟାଳୟରୁ ସିଆର୍‌ପିଏଫ୍ କ୍ୟାମ୍ପ ଉଠାଇନେବାକୁ ଉକ୍ତ ସ୍ମାରକପତ୍ରରେ ଦାବି କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ପ୍ରଶାସନ ସିଆର୍‌ପିଏଫ୍‌କୁ ରଖି ଗ୍ରାମପଞ୍ଚାୟତ କାର୍ଯ୍ୟ ବନ୍ଦ କରି ଦେଇଛନ୍ତି। ଏପରିକି ସରପଞ୍ଚ ଓ ସଭ୍ୟମାନଙ୍କୁ ମଧ ପ୍ରବେଶ କରିବାକୁ ଦିଆଯାଉନି। ଏହାକୁ ବିରୋଧ କରିବାରୁ ପୋଲିସ ଲିଙ୍ଗରାଜଙ୍କୁ ଗିରଫ କରି ସୁରକ୍ଷା ସମିତିର ନେତୃମଣ୍ଡଳୀଙ୍କୁ ଫସାଇବାକୁ ଚକ୍ରାନ୍ତ କରୁଛି। ଖଣି ଖନନକୁ ବିରୋଧ କରୁଥିବା ଗଣତାନ୍ତ୍ରିକ ଆନ୍ଦୋଳନର ନେତା ଓ ଆଦିବାସୀଙ୍କୁ ମାଓବାଦୀ ନାମରେ ଯେଉଁଭଳି ପୋଲିସ ଦମନ କରୁଛି ଓ ଗ୍ରାମସଭାର ବିନାନୁମତିରେ ପଞ୍ଚାୟତ କାର୍ଯ୍ୟାଳୟରେ ପୋଲିସ କ୍ୟାମ୍ପ ସ୍ଥାପନର ନିରପେକ୍ଷ ତଦନ୍ତ ପାଇଁ ରାଜ୍ୟପାଳଙ୍କୁ ଅନୁରୋଧ କରାଯାଇଛି। ତୁରନ୍ତ ହସ୍ତକ୍ଷେପ କରି ଆଦିବାସୀଙ୍କୁ ସୁରକ୍ଷା ଦେବାକୁ ସେମାନେ ନିବେଦନ କରିଛନ୍ତି। ଏହି ଆନ୍ଦୋଳନରେ ଆଡ୍‌ଭୋକେଟ ବିଶ୍ୱପ୍ରିୟ କାନୁନ୍‌ଗୋ, ତପନ ମିଶ୍ର, ମହେନ୍ଦ୍ର ପରିଡ଼ା, ମାନସ ପଟ୍ଟନାୟକ, ଚନ୍ଦ୍ରନାଥ ଦାନୀ ପ୍ରମୁଖ ସାମିଲ ହୋଇଥିଲେ।



ଭୁବନେଶ୍ୱରର ଲୋୟର ପିଏମ୍‌ଜିଠାରେ ଶୋଭାଯାତ୍ରାରେ ବାହାରିଥିବା ଆଦିବାସୀ ମହିଳା ଓ ପୁରୁଷ।



ସବୁକଥାକୁ ଉଦାରତାର ସହିତ ସ୍ମିତ ହାସ୍ୟରେ ଦେଖ। ଯୋଉ ସବୁ କଥା ତୁମକୁ ଉତ୍ୟକ୍ତ କରୁଛନ୍ତି- ସେଗୁଡ଼ିକୁ ଦେଖି ନିଜେ ଶିକ୍ଷା କର। ତା ହେଲେ ଯାଇ ତୁମର ଜୀବନ ଅଧିକ ଶାନ୍ତିପୂର୍ଣ୍ଣ ଓ ଅଧିକ ସଫଳ ହୋଇ ପାରିବ। -ଶ୍ରୀମା



# ବିମୁଦ୍ରୀକରଣ ପରେ ବାଲାକୋଟ

ବିମୁଦ୍ରୀକରଣ ଭାରତୀୟ ଅର୍ଥନୀତି ପାଇଁ ଅଭିଶାପ ଥିଲା ନା ଆଶୀର୍ବାଦ, ୨୦୧୬ ନଭେମ୍ବର ୮ ପରଠାରୁ ସେ ସଂକ୍ରାନ୍ତ ଅନେକ ବିତର୍କ ହୋଇଗଲାଣି। ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ କଳା ଧନ ରୋକିବା, ନକଲି ବା ଜାଲ୍ ନୋଟ୍‌ର ବ୍ୟବହାରକୁ ବନ୍ଦ କରିବା ଏବଂ ଇଲେକ୍‌ଟ୍ରୋନିକ୍ ପେମେଣ୍ଟସ୍‌କୁ ସୁବ୍ୟବସ୍ଥିତ କରିବାରେ ଏହା ସକ୍ଷମ ହେବ। ଅନ୍ୟପକ୍ଷରେ ବିରୋଧୀମାନେ ମୋଦି ସରକାରଙ୍କ ରାଜନୈତିକ ଲକ୍ଷ୍ୟକୁ ବୁଝିପାରି ଏହାକୁ ସମାଲୋଚନା କରିଥିଲେ। ଉତ୍ତରପ୍ରଦେଶ ବିଧାନସଭା ନିର୍ବାଚନ ପୂର୍ବରୁ କେନ୍ଦ୍ରରେ ଭାଜପା ସରକାର ବିମୁଦ୍ରୀକରଣ ଭଳି ବୃହତ୍ ଅର୍ଥନୈତିକ ଅସ୍ତ୍ର ପ୍ରୟୋଗ କରିବାକୁ ଶ୍ରେୟ ମଣିଥିଲେ। ଫଳରେ ଲକ୍ଷ୍ୟ ପୂରଣ ହେଲା ଓ ଉତ୍ତରପ୍ରଦେଶରେ ଭାଜପା ସରକାର ଗଢ଼ିଲା। କିନ୍ତୁ ଏହାର ପରିଣାମ ଦେଶବାସୀ ଭୋଗି ଚାଲିଛନ୍ତି। ଏବର ପରିସ୍ଥିତି ଦେଖିଲେ ସାଧାରଣ ନିର୍ବାଚନ ପୂର୍ବରୁ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଓ ତା’ ପରବର୍ତ୍ତୀ ବାଲାକୋଟ ଉପରେ ଭାରତୀୟ ସେନାର କାର୍ଯ୍ୟାନୁଷ୍ଠାନ କିଭଳି ବାର୍ତ୍ତା ଦେଉଛି ତାହା ସହଜେ ଅନୁମେୟ। ଗୋଟିଏ ରାଜ୍ୟର ନିର୍ବାଚନ ପୂର୍ବରୁ ବିମୁଦ୍ରୀକରଣ ଏବଂ ସର୍ବବୃହତ୍ ନିର୍ବାଚନ ପୂର୍ବରୁ ଯୁଦ୍ଧ ଭଳି ଘଟଣା ଏହି ସରକାରର ଉଦ୍ଦେଶ୍ୟ ନେଇ ସନ୍ଦେହ ସୃଷ୍ଟି କରୁଛି।

ଏକ ଜାତୀୟ ସ୍ତରୀୟ ଇଂଲିଶ୍ ଖବରକାଗଜରେ ପ୍ରକାଶ ପାଇଛି ଯେ, ବିମୁଦ୍ରୀକରଣ ଭାରତୀୟ ଅର୍ଥନୀତିକୁ କ୍ଷତି ପହଞ୍ଚାଇବ ବୋଲି ଦେଶର ସର୍ବୋଚ୍ଚ ବ୍ୟାଙ୍କ ସେତେବେଳେ ଆକଳନ କରିଥିଲା। ସୂଚନା ଅଧିକାର (ଆର୍‌ଟିଆଇ) ମାଧ୍ୟମରେ ମିଳିଥିବା ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାର କଳାଧନ ରୋକିବା ଲାଗି ଯେଉଁ ୫୦୦ ଓ ୧୦୦୦ ଟଙ୍କିଆ ବୃହତ୍ ନୋଟ୍ ପ୍ରଚଳନକୁ ଅଚାନକ ବନ୍ଦ କରି ଦେବାକୁ ନିଷ୍ପତ୍ତି ନେଇଥିଲେ, ସେଥିରେ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ଏକମତ ନ ଥିଲା। ୨୦୧୬ ନଭେମ୍ବର ୮ ଅପରାହ୍ଣ ୫.୩୦ ମିନିଟ୍‌ରେ ବ୍ୟାଙ୍କର ସେଣ୍ଟ୍ରାଲ ବୋର୍ଡ ବୈଠକର ମିନ୍ୟୁଟ୍‌ସ ଅନୁଯାୟୀ ନିର୍ଦ୍ଦେଶକମାନେ ଦେଇଥିବା ଗୁରୁତ୍ୱପୂର୍ଣ୍ଣ ଟିପ୍ପଣୀ ପ୍ରଣିଧାନଯୋଗ୍ୟ। ସେଥିରେ କୁହାଯାଇଥିଲା ଯେ, ଅଧିକାଂଶ କଳାଧନ ନଗଦ ଭାବେ ରଖାଯାଇ ନ ଥାଏ। ରିୟଲ ସେକ୍ଟର ସମ୍ପତ୍ତି ଯଥା ଜମି, କୋଠାବାଡ଼ି, ସୁନା ଭଳି ଜିନିଷରେ ଏହା ବିଶେଷଭାବେ ବିନିଯୋଗ ହୋଇଥାଏ। ତେଣୁ ୫୦୦ କିମ୍ବା ୧୦୦୦ ଟଙ୍କିଆ ନୋଟ୍‌କୁ ଅଚଳ କରିଦେଲେ ତାହା କଳାଧନ ଉପରେ ସେଭଳି କୌଣସି ପ୍ରଭାବ ପଡ଼ିବ ନାହିଁ। ମାତ୍ର ମୋଦି ସରକାର ନିଜ ଜିଦ୍‌ରେ ଅଟଳ ରହି ଅପର୍ଯ୍ୟାପ୍ତ ଅର୍ଥ ଅଚଳ କରିଦେଲେ, ଯାହାର କୁଫଳ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ବ୍ୟବସାୟୀଙ୍କ ଉପରେ ସିଧାସଳଖ ପଡ଼ିଛି। ଆର୍‌ଟିଆଇରେ ମଗାଯାଇଥିବା ପ୍ରଶ୍ନର ଉତ୍ତର ଦେଇ ଆର୍‌ବିଆଇ ମାନିଛି ଯେ, ବିମୁଦ୍ରୀକରଣ ବେଳେ ପେଟ୍ରୋଲ ପମ୍ପ ଭଳି ଯେଉଁସବୁ ସ୍ଥାନରେ ଅଚଳ ନୋଟ୍‌କୁ ସଚଳ କରିବା ଲାଗି ଦିଆଯାଇଥିଲା ସେ ସଂକ୍ରାନ୍ତ ତଥ୍ୟ ତା’ ପାଖରେ ନାହିଁ। ଏହି କଥାରୁ ଖିଅ ଟାଣି ଦେଖିଲେ ଗତବର୍ଷ ଅଗଷ୍ଟରେ ଆର୍‌ବିଆଇ ହିସାବ ଦେଇଥିଲା ଯେ ୯୯.୩ ପ୍ରତିଶତ ଅଚଳ ୫୦୦ ଓ ୧୦୦୦ ଟଙ୍କିଆ ନୋଟ୍ ବ୍ୟାଙ୍କିଙ୍ଗ୍ ପରିସରଭୁକ୍ତ ହୋଇଛି। ଅର୍ଥାତ୍ କେବଳ ୦.୭ ପ୍ରତିଶତ ଅଚଳ ନୋଟ୍ କେଉଁଠାରେ ରହିଯାଇଛି। ଏତେ କମ୍ ମାତ୍ରାର ଅର୍ଥ ସାଧାରଣତଃ ସଚେତନ ନ ଥିବା ଭାରତୀୟଙ୍କ ପାଖରେ ରହିଯାଇଛି କିମ୍ବା ଚିରା ଅବସ୍ଥାରେ ଥାଇପାରେ। ଏପରିକି ନେପାଳ ସମେତ କେତେକ ପଡ଼ୋଶୀ ଦେଶରେ ବହୁ ପରିମାଣର ଅଚଳ ଭାରତୀୟ ମୁଦ୍ରା ରହିଯାଇଥିବା ଜଣାପଡ଼ିଛି। ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାକୁ ଆସିପାରି ନ ଥିବା ଅଚଳ ନୋଟ୍‌କୁ ମିଶାଇ ଦେଲେ ତାହା ୧୦୦ ପ୍ରତିଶତରୁ ଊର୍ଦ୍ଧ୍ୱକୁ ଚାଲିଯାଉଛି। ତେଣୁ ବିମୁଦ୍ରୀକରଣ କଳାଧନ ରୋକିବାରେ ଆଦୌ ସକ୍ଷମ ହୋଇପାରି ନାହିଁ ବୋଲି ବୁଝିବାକୁ ହେବ। ସେହିପରି ନକଲି ନୋଟ୍‌ର ପ୍ରଚଳନ ବିମୁଦ୍ରୀକରଣ ପରେ ମଧ୍ୟ ଚାଲିଥିବା ବିଭିନ୍ନ ସମୟରେ ଜବତ ଅର୍ଥରୁ ଦେଖିବାକୁ ମିଳୁଛି।

ଆର୍‌ଟିଆଇ ମାଧ୍ୟମରେ ରିଜର୍ଭ ବ୍ୟାଙ୍କକୁ ପଚରାଯିବାରୁ ମିଳିଥିବା ଉତ୍ତରରୁ ଅନେକ ବିସ୍ମୟକର ତଥ୍ୟ ପଦାକୁ ଆସିବାରେ ଲାଗିଲାଣି। ଏହି କଠୋର ଅର୍ଥନୈତିକ ଅସ୍ତ୍ର ପ୍ରୟୋଗ ସମୟରେ ଯେଭଳି ସାଧାରଣ ଲୋକଙ୍କୁ ଧନୀଙ୍କ ପାଖରେ ଠୁଳ ଥିବା କଳାଧନ ବିରୋଧରେ ତତେଇ ଦିଆଯାଇଥିଲା, ତାହା ବର୍ତ୍ତମାନ ଭୁଲ ପ୍ରମାଣିତ ହେଉଥିବାରୁ ଦେଶବାସୀ ଭାଜପା ସରକାରଙ୍କ ଉଦ୍ଦେଶ୍ୟ ବୁଝିପାରୁଥିବେ। ନିଜର ରାଜନୈତିକ ଲକ୍ଷ୍ୟ ପୂରଣ ଦିଗରେ ନିଆଯାଇଥିବା ନିଷ୍ପତ୍ତି କେତେ ଭୟଙ୍କର ହୋଇପାରେ ତାହା ପରବର୍ତ୍ତୀ ସମୟରେ ଲୋକଲୋଚନକୁ ଆସୁଛି। ଆର୍‌ବିଆଇ ବିମୁଦ୍ରୀକରଣ ସଂକ୍ରାନ୍ତରେ ଦେଇଥିବା କ୍ରମାଗତ ତଥ୍ୟରୁ ସ୍ପଷ୍ଟ ହେଉଛି ଯେ, ଯେଉଁ ସମୟରେ ଭୁଲ ନିଷ୍ପତ୍ତି ନିଆଗଲା, ତାହା ଦ୍ୱାରା ସୃଷ୍ଟି ହୋଇଥିବା କ୍ଷତି ଭରଣା କରିବା କଷ୍ଟକର। ଏହି ପ୍ରଚ୍ଛଦପଟରେ ଦେଖିଲେ ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ପରବର୍ତ୍ତୀ ବାଲାକୋଟ କାର୍ଯ୍ୟାନୁଷ୍ଠାନକୁ ଭାଜପା ସାଧାରଣ ନିର୍ବାଚନରେ ପ୍ରସଙ୍ଗ କରିବ ବୋଲି ବହିର୍ବ୍ୟାପାର ମନ୍ତ୍ରୀ ସୁଷମା ସ୍ୱରାଜ କହିସାରିଲେଣି। ତାଙ୍କ ପୂର୍ବରୁ କର୍ଣାଟକର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବରିଷ୍ଠ ଭାଜପା ନେତା ବି.ଏସ୍. ୟେଦୁରପ୍ପା କହିଥିଲେ ଯେ, ବାଲାକୋଟ ଆକ୍ରମଣ ରାଜ୍ୟରେ ୨୮ ଲୋକ ସଭା ଆସନରୁ ୨୨ ଆସନ ଦଳକୁ ଦେବାରେ ସକ୍ଷମ ହେବ। ଏଥିରୁ ଭଲ ଭାବେ ବୁଝିହେଉଛି, ଜାଣିଶୁଣି ଭାଜପା ମିଥ୍ୟା ଜାତୀୟତାବାଦ ସୃଷ୍ଟି ଲକ୍ଷ୍ୟରେ ଅଚାନକ ନିଷ୍ପତ୍ତି ନେବାରେ ଧୁରନ୍ଧର। ଦଳ କିମ୍ବା ବ୍ୟକ୍ତିଗତ ସ୍ୱାର୍ଥ ଚରିତାର୍ଥ ଲାଗି ଜାତୀୟ ସ୍ୱାର୍ଥକୁ ଜଳାଞ୍ଜଳି ଦିଆଗଲେ ତାହା ଦେଶକୁ ରସାତଳକୁ ନେଇଯିବ। ବିମୁଦ୍ରୀକରଣ ଓ ବାଲାକୋଟ ଜନସାଧାରଣଙ୍କ ମନରେ ଦୀର୍ଘ ବର୍ଷ ତାଜା ରହିଲା ଭଳି ଦୁଇଟି ଦୃଷ୍ଟାନ୍ତ।

## ୨୫ ବର୍ଷ ତଳର ଧରିତ୍ରୀ

୧୨ ମାର୍ଚ୍ଚ ୧୯୯୪

- ରାଜ୍ୟଗୁଡ଼ିକରେ ରାଷ୍ଟ୍ରପତି ଶାସନ ବା କେନ୍ଦ୍ରୀୟ ଶାସନ ଜାରି କରିବା ପାଇଁ ରାଷ୍ଟ୍ରପତିଙ୍କୁ କେନ୍ଦ୍ର ମନ୍ତ୍ରିମଣ୍ଡଳ (କ୍ୟାବିନେଟ) ଯେଉଁ ପରାମର୍ଶ ଦେଇଛନ୍ତି ତାହାର ଗୋପନୀୟତାକୁ ସୁପ୍ରିମକୋର୍ଟ ଏକ ଐତିହାସିକ ରାୟ ବଳରେ ହଟାଇ ଦେଇଛନ୍ତି।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ମୁଖ୍ୟ ସାହେବ ଦେଓରାସଙ୍କ ଇସ୍ତଫା ପରେ ରାଜେନ୍ଦ୍ର ସିଂଙ୍କ ଆରଏସ୍‌ଏସ୍‌ର ମୁଖ୍ୟ ଭାବେ ଦାୟିତ୍ୱ ଗ୍ରହଣ।

## su | do | ku ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| B | | 2 | 4 | C | 5 | | 9 | | | 0 | E | | | |
| | | 3 | | 9 | | 4 | 8 | | | | | | | 6 |
| C | | | 6 | | 1 | | | | D | 4 | | | | 3 |
| 9 | 5 | A | | 7 | 8 | | 0 | 3 | | B | | | | |
| | | | | 2 | 3 | | | | 9 | | | | C | 7 |
| 5 | 6 | | | A | E | 8 | B | | | 2 | | | | 0 |
| | | | | 1 | 7 | C | | | | | | | | |
| | | | B | | | 3 | 4 | | | | | | | E |
| | | 4 | | 0 | | | 2 | 6 | | | | | | |
| | 0 | | C | | | | 5 | | 7 | 6 | | A | | |
| | D | | | | | | 1 | 5 | | | | | | |
| 8 | | B | | | | 9 | | A | | | | 3 | | |
| | | | | | B | 0 | 3 | 8 | | E | | 1 | 2 | |
| 1 | | | | E | 6 | | | | 4 | 9 | C | | D | |
| | E | | | | 2 | | 6 | | | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 7 | 1 | A | 0 | C | 5 | 9 | 6 | D | E | 3 | 8 | 4 | 2 | B |
| 6 | 4 | D | B | 8 | 2 | C | 7 | 3 | A | 1 | 5 | 0 | E | 9 |
| 5 | 9 | 2 | 3 | E | D | 1 | B | A | 0 | 4 | 7 | 6 | 8 | C |
| 0 | B | E | 7 | 6 | A | 5 | 4 | 8 | C | 2 | 9 | D | 1 | 3 |
| C | 3 | 8 | 9 | 1 | 4 | 0 | 2 | E | B | 6 | D | 5 | A | 7 |
| B | 8 | 0 | 4 | 7 | 3 | 2 | D | C | 5 | 9 | 1 | E | 6 | A |
| 1 | 7 | 6 | 8 | 2 | 0 | A | 3 | 9 | D | C | E | B | 5 | 4 |
| 9 | D | 4 | 1 | A | E | 8 | 5 | B | 6 | 0 | 3 | 7 | C | 2 |
| E | C | 5 | 6 | D | B | 4 | 1 | 7 | 2 | 8 | A | 9 | 3 | 0 |
| A | 2 | 3 | C | 5 | 9 | E | 0 | 6 | 4 | 7 | B | 1 | D | 8 |
| D | 6 | 1 | A | 9 | C | 7 | E | 0 | 8 | B | 2 | 3 | 4 | 5 |
| 8 | 0 | 9 | D | 3 | 7 | 6 | A | 4 | 1 | 5 | C | 2 | B | E |
| 3 | A | C | 2 | 4 | 1 | B | 9 | 5 | 7 | E | 6 | 8 | 0 | D |
| 2 | 5 | B | E | 0 | 8 | 3 | C | 1 | 9 | D | 4 | A | 7 | 6 |
| 4 | E | 7 | 5 | B | 6 | D | 8 | 2 | 3 | A | 0 | C | 9 | 1 |

ଗତକାଲିର ଉତ୍ତର

# ସତ ହଜିଯାଉଛି



ସହଦେବ ସାହୁ

ଉଦାରୀକରଣ ପରବର୍ତ୍ତୀ କାଳରେ ଆମେ ଆମେରିକାକୁ ଅନୁକରଣ କରିବାରେ ଲାଗିଛୁ। ସେଠାରେ ରାଜନେତାମାନେ ନିଜର ପଡିଆରା ବିକି ପୁଞ୍ଜିନିବେଶକାରୀଙ୍କୁ ସାହାଯ୍ୟ କରିଥାନ୍ତି। ଘର ବ୍ୟବହାର କଲେ ଯେପରି ଆମେ ଭଡ଼ା ଦେଇଥାଉ, ସରକାରୀ କାମ ହାସଲ ଲାଗି କମ୍ପାନୀ ମାଲିକମାନେ ନେତାର ଅନୁକମ୍ପା/ପ୍ରଭାବ ବ୍ୟବହାର କରିବାର ମୂଲ୍ୟ ଦେଇଥାନ୍ତି। ଏ ପ୍ରକାର ଦେବା ବ୍ୟବସ୍ଥାକୁ ଅର୍ଥନୀତିଜ୍ଞମାନେ ରେଣ୍ଟିଂ କହୁଛନ୍ତି। ଅର୍ଥନୀତି ଶାସ୍ତ୍ର ସବୁ କଥା ଲାଭକ୍ଷତିରେ ବିଚାର କରେ, ନୈତିକତା ଉପରେ ନୀରବ। ନିର୍ବାଚନୀ ଚାନ୍ଦା ବା ଅନ୍ୟପ୍ରକାରର ଲାଞ୍ଚ ନେତାମାନଙ୍କ ଅନୁକମ୍ପାର ଭଡ଼ା। ପାଟି କରିପାରୁଥିବା ବିରୋଧୀ ଦଳର ନେତା ଏବଂ ପାଟି କରୁଥିବା ମିଡିଆର ମାଲିକଙ୍କୁ ଚୁପ୍ କରିବାକୁ ଦିଆଯାଉଥିବା ଚାନ୍ଦା ବା ଲାଞ୍ଚ ବି ସେମାନଙ୍କ ଅନୁକମ୍ପାର ଭଡ଼ା। ଆମେରିକା ପରି ଏକ ଅଗ୍ରଗଣ୍ୟ ଦେଶର ଉଦାହରଣ ଆମେ କାହିଁକି ଗ୍ରହଣ ନ କରିବା? ଆଗକାଳରେ ଲାଞ୍ଚ ଲୁଚାଛପା ଥିଲା, ଏବେ ରାଜନୈତିକ ଚାନ୍ଦା ନାଁରେ ଖୋଲାଖୋଲି କାରବାର। ଆମ ଦେଶରେ ରେଣ୍ଟିଂ ଏଭଳି ସ୍ତରକୁ ଖସିଆସିଛି ଯେ ଶାସନ ହୁଗୁଳା ହୋଇପଡ଼ିଛି। ଆମେରିକାରେ ଛିଙ୍କ ହେଲେ ସରକାରୀ କଳ ବ୍ୟସ୍ତ ହୋଇପଡୁଛି, କିନ୍ତୁ ଆମ ଦେଶରେ କାଶ ହେଲେ ବି ଚଳିବ ବୋଲି ସରକାର କହୁଛି। ଟାଲ୍‌କମ୍ ପାଉଡର୍‌ରେ କର୍କଟକାରୀ ଆଜ୍‌ବେଷ୍ଟସ୍ ଗୁଣ୍ଡ ଓ ବେବି ଅଏଲ୍‌ରେ ରୋଗସୃଷ୍ଟିକାରୀ ଫର୍ମାଲଡିହାଇଡ୍ ମିଶିଥିବା ଧରାପଡ଼ିବାରୁ ଆମେରିକାରେ ଜନ୍‌ସନ୍ ଆଣ୍ଡ ଜନ୍‌ସନ୍ କମ୍ପାନୀ କୋଟି କୋଟି ଡଲାର କ୍ଷତିପୂରଣ ଦେଇଛି। ଏ ଖବର ଶୁଣି ଭାରତରେ ଚହଳ ପଡ଼ିଗଲା, କିନ୍ତୁ ଆମ ସରକାରୀ ପରୀକ୍ଷାଗାର ସାର୍ଟିଫିକେଟ ଦେଲା ଯେ, ଜେ ଆଣ୍ଡ ଜେ କମ୍ପାନୀର ବେବି ପାଉଡରରେ ଦୂଷିତ ଜିନିଷ ଅସହନୀୟ ମାତ୍ରାରେ ନାହିଁ। ଭାରତୀୟଙ୍କ ପାଇଁ ଜେ ଆଣ୍ଡ ଜେ କମ୍ପାନୀ କ’ଣ ଏତେ ଦରଦୀ! ନା ରେଣ୍ଟିଂର ଫଳ!

ଆମେରିକାରେ ଏବେ ପୋଷ୍ଟ-ଟ୍ରୁଥ୍ (ସତ୍ୟ-ପରବର୍ତ୍ତୀ) ଯୁଗ ଚାଲିଛି, ତା’ ଅନୁକରଣରେ ଆମ ଦେଶରେ ସତ୍ୟଯୁଗ ପରବର୍ତ୍ତୀ କଳିଯୁଗ ଆସିଗଲାଣି। ଏ ହେଉଛି ଅସତ୍ୟ ଓ ମିଥ୍ୟାର ରେଣ୍ଟିଂ ଓ ଡୋନେଶନ୍‌ର ଯୁଗ! ଉଦାରୀକରଣ ପରବର୍ତ୍ତୀ କାଳରେ ଆମେ ଆମେରିକାକୁ ଅନୁକରଣ କରିବାରେ ଲାଗିଛୁ। ତା’ ସାଙ୍ଗରେ ଗରିବଙ୍କ ଦୁଃଖ ହରଣ ଆଳରେ ଯେତେ ପ୍ରକାର ସମ୍ଭବ ଯୋଜନା କରୁଛୁ। ତହିଁରେ ଉପକାର ପାଇବା ଲାଗି ବିଭିନ୍ନ ସ୍ତରର ନିର୍ବାଚିତ ପ୍ରତିନିଧିଙ୍କ ସୁପାରିସ ଦରକାର; ଏ ତ ରେଣ୍ଟିଂ ବ୍ୟବସ୍ଥା। ବୋଫର୍ସ, ୱେଷ୍ଟଲାଣ୍ଡ ବା ରାଫାଲର ଲାଞ୍ଚ ଗନ୍ଧରେ ବୁଦ୍ଧିଜୀବୀମାନେ ସିନା ବ୍ୟସ୍ତ, କିନ୍ତୁ ସାଧାରଣ ଲୋକଟିଏ ଯେ ଗରିବୀ ସାର୍ଟିଫିକେଟ ପାଇବା ଲାଗି ଲାଞ୍ଚ ଦେଉଛି ଏବଂ ବିଭିନ୍ନ ସ୍କିମ୍‌ର ଫାଇଦା ପାଇବା ଲାଗି ରେଣ୍ଟିଂର ଶିକାର ହେଉଛି, ସେଥିପାଇଁ କେହି ବ୍ୟସ୍ତ ହେଉନାହାନ୍ତି। ଭୋଟରଙ୍କ ଭିତରୁ ୭୦ ପ୍ରତିଶତ ତ ଗରିବ, ତହିଁରୁ ପୁଣି ଅର୍ଦ୍ଧାଧିକ ଜାତିଆଣ, ସାମ୍ପ୍ରଦାୟିକ, ଧର୍ମୀୟ ତଥା ଭାଷାଭାଷୀ ଆଦି ରୋଗରେ ବିଷାଦଗ୍ରସ୍ତ, ସେମାନଙ୍କୁ ସରକାରୀ ରାଜକୋଷରୁ କିଛି ଟଙ୍କା ଓ ଆଉ କିଛି ମାଗଣା ରସିଦ ବାଣ୍ଟିଦେଲେ ସେମାନେ ଖୁସି, ଦୀର୍ଘସ୍ଥାୟୀ ଚିକିତ୍ସା କ’ଣ ଦରକାର? ଏଠି ତ ୫ ବର୍ଷ ହିଁ ଗୋଟିଏ ଗୋଟିଏ ଯୁଗ।

ନିର୍ବାଚନ ପାଖେଇ ଆସିଲେ ଏତେ ଘଟଣା ନଜରକୁ ଆସୁଛି, ଏତେ ସ୍କିମ୍ ଶାସକ ଦଳ କରୁଛି, ଏତେ ସ୍କିମ୍‌ର ସ୍ୱପ୍ନ ବିରୋଧୀ ଦଳ ଦେଖାଉଛନ୍ତି ଯେ, ଲୋକେ ସତ-ମିଛ ଯାଞ୍ଚ କରିବାକୁ ତର ପାଉନାହାନ୍ତି। ଲୋକେ ନେତାଙ୍କ ଭେଳିକି ଧରିପାରୁନାହାନ୍ତି। ଜୀବନ ଓ ଜାତିର ସମସ୍ୟା ସମାଧାନ ପାଇଁ ଏକ ଅସ୍ତ୍ର ରୂପେ ସତ୍ୟର ଯେଉଁ ଶକ୍ତି ଥିଲା ତାହା ଏବେ ନିସ୍ତେଜ ହୋଇଯାଉଛି। ‘ମିଛ’ କହିବା ମାନେ ଆମେ ଏକ ‘ସତ୍ୟ’ ଥିଲା ବୋଲି ମାନୁଛୁ, କିନ୍ତୁ ସତ୍ୟକୁ ଖୋଲିବାକୁ କେହି ଚାହୁଁନାହିଁ, ବରଂ ସତ୍ୟ ଉଦ୍‌ଘାଟନ କରିବାକୁ ଉଦ୍ୟମ କରୁଥିବା ଲୋକକୁ ନିର୍ଯାତନା ଦିଆଯାଉଛି, ଦରକାର ହେଲେ ଦୁନିଆରୁ ବିଦା କରିଦିଆଯାଉଛି। ପ୍ରମାଣ ନଷ୍ଟକରିବା ଲାଗି ଭଡ଼ାଟିଆ ନରଘାତକ, ସୁପାରି କିଲର ନିୟୋଜିତ କରାଯାଉଛି।

ରାଜନୀତିର ମାନେ କୌଣସି ମତେ ନିର୍ବାଚନ ଜିତିବା। ଏ ଏକ ଲଢେଇ, ତା’ର ରଣନୀତିରେ ଅଛି ଅର୍ଥ ପ୍ରଲୋଭନ, ବିରୋଧର ସ୍ୱରକୁ ଦବାଇବାରେ ଶାସନକଳର ପ୍ରୟୋଗ ଏବଂ ବଡ଼ିମାର ପ୍ରଚାର ଲାଗି କେବଳ ସରକାରୀ ଲୋକସମ୍ପର୍କ ବିଭାଗ ନୁହେଁ, ଘରୋଇ ଲୋକସମ୍ପର୍କ କମ୍ପାନୀ (ପିଆର୍ ଫାର୍ମ) ନିଯୁକ୍ତି। ନିଜେ କେତେ ଭଲ ଓ ଅନ୍ୟ ଦଳର ଦଳପତିମାନେ କେତେ ଖରାପ ତାହା ପ୍ରଚାର କରିବାରେ ଦଳର ନେତା ଖୁବ୍ ବ୍ୟସ୍ତ। କଳେବଳେ ମିଡିଆର ମାଲିକଙ୍କୁ ରାଜନୈତିକ ପଦବୀ ଦେଇ ବା ପ୍ରଚୁର ବିଜ୍ଞାପନ ଦେଇ ଅକ୍ତିଆର କରାଯାଉଛି, ପିଆର୍ ଫାର୍ମ ଲଗାଇ ଇଣ୍ଟରନେଟ ସେବା ଓ ସୋସିଆଲ ମିଡିଆକୁ ସତ୍ୟର ଅପଳାପରେ ନିଜପକ୍ଷରେ ବ୍ୟବହାର କରାଯାଉଛି। ଲୋକେ ଭାବନ୍ତି ନେତା ଜଣକ ଫେସ୍‌ବୁକ, ଟୁଇଟର୍ ଆଦିରେ ନିଜେ ଲେଖୁଛନ୍ତି। ସେମାନେ ଜାଣନ୍ତି ନାହିଁ ଯେ ଜଣେ ଅଧିକାରୀ ବା ଏକ ଲୋକସମ୍ପର୍କ କମ୍ପାନୀର ଅଧିକାରୀ ଏହା କରେ, ନେତାଙ୍କ ଇଂଲିଶ ଭାଷା ଏତେ ଅର୍ଥବ୍ୟଞ୍ଜକ ହୋଇପାରିବ କି? ଭଲ ଇଂଲିଶ ଲେଖିବା ପାଇଁ ଚିନ୍ତା କରିବାର ସମୟ ତାଙ୍କ ପାଖରେ ଅଛି କି? ଏହାପରେ ଅଛି ପେଡ୍ ନ୍ୟୁଜ୍ (କିଣା ଖବର)- ସାମ୍ବାଦିକଙ୍କୁ ପାରିଶ୍ରମିକ ଦେଇ ଖବର ଛପାଇବା, କଳାକାରଙ୍କୁ ପାରିଶ୍ରମିକ ଦେଇ ଶ୍ରାବ୍ୟ-ଦୃଶ୍ୟ ମାଧ୍ୟମରେ ପ୍ରଦର୍ଶନ କରାଇବା ଆଦି ପେଡ୍ ନ୍ୟୁଜରେ ଗଣାଯାଏ। ସରକାରୀ ଖର୍ଚ୍ଚରେ ମିଡିଆରେ ଓ ରାସ୍ତାଘାଟରେ ଆଖିଦୃଶିଆ ବିଜ୍ଞାପନ ଏବଂ ସରକାରୀ କଳ ବ୍ୟବହାର କରି ସଭାସମିତିକୁ ଲୋକ ବୋହିବା- ଜନମତକୁ ବିଭ୍ରାନ୍ତ କରିବାର ଅସାଧୁ ଉପାୟ।

ରାଜନୀତିରେ ଅସାଧୁତା କିଛି ନୂଆ କଥା ନୁହେଁ। ଏବେ ଚିନ୍ତାର କାରଣ ଅସାଧୁ ଆଚରଣ ଏପରି ମାରାତ୍ମକ ହେବାରେ ଲାଗିଛି ଯେ, ଲୋକେ ସତ କ’ଣ ଜାଣିପାରୁନାହାନ୍ତି। ରାହୁଲ ଗାନ୍ଧୀ ବା ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟରେ କେତେ ସତ କେତେ ମନଗଢ଼ା କାହାଣୀ ସେସବୁକୁ ବିଶ୍ଳେଷଣ କରି ସତ ବାହାର କରିବାର ଲୋକ ମିଳୁନାହାନ୍ତି। ଲୋକପ୍ରତିନିଧିମାନଙ୍କ ଆଚରଣ ଲୋକଛଡ଼ା ହେଉଛି, ନେତାଙ୍କ ମୁଖପାତ୍ର ଭଳି ହେଉଛି। ବିଧାନସଭା କି ଲୋକ ସଭାରେ ଥରୁଟିଏ କଥା ନ କହି ବି ସେମାନେ ଲୋକ ପ୍ରତିନିଧି ବୋଲାଉଛନ୍ତି। ମିଛ ପ୍ରତିଶ୍ରୁତି ଦେଇ ଆସିଥିବା ଲୋକ ଦିନେ ସତକୁ ପୂରାପୂରି ଛାଡି ଦେଇପାରେ। ଗୋଟିଏ ଉଦାହରଣ ଦେଖନ୍ତୁ ଏନ୍‌ଜିଓ ଶବ୍ଦ ବ୍ୟବହାର କରିବାରେ। ସ୍ୱେଚ୍ଛାସେବୀ ଅନୁଷ୍ଠାନ ବେସରକାରୀ ସ୍ତରରେ ବିକାଶ ଆଣିପାରିବେ ବୋଲି ୧୯୭୦ ଦଶକରେ ଜାତିସଂଘ ତା’ର ସଭ୍ୟ ରାଷ୍ଟ୍ରଗୁଡ଼ିକୁ ଏନ୍‌ଜିଓ ଗଢ଼ିବାରେ ପ୍ରୋତ୍ସାହନ ଦିଅନ୍ତୁ ବୋଲି ଘୋଷଣା କରିଥିଲେ। ଉଦ୍ଦେଶ୍ୟ ଥିଲା ଯେ ସରକାରୀ କଳ ବଜେଟର ଶତକଡା ୯୦ ଭାଗ ଦରମାରେ ଖର୍ଚ୍ଚ କରି ମାତ୍ର ୧୦ ଭାଗ କାମ କରୁଥିଲା ବେଳେ ଏନ୍‌ଜିଓମାନେ ବଜେଟର ଶତକଡା ୧୦ ଭାଗ ଦରମାରେ ଖର୍ଚ୍ଚ କରିବେ ବାକି ୯୦ ଭାଗ ଲୋକଙ୍କ ସେବାରେ ଖର୍ଚ୍ଚ କରିବେ। ଆମ ରାଜ୍ୟରେ ସରକାର ବି ଏନ୍‌ଜିଓ କାମ କରୁଛନ୍ତି ବୋଲି ଲୋକଙ୍କୁ ଜଣାଉଛନ୍ତି, ଏକ ଯୁବବାହିନୀ ତିଆରି କରୁଛନ୍ତି, ଖବରକାଗଜରେ ସରକାରୀ ବିଜ୍ଞାପନ ବାହାରୁଛି ‘ସମାବେଶ ସ୍ୱେଚ୍ଛାସେବାର ଉତ୍ସବ’। ସରକାରୀ ଦରମା ଏବଂ ସ୍ୱେଚ୍ଛାସେବା- ଏ ଦୁଇଟା ତ ପରସ୍ପରବିରୋଧୀ। ‘ଆଲିସ୍ ଇନ୍ ୱାଣ୍ଡରଲାଣ୍ଡ’ର ଆଲିସ୍ କହୁଥିଲା ନା ମୁଁ ଯାହା ମାନେ କରିବି ତାହା ହିଁ ମାନେ, ଆଭିଧାନିକ ଅର୍ଥ ନୁହେଁ। ରାଜନେତାମାନେ ସେମିତି କହୁଛନ୍ତି। ଦେଖନ୍ତୁ କିପରି ବିଭିନ୍ନ ସ୍କିମ୍‌ର ନାଁ ଯାହା ଦିଆଯାଇଛି ତାହା ଉଦ୍ଦେଶ୍ୟ ବୁଝାଉଛି କି? ଗରିବ ବୋଲି କାଗଜପତ୍ର ଯୋଗାଡ କରିପାରୁଥିବା ଲୋକ ହିଁ ଉପଭୋକ୍ତା ହୋଇପାରିବ। ମାଗଣା କିଛି ସାମଗ୍ରୀ କି ସେବା ହେଉ ବା ନଗଦ କୃଷି ଅନୁଦାନ ଟଙ୍କା ସବୁଥିରେ ଦଳର ନେତା ଓ କୁଜିନେତାମାନେ ଯେମିତି କିଛି ମାରି ପାରିବେ ସେଥିଲାଗି ସେମାନଙ୍କ ସୁପାରିସ ଦରକାର ବୋଲି କୁହାଯାଉଛି, ଏ ତ ଖୋଲାଖୋଲି ରେଣ୍ଟିଂ। ମାନବ ସମ୍ବଳ ନ ଥାଇ ସ୍କୁଲ, କଲେଜ କି ହସ୍ପିଟାଲ ଖୋଲିବା ମାନେ କେବଳ ନିର୍ମାଣ କାର୍ଯ୍ୟରୁ ପିସି ଉଠାଇବା। ନୂଆ ନୂଆ ଯୋଜନା ଏପରି ତିଆରି ହେଉଛି ଯେପରି ଦଳର ଲୋକେ ମାଲାମାଲ ହୋଇପାରିବେ। ତେଣୁ ସତ କହିବା ଦରକାର ପଡୁନାହିଁ। ସତ ହେଲା ଭୋଟ କିଣିବା, ଦେଶର ଭବିଷ୍ୟତ ଅଭିବୃଦ୍ଧି ନୁହେଁ। ବର୍ତ୍ତମାନ ବ୍ୟକ୍ତିକୁ ଦୈନିକ କିଛି ଦେଇ ବଶୀଭୂତ କରିବା ଏକମାତ୍ର ସତ୍ୟ, ସମାଜର ହିତ ବା ଦେଶର ଦୀର୍ଘକାଳୀନ ସାମୂହିକ ବିକାଶ ମିଛ। ଯିଏ ଏବେ ସରକାରୀ ଖର୍ଚ୍ଚରେ ବଞ୍ଚୁଛି ସିଏ କେବେ ନିଜେ ରୋଜଗାର କରିବାକୁ କାମ ଖୋଜିବ କି? ଦେଶର ଅଭିବୃଦ୍ଧିରେ ଗଣାହେବା ରୋଜଗାରୀ କାମ ନ କରିବ ତ ଜିଡିପି କେମିତି ବଢ଼ିବ? ଏ ସତ୍ୟର ସାମ୍ନା କରିବାକୁ ନେତାମାନେ ପ୍ରସ୍ତୁତ କେବେ ହେବେ?

ଆମ ରାଜ୍ୟରେ ତ ମୋଟରେ ୯୭ ଲକ୍ଷ ପରିବାର! ଗରିବ ସଂଖ୍ୟା ତ ୯୫ ଲକ୍ଷ ପରିବାରରୁ ବେଶି ହେବେନି; ଏହାର ଅର୍ଥ ଗୋଟିଏ ଗୋଟିଏ ପରିବାର ଏକାଧିକ ସୁବିଧା ପାଉଛନ୍ତି, ରେଣ୍ଟିଂ ଦେଇପାରୁ ନ ଥିବା ପରିବାର ଗରିବତର ହେଉଛି। ସରକାର ଯେତେ ସ୍କିମ୍ କଲେଣି ଶାସକ ଦଳର ଟାଣୁଆ ନେତାଏ ବି ମନେ ରଖିପାରୁନାହାନ୍ତି। ତହିଁରୁ ପ୍ରତି ସ୍କିମ୍‌ରେ ୨ କି ୫ କି ୨୦ ଲକ୍ଷ ପରିବାର ଲାଭବାନ ହେଉଛନ୍ତି ବୋଲି ବିଜ୍ଞାପନ ବାହାରୁଛି, ସବୁ ମିଶିଲେ ତ ଉପଭୋକ୍ତାଙ୍କ ସଂଖ୍ୟା ଦୁଇ ତିନି କୋଟି ହୋଇଯିବ। ଯେଉଁ ସତ ହଜିଯାଉଛି ତାକୁ ଖୋଜିବାର ବେଳ କେବେ ମିଳିବ?

ଇ-ମେଲ୍: sahadevas@yahoo.com

# ହୁସିଆର, ବାଘ ମାତିଛି



ଡ. ଗୌରହରି ରାଉତ

ହୁସିଆର ନଗ୍ରଜନେ! ବାଘ ମାତିଛି। ଭୂଇଁରେ ଲାଞ୍ଜ ପିଟି ହେଣ୍ଟାଳ ଛାଡୁଛି। ଖୋଜୁଛି ଶିକାର- ମଣିଷ ଶିକାର। ତମେ ତାକୁ ଦେଖିଛ ପାଖରେ, ପାଚେରି ଉପରେ, ବାଡିବାଗାନାରେ। ହେଣ୍ଟାଳ ଛାଡି କୁଦିପଡୁଛି ଏ ପାଖରୁ ସେ ପାଖକୁ- ତୁମ ଆଖିରୁ ନିଦ ହଜେଇ ନିଡରରେ ବୁଲୁଛି ନିଶାର୍ଦ୍ଧରେ ତୁମ ଏ ନଗରରେ। କେତେଥର ଦେଖିଛ ସିସିଟିଭିରେ। କାତର ହୋଇ କେତେ ଯୋଜନା କରିଛ ତାକୁ ଧରିବାକୁ। କାବୁ କରିବାକୁ ବିଶେଷଜ୍ଞ, ବନବିଭାଗ ତତ୍ପର। ଶେଷରେ ବାଘ ଧରାପଡିଲା ଯନ୍ତାରେ। ଆଉ ତୁମେ ଏଇ ସଫଳତାରେ ନିଜ ବାହାଦୁରିର ବିଜୟ ବୈଜୟନ୍ତ ଉଡ଼େଇ ଦେଖାଉଛ ପୁରୁଷପଣିଆ। କହୁଛ- ଦେଖ, ମଣିଷ ଶିକାର ଖୋଜୁଥିବା ବାଘ ଏବେ ଆମ ଅକ୍ତିଆରରେ।

ହୁସିଆର ନଗ୍ରଜନେ! ବାଘ ମାତିଛି। ଏ ବାଘ ବୁଲୁଛନ୍ତି ରାତିରେ, ଦିନରେ ନଗରରେ। ଯୌନଲିପ୍‌ସୁ ଏମାନେ ଖୋଜି ଚାଲିଛନ୍ତି ଶିକାର- ନାରୀ ଦେହର ଶିକାର। ଏଇ ବାଘପଲ ଶିକାର ପାଇଁ ଧରୁଛନ୍ତି ବିଭିନ୍ନ ବେଶ। କେବେ ଶିକାର କରୁଛନ୍ତି ଏକା ଏକା- କେବେ ସାଥୀ ସହୋଦର ସହ ମିଳିତଭାବେ। ରକ୍ତରଞ୍ଜିତ କରି ଖିନ୍‌ଭିନ୍ କରୁଛନ୍ତି ନିରୋଳା ଡୋଟାରେ, ନଈପଠା, ଶୂନ୍‌ଶାନ୍ ପରିତ୍ୟକ୍ତ କୋଠା-ମଠରେ, ହାଟରେ, ଗୋଠରେ- ସବୁ ଜାଗାରେ। ତମେ ସେମାନଙ୍କ ପାଇଁ ଯେତେ ସିସିଟିଭି ଲଗାଅ-ଯେତେ ଯନ୍ତା ଅଥବା ଫାଶ ବସାଅ, ସବୁ ଫେଲ୍ ମାରୁଛି। ଏଠି ଯଦି ଅକସ୍ମାତ୍ ଗୋଟିଏ ଧରପଡିଲା ତ ସେଠି ହେଣ୍ଟାଳ ଛାଡି ଭୂଇଁରେ ଲାଞ୍ଜ ପିଟୁଛି ଆଉ ଏକ ମାଂସଲୋଭୀ ବାଘ। ରାତିରେ, ଦିନରେ ଶିଶୁକନ୍ୟା, କିଶୋରୀ କନ୍ୟା, ଝିଅବୋହୂ ତୁମର ସୁରକ୍ଷିତ ତ ଏ ନଗ୍ରରେ? ସେଦିନ ଯନ୍ତା ବସେଇ ଯେଉଁ ବାଘକୁ କାବୁ କରିଥିଲ- ତା’ର ଦି’ଟା ରୂପ ନ ଥିଲା, ସେଥିପାଇଁ ସିସିଟିଭି ଫୁଟେଜ୍‌ରେ ତାକୁ ଚିହ୍ନିଲ। କିନ୍ତୁ ଏ ବହୁରୂପୀ ବାଘମାନଙ୍କୁ କିପରି ଚିହ୍ନିବ?

ହୁସିଆର! ବାଘ ମାତିଛନ୍ତି- ବହୁରୂପୀ ବାଘ। ମଉସା ମଉସା କହି ମୁଣ୍ଡ ମୋଡୁଥିବା ବାଘ। ବେଳକାଳ ଉଣ୍ଡି ଘରେ ପଶି କଳାକନା ବୁଲାଇ ଶେଷରେ ତଣ୍ଟିକଣା କରି ଜୀବନ ନେଉଥିବା ବାଘ ଏମାନେ। ଏ ଠାଉରିଆ ବାଘମାନେ କେଉଁ ଯନ୍ତା ବା ଫାଶରେ ପଡିବେ? ପାଖରେ ବସି ପ୍ରୀତି ବଢ଼ାଇ ପରମ ଶତ୍ରୁ ସାଜନ୍ତି ଏମାନେ। ତାଙ୍କ ପ୍ରୀତିର ଭାଷା ବୁଝିଲା ବେଳକୁ ନେଡିଗୁଡ଼ କହୁଣିକୁ ବୋହି ସାରିଥାଏ। ସେତେବେଳକୁ ଏକା କୁଦାରେ ବାଘ ମାରିଥାନ୍ତି ଚମ୍ପଟ। ନଗ୍ରଜନେ, ଏମାନେ ତ ଯାହା ନେବାର କଥା ନେଲେ, ହେଲେ ଶେଷକୁ ନରଖାଦକ ସାଜି ସଂସାର ଉଜାଡି ଦେଉଛନ୍ତି। ବିଭିନ୍ନ ବାଗରେ, ବିଭିନ୍ନ ଢଙ୍ଗରେ ଆକ୍ରମଣ କରନ୍ତି ଏମାନେ ଓ କିଛି ବିପଦର ସୁରାକ୍ ପାଇଲେ ଘାଇଲା କରି ଖସିପଳାନ୍ତି। ଏମାନଙ୍କର ନଜର- ଘରର ଅର୍ଥ, ଅଳଙ୍କାର ଉପରେ। ସେ ଜଙ୍ଗଲୀ ବାଘକୁ ଯନ୍ତାରେ ଧରି ତମେ ବାହୁସ୍ଫୋଟ ମାରିଲ, ହେଲେ ତମ ଚାରିପାଖରେ ବୁଲୁଥିବା ଏ ଛଦ୍ମବେଶୀ ବାଘମାନଙ୍କୁ ଧରିବାର ଉପାୟ କ’ଣ?

ତମ ଯନ୍ତାରେ ଧରାପଡିଥିବା ସେ ବାଘର ବା ଦୋଷ କ’ଣ ଥିଲା? ମାଂସ ଖାଇବା ତ ତା’ର ସ୍ୱଭାବ... ଜଙ୍ଗଲରେ ମୁକ୍ତ ଭାବରେ ବିଚରଣ କରିବା ତା’ର ନୀତି। ହୁଏ ତ ତମ ସହରକୁ ସେ ଅଜାଣତରେ କୁଦି ପଡ଼ିଥିଲା, ସେଥିପାଇଁ ତମ ଆଖିରୁ ନିଦ ହଜିଗଲା... ଧରିନେଲ ତା’କୁ କାଇଦାରେ। ହେଲେ ତା’ ଚରାଭୂଇଁକୁ ତମେ ମଣିଷମାନେ କିଆଁ ଦଖଲ କରୁଛ? ତମେ ତା’ ବାସସ୍ଥଳୀକୁ ନଷ୍ଟଭ୍ରଷ୍ଟ କରି ନିଜ ବାସସ୍ଥଳୀ ବନାଇଲେ ସେ ତ ଧାଇଁବ ଆଡେ ସାଡେ... ଡେଇଁବ ତମ ପାଚେରିରୁ ପାଚେରିକୁ, ବୁଲିବ ତମ ବାଡିବାଗାନାରେ। ତା’ ବାସସ୍ଥଳୀକୁ ତମେ ଅନଧିକାର ପ୍ରବେଶ କଲେ ସେ ଆସିବ ତମ ସହରକୁ। ଏଥିରେ ତମ ଆଖିରୁ ନିଦ ହଜୁଛି କିଆଁ? ହୋ ନଗ୍ରଜନେ, ଆତ୍ମସମୀକ୍ଷା କର।

ତମରି ଭିତରେ ଯେଉଁ ନରଖାଦକମାନେ ବୁଲୁଛନ୍ତି- ସେମାନଙ୍କୁ କାବୁ କରିବାର କୌଶଳ ଆପଣାଅ। ମୁଖାପିନ୍ଧା ବାଘମାନେ ପ୍ରତିଦିନ ଆତଙ୍କ ଖେଳାଇ ସତର୍କତାର ସହିତ ଖସିଯାଉଛନ୍ତି- ସେମାନଙ୍କ ପାଇଁ ତିଆରି କଲ ଯନ୍ତା। ଯୌନଲିପ୍‌ସୁ ବାଘ, ରକ୍ତରେ ହୋରି ଖେଳୁଥିବା ବାଘ, ଦିନ ଦ୍ୱି’ପ୍ରହରରେ ଆଖିଦେଖେଇ ଦୋକାନ, ମଲ୍, ବ୍ୟାଙ୍କ୍‌ରୁ ଲୁଟୁଥିବା ବାଘ, ବେକରୁ, କାନରୁ ଗହଣା ଝାମ୍ପୁଥିବା ବାଘ, ଏଟିଏମ୍‌ରୁ ଅର୍ଥ ହଡପ କରୁଥିବା ବାଘ- ଏମାନଙ୍କ ଦୌରାତ୍ମ୍ୟରେ ନଗରଟା ଜଙ୍ଗଲ ପାଲଟିଗଲାଣି। ପଶୁରାଜର ହୁଙ୍କାରରେ ଭୀତତ୍ରସ୍ତ ନଗ୍ରବାସୀ। ଛାୟାସ୍ନିଗ୍ଧ ଘଞ୍ଚ ଜଙ୍ଗଲରେ ଅସଲି ବାଘ ସିନା ବିଚରଣ କରେ, ହେଲେ ଏଠି ଏ କଂକ୍ରିଟ୍ ଜଙ୍ଗଲରେ ମାତିଛନ୍ତି ବହୁରୂପୀ ବାଘ।

ତେଣୁ ହେ ବାଘଶିକାରୀ, ତମ ଯନ୍ତାରେ ପଡିଥିବା ସେ ବାଘକୁ ଦେଖି ଆଉ ନିଶରେ ହାତ ମାରନି, ଏଠି ହାଉଜାଉ ହେଉଥିବା ସହରୀ ବାଘମାନଙ୍କୁ କାବୁ କର ଯନ୍ତାରେ, ଫାଶରେ ଅବା ଟ୍ରାଙ୍କୁଲାଇଜରରେ।

ମୋ-୮୭୬୩୮୫୩୨୪୪

## ଏଇ ଭାରତରେ

ଯୌତୁକ ପ୍ରଥା ସମାଜର କଳଙ୍କ। ଏହା ଦୂର ନ ହେବା ଯାଏ କେତେ ନବବଧୂ ଯୌତୁକ ଜୁଇରେ ଜୀବନ ହାରୁଥିବେ। ବରଘର ପକ୍ଷରୁ ଅଧିକ ଯୌତୁକ ପାଇଁ ଦାବି କରାଯାଉଛି। ମନ ମୁତାବକ ଯୌତୁକ ନ ଦେଲେ ନବବଧୂକୁ ନିର୍ଯାତନା ଦିଆଯାଉଛି। ପରିସ୍ଥିତି ଏପରି ହେଉଛି ଯେ, ବଧୂହତ୍ୟା ଭଳି ଘଟଣା ଘଟୁଛି। କିନ୍ତୁ ଏ କ୍ଷେତ୍ରରେ ରାଜସ୍ଥାନ ଯୋଧନଗରସ୍ଥିତ କାକୋଣୀ ଗାଁର କଥା ନିଆରା। ଏହି ଗାଁରେ ଜଣେ ବର ତଥା ବରପିତା କନ୍ୟାଘର ପକ୍ଷରୁ ଦିଆଯାଇଥିବା ୧୧ଲକ୍ଷ ୨୫ ହଜାର ଟଙ୍କା ନେବାକୁ ମନା କରିଦେଇଛନ୍ତି। ତାଙ୍କର ଶିକ୍ଷିତ ତଥା ସଂସ୍କାରୀ ବୋହୂ ଆବଶ୍ୟକ ବୋଲି ସେମାନେ କହିଥିଲେ। ନରତ୍ତତ ସିଂ ଭଟ୍ଟିଙ୍କ ପୁତ୍ର ରାଜେନ୍ଦ୍ର ସିଂଙ୍କ ବିବାହ ଆନନ୍ଦ ସିଂ ଚମ୍ପାୱତ୍‌ଙ୍କ ଝିଅ ସହିତ ହେଉଥିଲା। ବରଯାତ୍ରୀ ପହଞ୍ଚିବା ପରେ ଆନନ୍ଦ ସିଂ ଉପହାର ସ୍ୱରୂପ ଯୌତୁକ ବାବଦ ଟଙ୍କା ପ୍ରଦାନ କରିଥିଲେ। ତେବେ ଏହାକୁ ବର ଏବଂ ବରପିତା ନେବାକୁ ମନା କରିଥିଲେ। ଏହା ସହିତ ଯୌତୁକରେ ଦିଆଯାଉଥିବା ଅନ୍ୟାନ୍ୟ ସାମଗ୍ରୀ ନେବାକୁ ମଧ୍ୟ ବରଘର ମନା କରିଥିଲେ। ସୋସିଆଲ ମିଡିଆରେ ଏହି ବିବାହ ଏବେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ନୀରସ ଧରଣୀ ବସେ ଚାହିଁ ଯଥା ବରଷା ଆଶାରେ
ପ୍ରକାଶିବ ଛନ୍ଦ ତା’ର ପଲ୍ଲବିତ କୁସୁମ-ଭାଷାରେ
ଛନ୍ଦହୀନ ରମଣୀର ଅପ୍ରକାଶ ପ୍ରାଣ
ଅକାରଣ ଭଜେ ମ୍ରିୟମାଣ।
ନୁହେ ନୁହେ ଅକାରଣ ଅର୍ଦ୍ଧସ୍ଫୁଟ ଆହତ ମଞ୍ଜରୀ
ଅପ୍ରକାଶ ବାଣୀ ଯେତେ ମିଳାଇଛି, ହୋଇନାହିଁ ଧରି
ପ୍ରତି ଅଣୁ ପରମାଣୁ ନୋହେ ଅକାରଣ,
କୋଟି କୋଟି ଜୀବନ ମରଣ।

(ସୃଜନ ବ୍ୟଥା)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଖାକିରେ କଳଙ୍କ

ମହାଶୟ,

ପ୍ରତିଦିନ ଖବରକାଗଜ ପୃଷ୍ଠା ମଣ୍ଡନ କରୁଛି ଅପହରଣ, ବଳାତ୍କାର ଓ ହତ୍ୟା ଭଳି ଜଘନ୍ୟ ଅପରାଧ ଖବର। ଜନସାଧାରଣଙ୍କ ଧନ, ସମ୍ପତ୍ତି ଓ ଜୀବନର ସୁରକ୍ଷା ଭାର ପୋଲିସ ବିଭାଗ ହାତରେ। ଯଦି ରକ୍ଷକ ହୋଇ ଭକ୍ଷକ ସାଜିବ ପୋଲିସ, ତେବେ ଗୁହାରି କରିବା କାହାକୁ। ଆଗରୁ ଏମିତି କେତେକ ପୋଲିସ ଅଧିକାରୀ ବଳାତ୍କାର ମାମଲାରେ ଜଡ଼ିତ ହୋଇ ଦଣ୍ଡିତ ହୋଇସାରିଛନ୍ତି। ତଥାପି ଅପରାଧ ବଢ଼ି ବଢ଼ି ଚାଲିଛି। ସଦ୍ୟ ବରଗଡ଼ ଜିଲା ମେଳଛାମୁଣ୍ଡା ଥାନା ଅଞ୍ଚଳର ଜଣେ ଦଶମ ଶ୍ରେଣୀର ଛାତ୍ରୀଙ୍କୁ ଅପହରଣ ପରେ ବଳାତ୍କାର କରାଯାଇଛି। ଏହି ଘଟଣାରେ ଜଣେ ଯୁବକ ଓ ସୋହେଲା ଥାନାର ଜଣେ ପୋଲିସ ଏଏସ୍‌ଆଇ ସମ୍ପୃକ୍ତ। ଏହା ପୋଲିସ ବିଭାଗ ପାଇଁ ଲଜ୍ଜାର କଥା ଓ ପୋଲିସ ପୋଷାକରେ କଳଙ୍କର ଦାଗ। ତେଣୁ ତଦନ୍ତ ପରେ ଅଭିଯୁକ୍ତଙ୍କୁ କଠୋର ଦଣ୍ଡରେ ଦଣ୍ଡିତ କରାଯିବା ବିଧେୟ।

ଭଗବାନ ଦାସ, ହରିନିବାସ, ନାରାୟଣପୁର, କେନ୍ଦ୍ରାପଡ଼ା

### ଯୌନଶିକ୍ଷା ବନାମ ସ୍ୱାସ୍ଥ୍ୟଶିକ୍ଷା

ସମ୍ପ୍ରତି ପ୍ରାୟ ପ୍ରତ୍ୟେକ ଦିନ ରାଜ୍ୟର କୌଣସି ନା କୌଣସି ସ୍ଥାନରେ ଜଣେ କିଶୋରୀ ଅଥବା ଶିଶୁକନ୍ୟାକୁ ବଳାତ୍କାର କିମ୍ବା ସ୍କୁଲଛାତ୍ରୀ ସନ୍ତାନ ପ୍ରସବ କରିବା ଖବର ପ୍ରକାଶ ପାଉଛି। କିଛିବର୍ଷ ତଳେ ‘ଏଡ୍‌ସ’ ସମ୍ବନ୍ଧରେ ସଚେତନତା ଲାଗି ବିଦ୍ୟାଳୟରେ ଯୌନଶିକ୍ଷା ଦେବାକୁ ପ୍ରସ୍ତାବ ଆସିଥିଲା। ଅନେକ ବୁଦ୍ଧିଜୀବୀ ଓ ସମାଜସେବୀ ତାକୁ ବିରୋଧ କରିଥିଲେ। ଆଜି ନେଡିଗୁଡ କହୁଣିକୁ ବୋହିଗଲାଣି। ଏହାକୁ ଯୌନଶିକ୍ଷା ନ କହି ସ୍ୱାସ୍ଥ୍ୟଶିକ୍ଷା କୁହାଯାଇପାରେ। ଡାକ୍ତର ଓ ମହିଳା ସ୍ୱାସ୍ଥ୍ୟ ପରାମର୍ଶଦାତାମାନେ ଏ ଦାୟିତ୍ୱ ନେଇପାରିବେ। ରାଜ୍ୟରେ ସ୍କୁଲ ସ୍ତରରେ ସ୍ୱାସ୍ଥ୍ୟ ତଥା ଯୌନଶିକ୍ଷାର ପ୍ରଚଳନ କରାଯିବା ଉଚିତ।

ଡା. ଦେବଦତ୍ତ ମିଶ୍ର, ରେଡକ୍ରସ ରୋଡ, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ୨ ଏମ୍‌ପି, ଜଣେ ମନ୍ତ୍ରୀ

**ଭୁବନେଶ୍ୱର,୧୧।୩ (ବ୍ୟୁରୋ):** ନିର୍ବାଚନୀ ଘୋଷଣା ହେବାର ଦିନକ ପରେ ମାଲମାଲ ଟିକେଟ ଆଶାୟୀ ନବୀନ ନିବାସଠାରେ ପହଞ୍ଚିଥିବା ଦେଖିବାକୁ ମିଳିଥିଲା। ସକାଳ ସମୟରେ ବିଭିନ୍ନ ଜିଲାର ନେତ୍ରୀ, ନେତାଙ୍କ ସମେତ ଆହୁରି କେତେଜଣ ନିର୍ବାଚନୀ ପ୍ରତିନିଧି ଡେରା ପକାଇଥିଲେ। ଦିନବେଳା ବହୁ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟିବାପରେ ସନ୍ଧ୍ୟାରେ ପୁଣି ଦଳେ ନେତା ଯାଇ ପହଞ୍ଚିଥିଲେ। ସନ୍ଧ୍ୟା ସମୟରେ ରାଜ୍ୟସଭା ଏମ୍‌ପି ଏନ୍ ଭାସ୍କର ରାଓ, ମନ୍ତ୍ରୀ ରମେଶ ମାଝୀ ଏବଂ କୋରାପୁଟ ଏମ୍‌ପି ଝିନ୍ନ ହିକ୍କା ନବୀନ ନିବାସଠାରେ ପହଞ୍ଚିଥିଲେ। ଏମାନଙ୍କ ସହ ବ୍ରହ୍ମଗିରୀ ବିଧାୟକ ସଞ୍ଜୟ ଦାସ ବର୍ମା ମଧ ଯାଇଥିଲେ। ଅନ୍ୟପଟେ ନବୀନ ନିବାସ ଆସିବା ପୂର୍ବରୁ ସଞ୍ଜୟଙ୍କ ନେତୃତ୍ୱରେ ଏକ ବୈଠକ ବସିଥିବା ଜଣାପଡିଛି।

## ▪ ସରକାରଙ୍କୁ ଚେତାଇଥିଲା ଆର୍‌ବିଆଇ

# କଳା ଟଙ୍କା ରୋକିପାରିବନି ବିମୁଦ୍ରୀକରଣ

**ନୂଆଦିଲ୍ଲୀ,୧୧।୩**

ବିମୁଦ୍ରୀକରଣ ଲାଗୁ ହେଲେ ସ୍ୱଳ୍ପ ମିଆଦି ଭିତ୍ତିରେ ଅର୍ଥନୀତି ଉପରେ କ'ଣ ପ୍ରଭାବ ପଡିବ ସେ ନେଇ ଭାରତୀୟ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ବୋର୍ଡ ଏହା ଲାଗୁ ହେବା ପୂର୍ବରୁ କେନ୍ଦ୍ର ସରକାରଙ୍କୁ ଚେତାଇଥିଲା। ସେହିଭଳି ଏହା ଦେଶରେ କଳା ଟଙ୍କା କାରବାର ଉପରେ ପ୍ରତିବନ୍ଧକ ଲଗାଇବାରେ ସଫଳ ହେବ ନାହିଁ ବୋଲି ବୋର୍ଡ କହିଥିଲା। ସୂଚନା ଅଧିକାରୀ ଆଇନ(ଆର୍‌ଟିଆଇ)ରେ ମଗାଯାଇଥିବା ତଥ୍ୟରୁ ଏହା ଜଣାପଡ଼ିଛି। ୨୦୧୬ ନଭେମ୍ବର ୮ରେ ସରକାର ବିମୁଦ୍ରୀକରଣ ଘୋଷଣା କରି ୨ଟି ବଡ ନୋଟକୁ ଅଚଳ କରିଦେଲେ। ପ୍ରଧାନମନ୍ତ୍ରୀ ଦେଶବାସୀଙ୍କୁ ଏହି ଘୋଷଣା କରିବାର ଅଢେଇ ଘଣ୍ଟା ପୂର୍ବରୁ କେନ୍ଦ୍ରୀୟ ବ୍ୟାଙ୍କର ଗୁରୁତ୍ୱପୂର୍ଣ୍ଣ ବୈଠକ ବସିଥିଲା ବୋଲି ତଥ୍ୟରୁ ଏହା ସାମ୍ନାକୁ ଆସିଛି। କଳା ଟଙ୍କା ଉପରେ ରୋକ ଲଗାଇବା ଲାଗି ସରକାର ଏଭଳି ଏକ ଘୋଷଣା କରିଥିଲେ। ଫଳରେ ୮୬% ୫୦୦ ଏବଂ ୧୦୦୦ ଟଙ୍କିଆ ଅଚଳ ହୋଇଯାଇଥିଲା।

ବିମୁଦ୍ରୀକରଣ ଲାଗୁ କରିବା ନେଇ କେନ୍ଦ୍ର ସରକାର ଦେଇଥିବା ଅନୁରୋଧକୁ ଏହି ଗୁରୁତ୍ୱପୂର୍ଣ୍ଣ ବୋର୍ଡ ବୈଠକରେ ମଞ୍ଜୁରୀ ଦିଆଯାଇଥିଲା। ବୈଠକରେ ଆର୍‌ବିଆଇ ଗଭର୍ନର ଉର୍ଜିତ ପଟେଲ, ବର୍ତ୍ତମାନ ଗଭର୍ନର ତଥା ସେତେବେଳେ ଅର୍ଥନୈତିକ ବ୍ୟାପାର ସଚିବ ଥିବା ଶକ୍ତିକାନ୍ତ ଦାସ ମଧ ଉପସ୍ଥିତ ଥିଲେ। ଏହାବାଦ ଆର୍ଥିକ ସେବା ସଚିବ ଅଞ୍ଜୁଳି ଛିବ୍ ଦୁଗଲ, ଆର୍‌ବିଆଇ ଡେପୁଟି ଗଭର୍ନର ଆର୍.ଗାନ୍ଧୀ, ଏସ୍.ଏସ୍. ମୁନ୍ଦ୍ରା ମଧ ବୈଠକରେ ଅଂଶଗ୍ରହଣ କରିଥିଲେ। ଗାନ୍ଧୀ ଏବଂ ମୁନ୍ଦ୍ରା ବର୍ତ୍ତମାନ ବୋର୍ଡରେ ନାହାନ୍ତି। ଶକ୍ତିକାନ୍ତ ଦାସ ଡିସେମ୍ବର ୨୦୧୮ରେ କେନ୍ଦ୍ରୀୟ ବ୍ୟାଙ୍କ ଗଭର୍ନର ଦାୟିତ୍ୱଭାର ସମ୍ଭାଳିଛନ୍ତି। ବିମୁଦ୍ରୀକରଣକୁ ବିଭିନ୍ନ ମହଲରୁ ସମାଲୋଚନା କରାଯାଇଥିବା ବେଳେ ଅନ୍ୟ କେତେକ ଏହାକୁ ସ୍ୱାଗତ କରିଛନ୍ତି। ଏହା ଜିଡ଼ିପି ଉପରେ ନକାରାତ୍ମକ ପ୍ରଭାବ ପକାଇଥିବା ଆର୍‌ଟିଆଇ କର୍ମୀ ଭେଙ୍କଟେଶ ନାୟକ କମନ୍ ୱେଲ୍‌ଥ ହ୍ୟୁମାନ ରାଇଟ୍‌ସ ଇନିସିଏଟିଭ ନାମକ ଏକ ୱେବ୍‌ସାଇଟରେ ପୋଷ୍ଟ କରିଛନ୍ତି।

ଅଧିକାଂଶ କଳାଟଙ୍କା ନଗଦ ଆକାରରେ ନ ଥିବା ବେଳେ ଏହା ରିୟଲ ଇଷ୍ଟେଟ ସମ୍ପତ୍ତି, ସୁନା ଆକାରରେ ରହିଛି। ଏଣୁ ବିମୁଦ୍ରୀକରଣ ବିଶେଷ ଫାଇଦା ଦେବନି ବୋଲି ନୂଆଦିଲ୍ଲୀରେ ହୋଇଥିବା ବୋର୍ଡ ବୈଠକରେ କୁହାଯାଇଥିଲା। ପ୍ରଚଳନରେ ଥିବା ନୋଟ ମଧ୍ୟରୁ ଅତି ନଗଣ୍ୟ ଅଂଶ କଳାଧନ ହୋଇଥିବାରୁ ବିମୁଦ୍ରୀକରଣ ଭଳି ବଡ ପଦକ୍ଷେପ ଲାଗୁ କରିବା ଉଚିତ ହେବ ନାହିଁ ବୋଲି ସେହି ସମୟରେ କୁହାଯାଇଥିଲା। ବିମୁଦ୍ରୀକରଣ ଘୋଷଣା ହେବା ଦିନ ୧୫.୪୧ ଲକ୍ଷ କୋଟି ୫୦୦ ଏବଂ ୧୦୦୦ ଟଙ୍କିଆ ନୋଟ୍ ରହିଥିଲା। ସରକାର ଦେଇଥିବା ୫୦ ଦିନିଆ ୱିଣ୍ଡୋରେ ବ୍ୟାଙ୍କ ବ୍ୟବସ୍ଥାକୁ ୧୫.୩୧ ଲକ୍ଷ କୋଟି ଟଙ୍କା ଫେରି ଆସିଥିଲା। ମାତ୍ର ୧୦,୭୨୦ କୋଟି ଟଙ୍କା ଅଚଳ ନୋଟ ବ୍ୟାଙ୍କ ବ୍ୟବସ୍ଥାକୁ ଫେରି ନ ଥିଲା। ବ୍ୟାଙ୍କରେ ଜମା କରାଯାଇଥିବା ୯୯.୯% ନୋଟ ସରକାରଙ୍କ କଳାଟଙ୍କା ବିରୋଧୀ ପଦକ୍ଷେପ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ବିମୁଦ୍ରୀକରଣକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଥିଲେ ମଧ ଏହା ଅର୍ଥନୀତିକୁ ବିଶେଷ କ୍ଷତି ପହଞ୍ଚାଇ ନ ଥିବା ସରକାର ସବୁ ବେଳେ କହି ଆସିଛନ୍ତି। ୟୁଟିଲିଟି ବିଲ୍‌ରେ କେତେ ପରିମାଣର ଅଚଳ ନୋଟ ବ୍ୟବହାର ହୋଇଛି ତାର ଉତ୍ତର ମଧ ଆରବିଆଇ ନିକଟରେ ନାହିଁ।

# ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା

- ଗାଡ଼ି ଯୋଗାଇ ଦେବାକୁ ଜିଲାପାଳଙ୍କୁ ନିର୍ଦ୍ଦେଶ
- ରାଜ୍ୟରେ ୪.୭୦ ଲକ୍ଷ ଦିବ୍ୟାଙ୍ଗ ମତଦାତା

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ହେବ ସ୍ୱତନ୍ତ୍ର ବ୍ୟବସ୍ଥା। ସେମାନଙ୍କୁ ଘରୁ ଆଣି ମତଦାନ ସାରିବା ପରେ ପୁଣି ଘରେ ଛାଡିବାକୁ ଜିଲା ପ୍ରଶାସନ ଗାଡ଼ି ଯୋଗାଇ ଦେବାକୁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁରେନ୍ଦ୍ର କୁମାର ନିର୍ଦ୍ଦେଶ ଦେଇଛନ୍ତି। ସମଗ୍ର ଦେଶରେ ଓଡ଼ିଶା ଦିବ୍ୟାଙ୍ଗ ଭୋଟର ତାଲିକାରେ ଦ୍ୱିତୀୟ ସ୍ଥାନରେ ରହିଛି। ଆସନ୍ତା ନିର୍ବାଚନରେ ୪ ଲକ୍ଷ ୭୦ ହଜାର ଦିବ୍ୟାଙ୍ଗ ସେମାନଙ୍କର ମତଦାନ କରିବେ। ରେଡିଓ, ଦୂରଦର୍ଶନରେ ଦେଶିଆ, ସମ୍ବଲପୁରୀ ଏବଂ ସାନ୍ତାଳି ଭାଷାରେ ସଚେତନତା ସୃଷ୍ଟି କରିବା ପାଇଁ ରେଡିଓ ଜିଙ୍ଗଲସ ଏବଂ ଭିଡିଓ ସ୍ପଟ ତିଆରି କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ଓଡ଼ିଶା ଦେଇ ଯାଉଥିବା ସମସ୍ତ ଟ୍ରେନରେ ସଚେତନତା ପାଇଁ ନିର୍ବାଚନ ଆୟୋଗଙ୍କ ଦ୍ୱାରା ପ୍ରସ୍ତୁତ ଷ୍ଟିକର ଲଗାଇବା ସହ ପ୍ଲାଟଫର୍ମରେ ହୋର୍ଡିଂ ଲଗାଇବାକୁ ରେଳ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏପରିକି ଜିଲା ଓ ବ୍ଲକ ସ୍ତରରେ କଳାସଂଘ ଜରିଆରେ ଆଞ୍ଚଳିକ ଭାଷାରେ ସଚେତନତା ସୃଷ୍ଟି କରିବାକୁ ପରାମର୍ଶ ଦିଆଯାଇଛି।

ନିର୍ବାଚନରେ ମତଦାନର ହାର ବୃଦ୍ଧି କରିବା ନିମନ୍ତେ ଭାରତର ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶାନୁସାରେ ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ବ୍ୟକ୍ତି ବିଶେଷ ନାମ 'ରାଜ୍ୟ ଆଇକନ୍' ଭାବେ ମନୋନୀତ କରାଯାଇ ନିର୍ବାଚନ କମିଶନଙ୍କ ଅନୁମୋଦନ ପାଇଁ ପଠାଯାଇଛି। ଆଇକନ୍‌ମାନଙ୍କୁ ଭୋଟର ସଚେତନତା କାର୍ଯ୍ୟକ୍ରମରେ ନିୟୋଜିତ କରାଯିବ। ରାଜ୍ୟସ୍ତରୀୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଅଧ୍ୟକ୍ଷତାରେ ରାଜ୍ୟସ୍ତରୀୟ ସୁଇପ କମିଟି ଗଠନ କରାଯାଇଛି। ସେହିପରି ଜିଲାସ୍ତରରେ ସୁଇପ କମିଟି ଗଠନ କରାଯାଇଛି। ରାଜ୍ୟର ୧୯୦୮ଟି ସ୍କୁଲ ଓ ୬୬୫ କଲେଜରେ ସୁଇପ କମିଟି ଗଠନ କରାଯାଇ ସଚେତନତା କାର୍ଯ୍ୟକ୍ରମ କରାଯାଉଛି ବୋଲି ବୈଠକରେ ସୂଚନା ଦିଆଯାଇଛି।

# 'ଓଡ଼ିଶାର ଅର୍ଥନୀତିକୁ ଦୁର୍ବଳ କରାଯାଉଛି'

**କେନ୍ଦ୍ରାପଡ଼ା ଅଫିସ, ୧୧।୩**

ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ପରେ କେନ୍ଦ୍ରାପଡ଼ାରେ ରାଜନୈତିକ ଉଷ୍ମତା ଦେଖାଦେଇଛି। ସୋମବାର ସହର ଉପକଣ୍ଠ ତହସିଲ ପଡିଆରେ ସାମାଜିକ ନ୍ୟାୟ ଆନ୍ଦୋଳନ ପକ୍ଷରୁ ଏକ ସଭା ଆୟୋଜନ କରାଯାଇଥିଲା। ଅକ୍ଷୟ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା ଯୋଗଦେଇ ରାଜ୍ୟର ୩ ରାଜନୈତିକ ଦଳ ବିରୋଧରେ ଗର୍ଜିଥିଲେ। ସେ କହିଥିଲେ ଯେ, ବିଜୁବାବୁଙ୍କ ସ୍ୱପ୍ନର ଓଡ଼ିଶାକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗତ ୧୯ ବର୍ଷ ଶାସନ କାଳରେ ଲୁଟ୍ କରାଯାଇଛି। ନିଯୁକ୍ତି ଆଶାୟୀ ଯୁବକଙ୍କ ସଂଖ୍ୟା ରାଜ୍ୟରେ ବୃଦ୍ଧି ପାଇବା ସହ ଓଡ଼ିଶାକୁ ଏକ ଗରିବ ରାଜ୍ୟରେ ପରିଣତ କରାଯାଇଛି । ବିରୋଧୀଦଳ ଆସନରେ ଥିବା କଂଗ୍ରେସ ଓ ଭାଜପା ଦଳର ବରିଷ୍ଠ ସଦସ୍ୟମାନେ ରାଜ୍ୟର ମୁଖ୍ୟମନ୍ତ୍ରୀଙ୍କ ସହ ହାତ ମିଳାଇ ଓଡ଼ିଶାର ଅର୍ଥନୀତିକୁ ଦୁର୍ବଳ କରିଛନ୍ତି। ସଭାରେ ପୂର୍ବତନ ବିଧାୟକ ତଥା ଆନ୍ଦୋଳନର ମୁଖ୍ୟ ଆବାହକ କୃଷ୍ଣଚନ୍ଦ୍ର ସଗରିଆ ଯୋଗଦେଇ ସାମାଜିକ ନ୍ୟାୟ ବିନା ବିକାଶ ସମ୍ଭବ ନୁହେଁ ବୋଲି ଉଲ୍ଲେଖ କରିଥିଲେ।

# ହାଲୁକା ବର୍ଷା ସମ୍ଭାବନା: ୧୬ ଯାଏ ବଢ଼ିବନି ତାତି

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ରାଜ୍ୟକୁ ଦକ୍ଷିଣ-ପଶ୍ଚିମ ଦିଗରୁ ଜଳୀୟ ବାଷ୍ପ ମିଶ୍ରିତ ବାୟୁ ପ୍ରବାହିତ ହେଉଛି। ଏଥିଯୋଗୁ ରାଜ୍ୟର କେତେକ ଭାଗରେ ଆକାଶ ମେଘାଚ୍ଛନ୍ନ ରହୁଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ରାଜ୍ୟରେ ଖୋର୍ଦ୍ଧା, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, ନୂଆପଡା, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଏବଂ କେନ୍ଦୁଝର ଜିଲାରେ ମେଘୁଆ ପାଗ ସାଙ୍ଗକୁ ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ଝିପିଝିପି ବର୍ଷା ହେବାର ସମ୍ଭାବନା ରହିଛି। ୧୩ ତାରିଖରେ ପାଗ ଶୁଖିଲା ରହିବ। ୧୪ରୁ ୧୬ ତାରିଖ ଯାଏ ରାଜ୍ୟର ଦକ୍ଷିଣ, ପଶ୍ଚିମ ଏବଂ ଉପକୂଳ ଓଡ଼ିଶାର କେତେକ ସ୍ଥାନରେ ବର୍ଷା ହେବାର ସମ୍ଭାବନା ରହିଛି। ଏଥିସହିତ କେତେକ ସ୍ଥାନରେ ଝଡ଼ବର୍ଷା ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ପକ୍ଷରୁ ପୂର୍ବାନୁମାନ କରାଯାଇଛି।

ରାଜ୍ୟର ଅଧିକାଂଶ ଜିଲାରେ ସର୍ବୋଚ୍ଚ ତାପମାତ୍ରା ୩୦ ଡିଗ୍ରୀ ରହିବା ବେଳେ ଗୋଟିଏ ଦୁଇଟି ସ୍ଥାନରେ ୩୫ରୁ ୩୭ ଡିଗ୍ରୀ ସେଲସିୟସ ମଧ୍ୟରେ ରହିବ ବୋଲି ଅନୁମାନ କରାଯାଇଛି।

## ବିସ୍ଫୋରକ ସାମଗ୍ରୀ ଚାଲାଣ ଘଟଣା

# ମୟୂରଭଞ୍ଜରୁ ବ୍ୟବସାୟୀ ଗିରଫ

- କଲିକତା, ଭୁବନେଶ୍ୱର ଏସ୍‌ଟିଏଫ୍ ଟିମ୍‌ର ଚଢ଼ାଉ
- ହାଇଦ୍ରାବାଦ୍‌ରୁ ଆସୁଥିଲା ବିସ୍ଫୋରକ ସାମଗ୍ରୀ
- ମୟୂରଭଞ୍ଜରୁ ବିଭିନ୍ନ ରାଜ୍ୟକୁ ଚାଲାଣ ହେଉଥିଲା

**ବାଲେଶ୍ୱର ଅଫିସ/ ବାରିପଦା ଅଫିସ/ ରୂପ୍‌ସା, ୧୧।୩(ଡି.ଏନ.ଏ.)**

ବାଲେଶ୍ୱର ଜିଲାରେ ପଶ୍ଚିମବଙ୍ଗକୁ ୧୦କୁଇଣ୍ଟାଲ ବିସ୍ଫୋରକ ସାମଗ୍ରୀ ଚାଲାଣ ଘଟଣାର ଗୁମର ଫିଟିବାରେ ଲାଗିଛି। ଗତ ୮ ତାରିଖ ରାତିରେ ଉତ୍ତର ଚବିଶପ୍ରଗଣା ଜିଲା ଅଧୀନ ବିଟି ରୋଡ଼ର ତଳପୋଲଠାରେ ପୋଲିସ ବିସ୍ଫୋରକ ସାମଗ୍ରୀ ଭର୍ତ୍ତି ଟ୍ରକ୍ ଜବତ କରିବା ସହ ଏହାର ଡ୍ରାଇଭର ଓ ହେଲପରଙ୍କୁ ଗିରଫ କରିଥିଲା। ବିସ୍ଫୋରକ ସାମଗ୍ରୀ ଚାଲାଣ ପଛରେ ମାଓବାଦୀଙ୍କ ହାତ ଥିବା ସନ୍ଦେହ ପ୍ରକାଶ ପାଇବା ପରେ ସ୍ପେଶାଲ ଟାସ୍କଫୋର୍ସ(ଏସ୍‌ଟିଏଫ୍) ଏନେଇ ଅଧିକ ତନାଘନା ଚଳାଇ ବିସ୍ଫୋରକ ସାମଗ୍ରୀ ପଠାଇଥିବା ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅନ୍ତର୍ଗତ ବାମଡ଼ା ଗ୍ରାମର ସୁକାନ୍ତ ସାହୁଙ୍କୁ ସୋମବାର ଗିରଫ କରିଛି। ପରେ ତାଙ୍କୁ ବାରିପଦା ସିଜେଏମ୍‌ଙ୍କ କୋର୍ଟରେ ହାଜର କରାଯାଇଥିଲା। ତାଙ୍କ ଜାମିନ ଆବେଦନ ଖାରଜ ହେବାରୁ ଏସ୍‌ଟିଏଫ୍ ଟ୍ରାଞ୍ଜିଟ୍ ରିମାଣ୍ଡରେ ନେବାକୁ ଆବେଦନ କରିଥିଲା। କୋର୍ଟଙ୍କ ଅନୁମତିକ୍ରମେ ଉକ୍ତ ଟିମ୍ ଅଭିଯୁକ୍ତ ବ୍ୟବସାୟୀଙ୍କୁ ଅଧିକ ପଚରାଉଚରା ପାଇଁ କଲିକତା ନେଇଥିବା ଜଣାପଡିଛି। ଏନେଇ ପୋଲିସ ପକ୍ଷରୁ ଏଠାରେ ଏକ ମାମଲା (ନଂ. ୮/୧୯) ରୁଜୁ କରାଯାଇଛି। ଅଧିକ ତଦନ୍ତ ପରେ ବିସ୍ଫୋରକ ସାମଗ୍ରୀ ଚାଲାଣର ଅସଲ ଗୁମର ଫିଟିବ ବୋଲି ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଉଲ୍ଲେଖନୀୟ ଯେ, ଗତ ଶୁକ୍ରବାର ବାଲେଶ୍ୱର ଜିଲା ରୂପ୍‌ସା ଥାନା ଅଞ୍ଚଳରୁ ଏକ ଟ୍ରକ୍ ଯୋଗେ ୧୦ କୁଇଣ୍ଟାଲ ବିସ୍ଫୋରକ ସାମଗ୍ରୀ ଚାଲାଣ ହେଉଥିଲା। ପଶ୍ଚିମବଙ୍ଗରେ ଧରାପଡିବା ପରେ ଟ୍ରକ ଡ୍ରାଇଭର ଇନ୍ଦ୍ରଜିତ ଭୋଇ ଓ ହେଲପର ମଧୁସୂଦନ ଦେଙ୍କୁ ପୋଲିସ ଗିରଫ କରି ପଚରଉଚୁରା କରିଥିଲା। ରବିବାର ସେମାନଙ୍କୁ କୋର୍ଟଚାଲାଣ କରାଯାଇ ଜେଲ୍ ହାଜତକୁ ପଠାଯାଇଛି। ଗିରଫ ଅଭିଯୁକ୍ତଙ୍କଠାରୁ ମିଳିଥିବା ସୂଚନା ଅନୁଯାୟୀ କଲିକତା ଓ ଭୁବନେଶ୍ୱରର ଏସ୍‌ଟିଏଫ୍ ଟିମ୍ ଚଢାଉ କରି ବୈଶିଙ୍ଗା ଅଞ୍ଚଳରୁ ବ୍ୟବସାୟୀ ସୁକାନ୍ତଙ୍କୁ ଗିରଫ କରିପାରିଛି। ବୈଶିଙ୍ଗା ଥାନା ଆଇଆଇସି କୃଷ୍ଣଚନ୍ଦ୍ର ପଲେଇଙ୍କ ସହ ତଦନ୍ତକାରୀ ଟିମ୍‌ର ଅଧିକାରୀ ବ୍ୟବସାୟୀଙ୍କ ଘରେ ଚଢ଼ାଉ କରି ବିସ୍ଫୋରକ ସାମଗ୍ରୀ କିଣା ବିକା ସମ୍ପର୍କିତ ବିଲ୍ ପାଇଥିବା ଉକ୍ତ ଟିମ୍‌ର ସଦସ୍ୟ ଇନ୍ଦ୍ରଜିତ୍ ମଣ୍ଡଳ ସୂଚନା ଦେଇଛନ୍ତି। ଏହି ବିସ୍ଫୋରକ ସାମଗ୍ରୀ ହାଇଦ୍ରାବାଦରୁ ଆସୁଥିଲା ବୋଲି ପୋଲିସର ତଥ୍ୟ ହସ୍ତଗତ ହୋଇଛି।

ଉଲ୍ଲେଖନୀୟ ଯେ, ଅଭିଯୁକ୍ତ ସୁକାନ୍ତ ୪୦୭ ଟ୍ରକ୍ ଯୋଗେ ୨୭ ବସ୍ତାରେ ଥିବା ପ୍ରାୟ ୧୦୦୦ କେଜିର ବିସ୍ଫୋରକ ସାମଗ୍ରୀ ପଶ୍ଚିମବଙ୍ଗ ଉତ୍ତରଚବିଶପ୍ରଗଣା ଜିଲା ଅଞ୍ଚଳକୁ ପଠାଇବା ଲାଗି ବାଲେଶ୍ୱର ଜିଲା ବସ୍ତା ଥାନା ଅଞ୍ଚଳର ଡ୍ରାଇଭର ଇନ୍ଦ୍ରଜିତ ଓ ହେଲପର ମଧୁସୂଦନଙ୍କୁ ନିୟୋଜିତ କରିଥିଲେ। ବିସ୍ଫୋରକ ସାମଗ୍ରୀ ନେଇଯାଇଥିବା ଟ୍ରକ ମାଲିକ ତପନ ମହାପାତ୍ରଙ୍କ ଘର ରୂପ୍‌ସାରେ ହୋଇଥିବା ଜଣାପଡିବା ପରେ ସ୍ଥାନୀୟ ପୋଲିସ ତାଙ୍କୁ ଅଟକ ରଖିଥିଲା। ତେବେ ସମ୍ପୃକ୍ତ ବ୍ୟବସାୟୀ ସର୍ଫ ବସ୍ତା ଟ୍ରକରେ ପଠାଯିବ କହି ଏହାକୁ ଭଡାରେ ନେଇଥିବା ଜଣାପଡିବା ପରେ ଅଟକ ଟ୍ରକ ମାଲିକଙ୍କୁ ପୋଲିସ ଛାଡ଼ି ଦେଇଛି। ତଦନ୍ତ ଜାରି ରହିଥିବାରୁ ବିସ୍ଫୋରକ ସାମଗ୍ରୀ ଚାଲାଣ ପଛରେ ମାଓବାଦୀଙ୍କ ସମ୍ପୃକ୍ତି ଅଛି କି ନାହିଁ ସେ ନେଇ ପୋଲିସ ପକ୍ଷରୁ ଅଧିକ ସୂଚନା ଦିଆଯାଇନାହିଁ। ଅନ୍ୟପକ୍ଷେ ଗିରଫ ବ୍ୟବସାୟୀ ପୂର୍ବରୁ ବାଣ ବ୍ୟବସାୟ କରୁଥିଲେ। ଏଣୁ ତାଙ୍କ ପାଖରେ ବାରୁଦ ରହିଥିଲା ବୋଲି ତାଙ୍କ ଦାଦା ମନୋଜ ଗଣମାଧ୍ୟମକୁ କହିଛନ୍ତି।

## ▪ କୋଣାର୍କ ସୂର୍ଯ୍ୟମନ୍ଦିର ଅସୁରକ୍ଷିତ ମାମଲା

# ୨୫ରେ ପ୍ରତ୍ୟୁତ୍ତର ଦେବେ ସରକାର

**କଟକ ଅଫିସ, ୧୧।୩:** ପ୍ରତ୍ନତତ୍ତ୍ୱ ବିଭାଗର ନିର୍ଦ୍ଦେଶକଙ୍କ ସତ୍ୟପାଠ ଦାଖଲ ପରେ ସରକାର ଓ ଆବେଦନକାରୀ ଏହା ଉପରେ ପ୍ରତ୍ୟୁତ୍ତର ଦେବେ। ଆସନ୍ତା ୨୫ ତାରିଖ ସୁଦ୍ଧା ଏହି ପ୍ରତ୍ୟୁତ୍ତର ଦାଖଲ ପାଇଁ ସମୟ ଧାର୍ଯ୍ୟ କରାଯାଇଛି। କୋଣାର୍କ ସୂର୍ଯ୍ୟମନ୍ଦିର ଅସୁରକ୍ଷିତ ସମ୍ପର୍କିତ ମାମଲାର ଶୁଣାଣି କରି ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଥାଉ କି, ସୂର୍ଯ୍ୟମନ୍ଦିର ଅସୁରକ୍ଷିତ ହୋଇପଡ଼ିଥିବା ନେଇ ଆଡଭୋକେଟ ଦିଲୀପ ମହାପାତ୍ର ହାଇକୋର୍ଟରେ ମାମଲା ରୁଜୁ କରିଥିଲେ। ମାମଲାର ଶୁଣାଣି କରି ମନ୍ଦିରର ସ୍ଥିତି ସମ୍ପର୍କରେ ଜବାବ ଦାଖଲ ନିମନ୍ତେ ହାଇକୋର୍ଟ ଏଏସ୍‌ଆଇକୁ ନିର୍ଦ୍ଦେଶ ଦେଇଥିଲେ।

**THE KHORDHA CENTRAL CO-OP.BANK LTD, KHORDHA**

At/P.O: / Dist:Khordha, Odisha-752055

**NOTICE**

No.4928 Date.11.03.2019

1) To
Smt. Sasmita Nayak, Asst. Manager, Ex- B.M.I/C of Balianta Branch. W/O- Sri Pravat Kumar Mohanty, Qr No- IV, RPF-4, Unit-6, Bhubaneswar, Dist- Khordha.
2) Smt. Nibedita Nayak, Asst Manager, Ex- B.M. I/C, City Branch, W/O- Sri Bata Krushna Lenka, Plot No.394/9, Durga Kaberi Niwas, Kananvihar, Phase-1, Patia, BBSR, Dist-Khordha.

Madam,

It is to inform you that, inspite of several letters issued to you in your Present postal address & to your old station along with e-mail for joining in new place of posting where you have been transferred & handing over the details charge to your successor you have not responded till date, for which the day to day Bank Business is hampering.

So, this notice is published in daily newspaper for your information with an advice to join in your new place of posting & handing over details charge within 3 days from the date of publication, otherwise action deemed fit will be initiated against you as per H.R.Policy-2011.

By order of the President.
Sd./- Chief Executive Officer, Khordha C.C.Bank Ltd, Khordha

CLASSIFIED DISPLAY













**MORE SPACE • SAME PRICE**

**CLASSIFIED DISPLAY**

(On Tuesday & Friday All Orissa Edition)

| | SIZE | COLOR | B/W |
|---|---|---|---|
| For 15 insertions | 6 × 8 | 40,000 | 35,000 |
| 8 insertions in a month | 6 × 8 | 20,000 | 18,000 |
| 4 insertions in a month | 6 × 8 | 11,000 | 10,000 |
| Single day | 6 × 8 | 2,800 | 2,500 |

**For Booking Contact:**
Pusparaj-7894447148, Santosh-7894447131
Ajaya- 7894447165, Tapan- 7894447166
Bidyadhar- 7894447168
5% GST Applicable








ବହୁ ଚର୍ଚ୍ଚିତ ବିରଳ କୃଷ୍ଣସାର ମୃଗ ଶିକାର ମାମଲାରେ ରାଜସ୍ଥାନ ହାଇକୋର୍ଟ ସୋମବାର ୪ ବଲିଉଡ୍ କଳାକାର ଶୈଫ୍ ଅଲ୍ଲି ଖାନ୍, ନିଲମ୍, ତବୁ ଏବଂ ସୋନାଲି ବେନ୍ଦ୍ରେଙ୍କୁ ନୋଟିସ ଜାରି କରିଛନ୍ତି। ସେମାନଙ୍କୁ ୮ ସପ୍ତାହ ମଧ୍ୟରେ ଜବାବ ଦାଖଲ କରିବାକୁ କୁହାଯାଇଛି। ରାଜସ୍ଥାନ ବନ ବିଭାଗ ପକ୍ଷରୁ ଯୋଧପୁର କୋର୍ଟଙ୍କ ରାୟ ବିରୋଧରେ ହାଇକୋର୍ଟରେ ଆବେଦନ କରାଯାଇଥିଲା।

## ସଂକ୍ଷେପରେ

### ଦାବି ପୂରଣ ପାଇଁ ରାଜ୍ୟପାଳଙ୍କୁ ଭେଟିଲା ଗ୍ରୁପ-ଡି କର୍ମଚାରୀ ମିଳିତ ମଞ୍ଚ

ଭୁବନେଶ୍ୱର,୧୧।୩(ବ୍ୟୁରୋ)-ଗ୍ରୁପ-ଡି କର୍ମଚାରୀଙ୍କ ୪ ଦଫା ଦାବି ରାଜ୍ୟ ସରକାର ପୂରଣ କଲେ ନାହିଁ। ବହୁ ବାର ଦାବି ପତ୍ର ଦେବା ସତ୍ତ୍ୱେ କୌଣସି ଲାଭ ହେଲା ନାହିଁ । ଶେଷରେ ଗ୍ରୁପ-ଡି କର୍ମଚାରୀ ମିଳିତ ମଞ୍ଚର ଆବାହକମଣ୍ଡଳୀ ସୋମବାର ରାଜ ଭବନରେ ରାଜ୍ୟପାଳ ଗଣେଶୀ ଲାଲଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି। ୨୫ ମିନିଟ ଧରି ଆବାହକ ମଣ୍ଡଳୀ ରାଜ୍ୟପାଳଙ୍କ ସହିତ ଦାବି ପୂରଣ ନେଇ ଆଲୋଚନା କରିଥିଲେ। ସାମାନ କମକୁ ସମାନ ଦରମା ଦେବାକୁ ୨୦୧୬ ଅକ୍ଟୋବର ୨୬ ତାରିଖରେ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ମଧ ତାହାକୁ ରାଜ୍ୟ ସରକାର ଅଣ ଦେଖା କରୁଛନ୍ତି। ଗ୍ରୁପ ଡି ଭିତ୍ତିକ ନିଯୁକ୍ତି ପ୍ରଚଳନ ନ କରିବା, ସର୍ବନିମ୍ନ ବେତନ ୧୮ ହଜାର ଟଙ୍କା କରିବାକୁ ମିଳିତ ମଞ୍ଚ ଦାବି କରିଛି। ରାଜ୍ୟପାଳ ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ମଞ୍ଚର ଆବାହକ ଗଗନ ଭଞ୍ଜ, ଆଶୁତୋଷ ମହାନ୍ତି, ଅଜୟ ନାୟକ କହିଛନ୍ତି।

### ଅର୍ଥାଭାବ ସାଜିଛି ଚିକିତ୍ସାରେ ପ୍ରତିବନ୍ଧକ
### ୧୨ ଦିନର ଶିଶୁପୁତ୍ରକୁ ଚେଙ୍କ

ମାଲକାନଗିରି,୧୧।୩(ସ୍ୱ.ପ୍ର.)- ମାଲକାନଗିରି ଜିଲା ଖଇରପୁଟ ବ୍ଲକ ଗୋବିନ୍ଦପାଲ୍ଲି ପଞ୍ଚାୟତର ଅନ୍ଧାରୀ ଗାଁରେ ଘଟିଛି ଏକ ଅଭାବନୀୟ ଘଟଣା। ଅର୍ଥ ଅଭାବରୁ ପିଲାର ଚିକିତ୍ସା କରି ନ ପାରି ପରିବାର ଲୋକେ ଚେଙ୍କ ଦେଇ ଚିକିତ୍ସା କରିଛନ୍ତି। ଗ୍ରାମର ମଦନ ପଡାଲ ଓ ଭାନୁ ପଡାଲଙ୍କ ପରିବାରରେ ଏହା ଦେଖିବାକୁ ମିଳିଛି। ଖବରରୁ ଜଣାପଡିଛି ଗତ ୧୨ ଦିନ ତଳେ ଭାନୁଙ୍କ ଗର୍ଭ ଯନ୍ତ୍ରଣା ବଢ଼ିବାରୁ ପରିବାର ଓ ସାହିପଡିଶା ଲୋକେ ତାଙ୍କୁ ମାଥିଲି ଡାକ୍ତରଖାନାକୁ ଆଣିଥିଲେ । ସେଠାରେ ଭାନୁ ଏକ ପୁତ୍ର ସନ୍ତାନ ଜନ୍ମ ଦେଇଥିଲେ। ତେବେ ଡାକ୍ତରଙ୍କଠାରୁ ପିଲାଟିର ମଳଦ୍ୱାର ନ ଥିବା ଶୁଣି ପରିବାରର ସବୁ ଖୁସି ମୁହୂର୍ତ୍ତକ ମଧ୍ୟରେ ମିଳାଇଗଲା। ଡାକ୍ତର ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଦେଲେ। ସେଠାରେ ଏପରି ଚିକିତ୍ସାର କୌଣସି ସୁବିଧା ନ ଥିବାରୁ ଛୁଆକୁ କୋରାପୁଟ ନେଇଯିବାକୁ ପରିବାର ଲୋକଙ୍କୁ ଡାକ୍ତର ପରାମର୍ଶ ଦେଲେ। କୋରାପୁଟ ନେବାରୁ ଅପରେଶନ ଆବଶ୍ୟକ ପଡୁଥିବାରୁ ପୁଅକୁ କଟକ ନେବାକୁ ଡାକ୍ତର କହିଥିଲେ। କଟକ ନେବାକୁ ମଦନଙ୍କ ହାତରେ ଅର୍ଥ ନ ଥିବା କହିବାରୁ ଘରକୁ ନେଇଯିବାକୁ ଡାକ୍ତର କହିଥିଲେ। ଅନ୍ୟ ଉପାୟ ନ ପାଇ ମଦନ ପୁଅକୁ ଘରକୁ ନେଇ ଆସିଲେ। ଗାଁରେ ଦିଶାରି ଗୁଣିଆକୁ ଦେଖାଇ ତା'ପେଟରେ ଚେଙ୍କ ଦେଇଥିଲେ। ଏଥିରେ ଶିଶୁଟିର ଅବସ୍ଥା ଆହୁରି ଗୁରୁତର ହୋଇପଡିଲା। ଏ ସମ୍ପର୍କରେ ଜିଲା ପ୍ରଶାସନ ନିକଟରେ ଖବର ପହଞ୍ଚିବାରୁ ଜିଲାପାଳ ମନୀଷ ଅଗ୍ରୱାଲଙ୍କ ନିର୍ଦ୍ଦେଶରେ ଶିଶୁକୁ ଆଣି ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା କରାଯାଉଛି। ତାର ଉଚ୍ଚତର ଚିକିତ୍ସା ପାଇଁ ପ୍ରଶାସନ ସମସ୍ତ ବ୍ୟବସ୍ଥା କରିବ ବୋଲି ଜଣାପଡିଛି।

# ବିଜେଡିର ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ

## ଭାଜପା କହିଲା ଅପାରଗତା ଲୁଚାଇବାକୁ ନାଟକ

ଭୁବନେଶ୍ୱର,୧୧।୩ (ବ୍ୟୁରୋ):

କେନ୍ଦ୍ର ସରକାରଙ୍କ ବିରୋଧରେ ବିଜୁ ଯୁବ, ଛାତ୍ର ଜନତା ଦଳ ସୋମବାର ରାସ୍ତାକୁ ଓହ୍ଲାଇଛି। ଦୀର୍ଘ ୫ବର୍ଷ ଧରି କେନ୍ଦ୍ରରେ ଶାସନ କ୍ଷମତାରେ ଥିବା ଭାଜପା ସରକାର ଓଡ଼ିଶା ପ୍ରତି ଅବହେଳା କରିଥିବା ବିଜେଡି ଅଭିଯୋଗ କରିଛି। ଏହାର ପ୍ରତିବାଦରେ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ବିଜେଡି ପକ୍ଷରୁ ଆରମ୍ଭ ହୋଇଛି। ଦଳର ଯୁବ ଓ ଛାତ୍ର କର୍ମୀମାନେ ଲୋୟର ପିଏମ୍‌ଜିଠାରେ ଏକାଠି ହୋଇ କେନ୍ଦ୍ର ବିରୋଧରେ ଗର୍ଜିଛନ୍ତି। ବିଜୁ ଯୁବ ଜନତା ଦଳ ସଭାପତି ଅମରେଶ ପତ୍ରୀ ଏବଂ ଛାତ୍ର ଜନତା ଦଳ ସଭାପତି ରାଣା ପ୍ରତାପ ପାତ୍ରଙ୍କ ନେତୃତ୍ୱରେ ଛାତ୍ର ଓ ଯୁବକମାନେ ଆସି ଲୋୟର ପିଏମ୍‌ଜିଠାରେ ପହଞ୍ଚିଥିଲେ। ପରବର୍ତ୍ତୀ ସମୟରେ ଛାତ୍ର ଜନତା ଦଳ ଉପଦେଷ୍ଟା ଚିନ୍ମୟ ସାହୁଙ୍କ ନେତୃତ୍ୱରେ ପ୍ରାୟ ୨ହଜାର ଛାତ୍ର ଓ ଯୁବକ ଏକ ରାଲିରେ ଆସି ସେଠାରେ ଯୋଗଦେଇଥିଲେ। ଲୋୟର ପିଏମ୍‌ଜିଠାରେ ସବୁ ଯୁବ ଓ ଛାତ୍ର ନେତାମାନେ ଏକତ୍ରିତ ହୋଇ କେନ୍ଦ୍ର ଅବହେଳାର ଚିତ୍ର ଦର୍ଶାଇଛନ୍ତି।

ଛାତ୍ର ଜନତା ଦଳ ଉପଦେଷ୍ଟା ଚିନ୍ମୟ ସାହୁ କହିଛନ୍ତି ଯେ, ଓଡ଼ିଶାର ସ୍ୱାର୍ଥ ସମ୍ବଳିତ ସବୁ ପ୍ରସଙ୍ଗକୁ କେନ୍ଦ୍ରର ଭାଜପା ସରକାର ଗୁରୁତ୍ୱ ଦେଉନାହାନ୍ତି। ଟାଳଟୁଳ ନୀତି ଅବଲମ୍ବନ କରି ଚାଲିଛନ୍ତି। ପୂର୍ବ ସରକାର ସମୟରେ ଯେପରି ଅବସ୍ଥା ଥିଲା ଶେଷ ୫ବର୍ଷ ମଧ୍ୟରେ ଓଡ଼ିଶା ପ୍ରତି ବୈମାତୃକ ମନୋଭାବ ଆହୁରି ବୃଦ୍ଧି ପାଇଛି। ସରକାରକୁ ଆସିବା ପୂର୍ବରୁ ଭାଜପା ଯେଉଁସବୁ ପ୍ରତିଶ୍ରୁତି ଦେଇଥିଲା ସେଥିରୁ ଗୋଟିଏ ହେଲେ ପୂରଣ କରିନାହିଁ। ବିକାଶର ଡିଣ୍ଡିମ ପିଟି ସାଧାରଣ ଲୋକମାନଙ୍କୁ ଭାଜପା ଭୁଆଁ ବୁଲାଇବାକୁ ଅପଚେଷ୍ଟା କରୁଛି। ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ପ୍ରଦାନ ୨୦୧୪ ନିର୍ବାଚନୀ ଇସ୍ତାହାରରେ ଭାଜପା ପ୍ରଥମ ଏଜେଣ୍ଡା ରଖିଥିଲା। ନିଯୁକ୍ତି ସୁଯୋଗ ସୃଷ୍ଟି କ୍ଷେତ୍ରରେ କେନ୍ଦ୍ର ସରକାର ସମ୍ପୂର୍ଣ୍ଣ ବିଫଳ ହେଲେ। ମହାନଦୀ ପ୍ରସଙ୍ଗକୁ ନେଇ ଭାଜପା ଘୃଣ୍ୟ ରାଜନୀତି କରିଛି ଚିନ୍ମୟ ଅଭିଯୋଗ କରିଛନ୍ତି। ସେ ଆହୁରି କହିଛନ୍ତି ଯେ, ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ରାଜ୍ୟର ପ୍ରତ୍ୟେକ ଗାଁରେ ପାଳନ କରାଯିବ। ପ୍ରତି ଗାଁରେ ପଥପ୍ରାନ୍ତ ସଭା କରାଯିବା ସହିତ ପ୍ରତ୍ୟେକ ଘରର ଜଣଙ୍କୁ ଏଥିରେ ସାମିଲ କରାଯାଇ କେନ୍ଦ୍ର ଅବହେଳା ସମ୍ପର୍କରେ ଲୋକଙ୍କୁ ଜଣାଯିବ ବୋଲି ସେ କହିଛନ୍ତି।

ବିଜେଡିର ଏହି କାର୍ଯ୍ୟକ୍ରମକୁ ନେଇ ଭାଜପା ଉପସଭାପତି ସମୀର ମହାନ୍ତି କହିଛନ୍ତି ଯେ, ବିଜେଡି ପ୍ରଥମେ କେନ୍ଦ୍ରର ଯୋଜନାକୁ କପି ପେଷ୍ଟ କରୁଥିଲା। ଏବେ ରାଜନୈତିକ କାର୍ଯ୍ୟକ୍ରମକୁ ମଧ କପି ପେଷ୍ଟ କଲାଣି। ଭାଜପା ରାଜ୍ୟବ୍ୟାପୀ ଜବାବ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଆରମ୍ଭ କରିବା ପରେ ବିଜେଡି ଏବେ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଚଳାଇଛି। କେନ୍ଦ୍ରୀୟ ଅବହେଳାର କୌଣସି ପ୍ରାସଙ୍ଗିକତା ନ ଥିବାରୁ ବିଜେଡି କେବଳ ନାଟକ କରୁଛି। ନିଜ ଅପାରଗତା, ସ୍ଥାଣୁତା ଓ ଦୁର୍ବଳତାକୁ ଲୁଚାଇବା ପାଇଁ ବିଜେଡି ଏଭଳି ଚେଷ୍ଟା କରୁଥିବା ସମୀର କହିଛନ୍ତି।



ବିଜେଡି ପକ୍ଷରୁ ହକ୍ ମାଗୁଛି ଓଡ଼ିଶା କାର୍ଯ୍ୟକ୍ରମ ଅବସରରେ ସୋମବାର ବାହାରିଥିବା ଶୋଭାଯାତ୍ରାରେ ସାମିଲ ନେତୃମଣ୍ଡଳୀ ।

# ନାବାଳିକାଙ୍କୁ ବଳାତ୍କାର କଲେ ବୃଦ୍ଧ

## ଓଏଚ୍‌ଆର୍‌ସିରେ ମାମଲା ରୁଜୁ

ପାରଳାଖେମୁଣ୍ଡି (ସ୍ୱ.ପ୍ର.)/ କଟକ ଅଫିସ, ୧୧।୩

ଗଜପତି ଜିଲା ପାରଳାଖେମୁଣ୍ଡି ଥାନା ଅଞ୍ଚଳରେ ରବିବାର ସନ୍ଧ୍ୟାରେ ଏକ ଜଘନ୍ୟ ଘଟଣା ଘଟିଛି। ଜଣେ ୭୦ବର୍ଷୀୟ ବୃଦ୍ଧ ନିଜ ପଡ଼ିଶା ଘରର ଜଣେ ୭ବର୍ଷ ବୟସର ନାବାଳିକାଙ୍କୁ ଚକୋଲେଟ ଦେବା ବାହାନାରେ ଡାକିନେଇ ବଳାତ୍କାର କରିଛନ୍ତି। ଏ ନେଇ ପୀଡ଼ିତାଙ୍କ ପରିବାର ପକ୍ଷରୁ ସୋମବାର ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ ହେବା ପରେ ଅଭିଯୁକ୍ତ ବାରିକ ପ୍ରଧାନଙ୍କୁ ଗିରଫ କରାଯାଇଛି। ସେ ପାରଳାଖେମୁଣ୍ଡି ସହରସ୍ଥ ନୂଆ କାମ୍ପସାହି ଦ୍ୱିତୀୟ ଲେନ୍‌ର ବାସିନ୍ଦା ବୋଲି ସଚନା ମିଳିଛି। ଏ ନେଇ ଏକ କେସ୍ (ନଂ. ୬୭/୧୯) ରୁଜୁ କରାଯାଇଥିବା ପୋଲିସ କହିଛି।

ଉକ୍ତ ଘଟଣାକୁ ନେଇ ମାନବାଧିକାର କର୍ମୀ ଜୟନ୍ତ କୁମାର ଦାସ ସୋମବାର ଓଡ଼ିଶା ମାନବାଧିକାର କମିଶନ(ଓଏଚ୍‌ଆର୍‌ସି)ରେ ଏକ ମାମଲା ରୁଜୁ କରିଛନ୍ତି। ସେ ତାଙ୍କ ପିଟିଶନରେ ପୀଡ଼ିତାଙ୍କୁ ସରକାରଙ୍କ ଓଡ଼ିଶା କ୍ଷତିପୂରଣ ଯୋଜନା ୨୦୧୮ ଅନୁଯାୟୀ ତୁରନ୍ତ ୭ ଲକ୍ଷ ଟଙ୍କା ଦେବାକୁ ନିବେଦନ କରିଛନ୍ତି। କାରଣ ଉକ୍ତ ଯୋଜନା ଅନୁଯାୟୀ ବଳାତ୍କାର ପୀଡ଼ିତାମାନଙ୍କୁ ୪ରୁ ୭ଲକ୍ଷ ଟଙ୍କା ଦେବାର ବ୍ୟବସ୍ଥା ରହିଛି। ତେଣୁ ଉକ୍ତ ଘଟଣାରେ ଅବିଳମ୍ବେ ପୀଡ଼ିତାଙ୍କୁ ୭ଲକ୍ଷ ଟଙ୍କା ପ୍ରଦାନ କରି ତାଙ୍କ ଭବିଷ୍ୟତ ସୁରକ୍ଷା ଦେବାକୁ ଆବେଦନକାରୀ ପିଟିଶନରେ କମିଶନଙ୍କୁ ନିବେଦନ ଜଣାଇଛନ୍ତି। ସେହିପରି ବଳାତ୍କାରୀଙ୍କୁ କଠୋର ଦଣ୍ଡ ବିଧାନ କରିବା ପାଇଁ ମଧ ପିଟିଶନରେ ଉଲ୍ଲେଖ ରହିଛି।

# ବିଜୁବାବୁଙ୍କୁ ଭୁଲି ଯାଇଛି ବିଜେଡି

## ଭାଜପାରେ ଯୋଗଦାନ ପରେ ବୈଜୟନ୍ତଙ୍କ କେନ୍ଦ୍ରାପଡ଼ା ଗସ୍ତ

କେନ୍ଦ୍ରାପଡା ଅଫିସ, ୧୧।୩

ବିଜେଡି ତା'ର ମୂଳ ଲକ୍ଷ୍ୟ ଓ ଆଦର୍ଶକୁ ଭୁଲିଯାଇଛି । **ଭାଜପା ସହ** ମେଣ୍ଟ ଭାଙ୍ଗିବା ପରେ ବିଜେଡି ଗୁଣ୍ଡାଗର୍ଦ୍ଦିକୁ ଓହ୍ଲାଇଯାଇଛି । ବିଜୁବାବୁଙ୍କ ମୃତ୍ୟୁ ପରେ ଗଠନ ହୋଇଥିବା ବିଜେଡିରେ ଗତ କିଛି ବର୍ଷ ଧରି ବିଶୃଙ୍ଖଳାକୁ ଦେଖାଦେଇଛି। ଫଳରେ ଜନତାଙ୍କ କୌଣସି ବିକାଶ ହୋଇପାରୁନାହିଁ। କେନ୍ଦ୍ରାପଡାର ପୂର୍ବତନ ଏମ୍‌ପି ବୈଜୟନ୍ତ ପଣ୍ଡା ଭାଜପାରେ ଯୋଗଦେବା ପରେ ସୋମବାର ବିଜେଡି ବିରୋଧରେ ଏଭଳି ମନ୍ତବ୍ୟ ଦେଇଛନ୍ତି।

ଭାଜପାରେ ଯୋଗ ଦେବାସହ ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଓ ପ୍ରବକ୍ତା ହେବା ପରେ ଏହା ପଣ୍ଡାଙ୍କ ପ୍ରଥମ କେନ୍ଦ୍ରାପଡା ଗସ୍ତ ଥିଲା। ଏହି ଅବସରରେ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଅମିତ ଶାହାଙ୍କ ନୀତି ଓ ଆଦର୍ଶକୁ ପ୍ରଶଂସା କରିଥିଲେ। ରାଜ୍ୟ ସରକାରଙ୍କୁ ସମାଲୋଚନା କରି ସେ କହିଥିଲେ ଯେ, ରାଜ୍ୟରେ ମହିଳା ଓ ଶିଶୁ କନ୍ୟାଙ୍କ ପ୍ରତି ନିର୍ଯାତନା ବଢ଼ିଚାଲିଛି। କେନ୍ଦ୍ରାପଡା ବିକାଶରେ ବିଜେଡି ବାଧକ ସାଜୁଛି । ଏଠାରେ ନିଯୁକ୍ତି ସୁଯୋଗକୁକେତେଜଣ ବ୍ୟକ୍ତିଙ୍କ ପ୍ରରୋଚନାରେ ବନ୍ଦ କରାଯାଉଛି । ଦେଶ ବିଦେଶରେ ଦାଦନ ଖଟିବାକୁ ଯାଇ କେନ୍ଦ୍ରାପଡ଼ାର ଶ୍ରମିକମାନେ ନିର୍ଯାତନାର ଶିକାର ହେଉଛନ୍ତି। ମାତ୍ର ରାଜ୍ୟ ସରକାରଙ୍କ ପକ୍ଷରୁ ଏନେଇ କୌଣସି ପଦକ୍ଷେପ ନିଆଯାଉ ନାହିଁ। 'ଆୟୁଷ୍ମାନ ଭାରତ' ଯୋଜନାକୁ ରାଜ୍ୟରେ କାର୍ଯ୍ୟକାରୀ କରାଯାଉନାହିଁ। ପୋସ୍କୋ ପରି ଶିଳ୍ପ ସଂସ୍ଥାଙ୍କୁ ଗଣ୍ଡଗୋଳ ମାଧ୍ୟମରେ ତଡି ଦିଆଯାଇଛି। ସାଧାରଣ ଜନତାଙ୍କ ବିକାଶ ଅପେକ୍ଷା ଏଠାରେ ପିସି କାରବାରକୁ ଗୁରୁତ୍ୱ ଦିଆଯାଉଛି ବୋଲି ସେ ଅଭିଯୋଗ କରିଥିଲେ । ଏପରିକି ବିଜୁ ଯୁବବାହିନୀ ଗଠନକୁ ନେଇ ସିଏଜି ପ୍ରଶ୍ନ ଉଠାଇଛି ବୋଲି ବୈଜୟନ୍ତ କହିଥିଲେ। ରାଜ୍ୟ ସରକାର ଏବେ ଦୁର୍ନୀତିଗ୍ରସ୍ତ ହୋଇପଡିଥିବାରୁ ଏହାର ପରିବର୍ତ୍ତନ ହେଇଯାଉ ବୋଲି ସେ କହିଥିଲେ। ପଣ୍ଡାଙ୍କ ଗସ୍ତ ଅବସରରେ କେନ୍ଦ୍ରାପଡା ସହରର ଇଚ୍ଛାପୁରସ୍ଥିତ ମାଉସୀମା ମନ୍ଦିର ରଥ ଦାଣ୍ଡରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କରାଯାଇଥିଲା। ଜିଲା ଭାଜପା ସଭାପତି ଦୁର୍ଯ୍ୟୋଧନ ସାହୁ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭାଜପାର ବରିଷ୍ଠ ନେତା ମନମୋହନ ସାମଲ, ଭୁବନମୋହନ ଜେନା, ବିଷ୍ଣୁ ଦାସ, ଅଲେଖ ଜେନା, ଦୋଳଗୋବିନ୍ଦ ନାୟକ ଓ ଉତ୍କଳ କେଶରୀ ପରିଡା ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ସଭାରେ ୫ ହଜାରରୁ ଊର୍ଦ୍ଧ୍ୱ ଲୋକ ସାମିଲ ହୋଇଥିଲେ।

## ଏଏସ୍‌ଆଇଙ୍କୁ ହତ୍ୟା କଲେ ମାଓବାଦୀ

ମାଲକାନଗିରି, ୧୧।୩ (ସ୍ୱ.ପ୍ର.)

ସୀମାନ୍ତ ଛତିଶଗଡର ବସ୍ତର ଜିଲାର ଜବେଲି ଗ୍ରାମରୁ ରବିବାର ଦିନ ଦ୍ୱିପହରରେ ମାଓବାଦୀମାନେ ଅପହରଣ କରି ନେଇଥିବା ୨ଜଣଙ୍କ ମଧ୍ୟରୁ ଜଣକୁ ହତ୍ୟା କରିଛନ୍ତି। ହତ୍ୟାର ଶିକାର ହୋଇଥିବା ବ୍ୟକ୍ତି ଜଣକ ହେଉଛନ୍ତି ଏଏସଆଇ ଲଳିତ କଶ୍ୟପ। ଖବରରୁ ଜଣାପଡିଛି ଏଏସଆଇ କଶ୍ୟପ ଓ ଜଣେ ଶିକ୍ଷକ ଜୟସିଙ୍ଗ କୁରେଟିଙ୍କୁ ମାଓବାଦୀମାନେ ଅପହରଣ କରି ନେଇଥିଲେ। ସୋମବାର ପ୍ରଜାକୋର୍ଟରେ ନିର୍ମମ ଭାବେ ଏଏସଆଇ କଶ୍ୟପଙ୍କୁ ହତ୍ୟା କରିଛନ୍ତି। ପରେ ମୃତଦେହକୁ ଜବେଲି ଗାଁମୁଣ୍ଡରେ ଫୋପାଡି ଚାଲିଯାଇଛନ୍ତି। ଶିକ୍ଷକ କୁରେଟି ମାଓବାଦୀଙ୍କ ନିକଟରେ ଅଛନ୍ତି। ତାଙ୍କୁ ଫେରାଇ ଦେବାକୁ ପରିବାର ଲୋକେ ମାଓବାଦୀଙ୍କୁ ଆକୁଳ ନିବେଦନ କରିଛନ୍ତି।

## ଆଜି ଭାଜପାରେ ମିଶିବେ ବାବୁ ସିଂ

ଭୁବନେଶ୍ୱର, ୧୧।୩ (ବ୍ୟୁରୋ):

ରାଜଧାନୀର ଜଣାଶୁଣା ନେତା ବାବୁ ସିଂ ବିଜେଡି ଛାଡିବାପରେ ତାଙ୍କର ଶତାଧିକ ସମର୍ଥକମାନେ ମଧ ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ତେବେ ମଙ୍ଗଳବାର ବାବୁ ଭାଜପାରେ ଯୋଗଦେବାକୁ ଥିବା ସୂତ୍ରରୁ ଜଣାପଡିଛି। ଅପରାହ୍ନ ୪ଟା ସମୟରେ ବାବୁ ତାଙ୍କ ସମର୍ଥକମାନଙ୍କ ସହ ଆସି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଉପସ୍ଥିତିରେ ଭାଜପା କାର୍ଯ୍ୟାଳୟଠାରେ ଦଳରେ ମିଶିବେ ବୋଲି ସୂତ୍ରରୁ ସୂଚନା ମିଳିଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଛିଙ୍କିଲେ ଧୋବଲୁଗା ଛିଣ୍ଡିଯିବ;**
**ପାଳ ଦଉଡ଼ିଆ ପଇତା ଥାଇ କିସ କରିବ ?**

ଲୁଗା ଏତେ ପତଳା ବା ପୁରୁଣା ହୋଇଗଲାଣି ଯେ ସାମାନ୍ୟ ଛିଙ୍କିଦେଲେ ବି ଛିଡ଼ିଯାଉଛି। ଉତ୍କଟ ଦାରିଦ୍ରାବସ୍ଥା। ସ୍ୱାମୀ ଯେବେ ଅପାରଗ ଅଯୋଗ୍ୟ ହୁଏ ସେତେବେଳେ ଘରର ଆର୍ଥିକ ସ୍ଥିତି ଦୋହଲିଯାଏ। ଘରର ଅଭାବ ପୂରଣ କରିବା କଷ୍ଟସାଧ ହୋଇଯାଏ। ସ୍ୱାମୀର ଅଯୋଗ୍ୟ ପଣକୁ ଧିକ୍କାର କରିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଛାଞ୍ଚୁଣି ବିକିଲି, ଦରପଣ କଲି,**
**କୁଲା ବିକି କଲି ଚାତର ।**
**ମାଆ ବିକୁଥେଲା ଚିଙ୍ଗୁଡ଼ି ଶୁଖୁଆ,**
**ବାପ ବିକୁଥିଲା ପତର ।**

ସାଧାରଣତଃ ଅନେକ ବ୍ୟକ୍ତି ଛୋଟରୁ ବଡ଼ ହୋଇସାରିବା ପରେ ଅତୀତର ଦାରିଦ୍ର୍ୟ ଅବସ୍ଥାକୁ ପାସୋରି ଯାଇଥାନ୍ତି। ବର୍ତ୍ତମାନର ସ୍ୱଚ୍ଛଳ ଅବସ୍ଥାକୁ ନେଇ ଦେଖେଇ ଶିଖେଇ ଅନେକ ଗର୍ବ ପ୍ରକାଶ କରିଥାନ୍ତି। ଧନଗର୍ବରେ ମତୁଆଲା ହୋଇ ଅହଙ୍କାର କରି ବସିଥାନ୍ତି। ତେବେ ଦାରିଦ୍ର୍ୟ ଅବସ୍ଥାକୁ ବ୍ୟକ୍ତି କିଭଳି ଅତିକ୍ରମ କରି ଆସିଛି ତାହା ସେ ଭୁଲି ନ ଯିବା ଉଚିତ ବୋଲି ଏଠାରେ ବର୍ଣ୍ଣନା କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ଓଡ଼ିଶା କଂଗ୍ରେସର ପ୍ରାର୍ଥୀ ତାଲିକା ପ୍ରସ୍ତୁତି

## ଭକ୍ତଙ୍କୁ ସାମିଲ କଲେନି ନିରଞ୍ଜନ

ଭୁବନେଶ୍ୱର, ୧୧।୩ (ବ୍ୟୁରୋ):

ଓଡ଼ିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବାବେଳେ କଂଗ୍ରେସ ନିଜ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଚୟନ କରିବାରେ ଲାଗିପଡିଛି। କେନ୍ଦ୍ରୀୟ ସ୍କ୍ରିନିଂ କମିଟି ସଦସ୍ୟ ଦୁଇଟି ପର୍ଯ୍ୟାୟରେ ଓଡ଼ିଶା ଗସ୍ତରେ ଆସି ସମ୍ଭାବ୍ୟ ଆଶାୟୀ ପ୍ରାର୍ଥୀ ତାଲିକା ଚୂଡାନ୍ତ କରିଥିଲେ। ଏହାପରେ ପ୍ରଦେଶ ଇଲେକ୍ସନ କମିଟି(ପିଇସି) ବୈଠକରେ ମଧ ୨୧ ଲୋକ ସଭା ଏବଂ ଏହାର ଅନ୍ତର୍ଗତ ସମସ୍ତ ବିଧାନସଭା ଆସନର ପ୍ରାର୍ଥୀମାନଙ୍କ ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା। ଏସବୁ ତାଲିକା ଉପରେ ତର୍ଜମା କରାଯାଇ ଏକ ଚୂଡାନ୍ତ ତାଲିକା ସିଇସି(ସେଣ୍ଟ୍ରାଲ ଇଲେକ୍ସନ କମିଟି) ନିକଟକୁ ପଠାଯିବ। ଏଥିପାଇଁ ଦିଲ୍ଲୀ ଗସ୍ତରେ ଦଳର ୪ଜଣ ତୁଙ୍ଗ ନେତା ଯାଇଛନ୍ତି। ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ବିରୋଧୀ ଦଳ ନେତା ନରସିଂହ ମିଶ୍ର, ଦୁଇ କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଏବଂ ପ୍ରଦୀପ ମାଝି ଦିଲ୍ଲୀ ରବିବାରଠାରୁ ଗସ୍ତରେ ଅଛନ୍ତି। ବରିଷ୍ଠ କଂଗ୍ରେସ ନେତା କେଭିପି ରାମଚନ୍ଦ୍ର ରାଓଙ୍କ ବାସଭବନରେ ଉଭୟ ରାଜ୍ୟ ନେତୃବୃନ୍ଦ, ଓଡ଼ିଶା ପ୍ରଭାରୀ ଜିତେନ୍ଦ୍ର ସିଂ ଏବଂ ସ୍କ୍ରିନିଂ କମିଟି ଅଧ୍ୟକ୍ଷ ଭି.ଡି. ସାଥିସାନ ବସି ତାଲିକା ପ୍ରସ୍ତୁତ କରୁଛନ୍ତି। ସୋମବାର ସକାଳଠାରୁ ଆରମ୍ଭ ହୋଇଥିବା ଏହି ବୈଠକରେ ପ୍ରଥମ ପର୍ଯ୍ୟାୟରେ ୧୦ଲୋକ ସଭା ଆସନ ଏବଂ ଏହାର ଅନ୍ତର୍ଗତ ସମସ୍ତ ବିଧାନସଭା କ୍ଷେତ୍ର ପାଇଁ ପ୍ରାର୍ଥୀ ତାଲିକା ଚୂଡାନ୍ତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବାକି ସମସ୍ତ ଆସନ ପାଇଁ ଆଲୋଚନା ଚାଲି ନିଷ୍ପତ୍ତି ନିଆଯିବାକୁ ଥିବା ଶୁଣିବାକୁ ମିଳିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଏହି ଆଲୋଚନାକୁ ପିସିସି ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଦାସଙ୍କୁ ସାମିଲ କରାଯାଇ ନାହିଁ। ନିରଞ୍ଜନ ଜାଣିଶୁଣି ତାଙ୍କୁ ଏଥିରେ ସାମିଲ କରି ନ ଥିବା ରାଜନୈତିକ ମହଲରେ ଚର୍ଚ୍ଚା ଜୋର୍ ଧରିଛି। ଉଭୟ ନିରଞ୍ଜନ ଏବଂ ଭକ୍ତ ବିଗତ ଦିନରେ ପିସିସି ସଭାପତି ରେସ୍‌ରେ ଥିଲେ। ତେଣୁ ଭକ୍ତଙ୍କୁ ଜାଣିଶୁଣି ଉକ୍ତ ବୈଠକରେ ସାମିଲ କରାଯାଇ ନ ଥିବା ଚର୍ଚ୍ଚା ଜୋର୍ ଧରିଛି। ଅନ୍ୟପଟେ ଚୂଡାନ୍ତ ହେବାକୁ ଥିବା ତାଲିକା ସିଇସିକୁ ପଠାଯିବ। ଆସନ୍ତା ୧୫ରେ ସିଇସି ବସିବାକୁ ଥିବା ଶୁଣିବାକୁ ମିଳିଛି, ଏହାପରେ ଚୂଡାନ୍ତ ତାଲିକା ପ୍ରକାଶ ପାଇବ।

+PILES CLINIC+
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES) | DR. R. PRASAD GAMS (PATNA)
ମଳକଣ୍ଟକ (FISSURE) | DR. PREM KUMAR BAMS, LLB (UTKAL)
ଭଗନ୍ଦର (FISTULA)
WITHOUT SURGICAL OPERATION | 10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

CLASSIFIED DISPLAY
ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — *GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 | 6 × 4 | 12 × 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

MAHADEV FINANCE
ହର୍ କଦମ ଆପକେ ସାଥ୍
ମହାଦେବ ଋଣ (ISO: 9001:1985)
ସରକାରୀ ସ୍ୱୀକୃତୀ ପ୍ରାପ୍ତ କମ୍ପାନୀ ଦ୍ୱାରା ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ, ପେ-ସ୍ଲିପ୍ ଋଣ 50,000/- ରୁ 75,00,000/- ପର୍ଯ୍ୟନ୍ତ ମାତ୍ର 24 ଘଣ୍ଟାରେ ଘରେ ବସି ପାଆନ୍ତୁ। 2% ସୁଧ 40% ଛାଡ ।
52, Bhupendra Bose Avenue, Bidhan Sarani, Kolkata, West Bengal- 700004
7455967551
9520004405

GET INSTANT CASH AGAINST GOLD
GOLD CASH
SELL GOLD/SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

!!ଋଣ ଋଣ ଋଣ!!
ସାଇ ଫାଇନାନ୍ସ
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

BADRINNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Badrinnath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
H.O.- Plot No. 114/616, Devaraj Mohalla, Bangalore- 570001 (Sundargarh, Odisha)
Mob: 7894472652, 7750921738

FINANCE
ପର୍ସନାଲ ଲୋନ୍, ହୋମ, ବ୍ୟବସାୟିକ, ପ୍ରୋଜେକ୍ଟ, ମର୍ଟଗେଜ୍, କୃଷି, ସ୍ୱରୋଜଗାର ଲୋନ୍
ଶିବମ୍ କର୍ପୋରେସନ୍ ଭୁବନେଶ୍ୱର
SHIVAM Corporation
Plot No. 15, HB Colony, Lewis Road, Opp. Shree Hospital, Bhubaneswar
8987997062
8580119287

JAGANNATH FINANCE
ସରକାରୀ ଯୋଜନା ଦ୍ୱାରା ସମସ୍ତ ପ୍ରକାର LOAN ପାଆନ୍ତୁ। ପର୍ସନାଲ, ବ୍ୟବସାୟିକ, HOME, ମାର୍କଶିଟ୍, ଶିକ୍ଷା, କୃଷି, ପ୍ରପର୍ଟି ଓ ପଶୁପାଳନ। ସହଜ କିସ୍ତିରେ Jagannath Finance Company ଠାରୁ ସମସ୍ତ ପ୍ରକାର LOAN ପ୍ରାପ୍ତ କରନ୍ତୁ। ସୁଧ: 1%
Address: Baniadiha, Langaleswar, Baniadiha, Baleswar, Odisha-756024
Mob: 9911417134, 9911417461

BUSINESS
ଖାଲିଥିବା ଜମି ଓ ଛାତ ଉପରେ ବଂଶଲ ଗ୍ରୁପର ଡିଜିଟାଲ ଉପକରଣ ବସାଇ ଅଗ୍ରୀମ 70,000,00/- ପାଆନ୍ତୁ ଓ ମାସକୁ ଭଡା 45,000/- ଟଙ୍କା ପାଆନ୍ତୁ । ଜଣକୁ ଚାକିରି ମିଳିବ । ଆଜି ହିଁ ସଂମ୍ପର୍କ କରନ୍ତୁ
Plot No - 114/617, Devaraja Mohalla, Bangalore, Karnataka 570001
Call / SMS Now
8570062731

ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗରେ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

ପାଠକଙ୍କ ପାଇଁ ସୂଚନା:
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

FINANCE
ବାଲାଜୀ ଫାଇନାନ୍ସ କମ୍ପାନୀ
ସରକାରୀ ଯୋଜନା ଦ୍ୱାରା ନିଜର ମାର୍କସିଟ, ଆଧାରକାର୍ଡ, କୃଷି, ସମ୍ପତି, ବ୍ୟକ୍ତିଗତ ଋଣ ମାତ୍ର ୪୮ ଘଣ୍ଟାରେ ।
୨% ସୁଧ ୫୦%ଛାଡ । ଘରେ ବସି ପାଆନ୍ତୁ ।
ମହିଳା ମାନଙ୍କ ପାଇଁ ସ୍ୱତନ୍ତ୍ର ସୁବିଧା
Mahaveer Nagar, Lewis Road, Bangalore
8765611461
7839995611

!! ଭଟକିବାରୁ ବଞ୍ଚନ୍ତୁ !!
କୌଣସି ବି କାମ, ତୁରନ୍ତ
ସଚ୍ଚାପ୍ରେମୀ ନିରାଶ କାହିଁକି ?
ବାବା ଅଘୋରୀ ତାନ୍ତ୍ରିକ
ସ୍ପେଶାଲିଷ୍ଟ ବଶୀକରଣ, ଅସଲି ପ୍ରେମବିବାହ, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ବିବାହରେ ସମସ୍ୟା, ତନ୍ତ୍ରମନ୍ତ୍ରର ସମ୍ରାଟ, ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ସମାଧାନ । ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳାଇ ପାରେ ।
ମୋ ଆଗରୁ କାମ କରିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସ୍ପେଶାଲିଷ୍ଟ ବଶୀକରଣ - ଫୋନ୍ କରନ୍ତୁ
9899587663

ଋଣ
ସିଟି ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟରେ ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ, 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
9205075808
9205047642
citifinanceindialtd@gmail.com
Add : - 41/14, Sec.1, Pushp Vihar, Delhi

ଡିଜିଟାଲ ଉପକରଣ -କମ୍ପାନୀ- SMS JOB
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 18000ରୁ 46000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
6205322038
7488802117
Bukaro malepur, jamui Bihar-811313

ଖର୍ଚ୍ଚ ଋଣ ମଞ୍ଜୁର ହେବା ପରେ
Dhanlaxmi Bank Finance
Regd No.- (BG8855CH8814)
ମାର୍କଶିଟ୍, ପ୍ରପର୍ଟି, ଆଧାର କାର୍ଡ, ପର୍ସନାଲ ସବୁ ଋଣ ମାତ୍ର 24 ଘଣ୍ଟାରେ
9499135756
(ସରକାରୀ କର୍ମଚାରୀଙ୍କ ପାଇଁ ବିଶେଷ ରିହାତି)
BALIKUDA, JAGATSINGHPUR

FINANCE
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162



"ଖୁବ୍ କମ୍ ଲୋକ ଜାଣନ୍ତି ଯେ, ମୁଁ ବଲିଉଡ୍ ଷ୍ଟାର ଆୟୁଷ୍ମାନ ଖୁରାନାଙ୍କ ଭାଇ ।
- ଅପାରଶକ୍ତି ଖୁରାନା, ବଲିଉଡ୍ ଅଭିନେତା

## ଇତିହାସର ଆଇନାରେ

### ମାର୍ଚ୍ଚ ୧୨ର ପ୍ରମୁଖ ଘଟଣା

୨୦୦୩ ମାର୍ଚ୍ଚ ୧୨ରେ ସର୍ବିଆର ପ୍ରଧାନମନ୍ତ୍ରୀ ଜୋରାନ୍ ଡିଣ୍ଡିକ୍ଙ୍କୁ ବେଲ୍‌ଗ୍ରେଡ୍‌ଠାରେ ହତ୍ୟା କରାଯାଇଥିଲା। ଜୋରାନ୍ ୧୯୫୨ ଅଗଷ୍ଟ ୧ରେ ଜନ୍ମଗ୍ରହଣ କରିଥିଲେ। ସେ ୨୦୦୧ରୁ ସର୍ବିଆର ପ୍ରଧାନମନ୍ତ୍ରୀ ଥିଲେ।

୨୦୧୪ ମାର୍ଚ୍ଚ ୧୨ରେ ଇଷ୍ଟ ହାରଲେମ୍‌ରେ ଗ୍ୟାସ୍ ବିସ୍ଫୋରଣ ଯୋଗୁ ୮ଜଣଙ୍କ ମୃତ୍ୟୁ ଘଟିଥିଲା ଏବଂ ୭୦ଜଣ ଆହତ ହୋଇଥିଲେ। ଇଷ୍ଟ ହାରଲେମ୍ ମଧ ସ୍ପାନିଶ୍ ହାରଲେମ୍ ଭାବେ ପରିଚିତ। ନ୍ୟୁୟର୍କ ନଗରୀ ଅପରପାର୍ଶ୍ୱ ମ୍ୟାନ୍‌ହଟନ୍ ନିକଟରେ ଏହି ସହର ଅବସ୍ଥିତ।

## ୧୯୭୧ ଯୁଦ୍ଧବେଳେ ପାକିସ୍ତାନ ସୀମାକୁ ଚାଲିଯାଇଥିଲେ ଫାଇଟର ପାଇଲଟ୍

# ୪୭ ବର୍ଷ ହେଲା ସ୍ୱାମୀଙ୍କ ବାଟକୁ ଚାହିଁଛନ୍ତି ଦମୟନ୍ତୀ

**ନୂଆଦିଲ୍ଲୀ:** ଭାରତ ସରକାର ୱିଙ୍ଗ୍ କମାଣ୍ଡର ଅଭିନନ୍ଦନ ବର୍ଥମାନଙ୍କୁ ପାକିସ୍ତାନରୁ ଫେରାଇ ଆଣିଛନ୍ତି। ତେବେ ଏବେ ବି ପାକିସ୍ତାନର ବିଭିନ୍ନ ଜେଲ୍‌ରେ ବନ୍ଦୀ ଭାବେ ରହିଛନ୍ତି ଅନେକ ଭାରତୀୟ ଯୋଦ୍ଧା। ସେମାନଙ୍କ ମଧ୍ୟରେ ଅଛନ୍ତି ଫାଇଟର ପାଇଲଟ୍ ବିଜୟ ବସନ୍ତ ତାମ୍ବେ। ସେ ୧୯୭୧ ଡିସେମ୍ବର ୫ରେ ଭାରତ-ପାକିସ୍ତାନ ଯୁଦ୍ଧରେ ଧରାପଡ଼ିଥିଲେ। ପାକିସ୍ତାନ ସୈନ୍ୟ ତାଙ୍କୁ ଯୁଦ୍ଧବନ୍ଦୀ ଭାବେ ଜେଲ୍‌ରେ ରଖିଛନ୍ତି। ଇତିମଧ୍ୟରେ ବିତିଯାଇଛି ୪୭ ବର୍ଷ। ସ୍ତ୍ରୀ ଦମୟନ୍ତୀ ତାମ୍ବେ ସ୍ୱାମୀଙ୍କ ଫେରିବା ବାଟକୁ ଚାହିଁ ରହିଛନ୍ତି। ଅନେକ ଅନୁରୋଧ ପରେ ମଧ ଭାରତ ସରକାର ବିଜୟଙ୍କୁ ଫେରାଇ ଆଣିବାକୁ ସମର୍ଥ ହୋଇପାରି ନାହାନ୍ତି। ଏହି ଖବର ଦମୟନ୍ତୀ ପ୍ରଥମେ ରେଡିଓରୁ ଶୁଣିଥିଲେ। ଯୁଦ୍ଧରେ ନିଖୋଜ ଥିବା ୫୪ ଯବାନଙ୍କୁ ଭାରତ ସରକାର ପାକିସ୍ତାନ ଜେଲରୁ ମୁକୁଳାଇ ପାରିନାହାନ୍ତି। ଦକ୍ଷିଣ ଦିଲ୍ଲୀର ମୁନିର୍କା ବିହାରରେ ୭୦ ବର୍ଷ ବୟସ୍କା ଦମୟନ୍ତୀ ପ୍ରତୀକ୍ଷା କରିଛନ୍ତି ବିଜୟଙ୍କ ବାଟକୁ। ଦୁଇଦେଶର ଆଇନ ବ୍ୟବସ୍ଥା ଭିତରେ ତାଙ୍କ ସ୍ୱାମୀଙ୍କ ଭବିଷ୍ୟତ ବଳି ପଡିଥିବା ଅଭିଯୋଗ କରିଛନ୍ତି ଦମୟନ୍ତୀ।



ବିଜୟ-ଦମୟନ୍ତୀଙ୍କ ଫାଇଲ ଫଟୋ | ଦମୟନ୍ତୀ ତାମ୍ବେ

# ୱେବ୍ ସିରିଜ୍ କରିବେ ପରିଣୀତି



**ମୁମ୍ବାଇ:** ବଲିଉଡ୍ ଅଭିନେତ୍ରୀ ପରିଣୀତି ଚୋପ୍ରା ୱେବ୍ ସିରିଜ୍ କରିବାକୁ ମନ ବଳାଇଛନ୍ତି। ଏଥିପାଇଁ ତାଙ୍କୁ ଅନେକ ଆଗୁ ଅଫର ମିଳିଲାଣି। ଅନେକ ବିକଳ୍ପ ରହିଥିବା ବେଳେ ସିରିଏଲରେ ବିଷୟବସ୍ତୁକୁ ଆଧାରକରି ସିରିଜ୍ ଚୟନ କରିବାକୁ ହେବ ବୋଲି ସେ କହିଛନ୍ତି। ୩ରୁ ୪ଟି ଶୋ' ପାଇଁ ତାଙ୍କୁ ଅଫର ଆସିଛି। ତେବେ କେଉଁଥିରେ ସେ ଅଭିନୟ କରିବେ ନିଷ୍ପତ୍ତି ନେଇନାହାନ୍ତି। ଚଳିତ ବର୍ଷ ପରିଣୀତିଙ୍କୁ ୩ଟି ଫିଲ୍ମ- 'କେଶରୀ', 'ସନ୍ଦୀପ ଔର ପିଙ୍କି ଫାରାର୍' ଏବଂ 'ଜବ୍‌ରିୟା ଯୋଡି'ରେ ଦେଖିବାକୁ ମିଳିବ।



## ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଉପକ୍ରମ)

କ୍ଷେତ୍ରୀୟ କାର୍ଯ୍ୟାଳୟ, ଭୁବନେଶ୍ୱର, ବି/୨, ପଶ୍ଚିମ, ଶହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍ - ୦୬୭୪-୨୫୪୦୦୩୨, ଇ-ମେଲ: 0815ro@iobnet.co.in, 0815law@iob.in

## ଇ-ନିଲାମ/ ବିକ୍ରୟ ବିଜ୍ଞପ୍ତି

**ଅସ୍ଥାବର/ସ୍ଥାବର ସମ୍ପତ୍ତିର ଇ-ନିଲାମ ବିକ୍ରୟ ପାଇଁ ସର୍ବସାଧାରଣ ବିଜ୍ଞପ୍ତି**
(ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍ ଫୋର୍ସମେଣ୍ଟ) ରୁଲ୍ସର ରୁଲ୍ ୮(୬) ପାଇ ଅସ୍ଥାବର ଓ ୬(୨) ସ୍ଥାବର ଅନୁଯାୟୀ)

**ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୮(୬) ଓ ୯(୧) ଅନୁଯାୟୀ ସ୍ଥାବର/ଅସ୍ଥାବର ସମ୍ପତ୍ତିଗୁଡିକର ବିକ୍ରୟ ନିମନ୍ତେ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି)**

ଏହି ନୋଟିସ୍ ଦ୍ୱାରା ସର୍ବସାଧାରଣଙ୍କୁ ଏବଂ ବିଶେଷ ଭାବରେ ରଣଗ୍ରହୀତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇଦିଆଯାଉଅଛିଯେ ନିମ୍ନରେ ବର୍ଣ୍ଣିତ ହୋଇଥିବା ସ୍ଥାବର/ଅସ୍ଥାବର ସମ୍ପତ୍ତି ଗଡିକ ସୁରକ୍ଷିତ ରଣଦାତାଙ୍କ ନିକଟରେ ବନ୍ଧକ ରହିଛି, ନିମ୍ନରେ ବର୍ଣ୍ଣିତ ରଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କକୁ ଦେବାକୁ ଥିବା ବକେୟା ଦେୟକୁ ଅସୁଲ କରିବା ନିମନ୍ତେ ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ (ସୁରକ୍ଷିତ ରଣଦାତା)ର କ୍ଷମତାପ୍ରାପ୍ତ ଅଧିକାରୀ ନିମ୍ନଲିଖିତ ସମ୍ପତ୍ତିଗୁଡିକୁ ଗଠନମୂଳକ ଦଖଲ **"ଯାହାକି ସେଠାରେ ଅଛି", "ଯେଉଁଠାରେ ଯେପରି ଅଛି" ଏବଂ "ଯାହା ଯେପରି ଅଛି"** ଭିତିରେ ବିକ୍ରୟ କରିବା ନିମନ୍ତେ ନିମ୍ନଲିଖିତ ତାରିଖ ସ୍ଥିର କରିଛନ୍ତି। ସଂରକ୍ଷିତ ମୂଲ୍ୟ ଓ ଅମାନତ ଜମା, ସମ୍ପତ୍ତି ବିବରଣୀ ଏବଂ ଅନ୍ୟାନ୍ୟ ବିବରଣୀ ମଧ୍ୟ ନିମ୍ନରେ ପ୍ରଦାନ କରାଗଲା। କୌଣସି ଇଣ୍ଡେମିନିଟିଜ୍ (ବନ୍ଧକ ପତ୍ର) ଏବଂ ୱାରେଣ୍ଟି ବିନା ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି, ସେଠାରେ ଯାହା ଅଛି ଏବଂ ବିନା ଆଇନଗତ ସହାୟତା ଭିତିରେ"** ବିକ୍ରି କରାଯିବ।

| କ୍ର. ନଂ | ଶାଖା ନାମ / ରଣଗ୍ରହୀତା / ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ଅସ୍ଥାବର/ସ୍ଥାବର ସମ୍ପତ୍ତି ଗୁଡିକର ବିବରଣୀ |
|---|---|---|
| ୧. | **ଜୋବ୍ରା ଶାଖା**, ଫୋନ.: ୦୬୭୧-୨୫୪୮୦୩୨/୨୫୪୮୫୩୫, ମୋ.: ୯୪୩୮୨୯୫୩୩୪/ **ରଣଗ୍ରହୀତା: ମେସର୍ସ ଜୀବଦାନୀ ଏଣ୍ଟରପ୍ରାଇଜେସ୍, ସ୍ୱତ୍ୱାଧିକାରୀ: ସତ୍ୟଜିତ ପରିଡା,** ପିତା: କ୍ଷେତ୍ରମୋହନ ପରିଡା /**ଗ୍ୟାରେଣ୍ଟିଦାତାମାନେ: ୧) ପୁଷ୍ପଲତା କବି, ୨) ସୁଲୋଚନା କବି/ପରିଡା,** ଉଭୟଙ୍କ ବାସଗୃହ ଠିକଣା ସା.: ଗୋପାଳ ସାହି, ମଙ୍ଗଳାବାଗ୍, କଟକ | **ସୁଲୋଚନା କବି ଏବଂ ପୁଷ୍ପଲତା କବିଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ମୌଜା: କଟକ ସହର, ୟୁନିଟ୍ ନଂ-୨୨, ମିର୍ଜାମଲ ପାଟଣା, ତହସିଲ ନଂ.: ୫, ଖାତା ନଂ.: ୧୦୬୮/୪୩, ପ୍ଲଟ୍ ନଂ.: ୧୦୧୭, କ୍ଷେତ୍ର: ଏକର୦.୦୪୨ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ରାସ୍ତା, ପଶ୍ଚିମ: କୈଳାସ କବି (ଏସି ଷ୍ଟ୍ରିଟ୍), ଉତ୍ତର: ରାଜେଶ କବି, ଦକ୍ଷିଣ: ନର୍ସିଂହୋମ୍ |
| ୨. | **ଢେଙ୍କାନାଳ ଶାଖା**, ଫୋନ.: ୦୬୭୬୨-୨୨୬୪୩୬, ମୋ.: ୯୪୩୭୦୮୧୪୭୭/ **ରଣଗ୍ରହୀତା: ମେସର୍ସ ମେଟ୍ରୋ ଗାର୍ଡେନ, ସ୍ୱତ୍ୱାଧିକାରୀ: ଶ୍ରୀ ସରୋଜ କୁମାର ସାହୁ,** ପିତା: ଶ୍ରୀ ମାୟାଧର ସାହୁ, ସା: ରତନପ୍ରଭା (ପୋଡପଡା, ପୋ.: ହିନ୍ଦୋଳ ରୋଡ୍, ଥାନା: ମୋଟଙ୍ଗା, ଜିଲ୍ଲା: ଢେଙ୍କାନାଳ, ପିନ୍-୭୫୯୦୧୯ | **ଶ୍ରୀ ସରୋଜ କୁମାର ସାହୁଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଯାହାର ପ୍ଲଟ୍ ନଂ.: ୪୧୮୮/୪୯୪୨, ଖାତା ନଂ.: ୨୭୨/୧୩୬, କ୍ଷେତ୍ର: ଏକର୦.୨୯ଡିସିମିଲି, ଥାନା: ମୋଟଙ୍ଗା, ଜିଲ୍ଲା: ଢେଙ୍କାନାଳ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ଜଗା ନାୟକ, ପଶ୍ଚିମ: ଶ୍ରୀ ପ୍ରହଲ୍ଲାଦ ବାରିକ, ଉତ୍ତର: ରେଙ୍ଗାଳି ରାଇଟ୍ କେନାଲ, ଦକ୍ଷିଣ: ଏନ୍‌ଏଚ୍-୪୨ |
| ୩. | **ବାରବାଟୀ ଷ୍ଟାଡ଼ିୟମ ଶାଖା**, ଫୋନ.: ୦୬୭୧-୨୩୦୦୨୭୦, ମୋ.: ୯୯୬୭୬୯୧୩୯୨୫/ **ରଣଗ୍ରହୀତା: ମେସର୍ସ ଭାରତ ଫ୍ଲାଏ ଆଶ ବ୍ରିକ୍ସ, ସ୍ୱତ୍ୱାଧିକାରୀ: ୧) ଶ୍ରୀମତୀ ଝରଣା ରାଉତ,** ସ୍ୱାମୀ: ୰ ପ୍ରଶାନ୍ତ ରାଉତ, ସା.: ମେଟ୍ରୋ ଗାର୍ଡେନ୍ ଇଷ୍ଟେଟ୍, ପୋ.: ତେଲେଙ୍ଗା ବଜାର, ଥାନା: ପୁରୀଘାଟ, କଟକ, **୨) ମହମ୍ମଦ ରଫିକ୍,** ପିତା: ହାଜି ମହମ୍ମଦ ସୋହେବ, ସା.: ତୁଳସୀପୁର (ଗୋରା କବର), ପୋ.: ବକ୍ସି ବଜାର, ଥାନା: ବିଡ଼ାନାସୀ, କଟକ- ୭୫୩୦୦୧ | **ଶ୍ରୀ ପ୍ରଶାନ୍ତ କୁମାର ରାଉତ ଏବଂ ମହମ୍ମଦ ରଫିକ୍‌ଙ୍କ** ନାମରେ ଥିବା ଜମି ଏବଂ ଛୋଟ ଗୃହ ସହିତ କାରଖାନା ଗୃହ ଯାହାର ମୌଜା: ଅତୁଡା, ଥାନା/ତହସିଲ: ସାଲେପୁର, ଜିଲ୍ଲା: କଟକ, ପ୍ଲଟ୍ ନଂ.: ୩୨୫୭, ଖାତା ନଂ.: ୫୫୩, କ୍ଷେତ୍ର: ଏକର ୧.୫୨୯ ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୩୫୬୬, ୩୫୬୭, ୩୫୬୮, ୩୫୬୯, ପଶ୍ଚିମ: ପ୍ଲଟ୍ ନଂ.: ୩୬୫୨, ୩୫୫୬, ଉତ୍ତର: ସରକାରୀ ଜଳସେଚିତ ଜମି, ଦକ୍ଷିଣ: ପ୍ଲଟ୍ ନଂ.: ୩୬୫୨ |
| ୪. | **ଯାଜପୁର ରୋଡ୍ ଶାଖା**, ଫୋନ.: ୦୬୭୨୬-୨୨୦୮୧୦, ମୋ.: ୭୯୭୮୭୫୧୫୮୪/ **ରଣଗ୍ରହୀତା: ମେସର୍ସ ଶର୍ମିଷ୍ଠା ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ଶ୍ରୀମତୀ ଶର୍ମିଷ୍ଠା ମଞ୍ଜରୀ ଖଣ୍ଡେଇ,** ସ୍ୱାମୀ- ଶ୍ରୀ ମହେଶ୍ୱର ମହାପାତ୍ର, ସା: ବଜରପଡ଼ା (ସଠିପୁର), ପୋ: ରୁଢ଼ିଆ, ଥାନା: ପାଣିକୋଇଲି, ଜିଲ୍ଲା: ଯାଜପୁର - ୭୫୫୦୩୩ | **ଶ୍ରୀମତୀ ଶର୍ମିଷ୍ଠା ମଞ୍ଜରୀ ଖଣ୍ଡେଇଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାକି ମୌଜା: ବଜରପଡା, ଖାତା ନଂ: ୧୦୩, ପ୍ଲଟ୍ ନଂ: ୨୨, କ୍ଷେତ୍ର: ଏକର ୦.୦୮ ଡିସିମିଲି, ଅନୁରୂପ ମ୍ୟୁଟେସନ୍ ଖାତା ନଂ: ୨୫୦/୧୩, ପ୍ଲଟ୍ ନଂ: ୨୨/୧୭୫୪, ଥାନା: ପାଣିକୋଇଲି, ଜିଲ୍ଲା: ଯାଜପୁର ରେ ଅବସ୍ଥିତ, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ମହେଶ୍ୱର ମହାପାତ୍ର, ପଶ୍ଚିମ/ଦକ୍ଷିଣ: ଶ୍ରୀ ରାଜୁ ବାରିକ, ଉତ୍ତର : ଗୋଚର |
| ୫. | **ଯାଜପୁର ରୋଡ୍ ଶାଖା,** ଫୋନ.: ୦୬୭୨୬-୨୨୦୮୧୦, ମୋ.: ୭୯୭୮୭୫୧୫୮୪/ **ରଣଗ୍ରହୀତା: ଶ୍ରୀ ଧରଣୀଧର ମଲ୍ଲିକ,** ପିତା- ୰ବାଞ୍ଛୁ ମଲ୍ଲିକ / **ଜାମିନ୍‌ଦାରମାନେ: ୧) ଶ୍ରୀ କରୁଣାକର ମଲ୍ଲିକ,** ପିତା- ୰ ବାଞ୍ଛୁ ମଲ୍ଲିକ, **୨) ଶ୍ରୀମତୀ ବାସନ୍ତୀ ମଲ୍ଲିକ,** ସ୍ୱାମୀ- ଶ୍ରୀ ଧରଣୀଧର ମଲ୍ଲିକ, ସମସ୍ତଙ୍କ ଠିକଣା- ଗ୍ରାମ: ବଡପାତୁଲୀ, ପୋ: ପାତୁଲୀ, ଜିଲ୍ଲା: ଯାଜପୁର - ୭୫୫୦୧୯ | (୧) ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାକି ମୌଜା: ବଡପାତୁଲୀ, ଖାତା ନଂ: ୧୬୧, ପ୍ଲଟ୍ ନଂ: ୫୩୪, ୫୩୫, ପରିମିତ କ୍ଷେତ୍ର: ଏକର ୦.୧୨ ଡିସିମିଲି, ଜିଲ୍ଲା: ଯାଜପୁର, ଏହାର ଚାରିପାର୍ଶ୍ୱରେ ପୂର୍ବ: ନିଲେଇ ମଲ୍ଲିକ, ପଶ୍ଚିମ: ରାସ୍ତା, ଉତ୍ତର / ଦକ୍ଷିଣ: ଶ୍ରୀ ଧରଣୀଧର ମଲ୍ଲିକ ଏବଂ ଶ୍ରୀ କରୁଣାକର ମଲ୍ଲିକ ଅବସ୍ଥିତ । **(୨) ଶ୍ରୀ ଧରଣୀଧର ମଲ୍ଲିକ, ଶ୍ରୀ କରୁଣାକର ମଲ୍ଲିକ ଏବଂ ଶ୍ରୀମତୀ ବାସନ୍ତୀ ମଲ୍ଲିକଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାକି ମୌଜା: ବଡପାତୁଲି, ଖାତା ନଂ: ୨୬, ପ୍ଲଟ୍ ନଂ: ୧୨୫ (ଅଂଶ), ପରିମିତ କ୍ଷେତ୍ର: ଏକର ୦.୧୯ ଡିସିମିଲି, ଖାତା ନଂ: ୨୮୬, ପ୍ଲଟ୍ ନଂ: ୪୯୨, ୪୯୩, କ୍ଷେତ୍ର: ଏକର ୦.୧୨ ଡିସିମିଲି, ଖାତା ନଂ: ୪୨୬, ପ୍ଲଟ୍ ନଂ: ୪୪୯, କ୍ଷେତ୍ର: ଏକର ୦.୧୧ ଡିସିମିଲି, ଖାତା ନଂ: ୧୦୪, ପ୍ଲଟ୍ ନଂ: ୧୮୨(ଅଂଶ), କ୍ଷେତ୍ର: ଏକର ୦.୩୭ ଡିସିମିଲି, ଖାତା ନଂ: ୨୭୩, ପ୍ଲଟ୍ ନଂ: ୪୬୯, ୪୭୦, ୪୭୧, କ୍ଷେତ୍ର: ଏକର ୦.୭୯ ଡିସିମିଲି, ଖାତା ନଂ: ୧୪୬, ପ୍ଲଟ୍ ନଂ: ୬୨୨, କ୍ଷେତ୍ର: ଏକର ୦.୩୧ ଡିସିମିଲି, ଖାତା ନଂ: ୧୬୧, ପ୍ଲଟ୍ ନଂ: ୧୧୩୯, ପ୍ଲଟ୍ ନଂ: ୫୬୪, ୫୩୩, ୫୧୮/୧୧୭୬, କ୍ଷେତ୍ର: ଏକର ୦.୬୨ ଡିସିମିଲି, ଜିଲ୍ଲା: ଯାଜପୁରରେ ଅବସ୍ଥିତ । **ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି କେବଳ ଏସସି (ଅନୁସୂଚିତ ଜାତି)ଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରାଯିବ।** |
| ୬. | **ବାରିପଦା ଶାଖା, ଫୋନ.: ୦୬୭୯୨-୨୫୭୭୯୭, ମୋ.: ୮୮୯୫୨୩୩୨୯୦/ ରଣଗ୍ରହୀତା/ବନ୍ଧକଦାତା: ଗୋପିନାଥ ହେମ୍ବ୍ରମ,** ପିତା: ବଡ ହେମ୍ବ୍ରମ, ସା/ପୋ.: କଖାରୁ ସୋଲ୍, ଭାୟା/ଥାନା: ଚନ୍ଦୁଆ, ଜିଲ୍ଲା: ମୟୁରଭଞ୍ଜ, ଓଡ଼ିଶା, ପିନ୍-୭୫୭୦୧୪ | **ଗୋପିନାଥ ହେମ୍ବ୍ରମଙ୍କ** ନାମରେ ଥିବା ଜମି ଏବଂ ଗୃହ ଯାହାର ଖାତା ନଂ.: ୨୬୬/୧୦୩, ପ୍ଲଟ୍ ନଂ.: ୧୫୫୫/୧୮୮୫, କ୍ଷେତ୍ର: ଏକର୦.୧୫୦ଡିସିମିଲି, କିସମ: ଘରବାରୀ, ମୌଜା: ଚନ୍ଦୁଆ, ଥାନା: ଚନ୍ଦୁଆ, ଜିଲ୍ଲା: ମୟୁରଭଞ୍ଜ, ଏହାର ଚାରିପାର୍ଶ୍ୱରେ ପୂର୍ବ/ଉତ୍ତର: ଖୋଲା ଥିବା ଜମି, ପଶ୍ଚିମ: ରାସ୍ତା, ଦକ୍ଷିଣ: ରାସ୍ତା ଏବଂ ନଗେନ୍ଦ୍ର ନାଥ ମହନ୍ତ, **ଏତଦ୍ୱାରା ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଛି କି କେବଳ ଏସଟି (ଅନୁସୂଚିତ ଜନଜାତି)ଙ୍କ ଠାରୁ ପ୍ରସ୍ତାବ ଗ୍ରହଣ କରାଯିବ।** |
| ୭. | **ଧୁରୁକୁଡିଆ ଶାଖା,** ମୋ.: ୭୮୯୮୬୧୩୧୩୯, ୭୩୫୪୧୬୨୨୨୪/ **ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ମେସର୍ସ ସର୍ପେଶ୍ୱର ଡାଲ୍ ମିଲ୍, ସ୍ୱତ୍ୱାଧିକାରୀ: ଶ୍ରୀ ବିଜୟ କୁମାର ସ୍ୱାଇଁ,** ସା: ଶ୍ରୀରାଙ୍ଗାପୁର, ପୋ.: ଧୁରୁଶିଆ, ଥାନା: ଖୁଣ୍ଟୁଣି, ଜିଲ୍ଲା: କଟକ-୭୫୪୦୨୭, ଓଡ଼ିଶା | **ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ** ନାମରେ ଥିବା ବନ୍ଧକପ୍ରାପ୍ତ ଜମି ଏବଂ ଗୃହ ଆଦି ସମ୍ପତ୍ତି ଯାହାର ପ୍ଲଟ୍ ନଂ.: ୦୧, ଖାତା ନଂ.: ୦୧, ମୌଜା: ଶ୍ରୀରାଙ୍ଗାପୁର, ଥାନା: ଗୁରୁଡିଝାଟିଆ, ପୋ.: ଧୁରୁଶିଆ, କ୍ଷେତ୍ର: ଏକର୦.୦୮୩ଡିସିମି (୩୬୧୫୪ ବର୍ଗଫୁଟ), ଜିଲ୍ଲା: କଟକ, ପିନ୍-୭୫୪୦୨୭, ଓଡ଼ିଶା, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୦୨, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୦୨, ଦକ୍ଷିଣ: ପ୍ଲଟ୍ ନଂ.: ୦୧ ଏବଂ **ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ** ନାମରେ ଥିବା କଳକବ୍ଜା ଏବଂ ଯନ୍ତ୍ରପାତି (କଳକବ୍ଜା ଏବଂ ଯନ୍ତ୍ରପାତି ବିବରଣୀ: ଫଟକା, ୱର୍ମ, ପୋକୁଲାର ମେସିନ୍ ସହିତ ମେସିନ୍, ପୋକୁଲାର କନେକ୍ଟ ଏଲିମିଟର, କ୍ଷୋନର, ଡ୍ରାୟର ସେକ୍ସନ, ଏଲିମିଟର ୫ଟି, ବ୍ରଫ୍‌ଲର, ବ୍ଲୋଓର, ରୋଲା ସହିତ ମୋଟର (୧୦ ଏଚ୍‌ପି), ଥୁକାର ଚଲା ସହିତ ମୋଟର, ୪ଟି ଚଲା ସହିତ ମୋଟର) ଯାହାକି ପ୍ଲଟ୍ ନଂ.: ୦୧, ଖାତା ନଂ.: ୦୧, ମୌଜା: ଶ୍ରୀରାଙ୍ଗାପୁର, ଥାନା: ଗୁରୁଡିଝାଟିଆ, ପୋ.: ଧୁରୁଶିଆ, ଜିଲ୍ଲା: କଟକ, ଓଡ଼ିଶା-୭୫୪୦୨୭ରେ ଅବସ୍ଥିତ। |
| ୮. | **ଶହୀଦ ନଗର ଶାଖା,** ଫୋନ୍.: ୦୬୭୪-୨୫୪୩୬୬୭, ମୋ: ୮୯୦୮୧୦୪୦୭୦/ **ରଣଗ୍ରହୀତା: ମେସର୍ସ ଶ୍ରାବଣୀ କନ୍‌ଷ୍ଟ୍ରକ୍ସନସ୍ ପ୍ରାଇଭେଟ୍ ଲିଃ.,** ପଞ୍ଜୀକୃତ କାର୍ଯ୍ୟାଳୟ: ପ୍ଲଟ୍ ନଂ.: ଏ/୧୬, ନୀଳକଣ୍ଠ ନଗର, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୨ / **ନିର୍ଦ୍ଦେଶକ / ଗ୍ୟାରେଣ୍ଟିଦାତା: ୧) ଶ୍ରୀ ଶିବନାରାୟଣ ଛୋଟରାୟ, ୨) ଶ୍ରୀମତୀ ସ୍ୱପ୍ନା ଛୋଟରାୟ,** ଉଭୟଙ୍କ ଠିକଣା ପ୍ଲଟ୍ ନଂ.: ୫୧୧(ଅଂଶ), ବାଲିତୋଟା ସାହି, ନୟାପଲ୍ଲୀ, ଭୁବନେଶ୍ୱର | **୧) ମେସର୍ସ ଶ୍ରାବଣୀ କନ୍‌ଷ୍ଟ୍ରକ୍ସନସ୍ ପ୍ରାଇଭେଟ୍ ଲିଃ.ଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା: ଘଙ୍ଗାପାଟଣା, ଖାତା ନଂ.: ୧୪, ପ୍ଲଟ୍ ନଂ.: ୯୧୫(ଅଂଶ), ସବ୍‌ପ୍ଲଟ୍ ନଂ.: ୨,୩,୪ ଏବଂ ୫, କ୍ଷେତ୍ର: ଏକର.୦.୮୩୦.୫ଡିସିମିଲି, ଥାନା: ଚନ୍ଦକା, ଥାନା ନଂ.: ୪୬, ଏସ୍.ଆର୍: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା ଏବଂ ବି+ଏସ୍+୧୦ ମହଲା ବାସପୋଯୋଗୀ ଆପାର୍ଟମେଣ୍ଟ ବ୍ଲକ୍ ନିର୍ମାଣାଧିନ। ଏହାର ଚାରିପାର୍ଶ୍ୱରେ ପୂର୍ବ: ୯୦୭,୯୧୯ ଏବଂ ୯୧୮, ପଶ୍ଚିମ: ସରକାରୀ ଜମି (ରାସ୍ତା), ଉତ୍ତର: ପ୍ଲଟ୍ ନଂ.: ୯୦୮, ଦକ୍ଷିଣ: ପ୍ଲଟ୍ ନଂ.: ୯୧୫(ଅଂଶ), **୨) ମେସର୍ସ ଶ୍ରାବଣୀ କନ୍‌ଷ୍ଟ୍ରକ୍ସନସ୍ ପ୍ରାଇଭେଟ୍ ଲିଃ.ଙ୍କ** ନାମରେ ଥିବା ଜମି ଆଦି ସମ୍ପତ୍ତି ଯାହାର ମୌଜା: ଘଙ୍ଗାପାଟଣା, ଖାତା ନଂ.: ୧୪, ପ୍ଲଟ୍ ନଂ.: ୯୧୫, କ୍ଷେତ୍ର: ଏକର.୦.୬୬୫ଡିସିମିଲି, ଥାନା: ଚନ୍ଦକା, ଥାନା ନଂ.: ୪୬, ଏସ୍.ଆର୍: ଖଣ୍ଡଗିରି, ତହସିଲ: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଏହାର ଚାରିପାର୍ଶ୍ୱରେ ପୂର୍ବ: ରେଭିନ୍ୟୁ ପ୍ଲଟ୍ ନଂ.: ୯୧୬, ପଶ୍ଚିମ: ସରକାରୀ ଜମି (ରାସ୍ତା), ଉତ୍ତର: ରେଭିନ୍ୟୁ ପ୍ଲଟ୍ ନଂ.: ୯୧୫ର ଅଂଶ, ଦକ୍ଷିଣ: ରାସ୍ତା |
| ୯. | **ହରିପୁର ରୋଡ୍ ଶାଖା,** ଫୋନ.: ୦୬୭୧-୨୪୨୩୮୦୯/୩୧୮୩, ମୋ.: ୯୪୩୯୦୭୮୩୯୦ / **ରଣଗ୍ରହୀତା/ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ମେସର୍ସ ବ୍ଲୁ ଇଞ୍ଜିନିୟର୍ସ ପ୍ରା. ଲିଃ., ପରିଚାଳନା ନିର୍ଦ୍ଦେଶକ: ବିଶ୍ୱଜିତ୍ ପୁଷ୍ଟି,** ପ୍ଲଟ୍ ନଂ.: ୪୮, ଶକ୍ତି ନଗର, ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨, ଓଡ଼ିଶା, **ନିର୍ଦ୍ଦେଶକ: ମିନା ମଲ୍ଲିକ,** ପ୍ଲଟ୍ ନଂ.: ୪୭, ଶକ୍ତି ନଗର, ଅରୁଣୋଦୟ ମାର୍କେଟ, କଟକ-୭୫୩୦୧୨, ଓଡ଼ିଶା | ଯନ୍ତ୍ରପାତିର ସମସ୍ତ ଅଂଶବିଶେଷ ଯାହାର ସିଏନ୍‌ସି ଲେନ୍, ପ୍ଲାସମା କଟିଂ, ମ୍ୟାଗ୍ନେଟିକ୍ ଡ୍ରିଲିଂ, ଅଟୋମେଟିକ୍ ୱେଲ୍ଡିଂ ସିଷ୍ଟମ, ହେବି ଡ୍ରେଲିଂ ମେସିନ୍, ପ୍ଲେଟ୍ ରୁଲର, ଡିଜେଲ ଜେନେରେଟର, ଅଟୋମେଟିକ୍ କଟିଂ ସେଟ୍, ମେଜରିଂ ଇନ୍‌ଷ୍ଟ୍ରୁମେଣ୍ଟସ୍, ହାଇଡ୍ରୋଲିକ୍ ଏବଂ ସ୍କ୍ରିଉ ଜ୍ୟାକ୍, ଲିଫ୍ଟିଂ ଟୁଲ୍ସ, ରେଡିଓଗ୍ରାଫି ସେଟ୍ କଂପ୍ରେସର, ବ୍ଲାଷ୍ଟିଂ ମେସିନ୍, ପେଣ୍ଟିଂ ଗନ୍ ସହିତ ମିକ୍ସଚର, ଇଲେକ୍ଟ୍ରିକାଲ ଟେଷ୍ଟିଂ କିଟ୍ ଏବଂ ଆପାରେଟର୍ସ, ୬୩ କେଭିଏ ଟ୍ରାନ୍ସଫର୍ମର, ହାଇଡ୍ରୋଲିକ୍ ପ୍ରେସ୍ ବ୍ରେକ୍ ମୋଟରାଇଜଡ୍ ବ୍ୟାକ୍ ଗଜ ସହିତ ଡିଆରଓ, ଇଞ୍ଜିନ୍‌କଟ ସିଏନ୍‌ସି ପ୍ଲାଜମା ପ୍ରୋଫାଇଲ କଟିଂ ସିଷ୍ଟମ୍ । ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ହରିପୁର ରୋଡ୍ ଶାଖାରେ ବନ୍ଧକପ୍ରାପ୍ତ |
| ୧୦. | **ହରିପୁର ରୋଡ୍ ଶାଖା,** ଫୋନ.: ୦୬୭୧-୨୪୨୩୮୦୯/୩୧୮୩, ମୋ.: ୯୪୩୯୦୭୮୩୯୦ / **ରଣଗ୍ରହୀତା/ବନ୍ଧକଦାତା: ମେସର୍ସ ମାମା ଏଜେନ୍ସି, ସ୍ୱତ୍ୱାଧିକାରୀ: ଶ୍ରୀ ବୃନ୍ଦାବନ ପ୍ରହରାଜ,** ପିତା: ଉପେନ୍ଦ୍ର ପ୍ରହରାଜ, / **ଗ୍ୟାରେଣ୍ଟିଦାତା/ବନ୍ଧକଦାତା: ଶ୍ରୀମତୀ ସଞ୍ଜିବନୀ ସୁଧା ଷଡଙ୍ଗୀ,** ସ୍ୱାମୀ: ଶ୍ରୀ ବୃନ୍ଦାବନ ପ୍ରହରାଜ, ସା/ପୋ.: ଦୋଳମୁଣ୍ଡାଇ, ଥାନା: କଟକ, ଜିଲ୍ଲା: କଟକ, ଓଡ଼ିଶା-୭୫୩୦୦୧, ସ୍ଥାୟୀ ଠିକଣା- ସା.: ଖରିବିଲ, ପୋ.: ଏରଞ୍ଚ, ଥାନା: ନିଆଳି, ଜିଲ୍ଲା: କଟକ-୭୫୪୧୦୫, ଓଡ଼ିଶା, **ବର୍ତ୍ତମାନ ଠିକଣା-** ମାର୍ଫତ: ପି.ସି. ମଙ୍ଗରାଜ, ସା.: ବଡେଇସାହି, ରାଜାବଗିଚା, ତଳତେଲେଙ୍ଗା ବଜାର, ଜିଲ୍ଲା: କଟକ-୭୫୩୦୦୯, ଓଡିଶା, ପିନ୍-୭୫୩୦୦୧ | **କ) ଶ୍ରୀମତୀ ସଞ୍ଜିବନୀ ସୁଧା ଷଡଙ୍ଗୀଙ୍କ** ନାମରେ ଥିବା ଘରବାରୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାସୁଘାଇ, ଥାନା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୯୦/୨୧୬, ପ୍ଲଟ୍ ନଂ.: ୨୫୧/୯୩୪, କ୍ଷେତ୍ର: ଏକର୦.୦୩୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଚିନ୍ମୟୀ ତ୍ରିପାଠୀ, ପଶ୍ଚିମ: ଡ୍ରେନ୍, ଉତ୍ତର: ସବ୍ ପ୍ଲଟ୍ ନଂ.: ୪୮୫, ଦକ୍ଷିଣ: ରାସ୍ତା, **ଖ) ଶ୍ରୀ ବୃନ୍ଦାବନ ପ୍ରହରାଜଙ୍କ** ନାମରେ ଥିବା ଘରବାରୀ ଜମିର ସମସ୍ତ ଅଂଶବିଶେଷ ଯାହାର ମୌଜା: ବାସୁଘାଇ, ଥାନା: ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୩୯୦/୨୧୫, ପ୍ଲଟ୍ ନଂ.: ୨୫୧/୯୩୪/୧୦୩୫, କ୍ଷେତ୍ର: ଏକର୦.୦୩୫ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ଚିନ୍ମୟୀ ତ୍ରିପାଠୀ, ପଶ୍ଚିମ: ଡ୍ରେନ୍, ଉତ୍ତର: ସବ୍ ପ୍ଲଟ୍ ନଂ.: ୪୮୫, ଦକ୍ଷିଣ: ରାସ୍ତା |
| ୧୧. | **ବାଲୁଗାଁ ଶାଖା,** ଫୋନ.: ୦୬୭୫୬-୨୫୧୧୭୪, ମୋ.: ୯୯୩୭୩୩୫୨୨୩ / **ରଣଗ୍ରହୀତା/ବନ୍ଧକଦାତା: କେ. କେ. ସାହୁ ଆଣ୍ଡ କୋ. ପାର୍ଟନରସିପ୍ ଫାର୍ମ, ସ୍ୱତ୍ୱାଧିକାରୀ: ଶ୍ରୀ କେଦାର କୁମାର ସାହୁ,** ପିତା: ପଦ୍ମ ଚରଣ ସାହୁ/**ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଲଳିତ ଚରଣ ସାହୁ,** ପିତା: ପଦ୍ମ ଚରଣ ସାହୁ, **୨) ଶ୍ରୀମତୀ ରତନୀ ସାହୁ,** ସ୍ୱାମୀ: ପଦ୍ମ ଚରଣ ସାହୁ, ସମସ୍ତଙ୍କ ଠିକଣା ସା.: ଡାଙ୍ଗମାଳ (ନାଭାଲ ସ୍କୋୟାର ନିକଟ), ପୋ.: ଆଇଏନ୍‌ଏସ୍ ଚିଲିକା, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୨୦୩୭ | **ଶ୍ରୀ କେଦାର କୁମାର ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଡୁଙ୍ଗାମାଳ, ଜିଲ୍ଲା: ଖୋର୍ଦ୍ଧା, ଖାତା ନଂ.: ୨୯୭, ପ୍ଲଟ୍ ନଂ.: ୫୪/୧୧୪୨, କ୍ଷେତ୍ର: ଏକର୦.୧୦୦ଡିସିମିଲି, ଏହାର ଚାରିପାର୍ଶ୍ୱରେ ପୂର୍ବ: ବିକ୍ରେତା, ପଶ୍ଚିମ: ରାସ୍ତା, ଉତ୍ତର: କାଳା ସାହୁ, ଦକ୍ଷିଣ: ଲଳିତ ସାହୁ |
| ୧୨. | **ମଙ୍ଗଳପୁର ଶାଖା,** ମୋ.: ୯୪୩୭୩୪୮୭୭୩ / **ରଣଗ୍ରହୀତା/ବନ୍ଧକଦାତା: ଶ୍ରୀ ସତ୍ୟ ନାରାୟଣ ମଲ୍ଲିକ,** [illegible] | **ଶ୍ରୀ ସତ୍ୟ ନାରାୟଣ ମଲ୍ଲିକଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ମୌଜା: ଆମପୋଖରା, [illegible] |
| ୧୩. | **ନାଳଙ୍ଗା ଶାଖା,** [illegible] | **ଶ୍ରୀ ସୁଶାନ୍ତ କୁମାର ସାହୁଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ [illegible] |
| ୧୪. | **ଆନନ୍ଦପୁର ଶାଖା,** [illegible] | **ଶ୍ରୀ ନିତ୍ୟାନନ୍ଦ ନାୟକଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ [illegible] |
| ୧୫. | **ଚଣ୍ଡିଖୋଲ ଶାଖା,** [illegible] | **ଶ୍ରୀମତୀ ସୌଦାମିନୀ ସାମଲଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ [illegible] |
| ୧୬. | **ବାଲେଶ୍ୱର ଶାଖା,** [illegible] **ରଣଗ୍ରହୀତା/ବନ୍ଧକଦାତା: ଶ୍ରୀ ପ୍ରତାପ କୁମାର ପଣ୍ଡା / ଗ୍ୟାରେଣ୍ଟିଦାତା: ଶ୍ରୀମତୀ ନମିତା ପଣ୍ଡା,** [illegible] | **ଶ୍ରୀ ପ୍ରତାପ କୁମାର ପଣ୍ଡାଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ [illegible] |
| ୧୭. | **କଟକ ଶାଖା,** [illegible] | **କ) ଶ୍ରୀ ରଶ୍ମୀକାନ୍ତ ବରାଳଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ [illegible] **ଖ) ଶ୍ରୀ ରଶ୍ମୀକାନ୍ତ ବରାଳଙ୍କ** ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ [illegible] |
| ୧୮. | **ଭୁବନେଶ୍ୱର ଶାଖା,** ଫୋନ.: ୬୭୪-୨୫୩୪୨୩୪, ୨୫୩୪୪୫୪୩, ମୋ.: ୯୬୧୧୮୪୯୦୯୫/ **ରଣଗ୍ରହୀତା: ମେସର୍ସ ସାଇ ସବୁରୀ ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍,** ପ୍ଲଟ୍ ନଂ.: ୧୪୫୮, ନିୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର, ଓଡିଶା-୭୫୧୦୦୯ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶାରଦା ମିଶ୍ର,** ପିତା: ସୁରେନ୍ଦ୍ର ନାଥ ମିଶ୍ର, ପ୍ଲଟ୍ ନଂ.: ୧୪୫୮, ନିୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର, ଓଡିଶା-୭୫୧୦୦୯, **୨) ଶ୍ରୀମତୀ ଶାନ୍ତିଲତା ମିଶ୍ର,** ସ୍ୱାମୀ: ସୁରେନ୍ଦ୍ର ନାଥ ମିଶ୍ର, ପ୍ଲଟ୍ ନଂ.: ୧୪୫୮, [illegible] **ବନ୍ଧକଦାତା/ଗ୍ୟାରେଣ୍ଟିଦାତାମାନେ: ୧) ମେସର୍ସ ସାଇ ସବୁରୀ ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍,** [illegible] ୧୪୫୮, ନିୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର, ଓଡିଶା-୭୫୧୦୦୯, **୨) ନୀଳାଚଳ ଏଜୁକେସନାଲ ଟ୍ରଷ୍ଟ, ପରିଚାଳନା ଟ୍ରଷ୍ଟି: ଶ୍ରୀ ଶାରଦା ମିଶ୍ରଙ୍କ** ଦ୍ୱାରା ପ୍ରତିନିଧିତ୍ୱ, ୪୪୪, ଗୋଠପାଟଣା, ମଳିପଡା, ଭୁବନେଶ୍ୱର-୭୫୧୦୦୩, **୩) ଟାଇମ୍ସ ସ୍କଲାର୍ସ ଗୁରୁକୁଳ (ସ୍କୁଲ), ପ୍ରିନ୍ସିପାଲ ଏବଂ ଟ୍ରଷ୍ଟି: ଶ୍ରୀମତୀ ଶାନ୍ତିଲତା ମିଶ୍ର,** ପ୍ଲଟ୍ ନଂ.: ଏ-୧/୨/୩/ଡି, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, **୪) ଟାଇମ୍ସ କଲେଜ, ଟ୍ରଷ୍ଟି: ଶ୍ରୀମତୀ ଶାନ୍ତିଲତା ମିଶ୍ରଙ୍କ** ଦ୍ୱାରା ପ୍ରତିନିଧିତ୍ୱ, ପ୍ଲଟ୍ ନଂ.: ଏ-୧/୨/୩/ଡି, ଟାଇମ୍ସ ଗେଷ୍ଟ ହାଉସ୍, ୩ୟ ମହଲା, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, **୫) ଶ୍ରୀ ଶାରଦା ମିଶ୍ର ଏବଂ ଶ୍ରୀ ଶିବ ପ୍ରସାଦ ମିଶ୍ର,** ପ୍ଲଟ୍ ନଂ.: ୧୪୫୮, ନିୟୁ ଫରେଷ୍ଟ ପାର୍କ, ଭୁବନେଶ୍ୱର, ଓଡିଶା-୭୫୧୦୦୯ ଏବଂ ଏ/୧/୨/୩/ଡି, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯, **୬) ଟାଇମ୍ସ କଲେଜ ଅଫ୍ +୨ ସାଇନ୍ସ ଆଣ୍ଡ କମର୍ସ, ପରିଚାଳନା ଟ୍ରଷ୍ଟି: ଶ୍ରୀ ଶାରଦା ମିଶ୍ରଙ୍କ** ଦ୍ୱାରା ପ୍ରତିନିଧିତ୍ୱ, ମଳିପଡା, ଭୁବନେଶ୍ୱର-୭୫୧୦୦୩ | **କ) ଶ୍ରୀ ସାଇ ସବୁରୀ ହସ୍ପିଟାଲ ପ୍ରାଇଭେଟ୍ ଲିମିଟେଡ୍‌ର** ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ [illegible] ଖୋର୍ଦ୍ଧା, ପରିମିତ କ୍ଷେତ୍ର: ଏକର ୦.୩୩ ଡିସିମିଲି (୧୪୩୭୪ ବର୍ଗଫୁଟ) ସମୁଦାୟ ବିଲ୍ଟ ଅପ୍ କ୍ଷେତ୍ର: ୩୪୭୫୯ ବର୍ଗଫୁଟ (ଜି+୪), **ଖ) ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ ଭୁବନେଶ୍ୱର ଶାଖାରେ ବନ୍ଧକ ଥିବା ହସ୍ପିଟାଲ୍‌ର ଯନ୍ତ୍ରପାତି ଓ ମେସିନ୍** |

| କ୍ର. ନଂ. | ସଂରକ୍ଷିତ ମୂଲ୍ୟ | ଅମାନତ ଜମା | ନୋଟିସ୍ ଅନୁଯାୟୀ ବକେୟା ପରିମାଣ | ଡିମାଣ୍ଡ / ଦଖଲ ନୋଟିସ୍ ତାରିଖ | ସମ୍ପତ୍ତି କାଗଜ ପତ୍ର ତନଖିର ତାରିଖ | କ୍ଷମତାପ୍ରାପ୍ତ ଅଧିକାରୀ / ସେବା ପ୍ରଦାନକାରୀଙ୍କ ନିକଟରେ ଅମାନତ ଜମାର ପ୍ରମାଣ ଏବଂ କେୱାଇସି କାଗଜପତ୍ର, ଅଂଶଗ୍ରହଣ ପତ୍ର ଦାଖଲର ଅନ୍ତିମ ତାରିଖ ଏବଂ ସମୟ | ଇ-ନିଲାମ ତାରିଖ /ସମୟ (ଯଦି କେହି ନିଲାମ ଶେଷ ୫ ମିନିଟ୍ ମଧ୍ୟରେ ନିଲାମ ଡାକ କରଥାନ୍ତି ତେବେ ୫ ମିନିଟ୍ ଅସିମୀତ ସମୟ ସ୍ୱତଃ ବର୍ଦ୍ଧିତ ହେବ।) |
|---|---|---|---|---|---|---|---|
| ୧. | ଟ.୫୯,୧୨,୨୦୦/- | ଟ.୫,୯୧,୨୨୦/- | ଟ.୩୫,୩୩,୪୭୯/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୨୩.୧୨.୨୦୧୬ / ୨୨.୦୩.୨୦୧୭ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୨. | ଟ.୧,୨୧,୨୧,୩୦୦/- | ଟ.୧୨,୧୨,୧୩୦/- | ଟ.୧,୧୫,୫୦,୪୪୩/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୭.୦୬.୨୦୧୬ / ୧୯.୦୨.୨୦୧୬ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୩. | ଟ.୪୯,୮୯,୦୦୦/- | ଟ.୪,୮୯,୯୦୦/- | ଟ.୪୪,୭୬,୪୫୫/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୧୯.୦୬.୨୦୧୫ / ୧୦.୦୯.୨୦୧୫ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୪. | ଟ.୭,୩୦,୦୦୦/- | ଟ.୭୩,୦୦୦/- | ଟ.୮,୬୬,୮୭୧/- / ଟ. ୧୧,୧୯,୦୧୨/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୩୦.୦୧.୨୦୧୪ / ୩୦.୦୭.୨୦୧୪ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୫.କ) | ଟ.୬,୮୫,୦୦୦/- | ଟ.୬୮,୫୦୦/- | ଟ.୫,୫୧,୮୦୪/- / ଟ. ୫,୯୨,୪୧୨/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୧୪.୦୫.୨୦୧୪ / ୩୦.୦୭.୨୦୧୪ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ଖ) | ଟ.୬,୪୦,୦୦୦/- | ଟ.୬୪,୦୦୦/- | | | | | |
| ୬. | ଟ.୧୨,୯୦,୦୦୦/- | ଟ.୧,୨୯,୦୦୦/- | ଟ.୧୧,୪୦,୨୫୫/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୬.୦୨.୨୦୧୭ / ୨୬.୦୪.୨୦୧୭ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୭. | ଟ.୫୨,୭୮,୦୦୦/- | ଟ.୫,୨୭,୮୦୦/- | ଟ.୩୩,୨୮,୧୫୪.୫୭ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୮.୦୬.୨୦୧୭ / ୦୫.୦୯.୨୦୧୭ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୮(କ). | ଟ.୮,୧୭,୦୦,୦୦୦/- | ଟ୮୧,୭୦,୦୦୦/- | ଟ.୮,୮୩,୯୫,୩୫୧/- /ଟ.୯,୬୧,୩୪,୩୭୧/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୨୩.୦୭.୨୦୧୫ / ୧୨.୦୧.୨୦୧୭ | ୨୦.୦୩.୨୦୧୯ | ୨୬.୦୩.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୨୭.୦୩.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| (ଖ). | ଟ.୧,୪୧,୦୦,୦୦୦/- | ଟ୧୪,୧୦,୦୦୦/- | | | | | |
| ୯. | ଟ.୧୧,୭୪,୦୦୦/- | ଟ.୧,୧୭,୪୦୦/- | ଟ. ୧,୦୯,୭୭,୪୬୯.୭୪ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୧୨.୧୨.୨୦୧୭ / ୨୧.୦୮.୨୦୧୮ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୦(କ) | ଟ.୧୦,୭୫,୦୦୦/- | ଟ.୧,୦୭,୫୦୦/- | ଟ.୩୨,୮୭,୦୨୫.୩୩ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୧୦.୧୦.୨୦୧୮ / ୦୭.୦୨.୨୦୧୯ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| (ଖ). | ଟ.୧୨,୬୦,୦୦୦/- | ଟ.୧,୨୬,୦୦୦/- | | | | | |
| ୧୧. | ଟ.୩୪,୫୫,୦୦୦/- | ଟ.୩,୪୫,୫୦୦/- | ଟ. ୯,୬୨,୭୨୨/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୭.୦୮.୨୦୧୮ / ୨୦.୧୧.୨୦୧୮ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୨. | ଟ.୯,୪୦,୦୦୦/- | ଟ.୯୪,୦୦୦/- | ଟ. ୬,୩୮,୩୦୧/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୩୦.୧୦.୨୦୧୮ / ୦୫.୦୨.୨୦୧୯ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୩. | ଟ.୯,୪୫,୦୦୦/- | ଟ.୯୪,୫୦୦/- | ଟ. ୧୯,୫୬,୦୦୬.୧୧ + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୨୦.୧୦.୨୦୧୮ / ୦୭.୦୨.୨୦୧୯ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୪. | ଟ.୧୬,୦୦,୦୦୦/- | ଟ.୧,୬୦,୦୦୦/- | ଟ. ୬,୨୬,୭୯୬/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୩୦.୧୦.୨୦୧୮ / ୦୫.୦୨.୨୦୧୯ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୫. | ଟ.୨୭,୯୦,୦୦୦/- | ଟ.୨,୭୯,୦୦୦/- | ଟ. ୬,୭୭,୬୪୧/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୯.୧୧.୨୦୧୮ / ୦୮.୦୨.୨୦୧୯ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୬. | ଟ.୨୯,୮୫,୦୦୦/- | ଟ.୨,୯୮,୫୦୦/- | ଟ. ୫,୩୮,୮୯୪/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୦୯.୧୧.୨୦୧୮ / ୧୪.୦୨.୨୦୧୯ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| ୧୭(କ) | ଟ.୫୭,୧୯,୫୦୦/- | ଟ.୫,୭୧,୯୫୦/- | ଟ. ୫୪,୫୧,୯୩୯/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୧୦.୧୨.୨୦୧୮ / ୧୬.୦୨.୨୦୧୯ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| (ଖ). | ଟ.୧୭,୦୬,୦୦୦/- | ଟ.୧,୭୦,୬୦୦/- | | | | | |
| ୧୮(କ) | ଟ.୫,୭୦,୭୧,୦୦୦/- | ଟ.୫୭,୦୭,୧୦୦/- | ଟ. ୬,୦୨,୯୬,୯୪୦/- + ସେବାବଦ ସୁଧ, ଖର୍ଚ୍ଚ ଏବଂ ଅନ୍ୟାନ୍ୟ ଦେୟ | ୨୫.୦୭.୨୦୧୭ / ୦୯.୧୦.୨୦୧୭ | ୦୯.୦୪.୨୦୧୯ | ୧୫.୦୪.୨୦୧୯ ଅପରାହ୍ନ ୫.୦୦ ଘଟିକା ପର୍ଯ୍ୟନ୍ତ | ୧୬.୦୪.୨୦୧୯ ପୂର୍ବାହ୍ନ ୧୧.୦୦ଘଟିକା ରୁ ଅପରାହ୍ନ ୨.୦୦ ଘଟିକା |
| (ଖ) | ଟ.୧,୦୬,୬୫,୦୦୦/- | ଟ.୧୦,୬୬,୫୦୦/- | | | | | |

**ନିୟମ ଏବଂ ସର୍ତ୍ତାବଳୀ :**

୧) ସମ୍ପତ୍ତି ଗୁଡିକ ବ୍ୟାଙ୍କ ଅନୁମୋଦିତ ସେବାପ୍ରଦାନକାରୀ **M/s C1 India Pvt. Ltd.**ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। (୨) ଇ-ନିଲାମ ବିଡ୍‌ଫର୍ମ, ଘୋଷଣାନାମା, ଅନଲାଇନ୍ ନିଲାମ ବିକ୍ରୟର ସବିଶେଷ ନିୟମ ଏବଂ ସର୍ତ୍ତାବଳୀ ଆଦି ଇ-ନିଲାମ କାଗଜାତ୍ ୱେବସାଇଟ୍: **https://iob.bankeauctions.com**ରେ ଉପଲବ୍ଧ। (୩) ଇଚ୍ଛୁକ ନିଲାମଧାରୀମାନେ ଏକ ବୈଧ ଇମେଲ ଠିକଣା ରଖି, ଉପରୋକ୍ତ ସେବା ପ୍ରଦାନକାରୀଙ୍କର ୱେବ୍‌ସାଇଟରେ ଲଗଇନ୍ କରି ସେମାନଙ୍କର ନାମ/ଆକାଉଣ୍ଟ ପଞ୍ଜିକରଣ କରିବା ଦରକାର। ସେମାନଙ୍କୁ ସେବାପ୍ରଦାନକାରୀ ୟୁଜର ଆଇଡି ଏବଂ ପାସ୍‌ୱାର୍ଡ ପ୍ରଦାନ କରିବେ ଯାହାକୁ ସେମାନେ ଇ-ନିଲାମ ପ୍ରକ୍ରିୟାରେ ବ୍ୟବହାର କରିପାରିବେ। ୪) ବିଡ୍‌ଗୁଡିକ ଧାର୍ଯ୍ୟ ଫର୍ମାଟରେ "ଅନ୍ ଲାଇନ" ମାଧ୍ୟମରେ ପୋର୍ଟାଲ **https://iob.bankeauctions.com** କିମ୍ବା ବ୍ୟାଙ୍କର ମେଲ୍ ଆଇଡି **0815ro@iobnet.co.in** ଏବଂ **0815law@iob.in**ରେ ଅମାନତ ରାଶି (UTR ନମ୍ବର) ଦାଖଲର ପ୍ରମାଣ ଏବଂ ସ୍ୱହସ୍ତଲିଖିତ ଥିବା KYC କାଗଜପତ୍ରର ନକଲ ଯଥା: ଫଟୋ, ଭୋଟର ଆଇଡି କାର୍ଡ / ଡ୍ରାଇଭିଂ ଲାଇସେନ୍ସ/ପାସ୍‌ପୋର୍ଟ / ପ୍ୟାନକାର୍ଡ/ଆଧାରକାର୍ଡ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସେବାପ୍ରଦାନକାରୀ କିମ୍ବା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରେ କିମ୍ବା ସମ୍ପୃକ୍ତ ଶାଖାରେ ଉପରଦର୍ଶିତ ବିଡ୍ ଦାଖଲ ତାରିଖ ସୁଦ୍ଧା କିମ୍ବା ପୂର୍ବରୁ ଦାଖଲ କରିବେ। ୫) ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡିକ **EFT/NEFT/RTGS** ମାଧ୍ୟମରେ **IOB E-Auction EMD Account, ସହୀଦ ନଗର ଶାଖା, ଭୁବନେଶ୍ୱର ଆକାଉଣ୍ଟ ନଂ.: ୦୮୭୩୦୨୦୦୦୦୦୧୦୫୮ (IFSC: IOBA0000873)** ସପକ୍ଷରେ ପୈଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ। ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ। (୬) ଅମାନତ ରାଶି ବିନା ପ୍ରସ୍ତାବ ଗୁଡିକ ବାତିଲ କରାଯିବ। (୭) ସମ୍ପତ୍ତିଗୁଡିକର ଇ-ନିଲାମ ଧାର୍ଯ୍ୟ ତାରିଖ ଏବଂ ସମୟରେ ନିଲାମଧାରୀଙ୍କ ମାଧ୍ୟମରେ ନିଲାମ ଡାକ ଦ୍ୱାରା ସମ୍ପର୍ଣ୍ଣ ହେବ। ନିଲାମଧାରୀମାନେ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ସେମାନଙ୍କର ପ୍ରସ୍ତାବର ମୂଲ୍ୟ ବୃଦ୍ଧି ପାଇଁ ଗୁଣିତକ ଭାବେ ନିମ୍ନରେ କ୍ଲଜ୍ ନଂ.୧୯ରେ ଦର୍ଶିତ "ବିଡ୍ ବୃଦ୍ଧି ପରିମାଣ" ଅନୁସାରେ ବୃଦ୍ଧି କରିପାରିବେ। ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବା ପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର ୨୫% (ଅମାନତ ରାଶି ଜମାକୁ) ମିଶାଇ ଦାଖଲ କରିବେ ଏବଂ ତାହା ପରବର୍ତ୍ତୀ କାର୍ଯ୍ୟଦିବସ ପରେ କିନ୍ତୁ ନୁହଁ। ବିକ୍ରୟ ମୁଲ୍ୟର ଅବଶିଷ୍ଟ ଅର୍ଥ ରାଶି ନିଲାମ ବିକ୍ରୟ ଚୂଡାନ୍ତ ହେବାର **୧୫ ଦିନ** ମଧ୍ୟରେ ପ୍ରଦାନ କରିବାକୁ ହେବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପୈଠ ନକଲେ ବିକ୍ରୟ ମୂଲ୍ୟର ୨୫% ସୁରକ୍ଷିତ ରଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ। (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ / ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନମରେ ବିକ୍ରୟ ସାର୍ଟିଫିକେଟ୍ ପ୍ରଦାନ କରାଯିବ। (୧୦) ନିଲାମଧାରୀ/କ୍ରେତା ଜମି ହସ୍ତାନ୍ତରିତ ଫି ଯଥା- ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ୍ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ। (୧୧) କ୍ଷମତାପ୍ରାପ୍ତ ଅଧିକାରୀ / ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ / ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ / ବାତିଲ କରିବାର ଅଖଣ୍ଡ କ୍ଷମତା ଅଛି। (୧୨) ସମ୍ପତ୍ତିଗୁଡିକ ""**ଯେଉଁଠାରେ ଯେପରି ଅଛି, ଯାହା ଯେପରି ଅଛି ଏବଂ ଯାହା ଯେପରି ସେଠାରେ ଅଛି ଭିତ୍ତିରେ**" ବିକ୍ରୟ କରାଯିବ। ବ୍ୟାଙ୍କ ସମସ୍ତ ଜ୍ଞାତ ଏନ୍‌କମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ କି ସେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ୍। (୧୩) ଉପରଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧିକାର ଦିଆଯିବ। ଏହା ବ୍ୟତିତ୍ୱ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟିତ୍ୱ ରହିବ ନାହିଁ। (୧୪) ସୁରକ୍ଷିତ ରଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡାନ୍ତ ହେବ। (୧୫) ସମ୍ପତ୍ତିଗୁଡିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ **EFT/NEFT/RTGS** ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ଇ-ମେଲ୍ ଆଇଡି ମାଧ୍ୟମରେ ଜଣାଇ ଦିଆଯିବ। (୧୬) ଇ-ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ରଣଦାତା କୌଣସି ତୃତୀୟ ପକ୍ଷର ଦାବୀ / ଅଧିକାର / ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୧୭) ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ.ଏ. ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟିଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ଗଣନା କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣିତକ ରାଶି ଉପରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥିରେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। (୧୮) ସମ୍ପତ୍ତିର ଯାଞ୍ଚ/ଇ-ନିଲାମ ନିମନ୍ତେ ଇଚ୍ଛୁକ ନିଲାମଧାରୀମାନେ ସଂପୃକ୍ତ ଶାଖା ପ୍ରବନ୍ଧକ କିମ୍ବା **Authorized Officer, Lingaraj Gouda, Mob.: 9437141805, 7978370113 & Sri Siba Prasad Rath, Mob.: 8758623041, Indian Overseas Bank, Regional Office, Bhubaneswar, Phone No.: 0674-2540032, E-mail: 0815ro@iobnet.co.in & 0815law@iob.in** କିମ୍ବା ବ୍ୟାଙ୍କର ଅନୁମୋଦିତ ସେବା ପ୍ରଦାନକାରୀ : **M/s C1 India Pvt. Ltd, Udyog Vihar, Phase-2, Gulf Petrochem Building, Building No.- 301, Gurgaon, Haryana, Pin-122015, Support Mail id:support@bankeauctions.com, Support Land Line No.: +91 124 4302020/2021/2022/2023/2024, Support Mobiles Nos.: +917291981124/25/26, Portal:https://www.bankeauctions.com, Web: www.c1india.com, Email ID: support@c1india.com, Contact Person : Mr Kingshuk Ghosh, Mob: 9836311889, E-mail: kolkata@c1india.com** ରେ ଯୋଗାଯୋଗ କରିପାରିବେ। (୧୯) ଉପରଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ବିଡ୍ ବୃଦ୍ଧି ରାଶି **ଟ.୩୦,୦୦୦/-** ରଖାଯାଇଛି। (୨୦) ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ରୁ ରୁଲ ୯(୧) ଅନୁଯାୟୀ ଉପରୋକ୍ତ କ୍ର. ନଂ. ୧,୨,୩,୪,୫,୬,୭ ଏବଂ ୮ ରେ ଦର୍ଶିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ୧୫ ଦିନିଆ ନୋଟିସ୍ ଅଟେଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ରୁଲ ୧୩(୮)(୬) ଅନୁଯାୟୀ ଉପରୋକ୍ତ କ୍ର.ନଂ. ୯,୧୦,୧୧,୧୨,୧୩,୧୪,୧୫,୧୬,୧୭ ଏବଂ ୧୮ ରେ ଦର୍ଶିତ ରଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ୩୦ ଦିନିଆ ନୋଟିସ୍ ଅଟେ।

ସ୍ଥାନ : ଭୁବନେଶ୍ୱର
ତାରିଖ: ୧୧.୦୩.୨୦୧୯

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

"ପବିତ୍ରତା ହିଁ ସମସ୍ତ ସୁଖ ଶାନ୍ତିର ଜନକ।
- ପ୍ରଜାପିତା ବ୍ରହ୍ମାକୁମାରୀ



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ସିଏସ୍ଆଇଆର୍-ଆଇଆଇଏମ୍‌ଟି ପକ୍ଷରୁ କୌଶଳ ବିକାଶ ତାଲିମ କାର୍ଯ୍ୟକ୍ରମ, କ୍ୟାମ୍ପସ ପରିସର, ଆଚାର୍ଯ୍ୟ ବିହାର, ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା।
- ପ୍ରାକ୍ଟିକାଲ ଆହ୍ୱାନ ତରଫରୁ ଫଟୋ ପ୍ରଦର୍ଶନୀ, ସୂଚନା ଭବନ, ସକାଳ ୧୦ଟା ୩୦।
- ଓଡ଼ିଶା ମଡର୍ନ ଆର୍ଟ ଗ୍ୟାଲେରି ପକ୍ଷରୁ ପ୍ରଦର୍ଶନୀ, ଗ୍ୟାଲେରି ପରିସର, ଫରେଷ୍ଟ ପାର୍କ, ପୂର୍ବାହ୍ନ ୧୧ଟା।
- ସହଯୋଗ ଅନୁଷ୍ଠାନ ଓ ଅକ୍ସଫାମର ମିଳିତ ଆନୁକୂଲ୍ୟରେ ରାଜ୍ୟସ୍ତରୀୟ ଆଲୋଚନାଚକ୍ର, ଗୀତଗୋବିନ୍ଦ ଭବନ(ଅଡିଟୋରିୟମ), ପୂର୍ବାହ୍ନ ୧୧ଟା।
- ନାଟକ 'ବାଳିବଧ' ପରିବେଷଣ, ଶଙ୍କର ବଜାର ଛକ, କପିଳପ୍ରସାଦ, ରାତି ୭ଟା।।
- ସ୍ରାଷ୍ଟି ହାସ୍ୟରସାତ୍ମକ ନାଟକ ଉତ୍ସବର ଚତୁର୍ଥସନ୍ଧ୍ୟାରେ 'ତା'ରି ଲାଗି' ନାଟକ ପରିବେଷଣ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୭ଟା।

**କଟକ**

- ଶ୍ରୀଶ୍ରୀ ଶିରିଡ଼ି ସାଇବାବାଙ୍କ ଷଷ୍ଠତମ ବାର୍ଷିକ ଉତ୍ସବ ନିମନ୍ତେ କଳସ ଶୋଭାଯାତ୍ରା, ସାଇପରିବାର, ସୁମାଣ୍ଡି, ଭାଣପୁର, ସକାଳ ୬ଟା।

**ସାଲେପୁର**

- ଏଚ୍‌ଡିଏଫସି ବ୍ୟାଙ୍କ ପକ୍ଷରୁ ଗ୍ରାମସଭା କାର୍ଯ୍ୟକ୍ରମ, ସାଲେପୁର ହାଇସ୍କୁଲ ପଡ଼ିଆ, ଅପରାହ୍ନ ୪ଟା ୩୦।



# ଶ୍ମଶାନ ପାଲଟିଛି ଅଲିଭ ରିଡ୍‌ଲେଙ୍କ ଅନ୍ତୁଡ଼ିଶାଳ

**ବନ ବିଭାଗ ପାଟ୍ରୋଲିଂ, କଟକଣା ପ୍ରହସନ**

**କାକଟପୁର, ୧୧।୩(ଡି.ଏନ୍.ଏ.)**

ବିରଳ ପ୍ରଜାତିର ଅଲିଭରିଡ୍‌ଲେ କଇଁଛଙ୍କ ପାଇଁ ପୁରୀ ଜିଲାର ଅସ୍ତରଙ୍ଗ ବେଳାଭୂମିର ଏକ ସ୍ୱତନ୍ତ୍ର ସ୍ଥାନ ରହିଛି। ସମଗ୍ର ରାଜ୍ୟରେ କଇଁଛଙ୍କ ଅଣ୍ଡାଦାନ କ୍ଷେତ୍ରରେ ଗହୀରମଥା ପରେ ଦେବୀ ମୁହାଣ ପ୍ରସିଦ୍ଧି ଲାଭ କରିଛି। କିନ୍ତୁ ଏହି କଇଁଛମାନଙ୍କ ଜୀବନ ଏବେ ସଙ୍କଟାପନ୍ନ ହୋଇପଡ଼ିଛି। କଟକଣା ସତ୍ତ୍ୱେ ଅବାଧ ଟ୍ରଲର ଚଳାଚଳ, ମତ୍ସ୍ୟଜୀବୀଙ୍କ ରିଂ ଜାଲ ବ୍ୟବହାର ଯୋଗୁ କଇଁଛମାନଙ୍କ ଅକାଳ ମୃତ୍ୟୁ ହେଉଛି। ଫଳରେ କଇଁଛଙ୍କ ଅନ୍ତୁଡ଼ିଶାଳ ଭାବେ ପରିଚିତ ଦେବୀ ମୁହାଣ ସେମାନଙ୍କ ପାଇଁ ଶ୍ମଶାନରେ ପରିଣତ ହୋଇଛି।

ପ୍ରତିବର୍ଷ ନଭେମ୍ବରରୁ ଅଲିଭ୍‌ରିଡଲେ କଇଁଛମାନେ ଅସ୍ତରଙ୍ଗ ଉପକୂଳରେ ଦେଖାଯାଆନ୍ତି। ପ୍ରାୟ ମାସାଧିକ କାଳ ଏମାନଙ୍କର ମିଳନ ଋତୁ ଚାଲିଥାଏ। ଫେବୃୟାରୀ ମଧ୍ୟଭାଗରୁ ଶେଷ ପର୍ଯ୍ୟନ୍ତ ହଜାର ହଜାର କଇଁଛ ଉପକୂଳ ବାଲିକୁ ଆସି ଅଣ୍ଡା ଦେଇଥାନ୍ତି। ଚଳିତ ବର୍ଷ ପ୍ରତିକୂଳ ପାଗ ଯୋଗୁ କଇଁଛଙ୍କ ଗଣ ଅଣ୍ଡାଦାନ ପ୍ରକ୍ରିୟା ହୋଇ ନ ଥିଲେ ବି ପ୍ରତିଦିନ ୨୦ରୁ ୪୦ କଇଁଛ ଆସି ଅଣ୍ଡା ଦେଉଛନ୍ତି। ଏମାନଙ୍କ ସୁରକ୍ଷା ପାଇଁ ଅସ୍ତରଙ୍ଗ ଦେବୀନଦୀ ମୁହାଣ ଓ ଉପକୂଳ ସମୁଦ୍ର ଅଞ୍ଚଳରେ ମାଛଧରା ନିଷିଦ୍ଧ କରାଯାଇଛି। ବେଆଇନ ମାଛଧରାକୁ ବନ୍ଦ କରିବାକୁ ବନ ବିଭାଗ, ମତ୍ସ୍ୟ ବିଭାଗ ଓ ପ୍ରଶାସନ ପକ୍ଷରୁ ମିଳିତ ପାଟ୍ରୋଲିଂ କରାଯିବାକୁ ବ୍ୟବସ୍ଥା ହୋଇଛି। ତେବେ କେତେଜଣ ଅସାଧୁ ଟ୍ରଲର ମାଲିକ ଏବଂ ଲାଭଖୋର ମତ୍ସ୍ୟଜୀବୀ କଟକଣାକୁ ନ ମାନି ନିଷିଦ୍ଧାଞ୍ଚଳରେ ବେଆଇନ ଭାବେ ମାଛ ମାରୁଛନ୍ତି। ଟ୍ରଲରଗୁଡ଼ିକରେ ଟିଇଡି ଲଗାଇବା ବାଧ୍ୟତାମୂଳକ ହୋଇଥିଲେ ବି ମାଲିକମାନେ ଆଦୌ ନିୟମ ମାନୁନାହାନ୍ତି। ଫଳରେ ଟ୍ରଲର ଫ୍ୟାନରେ ମାଡ଼ ହୋଇ ଏବଂ ରିଂ ଜାଲରେ ପଡ଼ି ଶହଶହ କଇଁଛ ମୃତ୍ୟୁବରଣ କରୁଛନ୍ତି। ଗତ ୩ ଦିନ ମଧ୍ୟରେ ଦେବୀ ମୁହାଣଠାରୁ ଜାହାନିଆଁ ପର୍ଯ୍ୟନ୍ତ ବେଳାଭୂମି ଅଞ୍ଚଳରେ ଶତାଧିକ କଇଁଛଙ୍କ ମୃତଦେହ ପଡ଼ିଥିବା ଦେଖିବାକୁ ମିଳିଛି। ବନବିଭାଗର ପାଟ୍ରୋଲିଂ, ସରକାରୀ କଟକଣା ସବୁ ପ୍ରହସନରେ ପରିଣତ ହୋଇଥିବା ସାମାଜିକ କର୍ମୀ ବିଚିତ୍ରାନନ୍ଦ ବିଶ୍ୱାଳ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଅସ୍ତରଙ୍ଗ ରେଞ୍ଜର ଯୋଗେନ୍ଦ୍ର ପାତ୍ରଙ୍କୁ ପଚାରିବାରେ ନିୟମିତ ପାଟ୍ରୋଲିଂ କରାଯାଉଛି ଓ ବେଆଇନ ମାଛ ଧରୁଥିବା ଟ୍ରଲରଗୁଡ଼ିକ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଥିଲେ।

# କ୍ୟାଡର ପୁନର୍ଗଠନ ଏକ ପ୍ରବଞ୍ଚନା

**ଚେତାବନୀ ଦେଲା ମିଳିତ ପ୍ରାଥମିକ ଶିକ୍ଷକ ସଂଘ**

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

ମିଳିତ ପ୍ରାଥମିକ ଶିକ୍ଷକ ସଂଘର ଏକ ଜରୁରୀ ବୈଠକ ସୋମବାର କର୍ମଚାରୀ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ପୂର୍ବରୁ ସମଗ୍ର ପ୍ରାଥମିକ ଶିକ୍ଷକ ସମାଜର କୌଣସି ଦାବି ରାଜ୍ୟ ସରକାର ପୂରଣ କରିନାହାନ୍ତି। ଅପରନ୍ତୁ କ୍ୟାଡର ପୁନର୍ଗଠନ ନାମରେ ସରକାର ନୂତନ ପେନ୍‌ସନ ଯୋଜନାଭୁକ୍ତ ପ୍ରାଥମିକ ଶିକ୍ଷକମାନଙ୍କ ପ୍ରତି ଯେଉଁଭଳି ପ୍ରତାରଣା ତଥା ପ୍ରବଞ୍ଚନା କରିଛନ୍ତି, ତା'ର ଫଳ ଆଗାମୀ ନିକଟରେ ପ୍ରତିଫଳିତ ହେବ ବୋଲି ମିଳିତ ସଂଘର ନେତୃମଣ୍ଡଳୀ କ୍ଷୋଭପ୍ରକାଶ କରିଛନ୍ତି। ସୂଚନାଥାଉ କି, ୨୦୧୮ ଅକ୍ଟୋବରରେ ମିଳିତ ସଂଘର ନେତୃତ୍ୱରେ ଦୀର୍ଘ ୨୯ଦିନର ମହାସଂଗ୍ରାମକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସଂଘର ବିଭିନ୍ନ ଦାବି ଖୁବ୍‌ଶୀଘ୍ର ପୂରଣ କରାଯିବାର ପ୍ରତିଶ୍ରୁତି ଏବଂ କ୍ୟାଡର ପୁନର୍ଗଠନର ପ୍ରତିଶ୍ରୁତି ଦେଇଥିଲେ। ସେତେବେଳେ ମିଳିତ ସଂଘ ଗ୍ରେଡ୍ ପେ ୨୮୦୦ଟଙ୍କା ପ୍ରଦାନ, କନିଷ୍ଠ ଶିକ୍ଷକଙ୍କ ୨୫ ପ୍ରତିଶତ ଦରମା ବୃଦ୍ଧି, ପୁରୁଣା ପେନ୍‌ସନ ପୁନଃ ପ୍ରଚଳନ, ତାଲିମପ୍ରାପ୍ତ ସ୍ନାତକ ଶିକ୍ଷକଙ୍କୁ ୪୨୦୦ଟଙ୍କା ଗ୍ରେଡ୍ ପେ ପ୍ରଦାନ, ଏକ୍ସ-କ୍ୟାଡର ଗଣଶିକ୍ଷକଙ୍କ ଦରମା ଟ୍ରେଜେରି ମାଧ୍ୟମରେ ପ୍ରଦାନ, କ୍ରୀଡ଼ା ଶିକ୍ଷକଙ୍କ ଚାକିରିର ନିୟମିତତା ଆଦି ଦାବି ଉପସ୍ଥାପନ କରିଥିଲା। କିନ୍ତୁ ଅଦ୍ୟାବଧି ସରକାର ସଂଘର କୌଣସି ବର୍ଗର ଶିକ୍ଷକଙ୍କ ଗୋଟିଏ ହେଲେ ବି ଦାବି ପୂରଣ କରିନାହାନ୍ତି। ସରକାରଙ୍କ ଏଭଳି ମାନସିକତା ସମଗ୍ର ଶିକ୍ଷକଙ୍କ ପରିବାରକୁ କଷ୍ଟ ଦେଇଛି ବୋଲି ସଂଘର ମୁଖ୍ୟ ଆବାହକ ବଙ୍କିମ ଚନ୍ଦ୍ର ସାଗର କହିଛନ୍ତି। ଉକ୍ତ ବୈଠକରେ ମହାସଚିବ ସୁଶାନ୍ତ କୁମାର ବେହେରା, କାର୍ଯ୍ୟକାରୀ ସଭାପତି ଯାମିନୀକାନ୍ତ ପଣ୍ଡା, କେଶବ ଚନ୍ଦ୍ର ସାହୁ, ଉତ୍ତମ କୁମାର ଦାସ, ମଳୟ କୁମାର ଜେନା, ଜ୍ଞାନରଞ୍ଜନ ମହାନ୍ତି, ଶ୍ରୀକାନ୍ତ କୁମାର ନାୟକ, ବିବେକାନନ୍ଦ ବେହେରା, ରାଜେନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତିକ୍ରିୟା ପ୍ରକାଶ କରିଥିଲେ।



କଟକ ଜୋବ୍ରା ମାରିଟାଇମ୍ ମ୍ୟୁଜିୟମ ନିକଟରେ ସୋମବାର ୱାଟର ସ୍ପୋର୍ଟ୍‌ସ ଆଣ୍ଡ୍ ଟ୍ରେନିଂ ସେଣ୍ଟର ଉଦ୍‌ଘାଟନ ଅବସରରେ ମହାନଦୀରେ ପ୍ରଶିକ୍ଷଣ ନେଉଥିବା ଯୁବକମାନେ।

## ପୋଖରୀରେ ବୁଡ଼ି ୨ ମୃତ

**ଗୋପ, ୧୧।୩(ଡି.ଏନ୍.ଏ.):** ଗୋପ ଥାନା ଅଧୀନ ଇଚ୍ଛାପୁର ଓ ଗଣେଶ୍ୱରପୁର ଗ୍ରାମରେ ପୃଥକ୍ ଦୁଇ ଘଟଣାରେ ପୋଖରୀରେ ବୁଡ଼ି ୨ ଜଣଙ୍କର ମୃତ୍ୟୁ ହୋଇଛି। ପ୍ରକାଶ ଯେ, ଗୋପ ଥାନା ଅଧୀନ ଅଣରା ଇଚ୍ଛାପୁର ଗ୍ରାମପଞ୍ଚାୟତ ଇଚ୍ଛାପୁର ଗ୍ରାମର ଗନ୍ଧର୍ବ ରାଉତରାୟ (୫୨) ରବିବାର ବିଳମ୍ବିତ ରାତିରେ ବିବାହ ଭୋଜି ଖାଇ ଫେରିବା ପରେ ଗ୍ରାମରେ ଥିବା ପୋଖରୀରେ ଶୌଚ ହେବା ପାଇଁ ଯାଇଥିଲେ। କୌଣସି କାରଣକୁ ନେଇ ସେ ପୋଖରୀରେ ପଡ଼ିଯାଇଥିଲେ। ପରିବାର ଲୋକଙ୍କ ପକ୍ଷରୁ ଖୋଜାଖୋଜି କରିବା ପରେ ପୋଖରୀରେ ପଡ଼ିଥିବା ଜାଣିବାକୁ ପାଇଥିଲେ। ପରେ ପରିବାର ଲୋକେ ତାଙ୍କୁ ଗୋପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିବାବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଗଣେଶ୍ୱରପୁର ନାହାକସାହି ଗ୍ରାମର କୃଷ୍ଣଚନ୍ଦ୍ର ନାୟକ (୮୦) ସୋମବାର ସକାଳେ ଗାଁ ପୋଖରୀକୁ ଗାଧୋଇବା ପାଇଁ ଯାଇଥିବାବେଳେ ଗୋଡ଼ ଖସି ଯାଇଥିଲା। ସେ ସେଠାରେ ପଡ଼ି ରହିଥିବାବେଳେ ପରିବାର ଲୋକ ଉଦ୍ଧାର କରି ଡାକ୍ତରଖାନା ଆଣିଥିବାବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଗୋପ ପୋଲିସ ଥାନାରେ ଦୁଇଟି ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ଗାଡ଼ି ଧକ୍କାରେ ବୃଦ୍ଧା ମୃତ

**ଯାଁଳା, ୧୧।୩(ଡି.ଏନ୍.ଏ.):** ୧୬ନଂ. ଜାତୀୟ ରାଜପଥର ଏକ ପେଟ୍ରୋଲ ପମ୍ପ ନିକଟରେ ସୋମବାର ଗାଡ଼ି ଧକ୍କାରେ ଜଣେ ବୃଦ୍ଧାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ପୁରୀ ପାଇଯୋଶୀପୁର ଗ୍ରାମର ହୀରାମଣି ସ୍ୱାଇଁ(୭୫)। ସୂଚନା ଅନୁଯାୟୀ, ହୀରାମଣି ପରିବାର ସହ ମା' ତାରିଣୀଙ୍କ ଦର୍ଶନ କରି ଏକ ଅଟୋରେ ଗ୍ରାମକୁ ଫେରିବା ସମୟରେ ଏହି ପେଟ୍ରୋଲ ପମ୍ପ ନିକଟରେ କିଛି ସମୟ ପାଇଁ ଅଟକିଥିଲେ। ପରିସ୍ରା କରିବା ପାଇଁ ହୀରାମଣି ରାସ୍ତା ଅତିକ୍ରମ କରୁଥିବା ବେଳେ ଭୁବନେଶ୍ୱରରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିବା ଏକ ଗାଡି ତାଙ୍କୁ ଧକ୍କାଦେଇ ପଳାଇଥିଲା। ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଯାଁଳା ଫାଣ୍ଡିରେ ମାମଲା (ନଂ.୬୭/୧୯)ରୁଜୁ ହୋଇଛି।

**ଉତ୍କଳ ବିଶ୍ୱବିଦ୍ୟାଳୟରେ ରାଜନୈତିକ ଗୁଣ୍ଡାଙ୍କ ଆଡ୍ଡା ପ୍ରସଙ୍ଗ**

# ଅନ୍ୟ ହଷ୍ଟେଲରୁ ବିଦାହେବେ ଅଣଛାତ୍ର

- କୁଳପତି ଦେଲେ ନୋଟିସ
- ପୁଣି ହୋଇପାରେ ପୋଲିସ ଚଢ଼ାଉ



**ଭୁବନେଶ୍ୱର, ୧୧।୩ (ବ୍ୟୁରୋ)**

ଉତ୍କଳ ବିଶ୍ୱବିଦ୍ୟାଳୟରେ ଥିବା ଛାତ୍ରାବାସଗୁଡ଼ିକରେ ଅଣଛାତ୍ରମାନେ ଆଡ୍ଡା ଜମାଇଛନ୍ତି। ବିଶେଷକରି ପାଠପଢା ସରିବା ପରେ ଅନେକ ଛାତ୍ର ହଷ୍ଟେଲରେ ରହୁଛନ୍ତି। ସେମାନଙ୍କ ସହ ମଧ୍ୟ ଅଣଛାତ୍ରମାନେ ରହି କ୍ୟାମ୍ପସରେ ନାନା ବିଶୃଙ୍ଖଳା ସୃଷ୍ଟି କରୁଛନ୍ତି। ସେମାନଙ୍କୁ ସାଧାରଣତଃ ରାଜନୈତିକ ଗୁଣ୍ଡା ବୋଲି କୁହାଯାଉଛି। କାରଣ ସେମାନେ ବିଭିନ୍ନ ରାଜନୈତିକ ଦଳ ସହ ଜଡିତ ରହିଛନ୍ତି। ବିଭିନ୍ନ ରାଜନୈତିକ ରାଲି, ଧାରଣା ଓ ଗଣ୍ଡଗୋଳରେ ସାମିଲ୍ ହେଉଛନ୍ତି। ହଷ୍ଟେଲରେ ରହୁଥିବା ଛାତ୍ରମାନେ ପ୍ରତିବାଦ କଲେ ଧମକାଇବା ସହ ନିର୍ଯାତନା ଦେଉଛନ୍ତି। ହଷ୍ଟେଲରେ ନିଶାଦ୍ରବ୍ୟ କାରବାର ସହ ମଦ, ମାଂସ ଆସର ଜମାଉଛନ୍ତି। ଝିଅ ଆଣି ମସ୍ତି କରୁଛନ୍ତି। ନିକଟରେ ଶହୀଦନଗର ଥାନା ଭଙ୍ଗାରୁଜା ଓ ପୋଲିସକୁ ମାଡ଼ ଘଟଣାରେ ଗିରଫ ଅଭିଯୁକ୍ତମାନେ ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ହୋଇଥିବା ଜଣାପଡିଥିଲା। ସେମାନେ ହିଁ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରେ ଆଡ୍ଡା ଜମାଇଥିବା ପଦାକୁ ଆସିଥିଲା। ରବିବାର ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ପୋଲିସ ସହାୟତାରେ ୭ ନମ୍ବର ହଷ୍ଟେଲରୁ ଅଣଛାତ୍ରଙ୍କୁ ତଡ଼ିଦେଇଥିଲା। ସେଠାରୁ ମଦ ବୋତଲ, ଗଞ୍ଜେଇ, ଚିଲମ ଓ ଅନ୍ୟ ନିଶାଦ୍ରବ୍ୟ ମିଳିଥିଲା। ଏହା ପରେ ହଷ୍ଟେଲକୁ ପୂରା ବନ୍ଦ କରିଦିଆଯାଇଥିବାବେଳେ ଅନ୍ୟ ହଷ୍ଟେଲରୁ ଅଣଛାତ୍ରଙ୍କୁ ବିଦା କରିବାକୁ ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ସୋମବାର ସମ୍ପୃକ୍ତ ଅଣଛାତ୍ରମାନଙ୍କୁ ନୋଟିସ ଦିଆଯାଇଛି। ଦେଇଛନ୍ତି। ୫ ଦିନ ମଧ୍ୟରେ ହଷ୍ଟେଲ ଛାଡିଯିବାକୁ କୁହାଯାଉଛି। ନଚେତ୍ ପୋଲିସ ଫୋର୍ସ ଲଗାଇ ବିଦା କରାଯିବ ଓ ଏନେଇ ପୋଲିସ ସହ ଆଲୋଚନା ହୋଇଥିବା କୁଳପତି କହିଛନ୍ତି।

ଅନ୍ୟପକ୍ଷରେ ଅନ୍ୟ ହଷ୍ଟେଲଗୁଡ଼ିକରେ ରହୁଥିବା ଅଣଛାତ୍ରଙ୍କର ରାଜନେତାଙ୍କ ସହ ସୁସମ୍ପର୍କ ରହିଛି। ଏ କ୍ଷେତ୍ରରେ ସେମାନେ କୁଳପତିଙ୍କ ଉପରେ ରାଜନୈତିକ ଚାପ ପକାଇପାରନ୍ତି ବୋଲି କୁହାଯାଉଛି। ତେଣୁ ଅଣଛାତ୍ରମାନେ ଏବେଠୁ ହଷ୍ଟେଲ ନ ଛାଡିବା ପାଇଁ ଯୋଜନା କରୁଥିବା ସୂଚନା ମିଳିଛି। ୭ ନମ୍ବର ହଷ୍ଟେଲ କ୍ୟାମ୍ପସରେ ଥିବା ଅନେକ ହଷ୍ଟେଲରେ ମଧ୍ୟ ମଦ ବୋତଲ ଗଡୁଥିବା ସୋମବାର ଦେଖିବାକୁ ମିଳିଛି। ତୁରନ୍ତ ଚଢ଼ାଉ ହେଲେ ଆହୁରି ଅନେକ ଲୁକ୍କାୟିତ ଘଟଣା ପଦାକୁ ଆସିବ ବୋଲି ବିଶ୍ୱବିଦ୍ୟାଳୟର କେତେଜଣ ଛାତ୍ର କହିଛନ୍ତି। ସେମାନଙ୍କ ଅଭିଯୋଗ ହେଲା ଅଣଛାତ୍ରମାନେ ଜବରଦସ୍ତ ହଷ୍ଟେଲରେ ପଶି ମଦ ପିଇବାଠାରୁ ଆରମ୍ଭ କରି ବ୍ରାଉନ ସୁଗାର ମଧ୍ୟ ସେବନ କରୁଛନ୍ତି। ଛାତ୍ରମାନଙ୍କୁ ଏଥିରେ ମଧ୍ୟ ଭୟ ଦେଖାଇ ସାମିଲ୍ କରୁଛନ୍ତି। ସେମାନଙ୍କ କଥା ନ ମାନିଲେ ମାଡ଼ ମାରୁଥିବା ଅନ୍ୟ କେତେଜଣ ଛାତ୍ର ନାମ ଗୋପନ ରଖି କହିଛନ୍ତି।

ଏନେଇ ପୋଲିସ କମିଶନର ସତ୍ୟଜିତ ମହାନ୍ତି କହିଛନ୍ତି, ଅଣଛାତ୍ରଙ୍କୁ ବିଦା କରିବା ପାଇଁ ବାଣୀବିହାର ବିଶ୍ୱବିଦ୍ୟାଳୟର କୁଳପତି ଆମକୁ ପୋଲିସ ଫୋର୍ସ ମାଗିଥିଲେ।। ରବିବାର ୭ ନମ୍ବର ହଷ୍ଟେଲକୁ ଖାଲି କରିଥିଲୁ। ଏହାସହ ଅନ୍ୟ ହଷ୍ଟେଲରେ ମଧ୍ୟ ଅଣଛାତ୍ର ରହୁଛନ୍ତି। ସେମାନଙ୍କୁ ବିଦା କରିବା ପାଇଁ କୁଳପତି ଅଣଛାତ୍ରଙ୍କୁ ନୋଟିସ କରିଛନ୍ତି। ସେମାନେ ନ ଗଲେ ପୋଲିସ ଚଢ଼ାଉ କରିବ ବୋଲି କମିଶନର କହିଛନ୍ତି।

## ବିଶୃଙ୍ଖଳାକାରୀଙ୍କ ଗିରଫ ଦାବିକଲା ଛାତ୍ର କଂଗ୍ରେସ

**ଭୁବନେଶ୍ୱର, ୧୧।୩ (ବ୍ୟୁରୋ)**

ବାଣୀବିହାର ବିଶ୍ୱବିଦ୍ୟାଳୟରୁ ପୋଲିସ ଲଗାଇ ଅଣଛାତ୍ରଙ୍କୁ ହଟାଯିବା ଘଟଣାକୁ ସମର୍ଥନ କରିଛି ଛାତ୍ର କଂଗ୍ରେସ। ଛାତ୍ର କଂଗ୍ରେସ ସଭାପତି ଇତିଶ ପ୍ରଧାନ ସୋମବାର କଂଗ୍ରେସ ଭବନରେ ଆୟୋଜିତ ଖବରଦାତା ସମ୍ମିଳନୀରେ କହିଛନ୍ତି, ରାଜ୍ୟରେ ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇଛି। ଏହାର ସଦ୍ୟ ଉଦାହରଣ ଶହୀଦ ନଗର ଥାନା ଭଙ୍ଗାରୁଜା ଏବଂ ପୋଲିସକୁ ମାଡ ଘଟଣା। ଏହାଠାରୁ ଅଧିକ ସମ୍ବେଦନଶୀଳ ଘଟଣା ହେଉଛି ବିଶ୍ୱବିଦ୍ୟାଳୟ ବାଣୀବିହାର ପରିସରରେ ବିଭିନ୍ନ ଛାତ୍ରନେତାଙ୍କ ଛତ୍ରଛାୟା ତଳେ ରହି ଅସାମାଜିକ ବ୍ୟକ୍ତି ଏବଂ ଅଣଛାତ୍ରମାନଙ୍କ ହଷ୍ଟେଲ ପରିସରରେ ଆଡ୍ଡା ଜମାଇବା। ଏଠାରେ ସମସ୍ତ ବେଆଇନ କାର୍ଯ୍ୟ, ମଦ ଏବଂ ମାରଣାସ୍ତ୍ର ଜବତ ହେବା ଶିକ୍ଷା ବ୍ୟବସ୍ଥାକୁ ନିମ୍ନଗାମୀ କରିଛି। ତାହା ପୋଲିସ ଉପସ୍ଥିତିରେ ୭ନମ୍ବର ହଷ୍ଟେଲ ଖାଲି କରିବା ଘଟଣା ସ୍ପଷ୍ଟ ଅନୁମେୟ। ଛାତ୍ରନେତାମାନଙ୍କ ଇସାରାରେ କ୍ୟାମ୍ପସର ବିଭିନ୍ନ ଛାତ୍ରାବାସରେ ଅଣଛାତ୍ରମାନଙ୍କୁ ବିଭିନ୍ନ ରୁମ ଭଡାରେ ଦିଆଯାଇ ପ୍ରଚୁର ଅର୍ଥ ରୋଜଗାର କରାଯାଉଥିବା ବେଳେ ଠିକାଦାରଙ୍କଠାରୁ ମଧ୍ୟ ଅର୍ଥ ଆଦାୟ କରାଯାଉଛି। ତେବେ ଛାତ୍ରାବାସକୁ କବଜାରେ ରଖିଥିବା ଅସାମାଜିକ ବ୍ୟକ୍ତିମାନଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆଗାମୀ ଦିନରେ ଛାତ୍ର କଂଗ୍ରେସ ନବୀନ ନିବାସ ଘେରାଉ କରିବ ବୋଲି ଇତିଶ କହିଛନ୍ତି।

## ସରକାରୀ ନଥିରେ ରହିଛି ଶାସ୍ତ୍ରୀୟ ଓଡ଼ିଆ ଭାଷା

**ଭୁବନେଶ୍ୱର, ୧୧।୩(ବ୍ୟୁରୋ)**

ଉତ୍କଳ ସମ୍ମିଳନୀ ମଞ୍ଚେଶ୍ୱର ଶିଳ୍ପାଞ୍ଚଳ ଶାଖା ପକ୍ଷରୁ ସୋମବାର ଓଡ଼ିଆ ଶାସ୍ତ୍ରୀୟ ଭାଷା ଦିବସ ପାଳିତ ହୋଇଯାଇଛି। ଶାଖା କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଶାଖା ସଭାପତି ଦିଲୀପ ଦାଶଶର୍ମା ସଭାପତିତ୍ୱ କରି କହିଥିଲେ, ପାଞ୍ଚ ବର୍ଷ ତଳେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷାର ମାନ୍ୟତା ମିଳିଲା। ଏହା ପୂର୍ବରୁ କୁହାଯାଉଥିଲା ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିବା ପରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଭାଷାର ଉନ୍ନତି ପାଇଁ ପ୍ରଥମ ଥର ୧୦୦ କୋଟି ଓ ପ୍ରତି ବର୍ଷରେ ଥରେ ୫ କୋଟି ଲେଖାଏ ଅନୁଦାନ ମିଳିବ। ପାଞ୍ଚ ବର୍ଷରେ ୧୨୫ କୋଟି ଟଙ୍କା ଅନୁଦାନ ଓଡ଼ିଆ ଭାଷାର ଉନ୍ନତି ପାଇଁ ମିଳିଛି କି ନାହିଁ କିମ୍ବା ଯଦି ମିଳିଛି, ତେବେ କ'ଣ ଉନ୍ନତି ହୋଇଛି ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଦାଶଶର୍ମା କହିଥିଲେ। ଓଡ଼ିଆ ଏକ ଶାସ୍ତ୍ରୀୟ ଭାଷା ହୋଇ କେବଳ ସରକାରୀ ନଥିରେ ରହିଛି। ବଡ଼ ଦୁଃଖର ବିଷୟ, ଆମେ ଓଡ଼ିଆ ଲୋକ କେବଳ ବର୍ଷକୁ ଥରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନ କରୁଛୁ ବୋଲି ସେ ମତବ୍ୟକ୍ତ କରିଥିଲେ। ବୈଠକରେ ଉପସଭାପତି ଶୀତଳ ଚନ୍ଦ୍ର ମହାନ୍ତି, ସମ୍ପାଦକ ଗୋବିନ୍ଦ ଚନ୍ଦ୍ର ସୁବୁଦ୍ଧି ଓ ଅଶୋକ କୁମାର ପାଲଟା ସିଂଙ୍କ ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ଫଟୋରେ ଖବର



ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପଠାରେ ଚାଲିଥିବା ସୃଷ୍ଟି ହାସ୍ୟରସାତ୍ମକ ନାଟକ ଉତ୍ସବର ସୋମବାର ସନ୍ଧ୍ୟାରେ ପରିବେଷିତ ନାଟକ 'ଠିଆ ପାଲା'ର ଏକ ଦୃଶ୍ୟ।



୧୭ ଦଫା ଦାବିନେଇ ରାଜ୍ୟପାଳଙ୍କୁ ସ୍ମାରକପତ୍ର ଦେବାକୁ ଆସିଥିବା ଓଡ଼ିଶା ବିଭାଗୀୟ ମୁଖ୍ୟଦପ୍ତର ସ୍ୱଳ୍ପ ବେତନଭୋଗୀ ସରକାରୀ କର୍ମଚାରୀମାନେ ସୋମବାର ରାଜଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।



ବୟନିକା, ବୟନ ଓ ହସ୍ତଶିଳ୍ପ ବିଭାଗ ପକ୍ଷରୁ ଭୁବନେଶ୍ୱରର ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ଜାତୀୟ ହସ୍ତତନ୍ତ ପ୍ରଦର୍ଶନୀର ଏକ ଷ୍ଟଲ୍‌ରେ ମହିଳାମାନେ ଶାଢ଼ି କିଣୁଛନ୍ତି।



ପବିତ୍ର ବାରି କହିଲେ ତୀର୍ଥଜଳ ବା ଗଙ୍ଗାଜଳ ନୁହେଁ, ନୟନର ବାରି ହିଁ ପବିତ୍ର। ଯେ ନେତ୍ର ଜଳରେ ପ୍ରଭୁଙ୍କର ପଦଧୌତକରେ ତା'ର ଜନ୍ମ ଜନ୍ମର ପାପ ଧୋଇ ହୋଇଯାଏ।
- ଠାକୁର ଅଭିରାମ ପରମହଂସ



## ସଂକ୍ଷେପରେ

### ରୁକୁଣା ରଥଯାତ୍ରା
## ବୁଧବାର ପହଞ୍ଚିବ ପ୍ରଥମ ପର୍ଯ୍ୟାୟ ରଥକାଠ

**ପୁରୁଣା ଭୁବନେଶ୍ୱର,୧୧।୩(ଡି.ଏନ୍.ଏ.):** ଶ୍ରୀଲିଙ୍ଗରାଜ ମହାପ୍ରଭୁଙ୍କ ରୁକୁଣା ରଥଯାତ୍ରା ନେଇ ମନ୍ଦିର ପ୍ରଶାସନ ପକ୍ଷରୁ ଜୋରସୋର ପ୍ରସ୍ତୁତି ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଗତ ୬ତାରିଖରୁ ଶ୍ରୀଲିଙ୍ଗରାଜ ମନ୍ଦିର ଟ୍ରଷ୍ଟ ବୋର୍ଡର ଜନୈକ କର୍ମଚାରୀ ରଥକାଠ ପାଇଁ ନୟାଗଡ଼ ଯାତ୍ରା କରିଛନ୍ତି। ସେଠାରେ ନୟାଗଡ଼ ବନଖଣ୍ଡ ଅଧୀନ ଜଙ୍ଗଲରୁ ଆମ୍ବ ଗଛ କାଟିବା କାର୍ଯ୍ୟରେ ସ୍ଥାନୀୟ ରେଞ୍ଜର ଶ୍ରୀଧର ପଣ୍ଡା ସହ ଅନ୍ୟ କର୍ମଚାରୀମାନେ ସହଯୋଗ କରୁଛନ୍ତି। ପ୍ରାୟ ୧୨ଜଣ ଶ୍ରମିକ ଏହି କାର୍ଯ୍ୟରେ ନିୟୋଜିତ ଥିବାବେଳେ ସୋମବାର ସୁଦ୍ଧା ୩ଟି ଆମ୍ବଗଛ କଟାଯାଇଥିବା ସୂଚନା ମିଳିଛି। ଆସନ୍ତା ବୁଧବାର ମଧ୍ୟରେ ପ୍ରଥମ ପର୍ଯ୍ୟାୟର ରଥକାଠ ରଥଖଳାରେ ପହଞ୍ଚିବ ବୋଲି ବୋର୍ଡ଼ ପକ୍ଷରୁ ଜଣାପଡ଼ିଛି। ଏଥିରୁ ମୋଟ ୯ଟି ଲଗ ଟ୍ରକ ଯୋଗେ ଲିଙ୍ଗରାଜ ମନ୍ଦିର ନିକଟ ରଥଖଳାରେ ପହଞ୍ଚିବା ପରେ କାଠ ଚିରଟ ପାଇଁ କଟକସ୍ଥିତ ଖପୁରିଆ ସରକାରୀ ସ' ମିଲକୁ ପଠାଯିବ। ରଥଖଳାରେ ରଥକାଠ ବିଧିମୁତାବକ ପୂଜାର୍ଚ୍ଚନା ପରେ ରଥ ନିର୍ମାଣ ଆରମ୍ଭ ହେବ। ସୂଚନା ଥାଉ କି, ଏପ୍ରିଲ ୧୩ତାରିଖରେ ଶ୍ରୀ ଜିଉଙ୍କ ରୁକୁଣା ରଥଯାତ୍ରା ଅନୁଷ୍ଠିତ ହେବ।

## ଢେଙ୍କାନାଳ ରାମକୃଷ୍ଣ ମଠ ପ୍ରତିଷ୍ଠାତାଙ୍କ ପରଲୋକ

**ଭୁବନେଶ୍ୱର,୧୧।୩(ବ୍ୟୁରୋ):** ଢେଙ୍କାନାଳ ରାମକୃଷ୍ଣ ମଠ ପ୍ରତିଷ୍ଠାତା ଏବଂ ସଭାପତି ତଥା ସାମାଜିକ କର୍ମୀ ଭୁବନାନନ୍ଦ ଦାଶଙ୍କ ରବିବାର ପରଲୋକ ହୋଇଯାଇଛି। ଢେଙ୍କାନାଳସ୍ଥିତ ବାସଭବନରେ ସେ ୮୭ବର୍ଷ ବୟସରେ ଇହଧାମ ତ୍ୟାଗ କରିଛନ୍ତି। ସାଲେପୁର ନିକଟସ୍ଥ ସୁନାଖଣ୍ଡି ଗ୍ରାମରେ ଜନ୍ମଗ୍ରହଣ କରିଥିବା ଭୁବନାନନ୍ଦ ଟେଲିକମ୍ ବିଭାଗରେ କାମ ଆରମ୍ଭ କରି ବରିଷ୍ଠ ଟେଲିକମ୍ ଇଞ୍ଜିନିୟର ଭାବେ ଅବସର ଗ୍ରହଣ କରିଥିଲେ। ଅବସର ପରେ ସେ ରାମକୃଷ୍ଣ ମଠର ବିଭିନ୍ନ କାର୍ଯ୍ୟରେ ନିଜକୁ ସମ୍ପୂର୍ଣ୍ଣ ଭାବେ ନିୟୋଜିତ କରିଥିଲେ। ତାଙ୍କ ଦ୍ୱାରା ଢେଙ୍କାନାଳରେ ରାମକୃଷ୍ଣ ମଠ ପ୍ରତିଷ୍ଠା ସମ୍ଭବ ହୋଇପାରିଥିଲା। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ସ୍ତ୍ରୀ, ଦୁଇପୁତ୍ର ଓ ପୁତ୍ରବଧୂ, ଚାରିଝିଅ ଓ ଜ୍ୱାଇଁ ଉପସ୍ଥିତ ଥିବାବେଳେ ପୁରୀ ସ୍ୱର୍ଗଦ୍ୱାରଠାରେ ତାଙ୍କର ଅନ୍ତିମ ସଂସ୍କାର ସମ୍ପନ୍ନ ହୋଇଛି।

## ଘର ତାଲା ଭାଙ୍ଗି ଚୋରି

**ଝାଁଳା,୧୧।୩(ଡି.ଏନ୍.ଏ.):** ଜଟଣୀ ଥାନା ଅନ୍ତର୍ଗତ ଝାଁଳା ଗ୍ରାମର ସନାତନ ପ୍ରଧାନଙ୍କ ଘରୁ ସୋମବାର ସକାଳେ ୬୦ହଜାର ଟଙ୍କା ଚୋରି ହୋଇଥିବା ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ଘରେ କେହି ନ ଥିବା ସୁଯୋଗରେ କେତେଜଣ ଦୁର୍ବୃତ୍ତ ଘର ତାଲା ଭାଙ୍ଗି କୋଠରି ମଧ୍ୟରେ ପଶି ଏକ ଟ୍ରଙ୍କ ମଧ୍ୟରେ ଥିବା ଟଙ୍କାକୁ ଚୋରି କରିନେଇଥିଲେ। ଏ ନେଇ ସନାତନ ଝାଁଳା ଫାଣ୍ଡିରେ ଅଭିଯୋଗ କରିଛନ୍ତି। ପରିବାର ଲୋକ ଦିନ ପ୍ରାୟ ୧୦ଟାରେ ପହଞ୍ଚିବା ପରେ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ।




ଭୁବନେଶ୍ୱରର ରସୁଲଗଡ଼ସ୍ଥିତ ଏସ୍ପ୍ଲାନେଡ୍ ମଲ୍ ପରିସରରେ ସୋମବାର ଆୟୋଜିତ ଦୁର୍ଘଟଣାମୁକ୍ତ ସ୍ମାର୍ଟସିଟି ପାଇଁ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିବା ସୁନ୍ଦରଗଡ଼ ବଡ଼ଗାଁ ଆଇଟିଆଇ ଭାରତ ସ୍କାଉଟ୍ସ ଆଣ୍ଡ୍ ଗାଇଡ୍ସର ଛାତ୍ରୀଛାତ୍ର।

# ଦୁର୍ଘଟଣାମୁକ୍ତ ସ୍ମାର୍ଟ ସିଟି ପାଇଁ 'ଅଭିଯାନ ୨୦୧୯'

ଭୁବନେଶ୍ୱର,୧୧।୩(ବ୍ୟୁରୋ)

### ଛାତ୍ରୀଛାତ୍ରଙ୍କ ଅଭିନବ ସଚେତନତା କାର୍ଯ୍ୟକ୍ରମ



ଟ୍ରାଫିକ୍ ନିୟମର ଅବମାନନା ଯୋଗୁ ଦିନକୁ ଦିନ ଓଡ଼ିଶାରେ ରାସ୍ତା ଦୁର୍ଘଟଣାର ମାତ୍ରା ବଢ଼ିବାରେ ଲାଗିଛି। ବେପରୁଆ ଗାଡ଼ିଚାଳନା ଦୁର୍ଘଟଣାର ଅନ୍ୟତମ ପ୍ରମୁଖ କାରଣ ପାଲଟିଛି। ଏହା ସତ୍ତ୍ୱେ ଲୋକେ ସଡ଼କ ସୁରକ୍ଷା ପ୍ରତି ଆଦୌ ସଚେତନ ହେଉନାହାନ୍ତି। ଫଳରେ ଦୁର୍ଘଟଣାଜନିତ ମୃତ୍ୟୁ ସଂଖ୍ୟାରେ ଓଡ଼ିଶା ସର୍ବଭାରତୀୟ ସ୍ତରରେ ସବୁଠାରୁ ଆଗରେ ରହିଛି। ଏହାକୁ ଦୃଷ୍ଟିରେ ରଖି ଫୋରମ୍ ଫର୍ ସ୍ମାର୍ଟ ସିଟିଜେନ୍, ବଡ଼ଗାଁ ଆଇଟିଆଇର ଭାରତ ସ୍କାଉଟ୍ସ ଆଣ୍ଡ ଗାଇଡ୍ ୟୁନିଟ୍ ଏବଂ ପୋଲିସର ମିଳିତ ସହଯୋଗରେ ଭୁବନେଶ୍ୱରରେ ଆରମ୍ଭ ହୋଇଛି 'ଅଭିଯାନ ୨୦୧୯'। ସ୍ମାର୍ଟ ସିଟିକୁ ଦୁର୍ଘଟଣାମୁକ୍ତ କରିବାକୁ ଏହି ସଚେତନତା ଅଭିଯାନର ଶୁଭାରମ୍ଭ କରାଯାଇଛି।

୧ ମାସ ଧରି ଚାଲିବାକୁ ଥିବା ଏହି ଅଭିଯାନରେ ସାମିଲ ହୋଇଛନ୍ତି ୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର। ଏମାନଙ୍କ ସହ ୨୦ଜଣ ସପୋର୍ଟିଂ ଷ୍ଟାଫ୍ ମଧ୍ୟ ରହିଛନ୍ତି। ଭୁବନେଶ୍ୱରର ଛକ, ବଜାର, ଜନଗହଳିପୂର୍ଣ୍ଣ ସ୍ଥାନ, ଶପିଂ ମଲ୍ ଭଳି ସ୍ଥାନରେ ଏହି ଛାତ୍ରୀଛାତ୍ରମାନେ ଟ୍ରାଫିକ୍ ନିୟମ ମାନିବାକୁ ଲୋକଙ୍କୁ ସଚେତନ କରାଇବେ। ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ସହ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ବାର୍ତ୍ତା ପ୍ରଦାନ କରିବେ। ଏହାବ୍ୟତୀତ ବେପରୁଆ କିମ୍ବା ଦ୍ରୁତଗତିରେ ଗାଡ଼ି ନ ଚଲାଇବାକୁ ଭୁବନେଶ୍ୱରବାସୀଙ୍କୁ ପରାମର୍ଶ ଦେବେ। ଏଥିପାଇଁ ସହରର ପ୍ରତ୍ୟେକ ସ୍କୁଲ ଓ କଲେଜରେ ମଧ୍ୟ ଏହି ଗ୍ରୁପ୍ ପକ୍ଷରୁ ସ୍ୱତନ୍ତ୍ର କ୍ୟାମ୍ପେନ୍‌ର ଆୟୋଜନ କରାଯିବ। ଦୁଇଚକିଆ ଯାନ ଚଲାଇବା ସମୟରେ ନିଜର ସୁରକ୍ଷା ପାଇଁ ହେଲ୍‌ମେଟ ବ୍ୟବହାର କରିବା, ଚାରିଚକିଆ ଯାନ ଚଲାଇବା ସମୟରେ ସିଟ୍ ବେଲ୍ଟ ପିନ୍ଧିବା, ଗାଡ଼ି ଚଲାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ନ କରିବା, ନିଶାଦ୍ରବ୍ୟ ସେବନ କରି ଗାଡ଼ି ନ ଚଲାଇବାକୁ ଛାତ୍ରୀଛାତ୍ରମାନେ ଲୋକଙ୍କୁ ବୁଝାଇବେ। ସେହିଭଳି ଡ୍ରାଇଭିଂ ଲାଇସେନ୍ସ ଓ ଗାଡ଼ିର ଜରୁରୀ କାଗଜପତ୍ର ସର୍ବଦା ପାଖରେ ରଖିବା ପାଇଁ ପରାମର୍ଶ ଦେବେ। ଏ ନେଇ ଅଭିଯାନର ସଦସ୍ୟ ଥିବା ବଡ଼ଗାଁ ଆଇଟିଆଇର ରିମା ଶାଲୋ କୁଜୁର୍ କହିଛନ୍ତି, ରାସ୍ତା ଦୁର୍ଘଟଣା କ୍ଷେତ୍ରରେ ଓଡ଼ିଶା ଭାରତର ଶୀର୍ଷରେ ରହିଛି। ବିଶେଷକରି ଭୁବନେଶ୍ୱରରେ ଏବେ ଅଧିକ ରାସ୍ତା ଦୁର୍ଘଟଣା ଘଟୁଛି। ତେଣୁ ଟ୍ରାଫିକ୍ ନିୟମ ଆମ ପାଇଁ କେତେ ଜରୁରୀ, ତାହା ଆମେ ଲୋକଙ୍କୁ ବୁଝାଇବୁ। ସ୍ମାର୍ଟ ସିଟିକୁ ଦୁର୍ଘଟଣାମୁକ୍ତ କରିବାକୁ ଆମର ଏହି ପ୍ରୟାସ। କେବଳ ଅଭିଯାନରେ ଏହା ସୀମିତ ରହିବନି, ଆମେ ଟ୍ରାଫିକ୍ ପୋଲିସଙ୍କୁ ସହାୟତା କରିବା ସହ ସଡ଼କ ସୁରକ୍ଷା ସମ୍ପର୍କିତ ନୁକ୍କଡ୍ ନାଟକ ପରିବେଷଣ କରିବୁ ବୋଲି ସେ କହିଛନ୍ତି। ଏହି ଅଭିଯାନରେ ସାମିଲ ହୋଇଥିବା ଛାତ୍ରୀଛାତ୍ରମାନେ ସୋମବାର ସ୍ଥାନୀୟ ଏସ୍ପ୍ଲାନେଡ୍ ମଲ୍‌ଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ କରି ଲୋକଙ୍କୁ ସଚେତନ କରିଥିଲେ।

# ୧୩ରୁ ପଞ୍ଚମବେଦର ରାଜ୍ୟସ୍ତରୀୟ ନାଟକ ମହୋତ୍ସବ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

### ଚାରି ଦିନରେ ମଞ୍ଚସ୍ଥ ହେବ ୪ ନାଟକ

ନାଟ୍ୟାନୁଷ୍ଠାନ 'ପଞ୍ଚମବେଦ' ପକ୍ଷରୁ ରାଜ୍ୟସ୍ତରୀୟ ନାଟକ ମହୋତ୍ସବ ଓ 'ପଞ୍ଚମବେଦ ସମ୍ମାନ ୨୦୧୯' ମାର୍ଚ୍ଚ ୧୩ରୁ ୧୬ତାରିଖ ପର୍ଯ୍ୟନ୍ତ ରବୀନ୍ଦ୍ର ମଣ୍ଡପଠାରେ ଅନୁଷ୍ଠିତ ହେବ। ଏହି ମହୋତ୍ସବର ଉଦ୍‌ଘାଟନୀ ସନ୍ଧ୍ୟାରେ ପଞ୍ଚମବେଦର ନାଟକ 'ଅବସର' ମଞ୍ଚସ୍ଥ ହେବ। ନାଟକର ରଚନା ହର ବାରିକ କରିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ହରେନ୍ ସାହୁ। ସେହିଭଳି ଦ୍ୱିତୀୟ ସନ୍ଧ୍ୟାରେ ରାଉରକେଲାର ନାଟ୍ୟାନୁଷ୍ଠାନ 'ସମ୍ପର୍କ' ପକ୍ଷରୁ ନାଟକ 'ମୁଁ ବିଜୟାନନ୍ଦ କହୁଛି', ତୃତୀୟ ସନ୍ଧ୍ୟାରେ ପୁରୀ ଆର୍ଟିଷ୍ଟ୍ ଆସୋସିଏଶନ ପକ୍ଷରୁ ନାଟକ 'ନିର୍ଜୀବ ଘୋଡ଼ା' ଏବଂ ଉଦ୍‌ଯାପନୀ ସନ୍ଧ୍ୟାରେ ଭୁବନେଶ୍ୱରର ଲାବଣ୍ୟ ଥିଏଟର ପକ୍ଷରୁ 'ଖଳନାୟିକା ଏକ ଆତ୍ମକଥା' ନାଟକ ମଞ୍ଚସ୍ଥ ହେବ। ଅନୁଷ୍ଠାନର ପୂର୍ବତନ ସଭାପତି ସ୍ୱର୍ଗତ ଅମୀୟ ପଟ୍ଟନାୟକଙ୍କ ସ୍ମୃତିରେ ଚଳିତବର୍ଷଠାରୁ 'ଅମୀୟ ପଟ୍ଟନାୟକ ସ୍ମୃତି ସମ୍ମାନ' ପ୍ରଦାନ କରାଯିବ। ଓଡ଼ିଶାର ମଞ୍ଚ, ଚଳଚ୍ଚିତ୍ର ଓ ଟେଲିଭିଜନ ଜଗତର ଜଣାଶୁଣା ବ୍ୟକ୍ତିତ୍ୱ ଚୌଧୁରୀ ବିକାଶ ଦାସ ଏହି ସମ୍ମାନରେ ସମ୍ମାନିତ ହେବେ। ଉଦ୍‌ଯାପନୀ ସନ୍ଧ୍ୟାରେ ବିଶିଷ୍ଟ ନାଟ୍ୟକାର ମନ୍ମଥ ଶତପଥୀ, ଡ. ନାରାୟଣ ସାହୁ, ଧୀର ମଲ୍ଲିକ, ସୁରଞ୍ଜନ ଦାସ ମହାପାତ୍ର ଓ ଅଭିନେତ୍ରୀ ଲକ୍ଷ୍ମୀପ୍ରିୟା ମିଶ୍ରଙ୍କୁ ଚଳିତବର୍ଷ ପାଇଁ 'ପଞ୍ଚମବେଦ ସମ୍ମାନ' ପ୍ରଦାନ କରାଯିବ। ଏ ନେଇ ଅନୁଷ୍ଠାନର କାର୍ଯ୍ୟକାରୀ ସଭାପତି ହରେନ୍ ସାହୁ ଓ ସମ୍ପାଦକ ପ୍ରକାଶ ମହାରଣା ସୂଚନା ଦେଇଛନ୍ତି।

### ପାଇକ ଯାତ୍ରାର ୨୧୬ତମ ସ୍ମାରକୀ ଉତ୍ସବ
# ଜାତୀୟ ସ୍ମାରକୀ ଦିବସ ଘୋଷଣା କରାଯାଉ

ପୁରୀ ଅଫିସ,୧୧।୩

### ସମ୍ବର୍ଦ୍ଧିତ ହେଲେ ପାଇକ ବୀର






ପୁରୀ ସିଂହଦ୍ୱାରଠାରୁ ବାହାରିଥିବା ଶୋଭାଯାତ୍ରା।

ଭାରତର ମୁକ୍ତି ସଂଗ୍ରାମ ଶ୍ରୀକ୍ଷେତ୍ରରୁ ଆରମ୍ଭ ହୋଇଥିଲା। ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ଶହୀଦ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ୧୮୦୪ ମାର୍ଚ୍ଚ ୧୧ରେ ଶତାଧିକ ପାଇକ ବୀର ସିଂହଦ୍ୱାରଠାରୁ ଶୋଭାଯାତ୍ରାରେ ବାହାରି କଟକ ବାରବାଟୀ ଦୁର୍ଗକୁ ଘେରାଉ କରିଥିଲେ। ସେହି ସ୍ମୃତି ଉଦ୍ଦେଶ୍ୟରେ ଶହୀଦ ଜୟୀ ରାଜଗୁରୁ ସ୍ମୃତି ପରିଷଦ ପକ୍ଷରୁ ପାଇକ ଯାତ୍ରାର ୨୧୬ତମ ସ୍ମାରକୀ ଉତ୍ସବ ଅନୁଷ୍ଠିତ ହୋଇଛି। ସୋମବାର ସିଂହଦ୍ୱାରଠାରୁ ଶତାଧିକ ବ୍ୟକ୍ତି, ବୁଦ୍ଧିଜୀବୀ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଶରଧାବାଲିରେ ପହଞ୍ଚିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ଏହି ଦିବସକୁ ଜାତୀୟ ସ୍ମାରକୀ ଦିବସର ମାନ୍ୟତା ପ୍ରଦାନ ଲାଗି ଉତ୍ସବରେ ମତ ପ୍ରକାଶ ପାଇଥିଲା।

ପରିଷଦର ସଭାପତି ତଥା ପୂର୍ବତନ ପ୍ରଶାସନିକ ଅଧିକାରୀ ଦିଗମ୍ବର ମହାନ୍ତିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମକୁ ବିହାର ରାଜେନ୍ଦ୍ର ପ୍ରସାଦ କୃଷି ବିଶ୍ୱବିଦ୍ୟାଳୟ କୁଳାଧିପତି ଡ. ପ୍ରଫୁଲ୍ଲ କୁମାର ମିଶ୍ର ଉଦ୍‌ଘାଟନ କରିଥିବା ବେଳେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର କମଳକାନ୍ତ ମିଶ୍ର ମୁଖ୍ୟଅତିଥି, ପ୍ରଫେସର ରାମଚନ୍ଦ୍ର ପଣ୍ଡା ମୁଖ୍ୟବକ୍ତା, ପ୍ରଫେସର ସୁନୀଲ କୁମାର ରଥ, ସାମାଜିକ କର୍ମୀ ପ୍ରତିମା ମିଶ୍ର, ସିଦ୍ଧେଶ୍ୱର ପଟ୍ଟନାୟକ, କୈଳାସ ଚନ୍ଦ୍ର ଟିକାୟତରାୟ, ରାମଚନ୍ଦ୍ର ମିଶ୍ର, ରାମପ୍ରସାଦ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରିଷଦ ସମ୍ପାଦକ ଜଟାଧାରୀ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ସମ୍ପିତ ପଟ୍ଟନାୟକ, କିଶୋର ଚନ୍ଦ୍ର ଜେନା, ତାରାପ୍ରସାଦ ରଣବୀର, ଭିକାରି ଗଜେନ୍ଦ୍ର, ବନବିହାରୀ ବେହେରା, ସୁଦର୍ଶନ ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

ଉତ୍ସବ ସମ୍ପର୍କରେ ଆଲୋକପାତ କରି ପରିଷଦର ସମ୍ପାଦକ ମିଶ୍ର କହିଲେ, ୧୮୦୩ ମସିହାରେ ଇଂରେଜ ସରକାର ଓଡ଼ିଶାକୁ ଦଖଲ କରିଥିଲେ। ଏହି ସମୟରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ୪ଟି ପ୍ରଗଣାକୁ ଦଖଲକୁ ନେଇ କର ଆଦାୟ କରୁଥିଲେ। ଏହାକୁ ରାଜଗୁରୁ ତୀବ୍ର ବିରୋଧ କରିଥିଲେ। ଇଂରେଜମାନଙ୍କ ଦଖଲରେ ଥିବା ୪ଟି ପ୍ରଗଣାକୁ ମୁକ୍ତ କରିବା ଲାଗି ସେ ଏହି ଐତିହାସିକ ଯାତ୍ରା ଆରମ୍ଭ କରିଥିଲେ। ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ୨ହଜାରରୁ ଊର୍ଦ୍ଧ୍ୱ ପାଇକ ଶ୍ରୀକ୍ଷେତ୍ରରୁ ବାହାରି ବାରବାଟୀ କର୍ଣ୍ଣେଲଙ୍କୁ ଘେରାଉ କରିଥିଲେ। ଏ ନେଇ ଇଂରେଜ ସରକାରଙ୍କ ବିରୋଧରେ ଦୀର୍ଘଦିନ ଧରି ଯୁଦ୍ଧ କରିଥିଲେ। ଶେଷରେ ରାଜଗୁରୁ ବନ୍ଦୀ ହୋଇଥିଲେ। ତାଙ୍କୁ ପଶ୍ଚିମବଙ୍ଗର ମେଦିନାପୁରଠାରେ ହତ୍ୟା କରାଯାଇଥିଲା। ଏହି ଐତିହାସିକ ଯୁଦ୍ଧଯାତ୍ରା ବ୍ରିଟିଶ୍ ଶାସନ ବିରୋଧରେ ପ୍ରଥମ ସଂଗ୍ରାମ ଥିଲା ବୋଲି ସେ କହିଥିଲେ।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ସୀମିତ ସ୍ଥାନ ଯୋଗୁ ଏଠାରେ ସମସ୍ତ ସେଲ୍ଫି ଛାପି ହେଉନାହିଁ। ଅଧିକ ସେଲ୍ଫି ଦେଖିବା ପାଇଁ ଯାଆନ୍ତୁ ଆମ ୱେବ୍‌ସାଇଟ୍
www.dharitri.com/main/selfie_list/
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି : metroselfie@gmail.com



ରାଜେଶ



ପ୍ରଭାସିନୀ



ଅଜିତ



ପ୍ରଦୋଷ



ସୋନାଲିସା



ରାଜ୍



କେଦାରନାଥ



କିରଣ



ଦେବଶ୍ରୀ



ଜୟଦେବ



ଯଦି ପରର ସମାଲୋଚନା କରିବ ନାହିଁ, ତାହା ହେଲେ ତୁମର ସମାଲୋଚନା ମଧ୍ୟ କେହି କରିବେ ନାହିଁ।
- ଯିଶୁଖ୍ରୀଷ୍ଟ

**ସଂକ୍ଷେପରେ**

## ଦୁର୍ଘଟଣାରେ ବାଇକ ଆରୋହୀ ମୃତ

**ଚୌଦ୍ୱାର, ୧୧।୩ (ଡି.ଏନ୍.ଏ.):** ଟିପିଏମ ଫାଣ୍ଡି ଅନ୍ତର୍ଗତ ନୁଆପାଟଣା ମଧୁସେତୁ ଛକରେ ସୋମବାର ଅପରାହ୍ନରେ ସଡକ ଦୁର୍ଘଟଣାରେ ଜଣେ ବାଇକ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୁରୁଡିଝାଟିଆ ଥାନା ଅଧୀନ ଓସ୍ତପୁର ଗ୍ରାମର ସନାତନ ପଣ୍ଡା(୫୨)। ପୋଲିସ ସୂଚନା ଅନୁଯାୟୀ, ସନାତନ ବାଇକ୍‌ରେ ନିଜ ଗ୍ରାମରୁ କଟକ ଅଭିମୁଖେ ଯାଉଥିବାବେଳେ ସମ୍ମୁଖରୁ ଆସୁଥିବା ଏକ ଡମ୍ପର ତାଙ୍କୁ ଧକ୍କା ଦେଇଥିଲା। ପରେ ସେ ଡମ୍ପର ଆଗଚକା ତଳେ ଚାପି ହୋଇଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡମେଡିକାଲ ପଠାଇବା ସହିତ ଦୁର୍ଘଟଣା ଘଟାଇଥିବା ଡମ୍ପରକୁ ଜବତ କରିଛି। ଘଟଣାପରଠାରୁ ଡମ୍ପର ଡ୍ରାଇଭର ଫେରାର ହୋଇଯାଇଥିବା ଜଣାପଡିଛି।

## ନିଆଳି ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ମନୋନୀତ

**ନିଆଳି,୧୧।୩ (ଡି.ଏନ୍.ଏ.):** ନିଆଳି ବାର୍ ଆସୋସିଏଶନ୍‌ର କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ସ୍ଥାନୀୟ ରାମ ମନ୍ଦିର ପ୍ରାଙ୍ଗଣରେ ଆସୋସିଏଶନର ଏକ ସାଧାରଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଆସୋସିଏଶନର ସଭାପତି ଭାବେ ଆଇନଜୀବୀ ପ୍ରଭାତ କୁମାର ବିଶ୍ୱାଳ, ଉପସଭାପତି ସୁଧୀର କୁମାର ସ୍ୱାଇଁ ଓ ପ୍ରିୟବ୍ରତ ରାଉତ, ସାଧାରଣ ସମ୍ପାଦକ ଆଇନଜୀବୀ ମହାପାତ୍ର ଧରଣୀଧର ପଣ୍ଡା, ଯୁଗ୍ମ ସମ୍ପାଦକ ସୁଶାନ୍ତ କୁମାର ବିହାରୀ, ସହ ସମ୍ପାଦକ ରଞ୍ଜନ ଜେନା, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ବସ୍ତିଆ, ପାଠାଗାର ସମ୍ପାଦକ ଭାବେ ଜ୍ୟୋତିରଞ୍ଜନ ଚୌଧୁରୀ ସର୍ବସମ୍ମତିକ୍ରମେ ମନୋନୀତ ହୋଇଛନ୍ତି। ସେହିପରି କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ଆଇନଜୀବୀ ସଚ୍ଚିଦାନନ୍ଦ ନାୟକ, ଆଶୁତୋଷ ମହାପାତ୍ର, ଫକୀର ଚରଣ ଦାସ, କବି ନାରାୟଣ ଜେନା ମନୋନୀତ ହୋଇଥିବା ଜଣାପଡିଛି। ଏହି ବୈଠକରେ ସମସ୍ତ ଆଇନଜୀବୀ ଯୋଗଦେଇଥିଲେ।

## ଆତ୍ମରକ୍ଷା କୌଶଳ ଶିବିର ଉଦ୍‌ଯାପିତ

**କଟକ ଅଫିସ, ୧୧।୩:** ନୁଆବଜାରସ୍ଥିତ କଟକ ମହାବିଦ୍ୟାଳୟରେ ୧୨ଦିନ ଧରି ଅନୁଷ୍ଠିତ ହୋଇଥିବା ଛାତ୍ରୀମାନଙ୍କ ଆତ୍ମରକ୍ଷା କୌଶଳ ଶିବିର ସୋମବାର ଉଦ୍‌ଯାପିତ ହୋଇଛି। କଲେଜ ଅଧକ୍ଷ ଡ. ସନ୍ତୋଷ କୁମାର ପଟ୍ଟନାୟକଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀମାନେ ଆତ୍ମରକ୍ଷା କୌଶଳ ତାଲିମ ନେଇଥିଲେ। ପ୍ରଶିକ୍ଷିକା ସୋମାଲିନା ପଟ୍ଟନାୟକଙ୍କଠାରୁ ଛାତ୍ରୀମାନେ ଆତ୍ମରକ୍ଷା ସହିତ ଆତ୍ମବିଶ୍ୱାସ ବୃଦ୍ଧିର ତାଲିମ ନେଇଥିଲେ। ପ୍ରାଧାପିକା ଡ. ପ୍ରଣତୀ ପଟ୍ଟନାୟକ, ରେଡକ୍ରସ୍ ଅଫିସର କୁମାର ପ୍ରଦୀପ୍ତ ମିଶ୍ର ଓ ଅଧାପିକା ମାନସୀ ମଲ୍ଲିକ ଶିବିର ପରିଚାଳନା କରିଥିଲେ। ଉଦ୍‌ଯାପନୀ ସଭାରେ ମେଜର ପୂର୍ଣ୍ଣଚନ୍ଦ୍ର ସାହୁ ଯୋଗଦେଇ ଛାତ୍ରୀମାନେ ରକ୍ଷଣଶୀଳ ମନୋଭାବ ପୋଷଣ କଲେ ଆତ୍ମରକ୍ଷା ଶିବିରର ମୁଖ୍ୟ ଉଦ୍ଦେଶ୍ୟ ପୂରଣ ହୋଇପାରିବ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ କଲେଜର ଯୁକ୍ତ ୨ ଅଧକ୍ଷ ଡ. ବିଦ୍ୟାଭୂଷଣ ମହାନ୍ତି, ଡ. କେଶବ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

**କଟକ ଅଫିସ, ୧୧।୩:** ସାମାଜିକ ଅନୁଷ୍ଠାନ 'ସମୀଚୀନ' ଆନୁକୂଲ୍ୟରେ ମର୍କତନଗରଠାରେ ସାମାଜିକ କର୍ମୀ ଗୋବିନ୍ଦ ଦାସଙ୍କ ଅଧକ୍ଷତାରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ସୋମବାର ପାଳିତ ହୋଇଯାଇଛି। କଟକ ଜିଲା ଉତ୍କଳ ସମ୍ମିଳନୀର ସଭାପତି ଡା. ରବି ରଞ୍ଜନ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ, ବହୁ ବର୍ଷର ସଂଗ୍ରାମ ପରେ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ମାନ୍ୟତା ମିଳିଛି, ଏହାର ବିକାଶ ଜରୁରୀ, ଏଣୁ ଓଡ଼ିଆ ଭାଷାକୁ ବିକଶିତ ରୂପ ଦେବାକୁ ସରକାରୀ ଓ ବେସରକାରୀ ସ୍ତରରେ ଏହାର ବ୍ୟାପକ ପ୍ରୟୋଗ ଆବଶ୍ୟକ। ଅନ୍ୟତମ ଅତିଥି ଡା. ପରିଣୀତା ଦାସ କହିଥିଲେ, ସାରଳା ମହାଭାରତରେ ପ୍ରାକୃତିକ ଓ ପାଲିର ପ୍ରଭାବ ଦେଖିବାକୁ ମିଳେ, ସାରଳା ଦାସଙ୍କ ମହାଭାରତ ରଚନା ବେଳକୁ ଏହାର ଅଭ୍ୟୁଦୟ ଭାବେ ନିଆଯାଇଛି। ଏଥିରୁ ଓଡ଼ିଆ ଭାଷା ପ୍ରାଚୀନତାର ପ୍ରମାଣ ମିଳେ, ଏହାର ସୁରକ୍ଷା ନିମନ୍ତେ ଆମ ସମସ୍ତଙ୍କ କର୍ତ୍ତବ୍ୟ ହେବା ବିଧେୟ। ଡ. ପବିତ୍ର ମହାନ୍ତି, ଲୋପାମୁଦ୍ରା ପାଣିଗ୍ରାହୀ, ସଂଯୁକ୍ତା ବେହେରା ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ସୋନାଲୀ ମହାରଣା ଧନ୍ୟବାଦ ଦେଇଥିଲେ।

■ ଚୌଦ୍ୱାର ଜେଲ କଏଦୀ ମୃତ୍ୟୁ ଘଟଣା

# ଭୟରେ ଅନ୍ୟ ହତ୍ୟା ଅଭିଯୁକ୍ତ

■ପାଟି ଖୋଲିଲେ ଅନ୍ୟ ଜେଲକୁ ସ୍ଥାନାନ୍ତର ଧମକ
■ନ୍ୟାୟ ନ ମିଳିଲେ ଆତ୍ମାହୁତି ଚେତାବନୀ
■ଜେଲ ସମ୍ମୁଖରେ ନାରାବାଜି

**ଚୌଦ୍ୱାର, ୧୧।୩(ଡି.ଏନ୍.ଏ.)**

ଚୌଦ୍ୱାର ଜେଲ୍‌ରେ ଆଜୀବନ ସଜା ଭୋଗୁଥିବା କଏଦୀ କଟକ କେଶରପୁର ଅଞ୍ଚଳର ଶୁଭ୍ରାଂଶୁ ଦାସ ଓରଫ ଟନିଙ୍କର ଶନିବାର ଏସ୍‌ସିବି ମେଡିକାଲରେ ମୃତ୍ୟୁ ଘଟିଥିଲା। ୨୦୧୩ ମସିହାରେ କଟକ ଦରଘାବଜାର ଅଞ୍ଚଳର କେଶବ ଚନ୍ଦ୍ର ବେହେରା ହତ୍ୟା ମାମଲାରେ ଶୁଭ୍ରାଂଶୁ ଗିରଫ ହୋଇ ଚୌଦ୍ୱାର ଜେଲ୍‌ରେ ସଜା ଭୋଗୁଥିଲେ। ଶନିବାର ତାଙ୍କର ଛାତିରେ ଯନ୍ତ୍ରଣା ହେବାରୁ ଚିକିତ୍ସାଲାଗି କଟକ ବଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଛାତି ଯନ୍ତ୍ରଣା ଯୋଗୁ ତାଙ୍କର ମୃତ୍ୟୁ ଘଟିଥିବା ଜେଲ୍ କର୍ତ୍ତୃପକ୍ଷ କହୁଥିବାବେଳେ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଚୌଦ୍ୱାର ଥାନାରେ ଅଭିଯୋଗ କରିଥିଲେ। ମାତ୍ର କେଶବ ହତ୍ୟା ଘଟଣାରେ ଆଉ ୫ଜଣ ଗିରଫ ହୋଇ ଉକ୍ତ ଜେଲ୍‌ରେ ସଜା ଭୋଗୁଛନ୍ତି। ସେମାନେ ହେଲେ ଟନିଙ୍କ ଭାଇ ଜନି, ସେକ୍ ରାହୁଲ, ବେଲର, ମଣ୍ଟୁ ଓ ଲିଟୁ।




ଜେଲ ସମ୍ମୁଖରେ ମହିଳାମାନେ ନାରାବାଜି ଦେଉଛନ୍ତି।

ସେମାନଙ୍କୁ ଭେଟିବା ପାଇଁ ସୋମବାର ପରିବାର ଲୋକେ ଜେଲ୍‌କୁ ଯାଇଥିଲେ। ସେହି ସମୟରେ ଅଭିଯୁକ୍ତମାନେ ଅତି ଭୟଭୀତ ଥିବା ସେମାନଙ୍କ ପରିବାର ଲୋକେ ଦେଖିବାକୁ ପାଇଥିଲେ। ଅଭିଯୁକ୍ତମାନେ ପାଟି ଖୋଲିଲେ ଅନ୍ୟ ଜେଲ୍‌କୁ ସ୍ଥାନାନ୍ତର କରାଯିବା ପାଇଁ ଜେଲ୍ କର୍ତ୍ତୃପକ୍ଷ ଧମକ ଦେଉଥିବା ଅଭିଯୋଗ ହୋଇଛି। ନିଜ ପିଲାମାନଙ୍କୁ ବୁଝାଅ ନ ହେଲେ ଦରକାର ପଡିଲେ ସେମାନଙ୍କ ଉପରେ ଲାଠିଚାଳଣା କରାଯିବ ବୋଲି ଜେଲ୍ କର୍ତ୍ତୃପକ୍ଷ ସେମାନଙ୍କ ପରିବାର ଲୋକଙ୍କୁ ଜଣାଇଛନ୍ତି। ଏହାକୁ ନେଇ ପରିବାର ଲୋକେ କିଛି ସମୟ ଜେଲ ଆଗରେ ସେମାନଙ୍କ ପିଲାଙ୍କ ସୁରକ୍ଷା ପାଇଁ ଦାବିକରି ନାରାବାଜି ଦେଇଥିଲେ। ଟୋନିର ମୃତ୍ୟୁ ପଛରେ ଉକ୍ତ ଜେଲରେ ସଜା ଭୋଗୁଥିବା ଜଣେ କଏଦୀ ଓ ତାଙ୍କ ସାଥୀ ଏବଂ ଜେଲ କର୍ତ୍ତୃପକ୍ଷଙ୍କ ହାତ ଥିବା ପରିବାର ଲୋକେ ଦାବି କରିଛନ୍ତି। ଟୋନି ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ କରିବା ସହିତ ଅନ୍ୟ ୫ଜଣଙ୍କ ସୁରକ୍ଷା ଉପରେ ସେମାନେ ପ୍ରଶ୍ନ ଉଠାଇଛନ୍ତି। ଆଗାମୀ ଦିନରେ ଉଚିତ୍ ନ୍ୟାୟ ପ୍ରଦାନ କରା ନ ଗଲେ କଟକ ଓଡ଼ିଆ ବଜାରର ସେକ୍ ରାହୁଲ, ପାକିଜା ବେଗମ, ମୁସ୍କାନ ବେଗମ, ସେକ୍‌ବଜାରର ପ୍ରେମଲତା ବେହେରା, ସୁନୀତା ବେହେରା, ଅନିସା ଦାସ, ଶୁଭେନ୍ଦ୍ର ଦାସ ଓ ଟୋନିଙ୍କ ମା' କଳ୍ପନା ଦାସ ଜେଲ ସମ୍ମୁଖରେ ଆତ୍ମାହୁତି ଦେବେ ବୋଲି ଚେତାବନୀ ଦେଇଛନ୍ତି। ଏ ନେଇ ଜେଲର ହେମନ୍ତ ସେଠୀ କହିଛନ୍ତି, ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ପରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅନ୍ୟପକ୍ଷରେ ଲାଠିଚାଳନା କରାଯିବା ଅଭିଯୋଗକୁ ସେ ଖଣ୍ଡନ କରିଛନ୍ତି।



କଟକ କ୍ରିମିନାଲ କୋର୍ଟସ ବାର ଆସୋସିଏଶନ ନୂତନ ଗୃହକୁ ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଉଦ୍‌ଘାଟନ କରୁଛନ୍ତି।

■ ସିଏମ୍‌ସି କଲ୍ୟାଣ ମଣ୍ଡପ କେଳେଙ୍କାରୀ

# ସରକାରଙ୍କୁ ଜବାବ ମାଗିଲେ ହାଇକୋର୍ଟ

**କଟକ ଅଫିସ, ୧୧।୩**

କଟକ ମହାନଗର ନିଗମ (ସିଏମ୍‌ସି) ଅଧୀନ କଲ୍ୟାଣ ମଣ୍ଡପକୁ ନେଇ ହାଇକୋର୍ଟରେ ରୁଜୁ ହୋଇଥିବା ମାମଲାରେ ସରକାରଙ୍କୁ ହାଇକୋର୍ଟ ରିପୋର୍ଟ ମାଗିଛନ୍ତି। ମୁଖ୍ୟ ବିଚାରପତି ଜଷ୍ଟିସ କେ.ଏସ୍. ଝାବେରୀ ଓ ବିଚାରପତି ଜଷ୍ଟିସ କେ.ଆର୍. ମହାପାତ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କୁ ଏହି ନିର୍ଦ୍ଦେଶ ଦେଇଛନ୍ତି। ସିଏମ୍‌ସି ଇଲାକାରେ ଥିବା କଲ୍ୟାଣମଣ୍ଡପଗୁଡ଼ିକରେ କେଳେଙ୍କାରୀ ହେଉଥିବା ନେଇ ଆଡଭୋକେଟ ଅରୁଣ କୁମାର ବୁଦ୍ଧିଆ ଏକ ମିସ୍ କେସ ରୁଜୁ କରିଥିଲେ। କଲ୍ୟାଣ ମଣ୍ଡପ ଲାଇସେନ୍ସ ପ୍ରଦାନରେ ଆଇନର ଉଲ୍ଲଂଘନ କରାଯାଇ ବ୍ୟାପକ ଦୁର୍ନୀତି ହେଉଥିବା ବୁଦ୍ଧିଆ ପିଟିଶନ ମାଧ୍ୟମରେ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ସୂଚନାଥାଉ କି, ସିଏମ୍‌ସି ଅଧୀନରେ ଥିବା କଲ୍ୟାଣ ମଣ୍ଡପଗୁଡ଼ିକ ଚଳାଇବା ପାଇଁ ପୂର୍ବରୁ ହାଇକୋର୍ଟ ଗାଇଡ୍‌ଲାଇନ ଜାରି କରିଥିଲେ। ୨୦୧୫ରେ ହାଇକୋର୍ଟରେ ଆଗତ ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଏଭଳି ନିର୍ଦ୍ଦେଶ ଦେଇଥିଲେ। ଏଥିପାଇଁ ବୁଦ୍ଧିଆଙ୍କୁ ଆମିକସ୍ କ୍ୟୁରୀ ଭାବେ ୨୦୧୫ ଅଗଷ୍ଟ ୨୮ ତାରିଖରେ ନିଯୁକ୍ତି ଦିଆଯାଇଥିଲା। ଏହାପରେ ୨୦୧୫ ଡିସେମ୍ବର ୩ ତାରିଖରେ ହାଇକୋର୍ଟ ସିଏମ୍‌ସି କର୍ତ୍ତୃପକ୍ଷ ଏବଂ ଡିସିପିଙ୍କୁ ଏକ ନିର୍ଦ୍ଦେଶ ଜାରି କରିଥିଲେ। ନିର୍ଦ୍ଦେଶ ଅନୁଯାୟୀ, କଲ୍ୟାଣ ମଣ୍ଡପଗୁଡ଼ିକର ତଦାରଖ କରିବା ପାଇଁ ସିଏମ୍‌ସି ଏକ ସବ୍‌କମିଟି ଗଠନ କରିବ। ଏଥିରେ ବୁଦ୍ଧିଆଙ୍କୁ ସଦସ୍ୟ ଭାବେ ଗ୍ରହଣ କରିବା ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଥିଲେ। ଏହି ସବ୍‌କମିଟି କଲ୍ୟାଣ ମଣ୍ଡପଗୁଡ଼ିକ ନିରୀକ୍ଷଣ କରିବା ପରେ ମଣ୍ଡପଗୁଡ଼ିକୁ ଲାଇସେନ୍ସ ଦିଆଯିବ। ତଦନୁଯାୟୀ ସିଏମ୍‌ସି ପକ୍ଷରୁ ଆଡଭୋକେଟ ବୁଦ୍ଧିଆଙ୍କୁ ଉକ୍ତ କମିଟିରେ ସଦସ୍ୟ ରଖାଯାଇଥିଲା। ମାତ୍ର ଦୀର୍ଘଦିନ ହେବ ସିଏମ୍‌ସି ମନମୁଖି ଭାବେ ସବ୍‌କମିଟିର ପରାମର୍ଶ ନ ନେଇ ମଣ୍ଡପଗୁଡ଼ିକ ନିରୀକ୍ଷଣ କରି ଲାଇସେନ୍ସ ପ୍ରଦାନ କରୁଥିବା ବୁଦ୍ଧିଆ ନିଜ ପଟିଶନରେ ଉଲ୍ଲେଖ କରିଥିଲେ। ସୂଚନାଥାଉ କି, ହାଇକୋର୍ଟଙ୍କ ଗାଇଡ୍‌ଲାଇନ ଅନୁଯାୟୀ କଲ୍ୟାଣ ମଣ୍ଡପଗୁଡ଼ିକର ପାର୍କିଂ ଏରିଆ, ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ବ୍ୟବସ୍ଥା, ସିସିଟିଭି ଇତ୍ୟାଦି ନ ଥିଲେ ଲାଇସେନ୍ସ ଦିଆଯିବ ନାହିଁ। ପରେ ସିଏମ୍‌ସି ପକ୍ଷରୁ ସହରରେ ଥିବା ବହୁ ମଣ୍ଡପକୁ ସିଲ୍ କରାଯାଇଥିଲା। ମାତ୍ର ଏହାପରେ ସିଏମ୍‌ସି କର୍ତ୍ତୃପକ୍ଷ ଭିତିରି ଉଦ୍ଦେଶ୍ୟ ରଖି ବନ୍ଦ ଥିବା କଲ୍ୟାଣ ମଣ୍ଡପଗୁଡ଼ିକୁ ଖୋଲିବା ପାଇଁ ଅନୁମତି ଦେଇଛନ୍ତି। ଯାହା କୋର୍ଟଙ୍କ ଆଦେଶର ଉଲ୍ଲଂଘନ ବୋଲି ସେ ଆବେଦନପତ୍ରରେ ଦର୍ଶାଇଥିଲେ। ତେଣୁ ଏହାର ତଦନ୍ତ ଭିଜିଲାନ୍ସ କିମ୍ବା କ୍ରାଇମବ୍ରାଞ୍ଚ ଦ୍ୱାରା କରାଇବା ପାଇଁ ବୁଦ୍ଧିଆ କୋର୍ଟଙ୍କୁ ନିବେଦନ କରିଥିଲେ। ଆସନ୍ତା ୧୮ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନଧାର୍ଯ୍ୟ ହୋଇଛି।

■ ଡି ବ୍ରଦର୍ସ ସହଯୋଗୀଙ୍କୁ ଗିରଫ ଘଟଣା

# ଖଲାସ ଦାବିରେ ସିପିଆଇ(ଏମ୍)ର ବିକ୍ଷୋଭ




ସିପିଆଇ(ଏମ୍) ପକ୍ଷରୁ ଚାଉଳିଆଗଞ୍ଜ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

**କଟକ ଅଫିସ୍, ୧୧।୩**

ଗ୍ୟାଙ୍ଗଷ୍ଟର ଡି ବ୍ରଦର୍ସ(ଧଳସାମନ୍ତ ଭ୍ରାତା)ଙ୍କ ସହ ସମ୍ପର୍କ ରଖିଥିବା ଅଭିଯୋଗ ଗିରଫ ହୋଇଛନ୍ତି ଭାରତ ଭୂଷଣ ସ୍ୱାଇଁ ଓ ଶିବ ପ୍ରସାଦ ଗୋଚ୍ଛି। ଭାରତ ସିପିଆଇ(ଏମ୍)ର ୩୫ ବର୍ଷ ଧରି ସଭ୍ୟ ଥିବାବେଳେ ଶିବ ହେଉଛନ୍ତି ସମର୍ଥକ। ସେମାନଙ୍କୁ ପୋଲିସ ମନଇଚ୍ଛା ଗିରଫ କରିଥିବା ସିପିଆଇ(ଏମ୍) ପକ୍ଷରୁ କୁହାଯାଇଛି। ଏପରି କି ନିର୍ବାଚନର ଠିକ୍ ଅବ୍ୟବହିତ ପୂର୍ବରୁ ଶାସକ ଦଳର ହାତବାରିସି ସାଜି ପୋଲିସ ଏଭଳି କାର୍ଯ୍ୟ କରିଥିବା ଅଭିଯୋଗ କରି ସୋମବାର ସିପିଆଇ(ଏମ୍) ପକ୍ଷରୁ ଚାଉଳିଆଗଞ୍ଜ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାରତ ଓ ଶିବଙ୍କୁ ଖଲାସ କରିବାକୁ ଦଳ ପକ୍ଷରୁ ଦାବି କରାଯାଇଛି।

ଦଳର ଜିଲା ସମ୍ପାଦକ ବଦ୍ରିନାରାୟଣ ଦାଶ ଓ ରବିନାରାୟଣ ମଲ୍ଲିକଙ୍କ କହିବା ଅନୁଯାୟୀ, ଗିରଫ ନେତାଙ୍କର ଡି ବ୍ରଦର୍ସ ସହିତ ସମ୍ପର୍କ ଯୋଗୁ ସେମାନଙ୍କୁ ଗିରଫ କରାଯାଇଛି ବୋଲି ପୋଲିସର ଯୁକ୍ତି ହାସ୍ୟାସ୍ପଦ। କାରଣ ଏହି ଅଭିଯୋଗରେ ୨୦୧୬ ଜାନୁୟାରୀ ୩୧ରେ ସେମାନଙ୍କୁ ଗିରଫ କରାଯାଇଥିଲା। ପରଦିନ ତତ୍କାଳୀନ ଡିସିପି ସଞ୍ଜୀବ ଆରୋରା ଖବରଦାତା ସମ୍ମିଳନୀରେ କହିଥିଲେ ଯେ, ଭାରତ ସ୍ୱାଇଁଙ୍କୁ ପୁରୁଣା ମାମଲାରେ ଗିରଫ କରାଯାଇଛି। ତା'ପରେ ପୋଲିସ ଜାଣିଶୁଣି ମକଦ୍ଦମାରେ ସାକ୍ଷୀ ଯୋଗାଡ଼ କରି ନ ପାରି ସମୟ ଗଡ଼ାଇ ଚାଲିଲା। ଫଳରେ ଦୀର୍ଘ ୮ ମାସ ଜେଲ୍‌ରେ ରହିବା ପରେ ସେମାନେ ହାଇକୋର୍ଟରୁ ଜାମିନରେ ଖଲାସ ହେଲେ। ତା'ପରେ ଅଢେଇ ବର୍ଷ କାଳ ଚୁପ୍ ରହିବା ପରେ ଠିକ୍ ନିର୍ବାଚନ ପୂର୍ବରୁ ପୋଲିସର ଏହି ଗିରଫଦାରି କି ସଙ୍କେତ ଦେଉଛି ବୋଲି ସେମାନେ ପ୍ରଶ୍ନ କରିଥିଲେ। ତେଣୁ ତୁରନ୍ତ ସେମାନଙ୍କୁ ଖଲାସ କରା ନ ଗଲେ ଆନ୍ଦୋଳନ ତୀବ୍ର ହେବ ବୋଲି ଜିଲା ସମ୍ପାଦକ ଦାଶ ଚେତାବନୀ ଦେଇଛନ୍ତି। ସିପିଆଇ(ଏମ୍) ନଗର ସମ୍ପାଦକ ପ୍ରତାପ ମହାପାତ୍ରଙ୍କ ନେତୃତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭରେ ସିପିଆଇର କଟକ ଜିଲା ସମ୍ପାଦକ ଅମରେନ୍ଦ୍ର ମହାନ୍ତି, ବିଶ୍ୱଜିତ ଦାସ, ନିକୁଞ୍ଜ ପଶାୟତ, ସୁରଜିତ ସାହୁ, ରଶ୍ମି ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ସୂଚନାଯୋଗ୍ୟ, ଗତ ୯ ତାରିଖରେ ଚାଉଳିଆଗଞ୍ଜ ପୋଲିସ ଆଇପିସି ଦଫା ୧୧୦ ଅନୁଯାୟୀ ଭାରତ ଏବଂ ଶିବଙ୍କୁ ଗିରଫ କରିଥିଲା। ଡିସିପି ଅଖିଳେଶ୍ୱର ସିଂ କହିଛନ୍ତି ଯେ, ଉଭୟ ଅଭିଯୁକ୍ତଙ୍କ ବିରୋଧରେ କୋର୍ଟର ୱାରେଣ୍ଟ ରହିଥିବା ବେଳେ ସେମାନେ ବହୁ ଆପରାଧିକ ମାମଲାରେ ଜଡିତ ଅଛନ୍ତି। ଯଦି ସିପିଆଇ(ଏମ୍) ଭାବୁଛି ପୋଲିସ ଉଦ୍ଦେଶ୍ୟମୂଳକ ଭାବେ ସେମାନଙ୍କୁ ଗିରଫ କରିଛି, ତେବେ ଦଳ କୋର୍ଟରେ ଏନେଇ ଅଭିଯୋଗ କରିପାରିବ। ଅନ୍ୟପକ୍ଷରେ ଥାନା ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ଅଭିଯୋଗରେ ବିକ୍ଷୋଭକାରୀଙ୍କ ବିରୋଧରେ ମାମଲା ରୁଜୁ ହେବ ବୋଲି ଡିସିପି କହିଛନ୍ତି।

## ଏସ୍‌ସିବି ଛାଡ଼ିଲେ ୨୨ ଅସହାୟ ରୋଗୀ

**କଟକ ଅଫିସ, ୧୧।୩**

ଏସ୍‌ସିବି ମାନସିକ ରୋଗ ଚିକିତ୍ସା ପ୍ରତିଷ୍ଠାନରେ ଦୀର୍ଘଦିନ ଧରି ରହିଥିବା ୨୨ ଜଣ ଅସହାୟ ମହିଳା ରୋଗୀଙ୍କୁ ଅସ୍ଥାୟୀ ଥଇଥାନ କରାଯାଇଛି। ସେମାନଙ୍କୁ ସାମାଜିକ ଅନୁଷ୍ଠାନ ମିଶନ ଆଶ୍ରାକୁ ପଠାଯାଇଛି। ପରେ ସେମାନଙ୍କୁ ଜିଲାୱାରୀ ଜିଲାପାଳମାନଙ୍କ ଜରିଆରେ ଥଇଥାନ କରାଯିବ। ସୂଚନାଥାଉ କି, ଏହି ରୋଗୀମାନେ ବିଭିନ୍ନ ସମୟରେ ଅସହାୟ ଅବସ୍ଥାରେ ରାସ୍ତାକଡ଼ରୁ କିମ୍ବା ବିପଦସଙ୍କୁଳ ଜାଗାରୁ ଉଦ୍ଧାର ହୋଇ ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନକୁ ଆସିଥିଲେ। ଚିକିତ୍ସା ପରେ ଆରୋଗ୍ୟଲାଭ କରିଥିଲେ ମଧ୍ୟ ଯେହେତୁ ସେମାନଙ୍କର ଘର ଠିକଣା କିଛି ଜଣା ନ ଥିଲା ତେଣୁ ସେମାନେ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ଏକପ୍ରକାର ଅନ୍ତେବାସୀ ପାଲଟି ଯାଇଥିଲେ। ବର୍ଷାଧିକ କାଳ ସେମାନେ ଏସ୍‌ସିବିରେ ରହିଥିଲେ। ୨୨ ଜଣ ରୋଗୀ ଏସ୍‌ସିବି ଛାଡ଼ିବା ପରେ ମଧ୍ୟ ଅଦ୍ୟାବଧି ୬୦ରୁ ଊର୍ଦ୍ଧ୍ୱ ଅସହାୟ ରୋଗୀ ଏବେ ମାନସିକ ରୋଗ ଚିକିତ୍ସା ବିଭାଗରେ ରହିଛନ୍ତି। ପରବର୍ତ୍ତୀ ଅବସ୍ଥାରେ ବାକି ରେଗୀଙ୍କୁ ଏଠାରୁ ଅନ୍ୟତ୍ର ସ୍ଥାନାନ୍ତର କରାଯିବା ବ୍ୟବସ୍ଥା କରାଯାଉଥିବା ଏସ୍‌ସିବି ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର ନିର୍ଦ୍ଦେଶକ ପ୍ରଫେସର ଡା. ସାରଦା ପ୍ରସନ୍ନ ସ୍ୱାଇଁ କହିଛନ୍ତି।

## ଆକ୍ରମଣ ଘଟଣା: ବ୍ୟବସାୟୀ ଗିରଫ

**୨ ବନ୍ଧୁକ, ୩୭ ଗୁଳି ଜବତ**

**କଟକ ଅଫିସ, ୧୧।୩**

କଟକ ସଦର ଥାନା ଅନ୍ତର୍ଗତ ୪୨ ମୌଜା ଅଞ୍ଚଳର ପବିତ୍ର ବେହେରାଙ୍କୁ ଆକ୍ରମଣ କରିବା ଘଟଣାରେ ପୋଲିସ ଜଣେ ବନ୍ଧୁକ ବ୍ୟବସାୟୀଙ୍କୁ ଗିରଫ କରି ସୋମବାର କୋର୍ଟ ଚାଲାଣ କରିଛି। ସେ ହେଲେ ବାଦାମବାଡି ଥାନା ଅନ୍ତର୍ଗତ ନ୍ୟୁ ଏଲ୍‌ଆଇସି କଲୋନୀ ଅଞ୍ଚଳର ପପୁନୁ ସେଠୀ। ତାଙ୍କଠାରୁ ପୋଲିସ ଦୁଇଟି ବନ୍ଧୁକ ଏବଂ ୩୭ଟି ଗୁଳି ଜବତ କରିଛି। ଏ ନେଇ ଥାନାରେ ମାମଲା(୧୦୫/୧୯) ରୁଜୁ ହୋଇଛି। ତେବେ ସେ କେଉଁଠାରୁ ବନ୍ଧୁକ ଆଣି କାରବାର କରୁଥିଲେ ତାହା ଉପରେ ପୋଲିସ ତଦନ୍ତ ଚଳାଇଛି। ଗତ ଫେବୃୟାରୀ ୧୪ ତାରିଖ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି କେତେଜଣ ଅସାମାଜିକ ବ୍ୟକ୍ତି ପବିତ୍ରଙ୍କୁ ଆକ୍ରମଣ କରିବା ସହ ତାଙ୍କ ଉପରକୁ ଗୁଳି ଚଳାଇଥିଲେ। ହେଲେ ପବିତ୍ର ଖସିଆସି କଟକ ସଦର ଥାନାରେ ଅଭିଯୋଗ କରିବା ପରେ ପୋଲିସ ମାମଲା(୭୧/୧୯) ରୁଜୁ କରି ଦୁଇଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ଠାରୁ ଦୁଇଟି ବନ୍ଧୁକ, ଗୁଳି, କାର ଏବଂ ୫ଟି ମୋବାଇଲ ଜବତ କରିଥିଲା। ପଚରାଉଚରା ପରେ ଉଭୟ ଅଭିଯୁକ୍ତ ପପୁନୁଙ୍କ ଠାରୁ ବନ୍ଧୁକ ଆଣିଥିବା ମାନିଥିଲେ। ଏପରି କି ପପୁନୁ ବେଆଇନ ବନ୍ଧୁକ କାରବାର କରୁଥିବା ପୋଲିସ ଜାଣିବାକୁ ପାଇଥିଲା। ପରେ ପୋଲିସର ଏକ ଟିମ୍ ରବିବାର ବିଳମ୍ବିତ ରାତିରେ ପପୁନୁଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

## ଷ୍ଟିୱାର୍ଟ ବିଜ୍ଞାନ କଲେଜର ପ୍ଲାଟିନମ୍ ଜୁବିଲି

**କଟକ ଅଫିସ,୧୧।୩**

ଷ୍ଟିୱାର୍ଟ ବିଜ୍ଞାନ ମହାବିଦ୍ୟାଳୟର ପ୍ଲାଟିନମ ଜୁବିଲି ସୋମବାର ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ପରିଚାଳନା ସମିତି ଅଧକ୍ଷ ବିଶପ ସୁରେନ୍ଦ୍ର କୁମାର ନନ୍ଦ ଅଧକ୍ଷତା କରିଥିଲେ। ଅବସରପ୍ରାପ୍ତ ମେଜର ଜେନେରାଲ ବସନ୍ତ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତିରକ୍ଷା ବିଭାଗରେ କାର୍ଯ୍ୟ କରିବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ମହାବିଦ୍ୟାଳୟ ଅଧକ୍ଷ ଡ. ଦେବାଶିଷ ଆଚାର୍ଯ୍ୟ ନିଜ ଭାଷଣରେ ପ୍ରତିରକ୍ଷା ବିଭାଗର କର୍ମଚାରୀଙ୍କୁ ଦେଶର ଗୌରବ ବୋଲି କହିଥିଲେ। ଏହି ଅବସରରେ ମହାବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଏହାଛଡ଼ା ପ୍ଲାଟିନମ ଜୁବିଲି ନିମନ୍ତେ ତିଆରି ହୋଇଥିବା ସ୍ୱତନ୍ତ୍ର ଲୋଗୋ ମଧ୍ୟ ଉନ୍ମୋଚିତ ହୋଇଥିଲା। ଏହି ଲୋଗୋକୁ ଛାତ୍ରୀ ଶାନ୍ତ୍ୱନା ଶୋଭନା ଦାସ ତିଆରି କରିଛନ୍ତି। ପ୍ଲାଟିନମ ଜୁବିଲି କମିଟି ଆବାହକ ବିଭୁଦତ୍ତ ଦାସଙ୍କ ପୌରୋହିତ୍ୟରେ ସମସ୍ତ କାର୍ଯ୍ୟ ପରିଚାଳିତ ହୋଇଥିଲା। ମହାବିଦ୍ୟାଳୟ ପରିଚାଳନା ସମିତି ସମ୍ପାଦକ ରେଭରେଣ୍ଡ ସୁକାନ୍ତ ଦାସ ଧନ୍ୟବାଦ ଦେଇଥିଲେ।




ଉତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

■ ମଡଗଜପୁର ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ

# ଜାଲ୍ ଏନ୍‌ଓସିରେ ଚାଲିଛି ନିର୍ମାଣ କାର୍ଯ୍ୟ

**କଟକ ସଦର, ୧୧।୩ (ଡି.ଏନ୍.ଏ.)**

କଟକ ସହର ମଧ୍ୟରୁ ନିର୍ଗତ ଦୂଷିତ ଜଳକୁ ଟ୍ରିଟ୍‌ମେଣ୍ଟ(ଉପଚାର) କରି କାଠଯୋଡି ନଦୀକୁ ଛାଡିବା ଲକ୍ଷ୍ୟରେ କଟକ ସଦର ବ୍ଲକ ଅଧୀନ ମଡଗଜପୁରରେ ସ୍ୱେରେଜ ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟ ନିର୍ମାଣ କରାଯାଉଛି। କାଠଯୋଡି ନଦୀପଠାରେ ନିର୍ମାଣାଧୀନ ଏହି ପ୍ଲାଣ୍ଟ ପାଇଁ ୨୦୧୩ ମସିହାରେ ଜଳସମ୍ପଦ ବିଭାଗ ଏନ୍‌ଓସି(ନୋ ଅବ୍‌ଜେକ୍ସନ ସାର୍ଟିଫିକେଟ୍) ପ୍ରଦାନ କରିଥିଲା। ୨୦୧୯ ମସିହାରେ ଏହି ସାର୍ଟିଫିକେଟ୍ ଜାଲ୍ ବୋଲି ଜଳସମ୍ପଦ ବିଭାଗ ସ୍ପଷ୍ଟ କଲା ପରେ ନିର୍ମାଣ କାମ ଉପରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜାଇକା(ଜାପାନ ଇଣ୍ଟରନ୍ୟାଶନାଲ କୋ-ଅପରେଟିଭ ଏଜେନ୍ସି) ୩୦୦୦ କୋଟି ଟଙ୍କାର ଆର୍ଥିକ ସହାୟତାରେ କଟକ ସହର ମଧ୍ୟରେ ଭୂତଳ ପାଇପଲାଇନ୍ ବିଛାଉଛି। ଏହାଦ୍ୱାରା ଦୂଷିତ ଜଳ ବାହାରକୁ ନ ଆସି ସିଧାସଳଖ କାଠଯୋଡି ନଦୀ ଓ ତାଳଦଣ୍ଡା କେନାଲକୁ ଯାଇପାରିବ। ହେଲେ ଦୂଷିତ ଜଳ ନଦୀକୁ ନ ଛାଡି ପ୍ରଥମେ ଉପଚାର କରିବା ପାଇଁ ଓଡ଼ିଶା ହାଇକୋର୍ଟର ଏକ ଡିଭିଜନ ବେଞ୍ଚ ୨୫।୪।୧୪ରେ କଟକ ମହାନଗର ନିଗମର କମିଶନର ଓ ଜାଇକା ପ୍ରକଳ୍ପର ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ, କଟକ ସଦର ତହସିଲ ଅଧୀନ ବଗୁଲାପଡା ଗ୍ରାମର ୧୪ ଏକର ୫୬୦ ଡିସିମିଲ ପତିତ କିସମ ଜମିକୁ ରାଜସ୍ୱ ବିଭାଗ କଟକ ଜିଲାପାଳଙ୍କୁ ପତ୍ରସଂଖ୍ୟା ୨୦୫୪/୧୮।୧୦।୧୨ରେ ହସ୍ତାନ୍ତର କରିଥିଲା। ଜମିଟି କାଠଯୋଡି ନଦୀପଠାର ବନ୍ୟା ପ୍ଲାବିତ ଅଞ୍ଚଳରେ ଆସୁଥିବାରୁ ଜାଇକା କର୍ତ୍ତୃପକ୍ଷ ଜଳସମ୍ପଦ ବିଭାଗକୁ ଏନଓସି ମାଗିଥିଲେ। ଜଳସମ୍ପଦ ବିଭାଗର କଟକସ୍ଥିତ ଇଷ୍ଟର୍ନ ସର୍କଲର ଅଧୀକ୍ଷଣ ଯନ୍ତ୍ରୀ ପତ୍ରସଂଖ୍ୟା ଅସ୍ପଷ୍ଟ/୨୯।୭।୧୩ରେ ଏନଓସି ଦେଇଥିଲେ। ଏହି ଏନଓସିରେ ନିର୍ମାଣସ୍ଥଳୀର ଅବସ୍ଥିତି ବଗୁଲାପଡା ଗ୍ରାମ ବଦଳରେ ମଡଗଜପୁର ଉଲ୍ଲେଖ ଥିବାରୁ ଏଥିରେ ସନ୍ଦେହ ଉପୁଜିଥିଲା। ତେଣୁ ଜଳସମ୍ପଦ ବିଭାଗକୁ ସୂଚନା ଅଧିକାର ଆଇନ ବଳରେ ଚିଠିର ବୈଧତା ସମ୍ପର୍କରେ ତଥ୍ୟ ମଗାଯାଇଥିଲା। ଜଳସମ୍ପଦ ବିଭାଗ ପତ୍ରସଂଖ୍ୟା ୩୧୨/୯।୧।୧୯, ସର୍ବୋଚ୍ଚଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୧୩୫/୨୦।୧।୧୯, ମୁଖ୍ୟଯନ୍ତ୍ରୀ ମହାନଦୀ ବନ୍ୟା ନିୟନ୍ତ୍ରଣ ପତ୍ରସଂଖ୍ୟା ୨୧୪୩/୨୨।୧।୧୯, ଅଧୀକ୍ଷଣଯନ୍ତ୍ରୀ କଟକ ଇଷ୍ଟର୍ନ ସର୍କଲ ପତ୍ରସଂଖ୍ୟା ୧୦୫୧/୮।୨।୧୯ ଓ ମହାନଦୀ ସାଉଥ ଡିଭିଜନ ନିର୍ବାହୀଯନ୍ତ୍ରୀଙ୍କ କାର୍ଯ୍ୟାଳୟ ପତ୍ରସଂଖ୍ୟା ୨୧୪୫/୨୮।୨।୧୯ରେ ଏହି ଏନଓସିର ମୂଳ ଫାଇଲ ମିଳୁ ନ ଥିବା ସୂଚନା ଦେଇସାରିଛନ୍ତି। ଏହି ଏନଓସି ସମ୍ପର୍କରେ ଜାଇକା ତଥା ଓଡ଼ିଶା ଜଳଯୋଗାଣ ସ୍ୱେରେଜ ବୋର୍ଡର ମୁଖ୍ୟଯନ୍ତ୍ରୀ ବିନୋଦ କୁମାର ସରାଫଙ୍କୁ ପଚାରିବାରୁ ଏହା ଉପରେ ତର୍ଜମା କରାଯିବ ବୋଲି କହିଥିଲେ। ତେଣୁ ଏହି ଏନଓସି ଉପରେ ଭିଜିଲାନ୍ସ ତଦନ୍ତ ପାଇଁ ଦାବି ଜୋର ଧରିଛି।



ନିର୍ମାଣାଧୀନ ସ୍ୱେରେଜ ଟ୍ରିଟମେଣ୍ଟ ପ୍ଲାଣ୍ଟ।



"ନୀତି ହୀନ ରାଜନୀତି, ଚରିତ୍ରହୀନ ଶିକ୍ଷା, ମାନବିକତାହୀନ ବାଣିଜ୍ୟ ବ୍ୟବସାୟ, କେବଳ ଅନୁପଯୋଗୀ ନୁହେଁ, ଏହା ନିଶ୍ଚିତ ପକ୍ଷେ ବିପଜ୍ଜନକ।
- ସତ୍ୟସାଇ ବାବା



## ସଂକ୍ଷେପରେ

### ଆହତ ହରିଣ ଉଦ୍ଧାର

ବ୍ରହ୍ମଗିରି, ୧୧।୩(ଡି.ଏନ୍.ଏ.): ବ୍ରହ୍ମଗିରି ରେଞ୍ଜ ଅଧୀନ ସାତକେରା ଗ୍ରାମ ନିକଟରୁ ଏକ ଆହତ ହରିଣକୁ ସୋମବାର ବ୍ରହ୍ମଗିରି ବନବିଭାଗ ଉଦ୍ଧାର କରିଛି। ମିଳିଥିବା ସୂଚନା ଅନୁଯାୟୀ, ଏକ ହରିଣ ସାତକେରା ନିକଟସ୍ଥ ଏକ ବିଲରେ ପଶିଯାଇଥିଲା। ହରିଣଟିକୁ ଦେଖି କୁକୁର ଗୋଡାଇଥିଲେ। ପ୍ରାଣ ବିକଳରେ ହରିଣଟି ଦୌଡ଼ିବା ସମୟରେ ଆହତ ହୋଇଥିଲା। ସ୍ଥାନୀୟ ଲୋକେ ଏହାକୁ ଉଦ୍ଧାର କରି ବ୍ରହ୍ମଗିରି ବନବିଭାଗକୁ ଖବର ଦେଇଥିଲେ। ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହରିଣଟିକୁ ଉଦ୍ଧାର କରିବା ସହିତ ଏହାର ଚିକିତ୍ସା ଜାରି ରଖିଛନ୍ତି।

### ଅପହରଣ ନାଟକ କରି ଲୁଟି ନେଲେ ୫୦ହଜାର ଟଙ୍କା
### ଅଭିଯୁକ୍ତ ଗିରଫ, ଜଣେ ଫେରାର

କଟକରୋଡ଼,୧୧।୩(ଡି.ଏନ୍.ଏ.): ଜଣେ ମହିଳାଙ୍କୁ ଅପହରଣ କରାଯାଇଥିବା ମିଥ୍ୟା ନାଟକ ରଚାଇ ଘରେ ପଶି ଟଙ୍କା ଲୁଟ ଅଭିଯୋଗରେ ସୋମବାର ଲକ୍ଷ୍ମୀସାଗର ପୋଲିସ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଲକ୍ଷ୍ମୀସାଗର ଅଞ୍ଚଳରେ ରହୁଥିବା କୃଷ୍ଣଚନ୍ଦ୍ର ଲେଙ୍କା। ଥାନାଧିକାରୀ ଦୟାନିଧି ନାୟକଙ୍କ ସୂଚନା ଅନୁଯାୟୀ, ଏହି ଥାନା ଅଧୀନ ଓସ୍କାର ସିଟିରେ ରହୁଥିବା ଜଣେ ମହିଳାଙ୍କ କେନାଲ ରୋଡରେ ଏକ ହାର୍ଡୱେର ଦୋକାନ ରହିଛି। ରବିବାର ସନ୍ଧ୍ୟାରେ ସମ୍ପୃକ୍ତ ମହିଳା ତାଙ୍କ ଦୋକାନକୁ ଯାଇଥିବାବେଳେ କୃଷ୍ଣଚନ୍ଦ୍ର ଓ ତାଙ୍କର ଜଣେ ସହଯୋଗୀ ମହିଳାଙ୍କ ଘର କବାଟ ବାଡେଇଥିଲେ। ସେହି ସମୟରେ ଘରେ ଥିବା ଝିଅ ଓ ପୁଅଙ୍କୁ ତାଙ୍କ ମା'ଙ୍କୁ କେହି ଅପହରଣ କରି ନେଇଥିବା କହିଥିଲେ। ଏପରିକି ଟଙ୍କା ନଦେଲେ ସେମାନେ ତାଙ୍କ ମା'ଙ୍କୁ ଛଡ଼ାଯିବ ନାହିଁ ବୋଲି କହିବାସହ ବିଭିନ୍ନ ଧମକ ଦେବା ପରେ ଉଭୟ ନାବାଳିକା ଓ ନାବାଳକ ଝିଅପୁଅ ଘର ଗେଟ ଖୋଲିଥିଲେ। ଫଳରେ ସେମାନେ ମହିଳାଙ୍କ ଘରେ ପଶି ଆଲମିରା ମଧ୍ୟରୁ ୫୦ହଜାର ଟଙ୍କା ଲୁଟି ନେଇ ଫେରାର ହୋଇଯାଇଥିଲେ। ପରେ ମହିଳା ଜଣକ ଘରକୁ ଫେରି ଘଟଣା ବିଷୟରେ ଜାଣି ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ୭୮/୧୯ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ରବିବାର ରାତିରେ ଥାନାଧିକାରୀ ନାୟକଙ୍କ ସହ ଏକ ଟିମ ବିଭିନ୍ନ ସ୍ଥାନରେ ଚଢ଼ାଉ କରିବା ପରେ କୃଷ୍ଣଚନ୍ଦ୍ରଙ୍କୁ ଧରିଥିଲେ। ଲୁଟ ଟଙ୍କା ଜବତ ହୋଇ ନଥିବାବେଳେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ଫେରାର ଥିବା ପୋଲିସ କହିଛି।

### ଆଚରଣବିଧି ପରେ ନିର୍ବାଚନୀ ଉଷ୍ମତା

ପୁରୁଣା ଭୁବନେଶ୍ୱର, ୧୧।୩(ଡି.ଏନ୍.ଏ.): ସାଧାରଣ ନିର୍ବାଚନ ପାଇଁ ବିଗୁଲ ବାଜିବା ପରେ ଆରମ୍ଭ ହୋଇଯାଇଛି ବିଭିନ୍ନ ନିର୍ବାଚନମଣ୍ଡଳୀରେ ନିର୍ବାଚନ ଉଷ୍ମତା। ଆଚରଣବିଧି ଲାଗୁ ହେବା ପରେ ପଚାର ସମ୍ପର୍କିତ ନିର୍ଦ୍ଦେଶାବଳୀ ଜାରି ହୋଇଛି। ଏହାସତ୍ତ୍ୱେ ଏକ ଜାତୀୟ ଦଳ ସୋମବାର ସନ୍ଧ୍ୟାରେ ବାଇକ୍ ର୍ୟାଲି କରୁଥିବା ନେଇ ଲିଙ୍ଗରାଜ ଥାନାରେ ଅଭିଯୋଗ ହୋଇଛି।

## ହାଲୁକା ହେବ ବସ୍ତାନି ବୋଝ
# ହାଇକୋର୍ଟରେ ସରକାରଙ୍କ ଜବାବ ଦାଖଲ

କଟକ ଅଫିସ, ୧୧।୩

ସ୍କୁଲକୁ ଯାଉଥିବା କୋମଳମତି ପିଲାଙ୍କ କାନ୍ଧରୁ ହଟିବ ବହି ବସ୍ତାନିର ଅତିଶୟ ବୋଝ। ବସ୍ତାନି ବୋଝ ହାଲୁକା କରିବା ପାଇଁ ଗତ ମାର୍ଚ୍ଚ ୨ରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ସଚିବଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ବୈଠକରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରସ୍ତୁତ ଗାଇଡ୍‌ଲାଇନ ଉପରେ ଆଲୋଚନା ମଧ୍ୟ ହୋଇଥିଲା। ଏହି ଗାଇଡ୍‌ଲାଇନକୁ ଆଧାରକରି ରାଜ୍ୟ ସରକାର ଏକ ଗାଇଡଲାଇନ ପ୍ରସ୍ତୁତ କରିଥିବା ହାଇକୋର୍ଟଙ୍କୁ ସତ୍ୟପାଠ ମାଧ୍ୟମରେ ଅବଗତ କରାଇଛନ୍ତି। ସରକାରଙ୍କ ଜବାବ ଦାଖଲ ପରେ



ଆବେଦନକାରୀ ଆଡଭୋକେଟ ଡ. କହ୍ନେୟାଲାଲ ଶର୍ମା ପ୍ରତିଜବାବ ଦାଖଲ ନିମନ୍ତେ ହାଇକୋର୍ଟଙ୍କୁ ସମୟ ମାଗିଛନ୍ତି। ସୂଚନାଥାଉ କି, ପିଲାମାନଙ୍କ ବୟସ ଓ ଶରୀରର ଓଜନ ଅନୁଯାୟୀ ସେମାନଙ୍କ କାନ୍ଧରେ ଯାଉଥିବା ବସ୍ତାନିର ଓଜନ ଅଧିକ ହେଉଥିବା ନେଇ ଆବେଦନକାରୀ ଶର୍ମା ହାଇକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ରୁଜୁ କରିଥିଲେ। ଶର୍ମା ଦର୍ଶାଇଥିଲେ ଯେ, ବୟସ ଅନୁଯାୟୀ ପାଠ୍ୟକ୍ରମ ପ୍ରସ୍ତୁତ କରାଯାଉ ନାହିଁ। ଫଳରେ ଓଜନିଆ ବ୍ୟାଗ କାନ୍ଧରେ ନେବା ଦ୍ୱାରା ପିଲାମାନେ ବିଭିନ୍ନ ପ୍ରକାର ରୋଗର ଶିକାର ହେଉଛନ୍ତି। ଏହାର ନିରାକରଣ ପାଇଁ କେନ୍ଦ୍ର ସରକାର ୨୦୧୮ ଅକ୍ଟୋବରରେ ଏକ ଗାଇଡ୍‌ଲାଇନ ପ୍ରସ୍ତୁତ କରିଥିଲେ ମଧ୍ୟ ଏହାକୁ ଅନୁପାଳନ କରାଯାଉ ନ ଥିବା ଶର୍ମା ଦର୍ଶାଇଥିଲେ। ଫଳରେ ହାଇକୋର୍ଟ ସରକାରଙ୍କଠାରୁ ଏ ସମ୍ପର୍କରେ ରିପୋର୍ଟ ମାଗିଥିଲେ। ଆବେଦନକାରୀ ଶର୍ମା ନିଜେ ଏହି ମାମଲା ପରିଚାଳନା କରୁଛନ୍ତି।



ଅତିଥିମାନେ ପୁସ୍ତକ 'ଓଡ଼ିଆ ଭାଷା ଦୀପିକା' ଉନ୍ମୋଚନ କରୁଛନ୍ତି।

## ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ
# ବିଭିନ୍ନ କ୍ଷେତ୍ରରେ ଓଡ଼ିଆ ଭାଷାର ବ୍ୟବହାର ଉପରେ ଗୁରୁତ୍ୱ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ଶାସ୍ତ୍ରୀୟ ମାନ୍ୟତା ପ୍ରାପ୍ତିର ୫ମ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ପକ୍ଷରୁ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ସୋମବାର ସଂସ୍କୃତି ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସଂସ୍କୃତି ବିଭାଗ ଶାସନ ସଚିବ ମନୋରଞ୍ଜନ ପାଣିଗ୍ରାହୀ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ନିଜ ଅଭିଭାଷଣରେ ସେ କହିଥିଲେ, କେବଳ ସରକାରୀସ୍ତରରେ ଭାଷାର ବ୍ୟବହାରକୁ ସୀମିତ ନ ରଖି ବିଭିନ୍ନ କ୍ଷେତ୍ରରେ ଓଡ଼ିଆ ଭାଷାର ବ୍ୟବହାର ଉପରେ ଗୁରୁତ୍ୱ ଦେବା ଉଚିତ। ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କୁମାର ନାୟକ ଓ ଡ. ବିଭୁଧେନ୍ଦ୍ର ନାରାୟଣ ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିବିଧତା ଭାରତର ପରିଚୟ ବୋଲି କହିବା ସହ ଭାଷା ଭାଷା ମଧ୍ୟରେ ସାମ୍ୟ ଓ ସମ୍ପର୍କ ନେଇ ଗୁରୁତ୍ୱାରୋପ କରିଥିଲେ। ଡ. ନୀଳାଦ୍ରି ଭୂଷଣ ହରିଚନ୍ଦନଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଡ. ବସନ୍ତ କୁମାର ପଣ୍ଡା ଓ ଡ. କୀର୍ତ୍ତନ ନାରାୟଣ ପାଢ଼ୀ ଓଡ଼ିଆ ଭାଷାର ବୈଶିଷ୍ଟ୍ୟ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ 'ଓଡ଼ିଆ ଭାଷା ସାହିତ୍ୟର ଶାସ୍ତ୍ରୀୟ କାଳ ନିର୍ଣ୍ଣୟ' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏହାସହ 'ଓଡ଼ିଆ ଭାଷା ଦୀପିକା' ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଭାଷା ଦିବସ ଉପଲକ୍ଷେ ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପୂର୍ବରୁ ଅନୁଷ୍ଠିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ଓଡ଼ିଆ ଭାଷା ପ୍ରତିଷ୍ଠାନ ନିର୍ଦ୍ଦେଶିକା ତମସାରାଣୀ ଦାସମହାପାତ୍ର ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଦେବାନନ୍ଦ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।



ମଦ ଦୋକାନ ଉଚ୍ଛେଦ ଦାବିରେ ମହିଳାମାନେ ନୂଆ ଜଗନ୍ନାଥ ସଡକର ବିଜିପୁର ବଜାର ରାସ୍ତାକୁ ଅବରୋଧ କରିଛନ୍ତି।

### ଖବରଦାତାଙ୍କୁ ଧମକ

ପୁରୁଣା ଭୁବନେଶ୍ୱର, ୧୧।୩(ଡି.ଏନ୍.ଏ.): ଧଉଳି ଥାନା ଅଧୀନ ନୂଆଗାଁ ପେଟ୍ରୋଲ ପମ୍ପ ନିକଟ ବିଜୟ ବିହାରରେ ରହୁଥିବା ସଚିକାନ୍ତ ସ୍ୱାଇଁ ନାମକ ଜଣେ ଖବରଦାତାଙ୍କୁ ସୋମବାର ଧମକଦିଆଯାଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ, ସଚିକାନ୍ତ ନିଜେ ରହୁଥିବା କଲୋନୀର ସମସ୍ୟା ନେଇ କେତେଗୋଟି ଖବରକାଗଜରେ ଖବର ପ୍ରକାଶ କରିଥିଲେ। ଏହାକୁ ବିରୋଧ କରି ହିଙ୍ଗିପୁର ପଞ୍ଚାୟତର ଜଣେ ଜନପ୍ରତିନିଧି ଏଭଳି ଖବରରୁ ନିବୃତ୍ତ ରହିବା ସହ ନାନା ଧମକ ଦେଇଥିବା ସଚିକାନ୍ତ ଅଭିଯୋଗରେ ଦର୍ଶାଇଛନ୍ତି।

# ମଦ ଦୋକାନ ଉଚ୍ଛେଦ ଦାବିରେ ମହିଳାଙ୍କ ରାସ୍ତାରୋକୋ

କଣାସ, ୧୧।୩(ଡି.ଏନ୍.ଏ.)

ମଦ ଦୋକାନ ଉଚ୍ଛେଦ ଦାବିରେ ସୋମବାର ପୂର୍ବାହ୍ନ ୧୧ଟା ସମୟରେ କଣାସ ଥାନା ଅନ୍ତର୍ଗତ ନୂଆ ଜଗନ୍ନାଥ ସଡକର ବିଜିପୁରବଜାର ଠାରେ ଶତାଧିକ ମହିଳା ରାସ୍ତାରୋକୋ କରିଥିଲେ। ବଜାରରେ ଥିବା ମଦ ଦୋକାନକୁ ବନ୍ଦ କରିବାକୁ ଅନେକ ଦିନ ଧରି ଦାବି ହୋଇ ଆସୁଥିଲା। ସ୍ଥାନୀୟ ମହିଳା ସ୍ୱୟଂସହାୟକ ଗୋଷ୍ଠୀର ସଦସ୍ୟମାନେ ଏକତ୍ରିତ ହୋଇ ଜଗନ୍ନାଥ ସଡକରେ ଟାୟାର ଜାଳି ରାସ୍ତାରେ ବସିଥିଲେ। ଖବର ପାଇ ଅତିରିକ୍ତ ତହସିଲଦାର ସହଦେବ ସାହୁ ଘଟଣାସ୍ଥଳରେ ପହଞ୍ଚି ମହିଳାମାନଙ୍କ ସହିତ ଆଲୋଚନା କରି ଜିଲାପାଳଙ୍କୁ ଏ ସମ୍ପର୍କରେ ଜଣାଇବେ ବୋଲି କହିବା ପରେ ରାସ୍ତାରୋକୋ ହଟିଥିଲା। ୧୫ଦିନ ମଧ୍ୟରେ ମଦ ଦୋକାନକୁ ସମ୍ପୂର୍ଣ୍ଣ ବନ୍ଦ କରା ନ ଗଲେ ପୁନର୍ବାର ଆନ୍ଦୋଳନକୁ ଓହ୍ଲାଇବେ ବୋଲି ମହିଳାମାନେ ତହସିଲଦାରଙ୍କୁ ଚେତାବନୀ ଦେଇଥିଲେ। ରାସ୍ତାରୋକୋ ଯୋଗୁ ପ୍ରାୟ ୧ଘଣ୍ଟା ଧରି ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। କଣାସ ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା ଘଟଣାସ୍ଥଳରେ ଉପସ୍ଥିତ ରହି ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲେ। ନାବାଡା, ସୁହାଗପୁର, ବିଜିପୁର, ନଡୁଆପୁର, ଖଣ୍ଡହତା, ରୁଦ୍ରପୁରୁ, ଜଙ୍ଘାର ଆଦି ବିଭିନ୍ନ ଗ୍ରାମର ମହିଳାମଣ୍ଡଳ ସଦସ୍ୟା ବିନୋଦିନୀ ପରିଡା, ଜ୍ୟୋତ୍ସ୍ନାରାଣୀ ପରିଡା, ବର୍ଷାରାଣୀ ସାହୁ, ସୁଜାତା ଜେନା, ସସ୍ମିତା ଜେନା, ମଞ୍ଜୁଲତା ଜେନା, ନଳିନୀପ୍ରଭା ପ୍ରଧାନ ଓ ସୁଚିତ୍ରା ସାମନ୍ତରାୟ ପ୍ରମୁଖ ଅଂଶଗ୍ରହଣ କରିଥିଲେ।



ଇସ୍କନ ଭକ୍ତମାନେ ସୋମବାର ପୁରୀ ବଡ଼ଦାଣ୍ଡରେ ସଂକୀର୍ତ୍ତନ କରିଯାଉଛନ୍ତି।

## ପରଲୋକରେ ଆର୍‌ଏସ୍‌ଏସ୍‌ର ବରିଷ୍ଠ ପ୍ରଚାରକ

ଭୁବନେଶ୍ୱର, ୧୧।୩(ବ୍ୟୁରୋ)

ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବରିଷ୍ଠ ପ୍ରଚାରକ ହରିହର ନନ୍ଦଙ୍କର ରବିବାର ବିଳମ୍ବିତ ରାତି ୩ଟା ୧୫ରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ସେ ହରିହର ଦା ନାମରେ ସୁପରିଚିତ ଥିଲେ। ସାପ୍ତାହିକ ପତ୍ରିକା ରାଷ୍ଟ୍ରଦୀପର ପ୍ରତିଷ୍ଠାତା ସମ୍ପାଦକ, ସୁବକ୍ତା, ସୁଲେଖକ, ସୁସାହିତ୍ୟିକ, ସୁସଂଗଠକ, ସୁସାମ୍ବାଦିକ, ଦରଦୀ କବି, ଆରଏସ୍‌ଏସ୍‌ର ପୂର୍ବତନ ପ୍ରାନ୍ତ ପ୍ରଚାରକ ତଥା ପୂର୍ବତନ ପ୍ରାନ୍ତ କାର୍ଯ୍ୟବାହ ଥିଲେ। ମୃତ୍ୟୁ ବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲା। ତାଙ୍କ ମରଶରୀରକୁ ଭୁବନେଶ୍ୱର ଉତ୍କଳ ବିପନ୍ନ ସହାୟତା ସମିତି ପରିସରକୁ ଶେଷ ଦର୍ଶନ ପାଇଁ ଅଣାଯାଇଥିଲା। ସେଠାରୁ କଟକ ସଂଘ କାର୍ଯ୍ୟାଳୟକୁ ନିଆଯାଇଥିଲା। ସଂଘର ସ୍ୱୟଂସେବକ, ଶୁଭେଚ୍ଛୁ ଏବଂ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିଥିଲେ। ନନ୍ଦ ୧୯୩୬ ଜୁଲାଇ ୧୭ ତାରିଖରେ ବାଲେଶ୍ୱର ଜିଲା ଲଙ୍ଗଳେଶ୍ୱର ନିକଟସ୍ଥ ବାଲିଆପାଟିରେ ଜନ୍ମ ନେଇଥିଲେ।



ହରିହର ନନ୍ଦ

ସେ କଲିକତା ବିଶ୍ୱବିଦ୍ୟାଳୟରୁ ବିଜ୍ଞାନ ଓ ଆଇନରେ ସ୍ନାତକ କରିଥିଲେ। ତାଙ୍କ ପରଲୋକରେ ସଂଘର କ୍ଷେତ୍ର କାର୍ଯ୍ୟବାହ ଅଧ୍ୟାପକ ଗୋପାଳ ପ୍ରସାଦ ମହାପାତ୍ର, ଉତ୍କଳ ପୂର୍ବ ପ୍ରାନ୍ତ ସଂଘଚାଳକ ସମୀର କୁମାର ମହାନ୍ତି, ପ୍ରାନ୍ତ କାର୍ଯ୍ୟବାହ ଅନିଲ କୁମାର ମିଶ୍ର, ସହପ୍ରାନ୍ତ କାର୍ଯ୍ୟବାହ ଇଂ. ସୁଦର୍ଶନ ଦାସଙ୍କ ସହ ତାଙ୍କ ଝିଆରୀ ନିବେଦିତା ନନ୍ଦ ଓ ଝିଆରୀ ଜ୍ୱାଇଁ ତଥା ବିଶ୍ୱହିନ୍ଦୁ ପରିଷଦର ବରିଷ୍ଠ କାର୍ଯ୍ୟକର୍ତ୍ତା ଗୌରୀପ୍ରସାଦ ରଥ ଶୋକବ୍ୟକ୍ତ କରିଛନ୍ତି।

## ବୋମାମାଡ଼ ଘଟଣା: ହୋଟେଲ ମାଲିକ ଗିରଫ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ବସ୍‌ଷ୍ଟାଣ୍ଡ ଅଞ୍ଚଳରେ ଥିବା ଏକ ହୋଟେଲ ଉପରକୁ ବୋମାମାଡ଼ ଘଟଣାରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଖଣ୍ଡଗିରି ଥାନା ଅନ୍ତର୍ଗତ ବରମୁଣ୍ଡା ତଳସାହି ଅଞ୍ଚଳର ଦୁଃଶାସନ ଚମ୍ପତି(୩୨)। ଦୁଃଶାସନଙ୍କର ବରମୁଣ୍ଡା ଅଞ୍ଚଳରେ ଏକ ହୋଟେଲ ରହିଛି। ନିକଟରେ ନିରଞ୍ଜନ ପାତ୍ରଙ୍କର ମଧ୍ୟ ହୋଟେଲ ରହିଛି। ହୋଟେଲ କର୍ମଚାରୀଙ୍କୁ ନେଇ ଉଭୟଙ୍କ ମଧ୍ୟରେ ବିବାଦ ଉପୁଜିଥିଲା। ଗତ ୯ ତାରିଖ ରାତି ପ୍ରାୟ ସାଢ଼େ ୧୧ଟାରେ ଦୁଃଶାସନ ନିରଞ୍ଜନଙ୍କ ହୋଟେଲ ଉପରକୁ ବୋମାମାଡ଼ କରିଥିଲେ। ନିରଞ୍ଜନଙ୍କ ଅଭିଯୋଗ ଆଧାରରେ ଖଣ୍ଡଗିରି ଥାନାରେ ୧୩୪/୧୯ରେ ଏକ ମାମଲା ରୁଜୁ କରି ପୋଲିସ ଘଟଣାର ତଦନ୍ତ ଚଳାଇଥିଲା।

# ମାଡ଼ ମାରି ଯୁବକଙ୍କୁ ଡ୍ରେନ୍‌କୁ ଫିଙ୍ଗିଦେଲେ
## ଆପୋସ ସମାଧାନ ପାଇଁ ପଡୁଛି ଚାପ

ଭୁବନେଶ୍ୱର,୧୧।୩(ବ୍ୟୁରୋ)

ମଞ୍ଚେଶ୍ୱର ଥାନାଞ୍ଚଳରେ ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। କେତେଜଣ ଯୁବକ ମାଡ଼ମାରି ମୁଣ୍ଡ ଫଟାଇବା ପରେ ଡ୍ରେନ୍‌କୁ ଫିଙ୍ଗି ଦେଇଛନ୍ତି। ପୋଲିସ ପହଞ୍ଚି ତାଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଛି। ଆକ୍ରମଣର ଶିକାର ଯୁବକ ହେଲେ ଚକେଇସିଆଣୀ ଅଞ୍ଚଳର ପ୍ରଶାନ୍ତ ଦାସ ଓରଫ ମୁନା। ଏହି ଘଟଣାକୁ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଥାନାରେ ଅଟକ ରଖିଛି। ଅନ୍ୟପକ୍ଷରେ ଘଟଣାର ଆପୋସ ସମାଧାନ ପାଇଁ ରାଜନୈତିକ ଚାପ ପଡୁଥିବାରୁ ପ୍ରଶାନ୍ତଙ୍କ ପରିବାର ଲୋକେ ଚିନ୍ତାରେ ପଡିଛନ୍ତି। ଅଭିଯୋଗ ଅନୁସାରେ, ପ୍ରଶାନ୍ତ ରବିବାର ବିଳମ୍ବିତ ରାତିରେ ବାଇକ୍‌ରେ ଘରକୁ ଫେରୁଥିବାବେଳେ କେନାଲ ବନ୍ଧ ନିକଟରେ ଜଣେ ଯୁବକଙ୍କ ସହ ବଚସା ହୋଇଥିଲା। ସ୍ଥାନୀୟ ଲୋକେ ଉଭୟଙ୍କୁ ବୁଝାଶୁଝା କରି ଘରକୁ ପଠାଇଥିଲେ। ମାତ୍ର ପ୍ରଶାନ୍ତ ଦୁର୍ଗାମଣ୍ଡପ ନିକଟରେ ହୋଇଥିବାବେଳେ ଉକ୍ତ ଯୁବକ ଓ ସହଯୋଗୀମାନେ ପୁଣି ତାଙ୍କୁ ଅଟକାଇବା ସହ ନିସ୍ତୁକ ମାଡ଼ ମାରିଥିଲେ। ଫଳରେ ପ୍ରଶାନ୍ତଙ୍କ ମୁଣ୍ଡ ଫାଟିଯାଇ ପ୍ରଚୁର ରକ୍ତସ୍ରାବ ହୋଇଥିଲା। ପରେ ଅଭିଯୁକ୍ତମାନେ ତାଙ୍କୁ ନିକଟ ଡ୍ରେନ୍‌କୁ ଫିଙ୍ଗି ଦେଇ ପଳାଇଥିଲେ। ଥାନା ଅଧିକାରୀ ଯତୀନ୍ଦ୍ର ନାଥ ସେଠୀ କହିଛନ୍ତି, ଏହି ଘଟଣାରେ ଜଣେ ଅଭିଯୁକ୍ତଙ୍କୁ ଅଟକ ରଖାଯାଇଛି। ଘଟଣାସ୍ଥଳରେ ଲାଗିଥିବା ସିସିଟିଭି ଫୁଟେଜକୁ ଆଧାର କରି ଘଟଣାର ତଦନ୍ତ ଚାଲିଛି। ମାମଲା ରୁଜୁ କରାଯିବା ସହ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# କାଳିଆ ଯୋଜନାରେ ବାସ୍ତବରେ କେତେ ଚାଷୀ ଟଙ୍କା ପାଇଛନ୍ତି ତଥ୍ୟ ଦିଅ: ଭାଜପା

ଭୁବନେଶ୍ୱର,୧୧।୩ (ବ୍ୟୁରୋ)

ଓଡ଼ିଶାର କ୍ଷୁଦ୍ର, ନାମମାତ୍ର ଏବଂ ଭାଗଚାଷୀଙ୍କର ରାଜ୍ୟ ସରକାରଙ୍କ ଉପରେ ଆକ୍ରୋଶ ରହିଛି। ଦୀର୍ଘ ୧୯ବର୍ଷ ଭିତରେ ସରକାର ଚାଷଜମିକୁ ପାଣି ଦେଇପାରିଲେ ନାହିଁ। ଧାନ କିଣାରେ ମିଲରମାନଙ୍କ ମଧୁଚନ୍ଦ୍ରିକା ପାଇଁ ଚାଷୀ ଧାନ ବିକିପାରିଲେ ନାହିଁ। ରାଜ୍ୟ ସରକାର ବିଗତ ଦିନରେ ଚାଷ ଏବଂ ଚାଷୀଙ୍କୁ ଅଣଦେଖା କରିଛନ୍ତି। ସେମାନଙ୍କ ରାଗର ଶିକାର ହେବା ଭୟରେ ସେମାନଙ୍କୁ ପ୍ରଲୋଭିତ କରାଇ ନିଜ ଦଳୀୟ ଲୋକଙ୍କୁ ସିଧାସଳଖ ଭାବରେ ଟଙ୍କା ଦେବାକୁ କାଳିଆ ଯୋଜନା କରିଛନ୍ତି ବୋଲି ଭାଜପା ଅଭିଯୋଗ କରିଛି। କ୍ୟାବିନେଟ୍‌ରେ ୪୫ଲକ୍ଷ ଲୋକଙ୍କୁ କାଳିଆ ଯୋଜନାରେ ଅର୍ଥ ଦେବେ ବୋଲି କହିଲେ। ବର୍ତ୍ତମାନ ହୋର୍ଡିଂ ଲଗାଇ ୫୦ଲକ୍ଷ କ୍ଷୁଦ୍ରଚାଷୀମାନଙ୍କୁ ସହାୟତା ଦେଇଛନ୍ତି ବୋଲି ପ୍ରଚାର କରୁଛନ୍ତି। କେତେ ଜଣଙ୍କୁ ବାସ୍ତବରେ ଟଙ୍କା ଦିଆଯାଇଛି ତାହାର କିଛି ସ୍ୱଷ୍ଟତା ନାହିଁ ବୋଲି ଭାଜପା ରାଜ୍ୟ ଉପସଭାପତି ସମୀର ମହାନ୍ତି ଅଭିଯୋଗ କରିଛନ୍ତି।

ଦଳୀୟ କାର୍ଯ୍ୟାଳୟଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ କାଳିଆ ଯୋଜନାର ହିତାଧିକାରୀ ତାଲିକାକୁ ପ୍ରଥମେ ୱେବସାଇଟ୍‌ରେ ଛାଡିଲେ । ଯେତେବେଳେ ଗଣମାଧ୍ୟମରେ ପ୍ରକାଶ ପାଇଲା ନେତା ଓ ମନ୍ତ୍ରୀଙ୍କ ଭାଇ, ତାଙ୍କ ପତ୍ନୀମାନେ ଟଙ୍କା ନେଇଛନ୍ତି ଏହାପରେ ତାଲିକାକୁ ୱେବସାଇଟରୁ ଉଠାଇଦେଲେ। ପୁଣି ତାଲିକାରେ ଜଣେ ବ୍ୟକ୍ତିଙ୍କ ନାଁରେ ଏକାଧିକ ଥର ଟଙ୍କା ପାଇଥିବା ଉଲ୍ଲେଖ ରହିଛି। ଏବେ କହୁଛନ୍ତି ତୃତୀୟ ପର୍ଯ୍ୟାୟରେ ଅର୍ଥ ଦିଆସରିଛି। ଏଥିର ବି କୌଣସି ସ୍ୱଷ୍ଟତା ନାହିଁ। ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନାରେ ମୋଦି ସରକାର ଫେବୃୟାରୀ ମାସରେ ୨୦ହଜାର କୋଟି ଟଙ୍କା ବଜେଟ୍‌ର ବ୍ୟବସ୍ଥା କରିଥିଲେ। ଯେଉଁଥିରେ କ୍ଷୁଦ୍ର, ନାମମାତ୍ର ଏବଂ ୨ହେକ୍ଟର ଭିତରେ ଜମିଥିବା ଚାଷୀ ଉପକୃତ ହେବେ। ରାଜ୍ୟ ସରକାରଙ୍କ ନୈତିକ ଦାୟିତ୍ୱ ହେଉଛି ରାଜ୍ୟର ୫୦ଲକ୍ଷ ଚାଷୀଙ୍କ ତାଲିକା କେନ୍ଦ୍ର ସରକାରଙ୍କୁ ପଠାଇବା। ହେଲେ ରାଜ୍ୟ ସରକାର ମାତ୍ର ୯ଲକ୍ଷ ଚାଷୀଙ୍କ ତାଲିକା ଦେଲେ। ପ୍ରଥମ ପର୍ଯ୍ୟାୟରେ ୯ଲକ୍ଷ ଲୋକଙ୍କ ପାଖକୁ ପଇସା ଆସିଲା। ରାଜ୍ୟରେ କାଳେ ମୋଦିଙ୍କ ଲୋକପ୍ରିୟତା ବଢ଼ିଯିବ ସେହି ଭୟରେ ବାକି ତାଲିକା କେନ୍ଦ୍ରକୁ ଦେଉନାହାନ୍ତି । ଲୋକେ ମୋଦିଙ୍କୁ ଭୋଟ ଦେଇଦେବା ଭୟରେ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନନିଧି ଯୋଜନା ରାଜ୍ୟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲାଗୁ କରୁନାହାନ୍ତି ବୋଲି ସମୀର କହିଛନ୍ତି।

ଭାଜପାର ଏହି ଅଭିଯୋଗ ନେଇ ଅର୍ଥମନ୍ତ୍ରୀ ଶଶିଭୂଷଣ ବେହେରା କହିଛନ୍ତି, ଆମେ ଯେଉଁ ତାଲିକା ଦେଇଥିଲୁ ସେଥିରୁ ୩ରୁ ୪ଲକ୍ଷ ଚାଷୀଙ୍କ ନାମ କାଟି ଦିଆଗଲା। ତେବେ ସେହି ନାଁ ଗୁଡିକ କାହିଁକି କଟାଗଲା କେନ୍ଦ୍ର ତା'ର ସ୍ୱଷ୍ଟୀକରଣ ଦେବାପରେ ଆମେ ସହଯୋଗ କରିବୁ ବୋଲି ଶଶିଭୂଷଣ କହିଛନ୍ତି।

# ବରିଷ୍ଠ ପୋଲିସ ଅଧିକାରୀଙ୍କ ନିର୍ବାଚନ ପରିଚାଳନା ବୈଠକ

- ଯୋଗଦେଲେ ଆଇବି, ଏନ୍‌ଏସ୍‌ଜି, ଏସ୍‌ପିଜିର ବରିଷ୍ଠ ଅଧିକାରୀ
- ପ୍ରଧାନମନ୍ତ୍ରୀଙ୍କ ପାଇଁ ବ୍ଲୁ ବୁକ୍ ସୁରକ୍ଷା ବ୍ୟବସ୍ଥା



ବୈଠକରେ ଉପସ୍ଥିତ ବରିଷ୍ଠ ପୋଲିସ ଅଧିକାରୀ।

କଟକ ଅଫିସ, ୧୧।୩

ଆଗାମୀ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ଶେଷ ହୋଇଛି। ଏହାପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର ବରିଷ୍ଠ ନେତା ନିର୍ବାଚନ ରାଲିରେ ଯୋଗଦେବାର ରହିଛି। ଏହାକୁ କିପରି ସୁଚାରୁରୂପେ ପରିଚାଳନା କରିହେବ ତାହାକୁ ନେଇ ସୋମବାର ଓଡ଼ିଶା ପୋଲିସର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଶା ପୋଲିସ ମୁଖ୍ୟାଳୟରେ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଗୋଇନ୍ଦା ବିଭାଗ(ଆଇବି)ର ସ୍ୱତନ୍ତ୍ର ନିର୍ଦ୍ଦେଶକ ଅଶୋକ ବର୍ମା, ସ୍ୱତନ୍ତ୍ର ସୁରକ୍ଷା ଗ୍ରୁପ (ଏସ୍‌ପିଜି)ର ଆଇଜି ୱାଇ.କେ. ଜେଠୱା, ଜାତୀୟ ସୁରକ୍ଷା ଗାର୍ଡ (ଏନ୍‌ଏସ୍‌ଜି)ର ଅଧିକାରୀଙ୍କ ସମେତ ଓଡ଼ିଶା ପୋଲିସର ବରିଷ୍ଠ ଅଧିକାରୀମାନେ ଯୋଗଦେଇଥିଲେ। ଭିଡିଓ କନ୍‌ଫରେନ୍ସି ଯୋଗେ କମିଶନରେଟ ପୋଲିସର କମିଶନର, ରେଞ୍ଜ ଆଇଜି, ଡିଆଇଜି, ଡିସିପି ଏବଂ ସମସ୍ତ ଏସ୍‌ପିଙ୍କ ସହ ଡିଜିପି ସିଧା ଆଲୋଚନା କରିଥିଲେ।

ରାଲିରେ ଯୋଗଦେବାକୁ ଥିବା ଭିଆଇପିମାନଙ୍କୁ ୩ଟି କାଟେଗୋରି କରାଯାଇ ସେମାନଙ୍କ ପାଇଁ ସୁରକ୍ଷା ବ୍ୟବସ୍ଥା କରାଯାଇଛି। ଆଇବି ଏବଂ ଏନ୍‌ଏସ୍‌ଜିର ପରାମର୍ଶ ଅନୁଯାୟୀ ପ୍ରଧାନମନ୍ତ୍ରୀଙ୍କ ଗସ୍ତ ପାଇଁ ବ୍ଲୁ ବୁକ୍ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବ। ପ୍ରଧାନମନ୍ତ୍ରୀଙ୍କ ଗସ୍ତ ସମୟରେ ଏସ୍‌ପିଜି ଅଧିକାରୀମାନଙ୍କ ସହିତ ଯୋଗାଯୋଗ ରଖିବାକୁ ସମସ୍ତ ଏସ୍‌ପିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହିତ ରାଲି ଓ ସଭା ଆୟୋଜନ କରୁଥିବା ସ୍ଥାନୀୟ ନେତାମାନଙ୍କ ସହିତ ଯୋଗାଯୋଗ କରିବାକୁ ଏସ୍‌ପିମାନଙ୍କୁ କୁହାଯାଇଛି। ସଭାସ୍ଥଳରେ ଅଗ୍ନିଶମ ବିଭାଗ, ସ୍ନିଫର ଡଗ୍, ଏକ୍ସପ୍ଲୋଶିଭ ଡିଟେକ୍ଟର, ଇଲେକ୍ଟ୍ରୋନିକ୍ସ ଗାଜେଟ୍‌ର ବ୍ୟବସ୍ଥା କରିବାକୁ କୁହାଯାଇଛି। ରୋଡ ଶୋ ସମୟରେ ସ୍ୱତନ୍ତ୍ର ସୁରକ୍ଷା ବ୍ୟବସ୍ଥା ସହିତ ହେଲିପ୍ୟାଡ୍‌ର ସୁରକ୍ଷା, ଷ୍ଟେଜ ପରିସର, ବ୍ୟାରିକେଟ୍ ଆଦିର ଯାଞ୍ଚ କରିବାକୁ ନିର୍ଦ୍ଦେଶ ରହିଛି। କୌଣସି ଅଫିସରଙ୍କୁ ବିନା ପାସ୍‌ରେ ଭିତରକୁ ନ ଛାଡ଼ିବାକୁ ନିର୍ଦ୍ଦେଶ ରହିଥିବା ବେଳେ ସଭା ଓ ରାଲିରେ ଯୋଗଦେବାକୁ ଥିବା ଅଫିସରମାନଙ୍କୁ ଡ୍ୟୁଟି ପାସ୍ ଦେବାକୁ କୁହାଯାଇଛି। ସଭାସ୍ଥଳକୁ ଯିବାକୁ ଥିବା ଲୋକମାନଙ୍କୁ ଭଲଭାବେ ଯାଞ୍ଚ କରି ଭିତରକୁ ଛାଡ଼ିବାକୁ ନିର୍ଦ୍ଦେଶ ରହିଛି।

## ସତ୍ୟବାଦୀ ବିଧାନସଭା ନିର୍ବାଚନମଣ୍ଡଳୀ

# ଥରେ ବି ଜିତିନି ବିଜେଡି




ବିଶ୍ୱନାଥ ରଥ


ଜୟନ୍ତ ଷଡ଼ଙ୍ଗୀ


ଓମ୍‌ପ୍ରକାଶ ମିଶ୍ର


ପ୍ରସାଦ ହରିଚନ୍ଦନ


ରମାରଞ୍ଜନ ବଳିୟାରସିଂ


ଉମାକାନ୍ତ ସାମନ୍ତରାୟ

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ସ୍ୱାଧୀନ | ଉମାକାନ୍ତ ସାମନ୍ତରାୟ | ୪୮,୩୧୯ |
| ବିଜେଡି | ରମାରଞ୍ଜନ ବଳିୟାରସିଂ | ୪୬,୭୮୭ |
| କଂଗ୍ରେସ | ପ୍ରସାଦ ହରିଚନ୍ଦନ | ୨୫,୯୦୫ |
| ସ୍ୱାଧୀନ | ଓମ୍‌ପ୍ରକାଶ ମିଶ୍ର | ୧୫,୦୬୮ |
| ଭାଜପା | ବିଶ୍ୱନାଥ ରଥ | ୫,୫୫୦ |

ହେମନ୍ତ ନାୟକ
ପୁରୀ ଅଫିସ,୧୧।୩

ବିଜେଡି ପ୍ରତିଷ୍ଠା ହେବା ପରଠାରୁ ପୁରୀ ଜିଲାରେ ତା'ର ସ୍ଥିତି ଜାହିର କରିଆସୁଛି। ହେଲେ ଜିଲାର ଏକମାତ୍ର ନିର୍ବାଚନମଣ୍ଡଳୀ ସତ୍ୟବାଦୀରେ ବିଜେଡି କେବେହେଲେ ବିଜୟର ସ୍ୱାଦ ପାଇପାରି ନାହିଁ। ବିଜେଡି ପ୍ରତିଷ୍ଠା ପରଠାରୁ ୪ଥର ନିର୍ବାଚନ ହୋଇସାରିଲାଣି। ହେଲେ ସବୁଥର ଏଠାରେ ବିଜେଡି ପ୍ରାର୍ଥୀଙ୍କୁ ହିଁ ପରାଜୟର ସମ୍ମୁଖୀନ ହେବାକୁ ପଡୁଛି। ବିଜେଡି ପାଇଁ ଅଲୋଡା ରେକର୍ଡର ମୂକସାକ୍ଷୀ ପାଲଟିଥିବା ସତ୍ୟବାଦୀରେ ଏଥର କିଛି ଚମତ୍କାର ହେବ ବୋଲି ଦଳୀୟ କର୍ମୀ ଏବଂ ନେତାଙ୍କ ମଧ୍ୟରେ ଯେଉଁ ଉତ୍ସୁକତା ଦେଖିବାକୁ ମିଳୁଥିଲା ତାହା ଏବେ ଧୀରେ ଧୀରେ ଫସର ଫାଟିବାରେ ଲାଗିଛି। ଦଳୀୟ କନ୍ଦଳ ଏଠି ହାଟରେ ପଡି ଦାଣ୍ଡରେ ଗଡୁଛି। ବିଧାୟକ ଉମାକାନ୍ତ ସାମନ୍ତରାୟଙ୍କୁ ପୁରୀର ପୂର୍ବତନ ପୌରାଧ୍ୟକ୍ଷ ଜୟନ୍ତ କୁମାର ଷଡ଼ଙ୍ଗୀ ଖୋଲାଖୋଲି ବିରୋଧ କରି ବିଭିନ୍ନ ସ୍ଥାନରେ ସଭା, ସମାବେଶ କରୁଛନ୍ତି। ଫଳରେ ବିଜେଡିକୁ ଆତ୍ମଘାତୀ ଭୟ ଗୋଡାଉଥିବା ବେଳେ ଭାଜପାକୁ ମଧ୍ୟ ବିଦ୍ରୋହୀ ଚିନ୍ତା ଘାରିଛି। କଂଗ୍ରେସ ତା' ନିଜ ଢଙ୍ଗରେ ନିର୍ବାଚନୀ ରଣନୀତି ପ୍ରସ୍ତୁତ କରୁଥିବାରୁ ଏଥର ସତ୍ୟବାଦୀରେ କାହାର ହେବ ବିଜୟ ତାହାକୁ ନେଇ ପୂର୍ବାନୁମାନ ଲଗାଇ ପାରୁନାହାନ୍ତି ରାଜନୈତିକ ସମୀକ୍ଷକ।

ପୁରୀ ଜିଲାର ଏକ ମର୍ଯ୍ୟାଦାପୂର୍ଣ୍ଣ ନିର୍ବାଚନମଣ୍ଡଳୀ ସତ୍ୟବାଦୀ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଅଞ୍ଚଳ ସତ୍ୟବାଦୀ ଆସନରୁ ୧୯୫୧ରେ ପଣ୍ଡିତ ନୀଳକଣ୍ଠ ଦାସ ପ୍ରତିନିଧିତ୍ୱ କରିଥିଲେ। ହେଲେ ପଞ୍ଚସଖାଙ୍କ ସ୍ମୃତି ବହନ କରୁଥିବା ଏହି ନିର୍ବାଚନମଣ୍ଡଳୀର ଗତ ୪ଟି ନିର୍ବାଚନ ଫଳାଫଳକୁ ଦେଖିଲେ ଭୋଟର ପରିବର୍ତ୍ତନଶୀଳ ହୋଇଥିବା ସ୍ପଷ୍ଟ ହେଉଛି। ଅର୍ଥାତ୍ ଗତ ୪ଟି ନିର୍ବାଚନରେ କୌଣସି ଜଣେ ପ୍ରାର୍ଥୀ ଲଗାତର ଦ୍ୱିତୀୟଥର ଜିତି ନାହାନ୍ତି। ବିଶେଷ କରି ଦୁଇ ଦଶନ୍ଧି ଧରି ଶାସନରେ ରହିଥିବା ବିଜେଡି ପାଇଁ କିନ୍ତୁ ଏହି ନିର୍ବାଚନମଣ୍ଡଳୀ ଅଭିଶପ୍ତ ପାଲଟିଛି। ୨୦୦୦ରୁ ୨୦୧୪ ମଧ୍ୟରେ ଅନୁଷ୍ଠିତ ସାଧାରଣ ନିର୍ବାଚନରେ ଦୁଇଥର କଂଗ୍ରେସ ବିଜୟୀ ହୋଇଥିବା ବେଳେ ଦୁଇଥର ସ୍ୱାଧୀନ ପ୍ରାର୍ଥୀ ହିଁ ଜିତିଛନ୍ତି। ଅବଶ୍ୟ ପରବର୍ତ୍ତୀ ସମୟରେ ସ୍ୱାଧୀନ ପ୍ରାର୍ଥୀମାନେ ବିଜେଡିକୁ ସମର୍ଥନ ଦେଇଛନ୍ତି। ଅର୍ଥାତ୍ ବିଜେଡି ଦଳୀୟ ଟିକେଟ ପାଉଥିବା ପ୍ରାର୍ଥୀଙ୍କୁ ହିଁ ସର୍ବଦା ପରାଜୟ ସାମ୍ନା କରିବାକୁ ପଡୁଛି।

ବିଜେଡି ପ୍ରାର୍ଥୀମାନେ ହିଁ ସବୁବେଳେ ଷଡ଼ଯନ୍ତ୍ର ଏବଂ ଅନ୍ତର୍ଘାତୀ କାମ ଯୋଗୁ ଜିତିପାରୁ ନ ଥିବା କୁହାଯାଉଛି। ୨୦୧୪ରେ ରମାରଞ୍ଜନ ବଳିୟାରସିଂ ବିଜେଡି ପ୍ରାର୍ଥୀ ହୋଇଥିଲେ। କିନ୍ତୁ ସେ ସ୍ୱାଧୀନ ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟଙ୍କୁଠାରୁ ପରାସ୍ତ ହୋଇଥିଲେ। ଉମାକାନ୍ତ ୪୮,୩୧୯ ଭୋଟ ପାଇଥିବା ବେଳେ ରମାରଞ୍ଜନଙ୍କୁ ମିଳିଥିଲା ୪୬,୭୮୭ ଭୋଟ। ତୃତୀୟ ସ୍ଥାନରେ କଂଗ୍ରେସର ପ୍ରସାଦ ହରିଚନ୍ଦନ ୨୫,୯୦୫ ଖଣ୍ଡ ଭୋଟ ପାଇଥିଲେ। ପୂର୍ବରୁ ବିଜେଡି ଉମାଙ୍କୁ ଦଳରୁ ନିଲମ୍ବିତ କରିଥିଲା। ହେଲେ ଗତ ପଞ୍ଚାୟତ ନିର୍ବାଚନରେ ଉମାଙ୍କ ଉପରୁ ଦଳ ନିଲମ୍ବନ ଆଦେଶ ପ୍ରତ୍ୟାହାର କରିଥିଲା। ଏଥିସହ ପଞ୍ଚାୟତ ନିର୍ବାଚନର ଦାୟିତ୍ୱ ତାଙ୍କ ଉପରେ ନ୍ୟସ୍ତ କରିଥିଲା। ଏହାକୁ ସହଜରେ ହଜମ କରିପାରି ନ ଥିଲେ ରମା। ଦୀର୍ଘଦିନ ଧରି କୋଣଠେସା ଭାବେ ପଡ଼ିରହିବା ପରେ ଭାଜପାରେ ସାମିଲ ହୋଇଥିଲେ। ସେହିପରି ୨୦୦୯ ନିର୍ବାଚନରେ କଂଗ୍ରେସ ପ୍ରାର୍ଥୀ ପ୍ରସାଦ ହରିଚନ୍ଦନ ବିଜୟୀ ହୋଇଥିଲେ। ସେତେବେଳେ ବିଜେଡି ପ୍ରାର୍ଥୀ ଥିବା ଉମା ଦଳୀୟ ଷଡ଼ଯନ୍ତ୍ରର ଶିକାର ହେବାରୁ ପରାଜୟ ବରଣ କରିଥିଲେ। ଏମିତି ଦଳୀୟ କନ୍ଦଳକୁ ନେଇ ବିଜେଡି ପ୍ରାର୍ଥୀ କେବେ ବି ଜିତିପାରୁ ନ ଥିବାବେଳେ ଏଥର ବି ସମାନ ସ୍ଥିତିରେ ଦଳ ପହଞ୍ଚି ଯାଇଥିବା ଚର୍ଚ୍ଚା ହେଉଛି। ରାଜ୍ୟ ସରକାରଙ୍କ ପକ୍ଷରୁ କଣାସ ଓ ସତ୍ୟବାଦୀରେ ଦୁଇଟି ମେଗା ପାନୀୟ ଜଳ ପ୍ରକଳ୍ପ କାମ ଆରମ୍ଭ ହୋଇଥିବା ବେଳେ ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି ମୁଖ୍ୟମନ୍ତ୍ରୀ ନିଜେ ଶିଳାନ୍ୟାସ କରିଛନ୍ତି। ବର୍ତ୍ତମାନ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ୬ଟି ଯାକ ଜିଲା ପରିଷଦ ଆସନ ସହିତ ଦୁଇଟିଯାକ ପଞ୍ଚାୟତ ସମିତି ମଧ୍ୟ ବିଜେଡି ଦଖଲରେ ରହିଛି। ତଥାପି ଦଳରେ ସ୍ଥିରତା ଆସିପାରୁ ନାହିଁ।

କଂଗ୍ରେସରୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଦଳର ସାଙ୍ଗଠନିକ ସ୍ଥିତିକୁ ସୁଦୃଢ଼ କରିବାରେ ଲାଗିଥିବା ବେଳେ ଏଥର ସତ୍ୟବାଦୀ ଭାଜପାରେ ଆଶାୟୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧିପାଇଛି। ଗତଥର ପ୍ରାର୍ଥୀ ହୋଇଥିବା ବିଶ୍ୱନାଥ ରଥ ଏଥର ପ୍ରତିଦ୍ୱନ୍ଦ୍ୱିତା ଲାଗି ପ୍ରସ୍ତୁତି ଚଳାଇଥିବା ବେଳେ ବିଜେଡି ଛାଡି ଭାଜପାରେ ଯୋଗଦେଇଥିବା ପୂର୍ବତନ ବିଧାୟକ ରମାରଞ୍ଜନ ବଳିୟାରସିଂ ଏବଂ ଗତଥର ସ୍ୱାଧୀନ ପ୍ରାର୍ଥୀ ଭାବେ ଲଢିଥିବା ଓମ୍‌ପ୍ରକାଶ ମିଶ୍ର ମଧ୍ୟ ଆଶାୟୀ ଅଛନ୍ତି।

ବିଜେଡିରୁ ବିଧାୟକ ଉମାକାନ୍ତ ସାମନ୍ତରାୟ ଟିକେଟ ପାଇଁ ଦାବିଦାର ରହିଥିବା ବେଳେ ଏବେ ତାଙ୍କ ଚିନ୍ତା ବଢାଇ ଦେଇଛନ୍ତି ପୁରୀର ପୂର୍ବତନ ପୌରାଧ୍ୟକ୍ଷ ଜୟନ୍ତ କୁମାର ଷଡ଼ଙ୍ଗୀ। ଉମା କଣାସ ବ୍ଲକର ବାସିନ୍ଦା ହୋଇଥିବାବେଳେ ଜୟନ୍ତ ସତ୍ୟବାଦୀ ମାଟିର ପୁଅ ନାରା ଦେଇ ପୁରୁଖା ନେତାଙ୍କୁ ଏକାଠି କରିବାରେ ଲାଗିଛନ୍ତି। ୧୯୯୦ରେ ଜନତା ଦଳର ଚନ୍ଦ୍ରମାଧବ ମିଶ୍ର ବିଧାୟକ ଭାବେ ଜିତିଥିଲେ। ସେ ସତ୍ୟବାଦୀ ବ୍ଲକ ବାସିନ୍ଦା ହୋଇଥିବାବେଳେ ୧୯୯୫ ପରଠାରୁ କଣାସ ବ୍ଲକବାସୀ ଏଠାରୁ ଜିତି ଆସୁଛନ୍ତି। ତେଣୁ ଏଥର ସତ୍ୟବାଦୀ ମାଟିର ପୁଅ ନାରା ଦେଇ ଜୟନ୍ତ ବିଭିନ୍ନ ସ୍ଥାନରେ ସଭା, ସମାବେଶ କରି ତାଙ୍କ ସଙ୍ଗଠନକୁ ସୁଦୃଢ଼ କରୁଛନ୍ତି। ଏହି ଦଳୀୟ କନ୍ଦଳ ଏବେ ସତ୍ୟବାଦୀରେ ଆଉ ସୀମିତ ନାହିଁ, ରାଜଧାନୀରେ ମଧ୍ୟ ପହଞ୍ଚିଛି। ଟିକେଟ ସମ୍ପର୍କରେ ବିଧାୟକ ଉମାକାନ୍ତ ସାମନ୍ତରାୟ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ଉପରେ ତାଙ୍କର ସମ୍ପୂର୍ଣ୍ଣ ଭରସା ରହିଛି, ତାଙ୍କୁ ପ୍ରତିଶ୍ରୁତି ବି ଦେଇଛନ୍ତି। ଏଥର ବିଜେଡିରୁ ସେ ପ୍ରାର୍ଥୀ ହେବେ। ସେମିତି କିଛି ଦଳୀୟ କନ୍ଦଳ ନାହିଁ। ଅନ୍ୟତମ ଆଶାୟୀ ଜୟନ୍ତ ଷଡ଼ଙ୍ଗୀ କହିଛନ୍ତି, ଦଳର ସଭାପତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଉପରେ ତାଙ୍କର ଭରସା ଅଛି। ନିର୍ବାଚନମଣ୍ଡଳୀର ଛାତ୍ର, ଯୁବ, ମହିଳା ଏବଂ ଦୁଇ ବ୍ଲକ ସଭାପତି ତାଙ୍କ ସହିତ ରହିଛନ୍ତି। ନିର୍ବାଚନ ଲଢିବା ଲାଗି ଦଳ ତାଙ୍କୁ ସୁଯୋଗ ଦେବ ବୋଲି ଶତପ୍ରତିଶତ ଆଶା ରଖିଛନ୍ତି।

କଂଗ୍ରେସରୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ଆଗାମୀ ନିର୍ବାଚନରୁ ପ୍ରତିଦ୍ୱନ୍ଦ୍ୱିତା କରିବା ଲାଗି ପ୍ରସ୍ତୁତି ଚଳାଇଛନ୍ତି। ସେହିପରି ଗତଥର ଭାଜପାରୁ ପ୍ରାର୍ଥୀ ହୋଇଥିବା ବିଶ୍ୱନାଥ ରଥ କହିଛନ୍ତି, ୧୯୯୫ରୁ ଦଳ ପାଇଁ କାମ କରିଆସୁଛି। ସତ୍ୟବାଦୀରେ ଭାଜପା କିପରି ଶକ୍ତିଶାଳୀ ହେବ ସେଥିଲାଗି ପ୍ରଚେଷ୍ଟା ଜାରି ରଖିଛି। ହେଲେ ଏବେ କିଛି ଲୋକ ଟିକେଟ ଆଶାରେ ଦଳକୁ ପଶି ଆସିଛନ୍ତି। କିନ୍ତୁ ଦଳ ପୁଣିଥରେ ଲଢିବାକୁ ତାଙ୍କୁ ସୁଯୋଗ ଦେବ ବୋଲି ସେ ଆଶାବାଦୀ ଅଛନ୍ତି। ରମାରଞ୍ଜନ ବଳିୟାରସିଂ କହିଛନ୍ତି, ଭାଜପାରୁ ଟିକେଟ ଆଶା ରଖିଛନ୍ତି। ଦଳ ସୁଯୋଗ ଦେଲେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବେ।

### ନିର୍ବାଚନମଣ୍ଡଳୀ ରୂପରେଖ

**ସତ୍ୟବାଦୀ ବ୍ଲକର ୨୪ ପଞ୍ଚାୟତ, କଣାସ ବ୍ଲକର ୨୮ ପଞ୍ଚାୟକୁ ନେଇ ସତ୍ୟବାଦୀ ନିର୍ବାଚନମଣ୍ଡଳୀର ସୀମା ନିର୍ଦ୍ଧାରଣ କରାଯାଇଛି। ୨୦୧୧ ଜନଗଣନା ଅନୁଯାୟୀ ନିର୍ବାଚନମଣ୍ଡଳୀର ମୋଟ ଜନସଂଖ୍ୟା ୨,୬୪,୫୧୬। ୨୦୧୯ ଭୋଟର ତାଲିକା ଅନୁଯାୟୀ ୨,୦୪,୦୭୧ ଜଣ ମତଦାତା ରହିଛି। ଏମାନଙ୍କ ମଧ୍ୟରେ ପୁରୁଷ ୧,୦୬,୩୨୭, ମହିଳା ୯୭,୭୪୧ ଓ ଅନ୍ୟାନ୍ୟ ୩ ଜଣ ଅଛନ୍ତି।**

---

## ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀ

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| ବିଜେଡି | ସାନନ୍ଦ ମାରାଣ୍ଡି | ୫୪,୧୩୧ |
| ଭାଜପା | ନିଶାମଣି ବାସ୍କେ | ୩୭,୦୧୭ |
| କଂଗ୍ରେସ | ପ୍ରିୟବ୍ରତ ମାଝୀ | ୨୧,୯୩୩ |
| ଜେଏମ୍ଏମ୍ | ଫାଗୁ ହାଁସଦା | ୧୯,୨୧୪ |
| ଓଜେଏମ୍ | ଦେବେନ୍ଦ୍ରନାଥ ସିଂ | ୧,୮୪୬ |



# ପ୍ରତିଶ୍ରୁତି ଭୁଲିଥିବା ପ୍ରାର୍ଥୀଙ୍କ ହାତ ଛାଡ଼ିବେ ଭୋଟର

ରବିନାରାୟଣ ଚଲାନ
ବାରିପଦା ଅଫିସ,୧୧।୩

ଏବେ ସବୁଠି ନିର୍ବାଚନୀ ଉଷ୍ମତା। କେଉଁ ଦଳରୁ କିଏ ପ୍ରାର୍ଥୀ ହେବେ ତାହା ଚର୍ଚ୍ଚାର ପ୍ରସଙ୍ଗ ରହିଛି। ମୟୂରଭଞ୍ଜ ଜିଲାରେ ୨୦୧୪ ସାଧାରଣ ନିର୍ବାଚନ ଓ ଗତ ପଞ୍ଚାୟତ ନିର୍ବାଚନରେ ଭାଜପାର ଉତ୍ଥାନ ପରେ ରାଜନୈତିକ ସମୀକରଣ ବଦଳିଛି। ଭାଜପାକୁ ଟାର୍ଗେଟ କରି ବିଜେଡି ନିଜକୁ ପ୍ରସ୍ତୁତ କରୁଛି। ସେହିପରି କଂଗ୍ରେସ ଓ ଜେଏମ୍ଏମ୍ ସମେତ ଅନ୍ୟ ଦଳମାନେ ଅନୁରୂପ ଶକ୍ତି ବୃଦ୍ଧି କରିବାରେ ଲାଗି ପଡିଛନ୍ତି। ତେବେ ଭାଜପା ପୂର୍ବ ସ୍ଥିତକୁ ପରଖି ଆଗକୁ ବଢିବା ଲକ୍ଷ୍ୟରେ ରହିଛି। ଅନ୍ୟପକ୍ଷରେ ପ୍ରତିଶ୍ରୁତି ଦେଇ ପାଳନ କରି ନ ଥିବା ପ୍ରାର୍ଥୀଙ୍କ ହାତ ଛାଡିବା ନେଇ ଭୋଟରମାନେ ପ୍ରତିକ୍ରିୟା ପ୍ରକାଶ କରୁଛନ୍ତି। ଏଭଳି ସ୍ଥିତିରେ ନିର୍ବାଚନୀ ଦୃଶ୍ୟପଟ୍ଟ ଗୋଳମାଳିଆ ହୋଇପଡିଛି।

ରାଜ୍ୟର ଅନ୍ୟ ବିଧାନସଭା କ୍ଷେତ୍ର ମଧ୍ୟରୁ ମୟୂରଭଞ୍ଜ ଜିଲାର ଦ୍ୱିତୀୟ ଶ୍ରୀକ୍ଷେତ୍ର ମାନ୍ୟତା ପାଇଥିବା ବାରିପଦାର ସ୍ଥାନ ସ୍ୱତନ୍ତ୍ର। ଏହି ଆସନ ରାଜ୍ୟ ରାଜନୀତିରେ ସଦା ଗୁରୁତ୍ୱ ବଜାୟ ରଖି ଆସିଛି। ବାରିପଦା ପୌର ପରିଷଦ ସହିତ ବାରିପଦା ବ୍ଲକ , ଖୁଣ୍ଟାବ୍ଲକ ଏବଂ ବଡସାହି ବ୍ଲକର ଗୁଡିଆଳିବନ୍ଧ, ଜଦୁନାଥପୁର, ଜାରକଣି, ଖାନୁଆ, ନଉପାଳ, ପୂର୍ଣ୍ଣଚନ୍ଦ୍ରପୁର, ସାରନକେରକୋ, ଟଙ୍ଗାଶୋଳ ଓ ଉଠାଣିନୁଆଗାଁ ଆଦି ୯ ଟି ପଞ୍ଚାୟତକୁ ନେଇ ବାରିପଦା ବିଧାନସଭା ନିର୍ବାଚନ ମଣ୍ଡଳୀ(ନଂ.୩୩) ଗଠିତ। ଭୋଟର ସଂଖ୍ୟା୧ ଲକ୍ଷ ୯୦ ହଜାର। ଏହା ଆଦିବାସୀ ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି।

୨୦୦୪ରେ ଏହି ଆସନରେ ଜେଏମଏମ ପ୍ରାର୍ଥୀ ବିମଳ ଲୋଚନ ଦାସ ବିଧାୟକ ଥିବା ବେଳେ ୨୦୦୯ ଓ ୨୦୧୪ରେ ବିଜେଡିର ପ୍ରାର୍ଥୀ ଭାବେ ସାନନ୍ଦ ମାରାଣ୍ଡି ବିଜୟୀ ହୋଇ ବିଧାୟକ ଅଛନ୍ତି। ସେ ଓଡିଶା ବିଧାନସଭାର ଉପବାଚସ୍ପତି ଅଛନ୍ତି। ଗତ ୧୦ ବର୍ଷ ଧରି ସାମ୍ବିଧାନିକ ପଦବୀରେ ରହିବା ଯୋଗୁ ସେ କୌଣସି ଦଳୀୟ କାର୍ଯ୍ୟକ୍ରମରେ ଯୋଗ ଦେଇ ପାରୁନାହାନ୍ତି। ଦଳୀୟ କର୍ମୀ ଓ ଜନ ସାଧାରଣଙ୍କ ଉପରେ ଏହାର ନକରାତ୍ମକ ପ୍ରଭାବ ପଡିଛି। ବାରିପଦା ବିଧାନସଭା ନିର୍ବାଚନମଣ୍ଡଳୀକୁ ବିଜେଡି ଯଦି ମହିଳା ପ୍ରାର୍ଥୀଙ୍କ ପାଇଁ ଉତ୍ସର୍ଗ କରେ ତାହାହେଲେ ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ ଦଳର ପ୍ରଥମ ପସନ୍ଦ ହୋଇ ପାରନ୍ତି ବୋଲି କର୍ମୀମାନେ ଆଲୋଚନା କରୁଛନ୍ତି। ସରୋଜିନୀ ସିଧା କିଛି କହୁ ନ ଥିଲେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମରେ ତାଙ୍କୁ ଆଗଧାଡିରେ ଦେଖିବାକୁ ମିଳୁଛି। ସାନନ୍ଦ ଓ ସରୋଜିନୀଙ୍କ ବ୍ୟତୀତ ବିଜେଡିର ଅନ୍ୟ କୌଣସି ପ୍ରାର୍ଥୀ ଆଶାୟୀ ଥିବା ସ୍ପଷ୍ଟ ହୋଇ ନାହିଁ। ଗତ ପଞ୍ଚାୟତ ନିର୍ବାଚନରେ ବାରିପଦା ନିର୍ବାଚନ ମଣ୍ଡଳୀ ଜିଲା ପରିଷଦ ନିର୍ବାଚନ ଫଳାଫଳ ଦଳ ସପକ୍ଷରେ ଯାଇ ନ ଥିବାରୁ ଏହା ଦଳର ଚିନ୍ତା ବଢାଇଛି। ଉକ୍ତ ନିର୍ବାଚନ ମଣ୍ଡଳୀର ୫ ଜିଲାପରିଷଦ ଆସନରୁ କେବଳ ଗୋଟିଏ ବିଜେଡି ଖାତାକୁ ଯାଇଥିଲା। ସାନନ୍ଦ ସାମ୍ବିଧାନିକ ପଦବୀରେ ଥିବାରୁ ନିଜର କିମ୍ବା ଦଳର ପ୍ରଚାର କରି ପାରୁନ ଥିବା ବେଳେ ସରୋଜିନୀ ନିର୍ବାଚନ ମଣ୍ଡଳୀର ବିଭିନ୍ନ ମହିଳା ନେତ୍ରୀଙ୍କୁ ନେଇ ଛୋଟ ବଡ ବୈଠକ ମାନ କରୁଛନ୍ତି।

ସାନନ୍ଦ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ବିଗତ ୧୦ ବର୍ଷ ମଧ୍ୟରେ ବାରିପଦା ନିର୍ବାଚନମଣ୍ଡଳୀର ଯଥେଷ୍ଟ ବିକାଶ ହୋଇଛି। ଜମ୍ବିରା ନଦୀରୁ ବାରିପଦା ସହରକୁ ୨୪ ଘଣ୍ଟା ପାନୀୟ ଜଳ ଯୋଗାଣ ପାଇଁ ନିର୍ମାଣ କାର୍ଯ୍ୟ ଯୁଦ୍ଧ କାଳୀନ ଭିତ୍ତିରେ ଆଗେଇ ଚାଲିଛି। ଖୁବଶୀଘ୍ର ସହରବାସୀ ଏହାର ସୁବିଧା ନେବେ। ବାରିପଦାରେ ମେଡିକାଲ କଲେଜ ପ୍ରତିଷ୍ଠା ଦିଗରେ ଉଦ୍ୟମ କରିବା ସହ ବାରିପଦା କୋଅପରେଟିଭ ଅର୍ବାନ ବ୍ୟାଙ୍କର ଜମାକାରୀଙ୍କ ସମସ୍ୟା ଏବଂ ବାରିପଦାରେ ରିଂ ରୋଡ ନିର୍ମାଣ ନେଇ ସେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଦାବି ଜଣାଇଥିବା କହିଛନ୍ତି। ଦଳ ପୁନର୍ବାର ତାଙ୍କୁ ଟିକଟ ଦେବ କି ନାହିଁ, ସେ ନିଷ୍ପତ୍ତି ଦଳର ସଭାପତି ନେବେ। ପଞ୍ଚାୟତ ନିର୍ବାଚନରେ ଦଳର ଭୁଲ ରଣନୀତିକୁ ସୁଧାରବା ଲାଗି ଦଳ ପ୍ରାଥମିକତା ଦେଇଥିବା ସେ କହିଛନ୍ତି। ରାଜ୍ୟସଭା ସଦସ୍ୟା ସରୋଜିନୀ କହିଛନ୍ତି, ପ୍ରାର୍ଥୀ ଚୟନ ଦଳର ସଭାପତିଙ୍କ ନିଷ୍ପତ୍ତି ଉପରେ ନିର୍ଭର କରେ। ତେବେ ଦଳ ତାଙ୍କୁ ଯାହା ଦାୟିତ୍ୱ ଦେବ ଶୃଙ୍ଖଳିତ କର୍ମୀ ହିସାବରେ ସେ ତାହାକୁ ନିର୍ବାହ କରିବେ ବୋଲି କହିଛନ୍ତି।

ଭାଜପାରେ ପୂର୍ବତନ ଜିଲା ପରିଷଦ ସଭାପତି ପ୍ରକାଶ ସୋରେନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସୁମନ ସିଂ, ଯୁବ ନେତା ପ୍ରିୟବ୍ରତ ମାଝୀ, କଂଗ୍ରେସରେ ଯୁବ ସଭାପତି ରାକେଶ ସିଂ, କମଳା ତିରିଆ, ବିଶ୍ୱନାଥ ପୁର୍ତ୍ତୀ, ଦଶରଥ ମାରାଣ୍ଡି ଏବଂ ଜେଏମଏମରେ ଜିଲା ସଭାପତି ଫାଗୁ ହାଁସଦା, ପ୍ରଭୁଦାନ ମାରାଣ୍ଡି ଓ ଦାସ ମାରାଣ୍ଡି ପ୍ରମୁଖ ଆଶାୟୀ ରହିଛନ୍ତି। ଉପରୋକ୍ତ ୩ ଦଳର ଆଶାୟୀଙ୍କ ମଧ୍ୟରୁ ଭାଜପା ଯୁବ ନେତା ପ୍ରିୟବ୍ରତ ମାଝୀ କଂଗ୍ରେସରୁ ବିଧାୟକ ପ୍ରାର୍ଥୀ ଭାବେ ଲଢ଼ିଥିଲେ। ସେହିପରି ଭାଜପାରୁ ନିଶାମଣୀ ବାସ୍କେ ଏବଂ ଜେଏମଏମରୁ ଫାଗୁ ହାଁସଦା ଲଢିଥିଲେ। ପ୍ରିୟବ୍ରତ ଏବେ କଂଗ୍ରେସ ଛାଡି ଭାଜପାରେ ଥିବା ବେଳେ ନିଶାମଣି ବାସ୍କେ ସକ୍ରିୟ ରାଜନୀତିଠାରୁ ଦୂରରେ ରହିଛନ୍ତି। ତେବେ ଫାଗୁ ହାଁସଦା ବିଧାୟକ ପ୍ରାର୍ଥୀ ହେବାକୁ ଆଶାୟୀ ଅଛନ୍ତି। ଭାଜପାର ଆଶାୟୀ ପ୍ରାର୍ଥୀ ପ୍ରକାଶ କହିଛନ୍ତି, ବିଗତ ୧୦ବର୍ଷରେ ଏହି ନିର୍ବାଚନମଣ୍ଡଳୀରେ କୌଣସି ବିକାଶ କାର୍ଯ୍ୟ ହୋଇନାହିଁ। ଏଥର ଭାଜପାକୁ ଲୋକେ ପ୍ରଥମ ପସନ୍ଦ ଭାବେ ବାଛିବେ। କଂଗ୍ରେସର ଯୁବ ସଭାପତି ରାକେଶ କହିଛନ୍ତି, ପୂର୍ବାପେକ୍ଷା ଏବେ ଦଳର ସ୍ଥିତି ମଜବୁତ ରହିଛି। ପୂର୍ବରୁ ବାରିପଦା କଂଗ୍ରେସର ଗଡ ଭାବେ ପରିଚିତ ଥିଲା। ଆସନ୍ତା ନିର୍ବାଚନରେ ଏହି ଆସନ କଂଗ୍ରେସ ହାତକୁ ଫେରିବ। ଜେଏମଏମ ଜିଲା ସଭାପତି ଫାଗୁ ହାଁସଦା କହିଛନ୍ତି, ମୟୂରଭଞ୍ଜ ଜିଲାରେ ଆଦିବାସୀଙ୍କ ସଂଖ୍ୟା ଅଧିକ। ଜେଏମଏମ ସବୁବେଳେ ଆଦିବାସୀଙ୍କ ହକ୍ ପାଇଁ ଲଢ଼େଇ କରି ଆସିଛି। କେନ୍ଦ୍ର ଓ ରାଜ୍ୟ ସରକାର ଦାବି ଗ୍ରହଣ କରୁ ନ ଥିବାରୁ ଆଦିବାସୀଙ୍କ ସାମୂହିକ ବିକାଶ ହୋଇ ପାରୁ ନ ଥିବା ଲୋକେ ବୁଝି ସାରିଲେଣି। ଏବେ ଲୋକ ସମର୍ଥନ ଜେଏମଏମ ପ୍ରତି ରହିଛି ବୋଲି ସେ କହିଥଲେ। ନିର୍ବାଚନମଣ୍ଡଳୀର ସଚେତନ ନାଗରିକ ସଞ୍ଜୀବ ପ୍ରଧାନ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି. ପ୍ରତିଥର ନିର୍ବାଚନ ବେଳେ ପ୍ରତିଶ୍ରୁତି ଦେଇ ପ୍ରାର୍ଥୀମାନେ ଭୋଟ ଭିକ୍ଷା କରିଥାନ୍ତି। ପରେ ସବୁ କିଛି ଭୁଲି ଯାଆନ୍ତି। ଏଭଳି ପ୍ରାର୍ଥୀଙ୍କ ହାତ ଭୋଟରମାନେ ଛାଡିବା ନିଶ୍ଚିତ। ତେବେ ଲୋକଙ୍କ ସହିତ ଥିବା ପ୍ରାର୍ଥୀଙ୍କୁ ସେ ସମର୍ଥନ ଦେବେ ବୋଲି ସେ କହିଥିଲେ।


ସାନନ୍ଦ ମାରାଣ୍ଡି


ସରୋଜିନୀ ହେମ୍ବ୍ରମ


ଫାଗୁ ହାଁସଦା


ସୁମନ ସିଂ


ରାକେଶ ସିଂ

---

# ବିଜେଡି ଟିକେଟ ଲାଗି ଛକାପଞ୍ଝା

ଜୟନାରାୟଣ ମେଣ୍ଡୁଲି
ସୁନ୍ଦରଗଡ଼, ୧୧।୩

ଏକଦା କଂଗ୍ରେସ ଗଡ଼ ଭାବେ ପରିଚିତ ସୁନ୍ଦରଗଡ଼ ବିଧାନସଭା ଆସନକୁ ହାତେଇବା ପାଇଁ ୩ ପ୍ରମୁଖ ରାଜନୈତିକ ଦଳ କଂଗ୍ରେସ, ବିଜେଡି, ଭାଜପା ରଣକୌଶଳ ଆରମ୍ଭ କରିଦେଇଛନ୍ତି। ସବୁଦଳରେ ଆଶାୟୀଙ୍କ ସଂଖ୍ୟା ଲମ୍ବା ହେବାରେ ଲାଗିଛି। ଟିକେଟ୍ ପାଇଁ ପ୍ରତି ଦଳରେ ଏକାଧିକ ଆଶାୟୀ ରହିଛନ୍ତି। ହେଲେ କଂଗ୍ରେସ ଛାଡି ଯୋଗେଶ ସିଂ ବିଜେଡି ଯୋଗଦେବା ପରେ ଦଳୀୟ ଟିକେଟ ଲାଗି ଅଡୁଆ ପରିସ୍ଥିତି ସୃଷ୍ଟି ହୋଇଛି। ଏଥି ଲାଗି ୨୦୧୪ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିବା କୁସୁମ ଟେଟେ ଓ ପୂର୍ବତନ ବିଧାୟକ ଯୋଗେଶ ସିଂଙ୍କ ମଧ୍ୟରେ ଛକାପଞ୍ଝା ଲାଗିରହିଛି।

ସୁନ୍ଦରଗଡ଼ ସଦର, ଟାଙ୍ଗରପାଲି, ହେମଗିର ବ୍ଲକ ଏବଂ ଲେଫ୍ରିପଡା ବ୍ଲକର ୭ଟି ଗ୍ରାମପଞ୍ଚାୟତକୁ ନେଇ ଏହି ନିର୍ବାଚନମଣ୍ଡଳୀ ଗଠିତ। ପୂର୍ବରୁ ଏହି ଆସନ ଅଣସଂରକ୍ଷିତ ଥିଲା। ୨୦୦୯ରୁ ଅନୁସୂଚିତ ଜନଜାତିଙ୍କ ପାଇଁ ସଂରକ୍ଷିତ ହୋଇଥିଲା। ୨୦୦୯ ଓ ୨୦୧୪ ନିର୍ବାଚନରେ ଯୋଗେଶ ସିଂ କଂଗ୍ରେସ ଟିକେଟରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ସେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେବା ପରେ ଏବେ ନୂଆ ସମୀକରଣ ସୃଷ୍ଟି ହେବାକୁ ଯାଉଛି। ବିଜେଡିରେ ଯୋଗେଶଙ୍କ ଯୋଗଦାନ ପରେ ଏହି ଆସନ ପାଇଁ ଦାବିଦାର ଥିବା କୁସୁମ ଟେଟେଙ୍କ ଚିନ୍ତା ବଢ଼ିଛି। ପ୍ରଥମେ ଯୋଗେଶଙ୍କ ଯୋଗଦାନକୁ କୁସୁମଙ୍କ ସମର୍ଥକମାନେ ବିରୋଧ କରିଥିଲେ। ପରବର୍ତ୍ତୀ ସମୟରେ ନବୀନ ନିବାସରେ ଆଲୋଚନା ପରେ କୁସୁମଙ୍କୁ ସୁନ୍ଦରଗଡ଼ ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷା ପଦବୀରେ ନିଯୁକ୍ତି ମିଳିଥିଲା। ଏହାପରେ ଯଦିଓ କୁସୁମ ଯୋଗେଶଙ୍କୁ ଖୋଲାଖୋଲି ବିରୋଧ କରୁନାହାନ୍ତି ତଥାପି ଟିକେଟ ହାତେଇବା ପାଇଁ ସେ ବିଭିନ୍ନ ସମାବେଶ କରି ନିଜର ଶକ୍ତି ପ୍ରଦର୍ଶନ କରିବାରେ ପଛେଇ ନାହାନ୍ତି। ଝାରସୁଗୁଡ଼ା ଜିଲା ଯୁବକଂଗ୍ରେସର ପୂର୍ବତନ ସଭାପତି ଅଜୟ ଟେଟେ କଂଗ୍ରେସ ଛାଡି ବିଜେଡିରେ ଯୋଗଦେଇଥିଲେ। ଏହାପରେ ତାଙ୍କ ସ୍ତ୍ରୀ କୁସୁମଙ୍କୁ ୨୦୧୪ ନିର୍ବାଚନରେ ବିଜେଡି ଟିକେଟ ମିଳିଥିଲା। ହେଲେ ଯୋଗେଶଙ୍କଠାରୁ ସେ ପରାଜିତ ହୋଇଥିଲେ। ଏହା ପରେ ବି ସେ ସାଢେ ୪ବର୍ଷ ଧରି ବିଜେଡି ସଙ୍ଗଠନକୁ ସୁଦୃଢ କରି ଆସିଥିବାରୁ ଏହି ଆସନ ପାଇଁ ସେ ଏକମାତ୍ର ଦାବିଦାର ବୋଲି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଅନ୍ୟପକ୍ଷେ କୁସୁମଙ୍କ ପ୍ରାର୍ଥିତ୍ୱକୁ ବିଜେଡିର କେତେକ ବରିଷ୍ଠ ନେତୃବୃନ୍ଦ ଖୋଲାଖୋଲି ବିରୋଧ କରୁ ନ ଥିଲେ ମଧ୍ୟ ଗ୍ରହଣ କରୁନାହାନ୍ତି। ଏ ନେଇ କୁସୁମ କହନ୍ତି, ରାଜ୍ୟ ସରକାରଙ୍କ ବିଭିନ୍ନ ଲୋକାଭିମୁଖୀ ଯୋଜନାଗୁଡିକର ସୁଫଳ କିଭଳି ଲୋକଙ୍କ ନିକଟରେ ପହଞ୍ଚିବ ସେ ଦିଗରେ କର୍ମୀଙ୍କୁ ସଙ୍ଗଠିତ କରି କାର୍ଯ୍ୟ କରିଚାଲିଛି। ଏଥର ନିର୍ବାଚନରେ ଟିକେଟ କିଏ ପାଇବ ସେ ନିଷ୍ପତ୍ତି ଦଳର ସଭାପତି ହିଁ ନେବେ। ସର୍ଗିପାଲି ଜମିଦାର ପରିବାରରୁ ଆସିଥିବା ଯୋଗେଶ ସିଂ କହନ୍ତି, ଗତ ୧୦ବର୍ଷ ଧରି ନିର୍ବାଚନମଣ୍ଡଳୀର ଜନସାଧାରଣଙ୍କ ସହ ରହିଥିବା ସୁସମ୍ପର୍କ ଓ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ କରି ମୁଁ ଲୋକଙ୍କ ନିକଟତର ହୋଇଛି। ଏଥର ନବୀନ ବାବୁଙ୍କ ନେତୃତ୍ୱରେ ଚାଲିଥିବା ବିକାଶ ଧାରାରେ ସୁନ୍ଦରଗଡ଼କୁ ଆହୁରି ବିକଶିତ କରିବା ପାଇଁ ମୁଁ ସଂକଳ୍ପବଦ୍ଧ ବୋଲି ସେ କହିଛନ୍ତି।

ଏପଟେ କଂଗ୍ରେସରେ ଆଶାୟୀଙ୍କ ତାଲିକା ବଢ଼ିଛି। ଆଶାୟୀଙ୍କ ମଧ୍ୟରେ ଟାଙ୍ଗରପାଲି ବ୍ଲକ ଅଧ୍ୟକ୍ଷ ଜଟିଆ ମୁଣ୍ଡା, ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ମେଘନାଦ ନାଏକ, ଯୋଗେଶଙ୍କ ବଡଭାଇ ନରେଶ ପ୍ରତାପ ସିଂ ପ୍ରମୁଖଙ୍କ ନାମ ଶୁଣିବାକୁ ମିଳୁଛି। ପୂର୍ବତନ ମୁଖ୍ୟମନ୍ତ୍ରୀ ହେମାନନ୍ଦ ବିଶ୍ୱାଳଙ୍କ ସାନଝିଅ ତଥା ସୁନ୍ଦରଗଡ଼ର ବୋହୂ ଅମିତା ବିଶ୍ୱାଳ ଏଥର କଂଗ୍ରେସରୁ ଟିକେଟ ପାଇବା ପାଇଁ ଆଶାବାଦୀ। ବାପାଙ୍କ ପ୍ରେରଣା, ଦଳୀୟ ସଙ୍ଗଠନ ଓ କାର୍ଯ୍ୟକର୍ତ୍ତାଙ୍କ ସହଯୋଗରେ ସେ ଟିକେଟ ପାଇଲେ କଂଗ୍ରେର ସ୍ଥିତାବସ୍ଥା ପୂର୍ବଭଳି ବଜାୟ ରଖିବେ ବୋଲି କହିଛନ୍ତି।

୨୦୦୯ ନିର୍ବାଚନରେ ବିଜେଡି ପ୍ରାର୍ଥୀ ହୋଇଥିବା ହେମଗିର ରାଜପରିବାରର ସୁନୀଲ ସିଂଦେଓ ଭାଜପାରେ ଯୋଗଦେବା ପରେ ସେ ଏହି ଆସନରୁ ପ୍ରାର୍ଥୀ ହୋଇପାରନ୍ତି ବୋଲି ଆଲୋଚନା ହେଉଛି। ଅନ୍ୟମାନଙ୍କ ମଧ୍ୟରେ ସଦର ବ୍ଲକ ଜିଲାପରିଷଦ ସଭ୍ୟ ସୁଖଲାଲ ମୁଣ୍ଡା, ସହଦେବ ଖାଖା, ପ୍ରେମସାଗର ଓରାମ ପ୍ରମୁଖ ଦାବିଦାର ରହିଛନ୍ତି। ଭାଜପାରୁ ଟିକେଟ ମିଳିଲେ ଲୋକଙ୍କ ସ୍ନେହଶ୍ରଦ୍ଧା ବଳରେ ମୁଁ ବିଜୟୀ ହେବି ବୋଲି ଆଶା ରଖିଥିବା ସୁନୀଲ କହିଛନ୍ତି। ଏହି ଆସନରେ ମୁଖ୍ୟତଃ ଭୂୟାଁ ଆଦିବାସୀ ଓ ଅଘରିଆ ଭୋଟରମାନେ ନିର୍ବାଚନବେଳେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥାନ୍ତି। ଅନ୍ୟପକ୍ଷେ ସୁନ୍ଦରଗଡ଼ ରାଜପରିବାରର ପ୍ରଭାବ ମଧ୍ୟ ଏହି ନିର୍ବାଚନମଣ୍ଡଳୀରେ ରହିଥିବାରୁ ଆଗାମୀ ନିର୍ବାଚନ ଉପରେ ସମସ୍ତଙ୍କ ନଜର ରହିଛି।

**୨୦୧୪ ନିର୍ବାଚନ ଫଳାଫଳ**

| | | |
|---|---|---|
| କଂଗ୍ରେସ | ଯୋଗେଶ ସିଂ | ୬୬,୧୩୮ |
| ବିଜେଡି | କୁସୁମ ଟେଟେ | ୫୩, ୫୫୪ |
| ଭାଜପା | ସହଦେବ ଖାଖା | ୨୭,୯୩୫ |



**ସୁନ୍ଦରଗଡ଼ ବିଧାନସଭା ନିର୍ବାଚନମଣ୍ଡଳୀ**

ମୋଟ ଭୋଟର ସଂଖ୍ୟା ୨,୨୭,୮୧୦

ମହିଳା ଭୋଟର ୧,୧୩,୯୩୩

ପୁରୁଷ ଭୋଟର ୧,୧୩,୮୬୭

ଅନ୍ୟାନ୍ୟ ଭୋଟର ୧୦


ଯୋଗେଶ ସିଂ


କୁସୁମ ଟେଟେ


ଅମିତା ବିଶ୍ୱାଳ


ସୁନୀଲ ସିଂଦେଓ


ସୁଖଲାଲ ମୁଣ୍ଡା



ପରର ମଙ୍ଗଳ କରିବା ସବୁଠାରୁ ବଡ଼ ଧର୍ମ। ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ଼ ପାପ।

-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ଝରକା ତାଡ଼ି ୪୦ହଜାର ଟଙ୍କା, ସୁନା ଲୁଟ୍

**ପୁରୁଣା ଭୁବନେଶ୍ୱର,୧୧।୩(ଡି.ଏନ୍.ଏ.):** ଶ୍ରୀ ଲିଙ୍ଗରାଜ ଥାନା ଅଧୀନ ମହାବୀର ନଗର ଅଞ୍ଚଳରୁ ରବିବାର ରାତିରେ କେତେକ ଲୁଟେରା ଝରକା ତାଡି ଲୁଟପାଟ କରିଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ପୋଲିସ ସୂଚନା ମୁତାବକ, ଏଠାରେ ରହୁଥିବା ଜନୈକ ବ୍ୟାଙ୍କ ମ୍ୟାନେଜର ପ୍ରଭାସ କୁମାର ବିଶ୍ୱାଳଙ୍କ ବେଡରୁମ ପଛଘରୁ କେତେକ ଲୁଟେରା ଘରର ଝରକା ତାଡ଼ି ୪୦ହଜାର ଟଙ୍କା ସହ ଦେଢ଼ ଲକ୍ଷ ଟଙ୍କାର ସୁନା ଅଳଙ୍କାର ଲୁଟି ନେଇ ଫେରାର ହୋଇଯାଇଛନ୍ତି। ସକାଳୁ ପ୍ରଭାସ ଜାଣିବା ପରେ ଲିଙ୍ଗରାଜ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ୪୩/୧୯ରେ ଏକ ମାମଲା ରୁଜୁ କରିଛି।

### ମଦ ଦୋକାନ ମ୍ୟାନେଜରଙ୍କ ଠାରୁ ୨ ଲକ୍ଷ ଲୁଟ୍

**କଣାସ,୧୧।୩(ଡି.ଏନ୍.ଏ.):** ଡେଲାଙ୍ଗ ଥାନା ଅଧୀନ ସାଉରିଆ ମୌଜାରେ ମଦ ଦୋକାନ ମ୍ୟାନେଜର ଚକ୍ରଧର ସାହୁଙ୍କୁ ରବିବାର ରାତିରେ କେତେଜଣ ଦୁର୍ବୃତ୍ତ ଆକ୍ରମଣ କରିବା ସହ ୨ଲକ୍ଷ ଟଙ୍କା, ସୁନା ଚେନ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ଚକ୍ରଧର ସାଉରିଆ ସମେତ ବିଭିନ୍ନ ସ୍ଥାନରେ ଥିବା ତାଙ୍କ ସରକାରୀ ଅନୁମୋଦିତ ମଦ ଦୋକାନରୁ ବିକ୍ରି ଟଙ୍କା ସଂଗ୍ରହ କରି ନିଜ ଗ୍ରାମ ଉତ୍ତରାକୁ ଫେରୁଥିଲେ। ଖୋର୍ଦ୍ଧା ପଟ୍ଟନାୟିକିଆ ସଡକର ଲୁହାଗଡ ଛକ ପାର୍ଶ୍ୱରେ ପୂର୍ବରୁ ଏକ ପଲସର, ହିରୋ ହୋଣ୍ଡାରେ ଆସି ଛକି ରହିଥିବା ୪ଜଣ ଯୁବକ ଧାରୁଆ ଅସ୍ତ୍ରରେ ଚକ୍ରଧରଙ୍କ ମୁଣ୍ଡ ଓ କାନ୍ଧକୁ ହାଣିବା ସହ ବାମ ଗୋଡକୁ ଆଘାତ କରିଥିଲେ। ପୋଲିସ ଏକ ମାମଲା (ନଂ.୫୧/୧୯)ରୁଜୁ କରି ତଦନ୍ତ ଚଳାଇଛି।

### ଚମ୍ପାଗଡ଼ରେ ବିଶ୍ୱଶାନ୍ତି ମହାଘୃତଯଜ୍ଞ

**ଟାଙ୍ଗୀ (ଖୋର୍ଦ୍ଧା),୧୧।୩ (ଡି.ଏନ.ଏ.):** ଚମ୍ପାଗଡ ଗ୍ରାମର ଶ୍ରୀ ଶ୍ରୀ ସ୍ୱପ୍ନେଶ୍ୱର ଦେବଙ୍କ ପୀଠରେ ୫ ଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଘୃତ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ସୋମବାର ପୂର୍ଣ୍ଣାହୁତି ଦିଆଯାଇଥିଲା। ଏହି ଅବସରରେ ପ୍ରତ୍ୟହ ରାତିରେ ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ନାଟକ ମଞ୍ଚସ୍ଥ ହୋଇଥିଲା । ଅନୁରୂପ ଭାବେ ଟାଙ୍ଗୀ ଉପିମରା ପାଟଣାସ୍ଥିତ ମା' ନାରାୟଣୀ ଦେବୀଙ୍କ ପବିତ୍ର ପୀଠରେ ୩ ଦିନ ବ୍ୟାପୀ ଚଣ୍ଡୀ ମହାଯଜ୍ଞ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ସୋମବାର ପୂର୍ଣ୍ଣାହୁତି ପ୍ରଦାନ କରାଯାଇଛି ।

### ଶ୍ରୀରାମକୃଷ୍ଣ ପରମହଂସ ଦେବଙ୍କ ଜନ୍ମୋତ୍ସବ

**ବୋଲଗଡ଼,୧୧।୩(ଡି.ଏନ.ଏ.):** ବୋଲଗଡ଼ ବ୍ଲକ ଟିକାତାଲସ୍ଥିତ ଶ୍ରୀରାମକୃଷ୍ଣ ସେବାଶ୍ରମ ପରିସରରେ ସୋମବାର ଶ୍ରୀରାମକୃଷ୍ଣ ପରମହଂସଦେବଙ୍କ ୧୮୪ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି । ଏହି ଅବସରରେ ସାମୂହିକ ଜପ, ଧ୍ୟାନ ସହିତ ଶିକ୍ଷକ ଦିଲୀପ କୁମାର ପଣ୍ଡାଙ୍କ ଦ୍ୱାରା ଶ୍ରୀରାମକୃଷ୍ଣ କଥାମୃତ ପାଠ କରାଯାଇଥିଲା । ଭକ୍ତ ରାଜକିଶୋର ଛୁଆଳସିଂହ ଭାଗବତ ପଠନ କରିଥିଲେ। ଆୟୋଜିତ ଧର୍ମସଭାରେ ରାମକୃଷ୍ଣଙ୍କ ଜୀବନୀ ଓ ବାଣୀ ବିଷୟରେ ଚର୍ଚ୍ଚା ହୋଇଥିଲା । ମୁଖ୍ୟଅତିଥି ଭାବେ ପୁରୀ ରାମକୃଷ୍ଣ ମିଶନ ଆଶ୍ରମର ଅଧ୍ୟକ୍ଷ ସ୍ୱାମୀ ଆପ୍ତେଶ୍ୱରାନନ୍ଦଜୀ ମହାରାଜ ଯୋଗଦେଇ ମଠ, ମିଶନ, ସେବାଶ୍ରମ ଓ ରାମକୃଷ୍ଣଙ୍କ ବାଣୀ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସେବାଶ୍ରମର ସହ ସମ୍ପାଦକ ସର୍ବେଶ୍ୱର ସାହୁଙ୍କ ଆବାହକତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ସ୍ୱାମୀ ଭାବତାନନ୍ଦପୁରୀ ପୌରୋହିତ୍ୟ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁରୀସ୍ଥିତ ରାମକୃଷ୍ଣ ମିଶନ ଭକ୍ତ ଧନଞ୍ଜୟ ଦାଶ ଯୋଗଦେଇଥିଲେ ।

### ହଟିଲା ରାଜନେତାଙ୍କ ହୋର୍ଡିଂ, ପୋଷ୍ଟର

**ବୋଲଗଡ଼,୧୧।୩(ଡି.ଏନ.ଏ.):** ନିର୍ବାଚନ ପାଇଁ ବିଜ୍ଞପ୍ତି ଘୋଷଣା ହେବା ସହିତ ଆଦର୍ଶ ଆଚରଣ ବିଧି ଲାଗୁହୋଇଛି । ଏହି ପରିପ୍ରେକ୍ଷୀରେ ବୋଲଗଡ଼ ବ୍ଲକ ଅଞ୍ଚଳର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଓ ଅନୁଷ୍ଠାନ ପରିସର, ବିଦ୍ୟୁତ୍ ଖୁଣ୍ଟ, ସର୍ବସାଧାରଣ ସ୍ଥାନରେ ରାଜନେତାଙ୍କ ଫଟୋ ଥିବା ହୋର୍ଡିଂ, ବ୍ୟାନର, ବିଜ୍ଞାପନ ଓ ପୋଷ୍ଟର ଇତ୍ୟାଦି ପ୍ରଚାରପତ୍ରଗୁଡ଼ିକୁ ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ହଟାଇ ଦିଆଯାଇଛି। ନିର୍ବାଚନ କମିଶନରଙ୍କ ନିର୍ଦ୍ଦେଶକ୍ରମେ ସୋମବାର ବୋଲଗଡ଼ ବିଡିଓ ମଧୁସୂଦନ ବେହେରା ଏବଂ ତହସିଲଦାର ମୋନାଲିସା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ୨ଟି ଟିମ୍ ବ୍ଲକ ଅଞ୍ଚଳରେ ଉପରୋକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି।

---

■ ନିର୍ବାଚନ ପାଇଁ କମିଶନରେଟ ପୋଲିସର ପ୍ରସ୍ତୁତି

# ଭୁବନେଶ୍ୱରର ୧୮୧, କଟକର ୨୩୪ ବୁଥ୍ ସମ୍ବେଦନଶୀଳ

**ଭୁବନେଶ୍ୱର,୧୧।୩ (ବ୍ୟୁରୋ)**

■ଦ୍ୱୈତନଗରୀରେ ୧୦ ଫ୍ଲାଇଙ୍ଗ୍ ସ୍କ୍ୱାଡ୍

■ମଦ, ଟଙ୍କା କାରବାର ଉପରେ ଲାଗିବ ଅଙ୍କୁଶ

ଏପ୍ରିଲ୍ ୧୧ରୁ ଆରମ୍ଭ ହେଉଛି ସାଧାରଣ ନିର୍ବାଚନ। ଓଡିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଘୋଷଣା ହୋଇଥିବାବେଳେ ଭୁବନେଶ୍ୱର ଓ କଟକରେ ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ତଥା ନିରପେକ୍ଷ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ପୋଲିସ କମିଶନର ରାଜ୍ୟ ନିର୍ବାଚନ କମିଶନରଙ୍କ ସହ ଆଲୋଚନା କରିଛନ୍ତି। ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ ସୂଚନାନୁସାରେ, ଭୁବନେଶ୍ୱରରେ ୧୧୫୬ଟି ବୁଥ ରହିଥିବାବେଳେ ୧୮୧ ବୁଥ୍ ସମ୍ବେଦନଶୀଳ। ସେହିପରି କଟକର ୭୬୪ ବୁଥ୍ ମଧ୍ୟରୁ ୨୩୪ଟି ବୁଥ୍ ସମ୍ବେଦନଶୀଳ ରହିଛି। ଏହି ବୁଥ୍‌ଗୁଡ଼ିକ ଉପରେ ନଜର ରଖିବ ୪୪ଟି ମୋବାଇଲ୍ ପାଟ୍ରୋଲିଂ ଟିମ୍। ଏଥିରେ ଇନ୍ସପେକ୍ଟର ର୍‍ୟାଙ୍କ୍‌ର ୨୦ଜଣ ସେକ୍ଟର ଅଫିସର ନିୟୋଜିତ ହେବେ। ଦୁଇଟି ପାଟ୍ରୋଲିଂ ଟିମ୍ ପାଇଁ ଜଣେ ସେକ୍ଟର ଅଫିସର ରହିବେ। ୪ ମୋବାଇଲ୍ ପାଟ୍ରୋଲିଂ ଟିମ୍‌କୁ ଡିଏସ୍‌ପି ର୍‍ୟାଙ୍କ୍‌ର ଜଣେ ଅଫିସର ସୁପରଭିଜନ କରିବେ। ସୁପରଭାଇଜିଂ ପାଇଁ ୧୧ ଅଫିସର ଓ ୫ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ରହିବେ। ଏଥିସହ ବୁଥ୍‌ରେ ପ୍ରାୟ ଅଢେଇ ହଜାର ପୋଲିସ ଫୋର୍ସ ମୁତୟନ ରହିବେ। ସେହିଭଳି କଟକରେ ୨୭ଟି ମୋବାଇଲ୍ ପାଟ୍ରୋଲିଂ ଟିମ ରହିବ। ୧୭ଜଣ ସେକ୍ଟର ଅଫିସର, ୧୦ଜଣ ସୁପରଭାଇଜିଂ ଅଫିସର ଓ ୫ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ନିୟୋଜିତ ହେବେ। ବୁଥ୍‌ଗୁଡିକରେ ୧୫ଶହରୁ ୧୭ଶହ ପୋଲିସ ଫୋର୍ସ ମୁତୟନ ରହିବେ।

ଟଙ୍କା ଓ ମଦ କାରବାରକୁ ରୋକିବା ପାଇଁ ଏହି ଦ୍ୱୈତନଗରୀରେ ୧୦ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ କାର୍ଯ୍ୟ କରିବ। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ଘଟଣାସ୍ଥଳକୁ ନିଜେ ମାଜିଷ୍ଟ୍ରେଟ୍ ଯିବେ। ଏହାସହ ଭୁବନେଶ୍ୱରର ୩୫ ଓ କଟକରେ ଥିବା ୨୧ ପିସିଆର ଭ୍ୟାନ୍ କଡାକଡି ପାଟ୍ରୋଲିଂ କରିବ। ଯେଉଁଠି କୌଣସି ଆଇନ ଶୃଙ୍ଖଳା କିମ୍ବା ଅର୍ଥ କାରବାର ନେଇ ସୂଚନା ମିଳିବ ଫ୍ଲାଇଙ୍ଗ୍ ସ୍କ୍ୱାଡ୍‌କୁ ଅପେକ୍ଷା ନ କରି ପିସିଆର ଟିମ୍ ତୁରନ୍ତ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବ। କେତେକ ରାଜନୈତିକ ଦଳ ନିର୍ବାଚନ ସମୟରେ ଅପରାଧୀମାନଙ୍କୁ ବ୍ୟବହାର କରିବାର ଆଶଙ୍କା ରହିଛି। ତେଣୁ ନିର୍ବାଚନ ପୂର୍ବରୁ ଏହି ଅପରାଧୀଙ୍କୁ ଗିରଫ କରାଯାଇ ଜେଲ୍ ପଠାଯିବ ବୋଲି କମିଶନର ମହାନ୍ତି କହିଛନ୍ତି।

---



ଧାରଣାରେ ବସିଥିବା ଛାତ୍ରୀଛାତ୍ର।

## ପରୀକ୍ଷା ଘୁଞ୍ଚାଇବା ଦାବିରେ ଧାରଣା

**ଖୋର୍ଦ୍ଧା ଅଫିସ,୧୧।୩**

ଦିତୀୟ ଓ ଚତୁର୍ଥ ସେମିଷ୍ଟର ପରୀକ୍ଷା ଘୁଞ୍ଚାଇବା ଦାବି ନେଇ ଖୋର୍ଦ୍ଧା ପିଏନ୍ କଲେଜରେ ସୋମବାର ଛାତ୍ର ଅଶାନ୍ତି ଦେଖା ଦେଇଥିଲା। ଯୁକ୍ତ ୩ ପ୍ରଥମ ଓ ୨ୟ ବର୍ଷର କଳା, ବିଜ୍ଞାନ ଓ ବାଣିଜ୍ୟ ଛାତ୍ରୀଛାତ୍ର ଆନ୍ଦୋଳନରେ ସାମିଲ ହୋଇ ସୋମବାର ପୂର୍ବାହ୍ନ ୧୧ଟାରୁ ଆନ୍ଦୋଳନ ଆରମ୍ଭ କରିଥିଲେ। ଆନ୍ଦୋଳନସ୍ଥଳରେ ଅଧ୍ୟକ୍ଷା ସୌଦାମିନୀ ଦାଶ ପହଞ୍ଚି ଆଲୋଚନା କରିଥିଲେ। କୋର୍ କମିଟି ବୈଠକ ବସି ପରୀକ୍ଷା ଘୁଞ୍ଚାଇବାର ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ପାଇବା ପରେ ଅପରାହ୍ନ ସାଢ଼େ ୧ଟାରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

---

■ ମାନସିକ ବିକାରଗ୍ରସ୍ତ ଯୁବକଙ୍କ ଉନ୍ମତ୍ତ କାଣ୍ଡ

## ଶିବ ମନ୍ଦିରରେ ପଶି ଭାଙ୍ଗିଲେ ମୂର୍ତ୍ତି

**ବେଗୁନିଆ/ବୋଲଗଡ,୧୧।୩ (ଡି.ଏନ୍.ଏ.)**

**ପୋଲିସ କର୍ମଚାରୀଙ୍କ ସମେତ ସରପଞ୍ଚ ଆହତ**

ବେଗୁନିଆ ଥାନା ଗୌଡନୁଆଗାଁ ଗ୍ରାମରେ ସୋମବାର ଜଣେ ମାନସିକ ବିକାରଗ୍ରସ୍ତ ଯୁବକଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଛି। ଯୁବକ ଜଣଙ୍କ ଶିବ ମନ୍ଦିରରେ ପଶି ନାଗ ମୂର୍ତ୍ତି ସମେତ ବହୁ ଫଟୋ ଚିତ୍ରକୁ ଭାଙ୍ଗି ଦେଇଛନ୍ତି। ତେବେ ତାଙ୍କୁ ଧରିବାକୁ ଯାଇ ପୋଲିସ ଓ ଅଗ୍ନିଶମ କର୍ମଚାରୀଙ୍କ ସହିତ ସରପଞ୍ଚ ଅର୍ଜ୍ଜୁନ ହେହେରା ଆହତ ହୋଇଛନ୍ତି। ପୋଲିସ ସୂଚନା ଅନଯାୟୀ, ବୈଦେଶ୍ୱର ଥାନା ଅଧୀନ କଣ୍ଡାମଲ ଗ୍ରାମର ମାନସିକ ବିକାରଗ୍ରସ୍ତ ଏହି ଯୁବକ ଗତ କିଛି ଦିନ ହେବ ମାନସିକ ଭାରସାମ୍ୟ ହରାଇଥିବା ତାଙ୍କ ପରିବାର ପକ୍ଷରୁ କୁହାଯାଇଛି। ଏହି ଯୁବକ ଜଣଙ୍କ ସୋମବାର ଗୌଡନୁଆଗାଁ ଗ୍ରାମରେ ଥିବା ମନ୍ଦିରରେ ପଶି ମୁଖ୍ୟ କବାଟକୁ ଭିତର ପଟୁ ବନ୍ଦ କରି ଦେଇଥିଲେ। ମନ୍ଦିରକୁ ଯାଇଥିବା ଭକ୍ତ ଭିତର ପଟୁ କବାଟ ଦିଆଯାଇଥିବାର ଜାଣିବାକୁ ପାଇଥିଲେ। ଖବରପାଇ ଧଳାପଥର ଫାଣ୍ଡି ଅଧିକାରୀ ପୂର୍ଣ୍ଣଚନ୍ଦ୍ର ଜେନାଙ୍କ ସହ କେତେଜଣ କର୍ମଚାରୀ ପହଞ୍ଚିଥିଲେ। ଯୁବକ ଜଣଙ୍କ ମନ୍ଦିର ଭିତର ପଟୁ କବାଟ ଖୋଲି ନଥିଲେ। ପରେ ବେଗୁନିଆ ଅଗ୍ନିଶମ କର୍ମଚାରୀ ପହଞ୍ଚି ଯୁବକଙ୍କୁ ମନ୍ଦିର ଭିତରୁ ବାହାର କରିବା ପାଇଁ ବହୁ ଚେଷ୍ଟା କରି ବିଫଳ ହୋଇଥିଲେ। ପ୍ରାୟ ୨ଘଣ୍ଟା ପରେ କବାଟ ଭାଙ୍ଗି ଯୁବକଙ୍କୁ ଧରାଯାଇଥିଲା। ଏହି ସମୟରେ ଯୁବକଜଣଙ୍କ ଜଣେ ପୋଲିସ କର୍ମଚାରୀ, ଜଣେ କନଷ୍ଟେବଳ, ଜଣେ ଅଗ୍ନିଶମ କର୍ମଚାରୀଙ୍କ ସହିତ ସରପଞ୍ଚଙ୍କୁ ଆକ୍ରମଣ କରିଥିଲେ। ଏଥି ସହ ଯୁବକ ଜଣଙ୍କ ମଧ୍ୟ ଗୁରୁତର ହୋଇଛନ୍ତି। ସମସ୍ତଙ୍କୁ ବେଗୁନିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା କରାଇ ଛାଡି ଦିଆଯାଇଥିବା ବେଳେ ଯୁବକ ଜଣଙ୍କୁ ତାଙ୍କ ପରିବାର ଲୋକଙ୍କ ଜିମା ଦିଆଯାଇଛି ବୋଲି ପୋଲିସ କହିଛି।

---

## ବକୁଳବନ ବାର୍ତ୍ତାର ସୁଦୂରପ୍ରସାର କରିବାକୁ ଆହ୍ୱାନ

**ସାକ୍ଷୀଗୋପାଳ, ୧୧।୩(ଡି.ଏନ୍.ଏ.)**



ମହୋତ୍ସବରେ ଯୋଗଦେଇଥିବା ଅତିଥି।

ସୋମବାର ପଞ୍ଚସଖା ସ୍ମୃତି ଭବନରେ ବକୁଳବନ ମହୋତ୍ସବ ପାଳିତ ହୋଇଯାଇଛି। ଉତ୍କଳୀୟ ମାନଙ୍କର ଉନ୍ନତ ଚିନ୍ତା, ଚେତନା ଓ ଅତିଥି ଆଦର ଦେବାର୍ଚ୍ଚନାର ନିଦର୍ଶନ ପ୍ରତୀୟମାନ ହୋଇ ସତ୍ୟବାଦୀ ଯୁଗକୁ ପରିପୁଷ୍ଟ କରିଛି ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧ୍ୟାପକ ଶରତ କୁମାର ରଥ କହିଥିଲେ। ମୁଖ୍ୟଅତିଥି ଭାବେ ସତ୍ୟବାଦୀ ବିଧାୟକ ଉମାକାନ୍ତ ସାମନ୍ତରାୟ ସତ୍ୟବାଦୀ ବନ ବିଦ୍ୟାଳୟର ପୂର୍ବ ଐତିହ୍ୟ ଫେରାଇ ଆଣିବାକୁ ରାଜ୍ୟ ସରକାର ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସମ୍ମାନିତ ଅତିଥି ପୁରୀ ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ ଯୋଗଦେଇ ମତବ୍ୟକ୍ତ କରିଥିଲେ। ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ଦାସ ଯୋଗଦେଇ ବକୁଳବନର ସ୍ମୃତି ଚାରଣ କରିଥିଲେ। ବକୁଳବନର ସ୍ମୃତିକୁ ଜନମାନସରେ ଜାଗରଣ କରିବା ଏହି ମହୋତ୍ସବର ଲକ୍ଷ୍ୟ ବୋଲି କମିଟି ସଭାପତି ସୁକାନ୍ତ କିଶୋର ସାମନ୍ତରାୟ କହିଥିଲେ। ଶଶିକାନ୍ତ ବିଶ୍ୱାଳ ଅତିଥି ପରିଚୟ, ଯଯାତି କେଶରୀ ରାୟ ଧନ୍ୟବାଦ ଦେଇଥିଲେ।

---

## ଯୁବକଙ୍କୁ ଭୁଜାଲି ମାଡ଼, ୨ ଅଟକ

**ଭୁବନେଶ୍ୱର(ବ୍ୟୁରୋ)/ ବାଲକାଟୀ(ଡି.ଏନ୍.ଏ.),୧୧।୩**

ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବାଲିଅନ୍ତା ଥାନା ଅଲାରପୁର ରୋକଟ ଅଞ୍ଚଳର ଜଣେ ଯୁବକଙ୍କୁ ଭୁଜାଲି ମାଡ ହୋଇଛି। ଫଳରେ ଯୁବକ ଜଣଙ୍କ ଗୁରୁତର ହୋଇଛନ୍ତି। ତାଙ୍କୁ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ଓ ପରେ କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଆହତ ଯୁବକଜଣଙ୍କ ହେଲେ ଅଲାରପୁର ଗ୍ରାମର କାର୍ତ୍ତିକେଶ୍ୱର ବେହେରା ଓରଫ କାଳିଆ(୪୫)। ଖବର ପାଇ ବାଲିଅନ୍ତା ପୋଲିସ ଘଟଣାର ତଦନ୍ତ କରୁଥିବାବେଳେ ବାଲକାଟୀ ଫାଣ୍ଡିରେ ଭୁଜାଲି ମାଡ଼ କରିଥିବା ୨ଅଭିଯୁକ୍ତଙ୍କୁ ଅଟକ ରଖିଛି। ଏହାସହ ପୋଲିସ ଘଟଣା ସମୟରେ ଉପସ୍ଥିତ ଥିବା ପ୍ରତ୍ୟକ୍ଷଦର୍ଶୀଙ୍କ ବୟାନ ରେକର୍ଡ କରିଛି।

ସୂଚନା ଅନୁଯାୟୀ, କାର୍ତ୍ତିକେଶ୍ୱରଙ୍କ ସେହି ଗ୍ରାମର ପଠାଣି ସାମନ୍ତ ଭୋଇଙ୍କ ସହ ପୂର୍ବରୁ ଝଗଡା ହୋଇଥିଲା। ସୋମବାର ରାତିରେ କାର୍ତ୍ତିକେଶ୍ୱର ରୋକଟ ଛକରେ ଛିଡା ହୋଇ ୱାର୍ଡମେମ୍ବରଙ୍କ ସହ କଥା ହେଉଥିଲେ। ଏପରି କି ୱାର୍ଡମେମ୍ବର ତାଙ୍କୁ ପଠାଣି ସାମନ୍ତ ଭୁଜାଲିରେ ହାଣିବାକୁ ଯୋଜନା କରିଥିବା କଥା କହିଥିଲେ। ଏହାପରେ ପଠାଣି ସେଠାରେ ପହଞ୍ଚିବାରୁ କାର୍ତ୍ତିକେଶ୍ୱର ତା'ସହ ଉଚ୍ଚବାଚ ହୋଇଥିଲେ। ପରେ ଗଣ୍ଡଗୋଳ ପରିସ୍ଥିତି ହେବାରୁ ପଠାଣିଙ୍କ ଦୁଇପୁଅ ପ୍ରକାଶ ଏବଂ ବ୍ରାହ୍ମଣ ସେଠାରେ ପହଞ୍ଚି ଭୁଜାଲି ଭୁସି ଦେଇଥିଲେ। ତେବେ କାର୍ତ୍ତିକେଶ୍ୱର ମଧ୍ୟ ଏକ ଠେଙ୍ଗାରେ ପ୍ରକାଶଙ୍କୁ ଆକ୍ରମଣ କରିଥିଲେ। କିନ୍ତୁ ପଠାଣିଙ୍କ ଭୁଜାଲି ମାଡ଼ରେ କାର୍ତ୍ତିକେଶ୍ୱରଙ୍କ ପେଟର ଅନ୍ତବୁଜୁଳା ବାହାରକୁ ବାହାରି ଆସିଥିଲା। ରକ୍ତ ଜୁଡୁବୁଡୁ ଅବସ୍ଥାରେ କାର୍ତ୍ତିକେଶ୍ୱର ପଡିଥିବା ବେଳେ ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ହସ୍ପିଟାଲରେ ଭର୍ତ୍ତି କରିଥିଲେ।

---

## ଓଡ଼ିଆ ଶାସ୍ତ୍ରୀୟ ଭାଷା ମାନ୍ୟତା ଦିବସ

**ଖୋର୍ଦ୍ଧା ଅଫିସ,୧୧।୩**

ଭାଷା ସୁରକ୍ଷା ସମ୍ମିଳନୀ ପକ୍ଷରୁ ଚିଲିକା ବାଲୁଗାଁ ଶାଖା ଆନୁକୂଲ୍ୟରେ ବଡକୁଳ ଓଡି ଆର୍ଟ ସେଣ୍ଟରଠାରେ ଓଡ଼ିଆ ଶାସ୍ତ୍ରୀୟ ଭାଷା ମାନ୍ୟତା ଦିବସ ସୋମବାର ଅନୁଷ୍ଠିତ ହୋଇଯାଇଛି। ରଙ୍ଗନାଥ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରାପ୍ତ କବି ଡ. ଧନଞ୍ଜୟ ସ୍ୱାଇଁ ମୁଖ୍ୟ ବକ୍ତା ଏବଂ ସମ୍ମାନିତ ଅତିଥିଭାବେ ରାଜ୍ୟ ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲ ଯୋଗଦେଇଥିଲେ। ଭାଷା ସୁରକ୍ଷା ସମ୍ମିଳନୀର ଖୋର୍ଦ୍ଧା ଜିଲା ସଭାପତି ସତ୍ୟବାଦୀ ବଳିଆରସିଂହ ଓ ଦକ୍ଷିଣ ଓଡ଼ିଶା ସଭାପତି ଦଣ୍ଡପାଣି ମହାପାତ୍ର, ଇଂ ସରୋଜ କୁମାର ମହାପାତ୍ର, ନାଟ୍ୟକାର ରାମୁନ୍ଦ୍ର ମିଶ୍ର ଯୋଗଦେଇଥିଲେ। ସମ୍ପାଦକ ସୁକାନ୍ଦ ଦାଶ ବିବରଣୀ ପାଠ, କବି ଗୋପିନାଥ ଦାଶ ସ୍ୱାଗତ ଭାଷଣ ଓ ପ୍ରହଲ୍ଲାଦ ବେହେରା ଧନ୍ୟବାଦ ଦେଇଥିଲେ। ଅନୁଷ୍ଠାନ ପକ୍ଷରୁ ବସରିନ ବିବି, ଡ. ହରପ୍ରିୟା ଦ୍ୱିବେଦୀ, ଡ. ବିଜୟ ଚୌଧୁରୀ, ମାଧବ ମହାରଣାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବନ୍ଦନା ମହାପାତ୍ର ଗୋପିନାଥ ସେଠୀ, କୁନ୍ତଳା କୁମାରୀ ବେହେରା କବିତା ପାଠ, ସଂଯୋଜନା କରିଥିଲେ। ନୟାଗଡ ସେତୁବନ୍ଧ ସାହିତ୍ୟ ସଙ୍ଗଠନ ଏଥିରେ ସହଯୋଗ କରିଥିଲେ।

---

## ସଂସ୍କୃତକୁ ଦ୍ୱିତୀୟ ରାଜଭାଷା ମାନ୍ୟତା ଦିଆଯାଉ

**ପୁରୀ ଅଫିସ,୧୧।୩**




ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଂସ୍କୃତ ବଞ୍ଚାଅ ମଞ୍ଚର କର୍ମକର୍ତ୍ତା।

ଭାରତର ୧୭ଟି ସଂସ୍କୃତ ବିଶ୍ୱବିଦ୍ୟାଳୟରେ ସଂସ୍କୃତର ପ୍ରଚାର ପ୍ରସାର, ଅଧ୍ୟାପନା, ଗବେଷଣା ଜାରି ରହିଛି। ସଂସ୍କୃତ ଶିକ୍ଷାକୁ ରାଜ୍ୟ ସରକାର ଉପେକ୍ଷା କରୁଛନ୍ତି ବୋଲି ସୋମବାର ସଦାଶିବ ପରିସର ସମ୍ମିଳନୀ କକ୍ଷରେ ସଂସ୍କୃତ ବଞ୍ଚାଅ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ମଞ୍ଚର ଆବାହକ ବିହାର ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷି ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର କହିଛନ୍ତି। ପ୍ରଫେସର ମିଶ୍ର ଆହୁରି କହିଛନ୍ତି, ଓଡ଼ିଶା ସରକାର ମାଧ୍ୟମିକ ଶିକ୍ଷାସ୍ତରରେ ସଂସ୍କୃତ ଭାଷାକୁ ବାଧତାମୂଳକ ମର୍ଯ୍ୟାଦା ନ ଦେଇ ଧନ୍ଦାମୂଳକ ପାଠ୍ୟକ୍ରମକୁ ଗୁରୁତ୍ୱ ଦେଇଛନ୍ତି। ସଂସ୍କୃତ ଭାଷାକୁ ଓଡ଼ିଶାରେ ଦ୍ୱିତୀୟ ରାଜଭାଷା ଭାବେ ମାନ୍ୟତା ପ୍ରଦାନ ଲାଗି ମଞ୍ଚ ଦାବି କରିଛି।

ଖବରଦାତା ସମ୍ମିଳନୀରେ ଡ. ସୁଶାନ୍ତ କୁମାର ରାଜ, ଅଦ୍ୱୈତ ଚରଣ ଧଳ ଓ ବିଜୟ ପାଲ କଛୱାହ ପ୍ରମୁଖ ଉପସ୍ଥିତ ଥିଲେ।

---

## ଦୁଇ ଶିକ୍ଷକଙ୍କ ବଦଳି ନେଇ ସ୍ମାରକପତ୍ର

**ଖୋର୍ଦ୍ଧା ଅଫିସ,୧୧।୩**

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଗଡମାଣତୀର ସରକାରୀ ହାଇସ୍କୁଲର ଦୁଇ ଶିକ୍ଷକଙ୍କୁ ବଦଳି ସହ କାର୍ଯ୍ୟାନୁଷ୍ଠାନ ପାଇଁ ପରିଚାଳନା କମିଟି ଓ ସ୍ଥାନୀୟ ଜନସାଧାରଣଙ୍କ ପକ୍ଷରୁ ସୋମବାର ଜିଲା ଶିକ୍ଷା ଅଧିକାରୀଙ୍କୁ ସ୍ମାରକପତ୍ର ଦିଆଯାଇଛି। ଗଣଶିକ୍ଷା ସଚିବ, ଗଣଶିକ୍ଷା ମନ୍ତ୍ରୀଙ୍କୁ ମଧ୍ୟ ଅବଗତ କରାଯାଇଛି। ସୂଚନାଥାଉକି, ଏହି ବିଦ୍ୟାଳୟରେ ନବମ ଶ୍ରେଣୀରେ ଉପସ୍ଥାନ ପଢୁ ନ ଥିବା ବେଳେ ଅଷ୍ଟମ ଶ୍ରେଣୀରେ ଗଣିତ, ଜ୍ୟାମିତି, ବିଜ୍ଞାନ ପଢ଼ାଯାଉ ନାହିଁ। ଦୁଇ ଜଣ ଶିକ୍ଷକ ଠିକ୍ ସମୟରେ ସ୍କୁଲ ଆସୁ ନାହାନ୍ତି। ପ୍ରଧାନଶିକ୍ଷକ ଓ ପରିଚାଳନା କମିଟିକୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ପାଠପଢ଼ା ଉଦ୍ଦେଶ୍ୟରେ ଶ୍ରେଣୀ ଶିକ୍ଷକ ଓ ପ୍ରଧାନଶିକ୍ଷକଙ୍କ ଜରିଆରେ ଛାତ୍ରୀଛାତ୍ର ସ୍କୁଲ ପରିଚାଳନା କମିଟି(ଏସ୍ଏମ୍ସ)କୁ ଫେରାଦ୍ ଦେଇଥିଲେ। ଏସ୍ଏମ୍ସି ପକ୍ଷରୁ ଗତ ୯ତାରିଖରେ ଯାଞ୍ଚ ପରେ ଅଭିଯୋଗ ଥିବା ଦୁଇ ଜଣ ଶିକ୍ଷକ ବିଳମ୍ବରେ ଆସି ପ୍ରତିବାଦ କରିଥିଲେ। ଜଣେ ଶିକ୍ଷକ ଖସିଯାଇ ଜଣେ ଛାତ୍ରକୁ ଅଟକାଇ ପ୍ରଧାନଶିକ୍ଷକଙ୍କୁ ଛୁଟି ଦରଖାସ୍ତ ଦେବାକୁ କହି ପଳାଇଥିଲେ। ଅନ୍ୟଜଣେ ଏସ୍ଏମ୍ସି ସଭାପତିଙ୍କ ସହ ଯୁକ୍ତତର୍କ କରି ଏସଏମସି ସଭାପତିଙ୍କୁ ଖରାପ ବ୍ୟବହାର ଦେଖାଇ ସ୍କୁଲ ଭିତରକୁ ଯିବାକୁ ଉଦ୍ୟମ କରିଥିଲେ। ପିଲାଙ୍କ ଭବିଷ୍ୟତକୁ ଆଖି ଆଗରେ ରଖି ଏସ୍ଏମସି ପକ୍ଷରୁ ସ୍କୁଲ ଫାଟକରେ ତାଲା ପକାଇ ପ୍ରତିବାଦ କରାଯାଇଥିଲା। ପରେ ଏସଏମସି ବୈଠକ ବସି ଆଲୋଚନା କରାଯାଇ ଦୁଇ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

---

## ଗଳ୍ପ ପୁସ୍ତକ 'ଉତ୍ତୀର୍ଣ୍ଣ ସମ୍ପର୍କ' ଉନ୍ମୋଚିତ



ଆଲୋଚନାଚକ୍ରରେ ଯୋଗଦେଇଥିବା ଅତିଥିମାନେ ପୁସ୍ତକ ଉନ୍ମୋଚନ କରୁଛନ୍ତି।

**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ପୂଜ୍ୟପୂଜା ଓଡ଼ିଶା ପକ୍ଷରୁ ମାସିକ ଆଲୋଚନାଚକ୍ର ଓ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ସ୍ଥାନୀୟ ପଳାଶପଲ୍ଲୀସ୍ଥିତ ପୂର୍ଣ୍ଣାଙ୍ଗ ଉତ୍କଳ ଉନ୍ନୟନ ନ୍ୟାସୀ ମଣ୍ଡଳ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ସାହିତ୍ୟିକ ପର୍ଶୁରାମ ଦ୍ୱିବେଦୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଶରତ କୁମାର ରଥ, ମୁଖ୍ୟବକ୍ତା ଡ. ଆରତି କର, ସମ୍ମାନିତ ବକ୍ତାଭାବେ ପ୍ରଦୀପ କୁମାର ବେଉରିଆ ଓ ସମ୍ମାନିତ ଅତିଥି ଭାବେ ବିମଳା ସିଂ ଯୋଗଦେଇ ଆଲୋଚ୍ୟ ବିଷୟ ଉପରେ ମତ ରଖିଥିଲେ। ଏହି ଅବସରରେ ଅତିଥିମାନେ ପ୍ରାଣେଶ୍ୱର ମିଶ୍ରଙ୍କ ଗଳ୍ପ ପୁସ୍ତକ 'ଉତ୍ତୀର୍ଣ୍ଣ ସମ୍ପର୍କ'କୁ ଉନ୍ମୋଚନ କରିଥିଲେ। ପୂଜ୍ୟପୂଜା ଓଡ଼ିଶାର ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇ ପୂଜ୍ୟପୂଜାର ବୈଶିଷ୍ଟ୍ୟ ସମ୍ପର୍କରେ କହିଥିଲେ। କଣ୍ଠଶିଳ୍ପୀ ଅମିତାପ୍ରଭା ସ୍ୱାଇଁ, ରାଜଲକ୍ଷ୍ମୀ ଦେବତା, କୁନା ତ୍ରିପାଠୀ ଓ ଦାମୋଦର ସେନାପତି ପରିବେଷଣ କରିଥିଲେ। ତାରେଶ୍ୱର ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। କାର୍ଯ୍ୟକ୍ରମରେ ଡ. ଦେବାଶିଷ ମହାପାତ୍ର, ଡ. ରମେଶ ପାଣି, ଶରତ ପରିଡ଼ା, ବିରଜା ପ୍ରସାଦ ଶତପଥୀ ଓ ଇଂ. ସୁଭାଷ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

---

## ଖୋର୍ଦ୍ଧା ଜିଲାରେ ୧୮୯୩ ପୋଲିଂ କେନ୍ଦ୍ର

**ଖୋର୍ଦ୍ଧା ଅଫିସ,୧୧।୩**

**୩୬୮ ବୁଥ ସମ୍ବେଦନଶୀଳ**

୨୦୧୯ ସାଧାରଣ ନିର୍ବାଚନ ଲାଗି ତାରିଖ ଘୋଷଣା ପରେ ଖୋର୍ଦ୍ଧା ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ଏନେଇ ସୋମବାର ଏକ ଖବରଦାତା ସମ୍ମିଳନୀ ଜିଲାପାଳ ନିର୍ମଳ ଚନ୍ଦ୍ର ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ସଦ୍‌ଭାବନା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲାରେ ୧୨୭ନୂଆ ପୋଲିଂ କେନ୍ଦ୍ର ହୋଇଥିବା ଜିଲାପାଳ ସୂଚନା ଦେଇଛନ୍ତି। ୨୦୧୪ରେ ୧୭୬୬ ଥିଲା। ୨୦୧୯ ନିର୍ବାଚନକୁ ଏହା ୧୮୯୩ରେ ପହଞ୍ଚିଛି। ଏଥିରୁ ୩୬୮ ସମ୍ବେଦନଶୀଳ ବୁଥ ରହିଛି। ଜିଲାରେ ପୁରୀ ଲୋକ ସଭା ଅଧୀନରେ ଚିଲିକା ନିର୍ବାଚନମଣ୍ଡଳୀ ଓ ଭୁବନେଶ୍ୱର ଲୋକ ସଭା ଅଧୀନରେ ଜୟଦେବ, ଭୁବନେଶ୍ୱର ମଧ୍ୟ, ଭୁବନେଶ୍ୱର ଉତ୍ତର, ଏକାମ୍ର ଭୁବନେଶ୍ୱର, ଜଟଣୀ, ବେଗୁନିଆ, ଖୋର୍ଦ୍ଧା ନିର୍ବାଚନମଣ୍ଡଳୀ ରହିଛି। ୮ଟି ନିର୍ବାଚନମଣ୍ଡଳୀରେ ୧୮ଲକ୍ଷ ୭୦ହଜାର ୪୨ ଭୋଟର। ଏଥିରୁ ୧୦ଲକ୍ଷ ୨ହଜାର ୩୮୪ ପୁରୁଷ, ୮ଲକ୍ଷ ୬୭ ହଜାର ୧୧୦ ମହିଳା ଭୋଟର ଓ ୫୪୮ ଅନ୍ୟ ବର୍ଗର। ଭୁବନେଶ୍ୱର ଲୋକ ସଭା ନିର୍ବାଚନ ପାଇଁ ଖୋର୍ଦ୍ଧା ଜିଲାପାଳ ମିଶ୍ର ଓ ପୁରୀ ଲୋକ ସଭା ପାଇଁ ପୁରୀ ଜିଲାପାଳ ଜ୍ୟୋତି ପ୍ରକାଶ ଦାଶ ନିର୍ବାଚନ ଅଧିକାରୀ ଅଛନ୍ତି। ସେହିପରି ଉପଜିଲାପାଳ ଖୋର୍ଦ୍ଧା, ଉପଜିଲାପାଳ ଭୁବନେଶ୍ୱର, ଅତିରିକ୍ତ ଜିଲାପାଳ ଭୁବନେଶ୍ୱର ଓ ଖୋର୍ଦ୍ଧା, ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ଅତିରିକ୍ତ ନିର୍ବାଚନ ଅଧିକାରୀ ଭାବେ ନିୟୋଜିତ। ଭିନ୍ନକ୍ଷମ ଭୋଟରଙ୍କ ପାଇଁ ପୋଲିଂ ଷ୍ଟେଶନରେ ର୍‍ୟାମ୍ପ, ବିଦ୍ୟୁତ୍, ପାନୀୟଜଳ, ସ୍ୱତନ୍ତ୍ର ପାଇଖାନା ବ୍ୟବସ୍ଥା କରାଯାଇଛି। ସେହିପରି ହୁଇଲ୍‌ଚେୟାର ବ୍ୟବସ୍ଥା ବି କରାଯାଇଛି। ବର୍ତ୍ତମାନ ୭୦ଟି ଅଛି। ଆଚରଣ ବିଧି ଉଲ୍ଲଂଘନ ଯାଞ୍ଚ ପାଇଁ ଫ୍ଲାଇଂ ସ୍କ୍ୱାଡ, ଷ୍ଟାଟିକ୍ ସର୍ଭେଲାନ୍ସ ଟିମ୍, ଭିଡିଓ ସର୍ଭେଲାନ୍ସ ଟିମ୍, ଭିଡିଓ ଭିଉଇଂ ଟିମ୍, ଆକାଉଣ୍ଟିଂ ଟିମ୍ ନିୟୋଜିତ ଅଛନ୍ତି। ପୁଣି ଜିଲାସ୍ତରରେ ମିଡିଆ ସାର୍ଟିଫିକେଶନ ଆଣ୍ଡ ମନିଟରିଂ କମିଟି ରହିଛି। ଏହାର ମୁଖ୍ୟ ଜିଲାପାଳ। ଏହି କମିଟି ନିର୍ବାଚନ ସମୟରେ ଗଣମାଧ୍ୟମ ଓ ଟିଭିରେ ବିଜ୍ଞାପନ, ପେଡ ନ୍ୟୁଜ୍ ଓ ପ୍ରାର୍ଥୀଙ୍କ ଖର୍ଚ୍ଚ ଯାଞ୍ଚ କରିବ। ଏବେ ହୋର୍ଡିଂ ହଟାଯିବା ଆରମ୍ଭ ହୋଇଯାଇଛି ବୋଲି କହିଛନ୍ତି।

# ପିଲାର ସ୍କୁଲ କ୍ୟାରିୟର

**ସ୍କୁଲରୁ ଫେରି ପିଲା କ'ଣ କହୁଛି ତାହାର ସତ୍ୟାସତ୍ୟ ପ୍ରଥମେ ଉପଲବ୍ଧି କରନ୍ତୁ। ସେ ଯାହା କହିଦେଲା ଯଦି ଆପଣ ବିଶ୍ୱାସ କରିବେ ତେବେ ବେଳେବେଳେ ପରିସ୍ଥିତି ଭିନ୍ନ ହୋଇପାରେ। ବେଳେବେଳେ କେତେକ ପିଲା ମାଡ଼ ଭୟରେ ମିଛ କହିଥାଆନ୍ତି। ତେଣୁ ଏହି ସମୟରେ ସତ-ମିଛକୁ ଠିକ୍ ଭାବେ ଅନୁଧାନ କରନ୍ତୁ...**









ସ୍କୁଲରୁ ଫେରିବା ପରେ ସାଧାରଣତଃ ପିଲାମାନେ କେବଳ ମା-ବାପା ନୁହଁନ୍ତି ପରିବାରର ସଦସ୍ୟଙ୍କ ସହ ସମୟ କଟାଇଥାଆନ୍ତି। ସ୍କୁଲ୍‌ରେ କ'ଣ ସବୁ ଘଟଣା ଘଟିଛି, ସେଠାକାର ଭଲମନ୍ଦ ସେମାନଙ୍କ ସହ ସେୟାର କରିଥାଆନ୍ତି। କେତେବେଳେ ଏହାଦ୍ୱାରା ତା'ମନ ଖୁସିରେ ଉଚ୍ଛୁଳି ଉଠେ ତ ତ କେତେବେଳେ ସେ ଦୁଃଖରେ ଭାଙ୍ଗି ପଡେ। ଏହି ସମୟରେ ପିଲାଟିକୁ ମା-ବାପା ଏବଂ ପରିବାର ସଦସ୍ୟଙ୍କ ସହଯୋଗର ଆବଶ୍ୟକତା ରହିଛି। ବିଶେଷକରି ସ୍କୁଲ ବିଷୟରେ ସବୁ କଥା ମା-ବାପା ଟିକିନିଖି ବୁଝି ନେବା ଦରକାର। ଏହାଦ୍ୱାରା ପିଲାକୁ ରିଲାକ୍ସ ଲାଗିବା ସହ ଆପଣ ବି ତା'ର ଅଭ୍ୟାସ, ପସନ୍ଦ ନାପସନ୍ଦ ଏବଂ ଇଚ୍ଛା ବିଷୟରେ ଜାଣିପାରିବେ। ତେଣୁ ସ୍କୁଲରୁ ପିଲା ଫେରିବା ପରେ ବାପାମାଆ ପିଲାକୁ କ'ଣ ସବୁ ପଚାରିବା ଦରକାର ଜାଣନ୍ତୁ ସେ ସମ୍ପର୍କରେ...

**ଆଜି ସ୍କୁଲ୍‌ରେ କ'ଣ ସବୁ କରିଛ :** ଏହି ପ୍ରଶ୍ନ ପଚାରିବା ଦ୍ୱାରା ପିଲାଟି ଦିନସାରା କାଟିଥିବା ସମୟ ସମ୍ପର୍କରେ ଆପଣଙ୍କୁ କହିବ। ଯଦି ଶିକ୍ଷକ ତା'ର ତାରିଫ୍ କରିଥିବେ, ଭଲ କାମ ପାଇଁ ତାକୁ ଗୁଡ୍ ବା ଭେରି ଗୁଡ୍ କହିଥିବେ, ତେବେ ସେ ଗର୍ବର ସହ ତାକୁ ଆପଣଙ୍କୁ କହିବ। ଆପଣଙ୍କ ଉତ୍ସାହ ହିଁ ତାକୁ ସ୍କୁଲ୍‌ରେ ଆହୁରି ଭଲ କାମ କରିବା ପାଇଁ ପ୍ରେରଣା ଯୋଗାଇବ।

**ଲଞ୍ଚରେ କେଉଁ ଡିସ୍ ବେଶି ଭଲ ଲାଗିଲା :** ଜରୁରୀ ନୁହେଁ କି ଆପଣ ଲଞ୍ଚ୍ ବକ୍ସରେ ଯେଉଁ ଡିସେସ୍ ଦେଇଥିବେ, ପିଲା ତା'ର ତାରିଫ୍ କରିବ। ସେ ତା'ର ସାଙ୍ଗର ଟିଫିନ୍‌ରେ ଆଣିଥିବା କୌଣସି ଡିସ୍ ବିଷୟରେ ବି କହିପାରେ। ସେ ବିଷୟରେ ପଚାରି ତା'ର ଟିଫିନ୍ ବକ୍ସରେ ମଧ୍ୟ ଉକ୍ତ ଡିସ୍‌କୁ ଦିଅନ୍ତୁ। ଏହା ଆପଣଙ୍କ ପିଲାକୁ ଭଲ ଲାଗିବ ଏବଂ ଆପଣ ବି ତା'ର ଫୁଡ୍ ହାବିଟ୍ସ ବିଷୟରେ ଜାଣିପାରିବେ। ବିଶେଷ ଭାବରେ ଫାଷ୍ଟଫୁଡ୍ ଏବଂ ଅଧିକ ତୈଳଯୁକ୍ତ ଖାଦ୍ୟ ପ୍ରତି ସଚେତନ ରହନ୍ତୁ।

**ଟିଚର କିଛି କହିବା ପାଇଁ ତୁମକୁ ପାଖକୁ ଡାକିଥିଲେ କି :** ସ୍କୁଲରେ ଟିଚରଙ୍କ ସହ ପିଲାଟି କ'ଣ କଥାବାର୍ତ୍ତା ହୋଇଛି ସେଥିପ୍ରତି ପ୍ରାଥମିକତା ଦିଅନ୍ତୁ। ପିଲା କ'ଣ କହୁଛି ତାହାର ସତ୍ୟାସତ୍ୟ ପ୍ରଥମେ ଉପଲବ୍ଧି କରନ୍ତୁ। ସେ ଯାହା କହିଦେଲା ଯଦି ଆପଣ ବିଶ୍ୱାସ କରିଦେବେ ତେବେ ବେଳେବେଳେ ପରିସ୍ଥିତି ଭିନ୍ନ ହୋଇପାରେ। ବେଳେବେଳେ କେତେକ ପିଲା ମାଡ ଭୟରେ ମିଛ କହିଥାଆନ୍ତି। ତେଣୁ ଏହି ସମୟରେ ସତ-ମିଛକୁ ଠିକ୍ ଭାବରେ ଅନୁଧାନ କରନ୍ତୁ। ଏହାବ୍ୟତୀତ ନିୟମିତ ସମୟ ଅନ୍ତରାଳରେ ସ୍କୁଲକୁ ନିଜେ ଯାଆନ୍ତୁ ଏବଂ ଶିକ୍ଷକଙ୍କ ସହ କଥା ହୋଇ ପିଲାର ପାଠପଢ଼ା ବିଷୟରେ ଜାଣନ୍ତୁ। ଯଦି ପିଲାର କିଛି ସମସ୍ୟା ରହିଛି ତେବେ ନିଃସଙ୍କୋଚରେ ଶିକ୍ଷକଙ୍କ ସହ ଆଲୋଚନା କରନ୍ତୁ।

**ସ୍କୁଲ ଲାଇବ୍ରେରୀ ଶେଷ ଥର କେବେ ଯାଇଥିଲ ଏବଂ କେଉଁ କେଉଁ ବହି ପଢିଥିଲ:** ଏହି ପ୍ରଶ୍ନ ପଚାରିବା ଦ୍ୱାରା ନିଜ କୋର୍ସରେ ଥିବା ବହି ବ୍ୟତୀତ ଅନ୍ୟ କେଉଁ ପୁସ୍ତକ ପ୍ରତି ତା'ର ରୁଚି ରହିଛି କି ନାହିଁ ଆପଣ ଜାଣିପାରିବେ । ପିଲାର ରୁଚିକୁ ଅନୁଧାନ କରି ତାକୁ ମହାପୁରୁଷଙ୍କ ଜୀବନୀ, ସାଧାରଣଜ୍ଞାନ ବହି ଆଦି ଆଣି ଦିଅନ୍ତୁ। ଏହାଦ୍ୱାରା ସେ ଅନ୍ୟ ବିଷୟରେ ଅଧିକ ଜ୍ଞାନ ଆହରଣ କରିପାରିବେ।

**ଶିକ୍ଷକଙ୍କର କେଉଁ କଥା ବେଶି ଭଲ ଲାଗିଲା :** ଶିକ୍ଷକଙ୍କର କେଉଁ କଥା ପିଲାଟିକୁ ଅଧିକ ପ୍ରଭାବିତ କରିଛି ତାହା ବୁଝି ନିଅନ୍ତୁ। ସେମାନଙ୍କର କଥାକୁ ଆପଣଙ୍କ ପିଲା କେତେ ଗମ୍ଭୀରତାର ସହ ନେଉଛି ତାହା ବୁଝିନିଅନ୍ତୁ।

**ଆଜି କେଉଁ କଥା ସବୁଠାରୁ ଅଧିକ ବ୍ୟସ୍ତ କରିଥିଲା :** ଏହି ପ୍ରଶ୍ନ ପଚାରିବା ଦ୍ୱାରା ଆପଣ ପିଲାର ବ୍ୟସ୍ତତା ବିଷୟରେ ଜାଣିପାରିବେ। ଏହା ବ୍ୟତୀତ ପିଲାର ଚିଡିଚିଡା ହେବାର କାରଣ ଜାଣିବା ସହ କୌଣସି କଥାକୁ ନେଇ ସେ ଚିନ୍ତାରେ ରହୁଛି କି କ'ଣ ସେ ବିଷୟରେ ବି ଜାଣିପାରିବେ।

## ଏମାନେ କ'ଣ କରନ୍ତି...



ରଞ୍ଜିତା



ମିନତି

ପ୍ରତ୍ୟେକ ଦିନ ମୋ ପୁଅ ସ୍କୁଲରୁ ଫେରିବା ପରେ ତାକୁ ସ୍କୁଲ ବିଷୟରେ ପଚାରିଥାଏ। ସ୍କୁଲରେ କ'ଣ ପାଠ ପଢାହେଲା, ସେ ସେଥିରେ କେତେ ଦୂର ଜଡିତ ରହିଛି ସେ କଥା ବୁଝିଥାଏ। ଟିଫିନ୍ ବକ୍ସରୁ ଖାଦ୍ୟ ସବୁ ଖାଇଛି କି ନାହିଁ, ସମସ୍ତ ଅସୁବିଧା ସୁବିଧା ପଚାରି ବୁଝିଥାଏ। ଯଦି ମନରେ କୌଣସି ଭୟ ଥିବାର ଲକ୍ଷ୍ୟ କରେ ତେବେ ସ୍ନେହର ସହ ତାକୁ ସେ ବିଷୟରେ ପଚାରିଥାଏ । ପ୍ରତିଦିନ ଦିଆଯାଇଥିବା ହୋମ୍‌ୱାର୍କ ଚେକ୍ କରେ।

*- ମିନତି ମହାରଣା, ଗୃହିଣୀ, ଭୁବନେଶ୍ୱର*

ଯେହେତୁ ଦିନର ଅଧା ସମୟ ପିଲାଙ୍କର ସ୍କୁଲରେ ହିଁ ବିତିଥାଏ, ସେଥିଲାଗି ସେଠାରେ ତା'ର କାର୍ଯ୍ୟକଳାପ ବିଷୟରେ ସମ୍ପୂର୍ଣ୍ଣ ତଦାରଖ କରିବା ସମ୍ଭବ ନୁହେଁ। ସେଥିଲାଗି ମୋ ଝିଅ ସ୍କୁଲରୁ ଫେରିବା ପରେ କ'ଣ ସବୁ ପାଠପଢା ହେଲା ଠାରୁ ଆରମ୍ଭ କରି ତା'ର ଟିଫିନ୍ ସେ ଖାଇଛି କି ନାହିଁ, ଶିକ୍ଷକ ପଚାରିଥିବା ସମସ୍ତ ପ୍ରଶ୍ନର ଉତ୍ତର ଠିକ୍ ଭାବେ ଦେଇଛି କି ନାହିଁ ପଚାରିଥାଏ। ଯଦି କୌଣସି ପ୍ରୋଗ୍ରାମ୍ ବା ଫଙ୍କ୍‌ସନ୍ ହେବାର ଅଛି ତା' ହେଲେ ସେଥିରେ ତାର ଆଗ୍ରହ ଥିଲେ ମୁଁ ସେ ଦିଗରେ ତାକୁ ଉତ୍ସାହିତ କରିଥାଏ। ଏହାବ୍ୟତୀତ ସ୍କୁଲରେ ଯଦି କିଛି ମଜା ଘଟଣା କିମ୍ବା କୌଣସି ଘଟଣା ତାକୁ କଷ୍ଟ ଦେଇଛି ସେ ସମ୍ପର୍କରେ ପଚାରି ବୁଝିଥାଏ।

*- ରଞ୍ଜିତା ମହାନ୍ତି, ଗୃହିଣୀ, ରାଧାଗୋବିନ୍ଦ ଲେନ୍, ପୁରୀ*



# କିଚେନ୍ ଡେକୋରେଶନ୍

❖ହ୍ୱାଇଟ୍, ଆୟବରି, ମିଣ୍ଟ୍, କ୍ରିମ୍ ଭଳି ଲାଇଟ୍ କଲର କିଚେନ୍‌କୁ ଫ୍ରେଶ୍ ଲୁକ୍ ଦେଇଥାଏ।

❖କିଚେନ୍‌କୁ ମଡର୍ନ ଲୁକ୍ ଦେବାକୁ ହେଲେ କ୍ରକେରି, ଆସେସୋରିଜ୍ ଆଦିକୁ ହ୍ୱାଇଟ୍, ଆୟବରି, ମିଣ୍ଟ୍, କ୍ରିମ୍ ଭଳି ଲାଇଟ୍ କଲର ବାଛନ୍ତୁ।

❖ପର୍ଯ୍ୟାପ୍ତ ସେଲ୍ଫ ଏବଂ ଷ୍ଟୋରେଜ୍ କିଚେନ୍‌କୁ ମଡର୍ନ ଏବଂ ଅର୍ଗାନାଇଜ୍‌ଡ ଲୁକ୍ ଦେଇଥାଏ।

❖ଯଦି ଆପଣଙ୍କ କିଚେନ୍ ଛୋଟ ତେବେ ହ୍ୱାଇଟ୍, କ୍ରିମ୍ ଭଳି ବ୍ରାଇଟ୍ କଲର ପସନ୍ଦ କରିପାରିବେ। ଏହାଦ୍ୱାରା ଆପଣଙ୍କ କିଚେନ୍ ରୁମ୍‌ର ଆକାର ବଡ ଦେଖାଯାଇଥାଏ।

❖ଛୋଟ କିଚେନ୍‌କୁ ପେଣ୍ଟ କରିବା ବେଳେ ଏକାଥରେ ୨ କିମ୍ବା ୩ଟି ଅଧିକ କଲର ବ୍ୟବହାର କରନ୍ତୁ ନାହିଁ।

❖କିଚେନ୍ ବଡ ହୋଇଥିଲେ ଆପଣ ଲାଇଟ୍ ଏବଂ ଡାର୍କ ଉଭୟ କଲର ବ୍ୟବହାର କରିପାରିବେ।

❖କିଚେନ୍‌ର ଆକାର ବଡ ଏବଂ ଡାଇନିଂ ଟେବୁଲ୍ ମଧ୍ୟ କିଚେନ୍‌ରେ ଥିଲେ ଫ୍ଲୋରିଂ, ୱାଲ୍ କଲର, ୱାଲ୍ ପେପର ଆଦି ଦ୍ୱାରା କୁକିଂ ଏବଂ ଡାଇନିଂ ଏରିଆକୁ ଅଲଗା ଲୁକ୍ ଦିଅନ୍ତୁ। ଡାଇନିଂ ଏରିଆର ଚାରିପଟେ ଲାଇଟିଂ ବ୍ୟବସ୍ଥା ଠିକ୍ ଭାବେ କରନ୍ତୁ।

❖କିଚେନ୍‌କୁ ଡେକୋରେଟ୍ କଲାବେଳେ କଣ୍ଟେନର ଏବଂ ଜାର୍‌କୁ ନିଶ୍ଚୟ ବଦଳାନ୍ତୁ। ଯାହାଦ୍ୱାରା କିଚେନ୍ ବ୍ୟବସ୍ଥିତ ଲାଗିବ।

# ଉପକାରୀ ଜୁଆଣି

**ଜୁଆଣିରେ ଅନେକ ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି। ବିଶେଷକରି ପ୍ରସବ ପରେ ମହିଳାମାନଙ୍କ ପାଇଁ ଏହା ବେଶ୍ ଲାଭପ୍ରଦ। ତେବେ ଏହାର କେତେକ ଗୁଣ ବିଷୟରେ ଟିପ୍ସ...**

❖ଜୁଆଣି ପାଚନ କ୍ରିୟା ସମ୍ବନ୍ଧିତ ଅନେକ ସମସ୍ୟାର ସମାଧାନ କରିଥାଏ। ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରି ରହିଛି ।

❖ଏହା କେବଳ ଖାଦ୍ୟର ସ୍ୱାଦ ବଢାଇ ନ ଥାଏ ବରଂ ପ୍ରସବ ପରେ ମହିଳାଙ୍କ ପେଟ କମାଇବାରେ ସାହାଯ୍ୟ କରିଥାଏ।

❖ରାତିରେ ଏକ ଚାମଚ ଜୁଆଣିକୁ ଏକ ଗ୍ଲାସ ପାଣିରେ ଭିଜାଇ ରାତିସାରା ରଖନ୍ତୁ। ଏହାକୁ ସକାଳେ ଭଲଭାବେ ଫୁଟାଇ ଛାଣିକରି ଥଣ୍ଡା ହେବା ପରେ ପିଅନ୍ତୁ।

❖ଡେଲିଭରି ପରେ ଯଦି ଆପଣଙ୍କର ଗ୍ୟାଷ୍ଟ୍ରିକ୍, ପେଟ ଦରଜ କିମ୍ବା ପାଚନ କ୍ରିୟା ସମ୍ବନ୍ଧିତ ସମସ୍ୟା ରହୁଛି ତେବେ ଜୁଆଣି ପାଣି ପିଅନ୍ତୁ।

❖ଶରୀରରେ ରକ୍ତ ସଞ୍ଚାଳନ ଠିକ୍ ହେବା ସହ ମାଂସପେଶୀର ଉପଯୁକ୍ତ ବିକାଶ ହୋଇଥାଏ।

❖ସ୍ତନ୍ୟପାନ କରାଉଥିବା ମହିଳାଙ୍କ ପାଇଁ ଜୁଆଣି ପାଣି ବହୁତ ଲାଭଦାୟକ। କାରଣ ଏଥିରେ କ୍ଷୀର ଉତ୍ପାଦନ ଗୁଣ ରହିଛି।

❖ଏଥିରେ ଏପରି ତତ୍ତ୍ୱ ରହିଛି, ଯାହା ପ୍ରସବ ପରେ ଶରୀରର ଦରଜ ଦୂର କରିଥାଏ। ପିଠି କିମ୍ବା ଆଣ୍ଠୁ ଗଣ୍ଠି ଦରଜ ମଧ୍ୟ କମ୍ କରିଥାଏ।

❖ସୁସ୍ଥ ଆହାର ଏବଂ ଜୁଆଣି ପାଣି ପିଇବା ସହ ବ୍ୟାୟାମ ଦ୍ୱାରା ଶରୀରରେ ମେଟାବୋଲିଜ୍‌ମ ସ୍ତର ସନ୍ତୁଳିତ ରହିଥାଏ। ଏହା ମଧ୍ୟ କେତେକାଂଶରେ ଓଜନ ବୃଦ୍ଧିକୁ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ।



ସୌନ୍ଦର୍ଯ୍ୟ

# ମୁଣ୍ଡ କୁଣ୍ଡାଇ ହେଉଥିଲେ...

**କେବେ କେଶ ଓ କେଶମୂଳ ଶୁଷ୍କ ରହିବା ଦ୍ୱାରା ତ ଆଉ କେବେ ରୁପି ସମସ୍ୟା ପାଇଁ ମୁଣ୍ଡ କୁଣ୍ଡାଇ ହୋଇଥାଏ। ଏହି ସମସ୍ୟାକୁ ଦୂରେଇବା ପାଇଁ ଜାଣନ୍ତୁ କିଛି ଘରୋଇ ଟିପ୍ସ ...**



**ଲେମ୍ବୁ ଓ ମହୁ –** ଲେମ୍ବୁରେ ରହିଛି ଆଣ୍ଟି ବ୍ୟାକ୍ଟେରିଆ ଓ ଆଣ୍ଟି ଫଙ୍ଗାଲ ଗୁଣ। ଏହାକୁ ମହୁରେ ମିଶାଇ କେଶ ମୂଳେ ମସାଜ୍ କରନ୍ତୁ। ୧୫ ମିନିଟ୍ ରଖିବା ପରେ ଧୋଇ ଦିଅନ୍ତୁ। ସପ୍ତାହରେ ଅନ୍ତତଃ ଥରେ ଏପରି କରନ୍ତୁ ଦେଖିବେ କେଶ ମୂଳ କୁଣ୍ଡାଇ ହେବ ନାହିଁ କିମ୍ବା ରୁପି ସମସ୍ୟା ବି ରହିବ ନାହିଁ।

**ଏଲୋଭେରା –** କେଶକୁ ସୁନ୍ଦର ଓ ମଜଭୁତ ରଖିବା ସହ ରୁପି ସମସ୍ୟା ଦୂର କରିଥାଏ ଏଲୋଭେରା। ଏଲୋଭେରା ଜେଲ୍‌କୁ କେଶ ମୂଳରେ ମସାଜ୍ କରି ୧୫ ମିନିଟ୍ ପରେ ଶାମ୍ପୋ କରନ୍ତୁ। କେଶ ମୂଳ ଆଉ କୁଣ୍ଡାଇ ହେବ ନାହିଁ।

**ଟି ଟ୍ରି ଅଏଲ –** ଟି ଟ୍ରି ଅଏଲ୍ କେବଳ ତ୍ୱଚାର ସୌନ୍ଦର୍ଯ୍ୟ ବୃଦ୍ଧି କରି ନ ଥାଏ ବରଂ କେଶ ପାଇଁ ବି ବେଶ୍ ଉପକାରୀ। ଏଥିରେ ଟରପିନ୍ସ ନାମକ ଯୌଗିକ ରହିଛି ଯାହାକି ଆଣ୍ଟି ବ୍ୟାକ୍ଟେରିଆଲ ଓ ଆଣ୍ଟି ଫଙ୍ଗାଲ ଗୁଣରେ ଭରପୂର। ୨ ଚାମଚ ଟି ଟ୍ରି ଅଏଲରେ ଏକ ଚାମଚ ଅଲିଭ୍ ଅଏଲ୍ ମିଶାଇ କଟନ୍ ଦ୍ୱାରା କେଶର ମୂଳେ ଲଗାନ୍ତୁ। ଏକ ସପ୍ତାହ ପରେ ଫରକ ଜାଣିପାରିବେ।

**ଆପଲ ଭିନେଗାର –** ଏହା କେଶ ମୂଳକୁ ପରିଷ୍କାର ରଖିଥାଏ। ତିନି ଚତୁର୍ଥାଂଶ ପାଣିରେ ଏକ ଚତୁର୍ଥାଂଶ ଆପଲ ଭିନେଗାର ମିଶାଇ ପ୍ରତିଦିନ କେଶ ମୂଳେ ମାଲିସ କରନ୍ତୁ।

ଖାଦ୍ୟରୁଚି

# ଭେଜ୍ ହାଇଦ୍ରାବାଦୀ ବିରିୟାନି

### ଆବଶ୍ୟକ ସାମଗ୍ରୀ

ଏକ ଗ୍ଲାସ ବାସ୍‌ମତି ଚାଉଳ, ୧ଟି ତେଜପତ୍ର, ୧ଟି ଡାଲଚିନି, ୧ଟି ଅଳେଇଚ, ୨ ଟି ଲବଙ୍ଗ, ସ୍ୱାଦ ଅନୁସାରେ ଲୁଣ, ଗାଜର, ଗ୍ରୀନ୍ ମଟର, ଫୁଲକୋବି, ଆଳୁ, ପନିର, ୨ ଚାମଚ ତେଲ, ୧/୨ ଚାମଚ ଜିରା, ୧ କପ୍ କଟା ପିଆଜ, ୧ ଚାମଚ ଅଦା କଞ୍ଚାଲଙ୍କା ପେଷ୍ଟ, ୧/୪ ଚାମଚ ହଳଦୀଗୁଣ୍ଡ, ୨ ଚାମଚ ଧନିଆ ପାଉଡର, ୧ ଚାମଚ ଲଙ୍କାଗୁଣ୍ଡ, ୧/୨ ଚାମଚ ଗରମ ମସଲା, ୧ କପ୍ କଟା ଟମାଟୋ, ୧/୪ କପ୍ ଦହି, ୧/୪ କପ୍ ଧନିଆପତ୍ର, ଅଳ୍ପ ପରିମାଣରେ କେଶର, ୨ ଚାମଚ ଘିଅ।



### ପ୍ରସ୍ତୁତି ପ୍ରଣାଳୀ

ଏକ ଡିସ୍‌ରେ ପାଣି ଗରମ କରନ୍ତୁ। ଏଥିରେ ତେଜପତ୍ର, ଡାଲଚିନି, ଲବଙ୍ଗ, ଅଳେଇଚ, ଚାଉଳ ଏବଂ ଲୁଣ ପକାଇ ୧୦ ମିନିଟ୍ ପର୍ଯ୍ୟନ୍ତ ମଧ୍ୟମ ଆଞ୍ଚରେ ରଖନ୍ତୁ। ଚାଉଳ ଅଧା ସିଝା ହେବା ପରେ ଏହାକୁ ଏକ ପାତ୍ରକୁ ଛାଣି ଦିଅନ୍ତୁ। ଏବେ କଢେଇରେ ତେଲ ଗରମ କରି ଜିରା, ପିଆଜ ପକାଇ ୧-୨ ମିନିଟ୍ ପର୍ଯ୍ୟନ୍ତ ଭାଜନ୍ତୁ। ପିଆଜ ଲାଲ୍ ହୋଇଆସିଲେ ଅଦା କଞ୍ଚାଲଙ୍କା ପେଷ୍ଟ, ହଳଦୀ, ଧନିଆ ପାଉଡର, ଲଙ୍କାଗୁଣ୍ଡ, ଗରମ ମସଲା ପକାଇ କିଛି ସମୟ ପର୍ଯ୍ୟନ୍ତ ଭାଜନ୍ତୁ। ଏବେ ସମସ୍ତ ପନିପରିବା, ପନିର ଏବଂ ଲୁଣ ପକାଇ ୨-୩ ମିନିଟ୍ ପର୍ଯ୍ୟନ୍ତ ଗ୍ୟାସ୍‌କୁ ସିମ୍‌ରେ ରଖନ୍ତୁ। ଦହି, ଧନିଆ ଏବଂ କେଶରକୁ ଏକ ବାଉଲ୍‌ରେ ଭଲ ଭାବେ ମିଶାଇ ରଖନ୍ତୁ। ପ୍ରସ୍ତୁତ ଚାଉଳରେ ଏହାକୁ ଭଲଭାବେ ମିଶାନ୍ତୁ। ଚାଉଳର ଏକ ଭାଗ ଏକ ହାଣ୍ଡିରେ ବିଛେଇ ରଖନ୍ତୁ। ପ୍ରସ୍ତୁତ ଭେଜିଟେବୁଲ୍ ଗ୍ରେଭିକୁ ଏହା ଉପରେ ଭଲ ଭାବେ ଖେଳାଇ ଦିଅନ୍ତୁ। ଏବେ ଏହା ଉପରେ ଚାଉଳର ଆଉ ଏକ ପରସ୍ତ ଦିଅନ୍ତୁ। ଏହା ଉପରେ ଘିଅ ଦେଇ ଢାଙ୍କୁଣି ଦିଅନ୍ତୁ। ଏବେ ଏହି ହାଣ୍ଡିକୁ ନନ୍ ଷ୍ଟିକ୍ ତାୱା ଉପରେ ରଖି ୧୦ ମିନିଟ୍ ପର୍ଯ୍ୟନ୍ତ ଗ୍ୟାସ୍‌କୁ ସିମ୍‌ରେ ରଖନ୍ତୁ। ଗରମ ଗରମ ଏହାକୁ କଟୁମ୍ବର ସହ ପରଷନ୍ତୁ।



“ବର୍ତ୍ତମାନ ଇନଭର୍ଟର ଏସି ଶୃଙ୍ଖଳାରେ ୩୮% ବଜାର ଅଂଶ ହାସଲ କରିଥିବା ବେଳେ ଚଳିତ ବର୍ଷ ଏହା ୪୦% ଛୁଇଁବା ନେଇ ଆଶାବାଦୀ।

–ବିଜୟ ବାବୁ, ଉପସଭାପତି, ଏଲ୍‌ଜି ଇଲେକ୍‌ଟ୍ରୋନିକ୍ସ ଇଣ୍ଡିଆ



“ପ୍ରଡକ୍ଟ ଷ୍ଟ୍ରାଟେଜି କ୍ଷେତ୍ରରେ ଟାଇଗର ବ୍ରାଣ୍ଡ ଏକ ପ୍ରମୁଖ ସ୍ଥାନରେ ରହିଛି।

– ସୋଏବ ଫାରୁକ, ସାଧାରଣ ପ୍ରବନ୍ଧକ, ଟାୟମ୍ପ ମୋଟର ସାଇକେଲ ଇଣ୍ଡିଆ

## ସଂକ୍ଷେପରେ

### ବୋଇଂ ଜେଟ୍‌ର ନିରାପତ୍ତା ଯାଞ୍ଚ ନିର୍ଦ୍ଦେଶ



ନୂଆଦିଲ୍ଲୀ,୧୧-୩

ଗତ ୫ ମାସରେ ବିମାନ ନିର୍ମାଣକାରୀ ସଂସ୍ଥା ବୋଇଂର ବି୭୩୭ ମାକ୍ସର ୨ ବିମାନ ଦୁର୍ଘଟଣାଗ୍ରସ୍ତ ହେବା ଫଳରେ ୩୪୬ ଯାତ୍ରୀଙ୍କ ଜୀବନ ହାନି ଘଟିଛି। ନିକଟରେ ଇଥିଓପିଆରେ ହୋଇଥିବା ବିମାନ ଦୁର୍ଘଟଣାକୁ ଧ୍ୟାନରେ ରଖି କେନ୍ଦ୍ର ସରକାର ଘରୋଇ ବଜାରରେ ପରିଚାଳିତ ଏହି ମଡେଲ ପ୍ଲେନଗୁଡ଼ିକର ନିରାପତ୍ତା ଯାଞ୍ଚ କରାଇବା ପାଇଁ ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟକୁ ନିର୍ଦ୍ଦେଶ ଦେଇଛନ୍ତି। ଦେଶର ସ୍ପାଇସ ଜେଟ୍ ଏବଂ ଜେଟ୍ ଏୟାରୱେଜ ଭଳି ବିମାନ କମ୍ପାନୀ ଏହି ମଡେଲର ବିମାନ ପରିଚାଳନା କରୁଛନ୍ତି। ଯାତ୍ରୀ ନିରାପତ୍ତାକୁ ଧ୍ୟାନରେ ରଖି ବେସାମରିକ ବିମାନ ଚଳାଚଳ ସଚିବ ଏବଂ ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟକୁ ଆଗାମୀ କାର୍ଯ୍ୟପନ୍ଥା ଗ୍ରହଣ କରିବାକୁ କୁହାଯାଇଥିବା କେନ୍ଦ୍ର ମନ୍ତ୍ରୀ ସୁରେଶ ପ୍ରଭୁ କହିଛନ୍ତି। ଡିଜିସିଏ ଏହି ପ୍ରସଙ୍ଗ ଉପରେ ବର୍ତ୍ତମାନ ତର୍ଜମା କରୁଛି। ସୋମବାର ଅତିରିକ୍ତ ନିରାପତ୍ତା ସୂଚନା ଜାରି କରାଯାଇଥିବା ମନ୍ତ୍ରଣାଳୟର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

### ଏତିହାଦଠାରୁ ୭୫୦ କୋଟି ପୁଞ୍ଜି ଚାହୁଁଛି ଜେଟ୍



ନୂଆଦିଲ୍ଲୀ,୧୧-୩

ଜେଟ୍ ଏୟାରୱେଜ ଏହାର ପାର୍ଟନର ଏତିହାଦଠାରୁ ୭୫୦ କୋଟିର ପୁଞ୍ଜି ଆବଶ୍ୟକ କରୁଛି। ବିମାନ କମ୍ପାନୀ ବର୍ତ୍ତମାନ ଘୋର ଆର୍ଥିକ ସଙ୍କଟ ଦେଇ ଗତି କରୁଥିବା ବେଳେ ବିଭିନ୍ନ ସମସ୍ୟା ଲାଗି ଏହାର ଅନେକ ପ୍ଲେନକୁ ଚଳାଉ ନାହିଁ। ଜେଟ୍ ଏୟାରୱେଜ ଅଧକ୍ଷ ନରେଶ ଗୋୟଲ ଏ ସମ୍ପର୍କରେ ଏତିହାଦ ଗ୍ରୁପ ସିଇଓ ଟୋନି ଡୋଗଲାସଙ୍କୁ ଚିଠି ଲେଖିଛନ୍ତି। ଅର୍ଥ ମିଳିବାରେ ବିଳମ୍ବ ହେଲେ ବିମାନ କମ୍ପାନୀ କାର୍ଯ୍ୟ ପରିଚାଳନା ଠପ୍ ହୋଇ ଯିବ ବୋଲି ଗୋୟଲ କହିଛନ୍ତି। ଜେଟ୍ ପ୍ରିଭିଲେଜ ଅନ୍ତରୀଣ ଫଣ୍ଡିଂ ଲାଗି ବେସାମରିକ ବିମାନ ଚଳାଚଳ ମନ୍ତ୍ରଣାଳୟଠାରୁ ସବୁଜ ସଙ୍କେତ ଲାଭ କରିଥିବା ଗୋୟଲ ସୂଚନା ଦେଇଛନ୍ତି। ବିମାନ କମ୍ପାନୀର ରକ୍ଷା ଲାଗି ସହଯୋଗ ଆଶା କରୁଥିବା ଗୋୟଲ କହିଛନ୍ତି। ବିମାନ କମ୍ପାନୀର ଋଣକୁ ଇକ୍ୱିଟିରେ ରୂପାନ୍ତରିତ କରିବାକୁ ବ୍ୟାଙ୍କଗୁଡ଼ିକ ଆଗେଇ ଆସିବା ପରେ ଏହା ଫେବୃୟାରୀ ୨୧ରେ ଅଂଶୀଦାରଙ୍କ ମଞ୍ଜୁରୀ ଲାଭ କରିଥିଲା।

# ନୀରବଙ୍କ ବିରୋଧରେ ଇଡିର ସାନି ଚାର୍ଜଶିଟ୍

ନୂଆଦିଲ୍ଲୀ,୧୧-୩

ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ(ପିଏନ୍‌ବି)ର ମହାଘୋଟାଲାରେ ଅନ୍ୟତମ ମୁଖ୍ୟ ଅଭିଯୁକ୍ତ ନୀରବ ମୋଦିଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) ସୋମବାର ସାନି ଚାର୍ଜଶିଟ୍ ଦାଏର କରିଛି। ବେଆଇନ ଅର୍ଥ କାରବାର ନିରୋଧ ଆଇନ(ପିଏମ୍ଏଲ୍ଏ)ର ବମ୍ବେ ସ୍ଥିତ ସ୍ୱତନ୍ତ୍ର କୋର୍ଟରେ ଚାର୍ଜଶିଟ ହୋଇଥିବା ଇଡି ପକ୍ଷରୁ କୁହାଯାଇଛି। ଏହା ଏକ ଅତିରିକ୍ତ ଚାର୍ଜଶିଟ ହୋଇଥିବା ବେଳେ ଏଥିରେ ନୀରବ ମୋଦିଙ୍କ ସମେତ ଅନ୍ୟମାନଙ୍କ ନାମ ଉଲ୍ଲେଖ ରହିଛି। ନୀରବ ଲଣ୍ଡନର ୮ ନିୟୁତ ପାଉଣ୍ଡ ଲକଜ୍ୟୁରୀ ଆପାର୍ଟମେଣ୍ଟରେ ରହୁଥିବା ଜଣାପଡ଼ିଛି। ସେ ପୁଣିଥରେ ହୀରା ବ୍ୟବସାୟ ଆରମ୍ଭ କରିବା ଘଟଣା ସାମ୍ନାକୁ



ଆସିବା ପରେ ଏହି ମାମଲାରେ ଇଡି ନୂଆ ଚାର୍ଜଶିଟ ଦାଖଲ କରିଛି। ନ 1 ର ବ ଙ୍କ ବିରୋଧରେ ପ୍ରତ୍ୟାର୍ପଣ କାର୍ଯ୍ୟାନୁଷ୍ଠାନ ଲାଗି ୟୁନାଇଟେଡ କିଙ୍ଗଡମର ହୋମ ସେକ୍ରେଟାରୀ ଭାରତର ଅନୁରୋଧକୁ କୋର୍ଟକୁ ପଠାଇଛନ୍ତି। ଏହି ମାମଲାରେ ଇଡି ପକ୍ଷରୁ ଗତ ବର୍ଷ ମେ ମାସରେ ପ୍ରଥମ ଚାର୍ଜଶିଟ କରାଯାଇଥିଲା। ନୀରବ ଏବଂ ତାଙ୍କ ମାମୁ ମେହୁଲ ଚୋକ୍‌ସୀଙ୍କ ବିରୋଧରେ ଇଡି ସମେତ ସିବିଆଇ ଭଳି କେନ୍ଦ୍ରୀୟ ଏଜେନ୍ସିଗୁଡ଼ିକ ତଦନ୍ତ କରୁଛନ୍ତି। ମୁମ୍ବାଇର ବ୍ରାଡି ହାଉସ ଶାଖାରୁ ବେଆଇନ ଭାବେ ଋଣ ଠକେଇରେ ଏମାନେ ସମ୍ପୃକ୍ତ ଥିବା ଅଭିଯୋଗ ଆସିଛି। ନୀରବ ବର୍ତ୍ତମାନ ଲଣ୍ଡନର ପଏଣ୍ଟ ଟାୱାର ବ୍ଲକର ୩ ବେଡ୍‌ରୁମ ଫ୍ଲାଟରେ ରହୁଛନ୍ତି। ଏହାର ମାସିକ ଭଡା ୧୭,୦୦୦ ପାଉଣ୍ଡ ରହିଛି। ଇଡି ପିଏମ୍ଏଲ୍ଏରେ ନୀରବଙ୍କ ୧୮୭୩ କୋଟି ଟଙ୍କାର ସମ୍ପତ୍ତି ଜବତ କରିଛି। ଏହାସହ ତାଙ୍କ ପରିବାର ସହ ସମ୍ପୃକ୍ତ ୪୮୯ କୋଟି ଟଙ୍କା ସମ୍ପତ୍ତି ମଧ୍ୟ ଜବତ ହୋଇଛି।

# ସାମ୍‌ସଙ୍ଗର ନୂଆ ଗାଲାକ୍ସି ଏସ୍୧୦

ନୂଆଦିଲ୍ଲୀ, ୧୧-୩




ସାମ୍‌ସଙ୍ଗ ପକ୍ଷରୁ ପରବର୍ତ୍ତୀ ପିଢ଼ି ଗାଲାକ୍ସି ଏସ୍ ୧୦ ସ୍ମାର୍ଟଫୋନ ବଜାରରେ ପ୍ରବେଶ କରିଛି। ଏସ୍ ସିରିଜରେ ନୂଆ ଗାଲାକ୍ସି ୧୦ଇ, ଗାଲକ୍ସି ୧୦ ଏବଂ ଗାଲାକ୍ସି ୧୦ ପ୍ଲସ ରହିଥିବା କମ୍ପାନୀ ପକ୍ଷରୁ ସୂଚନା ରହିଛି। ଏହା କମ୍ପାନୀର ସ୍ଥିରୀକୃତ ରିଟେଲ୍ ଷ୍ଟୋର ଏବଂ ଅନ୍‌ଲାଇନ ପ୍ଲାଟଫର୍ମରେ ଉପଲବ୍ଧ ହେଉଛି। ମଡେଲଟି ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମାଣ ହୋଇଥିବାବେଳେ ଗ୍ରାହକଙ୍କୁ ସ୍ୱତନ୍ତ୍ର ୟୁଜର୍ ଅଭିଜ୍ଞତା ପ୍ରଦାନ କରିବ। ମଡେଲଟିରେ ଇନ୍‌ଫିନିଟି ଓ ଡିସ୍‌ପ୍ଲେ, ଭର୍ସାଟାଇଲ ପ୍ରୋ ଗ୍ରେଡ୍ କ୍ୟାମେରା, ୱେର୍‌ଲେସ ପାୱାର ଶେୟାର, ଇନ୍‌ଡିସ୍‌ପ୍ଲେ ଅଲଟ୍ରାସୋନିକ ଫିଙ୍ଗରପ୍ରିଣ୍ଟ ଭଳି ବୈଶିଷ୍ଟ୍ୟ ସ୍ଥାନିତ ହୋଇଛି। ଗ୍ରାହକଙ୍କର ବହୁବିଧ ସ୍ମାର୍ଟଫୋନ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏହା ସହାୟକ ହେବ ବୋଲି କମ୍ପାନୀର ଆଇଟି ତଥା ମୋବାଇଲ କମ୍ୟୁନିକେଶନ ଡିଭିଜନ ସଭାପତି ଡି.ଜେ. କୋହ ସୂଚନା ଦେଇଛନ୍ତି।

# ପିସିଏରୁ ବାହାରିବ ଆଇଡିବିଆଇ ବ୍ୟାଙ୍କ

ନୂଆଦିଲ୍ଲୀ,୧୧-୩

ଆସନ୍ତା ସେପ୍ଟେମ୍ବର ମାସ ଶେଷ ସୁଦ୍ଧା ଆଇଡିବିଆଇ ବ୍ୟାଙ୍କ ରିଜର୍ଭ ବ୍ୟାଙ୍କର ପ୍ରମ୍ପଟ କରେକ୍ଟିଭ ଆକ୍ସନ(ପିସିଏ) କାର୍ଯ୍ୟାନୁଷ୍ଠାନରୁ ମୁକୁଳିବାକୁ ଯୋଜନା ରଖିଛି। ଏହି ସମୟରେ ୧୦୦ ବିଲିୟନ ଡଲାରର ଏନ୍‌ପିଏ ବିକ୍ରି କରିବାକୁ ବ୍ୟାଙ୍କ ଯୋଜନା ରଖିଛି। ଏନ୍‌ପିଏ ଅସୁଲକୁ ଦୃଢ କରିବା ଦିଗରେ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଥିବା




ବ୍ୟାଙ୍କର ଏମ୍‌ଡି ତଥା ସିଇଓ ରାକେଶ ଶର୍ମା କହିଛନ୍ତି। ଜୁନ ସୁଦ୍ଧା ଏହି କାର୍ଯ୍ୟକୁ ଅଗ୍ରସର କରିବାକୁ ବ୍ୟାଙ୍କ ଯୋଜନା ଧାର୍ଯ୍ୟ କରିଛି। ଆଇଡିବିଆଇ ବ୍ୟାଙ୍କରେ ଏଲ୍‌ଆଇସି ଅଂଶଧନ କ୍ରୟ କରିବା ପରେ ୨୧୦ ବିଲିୟନ ନିବେଶ କରିଛି। ବ୍ୟାଙ୍କର କାର୍ଯ୍ୟଧାରାକୁ ଦୃଢ କରିବା ଦିଗରେ ଏଭଳି ପଦକ୍ଷେପ ନିଆଯାଉଥିବା ଶର୍ମା କହିଛନ୍ତି। ବିଭିନ୍ନ କାର୍ଯ୍ୟକ୍ରମ ଜାରି ରହିଲେ ଆଗାମୀ ସେପ୍ଟେମ୍ବର ବେଳକୁ ବ୍ୟାଙ୍କରେ ଏନ୍‌ପିଏ ହ୍ରାସ ହେବା ସହ ଲାଭ ମଧ୍ୟ ବୃଦ୍ଧି ଘଟିବ। ବାଲାନ୍ସ ସିଟ୍ ଉନ୍ନତ ହେବା ସହ ଋଣ ପ୍ରଦାନ ଧାରାରେ ଉନ୍ନତି ଆସିବ ବୋଲି ଶର୍ମା ପ୍ରକାଶ କରିଛନ୍ତି।

# ୩୭ ହଜାର ସ୍ତରରେ ସେନ୍‌ସେକ୍ସ



ମୁମ୍ବାଇ,୧୧-୩

ବମ୍ବେ ଷ୍ଟକ ଏକ୍ସଚେଞ୍ଜ ସୋମବାର ୩୮୩ ପଏଣ୍ଟ ବୃଦ୍ଧି ଘଟି ପୁଣିଥରେ ୩୭,୦୦୦ ସ୍ତର ଛୁଇଁଛି। ଏହା ୬ ମାସ ମଧ୍ୟରେ ସବୁଠାରୁ ଉନ୍ନତ ସ୍ତର ବୋଲି ଜଣା ପଡ଼ିଛି। ବିଦେଶୀ ପୁଞ୍ଜି ଏବଂ ବିଶ୍ୱ ବଜାରର ଉନ୍ନତ ସ୍ଥିତି ଯୋଗୁ ସୂଚକାଙ୍କରେ ଉନ୍ନତି ଆସିଛି। ସେହିଭଳି ଏନ୍‌ଡିଏ ସରକାର ଆଉଥରେ ସତ୍ତାକୁ ଆସିବା ନେଇ ନିବେଶକ ମାନେ ଆଶା ରଖୁଥିବାରୁ ଏହା ବଜାର ଉପରେ ଭଲ ପ୍ରଭାବ ପକାଉଛି ବୋଲି ବିଶେଷଜ୍ଞମାନେ କହିଛନ୍ତି। ସେନସେକ୍ସରେ ସୋମବାର ୩୮୨.୬୭ ପଏଣ୍ଟ(୧.୦୪%) ବୃଦ୍ଧି ଘଟି ୩୭,୦୫୪.୧୦ ସ୍ତରରେ କାରବାର ବନ୍ଦ ହୋଇଛି। ଗତ ସେପ୍ଟେମ୍ବର ମାସଠାରୁ ଏହା ସର୍ବୋଚ୍ଚ ସ୍ତରର କାରବାର। ଶୁକ୍ରବାର ସେନସେକ୍ସରେ ୦.୧୫% ହ୍ରାସ ଘଟି କାରବାର ୩୬,୬୭୧.୪୩ ସ୍ତରରେ ରହିଥିଲା। ସେହିଭଳି ସେପ୍ଟେମ୍ବର ୨୬ ପରଠାରୁ ନିଫ୍ଟିରେ କାରବାର ମଧ୍ୟ ସର୍ବୋଚ୍ଚ ସ୍ତରରେ ରହିଛି। ଏହି ସମୟରେ ନିଫ୍ଟି ୧୧,୧୬୮.୦୫ ପଏଣ୍ଟ ସ୍ତର ଛୁଇଁଥିବା ଜଣା ପଡ଼ିଛି।

# ସଞ୍ଜୟ ଇଲେକ୍‌ଟ୍ରୋନିକ୍ସ ଶୋ’ରୁମ୍ ଉନ୍ମୋଚିତ

ଭୁବନେଶ୍ୱର,୧୧-୩

ପ୍ରମୁଖ ଇଲେକଟ୍ରୋନିକ୍ସ ଶୋ’ରୁମ ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ଚ୍ୟାନେଲ ପାର୍ଟନର ସଞ୍ଜୟ ଇଲେକଟ୍ରୋନିକ୍ସ କଟକର ନିଶ୍ଚିନ୍ତକୋଇଲିଠାରେ ଉନ୍ମୋଚନ ହୋଇଛି। ଗୁପ୍ତା ଡିଷ୍ଟ୍ରିବ୍ୟୁଟର୍ସର ସ୍ୱତ୍ୱାଧିକାରୀ ରାଜେଶ ଗୁପ୍ତା ଏହାକୁ ଶୁଭାରମ୍ଭ କରିଥିଲେ। ଶୋ’ରୁମରେ ଅତ୍ୟାଧୁନିକ ପ୍ରଡକ୍ଟଗୁଡ଼ିକର ଆକର୍ଷଣୀୟ ଡିସ୍‌ପ୍ଲେ ରଖାଯାଇଛି। ଗ୍ରାହକମାନେ ଏଠାରେ ହୋମ ଆପ୍ଲାଏନ୍ସ, ଏଲ୍‌ଇଡି ଟିଭି, ଏୟାର କଣ୍ଡିସନର, କିଚେନ ଆପ୍ଲାଏନ୍ସ, ଲ୍ୟାପ୍‌ଟପ ଏବଂ ମୋବାଇଲ ଭଳି ପ୍ରଡକ୍ଟ ଗୋଟିଏ ଛାତତଳେ ଲାଭ କରିପାରିବେ। ଉତ୍ସବ ସମୟରେ ଆକର୍ଷଣୀୟ ଅଫର, 0% ସୁଧ ଏବଂ ସହଜ କିସ୍ତିରେ ଗ୍ରାହକ ପ୍ରଡକ୍ଟ କିଣିବାକୁ ସକ୍ଷମ ହେବେ ବୋଲି ସ୍ୱତ୍ୱାଧିକାରୀ ଚିତ୍ତରଞ୍ଜନ ଦାସ କହିଛନ୍ତି।

# ଆଇସିଆଇସିଆଇ ପକ୍ଷରୁ ମହିଳାଙ୍କୁ ଦକ୍ଷତା ତାଲିମ

ଭୁବନେଶ୍ୱର,୧୧-୩

ଆଇସିଆଇସିଆଇ ବ୍ୟାଙ୍କ ପକ୍ଷରୁ ସ୍ଥାପନା ହୋଇଥିବା ସ୍କିଲ ଏକାଡେମୀ ବର୍ତ୍ତମାନ ସୁଦ୍ଧା ୧୪୦୦ ମହିଳାଙ୍କୁ ଦକ୍ଷତା ତାଲିମ ପ୍ରଦାନ କରିଛି। ଭୁବନେଶ୍ୱରର ବମିଖାଲରେ ଥିବା ତାଲିମ ପ୍ରତିଷ୍ଠାନରେ ଅଫିସ ପରିଚାଳନାରେ ୩ ମାସିଆ ପାଠ୍ୟକ୍ରମ ସହ ଅନ୍ୟାନ୍ୟ କୋର୍ସ ପ୍ରଦାନ କରାଯାଉଛି। ଅତିକମ୍‌ରେ ଦଶମ ଶ୍ରେଣୀ ପଢ଼ା ଶେଷ କରିଥିବା ୧୮ରୁ ୩୦ ବର୍ଷ ବୟସର ମହିଳା ଏଥି ଲାଗି ଆବେଦନ କରିପାରିବେ। ନିଯୁକ୍ତି ପ୍ରଦାନ ଲାଗି ୧୨୦ ଶିଳ୍ପ ସଂସ୍ଥାଙ୍କ ସହ ଏହା ଯୋଡି ହୋଇଥିବା କହିଛି। ବର୍ତ୍ତମାନ ଏଠାରେ ୫୮ ଛାତ୍ରୀଛାତ୍ର ତାଲିମ ଗ୍ରହଣ କରୁଛନ୍ତି। ନିରନ୍ତର ଜୀବନ ଜିବିକାକୁ ନିଶ୍ଚିତ କରାଇବାରେ ଏହା ସହାୟକ ହେବ ବୋଲି ଆଇସିଆଇସିଆଇ ବ୍ୟାଙ୍କର ଏମ୍‌ଡି ଅନୁପ ବାଗ୍‌ଚୀ କହିଛନ୍ତି।

# ଆଲ୍ଲାହାବାଦ ବ୍ୟାଙ୍କର ପୂର୍ବତନ ଇଡି ସମ୍ବର୍ଦ୍ଧିତ

ଭୁବନେଶ୍ୱର,୧୧-୩

ଆଲ୍ଲାହାବାଦ ବ୍ୟାଙ୍କର ପୂର୍ବତନ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ(ଇଡି) ନବ କିଶୋର ସାହୁଙ୍କୁ ଭୁବନେଶ୍ୱର ମଣ୍ଡଳ ଅଧିକାରୀଙ୍କ ପକ୍ଷରୁ ଆୟୋଜିତ ଏକ କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧନା ଦିଆଯାଇଛି। ୨୦୧୫ରେ ସେ ଦ୍ୱିତୀୟ ଓଡ଼ିଆ ଭାବେ ବ୍ୟାଙ୍କର ଉଚ୍ଚ ପଦବୀରେ ଅବସ୍ଥାପିତ ହୋଇଥିଲେ। ଏହା ପୂର୍ବରୁ ସେ କାନାରା ବ୍ୟାଙ୍କ ମୁଖ୍ୟ ମହାପ୍ରବନ୍ଧକ ଭାବେ କାର୍ଯ୍ୟ କରିଛନ୍ତି। କଟକର କଳାପଥରଠାରେ ଜନ୍ମିତ ସାହୁ କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରୁ ଶିକ୍ଷା



ପରେ କାନାରା ବ୍ୟାଙ୍କର ସମ୍ପ୍ରସାରଣ ଅଧିକାରୀ ଭାବେ କର୍ମଜୀବନ ଆରମ୍ଭ କରିଥିଲେ। ଏଥିରେ ବ୍ୟାଙ୍କର ଅଂଶୀଦାର ନିର୍ଦ୍ଦେଶକ ବିଜୟ କୁମାର ସାହୁ ଏବଂ ଶିଳ୍ପପତି ମହେନ୍ଦ୍ର କୁମାର ଗୁପ୍ତା, ବ୍ୟାଙ୍କର ଭୁବନେଶ୍ୱର ମଣ୍ଡଳ କାର୍ଯ୍ୟାଳୟ ମୁଖ୍ୟ ଉପମହାପ୍ରବନ୍ଧକ କେ.ମୁରଳୀକ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

# ନୀଳାଚଳ ଇସ୍ପାତରେ ରେକର୍ଡ ଉତ୍ପାଦନ



ଭୁବନେଶ୍ୱର, ୧୧-୩

ଯାଜପୁର କଳିଙ୍ଗ ନିଗରସ୍ଥିତ ନୀଳାଚଳ ଇସ୍ପାତ ନିଗମ ଲିମିଟେଡ(ଏନ୍‌ଆଇଏନ୍‌ଏଲ୍) ଷ୍ଟିଲ ମେଲ୍ଟିଂ ଶପ୍ କାର୍ଯ୍ୟକ୍ଷମ କରି ଲିକ୍ୟୁଡ ଷ୍ଟିଲ ଷ୍ଟିଲ ଏବଂ ବିଲେଟ୍ ଉତ୍ପାଦନରେ ରେକର୍ଡ ହାସଲ କରିଛି। କମ୍ପାନୀ ଫେବୃୟାରୀରେ ୨୩,୬୫୨ ଟନ୍ ଲିକ୍ୟୁଡ ଷ୍ଟିଲ ଏବଂ ୨୧,୬୪୦ ଟନ୍ ବିଲେଟ୍ ଉତ୍ପାଦନ କରିଛି। ଏହା ସର୍ବାଧିକ ମାସିକ ଉତ୍ପାଦନ। କମ୍ପାନୀ ବିଦ୍ୟୁତ ସଞ୍ଚାର ଖୁଣ୍ଟ ଲାଗି ବ୍ୟବହୃତ ଷ୍ଟିଲର ଉତ୍ପାଦନ ମଧ୍ୟ ଆରମ୍ଭ କରିଛି। ଏହା ଶୀଘ୍ର ନିଜ ବ୍ରାଣ୍ଡର ଟିଏମ୍‌ଟି ୱାୟାର ରଡ୍ ବାର ଉତ୍ପାଦନ ଆରମ୍ଭ କରିବାକୁ ଯୋଜନା ରଖିଥିବା କହିଛି।

# ଗବେଷଣା, ବିକାଶକୁ ନାଲ୍‌କୋର ଗୁରୁତ୍ୱ

ଭୁବନେଶ୍ୱର,୧୧-୩

ନ୍ୟାଶନାଲ୍ ଆଲୁମିନିୟମ କମ୍ପାନୀ (ନାଲ୍‌କୋ) ଗବେଷଣା ଏବଂ ବିକାଶକୁ ଗୁରୁତ୍ୱ ପ୍ରଦାନ ପୂର୍ବକ ନୂଆ ପଦକ୍ଷେପ ସମ୍ପର୍କରେ ଘୋଷଣା କରିଛି। କମ୍ପାନୀ ପ୍ରଥମଥର ଲାଗି ବିଶ୍ୱର ନାନୋ ଭିତ୍ତିକ ଏମ୍ରିଅନ ଟେକ୍ନୋଲୋଜି ଉପଯୋଗ କରିଛି। ନାଲ୍‌କୋସ୍ଥିତ ସ୍ମେଲଟର ପ୍ଲାଣ୍ଟରୁ ନିର୍ଗତ ଜଳରୁ ଫ୍ଲୋରାଇଡ ନିଷ୍କାସନ ପାଇଁ ଡିଫ୍ଲୋରିଡେଶନ ପ୍ରକଳ୍ପ ସଫଳତାର ସହ କାର୍ଯ୍ୟାନ୍ୱୟନ କରାଯାଇଛି। ସେହିଭଳି ସ୍ମେଲଟର ରୋଲିଂ ପ୍ଲାଣ୍ଟରେ ଏଏ ୩୧୦୫ ଆଲଏର ଉତ୍ପାଦନ ଆରମ୍ଭ ହୋଇଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ଫ୍ୟାନ୍ ବ୍ଲେଡରେ ଏହି ଧାତୁ ଉପଯୋଗ ହେବାର ବ୍ୟାପକ ସୁଯୋଗ ରହିଛି। ୨୦୧୭-୧୮ ଆର୍ଥିକ ବର୍ଷରେ ନାଲ୍‌କୋ ନାମରେ ୪ଟି ପ୍ୟାଟେଣ୍ଟ ଅନୁମୋଦିତ ହୋଇଛି। ବର୍ତ୍ତମାନ ପର୍ଯ୍ୟନ୍ତ କମ୍ପାନୀ ପକ୍ଷରୁ ୩୫ଟି ପ୍ୟାଟେଣ୍ଟ ଫାଇଲ୍ ହୋଇଛି। ୧୬ଟିର ମଞ୍ଜୁରୀ ହୋଇଥିବବେଳେ ୫ଟି ବ୍ୟବସାୟିକ ସ୍ତରରେ କାର୍ଯ୍ୟାନ୍ୱୟନ ହୋଇଛି। ନାଲ୍‌କୋ ୨୦୧୬-୧୭ରେ ଗବେଷଣା ଓ ବିକାଶ କ୍ଷେତ୍ରରେ ୪୮ କୋଟିଏବଂ ୨୦୧୭-୧୮ରେ ୨୮ କୋଟି ଟଙ୍କା ବ୍ୟୟ କରିଥିବା ସୂଚନା ଦେଇଛି।

# ପିଏମ୍ କିଷାନରେ କୃଷକଙ୍କୁ ୫,୨୧୫ କୋଟି



ନୂଆଦିଲ୍ଲୀ,୧୧-୩

ପ୍ରଧାନମନ୍ତ୍ରୀ କିଷାନ ଯୋଜନାରେ କେନ୍ଦ୍ର ସରକାର ବର୍ତ୍ତମାନ ସୁଦ୍ଧା ୨.୬ କୋଟି କ୍ଷୁଦ୍ର ଏବଂ ନାମମାତ୍ର ଚାଷୀଙ୍କୁ ୫,୨୧୫ କୋଟି ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। ଅନ୍ତରୀଣ ବଜେଟରେ ଏହି ଯୋଜନା ସମ୍ପର୍କରେ ଘୋଷଣା କରାଯାଇଥିଲା। ଆଗକୁ ସାଧାରଣ ନିର୍ବାଚନ ଥିବାବେଳେ ସରକାର ପ୍ରଧାନମନ୍ତ୍ରୀ କିଶାନ ସମ୍ମାନ ନିଧି (ପିଏମ୍-କିଶାନ) ଯୋଜନାରେ ୭୫,୦୦୦ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ପ୍ରତି ଚାଷୀ ପିଛା ୩ଟି କିସ୍ତିରେ ବାର୍ଷିକ ୬ ହଜାର ଟଙ୍କା ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଛି। ୨ ହେକ୍ଟର ଜମି ଥିବା ପ୍ରାୟ ୧୨ କୋଟି ଚାଷୀ ଏହି ଆର୍ଥିକ ସହାୟତା ଲାଭ କରି ପାରିବେ। ମାର୍ଚ୍ଚ ଶେଷ ସୁଦ୍ଧା ପ୍ରଥମ ପର୍ଯ୍ୟାୟ ଅର୍ଥ ପ୍ରଦାନ ପାଇଁ ୨୦ ହଜାର କୋଟି ଟଙ୍କା ବ୍ୟବସ୍ଥା କରାଯାଇଛି। ଉତ୍ତରପ୍ରଦେଶର ଗୋରଖପୁରଠାରେ ଫେବୃୟାରୀ ୨୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବା ସହ ୧.୦୧ କୋଟି କୃଷକଙ୍କୁ ୨,୦୨୧ କୋଟି ଟଙ୍କା ସ୍ଥାନାନ୍ତର ନେଇ ଘୋଷଣା କରିଥିଲେ। ବର୍ତ୍ତମାନ ସୁଦ୍ଧା କୃଷକଙ୍କ ଆକାଉଣ୍ଟକୁ ୫,୨୧୫ କୋଟି ଟଙ୍କା ସ୍ଥାନାନ୍ତର ହୋଇଥିବା ପିଏମ୍‌ଓ ପକ୍ଷରୁ ରବିବାର ସୂଚନା ଦିଆଯାଇଛି।

**ଓଡ଼ିଶାରେ ୮.୦୭ ଲକ୍ଷ କୃଷକ ଉପକୃତ**

ମାର୍ଚ୍ଚ ୭ ସୁଦ୍ଧା ଉତ୍ତର ପ୍ରଦେଶର ୭୪.୭୧ ଲକ୍ଷ କୃଷକ ଏବଂ ଆନ୍ଧ୍ର ପ୍ରଦେଶର ୩୨.୧୫ ଲକ୍ଷ କୃଷକ ଲାଭବାନ ହୋଇଛନ୍ତି। ସେହିଭଳି ହରିୟାଣାରେ ୮ ଲକ୍ଷ, ଗୁଜରାଟରେ ୨୫.୫୮ ଲକ୍ଷ, ମହାରାଷ୍ଟ୍ରରେ ୧୧.୫୫ ଲକ୍ଷ, ତେଲେଙ୍ଗାନାରେ ୧୪.୪୧ ଲକ୍ଷ, ତାମିଲନାଡୁରେ ୧୪.୦୧ ଲକ୍ଷ, ଆସାମରେ ୮.୦୯ ଏବଂ ଓଡ଼ିଶାରେ ୮.୦୭ ଲକ୍ଷ କୃଷକ ଏହି ଯୋଜନାରେ ଉପକୃତ ହୋଇଛନ୍ତି।

# ହୋଣ୍ଡା କାର୍‌ସ ଇଣ୍ଡିଆର ବିକ୍ରି ଅଭିବୃଦ୍ଧି

ନୂଆଦିଲ୍ଲୀ,୧୧-୩

ହୋଣ୍ଡା କାର୍‌ସ ଇଣ୍ଡିଆ ଲିମିଟେଡ(ଏଚ୍‌ସିଆଇଏଲ୍) ଫେବୃୟାରୀମାସରେ ୧୬% ବିକ୍ରି ଅଭିବୃଦ୍ଧି ସମ୍ପର୍କରେ ଘୋଷଣା କରିଛି। ଏହି ସମୟରେ କମ୍ପାନୀ ୧୩,୫୨୭ ୟୁନିଟ ଯାନ ବିକ୍ରି କରିଛି। ଏହା ଗତ ବର୍ଷ ସମାନ ସମୟରେ ୧୧,୬୫୦ ୟୁନିଟ ରହିଥିଲା। ଚଳିତ ଆର୍ଥିକ ବର୍ଷରେ କମ୍ପାନୀ ମୋଟ ଅଭିବୃଦ୍ଧି ୬.୫% ରହିଛି। ଏପ୍ରିଲ ୨୦୧୯ରୁ ଫେବୃୟାରୀ ୨୦୧୯ ସୁଦ୍ଧା କମ୍ପାନୀ ୧,୬୬,୫୮୫ ୟୁନିଟ ଯାନ ବିକ୍ରି କରିଛି। ଏହା ଗତ ବର୍ଷ ସମାନ ସମୟ ମଧ୍ୟରେ ୧,୫୬,୪୫୨ ୟୁନିଟ ରହିଥିଲା। ବିଭିନ୍ନ ମଡେଲ ସହ ବିକ୍ରିରେ ଉନ୍ନତି ଲାଗି ଯୋଜନା ରଖିଥିବା କମ୍ପାନୀର ବିକ୍ରି ଓ ମାର୍କେଟିଂ ବରିଷ୍ଠ ଉପସଭାପତି ତଥା ନିର୍ଦ୍ଦେଶକ ରାଜେଶ ଗୋଏଲ କହିଛନ୍ତି।

**OFFICE OF THE CHIEF DISTRICT MEDICAL & PUBLIC HEALTH OFFICER, BALASORE**

ଓଡ଼ିଶା ସରକାର

**Advertisement No.-3756** **Date:08.03.2019**

Applications are invited from eligible candidate for filling up of various posts under Revised National Tuberculosis Control Programme (RNTCP) for Balasore District on contractual basis initially for 11 months and subject to renewal as per the Society norms. A candidate should be within 18 to 32 years with relaxation of age as per State Govt. rules & for retired person (Govt. Service) age limit will be 62 years as on 01.03.2019. Application form & details can be downloaded from the official website **www.baleswar.nic.in.** Interested candidates fulfilling the eligibility criteria are requested to apply to the undersigned on or before 27.03.2019 by Speed post/Regd. Post only.

| Sl. No. | Name of the Post | No. of Vacancy | Remuneration per month |
|---|---|---|---|
| 1 | Senior Treatment Supervisor (STS) | 1 | 18281 /- + PI |
| 2 | Senior TB Laboratory Supervisor (STLS) | 2 | 18281 /- + PI |
| 3 | Laboratory Technician (LT) | 3 | 11562 /- + PI |
| 4 | Driver | 1 | 11576 /- + PI |

**Sd./- Chief District Medical & Public Health Officer, Balasore**

**ଜବାହର ନବୋଦୟ ବିଦ୍ୟାଳୟ, ଚମ୍ପତିମୁଣ୍ଡା, ଅନୁଗୋଳ**

**ଷଷ୍ଠ ଶ୍ରେଣୀ ପ୍ରବେଶିକା ପରୀକ୍ଷା ୨୦୧୯ (୦୬।୦୪।୨୦୧୯)**

**Notice / ସୂଚନା**

It is for the information of the Parents, Teachers, Guardians of the candidates who have registered to the JNVST-2019 of Angul district which is scheduled to be held on 06.04.2019 (Saturday) in different centers of Angul are instructed to downloaded the admit cards from the website www.navodaya.gov.in / www.jnvangul.org.

The credentials to download the admit card are the registration number and the pass ward received during applying online.

In any discrepancy please contact:- 9439817206, 9437854494, 8763146855, 9437239283.

ଏତଦ୍ୱାରା ଜବାହର ନବୋଦୟ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ୨୦୧୯ ନିମନ୍ତେ ଆବେଦନ କରିଥିବା ଛାତ୍ରଛାତ୍ରୀମାନଙ୍କର ଶିକ୍ଷକ, ଅଭିଭାବକ ତଥା ପିତା/ମାତାଙ୍କୁ ଅବଗତ କରାଯାଉଛି କି, ଆସନ୍ତା ଏପ୍ରିଲ ୬ ତାରିଖ ଶନିବାର ଦିନ ହେବାକୁ ଥିବା ପ୍ରବେଶିକା ପରୀକ୍ଷା ନିମନ୍ତେ ଆଡମିଡ୍ କାର୍ଡ (Admit card) ନବୋଦୟ ବିଦ୍ୟାଳୟ ସମିତିର ୱେବ୍‌ସାଇଟ୍ (www.navodaya.gov.in / (www.jnvangul.org.) ରୁ ଡାଉନ୍ ଲୋଡ୍ ଆରମ୍ଭ ହୋଇଯାଇଛି। ପ୍ରାର୍ଥୀ/ ପ୍ରାର୍ଥିନୀ ଆବେଦନ କରିଥିବା ସମୟରେ ପ୍ରାପ୍ତ ରେଜିଷ୍ଟ୍ରେଶନ ନଂ ଏବଂ ପାସ୍ ୱାର୍ଡ ବ୍ୟବହାର କରି ନିଜ ନିଜର ଆଡ୍‌ମିଟ୍ କାର୍ଡ ଡାଉନ୍ ଲୋଡ୍ କରିପାରିବେ। ଯଦି ଏଥିରେ କିଛି ସମସ୍ୟାର ସମ୍ମୁଖୀନ ହୁଅନ୍ତି ତେବେ ଏହି ନମ୍ବରରେ ଯୋଗାଯୋଗ କରନ୍ତୁ। (୯୪୩୯୮୧୭୨୦୬, ୯୪୩୭୮୫୪୪୯୪, ୮୭୬୩୧୪୬୮୫୫, ୯୪୩୭୨୩୯୨୮୩)

**Sd./- Principal/ ଅଧକ୍ଷ**

> ଶେନ ୱର୍ନଙ୍କ ଭଳି ବୋଲିଂ କରୁଥିବାରୁ ଯୁଜବେନ୍ଦ୍ର ଚହଲଙ୍କ ତୁଳନାରେ କୁଲଦୀପ ଯାଦବଙ୍କୁ ସାମ୍ନା କରିବା କଷ୍ଟକର ହୋଇଥାଏ ।
> —ମାଥ୍ୟୁ ହେଡେନ, ପୂର୍ବତନ ଅଷ୍ଟ୍ରେଲୀୟ ଓପନର



> ୱାଟ୍‌ଫୋର୍ଡ ବିପକ୍ଷ ମ୍ୟାଚରେ ୧୩ ମିନିଟ୍‌ରେ ହ୍ୟାଟ୍ରିକ ସହ ଆମ ଦଳକୁ ଜିତାଇଥିବା ରହିମ୍ ଷ୍ଟର୍ଲିଂ ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଖେଳାଳି ।
> —ଭିନ୍‌ସେଣ୍ଟ କମ୍ପାନୀ, ମାଞ୍ଚେଷ୍ଟର ସିଟି ଖେଳାଳି



## ସଂକ୍ଷେପରେ

### ଅନ୍ତିମ ମ୍ୟାଚ୍‌ରେ ହାରିଲା ଓଡ଼ିଶା

**କଟକ ଅଫିସ,୧୧।୩:** ବମ୍ବେର କାନ୍ଦିଭିଲି ସଚିନ ତେନ୍ଦୁଲକର ଜିମଖାନା ଗ୍ରାଉଣ୍ଡରେ ସୋମବାର ଖେଳାଯାଇଥିବା ସିନିୟର ମହିଳା ଟି୨୦ ଟୁର୍ନାମେଣ୍ଟ ସୁପର୍‌ଲିଗ ପର୍ଯ୍ୟାୟର ଅନ୍ତିମ ମ୍ୟାଚ୍‌ରେ ଓଡ଼ିଶା ୮ ଉଇକେଟରେ ଝାଡ଼ଖଣ୍ଡଠାରୁ ପରାସ୍ତ ହୋଇଛି । ସୁପରଲିଗ ପର୍ଯ୍ୟାୟ ଗ୍ରୁପ-ବିରେ ସ୍ଥାନ ପାଇଥିବା ଓଡ଼ିଶା ୪ଟି ମ୍ୟାଚ୍‌ରୁ ଗୋଟିଏ ବିଜୟ ଓ ୩ଟି ପରାଜୟ ସହ ୪ ପଏଣ୍ଟ ହାସଲ କରି ପଏଣ୍ଟ ଟେବୁଲର ଅନ୍ତିମ ସ୍ଥାନରେ ରହିବା ସହ ପ୍ରତିଯୋଗିତାରୁ ବାଦ ହୋଇସାରିଛି । ସୋମବାର ମ୍ୟାଚ୍‌ରେ ଝାଡ଼ଖଣ୍ଡ ଟସ୍ ଜିତି ଓଡ଼ିଶାକୁ ବ୍ୟାଟିଂ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ଓଭରରେ ଓଡ଼ିଶା ୬ ଉଇକେଟ ହରାଇ ୧୧୯ରନ କରିଥିବାବେଳେ ଅଧିନାୟିକା ମଧୁସ୍ମିତା ବେହେରା ୫୫ରନର ଅର୍ଦ୍ଧଶତକୀୟ ଇନିଂସ ଖେଳିଥିଲେ । ଝାଡ଼ଖଣ୍ଡ ପକ୍ଷରୁ ଦେବ୍ୟାନି ୨ଟି ଉଇକେଟ ଅକ୍ତିଆର କରିଥିଲେ । ଝାଡ଼ଖଣ୍ଡ ୨ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲା । ଓପନର ରଶ୍ମୀ ଅପରାଜିତ ୬୧ରନ କରିବା ସହ ମ୍ୟାଚ୍ ବିଜୟୀ ଇନିଂସ ଖେଳିଥିଲେ ।

### ଡିଏସ୍‌ସି ଜାରକା ଚାମ୍ପିୟନ

**ଭୁବନେଶ୍ୱର, ୧୧।୩(ସ୍ପୋର୍ଟ୍ସ ବ୍ୟୁରୋ):** ବଡ଼ଚଣା ବ୍ଲକ ବଡ଼ଘୁମୁରୀ ପଞ୍ଚାୟତ ଭୁବନପୁର ଖେଳପଡ଼ିଆରେ ମିଳନ କ୍ରିକେଟ କ୍ଲବ ଆନୁକୂଲ୍ୟରେ ଅନୁଷ୍ଠିତ ବାବା ପ୍ରହ୍ଲାଦ ସ୍ମାରକୀ କ୍ରିକେଟରେ ଡିଏସ୍‌ସି ଜାରକା ଚାମ୍ପିୟନ ହୋଇଛି । ଫାଇନାଲ ମ୍ୟାଚ୍‌ରେ ଡିଏସ୍‌ସି ଜାରକା ୮ ଉଇକେଟ୍‌ରେ ଜେସିସି ଜାରକାକୁ ପରାସ୍ତ କରିଥିଲା । ପ୍ରଥମେ ବ୍ୟାଟିଂ କରି ଜେସିସି ଜାରକା ୧୨୦ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଜବାବରେ ଡିଏସ୍‌ସି ଜାରକା ୧୬.୧ ଓଭରରେ ୨ ଉଇକେଟ୍ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା । ସୁଶାନ୍ତ ସାହାଣୀ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସତ୍ୟଜିତ୍ ସାମଲ ମ୍ୟାନ୍ ଅଫ୍ ଦି ଟୁର୍ନାମେଣ୍ଟ ପୁରସ୍କାର ହାସଲ କରିଥିଲେ ।

### ଭିଜି ଟ୍ରଫି: ରେଭେନ୍‌ଶା ଗ୍ରାଉଣ୍ଡରେ ଅଭ୍ୟାସ ଆରମ୍ଭ

**କଟକ ଅଫିସ,୧୧।୩:** ମଧ୍ୟପ୍ରଦେଶର ଗ୍ୱାଲିୟରଠାରେ ଆସନ୍ତା ୧୭ରୁ ୨୩ ତାରିଖ ପର୍ଯ୍ୟନ୍ତ ବିଶ୍ୱବିଦ୍ୟାଳୟ କ୍ରିକେଟର ସବୁଠାରୁ ବଡ଼ ଟୁର୍ନାମେଣ୍ଟ ଭିଜି ଟ୍ରଫି ଅନୁଷ୍ଠିତ ହେବ । ଏଥି ନିମନ୍ତେ ରେଭେନଶା ବିଶ୍ୱବିଦ୍ୟାଳୟ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି ପୂର୍ବାଞ୍ଚଳ ଦଳର ପ୍ରସ୍ତୁତି ଶିବିର । ଓଡ଼ିଶା ରଣଜୀ ଦଳର କୋଚ୍ ରଶ୍ମୀରଞ୍ଜନ ପରିଡ଼ା ପୂର୍ବାଞ୍ଚଳ ଦଳର କୋଚ୍ ଦାୟିତ୍ୱରେ ଅଛନ୍ତି । ତେବେ ପୂର୍ବାଞ୍ଚଳ ଦଳରେ ଓଡ଼ିଶାର ୩ ବିଶ୍ୱବିଦ୍ୟାଳୟ ଦଳର ଖେଳାଳି ସ୍ଥାନ ପାଇଛନ୍ତି । ଏମାନେ ହେଲେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଦଳର ନିର୍ନିମେଷ ଜେନା, ସାର୍ଥକ ପରିଡ଼ା, ଉତ୍କଳ ବିଶ୍ୱବିଦ୍ୟାଳୟ ଦଳର ଆଶୁତୋଷ ଦାସ, ଶୁଭମ ନାୟକ ଓ କିଟ୍ ବିଶ୍ୱବିଦ୍ୟାଳୟ ଦଳର ଲୋହିତ ମହାନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ଦଳର ଅନ୍ୟ ଜଣେ ଖେଳାଳି କାର୍ତ୍ତିକ ବିଶ୍ୱାଳ ଷ୍ଟାଣ୍ଡବାଏ ରହିଛନ୍ତି । ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଏହି ଶିବିର ଜାରି ରହିବ ।

### ପିଏସ୍‌ଏଲ୍ ବଦଳରେ ଆଇପିଏଲ୍ କହିଲେ ଆକମଲ

**କରାଚୀ,୧୧।୩:** ପାକିସ୍ତାନରେ ଏବେ ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ) ଖେଳାଯାଉଛି । ଏହାର ପ୍ରେମୋଶନ ଦାୟିତ୍ୱରେ ଘରୋଇ ଖେଳାଳି ରହିଛନ୍ତି । ଦୀର୍ଘ ଦିନ ହେଲା ପାକିସ୍ତାନ ଦଳରୁ ବାଦ୍ ପଡ଼ିଥିବା ଉମର ଆକମଲ ଏକ ପ୍ରମୋଶନାଲ ଭିଡିଓରେ ବଡ଼ ଭୁଲ କରିଛନ୍ତି । ଆଗାମୀ ବର୍ଷ ପାକିସ୍ତାନରେ ପିଏସ୍‌ଏଲ (ପାକିସ୍ତାନ ସୁପର ଲିଗ୍) ଖେଳାଯିବ । ଏହା ବଦଳରେ ୨୮ ବର୍ଷୀୟ ବ୍ୟାଟ୍ସମ୍ୟାନ କହିଥିଲେ, ପାକିସ୍ତାନରେ ଆଇପିଏଲ (ଇଣ୍ଡିଆନ ପ୍ରିମିୟର ଲିଗ୍) ଖେଳାଯିବ । ପରେ ଏହାକୁ ସଂଶୋଧନ କରି ପିଏସ୍‌ଏଲ କହିଥିଲେ । ଉଲ୍ଲେଖଥାଉ କି, ପିଏସ୍‌ଏଲର ପ୍ରଥମାର୍ଦ୍ଧ ୟୁଏଇଠାରେ ଖେଳାଯାଇଥିଲା । ପାକିସ୍ତାନରେ କେବଳ ନକ୍‌ଆଉଟ୍ ପର୍ଯ୍ୟାୟ ସହ ମୋଟ ୮ ମ୍ୟାଚ୍ ଖେଳାଯିବା କାର୍ଯ୍ୟକ୍ରମ ରହିଛି । ଚଳିତ ଥର ଶେନ ୱାଟସନ, କିରନ ପୋଲାର୍ଡ ଓ ଡାରେନ ସାମିଙ୍କ ଭଳି ଅନ୍ତର୍ଜାତୀୟ ଷ୍ଟାର ପାକିସ୍ତାନ ଗସ୍ତ କରିଛନ୍ତି ।

# ରିକର୍ଭ ରାଉଣ୍ଡ ଶେଷ: ହରିୟାଣାକୁ ୨ ସ୍ୱର୍ଣ୍ଣ

**କଟକ ଅଫିସ,୧୧।୩**

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ୩୯ତମ ସିନିୟର ଜାତୀୟ ତୀରନ୍ଦାଜୀ ଚାମ୍ପିୟନଶିପ୍‌ରେ ସୋମବାର ରିକର୍ଭ ରାଉଣ୍ଡ ପ୍ରତିଯୋଗିତା ଶେଷ ହୋଇଛି । ସନ୍ଧ୍ୟାରେ ବିଜୟୀ ପ୍ରତିଯୋଗୀମାନଙ୍କୁ ପଦକ ପ୍ରଦାନ କରାଯାଇଛି । ୭ଟି ବିଭାଗରେ ହୋଇଥିବା ପ୍ରତିଯୋଗିତାରେ ହରିୟାଣା ସର୍ବାଧିକ ୨ଟି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଛି । ମଙ୍ଗଳବାର କମ୍ପାଉଣ୍ଡ ରାଉଣ୍ଡରେ ଭାଗନେବାକୁ ଥିବା ତୀରନ୍ଦାଜମାନେ ପହଞ୍ଚିବା ସହ

**ଜାତୀୟ ସିନିୟର ତୀରନ୍ଦାଜୀ**

ଅଭ୍ୟାସ କରିବେ । ବୁଧବାର କମ୍ପାଉଣ୍ଡ ରାଉଣ୍ଡର ପ୍ରତିଯୋଗିତା ଆରମ୍ଭ ହେବ ।

ରିକର୍ଭ ପୁରୁଷ ସିଙ୍ଗଲ୍ସରେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ ମହାରାଷ୍ଟ୍ରର ସୁଖମଣି ବାବରେକର । ମୋଟ ୬୫୫ ପଏଣ୍ଟ ହାସଲ କରି ସୁଖମଣି ଏହି ସଫଳତା ପାଇଥିଲେ । ଏହି ବିଭାଗରେ ଏସ୍‌ଏସ୍‌ସିବିର ପ୍ରବୀଣ ଯାଦବ ଓ ତରୁଣଦୀପ ରାୟ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି । ରିକର୍ଭ ପୁରୁଷ ସିଙ୍ଗଲ୍ସ ଅଲିମ୍ପିକ ରାଉଣ୍ଡରେ ଏସ୍‌ଏସ୍‌ସିବିର ପ୍ରବୀଣ ଯାଦବ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ମହାରାଷ୍ଟ୍ରର ସତ୍ୟମ ପାଟିଲ ରୌପ୍ୟ, ପିଏସ୍‌ପିବିର



ପ୍ରତିଯୋଗିତା ଅବସରରେ ଏଲ୍. ବୋମ୍ବାଲ୍ୟା ଦେବୀ (ବାମ) ।

ଅତନୁ ଦାସ ବ୍ରୋଞ୍ଜ ପଦକ ଜିତିଛନ୍ତି । ମହିଳା ସିଙ୍ଗଲ୍ସରେ ଆର୍‌ଏସ୍‌ପିବିର ଏଲ. ବୋମ୍ବାଲ୍ୟା ଦେବୀ ସ୍ୱର୍ଣ୍ଣ, ଝାଡ଼ଖଣ୍ଡର ଅଙ୍କିତା ଭକତ ରୌପ୍ୟ ଓ ହରିୟାଣାର ପ୍ରୀତି ବ୍ରୋଞ୍ଜ ଜିତିଛନ୍ତି । ମହିଳା ସିଙ୍ଗଲ୍ସ ଅଲିମ୍ପିକ ରାଉଣ୍ଡରେ ଝାଡ଼ଖଣ୍ଡର ଅଙ୍କିତା ଭକତ ସ୍ୱର୍ଣ୍ଣ, ହରିୟାଣାର ରିଦ୍ଧି ରୌପ୍ୟ ଓ ଆର୍‌ଏସପିବିର ଏଲ. ବୋମ୍ବାଲ୍ୟା ଦେବୀ ବ୍ରୋଞ୍ଜ ପଦକ ବିଜୟୀ ହୋଇଥିଲେ । ପୁରୁଷ ଦଳଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଥିଲା ଆସାମ । ଆସାମର ସଞ୍ଜୟ ବୋରୋ, ଧନିରାମ ବାସୁମତାରି, ମୁକେଶ ବୋରୋ ଏବଂ ପି. ବୋରଗୟାରୀ ସର୍ବାଧିକ ପଏଣ୍ଟ ହାସଲ କରିଥିଲେ । ଏହି ବିଭାଗରେ ଏସ୍‌ଏସ୍‌ସିବି ରୌପ୍ୟ ଓ ଏଆଇପିଏସ୍‌ସିବି ବ୍ରୋଞ୍ଜ ପଦକ ଜିତିଥିଲେ । ମହିଳା ଦଳଗତ ଇଭେଣ୍ଟରେ ରିଦ୍ଧି, ପ୍ରୀତି, ସଙ୍ଗୀତା ଓ ତିଶା ପୁନିଆଙ୍କୁ ନେଇ ଗଠିତ ହରିୟାଣା ଦଳ ସ୍ୱର୍ଣ୍ଣ ପଦକ ଜିତିଥିଲା । ଝାଡ଼ଖଣ୍ଡ ଏଥିରେ ରୌପ୍ୟ ଜିତିଛି । ଝାଡ଼ଖଣ୍ଡ ପକ୍ଷରୁ ଅଙ୍କିତା ଭକତ, ଦୀପିକା କୁମାରୀ, କୋମଲିକା ବାରି ଓ ସୁସ୍ମିତା ବିରୁଲି ପ୍ରତିନିଧିତ୍ୱ କରୁଥିଲେ । ଉକ୍ତ ଇଭେଣ୍ଟରେ ଆସାମ ବ୍ରୋଞ୍ଜ ପଦକ ବିଜୟୀ ହୋଇଛି । ମିକ୍ସଡ ଇଭେଣ୍ଟରେ ହରିୟାଣାର ପ୍ରୀତି–ବସନ୍ତଙ୍କ ଯୋଡ଼ି ସ୍ୱର୍ଣ୍ଣ ପଦକ ଜିତିଥିଲା । ଝାଡ଼ଖଣ୍ଡ ଓ ଏଆଇପିଏସ୍‌ସିବି ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ବିଜୟୀ ହୋଇଛନ୍ତି ।

## ଇଂଲଣ୍ଡର କ୍ଲିନସୁଇପ୍



**ସେଣ୍ଟ କିଟ୍ସ,୧୧।୩:** ଡେଭିଡ୍ ୱିଲିଙ୍କ ଘାତକ ବୋଲିଂ ଯୋଗୁ ଅନ୍ତିମ ଟି୨୦ ମ୍ୟାଚ୍‌ରେ ୱେଷ୍ଟଇଣ୍ଡିଜ ଦଳ ମାତ୍ର ୭୧ ରନ୍‌ରେ ଅଲଆଉଟ୍ ହୋଇଯାଇଛି । ୭୨ ରନ୍‌ର ଛୋଟିଆ ବିଜୟ ଲକ୍ଷ୍ୟକୁ ଇଂଲଣ୍ଡ ଦଳ ୫୭ ବଲ ପୂର୍ବରୁ ୮ ଉଇକେଟ ହାତରେ ରଖି ହାସଲ କରିନେଇଥିଲା । ଏଥିସହ ଇଂଲଣ୍ଡ ୩ ମ୍ୟାଚ୍ ବିଶିଷ୍ଟ ଟି୨୦ ସିରିଜ୍‌କୁ କ୍ଲିନ ସୁଇପ୍ ହାସଲ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଘରୋଇ ଦଳ ପୂର୍ବ ମ୍ୟାଚ୍ ଭଳି ଏଥର ମଧ୍ୟ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା । ଦଳ ୧୩ ଓଭରରେ ୭୧ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା । ୪ ଜଣ ବ୍ୟାଟ୍ସମ୍ୟାନ ଦୁଇ ଅଙ୍କ ସ୍କୋର ଛୁଇଁଥିଲେ ମଧ୍ୟ କେହି ବଡ଼ ସ୍କୋର କରିପାରି ନ ଥିଲେ । ବୋଲିଂରେ ୱିଲି ୪ ଓ ମାର୍କ ଉଡ ୩ ଉଇକେଟ ନେଇଥିଲେ । ଜବାବରେ ଜନି ବେଆରଷ୍ଟୋଙ୍କ ୩୭ ରନ୍‌ର ଇନିଂସ ବଳରେ ଇଂଲଣ୍ଡ ୧୦.୩ ଓଭରରେ ୨ ଉଇକେଟ ହରାଇ ୭୨ ରନ୍ କରି ମ୍ୟାଚ୍ ଜିତି ନେଇଥିଲା । ପୂର୍ବରୁ ଖେଳାଯାଇଥିବା ଦିନିକିଆ ସିରିଜ୍ ୨–୨ ବରାବର ସ୍ଥିତିରେ ଶେଷ ହୋଇଥିବାବେଳେ ଟେଷ୍ଟ ସିରିଜ୍‌କୁ ୱେଷ୍ଟ ଇଣ୍ଡିଜ ଦଳ ୨–୧ରେ ଜିତିଥିଲା ।

## ରାମେଶ୍ୱର କପ୍ ଜୁନିୟର କ୍ରିକେଟ

# ବିଶ୍ୱଭାରତୀ କ୍ୱାର୍ଟରରେ



ସାର୍ଥକ ଗୌରବ ପଣ୍ଡା ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ଗ୍ରହଣ କରୁଛନ୍ତି ।

**ଭୁବନେଶ୍ୱର, ୧୧।୩(କ୍ରୀଡ଼ା ପ୍ରତିନିଧି)**

ରାମେଶ୍ୱର ସ୍ପୋର୍ଟିଂ କ୍ଲବ ଆନୁକୂଲ୍ୟରେ ବି.ଏମ. ହାଇସ୍କୁଲ ପଡ଼ିଆରେ ଚାଲିଥିବା ରାମେଶ୍ୱର କପ୍ ଜୁନିୟର କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ କଟକର ବିଶ୍ୱଭାରତୀ କ୍ଲବ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା କ୍ରାଉନ୍ କ୍ଲବ ୨୮.୫ ଓଭରରେ ୧୧୪ ରନ୍ କରି ଅଲଆଉଟ ହୋଇଯାଇଥିଲା । ଦଳ ପକ୍ଷରୁ କୁମାର ଶିଭମ୍ ସର୍ବାଧିକ ୪୪ ରନ କରିଥିବାବେଳେ ପ୍ରତିପକ୍ଷ ଦଳର ସାର୍ଥକ ଗୌରବ ପଣ୍ଡା ୧୪ ରନ୍ ବିନିମୟରେ ୪ ଉଇକେଟ ସଫଳତା ପାଇଥିଲେ । ପ୍ରଶାନ୍ତ ଗାଙ୍ଗୋଇ ଓ ସଙ୍କେତ ସ୍ୱରୂପ ୩ଟି ଲେଖାଏ ଉଇକେଟ ନେଇଥିଲେ । ଜବାବରେ ବିଶ୍ୱଭାରତୀ ୨୩.୨ ଓଭରରେ ୩ ଉଇକେଟ ହରାଇ ୧୧୭ ରନ୍ ସଂଗ୍ରହ କରି ନେଇଥିଲା । ସୁମନ ସୌରଭ ଓଝା ୪୨ ଓ ସମ୍ବିତ୍ କୁମାର ସାହୁ ୩୧* ରନ୍ କରିଥିଲେ । ଚମତ୍କାର ବୋଲିଂ ପାଇଁ ସାର୍ଥକ ଗୌରବ ପଣ୍ଡାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ସାମାଜିକ କର୍ମୀ ଅକ୍ଷୟ ଜେନା ଓ ରଣଜୀ ଖେଳାଳି ପରେଶ ପଟେଲ ଅତିଥିଭାବେ ଯୋଗଦେଇଥିଲେ । ଅମ୍ପାୟର ଭାବେ ଜ୍ୟୋତିରଞ୍ଜନ ବେହେରା ଓ ପ୍ରିୟବ୍ରତ ପ୍ରଧାନ ମ୍ୟାଚ୍ ପରିଚାଳନା କରିଥିବାବେଳେ କ୍ରିଷ୍ଣା ଆଚାର୍ଯ୍ୟ ଓ ଶ୍ରୀତମ ମହାନ୍ତି ସ୍କୋରର ଥିଲେ । ଗତଥରର ଚାମ୍ପିୟନ ରାମେଶ୍ୱର ସ୍ପୋର୍ଟିଂ ଓ ସହିଦ ସ୍ପୋର୍ଟିଂ ମଧ୍ୟରେ ମଙ୍ଗଳବାର ପ୍ରଥମ କ୍ୱାର୍ଟର ଫାଇନାଲ ଅନୁଷ୍ଠିତ ହେବ ।

## କୋହଲିଙ୍କୁ ସମ୍ବର୍ଦ୍ଧନା ଉତ୍ସବକୁ ବାତିଲ କଲା ଡିଡିସିଏ

**ନୂଆଦିଲ୍ଲୀ, ୧୧।୩ (ପି.ଟି.):** ବୀରେନ୍ଦ୍ର ସେହ୍ୱାଗ ଓ ଗୌତମ ଗମ୍ଭୀରଙ୍କ ସହିତ ଭାରତ ଅଧିନାୟକ ବିରାଟ କୋହଲିଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ଦିଲ୍ଲୀ ଓ ଡିଷ୍ଟ୍ରିକ୍ଟ କ୍ରିକେଟ ଆସୋସିଏଶନ(ଡିଡିସିଏ) ତରଫରୁ ଯେଉଁ ଯୋଜନା ଥିଲା ତାହାକୁ ବାଦ୍ ଦିଆଯାଇଛି । ପୁଲ୍‌ୱାମା ଆତଙ୍କବାଦୀ ଆକ୍ରମଣ ଘଟଣାକୁ ନେଇ ଏହି ନିଷ୍ପତ୍ତି ନିଆଯାଇଛି, ଯେଉଁଥିରେ ୪୦ସିଆର୍‌ପିଏଫ୍ ଯବାନ ଶହୀଦ ହୋଇଛନ୍ତି । ବୁଧବାର ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରେ ଅନ୍ତିମ ଅନ୍ତର୍ଜାତୀୟ ଦିନିକିଆ ଖେଳାଯିବାକୁ ପୂର୍ବରୁ ଦିଲ୍ଲୀର ଉପରୋକ୍ତ ୩ କିମ୍ବଦନ୍ତୀଙ୍କୁ ସମ୍ବର୍ଦ୍ଧିତ କରିବା ଲାଗି ଡିଡିସିଏ ନିଷ୍ପତ୍ତି ନେଇଥିଲା । ପୁଲ୍‌ୱାମା ଆକ୍ରମଣ ଘଟଣାକୁ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ)ର ଉଦ୍‌ଘାଟନୀ ଉତ୍ସବକୁ ବାତିଲ କରିବା ସହ ଇଭେଣ୍ଟ ପାଇଁ ଉଦ୍ଦିଷ୍ଟ ସମ୍ପୂର୍ଣ୍ଣ ବଜେଟ୍‌କୁ ଶହିଦଙ୍କ ପରିବାର କଲ୍ୟାଣ ପାଣ୍ଠିକୁ ଦାନ କରିଛି । ଏହାକୁ ଅନୁକରଣ କରି ଏହି ନିଷ୍ପତ୍ତି ନିଆଯାଇଥିବା ଡିଡିସିଏ ସଭାପତି ରଜତ ଶର୍ମା ପ୍ରକାଶ କରିଛନ୍ତି । ଆମେ ଆହୁରି ମଧ୍ୟ ଦିଲ୍ଲୀ ପୋଲିସ୍ ଶହିଦ ପାଣ୍ଠିକୁ ୧୦ଲକ୍ଷ ଟଙ୍କା ଦାନ କରିବା ଲାଗି ନିଷ୍ପତ୍ତି ନେଇଛୁ । ଭାରତ–ଅଷ୍ଟ୍ରେଲିଆ ଦିନିକିଆ ମ୍ୟାଚର ୯୦ ପ୍ରତିଶତ ଟିକେଟ ବିକ୍ରି ସରିଛି । ଡିଡିସିଏ ପ୍ରଥମ ଥର ରାଜ୍ୟର ସମସ୍ତ ପୂର୍ବତନ ଅନ୍ତର୍ଜାତୀୟ ଖେଳାଳିଙ୍କ ଲାଗି ଭିଆଇପି ପାସ୍‌ର ବ୍ୟବସ୍ଥା କରିଥିବା ଶର୍ମା ସୂଚନା ଦେଇଛନ୍ତି ।

# ରାଜୀବ, ସେନ୍ଥିଲଙ୍କ ଚମତ୍କାର ପ୍ରଦର୍ଶନ

**ଭୁବନେଶ୍ୱର, ୧୧।୩(ସ୍ପୋର୍ଟ୍ସ ବ୍ୟୁରୋ)**



ରାଜୀବ ସେଥୁ ଓ ସେନ୍ଥିଲ କୁମାର ।

ମାଲେସିଆର ସେପଙ୍ଗ ଇଣ୍ଟରନ୍ୟାଶନାଲ ସର୍କିଟ୍‌ରେ ଆରମ୍ଭ ହୋଇଥିବା ଏଫ୍‌ଆଇଏମ୍ ଏସିଆ ରୋଡ୍ ରେସିଂ ଚାମ୍ପିୟନ୍‌ଶିପ୍ (ଏଆର୍‌ଆର୍‌ସି)ରେ ଇଡେମିତ୍ସୁ ହୋଣ୍ଡା ରେସିଂ ଇଣ୍ଡିଆର ଦୁଇ ଚାଳକ ରାଜୀବ ସେଥୁ ଓ ସେନ୍ଥିଲ କୁମାର ଇତିହାସ ଚମତ୍କାର ପ୍ରଦର୍ଶନ କରିଛନ୍ତି । ରାଜୀବ ରେସ୍‌ରେ ଶ୍ରେଷ୍ଠ ପ୍ରଦର୍ଶନ କରି ୧୧ତମ ସ୍ଥାନ ହାସଲ କରିଥିବା ବେଳେ ଏପି୨୫୦ ଶ୍ରେଣୀରେ ୧୮ ବର୍ଷୀୟ ରାଇଡର ସେନ୍ଥିଲ କୁମାର ୧୪ତମ ସ୍ଥାନ ପାଇଛନ୍ତି । ପ୍ରଥମଥର ପାଇଁ ଏସିଆ ରୋଡ୍ ରେସିଂ ଚାମ୍ପିୟନ୍‌ଶିପ୍‌ରେ ଭାରତୀୟ ଚାଳକ ପଏଣ୍ଟ ହାସଲ କରି ଇତିହାସ ସୃଷ୍ଟି କରିଛନ୍ତି । ସିଜନ୍‌ର ପ୍ରଥମ ରେସ୍‌ରେ ହୋଣ୍ଡା ଚାଳକ ୭ ପଏଣ୍ଟ ହାସଲ କରିଛନ୍ତି । ରାଜୀବ ୫ ଓ ସେନ୍ଥିଲ ୨ ପଏଣ୍ଟ ପାଇଛନ୍ତି । ପୂର୍ବରୁ ଯୋଗ୍ୟତା ପର୍ଯ୍ୟାୟ ରେସ୍‌ରେ ରାଜୀବଙ୍କୁ ୭ମ ଏବଂ ସେନ୍ଥିଲଙ୍କୁ ୧୭ତମ ସ୍ଥାନ ମିଳିଥିଲା । ଏପି୨୫୦ ରେସ୍ ଶେଷହେବା ବେଳକୁ ଉଭୟ ରାଜୀବ ଓ ସେନ୍ଥିଲ ୩ ରାଇଡରଙ୍କୁ ଅତିକ୍ରମ କରି ନିଜର ସ୍ଥିତିରେ ଉନ୍ନତି ଆଣିଛନ୍ତି । ନିଜ ପ୍ରଦର୍ଶନକୁ ନେଇ ଉଭୟ ରାଜୀବ ଓ ସେନ୍ଥିଲ ଖୁସି ଜାହିର କରିବା ସହ ମଙ୍ଗଳବାର ଆହୁରି ଭଲ ପ୍ରଦର୍ଶନ କରିବାକୁ ନିଜକୁ ପ୍ରସ୍ତୁତ କରିଥିବା କହିଛନ୍ତି ।

# ଏସଜିଓକୁ ହରାଇଲା ମଙ୍ଗଳା କ୍ଲବ

**ଭୁବନେଶ୍ୱର, ୧୧।୩(କ୍ରୀଡ଼ା ପ୍ରତିନିଧି)**

ନୟାପଲ୍ଲୀ ଇନ୍ଦିରା ମଇଦାନରେ ଚାଲିଥିବା ୪ର୍ଥ ଭାଗ୍ୟଧର ଟ୍ରଫି ରାଜ୍ୟସ୍ତରୀୟ ଫୁଟବଲ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚରେ ଏସଜିଓ କ୍ଲବକୁ ୪–୦ ଗୋଲରେ କଟକର ମଙ୍ଗଳା କ୍ଲବ ପରାସ୍ତ କରିଛି । ବିଜୟୀ ଦଳର ଆଗୁଲ ଦାସ ସର୍ବାଧିକ ୨ଟି ଗୋଲ ଦେଇଥିଲେ । ଆକର୍ଷଣୀୟ ପ୍ରଦର୍ଶନ ପାଇଁ ମଙ୍ଗଳା କ୍ଲବର ଜୟନ୍ତ ରାଉତ ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ । ମ୍ୟାଚ ପରିଚାଳନା କରିଥିଲେ ଦୁର୍ଗା ଆଚାର୍ଯ୍ୟ । ତାଙ୍କୁ ସହାୟତା କରିଥିଲେ ଶେଖାଓ୍ୱତ ଖାଁ, ସୁଶାନ୍ତ କୁମାର ମିଶ୍ର ଓ ସୁଜିତ କୁମାର ପାତ୍ର । ମ୍ୟାଚ ଅବସରରେ ସୌର୍ଯ୍ୟ ରଞ୍ଜନ ପରିଜା, ଅଶୋକ ମହାନ୍ତି, ବିଜୟ କାନୁନ୍‌ଗୋ, ଆର.କେ.ମଣ୍ଡଳ, ନନ୍ଦ କିଶୋର ପଟ୍ଟନାୟକ, ଭାଗ୍ୟଧର ଜଗଦେବ, ସିଟି କ୍ଲବ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ । ସିଟି କ୍ଲବ ଏବଂ ଏସଜିଓର ମିଳିତ ଆନୁକୂଲ୍ୟରେ ଚାଲିଥିବା ଟୁର୍ନାମେଣ୍ଟରେ ମଙ୍ଗଳବାର ଭୁବନେଶ୍ୱରର କିଶୋର କ୍ଲବ ଏବଂ ଅନୁଗୋଳ ନାଲ୍‌କୋ ମଧ୍ୟରେ ଅନୁଷ୍ଠିତ ହେବ ।

# ଅଲିମ୍ପିକ ପଦକ ବିଜୟିନୀ କାଟଲିନ୍‌ଙ୍କ ସନ୍ଦେହଜନକ ମୃତ୍ୟୁ

**କୋଲୋରାଡୋ, ୧୧।୩**

ଟିମ୍ ପର୍ସୁଟ ବିଭାଗରେ ତିନିଥର ବିଶ୍ୱ ଚାମ୍ପିୟନ ଏବଂ ୨୦୧୬ ରିଓ ଅଲିମ୍ପିକ ରନର୍ସ ଅପ୍ ଆମେରିକାନ ମହିଳା ସାଇକ୍ଲିଷ୍ଟ କେଲି କାଟଲିନ୍‌ଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଛି । ସେ ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି । ୟୁଏସ୍‌ଏ ସାଇକ୍ଲିଂ ତରଫରୁ ଏ ସମ୍ପର୍କରେ ସୂଚନା ଦିଆଯାଇଛି । ଆମେରିକା ପର୍ସୁଟ ଟିମ୍ ୨୦୧୬, ୨୦୧୭ ଓ ୨୦୧୮ରେ ବିଶ୍ୱ ଟାଇଟଲ ଜିତିଥିଲା । କିନ୍ତୁ ପୋଲାଣ୍ଡରେ ୨୦୧୯ ଫେବୃୟାରୀ ୨୭–୨୮ରେ ଟାଇଟଲ ବଜାୟ ରଖିବାରେ ଆମେରିକା ବିଫଳ ହୋଇଥିଲା, ଯେଉଁ ଟିମ୍‌ରୁ ୨୩ ବର୍ଷୀୟା କାଟଲିନ୍ ଓହରି ଯାଇଥିଲେ । କାଟଲିନ୍ ଷ୍ଟାଣ୍ଡଫୋର୍ଡ ୟୁନିଭର୍ସିଟିର ଜଣେ ଛାତ୍ରୀ ଥିଲେ । ସେ କମ୍ପ୍ୟୁଟେଶନାଲ ଓ ମାଥ୍‌ମେଟିକାଲ ଇଞ୍ଜିନିୟରିଂରେ ଗ୍ରାଜୁଏଟ୍ ଡିଗ୍ରୀ କରୁଥିଲେ । ୟୁନିଭର୍ସିଟି କ୍ୟାମ୍ପସରେ ଥିବା ନିଜ ପ୍ରକୋଷ୍ଠରୁ କାଟଲିନ୍‌ଙ୍କ ମରଶରୀରକୁ ଉଦ୍ଧାର କରାଯାଇଛି ।



କେଲି କାଟଲିନ୍

## ଅରବିନ୍ଦ ମେମୋରିଆଲ ପାରାମାଉଣ୍ଟ କପ୍ କ୍ରିକେଟ

# ପ୍ରଗତି ସ୍ପୋର୍ଟିଂ ସେମିଫାଇନାଲରେ

**ଭୁବନେଶ୍ୱର, ୧୧।୩(କ୍ରୀଡ଼ା ପ୍ରତିନିଧି)**

ପାରାମାଉଣ୍ଟ ସ୍ପୋର୍ଟିଂ ଆନୁକୂଲ୍ୟରେ ଚାଲିଥିବା ଅରବିନ୍ଦ ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟର ସୋମବାର ଅନୁଷ୍ଠିତ ମ୍ୟାଚ୍‌ରେ ବିଜୟୀ ହୋଇ ପ୍ରଗତି ସ୍ପୋର୍ଟିଂ ସେମିଫାଇନାଲରେ ପ୍ରବେଶ କରିଛି । ୪ର୍ଥ ତଥା ଅନ୍ତିମ କ୍ୱାର୍ଟର ଫାଇନାଲରେ ଗ୍ରୀନ୍ସ ଏକାଡେମୀକୁ ୬ ଉଇକେଟରେ ହରାଇଛି ପ୍ରଗତି । ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଗ୍ରୀନ୍ସ ୩୫.୧ ଓଭରରେ ୧୫୩ ରନ କରି ଅଲ୍‌ଆଉଟ ହୋଇଥିଲା । ଦଳ ପକ୍ଷରୁ ସୂର୍ଯ୍ୟକାନ୍ତ ଭୂତିଆ ସର୍ବାଧିକ ୪୫ ଓ ତାରିଣୀ ନାୟକ ୩୧ ରନ୍ ସ୍କୋର କରିଥିଲେ । ପ୍ରତିପକ୍ଷ ଦଳର ସାର୍ଥକ ସୌରଭ କୁମାର ୩ଟି, ସାର୍ଥକ ସୌଭାଗ୍ୟ ବେହେରା, ସୌମ୍ୟ ମହାରଣା, ଆୟୁଷ ସାମନ୍ତରାୟ ୨ଟି ଲେଖାଏ ଉଇକେଟ ନେଇଥିଲେ । ୧୫୪ ରନ୍‌ର ବିଜୟ ଲକ୍ଷ୍ୟକୁ ପ୍ରଗତି ସ୍ପୋର୍ଟିଂ ୨୯.୫ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା । ସ୍ମୃତି ପ୍ରକାଶ ସ୍ୱାଇଁ ୬୬ ଓ ଅମନ ଦାସ ୩୭ ରନ୍ କରି ଦଳର ବିଜୟକୁ ସହଜ କରିଥିଲେ । ଗ୍ରୀନ୍ସ ପକ୍ଷରୁ ତାରିଣୀ ନାୟକ ୩ଟି ଉଇକେଟ ନେଇଥିଲେ । ସ୍ମୃତି ପ୍ରକାଶ ସ୍ୱାଇଁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓ ସୌମ୍ୟ ମହାରଣା ଶ୍ରେଷ୍ଠ ଫିଲ୍ଡର ପୁରସ୍କାର ପାଇଥିଲେ । ବିଜେଇଏମ୍ ସ୍କୁଲର ପ୍ରିନ୍ସିପାଲ ସନ୍ଧ୍ୟା ଜେନା ଅତିଥିଭାବେ ଯୋଗଦେଇଥିଲେ । ଅମ୍ପାୟର ସୁଶାନ୍ତ ଦାସ ଓ ଦିଲୀପ ସାମଲ ଖେଳ ପରିଚାଳନା କରିଥିବାବେଳେ ସ୍କୋରର ଥିଲେ ରଶ୍ମିରଞ୍ଜନ ମଲ୍ଲ । ୧୪ ତାରିଖରେ ପ୍ରତିଯୋଗିତାର ପ୍ରଥମ ସେମିଫାଇନାଲରେ ପାରାମାଉଣ୍ଟ ଓ ୟୁନିୟନ ସ୍ପୋର୍ଟିଂ ମଧ୍ୟରେ ମୁକାବିଲା ହେବ ।




ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି ସ୍ମୃତିପ୍ରକାଶ ସ୍ୱାଇଁ ।

ଆଷ୍ଟନ ଟର୍ନର ଦିନେ ଅନ୍ତର୍ଜାତୀୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ ଦେଖାଇବେ ବୋଲି ମୋର ବିଶ୍ୱାସ ଥିଲା।
–ପିଟର ହ୍ୟାଣ୍ଡ୍ସକମ୍ବ, ଅଷ୍ଟ୍ରେଲୀୟ କ୍ରିକେଟର



ମୁଁ ସମାଲୋଚନା ଉପରେ କୌଣସି ପ୍ରତିକ୍ରିୟା ପ୍ରକାଶ କରିବାକୁ ଚାହେଁନା ବରଂ ନିଜ ଚିନ୍ତାଧାରା ଅନୁସାରେ ଚଳିବାକୁ ପସନ୍ଦ କରେ।
–ଶିଖର ଧାୱନ, ଭାରତୀୟ କ୍ରିକେଟର



## ସଂକ୍ଷେପରେ

### ନାଡାଲ, ଫେଡରର ବିଜୟୀ

**ଇଣ୍ଡିଆନ୍ ୱେଲ୍ସ (ଯୁକ୍ତରାଷ୍ଟ୍ର ଆମେରିକା), ୧୧।୩ (ଏଏଫ୍‌ପି):** ବିଶ୍ୱର ଦୁଇ ନମ୍ବର ମାନ୍ୟତାପ୍ରାପ୍ତ ଖେଳାଳି ରାଫାଲ ନାଡାଲ ଏଟିପି ଇଣ୍ଡିଆନ୍ ୱେଲ୍ସ ମାଷ୍ଟର୍ସ ପ୍ରତିଯୋଗିତାର ତୃତୀୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ଅନ୍ୟପକ୍ଷରେ ରୋଜର ଫେଡରର ତାଙ୍କ ମ୍ୟାଚରେ ବିଜୟ ହାସଲ କରି ଏଠାରେ ୬ଷ୍ଠ ଥର ପାଇଁ ଟାଇଟଲ ଜିତିବା ଲକ୍ଷ୍ୟରେ ଅଗ୍ରସର ହୋଇଛନ୍ତି। ତିନି ଥର ଇଣ୍ଡିଆନ ୱେଲ୍ସ ବିଜେତା ନାଡାଲ ୬-୧, ୬-୧ ସେଟ୍‌ରେ ଜାରେଡ୍ ଡୋନାଲ୍‌ଡସନ୍‌ଙ୍କ ବିପକ୍ଷରେ ସହଜସାଧ ବିଜୟ ହାସଲ କରିଛନ୍ତି। ଅନ୍ୟପକ୍ଷରେ ଫେଡରର ଜର୍ମାନୀର ପିଟର ଗୋଜୋୱିକ୍‌ଙ୍କୁ ୬-୧, ୭-୫ ସେଟ୍‌ରେ ହରାଇ ଦେଇଛନ୍ତି।

### ରୁଷିଆ ଉପରେ ବାସନ୍ଦ ଜାରି ରଖିବ ଆଇଏଏଏଫ୍

**ପ୍ୟାରିସ୍,୧୧।୩(ଏଏଫ୍‌ପି):** ଡୋପିଂ ନିୟମ ଭଙ୍ଗ ଯୋଗୁ ରୁଷିଆ ଉପରେ ଲଗାଯାଇଥିବା ବାସନ୍ଦାଦେଶ ଜାରି ରହିବ। ଏ ନେଇ ସୋମବାର କାତାରଠାରେ ଆୟୋଜିତ ବୈଠକ ପରେ ଇଣ୍ଟରନ୍ୟାସନାଲ ଆସୋସିଏସନ ଅଫ୍ ଆଥଲେଟିକ୍ ଫେଡେରେସନ (ଆଇଏଏଏଫ୍ )ଘୋଷଣା କରିଛି। ଆଥ୍‌ଲେଟ୍‌ସଙ୍କ ଲାଗି ଉଦ୍ଦିଷ୍ଟ ଡୋପିଂ ଟାସ୍କ ଫୋର୍ସ ମୁଖ୍ୟ ରୁନ ଆଣ୍ଡରସନ କହିଛନ୍ତି ଯେ, ମସ୍କୋ ଆଣ୍ଟି ଡୋପିଂ ଲାବ୍‌ରୁ ହସ୍ତଗତ ହୋଇଥିବା ତଥ୍ୟକୁ ଭିତ୍ତିକରି ଏହି ନିଷ୍ପତ୍ତି ନିଆଯାଇଛି।

### ବାସ୍କେଟ୍‌ବଲ୍ ଖେଳାଳିଙ୍କ ପରଲୋକ

**ବ୍ରହ୍ମପୁର ଅଫିସ୍,୧୧।୩:** ଭେଟେରାନ୍ ବାସ୍କେଟବଲ୍ ଖେଳାଳି ଧ୍ୟାନଚାନ୍ଦ ମହାନ୍ତି(୩୮ )ଙ୍କ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲ୍‌ରେ ସୋମବାର ମୃତ୍ୟୁ ହୋଇଛି। ବୁଲ୍‌ଟୁ ନାମରେ ପରିଚିତ ଧ୍ୟାନଚାନ୍ଦ ଗଞ୍ଜାମ ଜିଲା ଏବଂ ଓଡ଼ିଶା ରାଜ୍ୟ ତରଫରୁ ବହୁ ପ୍ରତିଯୋଗିତାରେ ଭାଗ ନେଇଛନ୍ତି। ସେ ପୋଲିସ ବିଭାଗ ତରଫରୁ ମଧ୍ୟ ଖେଳିଥିଲେ। ଗଞ୍ଜାମ ପୋଲିସ ଜିଲାର ହାବିଲଦାର୍ ଭାବେ କାର୍ଯ୍ୟ କରୁଥିଲେ ଧ୍ୟାନଚାନ୍ଦ। ଗତ କିଛି ମାସ ହେଲା ସେ କିଡ୍‌ନୀ ରୋଗ ସହ ଅନ୍ୟାନ୍ୟ ଶାରୀରିକ ଅସୁସ୍ଥତା କାରଣରୁ ଚିକିତ୍ସିତ ହେଉଥିଲେ। ତାଙ୍କ ବିୟୋଗରେ ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ ଥିବା ବାସ୍କେଟବଲ୍ କୋର୍ଟରେ ଖେଳ ଶିଖୁଥିବା ଖେଳାଳି, କ୍ରୀଡ଼ା ସଂଗଠକ ଓ ମଡ଼ର୍ଣ୍ଣ ୟୁଥ୍ କ୍ଲବ କର୍ମକର୍ତ୍ତାମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି। କୋଚ୍ ଦୀପକ କୁମାର ରଥ, ଶ୍ରୀମନ୍ ନାୟକ, ଗୌରୀଶଙ୍କର ମହାନ୍ତି, ପୂର୍ଣ୍ଣଚନ୍ଦ୍ର ପାତ୍ର, ଉପେନ୍ଦ୍ର ପଟ୍ଟନାୟକ, ଗୋବିନ୍ଦ ଚନ୍ଦ୍ର ସାହୁ, ଲିଙ୍ଗରାଜ ମିଶ୍ର, ପି.କେ. ପରିଡ଼ା, ଜିଲା କ୍ରୀଡ଼ା ସଂସଦ ସାଧାରଣ ସମ୍ପାଦକ ଅଶୋକ ସାହୁ, ବାସ୍କେଟବଲ୍ ସମ୍ପାଦକ ଶରତ ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# 'ଓଡ଼ିଶାରେ ଖେଳିବାକୁ ବ୍ୟଗ୍ର'



ଶୁଭମ୍ ଷଡ଼ଙ୍ଗୀ। ଭାରତୀୟ ଫୁଟବଲର ଭବିଷ୍ୟତ, ଯୁବ ପ୍ରତିଭା। ପିତା ରାଜ୍ୟ ବାହାରେ କାର୍ଯ୍ୟରତ ଥିବାରୁ ପିଲାଟି ଦିନରୁ ବାହାରେ ରହିଥିବା ବାଲେଶ୍ୱର ସୋରୋ ଅଞ୍ଚଳର ଶୁଭମ୍‌ଙ୍କ ଆଖିରେ ଆଖିଏ ସ୍ୱପ୍ନ। ଜୁନିୟର ସ୍ତରରେ ମିନର୍ଭା ପଞ୍ଜାବ ଏବଂ ଭାରତୀୟ ୧୭ ବର୍ଷରୁ କମ୍ ଦଳର ସଦସ୍ୟ ରହି ସାରିଥିବା ଶୁଭମ୍ ଏବେ ଇଣ୍ଡିଆନ ସୁପର ଲିଗ୍‌ରେ ଦିଲ୍ଲୀ ଡାଇନାମସ ଦଳର ଅନ୍ୟତମ ନିର୍ଭରଯୋଗ୍ୟ ସଦସ୍ୟ। ସୁପର କପ୍ ଫୁଟବଲର ଦ୍ୱିତୀୟ ସଂସ୍କରଣ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ହେବାକୁ ଯାଉଥିବାରୁ ପ୍ରଥମଥର ପାଇଁ ଓଡ଼ିଶାରେ ଖେଳିବାକୁ ବ୍ୟଗ୍ର ଏହି ଓଡ଼ିଆ ଫୁଟବଲ ପ୍ରତିଭା। ପର୍ତ୍ତୁଗାଲର କ୍ରିଷ୍ଟିଆନ ରୋନାଲ୍ଡୋଙ୍କୁ ଆଦର୍ଶ ମାନୁଥିବା ଶୁଭମ୍ ଭବିଷ୍ୟତରେ ଭାରତୀୟ ଦଳର ସଦସ୍ୟ ଭାବେ ପ୍ରତିଷ୍ଠିତ ହେବା ସ୍ୱପ୍ନରେ ବିଭୋର। ସୁପର କପ୍ କ୍ରମେ ପାଖେଇ ଆସିଥିବାବେଳେ ପ୍ରଚଣ୍ଡ ପ୍ରତିଭାର ଅଧିକାରୀ ଶୁଭମ୍‌ଙ୍କ ସହ ଧରିତ୍ରୀର ସ୍ୱତନ୍ତ୍ର ସାକ୍ଷାତକାର...

**ସୁପର କପ୍ ପାଇଁ ଅଭ୍ୟାସ କିପରି ଚାଲିଛି। ଦିଲ୍ଲୀ ଡାଇନାମସ ଦଳର ଲକ୍ଷ୍ୟ କ'ଣ ରହିଛି ?**

❖ ସୁପର କପ୍ ଏକ ସମ୍ମାନଜନକ ଫୁଟବଲ ଟୁର୍ନାମେଣ୍ଟ। ଇଣ୍ଡିଆନ ସୁପର ଲିଗ୍‌ରେ ଆମେ ଭଲ କରିପାରି ନ ଥିବାରୁ ଏବେ ସୁପର କପ୍ ଉପରେ ଧ୍ୟାନ ଦେଉଛୁ। ମାର୍ଚ୍ଚ ୧୬ ତାରିଖରେ ଯୋଗ୍ୟତା ପର୍ଯ୍ୟାୟ ଜିତି ମୁଖ୍ୟ ରାଉଣ୍ଡରେ ପ୍ରବେଶ କରିବା ଆମର ପ୍ରଥମ ଲକ୍ଷ୍ୟ। ପରେ ଉନ୍ନତ ପ୍ରଦର୍ଶନ ବଜାୟ ରଖି ଟୁର୍ନାମେଣ୍ଟ ଜିତିବା ଆମର ଲକ୍ଷ୍ୟ ରହିଛି। ଏଥିପାଇଁ ଅଭ୍ୟାସକୁ ଜୋରଦାର କରାଯାଇଛି।

**ଓଡ଼ିଶାରେ ପୂର୍ବରୁ କେବେ ଖେଳିଛନ୍ତି ? କଳିଙ୍ଗ ଷ୍ଟାଡିୟମରେ ଖେଳିବାକୁ କେତେ ବ୍ୟଗ୍ର ଅଛନ୍ତି।**

❖ କଳିଙ୍ଗ ଷ୍ଟାଡିୟମରେ ପ୍ରଥମଥର ପାଇଁ ଖେଳିବାକୁ ଯାଉଛି। ସେଠାକାର ପରିବେଶରେ ଖେଳିବାକୁ ଆଗ୍ରହ ରହିଛି। ମୁଁ ଜଣେ ଓଡ଼ିଶା ପିଲା ହୋଇଥିବାରୁ ନିଜ ରାଜ୍ୟରେ ଖେଳିବାକୁ ବହୁତ ବ୍ୟଗ୍ରତାର ସହ ଅପେକ୍ଷା କରିଛି।

**ଚଳିତ ଇଣ୍ଡିଆନ ସୁପରଲିଗ୍‌ରେ ଦିଲ୍ଲୀ ଡାଇନାମସ ଆଶାନୁରୂପ ପ୍ରଦର୍ଶନ କରି ପାରିନାହିଁ। କାରଣ କ'ଣ ?**

❖ ଆଇଏସଏଲ ସିଜନ ଆରମ୍ଭରେ ଦିଲ୍ଲୀ ଡାଇନାମସର ଆରମ୍ଭ ସେତେ ଭଲ ହୋଇ ନ ଥିଲା। ଆମେ ପ୍ରଥମେ ଗୋଲ ଦେଉଥିଲୁ, ମାତ୍ର ପରେ ଗୋଲ ବରଣ କରି ମ୍ୟାଚ ହାରି ଯାଉଥିଲୁ। ପୂରା ମ୍ୟାଚରେ ଆମେ ପ୍ରଭାବୀ ପ୍ରଦର୍ଶନ କରୁଥିଲେ ହେଁ ଫିନିଶିଂ ହୋଇପାରୁ ନ ଥିଲା। ତେବେ ଦ୍ୱିତୀୟ ହାଫ୍‌ରେ ଗତ ଜାନୁୟାରୀରୁ ଆମେ ଶ୍ରେଷ୍ଠ ପ୍ରଦର୍ଶନ ଦେବାରେ ସକ୍ଷମ ହୋଇଛୁ। ୬ ମ୍ୟାଚରୁ ୧୫ ପଏଣ୍ଟ ସଂଗ୍ରହ କରି ପାରିଥିଲୁ। ମୋର ବ୍ୟକ୍ତିଗତ ପ୍ରଦର୍ଶନ ଭଲ ରହିଥିଲା। ଆଗାମୀ ସିଜନରେ ଆହୁରି ଭଲ ହେବା ଆଶା।

**ଜୁନିୟର ସ୍ତରରେ ମିନର୍ଭା ପଞ୍ଜାବରୁ ଏବେ ସିନିୟର ସ୍ତରରେ ଦିଲ୍ଲୀ ଡାଇନାମସ। ଫୁଟବଲରେ ଶୁଭମ୍‌ଙ୍କ ଯାତ୍ରା କିପରି ରହିଛି ?**

❖ ୨୦୧୩ରେ ମୁଁ ୧୩ ବର୍ଷରୁ କମ୍ ଭାରତୀୟ ଦଳରେ ଖେଳିବା ଆରମ୍ଭ କଲି। ମଝିରେ ଆହତ ସମସ୍ୟା ଯୋଗୁ ମିନର୍ଭାରେ ଯୋଗ ଦେଇଥିଲି। ତା ପରେ ମୁଁ ପୁଣି ଭାରତୀୟ ଦଳକୁ ଆସିଲି। ୨୦୧୭ ଡିସେମ୍ବରରେ ମୁଁ ଦିଲ୍ଲୀ ଡାଇନାମସ ସହିତ ଚୁକ୍ତି କରିଥିଲି। ଏବେ ମୁଁ ଏହି ଟିମ୍ ସହିତ ଗେମ୍‌କୁ ଉପଭୋଗ କରୁଛି।

**୧୭ ବର୍ଷରୁ କମ୍ ଭାରତୀୟ ଦଳର ସଦସ୍ୟଭାବେ ଶୁଭମ୍ ଖେଳକୁ କେତେ ଉପଭୋଗ କରିଛନ୍ତି। କ'ଣ ସ୍ମରଣୀୟ ସ୍ମୃତି ରହିଛି ?**

❖ ୧୭ ବର୍ଷରୁ କମ୍ ଭାରତୀୟ ଦଳରେ ଥିବାରୁ ବିଶ୍ୱର ବିଭିନ୍ନ ଦେଶ ବୁଲି ଖେଳିବାର ସୌଭାଗ୍ୟ ମିଳିଥିଲା। ଟପ୍ ୟୁରୋପିଆନ ନ୍ୟାଶନାଲ ଟିମ୍ ଗୁଡ଼ିକ ସହିତ ଖେଳିଲୁ। ଶ୍ରେଷ୍ଠ କ୍ଲବ ଗୁଡ଼ିକ ବିପକ୍ଷରେ ଖେଳିବାରେ ବହୁତ ଅଭିଜ୍ଞତା ମିଳିଥିଲା। ଅନେକ କିଛି ଶିଖିବାକୁ ମିଳିଲା। ପର୍ତ୍ତୁଗାଲର ବେନ୍‌ଫିକା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ଦଳ। ଏହାର ୟୁଥ୍ ଏକାଡେମୀ ବିପକ୍ଷରେ ଆମେ ଏକ ମ୍ୟାଚ ଖେଳିଥିଲୁ। ଏହି ମ୍ୟାଚରେ ଆମେ ହାରିଥିଲେ ହେଁ ମୁଁ ଗୋଲ ସ୍କୋର କରିବାରେ ସକ୍ଷମ ହୋଇଥିଲି। ଏହା ମୋ ପାଇଁ ସ୍ମରଣୀୟ ହୋଇ ରହିଛି।

**ମନରେ କିଛି ଅବସୋସ ଅଛିକି ?**

❖ ୧୭ ବର୍ଷରୁ କମ୍ ବିଶ୍ୱକପ୍‌ରେ ଖେଳି ନ ପାରିବା ବହୁତ ଦୁଃଖ ଦେଇଥିଲା। ମାତ୍ର ଏହାକୁ ପଛକୁ ପକାଇ ଏବେ ଆଗାମୀ ଦିନ ଉପରେ ଫୋକସ କରୁଛି।

**ଡାଇନାମସ ଦଳରେ ସିନିୟର ଏବଂ ବିଦେଶୀ ଖେଳାଳିଙ୍କ ସହିତ ଭାବର ଆଦାନ ପ୍ରଦାନରୁ କିଛି ଫାଇଦା ମିଳିଛି କି ?**

❖ ଡାଇନାମସ ଦଳରେ ସ୍ଥାନ ପାଇଥିବା ବିଦେଶୀ ଖେଳାଳିମାନେ ବହୁତ ଭଲ ଭଲ କ୍ଲବରୁ ଖେଳିକି ଆସିଛନ୍ତି। ତେଣୁ ତାଙ୍କ ସହିତ ଖେଳିବାଦ୍ୱାରା ବହୁତ କିଛି ଶିଖିବାକୁ ମିଳୁଛି। ଦଳର ଯୁବ ସଦସ୍ୟ ହୋଇଥିବାରୁ ସିନିୟରମାନେ ମୋତେ ଆବଶ୍ୟକ ଟିପ୍ସମାନ ଦେଇଥାନ୍ତି। ଏହା ମୋ ପ୍ରଦର୍ଶନରେ ଉନ୍ନତି ପାଇଁ ସହାୟକ ହୋଇଛି।

**ନିଜ ପ୍ରଦର୍ଶନରେ ଉନ୍ନତି ପାଇଁ ଆଉ କ'ଣ ଆବଶ୍ୟକ ରହିଛି ?**

❖ ଜଣେ ଖେଳାଳି ନିଜ ପ୍ରଦର୍ଶନରେ କେବେ ସନ୍ତୁଷ୍ଟ ନ ଥାଏ। ଆହୁରି ଅଧିକ ଭଲ ଖେଳିବାକୁ ଇଚ୍ଛା ରଖିଥାଏ। ମୋ ମନରେ ମଧ ତାହା ରହିଛି। କଠିନ ପରିଶ୍ରମ ଏବଂ ଟ୍ରେନିଂ କରି ଆଗାମୀ ଦିନରେ ଆହୁରି ଭଲ ପ୍ରଦର୍ଶନ ପାଇଁ ମୁଁ ଚେଷ୍ଟା କରୁଛି।

**ତୁମେ ଆଜି ଯେଉଁ ସ୍ଥାନରେ ପହଞ୍ଚିଛ ତା'ର ଶ୍ରେୟ କାହାକୁ ଦେବାକୁ ଚାହିଁବ ?**

❖ ପ୍ରଥମତଃ ଭଗବାନଙ୍କ ଆଶୀର୍ବାଦ ଏବଂ ମୋ ପରିବାର ଏବଂ ଶୁଭେଚ୍ଛୁଙ୍କ ଆଶୀର୍ବାଦ ଏବଂ ସାହାଯ୍ୟ ସହଯୋଗ ପାଇଁ ମୁଁ ଆଜି ଏଠାରେ ପହଞ୍ଚି ପାରିଛି। ମା, ବାପା, ଜେଜେମା, ଜେଜେ, ଆଇ, ଅଜା ସମସ୍ତେ ମୋତେ ଉତ୍ସାହିତ କରିଛନ୍ତି। ମୁଁ ଭଲ ପଢ଼େ ବୋଲି ସେମାନେ ପ୍ରଥମେ ଚାହୁଁଥିଲେ, ମାତ୍ର ଏବେ ମୋ ଖେଳକୁ ନେଇ ସମସ୍ତେ ଖୁବ୍ ଖୁସି ଅଛନ୍ତି।

**ଫୁଟବଲ ବ୍ୟତୀତ ଆଉ କେଉଁ ଖେଳ ଭଲ ଲାଗେ ?**

❖ ମୁଁ ଫୁଟବଲ ଖେଳିବା ପୂର୍ବରୁ ଜଣେ ଲନ୍ ଟେନିସ ଖେଳାଳି ଥିଲି। ଲନ୍ ଟେନିସରେ ନ୍ୟାଶନାଲ ଖେଳିଛି, ସ୍କୁଲରୁ ଜାତୀୟ ସ୍ତରରେ ପ୍ରତିନିଧିତ୍ୱ କରିଛି। ତେଣୁ ଟେନିସ ମୋର ଦ୍ୱିତୀୟ ପସନ୍ଦ ଗେମ୍।

**ଅବସର ସମୟ କିପରି କଟିଥାଏ ?**

❖ ସମୟ କେବେ ଅପଚୟ କରିବାକୁ ଭଲ ଲାଗେନି। ସବୁବେଳେ ଅଧିକରୁ ଅଧିକ କିଛି ଶିଖିବାକୁ ମୋତେ ଭଲ ଲାଗେ।

**ଭବିଷ୍ୟତର ଲକ୍ଷ୍ୟ କ'ଣ ଅଛି ?**

❖ ଦେଶ ପକ୍ଷରୁ ଖେଳି କିଛି ହାସଲ କରିବା ମୋର ଲକ୍ଷ୍ୟ। ଏହା ବ୍ୟତୀତ ୟୁରୋପରେ ଖେଳିବାକୁ ମଧ ମୋର ଆଗ୍ରହ ରହିଛି। ଏଥିପାଇଁ କଠିନ ପରିଶ୍ରମ ଆବଶ୍ୟକ ବୋଲି ମୁଁ ଜାଣିଛି। ମୁଁ ତାହା କରୁଛି ମଧ।

**ଆଦର୍ଶ ଖେଳାଳି କିଏ ?**

❖ କ୍ରିଷ୍ଟିଆନ ରୋନାଲ୍ଡୋ। ସେ କଠିନ ପରିଶ୍ରମ କରି ଆଜି ଏହି ସ୍ତରରେ ପହଞ୍ଚି ପାରିଛନ୍ତି। ସେ ମୋ ପୋଜିଶନରେ ଖେଳି ନ ଥାନ୍ତି, ମାତ୍ର ତାଙ୍କ ଗେମ୍‌କୁ ମୁଁ ନଜର ରଖିଥାଏ।

**ଦଳରେ ତୁମର ପୋଜିଶନ କ'ଣ?**

❖ ମୁଁ ପୂର୍ବରୁ ସେଣ୍ଟର ଫରୱାର୍ଡରେ ଖେଳୁଥିଲି। ମାତ୍ର ଦିଲ୍ଲୀ ଡାଇନାମସ ଦଳରେ ମୁଁ ମିଡ୍‌ଫିଲ୍ଡରେ ଖେଳୁଛି। ଚଳିତ ସିଜନରେ ପୂରା ମିଡ୍‌ଫିଲ୍ଡରେ ହିଁ ଖେଳିଛି।

**ଜଣେ ମିଡ୍‌ଫିଲ୍ଡରର ଭୂମିକା କ'ଣ। କେଉଁ ବିଷୟ ଉପରେ ଅଧିକ ଧ୍ୟାନ ଦେବାକୁ ପଡ଼ିଥାଏ ?**

❖ ପ୍ରତି ଦଳରେ ମିଡ୍‌ଫିଲ୍ଡରଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବଲ୍‌କୁ ରିସିଭ୍ କରିବାମାତ୍ରେ ଟପ୍ ଖେଳାଳିମାନେ କେଉଁଠି ଅଛନ୍ତି, କାହା ପାଖକୁ କିପରି ପାସ୍ ଦେବାକୁ ପଡ଼ିବ ତା' ଉପରେ ଧ୍ୟାନ ଦେବାକୁ ପଡ଼ିଥାଏ। ମସ୍ତିଷ୍କ ଯେପରି ପୂରା ଶରୀରକୁ ନିୟନ୍ତ୍ରଣ କରେ ସେହିପରି ମିଡ୍ ଫିଲ୍ଡର ପୂରା ଟିମ୍‌କୁ ଚଳାଏ। କେଉଁଟି ପ୍ରତିପକ୍ଷ ଖେଳାଳି ଅଛନ୍ତି, ଆମର କେଉଁ ଖେଳାଳିଙ୍କ ନିକଟକୁ ପାସ୍ ଦେଲେ ଫାଇଦା ମିଳିବ ଆଦି ସଚେତନ ହେବାକୁ ପଡ଼ିଥାଏ।

**ଫୁଟବଲରେ କେଉଁ ପୋଜିଶନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।**

❖ ଏହା ଏକ ଟିମ୍ ଗେମ। ତେଣୁ ସବୁ ଦଳରେ ସ୍ଥାନ ପାଇଥିବା ୧୧ ଖେଳାଳିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତା' ହେଲେ ଯାଇ ଏକ ଟିମ୍ ଭଲ ଖେଳି ପାରିବ।

**ଆଇ-ଲିଗ୍‌ରେ ଚେନ୍ନାଇ ସିଟି ଚାମ୍ପିୟନ ହେବା ପଛରେ କ'ଣ ମୁଖ୍ୟ କାରଣସବୁ ରହିଥିଲା।**

❖ ଏହି ଦଳର ବିଦେଶୀ ଖେଳାଳିମାନେ ବହୁତ ଭଲ ପ୍ରଦର୍ଶନ କଲେ। ସେମାନେ କେବଳ ୩୦-୪୦ ଗୋଲ ମାରିଥିଲେ। ଏହା ଦଳକୁ ବେଶ୍ ଫାଇଦାରେ ରଖିଲା। ଚେନ୍ନାଇ ସିଟି ଏକ ଭଲ ଦଳ।

**ପରିବାର ସମ୍ପର୍କରେ କ'ଣ କହିବେ ?**

❖ ଏପରି ଏକ ପରିବାର ପାଇଥିବାରୁ ମୁଁ ଭାଗ୍ୟବାନ। ଛୋଟ ଦିନରୁ ସେମାନେ ମୋତେ ସପୋର୍ଟ କରି ଆସିଛନ୍ତି। ଆଗକୁ ମଧ ତାହା ଜାରି ରହିବ ବୋଲି ମୋର ବିଶ୍ୱାସ ରହିଛି।

–ପ୍ରସ୍ତୁତି: ତପନ ସ୍ୱାଇଁ

### ସଂକ୍ଷେପରେ ଶୁଭମ୍

**ନାମ:** ଶୁଭମ୍ ଷଡ଼ଙ୍ଗୀ
**ଜନ୍ମ:** ଜୁନ ୨୪, ୨୦୦୦, ବିଶାଖାପାଟଣା
**ଘର:** ଜଗନ୍ନାଥପୁର, ସୋରୋ, ବାଲେଶ୍ୱର
**ପରିବାର:** ମା': ଅନୀତା ଷଡ଼ଙ୍ଗୀ, **ପିତା:** ପ୍ରୀତିକାନ୍ତ ଷଡ଼ଙ୍ଗୀ, ଭଉଣୀ: ସ୍ନିଗ୍ଧା ଷଡ଼ଙ୍ଗୀ, ଜେଜେ: ଦୀନବନ୍ଧୁ ଷଡ଼ଙ୍ଗୀ, ଜେଜେ ମା': ଜୟନ୍ତୀ ଷଡ଼ଙ୍ଗୀ, ଅଜା: ବି.କେ. ମହାପାତ୍ର, ଆଇ: କଲ୍ୟାଣୀ ମହାପାତ୍ର
**ପ୍ଲେଇଂ ପୋଜିଶନ:** ସେଣ୍ଟ୍ରାଲ ମିଡ୍‌ଫିଲ୍ଡର, ସେଣ୍ଟର ଫରୱାର୍ଡ
**ୟୁଥ୍ କ୍ୟାରିୟର:** ମିନର୍ଭା ପଞ୍ଜାବ ଏଫସି। ୧୭ ବର୍ଷରୁ କମ୍ ଭାରତୀୟ ଦଳର ସଦସ୍ୟ।
**ବର୍ତ୍ତମାନର କ୍ଲବ:** ଦିଲ୍ଲୀ ଡାଇନାମସ।





ରାଷ୍ଟ୍ରପତି ରାମନାଥ କୋବିନ୍ଦ ସୋମବାର ଚେସ୍ ଖେଳାଳି ଦ୍ରୋଣାଭାଲୀ ହାରିକା ଓ ଭାରତୀୟ କବାଡ଼ି ଦଳର ଅଧିନାୟକ ଅଜୟ ଠାକୁରଙ୍କୁ ପଦ୍ମଶ୍ରୀ ପୁରସ୍କାରରେ ସମ୍ମାନିତ କରୁଛନ୍ତି।

## ଭାରତ 'ବି' ଜିତିଲା ୧୯ ବର୍ଷରୁ କମ୍ ସିରିଜ୍

**ଥିରୁଭାନନ୍ତପୁରମ, ୧୧।୩ (ପି.ଟି.)**

ସ୍ଥାନୀୟ ଗ୍ରୀନଫିଲ୍ଡ ଇଣ୍ଟରନ୍ୟାଶନାଲ ଷ୍ଟାଡିୟମରେ ଅନୁଷ୍ଠିତ ୧୯ ବର୍ଷରୁ କମ୍ ଚତୁଃକୋଣୀୟ କ୍ରିକେଟ୍ ଟୁର୍ନାମେଣ୍ଟରେ ଭାରତ 'ବି' ଚାମ୍ପିୟନ ହୋଇଛି। ସୋମବାର ଫାଇନାଲ ମ୍ୟାଚ୍‌ରେ ଭାରତ 'ବି' ୭୨ ରନରେ ଭାରତ 'ଏ'କୁ ପରାସ୍ତ କରି ଟାଇଟଲ ହାସଲ କରିଛି। ଟସ୍ ଜିତି ଭାରତ 'ବି' ଅଧିନାୟକ ରାହୁଲ ଚନ୍ଦ୍ରୋଲ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଅଧିନାୟକ ରାହୁଲ (୭୦ ରନ, ୭୪ ବଲ) ଓ ସମୀର ରିଜଭି (୬୭ ରନ)ଙ୍କ ଅର୍ଦ୍ଧଶତକୀୟ ଇନିଂସ ବଳରେ ଦଳ ୫୦ ଓଭରରେ ୯ ଉଇକେଟ୍ ହରାଇ ୨୩୨ ରନ ସଂଗ୍ରହ କରିଥିଲା। ପ୍ରତିପକ୍ଷ ବୋଲର କାର୍ତ୍ତିକ ତ୍ୟାଗୀ ୩ଟି ଏବଂ ଅଧିନାୟକ ଶୁଭାଙ୍ଗ ହେଗଡେ ଓ ରବି ବିଶ୍ନୋଇ ୨ଟି ଲେଖାଏ ଉଇକେଟ୍ ଅକ୍ତିଆର କରିଥିଲେ। ଜବାବରେ ଭାରତ 'ଏ'ର କୌଣସି ବ୍ୟାଟ୍ସମ୍ୟାନ ବଡ଼ ସ୍କୋର କରିପାରି ନ ଥିଲେ। ଫଳରେ ଦଳ ୩୮.୩ ଓଭରରେ ୧୬୦ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଅଧିନାୟକ ଶୁଭାଙ୍ଗ ସର୍ବାଧିକ ୪୨ ରନ ଏବଂ ଯଶଭି ଜୈସୱାଲ ଓ ଶାଶ୍ୱତ ରାୱତ ୨୭ ରନ ଲେଖାଏ ସ୍କୋର କରିଥିଲେ। ଚାମ୍ପିୟନ ଭାରତ 'ବି' ପକ୍ଷରୁ ରାଞ୍ଚିର ବାମହାତୀ ଦ୍ରୁତ ବୋଲର ସୁଶାନ୍ତ ମିଶ୍ର ୪ଟି ଓ କରନ ଲାଲ ୩ଟି ଉଇକେଟ୍ ପାଇଥିଲେ।

## ଧୋନୀଙ୍କୁ ଝୁରିଲେ ମୋହାଲି ଦର୍ଶକ

**ମୋହାଲି,୧୧।୩ (ପିଟି):** ସ୍ଥାନୀୟ ପଞ୍ଜାବ କ୍ରିକେଟ ଆସୋସିଏଶନର ଆଇଏସ୍ ବିନ୍ଦ୍ରା ଷ୍ଟାଡିୟମ୍‌ରେ ଅଷ୍ଟ୍ରେଲିଆ ଓ ଭାରତ ମଧ୍ୟରେ ଅନୁଷ୍ଠିତ ୪ର୍ଥ ମ୍ୟାଚ୍‌ରେ ଭେଟେରାନ ଉଇକେଟକିପର ମହେନ୍ଦ୍ର ସିଂ ଧୋନୀ ଖେଳୁ ନ ଥିଲେ। ଏହାସତ୍ତ୍ୱେ ମୋହାଲି ଗ୍ରାଉଣ୍ଡରେ ଧୋନୀ ଧୋନୀ ନାମ ଶୁଣିବାକୁ ମିଳୁଥିଲା। ଧୋନୀଙ୍କ ସ୍ଥାନରେ ଉଇକେଟ କିପିଂ କରୁଥିବା ରିଷଭ ପନ୍ତ ମ୍ୟାଚ୍‌ରେ କିଛି ଗୁରୁତ୍ୱପୂର୍ଣ୍ଣ କ୍ୟାଚ୍ ଓ ଷ୍ଟମ୍ପିଂ ହାତଛଡ଼ା କରିଥିଲେ। ଏଥିଯୋଗୁ ଷ୍ଟାଡିୟମ୍‌ରେ ଉପସ୍ଥିତ ଦର୍ଶକ ଧୋନୀଙ୍କୁ ଡକାଇବା ପାଇଁ ବାଉଣ୍ଡାରି ଅଞ୍ଚଳରେ ଫିଲ୍ଡିଂ କରୁଥିବା ଅଧିନାୟକ ବିରାଟ କୋହଲିଙ୍କୁ ବାରମ୍ବାର ଗୁହାରି କରିଥିଲେ। ଏହାର ଏକ ଭିଡିଓ ଜଣେ ପ୍ରଶଂସକ ଟୁଇଟରରେ ଶେୟାର କରିଛନ୍ତି। ଏହା ଏବେ ଭାଇରାଲ ହୋଇଯାଇଛି। ମ୍ୟାଚ୍‌ର ୪୪ତମ ଓଭରରେ ଯୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ ଅଷ୍ଟ୍ରେଲିଆର ମ୍ୟାଚ୍ ୱିନର ଆଷ୍ଟୋନ ଟର୍ନରଙ୍କୁ ଷ୍ଟମ୍ପ୍ କରିବାର ସୁଯୋଗ ହାତଛଡ଼ା କରିଥିଲେ। ଏହାବାଦ୍ ଧୋନୀଙ୍କ ଭଳି ଷ୍ଟମ୍ପ ନ ଦେଖି ବଲ୍ ଥ୍ରୋ କରି ପନ୍ତ ବିଫଳ ହୋଇଥିଲେ। ଏହାର ତୁରନ୍ତ ପରେ ମୋହାଲି ଦର୍ଶକ ଧୋନୀ ଧୋନୀ ଡାକ ଲଗାଇଥିଲେ। ଉଲ୍ଲେଖଥାଉ କି, ଭାରତୀୟ ଦଳ ୩୫୯ ରନ୍‌ର ବିଶାଳ ଟାର୍ଗେଟ ରଖିବା ସତ୍ତ୍ୱେ ଅଷ୍ଟ୍ରେଲିଆ ଦଳ ୪ ଉଇକେଟରେ ମ୍ୟାଚ୍‌କୁ ଜିତି ନେଇଥିଲା।

## ନ୍ୟୁଜିଲାଣ୍ଡ ନିୟନ୍ତ୍ରଣରେ ୱେଲିଂଟନ ଟେଷ୍ଟ

**ୱେଲିଂଟନ, ୧୧।୩(ଏଏଫ୍‌ପି)**

ଭ୍ରମଣକାରୀ ବାଂଲାଦେଶ ବିପକ୍ଷରେ ସ୍ଥାନୀୟ ବସିନ ରିଜର୍ଭ ଗ୍ରାଉଣ୍ଡରେ ଚାଲିଥିବା ୨ୟ ଟେଷ୍ଟ ମ୍ୟାଚ୍ ନ୍ୟୁଜିଲାଣ୍ଡ ନିୟନ୍ତ୍ରଣରେ ରହିଛି। ୨୨୧ ରନ ପଛରେ ଥାଇ ୨ୟ ଇନିଂସ ଆରମ୍ଭ କରିଥିବା ବାଂଲାଦେଶ ସୋମବାର ମ୍ୟାଚ୍‌ର ୪ର୍ଥ ଦିବସ ଶେଷ ସୁଦ୍ଧା ୩ ଉଇକେଟ୍ ହରାଇ ୮୦ ରନ୍ ସଂଗ୍ରହ କରିଛି। ମହମ୍ମଦ ମିଥୁନ ୨୫ ଓ ସୌମ୍ୟ ସର୍କାର ୧୨ ରନ କରି ଅପରାଜିତ ରହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଓପନର ତାମିମ୍ ଇକବାଲ (୪), ଶଦମନ ଇସଲାମ (୨୯) ଓ ମୋମିନୁଲ୍ ହକ୍ (୧୦) ନିରାଶ କରିଛନ୍ତି। ଘରୋଇ ଦଳ ପକ୍ଷରୁ ଟ୍ରେଣ୍ଟ ବୋଲ୍ଟ ସର୍ବାଧିକ ୨ଟି ଉଇକେଟ୍ ନେଇଛନ୍ତି। ବାଂଲାଦେଶ ହାତରେ ୭ ଉଇକେଟ୍ ସୁରକ୍ଷିତ ଥିଲେ ମଧ୍ୟ ଦଳ ଇନିଂସ ପରାଜୟ ଏଡ଼ାଇବା ପାଇଁ ୧୪୧ ରନ ଆବଶ୍ୟକ କରୁଛି। ମଙ୍ଗଳବାର ମ୍ୟାଚ୍‌ର ଅନ୍ତିମ ଦିବସ ହୋଇଥିବାରୁ ଫଳାଫଳ ଆଶା ଉଜ୍ଜୀବିତ ରହିଛି।

### ଟେଲରଙ୍କ ଦ୍ୱିଶତକ

ପୂର୍ବରୁ ନ୍ୟୁଜିଲାଣ୍ଡ ଏହାର ପ୍ରଥମ ଇନିଂସ ସ୍କୋର ୪୩୨/୬ରେ ଘୋଷଣା କରିଥିଲା। ଦଳ ପକ୍ଷରୁ ଭେଟେରାନ ମିଡଲଅର୍ଡର ବ୍ୟାଟ୍ସମ୍ୟାନ ରସ୍ ଟେଲର ୨୦୦ ରନର ଦ୍ୱିଶତକୀୟ ଇନିଂସ ଖେଳିଥିଲେ। ୨୦ ରନ ମଧ୍ୟରେ ୨ଟି ଜୀବନ ଦାନ ପାଇଥିବା ୩୫ ବର୍ଷୀୟ ଟେଲର ଏହାର ପୂର୍ଣ୍ଣ ଫାଇଦା ଉଠାଇ ୨୧୨ ବଲରୁ ୧୯ ଚୌକା ଓ ୪ ଛକା ସହାୟତାରେ କ୍ୟାରିୟରର ୩ୟ ଦ୍ୱିଶତକ ହାସଲ କରିଥିଲେ। ତେବେ ଦ୍ୱିଶତକ ହାସଲ କରିବା ପରେ ପରେ ମୁସ୍ତାଫିଜୁର ରେହମାନଙ୍କ ବଲରେ କ୍ୟାଚ୍ ଆଉଟ୍ ହୋଇ ପ୍ୟାଭିଲିୟନ ଫେରିଥିଲେ। ଅଧିନାୟକ କେନ୍ ୱିଲିୟମସନ (୭୪) ଓ ହେନରୀ ନିକୋଲାସ (୧୦୭) ଯଥାକ୍ରମେ ଅର୍ଦ୍ଧଶତକ ଓ ଶତକୀୟ ଇନିଂସ ଖେଳି ଟେଲରଙ୍କୁ ଉପଯୁକ୍ତ ସହାୟତା କରିଥିଲେ। ଟେଲର ୩ୟ ଉଇକେଟ୍‌ରେ ୱିଲିୟମସନଙ୍କ ସହ ୨୧୬ ଓ ୪ର୍ଥ ଉଇକେଟ୍‌ରେ ନିକୋଲାସଙ୍କ ସହ ୨୧୬ ରନର ମହତ୍ତ୍ୱପୂର୍ଣ୍ଣ ଭାଗିଦାରୀ କରି ନ୍ୟୁଜିଲାଣ୍ଡକୁ ଇନିଂସ ଅଗ୍ରଣୀ କରାଇବାରେ ସହାୟତା କରିଥିଲେ। ବାଂଲାଦେଶ ପକ୍ଷରୁ ଅବୁ ଜାୟେଦ ୩ଟି ଉଇକେଟ୍ ନେଇଥିଲେ। ପୂର୍ବରୁ ବାଂଲାଦେଶ ପ୍ରଥମ ଇନିଂସରେ ତମିମ (୭୪)ଙ୍କ ଅର୍ଦ୍ଧଶତକ ବଳରେ ୨୧୧ ରନ କରି ଅଲ୍‌ଆଉଟ୍ ହୋଇଥିଲା।



### ସଂକ୍ଷିପ୍ତ ସ୍କୋର

ବାଂଲାଦେଶ ପ୍ରଥମ ଇନିଂସ- ୨୧୧ରେ ଅଲ୍‌ଆଉଟ୍
ନ୍ୟୁଜିଲାଣ୍ଡ ପ୍ରଥମ ଇନିଂସ- ୪୩୨/୬ (ଘୋଷଣା), ୮୪.୫ ଓଭର।
ବାଂଲାଦେଶ ୨ୟ ଇନିଂସ: ୮୦/୩, ୨୩ ଓଭର।

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୧୨/୨୦୧୯ Bhubaneswar, Tuesday, March 12/ 2019

## ସଂକ୍ଷେପରେ

### ଦୁବାଇରେ ଫସି ରହିଛନ୍ତି ୪୦ ଓଡ଼ିଆ ଶ୍ରମିକ

**ଭୁବନେଶ୍ୱର,୧୧।୩ (ବ୍ୟୁରୋ):** ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ର ଦୁବାଇରେ ୩ମାସ ହେବ ଓଡ଼ିଆ ଶ୍ରମିକ ଫସି ରହିଛନ୍ତି। ଗଞ୍ଜାମ ଜିଲା ଖଲ୍ଲିକୋଟ ଅଞ୍ଚଳର ପ୍ରାୟ ୪୦ ଶ୍ରମିକ ଦଲାଲଙ୍କ ମିଥ୍ୟା ପ୍ରତିଶ୍ରୁତି ପାଇ ରୋଜଗାର ପାଇଁ ଦୁବାଇ ଆସିଥିଲେ। ସେଠାରେ ସେମାନଙ୍କୁ ଠିକରେ ପାରିଶ୍ରମିକ ନ ମିଳିବା ସହ ନାନା ପ୍ରକାର ଶାରୀରିକ ଓ ମାନସିକ ନିର୍ଯାତନା ଦିଆଯାଉଥିବା ପରିବାର ଲୋକଙ୍କୁ ଜଣାଇଥିଲେ। ଏ ନେଇ ପରିବାର ଲୋକେ ବିଭିନ୍ନ ମହଲରେ ଅଭିଯୋଗ କରିବା ପରେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଛି। ଦୁବାଇରେ ଥିବା କନସୁଲେଟ ଅଫ ଇଣ୍ଡିଆର ସହାୟତାରେ ଶ୍ରମିକଙ୍କୁ ଓଡ଼ିଶା ପଠାଇବା ପାଇଁ ଉଦ୍ୟମ କରାଯାଉଛି। ଏଥିସହ ଦୁବାଇରେ ଥିବା ଓଡ଼ିଶା ସମାଜ ସେମାନଙ୍କୁ ଉଦ୍ଧାର କରି ଭାରତ ପଠାଇବାରେ ସହଯୋଗ କରିବ ବୋଲି କହିଛି।

### ପେଟ୍ରୋଲ ପମ୍ପ୍ ମ୍ୟାନେଜରଙ୍କ ଠାରୁ ୩ ଲକ୍ଷ ଟଙ୍କା ଲୁଟ୍

**ନିରାକାରପୁର,୧୧।୩(ଡି.ଏନ.ଏ.):** ଖୋର୍ଦ୍ଧା ଜିଲା ରାମେଶ୍ୱର ପଞ୍ଚାୟତ ଖେଳପଡ଼ିଆ ନିକଟସ୍ଥ ନୂଆ ଜଗନ୍ନାଥ ଜାତୀୟ ରାଜପଥରୁ ସୋମବାର ଅପରାହ୍ନ ପ୍ରାୟ ୩ଟା ବେଳେ ଦୁର୍ବୃତ୍ତମାନେ ୩ ଲକ୍ଷ ଟଙ୍କା ଲୁଟ୍ କରିଥିବା ଅଭିଯୋଗ ହୋଇଛି। ପଦ୍ମପୁରସ୍ଥିତ ପେଟ୍ରୋଲ୍ ପମ୍ପ୍ର ମ୍ୟାନେଜର ଲକ୍ଷ୍ମୀଧର ନାୟକ ଓ କାମ କରୁଥିବା ବୟ ଫକୀର ନାୟକ ବାଇକ୍ ଯୋଗେ ମାଲିକଙ୍କ ୩ ଲକ୍ଷ ଟଙ୍କା ଧରି ନିକଟସ୍ଥ ଛଣଗିରି ଏସ୍‌ବିଆଇ ବ୍ୟାଙ୍କରେ ଜମା କରିବାକୁ ଯାଉଥିଲେ। ମ୍ୟାନେଜର ଟଙ୍କା ଧରି ବସିଥିବାବେଳେ ଫକୀର ଗାଡ଼ି ଚଲାଉଥିଲେ। ଏହି ସମୟରେ ତାଙ୍କୁ ପିଛାକରି ୪ ଯୁବକ ଏକ ବାଇକ୍‌ରେ ଆସି ଗାଡ଼ି ଅଟକାଇବାକୁ କହିଥିଲେ। ଏମାନେ ଗାଡି ନ ଅଟକାଇଥିବାରୁ ଦୁର୍ବୃତ୍ତମାନେ ଫକୀରଙ୍କ ପିଠିକୁ ଏକ ରଡ୍‌ରେ ଆଘାତ କରିବା ସହ ମ୍ୟାନେଜରଙ୍କ ମୁହଁକୁ ମୁଥମାରି ଟଙ୍କା ଓ ମୋବାଇଲ୍ ଲୁଟି ନେଇଥିଲେ। ଦୁର୍ବୃତ୍ତମାନେ ବ୍ୟବହାର କରିଥିବା ବାଇକ୍‌ଟି କେଉଁ କମ୍ପାନୀର ଓ ବ୍ରାଣ୍ଡର ଜଣାପଡ଼ି ନ ଥିଲେ ମଧ ଏହା କଳା ରଙ୍ଗର ଥିଲା। ବାଇକ୍ ନମ୍ବର୍ ହେଉଛି ଓଆର୍ ଜିରୋ ଟୁ ଡି୫୧୭ । ଗୋଟିଏ ସଂଖ୍ୟା ଲିଭିଯାଇଛି। ଖବର ପାଇ ନିରାକାରପୁର ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏନେଇ ଥାନା ଅଧିକାରୀ ଭବାନୀ ପ୍ରସାଦ ଖୁଣ୍ଟିଆ କହିଛନ୍ତି ଯେ, ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ଅଭିଯୋଗ ପରେ ଅଧିକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ସେ କହିଥିଲେ । କିଛି ମାସ ମଧରେ ବାରମ୍ଵାର ଏଭଳି ଆପରାଧିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିଲେ ମଧ ପୋଲିସ ପ୍ରଶାସନର ଉପଯୁକ୍ତ ପଦକ୍ଷେପ ନ ଥିବାରୁ ସାଧାରଣରେ ଆତଙ୍କ ବୃଦ୍ଧିପାଉଛି।

### ଅଫିସ ପରିସରରେ ଯୁବକଙ୍କ ଆତ୍ମହତ୍ୟା

**ଭୁବନେଶ୍ୱର,୧୧।୩ (ବ୍ୟୁରୋ):** ଶହୀଦନଗର ଥାନା ରସୁଲଗଡ ଶିଳ୍ପାଞ୍ଚଳରେ ଥିବା ଏକ ଘରୋଇ ସଂସ୍ଥା ପରିସରରେ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ଯୁବକ ଜଣକ ବେକରେ ରଶି ଲଗାଇ ଛାତରେ ଥିବା ଲୁହାକଡ଼ିରେ ଝୁଲି ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଜିଜିପି କଲୋନୀ କେନାଲବନ୍ଧ ନିକଟରେ ରହୁଥିବା ଅରୁଣ କୁମାର ରାୟ(୩୦)। ଶହୀଦନଗର ଥାନା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଛି। ମୃତ୍ୟୁର କାରଣ ଜଣାପଡି ନ ଥିବା ବେଳେ ମାନସିକ ସମସ୍ୟା ଯୋଗୁ ଅରୁଣ ଆତ୍ମହତ୍ୟା କରିଥିବା ପୋଲିସ ଅନୁମାନ କରୁଛି। ସୂଚନା ଅନୁଯାୟୀ, ଅରୁଣ ପରିବାର ସହ ଜିଜିପି କଲୋନୀ କେନାଲ ବନ୍ଧରେ ରହି ଗାଡି ଚଲାଉଥିଲେ। ଗତ ୫ ବର୍ଷ ତଳେ ସେ ଉକ୍ତ କମ୍ପାନୀରୁ ଚାକିରି ଛାଡି ଚାଲିଯାଇଥିଲେ। ହେଲେ ମଝିରେ ମଝିରେ ଉକ୍ତ କମ୍ପାନୀକୁ ବୁଲିବାକୁ ଆସୁଥିଲେ। ରବିବାର ସନ୍ଧ୍ୟାରେ ସେ ମାଲିକଙ୍କ ନିକଟକୁ ଆସି ରହିଥିଲେ। ସୋମବାର ସନ୍ଧ୍ୟାରେ କେହି ନ ଥିବା ସମୟରେ ସେ ଆତ୍ମହତ୍ୟା କରିଥିଲେ।

### ପରୀକ୍ଷା ହଲ୍‌ରେ ଛାତ୍ରୀ ଅସୁସ୍ଥ

**ଟାଙ୍ଗୀ (ଖୋର୍ଦ୍ଧା), ୧୧।୩ (ଡି.ଏନ.ଏ.):** ଚାନ୍ଦପୁର ମୋହନ ମହିଳା ଉଚ୍ଚମାଧମିକ ବିଦ୍ୟାଳୟର ଛାତ୍ରୀ ମମତାମୟୀ ସୁନ୍ଦରାୟ ସୋମବାର ଇଂରାଜୀ ପରୀକ୍ଷା ଦେବାର ଅଧଘଣ୍ଟା ପରେ ଗୁରୁତର ଅସୁସ୍ଥ ହୋଇପଡିଥିଲେ। ସଙ୍ଗେସଙ୍ଗେ ପରୀକ୍ଷା ହଲରୁ ତାଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ଫଳରେ ସେ ଇଂରାଜୀ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଥିବା ଜଣାପଡିଛି।

## ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର

# କାର୍ବନ ନିଷ୍କାସନ କମାଇବାକୁ ୩୦ କୋଟିର ପ୍ରକଳ୍ପ

- ବିଦ୍ୟୁତ୍ ଶକ୍ତିରେ ପରିଚାଳିତ ହାଇବ୍ରିଡ୍ ଗାଡ଼ିର ବ୍ୟବହାର ହେବ
- ସୋଲାର ଶକ୍ତି ବ୍ୟବହାର ଉପରେ ଗୁରୁତ୍ୱ
- କାର୍ବନ ଏମିଶନ ୧.୫ ପ୍ରତିଶତକୁ କମାଇବାକୁ ଲକ୍ଷ୍ୟ



**ଭୁବନେଶ୍ୱର,୧୧।୩(ବ୍ୟୁରୋ)**

ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ କାର୍ବନ ନିଷ୍କାସନ ଉପରେ ପ୍ରତିବନ୍ଧକ ଲଗାଇବା ପାଇଁ ୩୦କୋଟି ଟଙ୍କାର ପ୍ରକଳ୍ପ କାର୍ଯ୍ୟକାରୀ ହେବ। ଏୟାରପୋର୍ଟ କାଉନ୍‌ସିଲ ଇଣ୍ଟରନ୍ୟାଶନାଲ(ଏସିଆଇ) ଦ୍ୱାରା ସ୍ଥିରୀକୃତ ବା ଧାର୍ଯ୍ୟ ହୋଇଥିବା କାର୍ବନ ମାପଦଣ୍ଡରେ ଗୋଟିଏ ସ୍ତର ଉପରକୁ ଉଠିବାକୁ ପଦକ୍ଷେପ ନିଆଯିବ। ସମଗ୍ର ବିଶ୍ୱରେ ରହିଥିବା ବିମାନବନ୍ଦରଗୁଡ଼ିକ ଗ୍ଲୋବାଲ କାର୍ବନ ଏମିଶନରେ ୩ରୁ ୫ ପ୍ରତିଶତ ଭାଗୀଦାର ରହୁଥିବା ବେଳେ ଏହାକୁ କମାଇବାକୁ ଏସିଆଇ ପଦକ୍ଷେପ ନେଇଥିଲା। ଏଥିପାଇଁ ଏସିଆଇ ପକ୍ଷରୁ ଏୟାରପୋର୍ଟ ଆକ୍ରିଡିଟେଶନ ପ୍ରୋଗ୍ରାମ ଆରମ୍ଭ କରାଯାଇଥିଲା। ଏହି କାର୍ବନ ରିଡକ୍ସନ ପ୍ଲାନର ମୋଟ ୪ଟି ଲେଭଲ୍ ଧାର୍ଯ୍ୟ କରାଯାଇଥିବା ବେଳେ ଭୁବନେଶ୍ୱର ବିମାନବନ୍ଦର ୨୦୧୮ ଡିସେମ୍ବରରେ ଲେଭଲ୍ ୧ରେ ରହିଥିଲା। ସବୁଠାରୁ ଅଧିକ କାର୍ବନ ନିଷ୍କାସନ କରୁଥିବା ବିମାନବନ୍ଦରଗୁଡ଼ିକ ଲେଭଲ୍ ୧ରେ ରହିଥିବା ବେଳେ ଭୁବନେଶ୍ୱର ସହ ଦେଶର ଅନ୍ୟ ୩ ବିମାନବନ୍ଦର କୋଲକାତା, ତ୍ରିଭେନ୍ଦ୍ରମ୍ ଓ ବାରଣାସୀ ଏହି ସ୍ତରରେ ରହିଥିଲେ।

ଭୁବନେଶ୍ୱର ବିମାନବନ୍ଦରରେ ଥର୍ମାଲ ଏବଂ ହାଇଡ୍ରୋ ଇଲେକ୍ଟ୍ରିକ୍ ଶକ୍ତି ବ୍ୟବହାର ପାଇଁ ୯୭ ପ୍ରତିଶତ କାର୍ବନ ସୃଷ୍ଟି ହେଉଥିବାରୁ ଏହାକୁ ଦୃଷ୍ଟିରେ ରଖି ବିମାନବନ୍ଦର ପରିସରରେ ୨୫ କୋଟି ଟଙ୍କା ବ୍ୟୟରେ ୪.୬୨୫ ମେଗାୱାଟ୍ ବିଶିଷ୍ଟ ସୋଲାର ପାୱାର ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇଛି। ଏହି ସୋଲାର ପ୍ଲାଣ୍ଟ ପ୍ରତି ମାସରେ ୧୦ ହଜାର ୟୁନିଟ୍‌ର ବିଦ୍ୟୁତ୍ ଶକ୍ତି ଉତ୍ପାଦନ କରିବାର କ୍ଷମତା ରଖିଛି। ଏହାବ୍ୟତୀତ ଅନ୍ୟ ୩ ପ୍ରତିଶତ କାର୍ବନ ବିମାନବନ୍ଦର ପରିସରରେ ଚାଲୁଥିବା ଗାଡ଼ି ଏବଂ ଏୟାର ଟ୍ରାଫିକ୍ ପାଇଁ ସୃଷ୍ଟି ହେଉଥିବା ଜଣାପଡ଼ିଛି। ଏଭଳିସ୍ଥଳେ ଏସିଆଇର ଧାର୍ଯ୍ୟ ଲେଭଲ୍‌ରୁ ଆଉ ଗୋଟିଏ ସ୍ତର ଉପରକୁ ଯିବାକୁ ଏଣିକି ଭୁବନେଶ୍ୱର ବିମାନବନ୍ଦରରେ ବିଦ୍ୟୁତ୍ ଶକ୍ତିରେ ପରିଚାଳିତ ହାଇବ୍ରିଡ୍ ଗାଡ଼ିର ବ୍ୟବହାର କରାଯିବ। ସେହିଭଳି ପ୍ରାୟ ୬୫ କୋଟି ଟଙ୍କା ବ୍ୟୟରେ ୨.୭ କିମିର ଏକ ସମାନ୍ତରାଳ ଟ୍ୟାକ୍ସି ଟ୍ରାକ୍ ତିଆରି କରାଯିବ। ଏହି ଯୋଜନା କାର୍ଯ୍ୟକାରୀ ଦ୍ୱାରା ଭୁବନେଶ୍ୱର ବିମାନବନ୍ଦରରେ କାର୍ବନ ନିଷ୍କାସନ ୯୭ ପ୍ରତିଶତରୁ କମି ୧.୫ ପ୍ରତିଶତରେ ପହଞ୍ଚିବ। ଲେଭଲ୍ ୪ରେ ପହଞ୍ଚିବାକୁ ବିମାନବନ୍ଦର ଭିତରେ ଏବଂ ଚାରିପାଖରେ ବହୁଳ ଭାବେ ବୃକ୍ଷରୋପଣ କରାଯିବ। ତେବେ ବର୍ତ୍ତମାନ ସମୟରେ ଲେଭଲ୍ ୨ରେ ପହଞ୍ଚିବାକୁ ଜୋରଦାର ଉଦ୍ୟମ ଜାରିରହିଥିବା ବିମାନବନ୍ଦର କର୍ତ୍ତୃପକ୍ଷ କହିଛନ୍ତି। ଏ ନେଇ ଦୁଇମାସ ମଧ୍ୟରେ ଏସିଆଇକୁ ରିପୋର୍ଟ ପ୍ରଦାନ କରାଯିବ ବୋଲି ଜଣାପଡ଼ିଛି।

## ସିଦ୍ଧମହାବୀର ଅଞ୍ଚଳରେ ଫୁଟିଲା ଗୁଳି

# ପୂର୍ବ ଶତ୍ରୁତାରୁ ଯୁବକଙ୍କୁ ଗୁଳିମାଡ଼



ପୁରୀ ମେଡିକାଲରେ ଆହତ ରାକେଶଙ୍କ ଚିକିତ୍ସା କରାଯାଉଛି।

- ଦୁଇ ଗୋଡ଼ରେ ବାଜିଛି ୬ ଗୁଳି
- ଗୁରୁତର ଅବସ୍ଥାରେ କଟକ ସ୍ଥାନାନ୍ତର, ୨ଅଟକ

**ପୁରୀ ଅଫିସ,୧୧।୩**

ତାଳବଣିଆ ଥାନା ଅନ୍ତର୍ଗତ ସିଦ୍ଧମହାବୀର କୁମୁଟିପାଟଣା ଅଞ୍ଚଳରେ ସୋମବାର ରାତି ୮ଟାରେ ଘଟିଛି ଗୁଳିକାଣ୍ଡ। ୮ରାଉଣ୍ଡ ଗୁଳିରେ ଥରିଛି ସମ୍ପୃକ୍ତ ଅଞ୍ଚଳ। ଗୁଳିକାଣ୍ଡରେ କୁମୁଟିପାଟଣାର ରାକେଶ ନାୟକ(୨୫) ଆହତ ହୋଇଛନ୍ତି। ତାଙ୍କ ଡାହାଣ ଗୋଡ଼ରେ ୪ ଏବଂ ବାମ ଗୋଡ଼ରେ ୨ଟି ଗୁଳି ବାଜିଛି। ଗୁରୁତର ଅବସ୍ଥାରେ ତାଙ୍କୁ ପୁରୀ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ପରେ ତାଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ଗୁଳିକାଣ୍ଡ ଘଟିଥିବା ପୋଲିସର ପ୍ରାଥମିକ ଅନୁସନ୍ଧାନରୁ ଜଣାପଡିଛି। ଏହି ଘଟଣାରେ ପୋଲିସ ଦୁଇଜଣଙ୍କୁ ଅଟକ ରଖିଛି।

ଆହତ ରାକେଶଙ୍କ ବାପା ଜଗନ୍ନାଥ ନାୟକଙ୍କ କହିବା ଅନୁଯାୟୀ, ରାକେଶ ପୂର୍ବରୁ ବେଙ୍ଗାଲୁରୁରେ ଏକ ହୋଟେଲରେ କାମ କରୁଥିଲେ। ଗତ ଏକ ମାସ ହେବ ପୁରୀ ଆସିଥିଲେ। ଜଗନ୍ନାଥ ସ୍ୱର୍ଗଦ୍ୱାର ନିକଟରେ ଖେଳଣା ବିକ୍ରି କରୁଥିବା ବେଳେ ରାକେଶ ତାଙ୍କୁ ସହଯୋଗ କରୁଥିଲେ। ସୋମବାର ସନ୍ଧ୍ୟାରେ ରାକେଶ ଏକାକୀ ସିଦ୍ଧାମହାବୀର ମନ୍ଦିର ନିକଟ ଦେଇ ଆସୁଥିବା ବେଳେ ହଠାତ୍ ଦୁଇ ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କ ଉପରକୁ ଗୁଳିମାଡ଼ କରିଥିଲେ। ରାକେଶ ତଳେ ପଡିଯିବା ପରେ ସେମାନେ ତାଙ୍କୁ କୁମୁଟିପାଟଣାକୁ ନେଇ ଯାଇଥିଲେ। ସେଠାରେ ତାଙ୍କ ଗୋଡ଼କୁ ଲକ୍ଷ୍ୟ କରି ଗୁଳିମାଡ଼ କରିଥିଲେ। ଗୁରୁତର ଅବସ୍ଥାରେ ସେଠାରେ ତାଙ୍କୁ ଫିଙ୍ଗିଦେଇ ଚାଲି ଯାଇଥିଲେ। କୌଣସି ସୂତ୍ରରୁ ଖବରପାଇ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ପୋଲିସ ପହଞ୍ଚି ରାକେଶଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରି ସଦର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲା।

ଏ ସମ୍ପର୍କରେ ଏସ୍‌ପି ଉମାଶଙ୍କର ଦାଶ କୁହନ୍ତି, ଗୁଳିକାଣ୍ଡ ଘଟଣାରେ ବର୍ତ୍ତମାନ ସୁଦ୍ଧା ଥାନାରେ କୌଣସି ଅଭିଯୋଗ ହୋଇନାହିଁ। ପୋଲିସ ପକ୍ଷରୁ ତଦନ୍ତ ଚାଲିଛି।

# ବିଜେଡିକୁ ଫେରିଲେ ପୂର୍ବତନ ବିଧାୟକ ଜିତୁ ମିତ୍ର

**ଖୋର୍ଦ୍ଧା ଅଫିସ,୧୧।୩**



ମୁଖ୍ୟମନ୍ତ୍ରୀଙ୍କ ସହ ବିଜେଡିରେ ସାମିଲ ହୋଇଥିବା ଜିତୁ ମିତ୍ର (ବାମରୁ ଦ୍ୱିତୀୟ)।

ବିଜେଡିକୁ ପୁଣି ଫେରିଲେ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ଭାଜପାର ବରିଷ୍ଠ ନେତା ଜ୍ୟୋତିରୀନ୍ଦ୍ର ନାଥ ମିତ୍ର(ଜିତୁ)। ସୋମବାର ପୂର୍ବାହ୍ନରେ ଜିତୁ ଭାଜପାରୁ ଇସ୍ତଫା ଦେଇ ମଧ୍ୟାହ୍ନରେ ନବୀନ ନିବାସ ଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟି ବିଜେଡିରେ ସାମିଲ ହୋଇଛନ୍ତି। ମିଶ୍ରଣ ସମୟରେ ନବୀନ ନିବାସରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର ସାହୁ ଓ ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ ଉପସ୍ଥିତ ଥିଲେ। ଜିତୁ ବିଜେଡିରେ ମିଶିବେ ବୋଲି ବହୁ ପୂର୍ବରୁ ଜଣାପଡୁଥିଲା। ଏନେଇ ଧରିତ୍ରୀରେ ଜିତୁ ବିଜେଡିରେ ମିଶି ବିଧାୟକ ପ୍ରାର୍ଥୀ ହୋଇପାରନ୍ତି ବୋଲି ପ୍ରକାଶ ପାଇଥିଲା। ଆଗକୁ ପ୍ରାର୍ଥୀ ବି ହେବେ ଏଥିରେ ସନ୍ଦେହ ନାହିଁ ବୋଲି ପୁଣି କୁହାଯାଉଛି।

୧୯୯୫ରେ ଜିତୁ କଂଗ୍ରେସରୁ ଖୋର୍ଦ୍ଧା ବିଧାନସଭା ନିର୍ବାଚନମଣ୍ଡଳୀ ପାଇଁ ପ୍ରାର୍ଥୀ ହୋଇ ହାରିଯାଇଥିଲେ। ୨୦୦୦ ନିର୍ବାଚନରେ ସ୍ୱାଧୀନ ଓ ୨୦୦୪ରେ ବିଜେଡି ପ୍ରାର୍ଥୀ ଭାବେ ବିଧାୟକ ହୋଇଥିଲେ। ସେହିପରି ୨୦୦୯ରେ ସ୍ୱାଧୀନ, ୨୦୧୪ରେ ଭାଜପା ପ୍ରାର୍ଥୀ ହୋଇ ପରାଜିତ ହୋଇଥିଲେ। ତେବେ ଜିତୁ ଓ ବର୍ତ୍ତମାନର ବିଧାୟକ ରାଜେନ୍ଦ୍ର ଗୁରୁ ଶିଷ୍ୟ ଭାବେ ପରିଚିତ। ଜିତୁ ବିଧାୟକ ହେବା ପରେ ବର୍ତ୍ତମାନର ବିଧାୟକ ରାଜେନ୍ଦ୍ରଙ୍କୁ ଖୋର୍ଦ୍ଧା ମ୍ୟୁନିସିପାଲିଟିର ଚେୟାରମ୍ୟାନ କରାଇ ବିଜେଡି ସଙ୍ଗଠନକୁ ବଢ଼ାଇଥିଲେ। ତେବେ ରାଜେନ୍ଦ୍ର ୨୦୦୯ରେ ବିଧାୟକ ପ୍ରାର୍ଥୀ ହେବା ପରେ ଗୁରୁ ଶିଷ୍ୟ ଅଲଗା ହୋଇ ଯାଇଥିଲେ। ୧୦ବର୍ଷର ବ୍ୟବଧାନ ପରେ ପୁଣି ଗୁରୁ ଶିଷ୍ୟ ଏକାଠି ହୋଇ ଗୋଟିଏ ଦଳ ପାଇଁ କାର୍ଯ୍ୟ କରିବାକୁ ଯାଉଛନ୍ତି। ଏ ସମ୍ପର୍କରେ ଜିତୁ କୁହନ୍ତି, ପୁରୁଣା ଲୋକଙ୍କୁ ଖୋଜି ବିଜେଡିରେ ମିଶାଯାଉଛି। ସଭାପତି ନବୀନ ପଟ୍ଟନାୟକ ତାଙ୍କୁ ପ୍ରାର୍ଥୀ କରାଇବା ପାଇଁ ଆଗ୍ରହ ରଖି ଦଳରେ ମିଶିବାକୁ ସୁଯୋଗ ଦେଇଛନ୍ତି। ଯଦିଓ ତାଙ୍କୁ ଟିକେଟ ଦିଆଯିବ ବୋଲି ସ୍ପଷ୍ଟ କୁହାଯାଇନି ତେବେ ଟିକେଟ ପାଇବାର ଆତ୍ମବିଶ୍ୱାସ ତାଙ୍କର ରହିଛି। ଏପରି କି ଦଳୀୟ ଘୋଷଣା ନ ହେବା ପୂର୍ବରୁ ସେ ଟିକେଟ ପାଇବେ କି ନାହିଁ କହିବା ଠିକ୍ ହେବ ନାହିଁ ବୋଲି ଜିତୁ କହିଛନ୍ତି।

ଅନ୍ୟପକ୍ଷରେ ଖୋର୍ଦ୍ଧା ବିଧାୟକ ରାଜେନ୍ଦ୍ର କୁହନ୍ତି, ଜିତୁ ବିଜେଡିରେ ସାମିଲ ହେବା ପରେ ଦଳ ଅଧିକ ମଜଭୁତ ହେବ। ଟିକେଟ ଉପରେ ତାଙ୍କର କୌଣସି କହିବାର ନାହିଁ। ସେ ତାଙ୍କ ନେତାଙ୍କୁ ବହୁତ ଭଲ ଭାବେ ମାନନ୍ତି। ପୂର୍ବରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଜିତିବା ପରେ ମୁଖ୍ୟମନ୍ତ୍ରୀଙ୍କୁ ଭଲପାଇ ବିଜେଡିକୁ ଆସିଥିଲେ। ଏଣୁ ମୁଖ୍ୟମନ୍ତ୍ରୀ ଟିକେଟ ଦେବା କ୍ଷେତ୍ରରେ ଯାହା ନିଷ୍ପତ୍ତି ନେବେ ସେ ମାନିନେବେ ବୋଲି କହିଛନ୍ତି। ତେବେ ଦିନ ଥିଲା ଟିକେଟ ପାଇଲେ ବା ନ ପାଇଲେ ସେ ପ୍ରାର୍ଥୀ ହେବେ ବୋଲି କହୁଥିଲେ।

### ଥାନାରେ ଅଟକ ବୃଦ୍ଧଙ୍କ ଡାକ୍ତରଖାନାରେ ମୃତ୍ୟୁ

**ବାରଙ୍ଗ,୧୧।୩(ଡି.ଏନ୍.ଏ.):** ଦେଶୀମଦ ବିକ୍ରି ଅଭିଯୋଗରେ ଚନ୍ଦକା ଥାନାରେ ଅଟକ ଥିବା ଜଣେ ୫୦ବର୍ଷୀୟ ବୃଦ୍ଧଙ୍କ ସୋମବାର ସକାଳେ କଟକ ବଡ ଡାକ୍ତରଖାନାରେ ମୃତ୍ୟୁ ହୋଇଛି। ସେ ହେଲେ ଏହି ଥାନା ଅଧୀନସ୍ଥ କଣ୍ଟାବାଡ଼ର ଭଗବତୀପୁର ଗ୍ରାମର ପୁଷ୍ପ ବେହେରା। ପ୍ରକାଶ ଯେ, ଭଗବତୀପୁର ଗ୍ରାମରେ ପୁଷ୍ପ ବେଆଇନ ଭାବେ ଦେଶୀମଦ ବିକ୍ରି କରୁଥିବା ନେଇ ପୋଲିସ ଜାଣିପାରି ଶନିବାର ଚନ୍ଦକା ଥାନା ଅଟକ ରଖିଥିଲା। ରାତିରେ ପୁଷ୍ପଙ୍କୁ ହଠାତ ବାତ ମାରିବାରୁ ଚିକିତ୍ସା ପାଇଁ ପୋଲିସ ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ନେଇଥିଲା। ସ୍ୱାସ୍ଥ୍ୟରେ ଅବନତି ଘଟିବାରୁ ପୁଷ୍ପଙ୍କୁ ରବିବାର କଟକ ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସା ସମୟରେ ସୋମବାର ପୁଷ୍ପର ମୃତ୍ୟୁ ହୋଇଥିଲା ବୋଲି ଥାନା ପକ୍ଷରୁ କୁହାଯାଇଛି। ଏହି ଘଟଣା ପରେ ପୋଲିସର କାର୍ଯ୍ୟକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି।

## କାନନବିହାର ଡକାୟତି ମାମଲା

# ସ୍ପେଶାଲ ସ୍କ୍ୱାଡ୍ ହାତରେ ଧରାପଡ଼ିଲେ ୪

### ସୁନା ଅଳଙ୍କାର ଓ ମାରଣାସ୍ତ୍ର ଜବତ

**ଭୁବନେଶ୍ୱର,୧୧।୩ (ବ୍ୟୁରୋ)**

ଚନ୍ଦ୍ରଶେଖରପୁର ଥାନା କାନନବିହାର ଫେଜ୍-୧ ଅଞ୍ଚଳର ଅବସରପ୍ରାପ୍ତ ସେନା କର୍ମଚାରୀ ସୁଧାକର ଦାସଙ୍କ ଘରୁ ଡକାୟତି ଘଟଣାରେ ୪ ଡକାୟତ ଗିରଫ ହୋଇଛନ୍ତି। ସ୍ପେଶାଲ ସ୍କ୍ୱାଡ ଟିମ୍ ଅଭିଯୁକ୍ତଙ୍କର ଫୋନ୍ ଟ୍ରାକିଂ କରି ଭୁବନେଶ୍ୱରର ବିଭିନ୍ନ ସ୍ଥାନରୁ ସେମାନଙ୍କୁ କାବୁ କରିଛି। ସେମାନଙ୍କ ନିକଟରୁ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ଓ ମାରଣାସ୍ତ୍ର ଜବତ କରିଛି। ଡକାୟତମାନଙ୍କୁ ପୋଲିସ ପଚରାଉଚୁରା କରୁଛି। ସେମାନଙ୍କ ତଥ୍ୟ ଆଧାରରେ ପୋଲିସ ବିଳମ୍ବିତ ରାତି ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରଖିଥିବା ଜଣାପଡିଛି। ମଙ୍ଗଳବାର ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ କହିଛି।

ସୂଚନାଯୋଗ୍ୟ, ଅନୁଗୋଳର ସୁଧାକର ଦାସ ସେନାବାହିନୀରୁ ଅବସର ନେବା ପରେ କାନନବିହାରରେ ପରିବାର ସହ ରହୁଥିଲେ। ଗତ ମାସ ୨୭ ତାରିଖରେ ରାତି ୨ଟା ସମୟରେ ଡକାୟତମାନେ ଝରକା ତାଡି ଘର ଭିତରକୁ ପଶିଥିଲେ। ପରିବାର ଲୋକଙ୍କୁ ବାନ୍ଧି ନିସ୍ଥୁକ ମାଡ଼ ମାରିଥିଲେ। ପରେ ଦାଶଙ୍କ ନାତି ବେକରେ ଛୁରି ଲଗାଇ ଆଲମାରୀ ଚାବି ନେଇ ୪୦ ଭରି ସୁନା ଅଳଙ୍କାର, ଦେଢ ଲକ୍ଷ ଟଙ୍କା, ୫ଟି ଦାମୀ ମୋବାଇଲ ନେଇ ଚମ୍ପଟ ମାରିଥିଲେ। ଏନେଇ ଚନ୍ଦ୍ରଶେଖରପୁର ଥାନାରେ ଅଭିଯୋଗ ହେବା ପରେ ପୋଲିସ ଖୋଳତାଡ ଆରମ୍ଭ କରିଥିଲା।

### ଚୋରି ମୋବାଇଲ ଫସାଇ ଦେଲା

ଚୋରି ମୋବାଇଲ ବ୍ୟବହାର କରି ଡକାୟତମାନେ ଫସିଗଲେ। ସେମାନେ ଲୁଟ୍ ସମୟରେ ଯେଉଁ ୫ଟି ଦାମୀ ମୋବାଇଲ ନେଇଯାଇଥିଲେ। ଲୁଟ୍ ପରେ ସେଗୁଡ଼ିକୁ ସୁଇଚ୍ ଅଫ କରି ରଖିଥିଲେ। ପୋଲିସ ସେହି ନମ୍ବର ଗୁଡ଼ିକୁ ଟ୍ରାକିଂ କରୁଥିଲା। କିଛି ଦିନ ତଳେ ଜଣେ ଡକାୟତ ଫୋନ୍ ଅନ କରିବା ପରେ ସ୍ପେଶାଲ ସ୍କ୍ୱାଡ ତାଙ୍କୁ ଧରିଥିଲା। ପଚରାଉଚୁରା ବେଳେ ସେ ଅନ୍ୟ ୩ଜଣଙ୍କ ନାମ କହିଥିଲେ। ପରେ ବିଭିନ୍ନ ସ୍ଥାନରେ ଚଢାଉ କରି ୩ଜଣଙ୍କୁ କାବୁ କରାଯାଇଥିଲା।






3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ



ପରର ମଙ୍ଗଳ କରିବା ସବୁଠାରୁ ବଡ଼ ଧର୍ମ। ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ଼ ପାପ।
-ସନ୍ଥ ତୁଳସୀ ଦାସ



## ■ ନିର୍ବାଚନ ପାଇଁ କମିଶନରେଟ ପୋଲିସର ପ୍ରସ୍ତୁତି

# ଭୁବନେଶ୍ୱରର ୧୮୧, କଟକର ୨୩୪ ବୁଥ୍ ସମ୍ବେଦନଶୀଳ

**ଭୁବନେଶ୍ୱର,୧୧।୩ (ବ୍ୟୁରୋ)**

■ଦ୍ୱୈତନଗରୀରେ ୧୦ ଫ୍ଲାଇଙ୍ଗ୍ ସ୍କ୍ୱାଡ୍

■ମଦ, ଟଙ୍କା କାରବାର ଉପରେ ଲାଗିବ ଅଙ୍କୁଶ

ଏପ୍ରିଲ୍ ୧୧ରୁ ଆରମ୍ଭ ହେଉଛି ସାଧାରଣ ନିର୍ବାଚନ। ଓଡିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଘୋଷଣା ହୋଇଥିବାବେଳେ ଭୁବନେଶ୍ୱର ଓ କଟକରେ ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ତଥା ନିରପେକ୍ଷ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ପୋଲିସ କମିଶନର ରାଜ୍ୟ ନିର୍ବାଚନ କମିଶନରଙ୍କ ସହ ଆଲୋଚନା କରିଛନ୍ତି। ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ ସୂଚନାନୁସାରେ, ଭୁବନେଶ୍ୱରରେ ୧୧୫୬ଟି ବୁଥ ରହିଥିବାବେଳେ ୧୮୧ ବୁଥ୍ ସମ୍ବେଦନଶୀଳ। ସେହିପରି କଟକର ୭୬୪ ବୁଥ୍ ମଧ୍ୟରୁ ୨୩୪ଟି ବୁଥ୍ ସମ୍ବେଦନଶୀଳ ରହିଛି। ଏହି ବୁଥ୍‌ଗୁଡ଼ିକ ଉପରେ ନଜର ରଖିବ ୪୪ଟି ମୋବାଇଲ୍ ପାଟ୍ରୋଲିଂ ଟିମ୍। ଏଥିରେ ଇନ୍ସପେକ୍ଟର ର୍‍ୟାଙ୍କ୍‌ର ୨୦ଜଣ ସେକ୍ଟର ଅଫିସର ନିୟୋଜିତ ହେବେ। ଦୁଇଟି ପାଟ୍ରୋଲିଂ ଟିମ୍ ପାଇଁ ଜଣେ ସେକ୍ଟର ଅଫିସର ରହିବେ। ୪ ମୋବାଇଲ୍ ପାଟ୍ରୋଲିଂ ଟିମ୍‌କୁ ଡିଏସ୍‌ପି ର୍‍ୟାଙ୍କ୍‌ର ଜଣେ ଅଫିସର ସୁପରଭିଜନ କରିବେ। ସୁପରଭାଇଜିଂ ପାଇଁ ୧୧ ଅଫିସର ଓ ୫ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ରହିବେ। ଏଥିସହ ବୁଥ୍‌ରେ ପ୍ରାୟ ଅଢେଇ ହଜାର ପୋଲିସ ଫୋର୍ସ ମୁତୟନ ରହିବେ। ସେହିଭଳି କଟକରେ ୨୭ଟି ମୋବାଇଲ୍ ପାଟ୍ରୋଲିଂ ଟିମ ରହିବ। ୧୭ଜଣ ସେକ୍ଟର ଅଫିସର, ୧୦ଜଣ ସୁପରଭାଇଜିଂ ଅଫିସର ଓ ୫ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ନିୟୋଜିତ ହେବେ। ବୁଥ୍‌ଗୁଡିକରେ ୧୫ଶହରୁ ୧୭ଶହ ପୋଲିସ ଫୋର୍ସ ମୁତୟନ ରହିବେ। ଟଙ୍କା ଓ ମଦ କାରବାରକୁ ରୋକିବା ପାଇଁ ଏହି ଦ୍ୱୈତନଗରୀରେ ୧୦ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ କାର୍ଯ୍ୟ କରିବ। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ଘଟଣାସ୍ଥଳକୁ ନିଜେ ମାଜିଷ୍ଟ୍ରେଟ୍ ଯିବେ। ଏହାସହ ଭୁବନେଶ୍ୱରର ୩୫ ଓ କଟକରେ ଥିବା ୨୧ ପିସିଆର ଭ୍ୟାନ୍ କଡାକଡି ପାଟ୍ରୋଲିଂ କରିବ। ଯେଉଁଠି କୌଣସି ଆଇନ ଶୃଙ୍ଖଳା କିମ୍ବା ଅର୍ଥ କାରବାର ନେଇ ସୂଚନା ମିଳିବ ଫ୍ଲାଇଙ୍ଗ୍ ସ୍କ୍ୱାଡ୍‌କୁ ଅପେକ୍ଷା ନ କରି ପିସିଆର ଟିମ୍ ତୁରନ୍ତ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବ। କେତେକ ରାଜନୈତିକ ଦଳ ନିର୍ବାଚନ ସମୟରେ ଅପରାଧୀମାନଙ୍କୁ ବ୍ୟବହାର କରିବାର ଆଶଙ୍କା ରହିଛି। ତେଣୁ ନିର୍ବାଚନ ପୂର୍ବରୁ ଏହି ଅପରାଧୀଙ୍କୁ ଗିରଫ କରାଯାଇ ଜେଲ୍ ପଠାଯିବ ବୋଲି କମିଶନର ମହାନ୍ତି କହିଛନ୍ତି।

# ବିଜେଡିର ବାଇକ୍ ଶୋଭାଯାତ୍ରା

**ବାଙ୍କୀ,୧୧।୩(ସ୍ୱ.ପ୍ର.)**

ବାଙ୍କୀର ପୂର୍ବତନ ବିଧାୟକ ସ୍ୱର୍ଗତ ଘନଶ୍ୟାମ ସାହୁଙ୍କ ପୁଅ ଇଂ. ସବ୍ୟସାଚୀ ସାହୁଙ୍କ ନେତୃତ୍ୱରେ ସୋମବାର ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ବାଆଁରା ରାମଚଣ୍ଡୀଠାରୁ ବାହାରିଥିଲା। ଇଂ. ସାହୁ ପ୍ରଥମେ ବାଆଁରାର ଶ୍ରୀଶ୍ରୀ ସୁବୁଦ୍ଧେଶ୍ୱରଙ୍କୁ ଦର୍ଶନ କରି ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଶୋଭାଯାତ୍ରା ସମସ୍ତ ପଞ୍ଚାୟତ ଅତିକ୍ରମ କରି ସାମନ୍ତରାପୁର ମା'ଖର୍ପର ଚଣ୍ଡୀଙ୍କ ପୀଠ ନିକଟରେ ସମାପ୍ତ ହୋଇଥିଲା। ଶୋଭାଯାତ୍ରରେ ଯାଉଥିବା ଥିବା କର୍ମୀ ନବୀନ ପଟ୍ଟନାୟକ ଜିନ୍ଦାବାଦ, ଶଙ୍ଖଚିହ୍ନ ଜିନ୍ଦାବାଦ, ସବ୍ୟସାଚୀଭାଇ ଜିନ୍ଦାବାଦ ଧ୍ୱନି ଦେଇ ଲୋକଙ୍କୁ ନବୀନ ବାବୁଙ୍କ ଶାସନ କାଳରେ ହୋଇଥିବା ଜନହିତକରି କାର୍ଯ୍ୟଗୁଡିକ ବିଷୟରେ ଅବଗତ କରାଇଥିଲେ। ଏଥିସହିତ ଆଗାମୀ ନିର୍ବାଚନରେ ନବୀନ ବାବୁଙ୍କ ଦ୍ୱାରା ମନୋନୀତ ବିଜୁ ଜନତାଦଳ ପ୍ରାର୍ଥୀଙ୍କୁ ବହୁସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରିବା ପାଇଁ ନବେଦନ କରିଥିଲେ। ଶୋଭାଯାତ୍ରା ପରେ ମା'ଖର୍ପର ଚଣ୍ଡୀଙ୍କପୀଠରେ ଏକ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା। ସମ୍ମିଳନୀରେ ଇଂ. ସାହୁ ଉଦ୍‌ବୋଧନ ଦେଇ ବାଙ୍କୀକୁ ଏକ ଦୁର୍ନୀତି ମୁକ୍ତ ଶସ୍ୟଶ୍ୟାମଳା ନିର୍ବାଚିନମଣ୍ଡଳୀଭାବେ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ। କ୍ଷେତ୍ରବାସୀ ଦାଶ, ଆଡଭୋକେଟ୍ ବନ୍ଦୁଚରଣ ଦାସ, ନିରଞ୍ଜନ ସାହୁ, ମାୟାଧର ମହାନ୍ତି, ପ୍ରଫୁଲ୍ଲ ସାହୁ, ଅବନୀ ବେହେରା, ଦିଲୀପ ଦାସ, ଭିମସେନ ସାହୁ ଓ ବସନ୍ତ ସାହୁଙ୍କ ସମେତ ବହୁ କର୍ମୀ ଏବଂ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ବିରଳ ପ୍ରଜାତିର ମାଛ ଉଦ୍ଧାର



**ମାହାଙ୍ଗା,୧୧।୩(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହିପୁର ପଞ୍ଚାୟତ ସେଠୀ ସାହିର ଜଣେ ମତ୍ସ୍ୟଜୀବୀ ସୋମବାର ଏକ ବିରଳ ପ୍ରଜାତିର ମାଛ ଉଦ୍ଧାର କରିଛନ୍ତି। ସେ ହେଲେ ସାହିର ଗୋଧି ସେଠୀ। ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ପୋଖରୀକୁ ମାଛ ଧରିବାକୁ ଯାଇଥିଲେ। ପୋଖରୀରୁ ବଡ ମାଛ ଧରିଥିଲାବେଳେ ଛୋଟ ଚୁନା ମାଛ ଦେଖିବାକୁ ପାଇ ନ ଥିଲେ। ପରେ ପୋଖରୀରେ ଜାଲ ଟାଣି ମାଛ ଧରୁଥିବାବେଳେ ଏହି ବିରଳ ପ୍ରଜାତିର କଳା ଧଳା ଚିତା ଚିହ୍ନ ମାଛକୁ ଧରିଥିଲେ। ମାଛର ସମ୍ପୂର୍ଣ୍ଣ ଶରୀର କଠିନ ଆସ୍ତରଣ ଥିବା ଦେଖିବାକୁ ମିଳିଥିଲା। କଇଁଛ ଭଳି ଏହି ମାଛର ସବୁଆଡେ କଠିନ ଖୋଳପା ଭଳି ରହିଛି। ଏହାର ରଙ୍ଗ କଳା ହୋଇଥିବାବେଳେ ଧଳା ଚିତା ଚିହ୍ନ ଥିବା ଦେଖିବାକୁ ମିଳିଛି। ମାଛଟି କେବଳ ଛୋଟଛୋଟ ମାଛ ଖାଉଥିବା ଦେଖାଯାଇଛି। କେତେଜଣ ମତ୍ସ୍ୟଜୀବୀ ଏହା କେଉଁ ପ୍ରଜାତିର ମାଛ ବୋଲି ଚିହ୍ନି ପାରିନାହାନ୍ତି।

### ଜୁଆ ଆଡ୍ଡାରେ ଚଢ଼ାଉ: ଜଣେ ଗିରଫ

**କଟକ ଅଫିସ୍, ୧୧।୩:** ମଙ୍ଗଳାବାଗ ଥାନା ଅନ୍ତର୍ଗତ ମାଛୁଆବଜାରର ଏକ ଜୁଆ ଆଡ୍ଡା ଉପରେ ସୋମବାର ପୋଲିସ ଚଢାଉ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ମାଛୁଆବଜାର ଅଞ୍ଚଳର ଡି. ନାରାୟଣ(୩୫)। ପୋଲିସ ଉକ୍ତ ଆଡ୍ଡାସ୍ଥଳରୁ ତାସ, ୫୫୦ ଟଙ୍କା ଜବତ କରିବା ସହ ଏ ନେଇ ଏକ ମାମଲା(୬୧/୧୯) ରୁଜୁ କରିଛି। ତେବେ ପୋଲିସ ଚଢାଉବେଳେ ଅନ୍ୟ ଚାରିଜଣ ଖସି ପଳାଇଛନ୍ତି। ପୋଲିସ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଉକ୍ତ ସ୍ଥାନରେ ଜୁଆ ଖେଳ ହେଉଥିବା ଜାଣିବା ପରେ ମଧାହ୍ନ ପ୍ରାୟ ୧୨ଟାରେ ପୋଲିସ ଏକ ଟିମ୍ ସେଠାରେ ଚଢାଉ କରିଥିଲା।

### ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ଆଠଗଡ଼,୧୧।୩(ସ୍ୱ.ପ୍ର.):** ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଆଠଗଡ଼ ନିର୍ବାଚନମଣ୍ଡଳୀରେ ରବିବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ବିଧାୟକ ସ୍ୱାଇଁ ଯୋଗଦେଇ ପ୍ରଥମେ ଗୋପବନ୍ଧୁ ମହିଳା ମହାବିଦ୍ୟାଳୟ ସନ୍ନିକଟ ବିଶ୍ୱନାଥ ବିଦ୍ୟାପୀଠ ମିନି ଷ୍ଟାଡିୟମ ପାଇଁ ଶିଳାନ୍ୟାସ କରିଥିଲେ। ଏହି ଷ୍ଟାଡିୟମ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧୮ଲକ୍ଷ ୪୯ହଜାର ୨୮୯ଟଙ୍କା ବ୍ୟୟ ମଞ୍ଜୁର ହୋଇଛି। ସେହିପରି ନୂଆଶାସନ-ଗଜାମ୍ବ ରାସ୍ତାର ନବୀକରଣ ନିମନ୍ତେ ମଧ ଶିଳାନ୍ୟାସ କରାଯାଇଛି। ଏଥିପାଇଁ ବିଭାଗ ପକ୍ଷରୁ ୧୪,୦୧୬,୩,୪୭୫ଟଙ୍କା ବ୍ୟୟ ଅଟକଳ ହୋଇଛି। କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ତପନ ଗଡନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାଏକ, ଯନ୍ତ୍ରୀ ପ୍ରଭାତ ବେହେରା ଓ ଅଜୟ ଦାସଙ୍କ ସମେତ ଧୁରୁଷିଆ ସରପଞ୍ଚ, ସମିତିସଭ୍ୟ ଏବଂ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ।

### ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ

**ଚୌଦ୍ୱାର,୧୧।୩(ଡି.ଏନ୍.ଏ.) :** ପାଞ୍ଚପରଗଣା ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ ଟାଙ୍ଗୀ-ଚୌଦ୍ୱାର ବ୍ଲକ ବନସାମନ୍ତରାପୁର ଗ୍ରାମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୟାନିଧି ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସନ୍ତୋଷ ସାହୁ, ନିରଞ୍ଜନ ସାହୁ, ଚୈତନ୍ୟ ସାହୁ, ହୃଷୀକେଶ ସାହୁ, ଶିଶିରକାନ୍ତ ସାହୁ, ଅନ୍ନପୂର୍ଣ୍ଣା ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଶ୍ୟାମ ସୁନ୍ଦର ସାହୁ, ଅଶୋକ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଭାଗବତ ପଠନ ଓ ମୁଖପତ୍ର 'କୁବେର ପୁତ୍ର'କୁ ଉନ୍ମୋଚିତ ହୋଇଥିଲା। ଏଥିସହ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ସହ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଡ. ଅଭିଳାଷ ଗୌରବ ସାହୁ ଓ କମଳା ମହାପାତ୍ରଙ୍କୁ ଯଥାକ୍ରମେ ସାଧବ ପୁଅ ଏବଂ ସାଧବାଣୀ ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ପାଦକ ନବ କୁମାର ସାହୁ ସ୍ୱାଗତ ଭାଷଣ ଓ ଉପ ସଭାପତି ପରମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।







ମାହାଙ୍ଗାରେ ଏକ ସରକାରୀ ହୋର୍ଡିଂକୁ ହଟାଯାଉଛି।

# ହଟିଲା ହୋର୍ଡିଂ, ବ୍ୟାନର

**ମାହାଙ୍ଗା,୧୧।୩(ସ୍ୱ.ପ୍ର.)**

ନିର୍ବାଚନ ତାରିଖ ଘୋଷଣା ହେବା ପରେ ଆଚରଣବିଧି ଲାଗୁ କରାଯାଇଛି। ଏହାପରେ ମାହାଙ୍ଗା ବ୍ଲକ୍ ଅଞ୍ଚଳରେ ସୋମବାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଛକବଜାର ଓ ସରକାରୀ ସ୍ଥାନରେ ଥିବା ବିଭିନ୍ନ ଦଳର ବିଜ୍ଞାପନ ବ୍ୟାନର, ଦଳୀୟ ନେତାଙ୍କ ଫଟୋ ଏବଂ ଚିହ୍ନ ଆଦି ହଟାଇ ଦିଆଯାଇଛି। ବିଶେଷ କରି ମାହାଙ୍ଗା ବ୍ଲକ୍ ସମ୍ମୁଖରେ ଥିବା ବଡବଡ ବିଜ୍ଞାପନ ଗୁଡିକୁ ହଟାଯିବା ସହ ପ୍ରତ୍ୟେକ ପଞ୍ଚାୟତର କାର୍ଯ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ଓ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରୁ ବିଜ୍ଞାପନ ହଟାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଏପରି କି ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିବାବେଳେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଏହି କାର୍ଯ୍ୟରେ ଲାଗିଥିବା ଦେଖିବାକୁ ମିଳିଛି। ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଏବିଡିଓ ମହେଶ୍ୱର ସେଠୀ, ତହସିଲଦାର ଦିଲୀପ ମହାରଣା, ଅତିରିକ୍ତ ତହସିଲଦାର ଦିଲୀପ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ବିଜ୍ଞାପନ ଉଚ୍ଛେଦ କାର୍ଯ୍ୟ ଜାରି ରହିଥିବା ସୂଚନା ମିଳିଛି।

### ରଘୁନାଥଦେବଙ୍କ ବାର୍ଷିକୋତ୍ସବ

**କଟକ ଅଫିସ,୧୧।୩**

ବିଦ୍ୟାଧରପୁରର ଶ୍ରୀଶ୍ରୀ ରଘୁନାଥଦେବ ବୈଶ୍ୟ ବଣିଆ ସଂଘ ଆନୁକୂଲ୍ୟରେ ଶ୍ରୀଶ୍ରୀ ରଘୁନାଥଦେବଙ୍କର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗତ ତିନି ଦିନ ଧରି ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ଏହାଛଡ଼ା ବିଭିନ୍ନ ସଂଘ, କମିଟିର ପଦାଧିକାରୀମାନେ ଉପସ୍ଥିତ ଥିଲେ। ଧୀରେନ୍ଦ୍ରନାଥ ସାହୁ, ନଗେନ କୁମାର ମହାରଣା, ବିଜୟ କୁମାର ମହାରଣା, ହେମନ୍ତ ମହାରଣା, ପ୍ରମୋଦ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ

**ତିଗିରିଆ,୧୧।୩(ଡି.ଏନ.ଏ.)**

ତିଗିରିଆ ବ୍ଲକ ଜେମାଦେଇପୁର ପଞ୍ଚାୟତରେ ବ୍ଲକ ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ସବିତା ବେହେରାଙ୍କ ଆବାହକତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଜିତ ଧୀର, ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାଳିକ, ବିଜୟଲକ୍ଷ୍ମୀ ଖଟୁଆ, ବ୍ଲକ ବିଜେଡି ମହିଳା ସମ୍ପାଦିକା ସମସୁରା ବେଗମ୍, ସଂଯୋଜିକା ସଶ୍ମିତା ରାଉତ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଚିନାପାଟଣା ମଙ୍ଗଳା ମନ୍ଦିରଠାରୁ ମହିଳାଙ୍କ ଏକ ଶୋଭାଯାତ୍ରା ବାହାରି ଗୋଡ଼ିସାହି ଦେଇ ଜେମାଦେଇପୁର ଗ୍ରାମ ପରିକ୍ରମା କରିଥିଲା। ଏଥିସହ ବିଭିନ୍ନ ପ୍ରଥପ୍ରାନ୍ତ ସଭାରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। କର୍ମୀମାନେ ଘରଘର ବୁଲି ଶଙ୍ଖ ଚିହ୍ନ ଷ୍ଟିକର ଲଗାଇଥିଲେ। ବ୍ଲକ ଉପାଧ୍ୟକ୍ଷ ଗୌରହରି ପରିଡ଼ା ଓ ପ୍ରତାପ ରାଉତ ପର୍ଯ୍ୟବେକ୍ଷକଭାବେ ଯୋଗଦେଇଥିଲେ।

# ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

**ନିଶ୍ଚିନ୍ତକୋଇଲି,୧୧।୩(ସ୍ୱ.ପ୍ର.)**

ନବ ଉତ୍କଳ ଲେଖକ ପରିଷଦ ଓ ଉର୍ବି ପତ୍ରିକା ଆନୁକୂଲ୍ୟରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ଓଥକା ମା' ନିବାସଠାରେ ସୋମବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠିତ ସାହିତ୍ୟିକ ଓ କବିଙ୍କ ଦ୍ୱାରା ସାରସ୍ୱତ ସମାରୋହ ଏବଂ କବିତା ଆସର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉର୍ବିର ସମ୍ପାଦକ ଶ୍ରୀଧର ଶେଖର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ମୌସୁମୀ ସାହିତ୍ୟ ପତ୍ରିକା ସମ୍ପାଦକ କବି ପ୍ରସନ୍ନ କୁମାର ମିଶ୍ର ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସାମ୍ପ୍ରତିକ ସମୟରେ ସାହିତ୍ୟ ଚର୍ଚ୍ଚା ଉପରେ ବିଶଦ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ବଲ୍ଲଭୀ ଦେବୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନା ଶାସ୍ତ୍ରୀୟ ଓଡ଼ିଆ ଦିବସ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ନିଶ୍ଚିନ୍ତକୋଇଲି ସରପଞ୍ଚ ରବୀନ୍ଦ୍ର ସେଠୀ, ସାହିତ୍ୟିକ ଶରତ ଚନ୍ଦ୍ର ମିଶ୍ର, ଡ. ନିଖିଳେଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଷ୍ଣୁଚରଣ ମିଶ୍ର, ଶ୍ୟାମସୁନ୍ଦର ଲେଙ୍କା ଓ ରାଜକିଶୋର ମିଶ୍ରଙ୍କୁ ଶ୍ରେଷ୍ଠ ସାରସ୍ୱତ ସାଧକଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାର ଅନ୍ତିମ ପାହାଚରେ ଓଡ଼ିଶାର ସୁନାମଧନ୍ୟ କବି ପ୍ରଫୁଲ୍ଲ ସିଂ, ରାମଚନ୍ଦ୍ର ସାହୁ, ଶାରଦା ପ୍ରସନ୍ନ ମିଶ୍ର, କୈଳାସ ଚନ୍ଦ୍ର ସାହୁ, ଚନ୍ଦନ ପ୍ରଧାନ, ରଘୁନାଥ ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ସ୍ତମ୍ଭକାର ପ୍ରମୋଦ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀନିବାସ ସାହୁ ଧନ୍ୟବାଦ ଦେଇଥିଲେ।





ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନରେ ଯୋଗ ଦେଇଥିବା ଅତିଥି।

### ବିଡ଼ାନାସୀରେ ବାର୍ଷିକ ସତ୍‌ସଙ୍ଗ ଉତ୍ସବ

**କଟକ ଅଫିସ, ୧୧।୩**

ଠାକୁର ଅନୁକୂଳଚନ୍ଦ୍ରଙ୍କର ବାର୍ଷିକ ସତ୍‌ସଙ୍ଗ ଉତ୍ସବ ବିଡ଼ାନାସୀର ସେବା ଶିକ୍ଷାନିକେତନ ସ୍କୁଲରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୈକୁଣ୍ଠନାଥ ମିଶ୍ର ଅଧ୍ୟକ୍ଷତା କରିଥିଲେ। ନିତ୍ୟସୁନ୍ଦର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ସୌରଭ ସାହୁ ଭଜନ ପରିବେଷଣ ଓ ଭରତ ଚନ୍ଦ୍ର ମହାନ୍ତି କୀର୍ତ୍ତନ ପରିବେଷଣ କରିଥିଲେ। ପ୍ରମୋଦ କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ରାହାମାରୁ ଆଗତ ସତ୍‌ସଙ୍ଗର ଋତ୍ୱିକ ସତ୍ୟବାନ ତ୍ରିପାଠୀ। ସେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଜୀବନୀ ଉପରେ ମତବ୍ୟକ୍ତ କରିଥିଲେ। ଜିତେନ ପତି ମଧ ଆଲୋଚନା କରିଥିଲେ। ସୁରେନ୍ଦ୍ର ନାଥ ବେଉରା, କୈଳାସଚନ୍ଦ୍ରସାହୁ, ପ୍ରେମାନନ୍ଦପାଇକରାଏ, ସଚ୍ଚିଦାନନ୍ଦ ମହାପାତ୍ର, ଘନଶ୍ୟାମ ବିଶ୍ୱାଳ, ସନ୍ଥ ବେହେରା, ମୁନରାମ ଭାଇ, ମନୋଜ ବାରିକ, ନନ୍ଦକିଶୋର ସିହ୍ନା ଓ ଶଙ୍କର୍ଷଣ ବାରିକ ସତ୍‌ସଙ୍ଗ ପରିଚାଳନା କରିଥିଲେ।

## ବିଶ୍ୱଶାନ୍ତି ସ୍ମରଣିକା ମହାଯଜ୍ଞ

**ନିଶ୍ଚିନ୍ତକୋଇଲି,୧୧।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ପଞ୍ଚାୟତ ରାଜଗୁରୁ ସାହିର ଇଷ୍ଟଦେବ ମଦନମୋହନ ଜୀଉଙ୍କ ପୀଠରେ ବିଶ୍ୱଶାନ୍ତି ସ୍ମରଣିକା ମହାଯଜ୍ଞ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ସୁବେଦୀ ବ୍ରାହ୍ମଣଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା କରାଯାଇ ଅଙ୍କୁରାରୋପଣ ଓ ପରେ ଗ୍ରାମବାସୀଙ୍କ ଦ୍ୱାରା କଳସ ଯାତ୍ରା କରାଯାଇଥିଲା। ଯଜ୍ଞ ମଣ୍ଡପରେ ଯଥାବିଧି ସୂର୍ଯ୍ୟପୂଜା, ଗୋପୂଜା, ଗୁରୁପୂଜା ପରେ ଇଷ୍ଟଦେବଙ୍କ ବିଧିପୂର୍ବକ ପୂଜା କରାଯାଇଥିଲା। ଯଜ୍ଞ ମଣ୍ଡପରେ ଯଜ୍ଞ ବରାହ ଓ ପାର୍ଶ୍ୱ ଦେବାଦେବୀଙ୍କ ଉପଚାର ପୂଜା ପରେ ଅଗ୍ନିସ୍ଥାପନ କରାଯାଇଥିଲା। ଅନୁଷ୍ଠିତ ଯଜ୍ଞରେ ପଣ୍ଡିତ ଚନ୍ଦ୍ରଶେଖର ଦାସ ଶର୍ମା, ଉପେନ୍ଦ୍ରନାଥ ଷଡ଼ଙ୍ଗୀ, ମୁରଲିଧର ତ୍ରିପାଠୀ, ବିଭୂତେନ୍ଦୁ ଦାଶ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ବହୁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

## ତୈଳିକ ବୈଶ୍ୟ ସମ୍ପ୍ରଦାୟର ବାର୍ଷିକ ଅଧିବେଶନ

**ଆଠଗଡ଼,୧୧।୩(ସ୍ୱ.ପ୍ର.)**

ରାଜ୍ୟ ତୈଳିକ ବୈଶ୍ୟ ସମ୍ପ୍ରଦାୟର ଅଷ୍ଟମ ବାର୍ଷିକ ଅଧିବେଶନ ରବିବାର ଆଠଗଡ ଥାନା ଅଧୀନ ଜାଗିଆ ପଡାଠାରେ ଅନୁଷ୍ଠିତ ହୋଇଯାଇଛି। ସଦର ବେହେରା, ଧରଣୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ବହୁ ବୈଶ୍ୟ ସମ୍ପ୍ରଦାୟର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ୭ଜଣ ଅସହାୟଙ୍କୁ ସହାୟତା ପ୍ରଦାନ ସହିତ ୬୮ଜଣ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା। ନିଳାଦ୍ରୀ ସାହୁ, ଗୁଣନିଧି ସାହୁ, ଶୁଶାନ୍ତ କୁମାର ସାହୁ, ମାୟାଧର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

# ମହିଳା ପୋଲିଂଷ୍ଟାଫ୍‌ଙ୍କ ପାଇଁ ନରମିଲା ପ୍ରଶାସନ

**କଟକ ସଦର, ୧୧।୩ (ଡି.ଏନ୍.ଏ.)**

ଯେକୌଣସି ନିର୍ବାଚନରେ ମହିଳା ସରକାରୀ କର୍ମଚାରୀମାନଙ୍କୁ ନିୟୋଜିତ କରିବା ପାଇଁ କେନ୍ଦ୍ରୀୟ ନିର୍ବାଚନ ଆୟୋଗ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଏହି ନିୟମ ୨୦୦୯ ମସିହାରୁ ବଳବତ୍ତର ରହିଛି। ଚଳିତ ନିର୍ବାଚନରେ ଏହି ନିୟମ ଲାଗୁ କରିବା ପାଇଁ କଟକ ଜିଲା ପ୍ରଶାସନ ସେତେଟା ଆଗ୍ରହ ପ୍ରକାଶ କରି ନ ଥିଲା। ଏ ନେଇ ଗତ ୨୦ ତାରିଖରେ ନିର୍ବାଚନରେ ନିୟୋଜିତ ହେବେ ମହିଳା କର୍ମଚାରୀ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଫଳରେ କେନ୍ଦ୍ରୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମା (ଇସିଆଇ ୪୬୪/ଆଇଏନଏସ୍‌ଟି/୨୦୦୯)କୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ ମହିଳା ପୋଲିଂ କର୍ମଚାରୀମାନଙ୍କ ସହମତି ଭିତିରେ ବୁଥ ଚୟନ କରିବା ପାଇଁ ରବିବାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ କଟକ ଜିଲାରେ ନିୟୋଜିତ ସମସ୍ତ ମହିଳା କର୍ମଚାରୀଙ୍କୁ ପସନ୍ଦଯୋଗ୍ୟ ବୁଥ୍‌ର ନାମ ଦେବା ପାଇଁ କୁହାଯାଇଛି। ଏହାଛଡା ନିର୍ବାଚନ ଦିନ ସକାଳ ୫ଟା ମଧ୍ୟରେ ଜଣେ ମହିଳା ଷ୍ଟାଫ ବୁଥ୍‌ରେ ପହଞ୍ଚିବା ସୁବିଧା ଦିଆଯାଇଛି। ଦରକାର ପଡିଲେ ମହିଳା କର୍ମଚାରୀମାନେ ନିର୍ବାଚନ ତାରିଖର ପୂର୍ବ ରାତିରେ ଏକ ସୁରକ୍ଷିତ ସ୍ଥାନରେ ରହିବା ବ୍ୟବସ୍ଥା ମଧ ସରକାର କରିବେ। ସ୍ୱତନ୍ତ୍ର ଗାଡିରେ ସମ୍ପୃକ୍ତ ମହିଳା କର୍ମଚାରୀମାନଙ୍କୁ ଭୋରରୁ ବୁଥ୍‌ଗୁଡିକୁ ପଠାଇବା ବ୍ୟବସ୍ଥା କରାଯିବ। ଏହି ନିୟମକୁ କଟକ ଜିଲାରେ କାହିଁକି ଲାଗୁ କରାଯାଉନାହିଁ ବୋଲି ଆମ ପ୍ରତିନିଧି ଜିଲା ନିର୍ବାଚନ ଅଧିକାରୀ ରଞ୍ଜିତା ସାହୁଙ୍କୁ ଗତ ଫେବୃୟାରୀ ୧୭ ତାରିଖରେ ପଚାରିଥିଲେ। ହେଲେ ଏଥିରେ ସାହୁ ଉତ୍କ୍ଷିପ୍ତ ହୋଇ ଆପଣ ପ୍ରଶ୍ନ ପଚାରିବା ପାଇଁ କିଏ ବୋଲି ଆମ ପ୍ରତିନିଧିଙ୍କୁ କହିଥିଲେ।

## ■ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀ

# ଆଇନଜୀବୀଙ୍କ ମଧ୍ୟରେ ଏକତା ରହିବା ଜରୁରୀ





ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

**ସାଲେପୁର,୧୧।୩ (ଡି.ଏନ.ଏ.)**

ସାଲେପୁର, ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକର ଆଇନଜୀବୀଙ୍କୁ ନେଇ ସାଲେପୁର ମଧୁସ୍ମୃତି ଭବନ ପରିସରରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବାର ଆସୋସିଏଶନ୍ ସଭାପତି ବିଜୟ କେତନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କୋର୍ଟର ସ୍ୱାର୍ଥ ପାଇଁ ଆଇନଜୀବୀଙ୍କ ମଧ୍ୟରେ ଏକତା ରହିବା ଜରୁରୀ ବୋଲି କହିଥିଲେ। ଏଥିସହ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ୍‌ରେ ଶୀଘ୍ର ଜେଏମ୍‌ଏଫ୍‌ସି କୋର୍ଟ ସ୍ଥାପନ କରାଯିବ ବୋଲି ପ୍ରକାଶ କରିଥିଲେ। ସେହିପରି ଟାଙ୍ଗୀ ବ୍ଲକ୍‌ରେ ମଧ କୋର୍ଟ ସ୍ଥାପନ ପାଇଁ ପ୍ରସ୍ତାବ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା କହିଥିଲେ। ମୁଖ୍ୟବକ୍ତା ଜିଲା ବିଜୁ କୃଷକ ସଭାପତି ତଥା ବିଜେଡି ନେତା ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ରାଜ୍ୟ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଆବାହକ ମିଲନ୍ କାନୁନ୍‌ଗୋ, ଜିଲାପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷା ସବିତା ଓଝା ପ୍ରମୁଖ ଯୋଗଦେଇ ଆଇନ୍‌ଜୀବୀଙ୍କ ସମସ୍ୟା ପ୍ରତି ସରକାର ଗୁରୁତ୍ୱ ଦେଇ ସମାଧାନ କରନ୍ତି ବୋଲି ପ୍ରକାଶ କରିଥିଲେ। ସାଲେପୁର ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଦେବେନ୍ଦ୍ର ସାହୁ, ମାହାଙ୍ଗା ଆଇନଜୀବୀ ସାମ୍ମୁଖ୍ୟ ସଭାପତି ସୁଶାନ୍ତ ବରାଳ, ନିଶ୍ଚିନ୍ତକୋଇଲି ବ୍ଲକ୍ ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଅଶୋକ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ୩ ବ୍ଲକ୍‌ର ଆଇନ୍‌ଜୀବୀ ସାମ୍ମୁଖ୍ୟର ମୁଖ୍ୟ ଆବାହକ ତଥା ସରକାରୀ ଓକିଲ ମାନସ ଦାଶ, ଯତିନ୍ଦ୍ର ମହାନ୍ତି, ରବୀନ୍ଦ୍ର ପଣ୍ଡା, ତ୍ରିଲୋଚନ ବରାଳ, ସୁବାସ ନାୟକ ଓ ରମାକାନ୍ତ ନାୟକଙ୍କ ସମେତ ୩ ବ୍ଲକର ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଶେଷରେ ପ୍ରଦୀପ୍ତ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

### ନାବାଳିକାଙ୍କୁ ନେଇ ନାବାଳକ ପଳାଉଥିବା ବେଳେ ଧରିଲା ପୋଲିସ

**କଟକ ଅଫିସ୍, ୧୧।୩**

କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ସୂତାହାଟ ଅଞ୍ଚଳର ଜଣେ ନାବାଳିକାଙ୍କୁ ନେଇ ଜନୈକ ନାବାଳକ ସୋମବାର ଫେରାର ହୋଇ ଯାଉଥିବାବେଳେ ପୋଲିସ ଚଢାଉ କରି ଉଭୟଙ୍କୁ ଧରି ଥାନାକୁ ଆଣିଛି। ନାବାଳକ ଜଣଙ୍କ ନୟାଗଡ ଅଞ୍ଚଳର ହୋଇଥିବାବେଳେ ସେ କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ। ପୋଲିସ ସୂଚନା ଅନୁଯାୟୀ, ଉଭୟ ପ୍ରେମ କରୁଥିଲେ। ସେମାନଙ୍କ ପରିବାର ଲୋକ ଏ ସମ୍ପର୍କରେ ଜାଣିବା ପରେ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ତେଣୁ ସୋମବାର ମଧ୍ୟାହ୍ନରେ ଉଭୟ ଘରୁ ଲୁଚି ପଳାଇ ଯାଉଥିବାବେଳେ ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସେମାନଙ୍କୁ ଧରି ଥାନାକୁ ଆଣିବା ସହ ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ସୂଚନା ଦେଇଛି।



ପରର ମଙ୍ଗଳ କରିବା ସବୁଠାରୁ ବଡ଼ ଧର୍ମ। ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ଼ ପାପ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### ବିରଳ ପ୍ରଜାତିର ମାଛ ଉଦ୍ଧାର



**ମାହାଙ୍ଗା,୧୧।୩(ସ୍ୱ.ପ୍ର.):** ମାହାଙ୍ଗା ବ୍ଲକ ଅନ୍ତର୍ଗତ ବରାହିପୁର ପଞ୍ଚାୟତ ସେଠୀ ସାହିର ଜଣେ ମତ୍ସ୍ୟଜୀବୀ ସୋମବାର ଏକ ବିରଳ ପ୍ରଜାତିର ମାଛ ଉଦ୍ଧାର କରିଛନ୍ତି। ସେ ହେଲେ ସାହିର ଗୋଧି ସେଠୀ। ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ପୋଖରୀକୁ ମାଛ ଧରିବାକୁ ଯାଇଥିଲେ। ପୋଖରୀରୁ ବଡ ମାଛ ଧରିଥିଲାବେଳେ ଛୋଟ ଚୁନା ମାଛ ଦେଖିବାକୁ ପାଇ ନ ଥିଲେ। ପରେ ପୋଖରୀରେ ଜାଲ ଟାଣି ମାଛ ଧରୁଥିବାବେଳେ ଏହି ବିରଳ ପ୍ରଜାତିର କଳା ଧଳା ଚିତା ଚିହ୍ନ ମାଛକୁ ଧରିଥିଲେ। ମାଛର ସମ୍ପୂର୍ଣ୍ଣ ଶରୀର କଠିନ ଆସ୍ତରଣ ଥିବା ଦେଖିବାକୁ ମିଳିଥିଲା। କଇଁଛ ଭଳି ଏହି ମାଛର ସବୁଆଡେ କଠିନ ଖୋଳପା ଭଳି ରହିଛି। ଏହାର ରଙ୍ଗ କଳା ହୋଇଥିବାବେଳେ ଧଳା ଚିତା ଚିହ୍ନ ଥିବା ଦେଖିବାକୁ ମିଳିଛି। ମାଛଟି କେବଳ ଛୋଟଛୋଟ ମାଛ ଖାଉଥିବା ଦେଖାଯାଇଛି। କେତେଜଣ ମତ୍ସ୍ୟଜୀବୀ ଏହା କେଉଁ ପ୍ରଜାତିର ମାଛ ବୋଲି ଚିହ୍ନି ପାରିନାହାନ୍ତି।

### ଜୁଆ ଆଡ୍ଡାରେ ଚଢ଼ାଉ: ଜଣେ ଗିରଫ

**କଟକ ଅଫିସ୍, ୧୧।୩:** ମଙ୍ଗଳାବାଗ ଥାନା ଅନ୍ତର୍ଗତ ମାଛୁଆବଜାରର ଏକ ଜୁଆ ଆଡ୍ଡା ଉପରେ ସୋମବାର ପୋଲିସ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ମାଛୁଆବଜାର ଅଞ୍ଚଳର ଡି. ନାରାୟଣ(୩୫)। ପୋଲିସ ଉକ୍ତ ଆଡ୍ଡାସ୍ଥଳରୁ ତାସ, ୫୫୦ ଟଙ୍କା ଜବତ କରିବା ସହ ଏ ନେଇ ଏକ ମାମଲା(୬୧/୧୯) ରୁଜୁ କରିଛି। ତେବେ ପୋଲିସ ଚଢ଼ାଉବେଳେ ଅନ୍ୟ ଚାରିଜଣ ଖସି ପଳାଇଛନ୍ତି। ପୋଲିସ ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଚଳାଇଛି। ପୋଲିସ ସୂଚନା ଅନୁଯାୟୀ, ଉକ୍ତ ସ୍ଥାନରେ ଜୁଆ ଖେଳ ହେଉଥିବା ଜାଣିବା ପରେ ମଧ୍ୟାହ୍ନ ପ୍ରାୟ ୧୨ଟାରେ ପୋଲିସ ଏକ ଟିମ୍ ସେଠାରେ ଚଢ଼ାଉ କରିଥିଲା।

### ବିଧାୟକଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ

**ଆଠଗଡ଼,୧୧।୩(ସ୍ୱ.ପ୍ର.):** ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ଆଠଗଡ଼ ନିର୍ବାଚନମଣ୍ଡଳୀରେ ରବିବାର ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରାଯାଇଛି। ବିଧାୟକ ସ୍ୱାଇଁ ଯୋଗଦେଇ ପ୍ରଥମେ ଗୋପବନ୍ଧୁ ମହିଳା ମହାବିଦ୍ୟାଳୟ ସନ୍ନିକଟ ବିଶ୍ୱନାଥ ବିଦ୍ୟାପୀଠ ମିନି ଷ୍ଟାଡିୟମ ପାଇଁ ଶିଳାନ୍ୟାସ କରିଥିଲେ। ଏହି ଷ୍ଟାଡିୟମ ପାଇଁ ପୂର୍ତ୍ତ ବିଭାଗ ପକ୍ଷରୁ ୧୮ଲକ୍ଷ ୪୯ହଜାର ୨୮୯ଟଙ୍କା ବ୍ୟୟ ମଞ୍ଜୁର ହୋଇଛି। ସେହିପରି ନୂଆଶାସନ-ଗଜାମ୍ବ ରାସ୍ତାର ନବୀକରଣ ନିମନ୍ତେ ମଧ ଶିଳାନ୍ୟାସ କରାଯାଇଛି। ଏଥିପାଇଁ ବିଭାଗ ପକ୍ଷରୁ ୧୪,୦୧୬,୩,୪୭୫ଟଙ୍କା ବ୍ୟୟ ଅଟକଳ ହୋଇଛି। କାର୍ଯ୍ୟକ୍ରମରେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ତପନ ଗଡନାୟକ, ସହକାରୀ ନିର୍ବାହୀ ଯନ୍ତ୍ରୀ ଜୟନ୍ତ ପ୍ରସାଦ ନାଏକ, ଯନ୍ତ୍ରୀ ପ୍ରଭାତ ବେହେରା ଓ ଅଜୟ ଦାସଙ୍କ ସମେତ ଧୁରୁଷିଆ ସରପଞ୍ଚ, ସମିତିସଭ୍ୟ ଏବଂ ଅଞ୍ଚଳର ଜନସାଧାରଣ ଉପସ୍ଥିତ ଥିଲେ।

### ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ

**ଚୌଦ୍ୱାର,୧୧।୩(ଡି.ଏନ୍.ଏ.) :** ପାଞ୍ଚପରଗଣା ତୈଳିକ ବୈଶ୍ୟ ସମାଜର ବାର୍ଷିକ ଅଧିବେଶନ ଟାଙ୍ଗୀ-ଚୌଦ୍ୱାର ବ୍ଲକ ବନସାମନ୍ତରାପୁର ଗ୍ରାମରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ଦୟାନିଧି ସାହୁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ସନ୍ତୋଷ ସାହୁ, ନିରଞ୍ଜନ ସାହୁ, ଚୈତନ୍ୟ ସାହୁ, ହୃଷୀକେଶ ସାହୁ, ଶିଶିରକାନ୍ତ ସାହୁ, ଅନ୍ନପୂର୍ଣ୍ଣା ସାହୁ, ପ୍ରଫୁଲ୍ଲ କୁମାର ସାହୁ, ଶ୍ୟାମ ସୁନ୍ଦର ସାହୁ, ଅଶୋକ କୁମାର ସାହୁ ପ୍ରମୁଖ ଯୋଗଦେଇଥିଲେ। ପ୍ରାରମ୍ଭରେ ଭାଗବତ ପଠନ ଓ ମୁଖପତ୍ର 'କୁବେର ପୁତ୍ର'କୁ ଉନ୍ମୋଚିତ ହୋଇଥିଲା। ଏଥିସହ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ସହ ଛାତ୍ରବୃତ୍ତି ପ୍ରଦାନ କରାଯାଇଥିଲା। ଡ. ଅଭିଳାଷ ଗୌରବ ସାହୁ ଓ କମଳା ମହାପାତ୍ରଙ୍କୁ ଯଥାକ୍ରମେ ସାଧବ ପୁଅ ଏବଂ ସାଧବାଣୀ ସମ୍ମାନ ପ୍ରଦାନ କରାଯାଇଥିଲା। ସମ୍ପାଦକ ନବ କୁମାର ସାହୁ ସ୍ୱାଗତ ଭାଷଣ ଓ ଉପ ସଭାପତି ପରମାନନ୍ଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।



■ ନିର୍ବାଚନ ପାଇଁ କମିଶନରେଟ ପୋଲିସର ପ୍ରସ୍ତୁତି

# ଭୁବନେଶ୍ୱରର ୧୮୧, କଟକର ୨୩୪ ବୁଥ୍ ସମ୍ବେଦନଶୀଳ

■ଦ୍ୱୈତନଗରୀରେ ୧୦ ଫ୍ଲାଇଙ୍ଗ୍ ସ୍କ୍ୱାଡ୍
■ମଦ, ଟଙ୍କା କାରବାର ଉପରେ ଲାଗିବ ଅଙ୍କୁଶ

**ଭୁବନେଶ୍ୱର,୧୧।୩ (ବ୍ୟୁରୋ)**

ଏପ୍ରିଲ୍ ୧୧ରୁ ଆରମ୍ଭ ହେଉଛି ସାଧାରଣ ନିର୍ବାଚନ। ଓଡିଶାରେ ୪ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଘୋଷଣା ହୋଇଥିବାବେଳେ ଭୁବନେଶ୍ୱର ଓ କଟକରେ ତୃତୀୟ ପର୍ଯ୍ୟାୟରେ ନିର୍ବାଚନ ଅନୁଷ୍ଠିତ ହେବ। ନିର୍ବାଚନକୁ ଶାନ୍ତିପୂର୍ଣ୍ଣ ତଥା ନିରପେକ୍ଷ କରିବା ପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଏ ନେଇ ପୋଲିସ କମିଶନର ରାଜ୍ୟ ନିର୍ବାଚନ କମିଶନରଙ୍କ ସହ ଆଲୋଚନା କରିଛନ୍ତି। ପୋଲିସ କମିଶନର ସତ୍ୟଜିତ ମହାନ୍ତିଙ୍କ ସୂଚନାନୁସାରେ, ଭୁବନେଶ୍ୱରରେ ୧୧୫୬ଟି ବୁଥ ରହିଥିବାବେଳେ ୧୮୧ ବୁଥ୍ ସମ୍ବେଦନଶୀଳ। ସେହିପରି କଟକର ୭୬୪ ବୁଥ୍ ମଧ୍ୟରୁ ୨୩୪ଟି ବୁଥ୍ ସମ୍ବେଦନଶୀଳ ରହିଛି। ଏହି ବୁଥ୍‌ଗୁଡ଼ିକ ଉପରେ ନଜର ରଖିବ ୪୪ଟି ମୋବାଇଲ୍ ପାଟ୍ରୋଲିଂ ଟିମ୍। ଏଥିରେ ଇନ୍ସପେକ୍ଟର ର୍ୟାଙ୍କର ୨୦ଜଣ ସେକ୍ଟର ଅଫିସର ନିୟୋଜିତ ହେବେ। ଦୁଇଟି ପାଟ୍ରୋଲିଂ ଟିମ୍ ପାଇଁ ଜଣେ ସେକ୍ଟର ଅଫିସର ରହିବେ। ୪ ମୋବାଇଲ୍ ପାଟ୍ରୋଲିଂ ଟିମ୍‌କୁ ଡିଏସ୍‌ପି ର୍ୟାଙ୍କର ଜଣେ ଅଫିସର ସୁପରଭିଜନ କରିବେ। ସୁପରଭାଇଜିଂ ପାଇଁ ୧୧ ଅଫିସର ଓ ୫ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ରହିବେ। ଏଥିସହ ବୁଥ୍‌ରେ ପ୍ରାୟ ଅଢେଇ ହଜାର ପୋଲିସ ଫୋର୍ସ ମୁତୟନ ରହିବେ। ସେହିଭଳି କଟକରେ ୨୭ଟି ମୋବାଇଲ୍ ପାଟ୍ରୋଲିଂ ଟିମ ରହିବ। ୧୭ଜଣ ସେକ୍ଟର ଅଫିସର, ୧୦ଜଣ ସୁପରଭାଇଜିଂ ଅଫିସର ଓ ୫ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ ନିୟୋଜିତ ହେବେ। ବୁଥ୍‌ଗୁଡିକରେ ୧୫ଶହରୁ ୧୭ଶହ ପୋଲିସ ଫୋର୍ସ ମୁତୟନ ରହିବେ। ଟଙ୍କା ଓ ମଦ କାରବାରକୁ ରୋକିବା ପାଇଁ ଏହି ଦ୍ୱୈତନଗରୀରେ ୧୦ ଫ୍ଲାଇଙ୍ଗ୍ ସ୍କ୍ୱାଡ୍ କାର୍ଯ୍ୟ କରିବ। ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଲେ ଘଟଣାସ୍ଥଳକୁ ନିଜେ ମାଜିଷ୍ଟ୍ରେଟ୍ ଯିବେ। ଏହାସହ ଭୁବନେଶ୍ୱରର ୩୫ ଓ କଟକରେ ଥିବା ୨୧ ପିସିଆର ଭ୍ୟାନ୍ କଡାକଡି ପାଟ୍ରୋଲିଂ କରିବ। ଯେଉଁଠି କୌଣସି ଆଇନ ଶୃଙ୍ଖଳା କିମ୍ବା ଅର୍ଥ କାରବାର ନେଇ ସୂଚନା ମିଳିବ ଫ୍ଲାଇଙ୍ଗ୍ ସ୍କ୍ୱାଡ୍‌କୁ ଅପେକ୍ଷା ନ କରି ପିସିଆର ଟିମ୍ ତୁରନ୍ତ ପହଞ୍ଚି ସ୍ଥିତି ନିୟନ୍ତ୍ରଣ କରିବ। କେତେକ ରାଜନୈତିକ ଦଳ ନିର୍ବାଚନ ସମୟରେ ଅପରାଧୀମାନଙ୍କୁ ବ୍ୟବହାର କରିବାର ଆଶଙ୍କା ରହିଛି। ତେଣୁ ନିର୍ବାଚନ ପୂର୍ବରୁ ଏହି ଅପରାଧୀଙ୍କୁ ଗିରଫ କରାଯାଇ ଜେଲ୍ ପଠାଯିବ ବୋଲି କମିଶନର ମହାନ୍ତି କହିଛନ୍ତି।

## ବିଜେଡିର ବାଇକ୍ ଶୋଭାଯାତ୍ରା

**ବାଙ୍କୀ,୧୧।୩(ସ୍ୱ.ପ୍ର.)**

ବାଙ୍କୀର ପୂର୍ବତନ ବିଧାୟକ ସ୍ୱର୍ଗତ ଘନଶ୍ୟାମ ସାହୁଙ୍କ ପୁଅ ଇଂ. ସବ୍ୟସାଚୀ ସାହୁଙ୍କ ନେତୃତ୍ୱରେ ସୋମବାର ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭଯାତ୍ରା ବାଆଁରା ରାମଚଣ୍ଡୀଠାରୁ ବାହାରିଥିଲା। ଇଂ. ସାହୁ ପ୍ରଥମେ ବାଆଁରାର ଶ୍ରୀଶ୍ରୀ ସୁବୁଦ୍ଧେଶ୍ୱରଙ୍କୁ ଦର୍ଶନ କରି ଏହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଶୋଭାଯାତ୍ରା ସମସ୍ତ ପଞ୍ଚାୟତ ଅତିକ୍ରମ କରି ସାମନ୍ତରାପୁର ମା'ଖର୍ପର ଚଣ୍ଡୀଙ୍କ ପୀଠ ନିକଟରେ ସମାପ୍ତ ହୋଇଥିଲା। ଶୋଭାଯାତ୍ରରେ ଯାଉଥିବା ଥିବା କର୍ମୀ ନବୀନ ପଟ୍ଟନାୟକ ଜିନ୍ଦାବାଦ, ଶଙ୍ଖଚିହ୍ନ ଜିନ୍ଦାବାଦ, ସବ୍ୟସାଚୀଭାଇ ଜିନ୍ଦାବାଦ ଧ୍ୱନି ଦେଇ ଲୋକଙ୍କୁ ନବୀନ ବାବୁଙ୍କ ଶାସନ କାଳରେ ହୋଇଥିବା ଜନହିତକରି କାର୍ଯ୍ୟଗୁଡିକ ବିଷୟରେ ଅବଗତ କରାଇଥିଲେ। ଏଥିସହିତ ଆଗାମୀ ନିର୍ବାଚନରେ ନବୀନ ବାବୁଙ୍କ ଦ୍ୱାରା ମନୋନୀତ ବିଜୁ ଜନତାଦଳ ପ୍ରାର୍ଥୀଙ୍କୁ ବହୁସଂଖ୍ୟାରେ ଭୋଟଦେଇ ଜୟଯୁକ୍ତ କରିବା ପାଇଁ ନବେଦନ କରିଥିଲେ। ଶୋଭାଯାତ୍ରା ପରେ ମା'ଖର୍ପର ଚଣ୍ଡୀଙ୍କପୀଠରେ ଏକ କର୍ମୀ ସମ୍ମିଳନୀ ଆୟୋଜନ କରାଯାଇଥିଲା। ସମ୍ମିଳନୀରେ ଇଂ. ସାହୁ ଉଦ୍‌ବୋଧନ ଦେଇ ବାଙ୍କୀକୁ ଏକ ଦୁର୍ନୀତି ମୁକ୍ତ ଶସ୍ୟଶ୍ୟାମଳା ନିର୍ବାଚିନମଣ୍ଡଳୀଭାବେ ଗଢ଼ିତୋଳିବାକୁ ଆହ୍ୱାନ ଦେଇଥିଲେ। କ୍ଷେତ୍ରବାସୀ ଦାଶ, ଆଡଭୋକେଟ୍ ବନୁଚରଣ ଦାସ, ନିରଞ୍ଜନ ସାହୁ, ମାୟାଧର ମହାନ୍ତି, ପ୍ରଫୁଲ୍ଲ ସାହୁ, ଅବନୀ ବେହେରା, ଦିଲୀପ ଦାସ, ଭିମସେନ ସାହୁ ଓ ବସନ୍ତ ସାହୁଙ୍କ ସମେତ ବହୁ କର୍ମୀ ଏବଂ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।





ମାହାଙ୍ଗାରେ ଏକ ସରକାରୀ ହୋର୍ଡିଂକୁ ହଟାଯାଉଛି।

## ହଟିଲା ହୋର୍ଡିଂ, ବ୍ୟାନର

**ମାହାଙ୍ଗା,୧୧।୩(ସ୍ୱ.ପ୍ର.)**

ନିର୍ବାଚନ ତାରିଖ ଘୋଷଣା ହେବା ପରେ ଆଚରଣବିଧି ଲାଗୁ କରାଯାଇଛି। ଏହାପରେ ମାହାଙ୍ଗା ବ୍ଲକ୍ ଅଞ୍ଚଳରେ ସୋମବାର ବିଭିନ୍ନ ସରକାରୀ କାର୍ଯ୍ୟାଳୟ, ଛକବଜାର ଓ ସରକାରୀ ସ୍ଥାନରେ ଥିବା ବିଭିନ୍ନ ଦଳର ବିଜ୍ଞାପନ ବ୍ୟାନର, ଦଳୀୟ ନେତାଙ୍କ ଫଟୋ ଏବଂ ଚିହ୍ନ ଆଦି ହଟାଇ ଦିଆଯାଇଛି। ବିଶେଷ କରି ମାହାଙ୍ଗା ବ୍ଲକ୍ ସମ୍ମୁଖରେ ଥିବା ବଡବଡ ବିଜ୍ଞାପନ ଗୁଡିକୁ ହଟାଯିବା ସହ ପ୍ରତ୍ୟେକ ପଞ୍ଚାୟତର କାର୍ଯ୍ୟାଳୟ, ଅଙ୍ଗନୱାଡି କେନ୍ଦ୍ର, ବିଦ୍ୟାଳୟ ଓ ବିଭିନ୍ନ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରୁ ବିଜ୍ଞାପନ ହଟାଇବା ପାଇଁ ବ୍ୟବସ୍ଥା କରାଯାଇଛି। ଏପରି କି ବ୍ଲକ ଓ ତହସିଲ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଇଥିବାବେଳେ ବିଦ୍ୟୁତ୍ ବିଭାଗ କର୍ମଚାରୀ ଏହି କାର୍ଯ୍ୟରେ ଲାଗିଥିବା ଦେଖିବାକୁ ମିଳିଛି। ବିଡିଓ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ, ଏବିଡିଓ ମହେଶ୍ୱର ସେଠୀ, ତହସିଲଦାର ଦିଲୀପ ମହାରଣା, ଅତିରିକ୍ତ ତହସିଲଦାର ଦିଲୀପ ନାୟକ ପ୍ରମୁଖଙ୍କ ନେତୃତ୍ୱରେ ଏହି ବିଜ୍ଞାପନ ଉଛେଦ କାର୍ଯ୍ୟ ଜାରି ରହିଥିବା ସୂଚନା ମିଳିଛି।

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

**ନିଶ୍ଚିନ୍ତକୋଇଲି,୧୧।୩(ସ୍ୱ.ପ୍ର.)**

ନବ ଉତ୍କଳ ଲେଖକ ପରିଷଦ ଓ ଉର୍ବି ପତ୍ରିକା ଆନୁକୂଲ୍ୟରେ ନିଶ୍ଚିନ୍ତକୋଇଲି ପଞ୍ଚାୟତ ଓଥକା ମା' ନିବାସଠାରେ ସୋମବାର ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରତିଷ୍ଠିତ ସାହିତ୍ୟିକ ଓ କବିଙ୍କ ଦ୍ୱାରା ସାରସ୍ୱତ ସମାରୋହ ଏବଂ କବିତା ଆସର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ଉର୍ବିର ସମ୍ପାଦକ ଶ୍ରୀଧର ଶେଖର ମହାପାତ୍ର ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥିଭାବେ ମୌସୁମୀ ସାହିତ୍ୟ ପତ୍ରିକା ସମ୍ପାଦକ କବି ପ୍ରସନ୍ନ କୁମାର ମିଶ୍ର ଯୋଗଦେଇ ଓଡ଼ିଆ ଭାଷା ସାହିତ୍ୟ ଓ ସାମ୍ପ୍ରତିକ ସମୟରେ ସାହିତ୍ୟ ଚର୍ଚ୍ଚା ଉପରେ ବିଶଦ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ବଲ୍ଲଭୀ ଦେବୀ ମହିଳା ମହାବିଦ୍ୟାଳୟ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନା ଶାସ୍ତ୍ରୀୟ ଓଡ଼ିଆ ଦିବସ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ନିଶ୍ଚିନ୍ତକୋଇଲି ସରପଞ୍ଚ ରବୀନ୍ଦ୍ର ସେଠୀ, ସାହିତ୍ୟିକ ଶରତ ଚନ୍ଦ୍ର ମିଶ୍ର, ଡ. ନିଖିଳେଶ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ବିଷ୍ଣୁଚରଣ ମିଶ୍ର, ଶ୍ୟାମସୁନ୍ଦର ଲେଙ୍କା ଓ ରାଜକିଶୋର ମିଶ୍ରଙ୍କୁ ଶ୍ରେଷ୍ଠ ସାରସ୍ୱତ ସାଧକଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ସଭାର ଅନ୍ତିମ ପାହାଚରେ ଓଡ଼ିଶାର ସୁନାମଧନ୍ୟ କବି ପ୍ରଫୁଲ୍ଲ ସିଂ, ରାମଚନ୍ଦ୍ର ସାହୁ, ଶାରଦା ପ୍ରସନ୍ନ ମିଶ୍ର, କୈଳାସ ଚନ୍ଦ୍ର ସାହୁ, ଚନ୍ଦନ ପ୍ରଧାନ, ରଘୁନାଥ ମହାନ୍ତି ପ୍ରମୁଖ କବିତା ପାଠ କରିଥିଲେ। ସ୍ତମ୍ଭକାର ପ୍ରମୋଦ ନାୟକ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶ୍ରୀନିବାସ ସାହୁ ଧନ୍ୟବାଦ ଦେଇଥିଲେ।





ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳନରେ ଯୋଗ ଦେଇଥିବା ଅତିଥି।

## ବିଡ଼ାନାସୀରେ ବାର୍ଷିକ ସତ୍‌ସଙ୍ଗ ଉତ୍ସବ

**କଟକ ଅଫିସ, ୧୧।୩**

ଠାକୁର ଅନୁକୂଳଚନ୍ଦ୍ରଙ୍କର ବାର୍ଷିକ ସତ୍‌ସଙ୍ଗ ଉତ୍ସବ ବିଡ଼ାନାସୀର ସେବା ଶିକ୍ଷାନିକେତନ ସ୍କୁଲରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବୈକୁଣ୍ଠନାଥ ମିଶ୍ର ଅଧ୍ୟକ୍ଷତା କରିଥିଲେ। ନିତ୍ୟସୁନ୍ଦର ସାହୁ, ପୂର୍ଣ୍ଣଚନ୍ଦ୍ର ସାହୁ ଓ ସୌରଭ ସାହୁ ଭଜନ ପରିବେଷଣ ଓ ଭରତ ଚନ୍ଦ୍ର ମହାନ୍ତି କୀର୍ତ୍ତନ ପରିବେଷଣ କରିଥିଲେ। ପ୍ରମୋଦ କୁମାର ଦାସ ପ୍ରାରମ୍ଭିକ ସୂଚନା ଦେଇଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ ରାହାମାରୁ ଆଗତ ସତ୍‌ସଙ୍ଗର ଋତ୍ୱିକ ସତ୍ୟବାନ ତ୍ରିପାଠୀ। ସେ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଜୀବନୀ ଉପରେ ମତବ୍ୟକ୍ତ କରିଥିଲେ। ଜିତେନ ପତି ମଧ ଆଲୋଚନା କରିଥିଲେ। ସୁରେନ୍ଦ୍ର ନାଥ ବେଉରା, କୈଳାସଚନ୍ଦ୍ରସାହୁ, ପ୍ରେମାନନ୍ଦପାଇକରାଏ, ସଚ୍ଚିଦାନନ୍ଦ ମହାପାତ୍ର, ଘନଶ୍ୟାମ ବିଶ୍ୱାଳ, ସନ୍ଥ ବେହେରା, ମୁନରାମ ଭାଇ, ମନୋଜ ବାରିକ, ନନ୍ଦକିଶୋର ସିହ୍ନା ଓ ଶଙ୍କର୍ଷଣ ବାରିକ ସତ୍‌ସଙ୍ଗ ପରିଚାଳନା କରିଥିଲେ।

## ବିଶ୍ୱଶାନ୍ତି ସ୍ମରଣିକା ମହାଯଜ୍ଞ

**ନିଶ୍ଚିନ୍ତକୋଇଲି,୧୧।୩(ସ୍ୱ.ପ୍ର.)**

ନିଶ୍ଚିନ୍ତକୋଇଲି ବ୍ଲକ ନଗସପୁର ପଞ୍ଚାୟତ ରାଜଗୁରୁ ସାହିର ଇଷ୍ଟଦେବ ମଦନମୋହନ ଜୀଉଙ୍କ ପୀଠରେ ବିଶ୍ୱଶାନ୍ତି ସ୍ମରଣିକା ମହାଯଜ୍ଞ ସୋମବାର ଅନୁଷ୍ଠିତ ହୋଇଯାଇଛି। ପ୍ରଭାତରୁ ସୁବେଦୀ ବ୍ରାହ୍ମଣଙ୍କ ଦ୍ୱାରା ଯଥାବିଧି ପୂଜାର୍ଚ୍ଚନା କରାଯାଇ ଅଙ୍କୁରାରୋପଣ ଓ ପରେ ଗ୍ରାମବାସୀଙ୍କ ଦ୍ୱାରା କଳସ ଯାତ୍ରା କରାଯାଇଥିଲା। ଯଜ୍ଞ ମଣ୍ଡପରେ ଯଥାବିଧି ସୂର୍ଯ୍ୟପୂଜା, ଗୋପୂଜା, ଗୁରୁପୂଜା ପରେ ଇଷ୍ଟଦେବଙ୍କ ବିଧିପୂର୍ବକ ପୂଜା କରାଯାଇଥିଲା। ଯଜ୍ଞ ମଣ୍ଡପରେ ଯଜ୍ଞ ବରାହ ଓ ପାର୍ଶ୍ୱ ଦେବାଦେବୀଙ୍କ ଉପଚାର ପୂଜା ପରେ ଅଗ୍ନିସ୍ଥାପନ କରାଯାଇଥିଲା। ଅନୁଷ୍ଠିତ ଯଜ୍ଞରେ ପଣ୍ଡିତ ଚନ୍ଦ୍ରଶେଖର ଦାସ ଶର୍ମା, ଉପେନ୍ଦ୍ରନାଥ ଷଡ଼ଙ୍ଗୀ, ମୁରଲିଧର ତ୍ରିପାଠୀ, ବିଭୂତେନ୍ଦୁ ଦାଶ ପ୍ରମୁଖ କାର୍ଯ୍ୟ ସମ୍ପାଦନ କରିଥିଲେ। ବହୁ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା।

## ରଘୁନାଥଦେବଙ୍କ ବାର୍ଷିକୋତ୍ସବ

**କଟକ ଅଫିସ,୧୧।୩**

ବିଦ୍ୟାଧରପୁରର ଶ୍ରୀଶ୍ରୀ ରଘୁନାଥଦେବ ବୈଶ୍ୟ ବଣିଆ ସଂଘ ଆନୁକୂଲ୍ୟରେ ଶ୍ରୀଶ୍ରୀ ରଘୁନାଥଦେବଙ୍କର ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଗତ ତିନି ଦିନ ଧରି ଏହି ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ ଅତିଥି ଭାବେ ଯୋଗଦେଇଥିଲେ। ଏହାଛଡ଼ା ବିଭିନ୍ନ ସଂଘ, କମିଟିରେ ପଦାଧିକାରୀମାନେ ଉପସ୍ଥିତ ଥିଲେ। ଧୀରେନ୍ଦ୍ରନାଥ ସାହୁ, ନଗେନ କୁମାର ମହାରଣା, ବିଜୟ କୁମାର ମହାରଣା, ହେମନ୍ତ ମହାରଣା, ପ୍ରମୋଦ ମହାରଣା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଘରେଘରେ ଶଙ୍ଖ କାର୍ଯ୍ୟକ୍ରମ

**ଟିଗିରିଆ,୧୧।୩(ଡି.ଏନ.ଏ.)**

ଟିଗିରିଆ ବ୍ଲକ ଜେମାଦେଇପୁର ପଞ୍ଚାୟତରେ ବ୍ଲକ ମହିଳା ବିଜୁ ଜନତା ଦଳ ସଭାନେତ୍ରୀ ସବିତା ବେହେରାଙ୍କ ଆବାହକତ୍ୱରେ ଘରେ ଘରେ ଶଙ୍ଖ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ବିଜେଡି ସଭାପତି ଅଜିତ ଧୀର, ବ୍ଲକ ଅଧ୍ୟକ୍ଷା ରୂପା ଦଳେଇ, ଜିଲା ପରିଷଦ ସଭ୍ୟା ରଶ୍ମିତା ମହାଲିକ, ବିଜୟଲକ୍ଷ୍ମୀ ଖଟୁଆ, ବ୍ଲକ ବିଜେଡି ମହିଳା ସମ୍ପାଦିକା ସମସୁରା ବେଗମ୍, ସଂଯୋଜିକା ସସ୍ମିତା ରାଉତ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ। ଟିନାପାଟଣା ମଙ୍ଗଳା ମନ୍ଦିରଠାରୁ ମହିଳାଙ୍କ ଏକ ଶୋଭାଯାତ୍ରା ବାହାରି ଗୋଡ଼ିସାହି ଦେଇ ଜେମାଦେଇପୁର ଗ୍ରାମ ପରିକ୍ରମା କରିଥିଲା। ଏଥିସହ ବିଭିନ୍ନ ପ୍ରଥପ୍ରାନ୍ତ ସଭାରେ ରାଜ୍ୟ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଥିଲା। କର୍ମୀମାନେ ଘରଘର ବୁଲି ଶଙ୍ଖ ଚିହ୍ନ ଷ୍ଟିକର ଲଗାଇଥିଲେ। ବ୍ଲକ ଉପାଧ୍ୟକ୍ଷ ଗୌରହରି ପରିଡ଼ା ଓ ପ୍ରତାପ ରାଉତ ପର୍ଯ୍ୟବେକ୍ଷକଭାବେ ଯୋଗଦେଇଥିଲେ।

## ତୈଳିକ ବୈଶ୍ୟ ସମ୍ପ୍ରଦାୟର ବାର୍ଷିକ ଅଧିବେଶନ

**ଆଠଗଡ଼,୧୧।୩(ସ୍ୱ.ପ୍ର.)**

ରାଜ୍ୟ ତୈଳିକ ବୈଶ୍ୟ ସମ୍ପ୍ରଦାୟର ଅଷ୍ଟମ ବାର୍ଷିକ ଅଧିବେଶନ ରବିବାର ଆଠଗଡ ଥାନା ଅଧୀନ ଜାଗିଆ ପଡାଠାରେ ଅନୁଷ୍ଠିତ ହୋଇଯାଇଛି। ସଦର ବେହେରା, ଧରଣୀଧର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ବହୁ ବୈଶ୍ୟ ସମ୍ପ୍ରଦାୟର କର୍ମକର୍ତ୍ତା ଯୋଗ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ୭ଜଣ ଅସହାୟଙ୍କୁ ସହାୟତା ପ୍ରଦାନ ସହିତ ୬୮ଜଣ ଛାତ୍ରୀଛାତ୍ରଙ୍କୁ ବୃତ୍ତି ପ୍ରଦାନ କରାଯାଇଥିଲା। ନିଳାଦ୍ରୀ ସାହୁ, ଗୁଣନିଧି ସାହୁ, ଶୁଶାନ୍ତ କୁମାର ସାହୁ, ମାୟାଧର ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ।

## ମହିଳା ପୋଲିଂଷ୍ଟାଫ୍‌ଙ୍କ ପାଇଁ ନରମିଲା ପ୍ରଶାସନ

**କଟକ ସଦର, ୧୧।୩ (ଡି.ଏନ୍.ଏ.)**

ଯେକୌଣସି ନିର୍ବାଚନରେ ମହିଳା ସରକାରୀ କର୍ମଚାରୀମାନଙ୍କୁ ନିୟୋଜିତ କରିବା ପାଇଁ କେନ୍ଦ୍ରୀୟ ନିର୍ବାଚନ ଆୟୋଗ ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି। ଏହି ନିୟମ ୨୦୦୯ ମସିହାରୁ ବଳବତ୍ତର ରହିଛି। ଚଳିତ ନିର୍ବାଚନରେ ଏହି ନିୟମ ଲାଗୁ କରିବା ପାଇଁ କଟକ ଜିଲା ପ୍ରଶାସନ ସେତେଟା ଆଗ୍ରହ ପ୍ରକାଶ କରି ନ ଥିଲା। ଏ ନେଇ ଗତ ୨୦ ତାରିଖରେ ନିର୍ବାଚନରେ ନିୟୋଜିତ ହେବେ ମହିଳା କର୍ମଚାରୀ ଶୀର୍ଷକ ଖବର ପ୍ରକାଶ ପାଇବା ପରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ତତ୍ପରତା ପ୍ରକାଶ ପାଇଥିଲା। ଫଳରେ କେନ୍ଦ୍ରୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶନାମା (ଇସିଆଇ ୪୬୪/ଆଇଏନଏସ୍‌ଟି/୨୦୦୯)କୁ ତୁରନ୍ତ କାର୍ଯ୍ୟକାରୀ କରିବା ସହ ମହିଳା ପୋଲିଂ କର୍ମଚାରୀମାନଙ୍କ ସହମତି ଭିତିରେ ବୁଥ ଚୟନ କରିବା ପାଇଁ ରବିବାର ନିର୍ଦ୍ଦେଶ ଦେଇଛନ୍ତି। ତେଣୁ କଟକ ଜିଲାରେ ନିୟୋଜିତ ସମସ୍ତ ମହିଳା କର୍ମଚାରୀଙ୍କୁ ପସନ୍ଦଯୋଗ୍ୟ ବୁଥ୍‌ର ନାମ ଦେବା ପାଇଁ କୁହାଯାଇଛି। ଏହାଛଡା ନିର୍ବାଚନ ଦିନ ସକାଳ ୫ଟା ମଧ୍ୟରେ ଜଣେ ମହିଳା ଷ୍ଟାଫ ବୁଥ୍‌ରେ ପହଞ୍ଚିବା ସୁବିଧା ଦିଆଯାଇଛି। ଦରକାର ପଡିଲେ ମହିଳା କର୍ମଚାରୀମାନେ ନିର୍ବାଚନ ତାରିଖର ପୂର୍ବ ରାତିରେ ଏକ ସୁରକ୍ଷିତ ସ୍ଥାନରେ ରହିବା ବ୍ୟବସ୍ଥା ମଧ ସରକାର କରିବେ। ସ୍ୱତନ୍ତ୍ର ଗାଡିରେ ସମ୍ପୃକ୍ତା ମହିଳା କର୍ମଚାରୀମାନଙ୍କୁ ଭୋରରୁ ବୁଥ୍‌ଗୁଡିକୁ ପଠାଇବା ବ୍ୟବସ୍ଥା କରାଯିବ। ଏହି ନିୟମକୁ କଟକ ଜିଲାରେ କାହିଁକି ଲାଗୁ କରାଯାଉନାହିଁ ବୋଲି ଆମ ପ୍ରତିନିଧି ଜିଲା ନିର୍ବାଚନ ଅଧିକାରୀ ରଞ୍ଜିତା ସାହୁଙ୍କୁ ଗତ ଫେବୃୟାରୀ ୧୭ ତାରିଖରେ ପଚାରିଥିଲେ। ହେଲେ ଏଥିରେ ସାହୁ ଉତ୍କ୍ଷିପ୍ତ ହୋଇ ଆପଣ ପ୍ରଶ୍ନ ପଚାରିବା ପାଇଁ କିଏ ବୋଲି ଆମ ପ୍ରତିନିଧିଙ୍କୁ କହିଥିଲେ।

■ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀ

## ଆଇନଜୀବୀଙ୍କ ମଧ୍ୟରେ ଏକତା ରହିବା ଜରୁରୀ





ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀରେ ମନ୍ତ୍ରୀ ପ୍ରତାପ ଜେନା ଓ ଅନ୍ୟମାନେ।

**ସାଲେପୁର,୧୧।୩ (ଡି.ଏନ.ଏ.)**

ସାଲେପୁର, ନିଶ୍ଚିନ୍ତକୋଇଲି ଓ ମାହାଙ୍ଗା ବ୍ଲକର ଆଇନଜୀବୀଙ୍କୁ ନେଇ ସାଲେପୁର ମଧୁସ୍ମୃତି ଭବନ ପରିସରରେ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସାଲେପୁର ବାର ଆସୋସିଏଶନ୍ ସଭାପତି ବିଜୟ କେତନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥିଭାବେ ସ୍ୱାସ୍ଥ୍ୟମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ କୋର୍ଟର ସ୍ୱାର୍ଥ ପାଇଁ ଆଇନଜୀବୀଙ୍କ ମଧ୍ୟରେ ଏକତା ରହିବା ଜରୁରୀ ବୋଲି କହିଥିଲେ। ଏଥିସହ ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ବ୍ଲକ୍‌ରେ ଶୀଘ୍ର ଜେଏମ୍ଏଫ୍‌ସି କୋର୍ଟ ସ୍ଥାପନ କରାଯିବ ବୋଲି ପ୍ରକାଶ କରିଥିଲେ। ସେହପରି ଟାଙ୍ଗୀ ବ୍ଲକ୍‌ରେ ମଧ କୋର୍ଟ ସ୍ଥାପନ ପାଇଁ ପ୍ରସ୍ତାବ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା କହିଥିଲେ। ମୁଖ୍ୟବକ୍ତା ଜିଲା ବିଜୁ କୃଷକ ସଭାପତି ତଥା ବିଜେଡି ନେତା ପ୍ରଶାନ୍ତ କୁମାର ବେହେରା, ସମ୍ମାନିତ ଅତିଥି ରାଜ୍ୟ ବିଜେଡି ଆଇନଜୀବୀ ସାମ୍ମୁଖ୍ୟ ଆବାହକ ମିଲନ୍ କାନୁନ୍‌ଗୋ, ଜିଲାପରିଷଦ ଅଧ୍ୟକ୍ଷା ଜ୍ୟୋତିରେଖା ନାୟକ, ନିଶ୍ଚିନ୍ତକୋଇଲି ବ୍ଲକ ଅଧ୍ୟକ୍ଷା ସବିତା ଓଝା ପ୍ରମୁଖ ଯୋଗଦେଇ ଆଇନ୍‌ଜୀବୀଙ୍କ ସମସ୍ୟା ପ୍ରତି ସରକାର ଗୁରୁତ୍ୱ ଦେଇ ସମାଧାନ କରନ୍ତି ବୋଲି ପ୍ରକାଶ କରିଥିଲେ। ସାଲେପୁର ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଦେବେନ୍ଦ୍ର ସାହୁ, ମାହାଙ୍ଗା ଆଇନଜୀବୀ ସାମ୍ମୁଖ୍ୟ ସଭାପତି ସୁଶାନ୍ତ ବରାଳ, ନିଶ୍ଚିନ୍ତକୋଇଲି ବ୍ଲକ୍ ଆଇନଜୀବୀ ସାମ୍ମୁଖ୍ୟ ସଭାପତି ଅଶୋକ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ସାଲେପୁର, ମାହାଙ୍ଗା ଓ ନିଶ୍ଚିନ୍ତକୋଇଲି ୩ ବ୍ଲକ୍‌ର ଆଇନ୍‌ଜୀବୀ ସାମ୍ମୁଖ୍ୟର ମୁଖ୍ୟ ଆବାହକ ତଥା ସରକାରୀ ଓକିଲ ମାନସ ଦାଶ, ଯତିନ୍ଦ୍ର ମହାନ୍ତି, ରବୀନ୍ଦ୍ର ପଣ୍ଡା, ତ୍ରିଲୋଚନ ବରାଳ, ସୁବାସ ନାୟକ ଓ ରମାକାନ୍ତ ନାୟକଙ୍କ ସମେତ ୩ ବ୍ଲକର ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଶେଷରେ ପ୍ରଦୀପ୍ତ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ନାବାଳିକାଙ୍କୁ ନେଇ ନାବାଳକ ପଳାଉଥିବା ବେଳେ ଧରିଲା ପୋଲିସ

**କଟକ ଅଫିସ, ୧୧।୩**

କ୍ୟାଣ୍ଟନମେଣ୍ଟ ଥାନା ଅନ୍ତର୍ଗତ ସୂତାହାଟ ଅଞ୍ଚଳର ଜଣେ ନାବାଳିକାଙ୍କୁ ନେଇ ଜନୈକ ନାବାଳକ ସୋମବାର ଫେରାର ହୋଇ ଯାଉଥିବାବେଳେ ପୋଲିସ ଚଢାଉ କରି ଉଭୟଙ୍କୁ ଧରି ଥାନାକୁ ଆଣିଛି। ନାବାଳକ ଜଣଙ୍କ ନୟାଗଡ ଅଞ୍ଚଳର ହୋଇଥିବାବେଳେ ସେ କ୍ୟାଣ୍ଟନମେଣ୍ଟ ଅଞ୍ଚଳରେ ତାଙ୍କର ଜଣେ ସମ୍ପର୍କୀୟଙ୍କ ଘରେ ରହି ପାଠ ପଢୁଥିଲେ। ପୋଲିସ ସୂଚନା ଅନୁଯାୟୀ, ଉଭୟ ପ୍ରେମ କରୁଥିଲେ। ସେମାନଙ୍କ ପରିବାର ଲୋକ ଏ ସମ୍ପର୍କରେ ଜାଣିବା ପରେ ସେମାନଙ୍କୁ ଗାଳିଗୁଲଜ କରିଥିଲେ। ତେଣୁ ସୋମବାର ମଧ୍ୟାହ୍ନରେ ଉଭୟ ଘରୁ ଲୁଚି ପଳାଇ ଯାଉଥିବାବେଳେ ସ୍ଥାନୀୟ ଲୋକେ ପୋଲିସକୁ ଜଣାଇଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ସେମାନଙ୍କୁ ଧରି ଥାନାକୁ ଆଣିବା ସହ ତାଙ୍କ ପରିବାର ଲୋକଙ୍କୁ ଏ ସମ୍ପର୍କରେ ସୂଚନା ଦେଇଛି।



ପରର ମଙ୍ଗଳ କରିବା ସବୁଠାରୁ ବଡ଼ ଧର୍ମ। ଅନ୍ୟକୁ କଷ୍ଟ ଦେବା ସବୁଠାରୁ ବଡ଼ ପାପ।
-ସନ୍ଥ ତୁଳସୀ ଦାସ



## ସଂକ୍ଷେପରେ

### କାର୍ ଧକ୍କାରେ ବାଇକ୍ ଆରୋହୀ ମୃତ

**ନିମାପଡ଼ା,୧୧।୩(ଡି.ଏନ୍.ଏ.):** ନିମାପଡ଼ା-ଗୋପ ରାସ୍ତାର ଧୃରପୁର ସାବିତ୍ରୀ ଠାକୁରାଣୀଙ୍କ ମନ୍ଦିର ନିକଟରେ ରବିବାର ବିଳମ୍ବିତ ରାତିରେ କାର ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଗୋପ ଥାନା ଅନ୍ତର୍ଗତ ଗୋପ ବଜାରର ମନୋଜ ସାହୁ(୩୮)। ଏହା ସହ ବାଇକ୍ ଚାଳକ ସୋମନାଥ ପାତ୍ର ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସୂଚନା ଅନୁଯାୟୀ, ମନୋଜ ଓ ସୋମନାଥ ଏକ ବାଇକ୍‌ରେ ନିମାପଡ଼ାରୁ ଗୋପକୁ ଫେରୁଥିବା ବେଳେ ନିମାପଡ଼ା ଅଭିମୁଖେ ଆସୁଥିବା ଏକ କାର(ଓଆର ୦୨ ଏଜେଡ୍ ୨୨୯୩) ତାଙ୍କୁ ଧକ୍କା ଦେଇଥିଲା। ଗୁରୁତର ଅବସ୍ଥାରେ ରାସ୍ତାରେ ପଡିଥିବା ଦୁଇ ବାଇକ୍ ଆରୋହୀଙ୍କୁ ସ୍ଥାନୀୟ ଲୋକେ ନିମାପଡ଼ା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଥିଲେ। ତେବେ ବାଇକ୍ ଚଳାଉଥିବା ସୋମନାଥଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଚିକିତ୍ସା ପାଇଁ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ପୋଲିସ ପହଞ୍ଚି ଦୁର୍ଘଟଣାଗ୍ରସ୍ତ କାର ଓ ବାଇକ୍‌କୁ ଜବତ କରିଛି। ଏହା ସହ ପୋଲିସ ମେଡିକାଲରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଚାରିଛକ ମେଡିକାଲକୁ ପଠାଇଛି। ବାଇକ୍ ଆରୋହୀ ମନୋଜଙ୍କ ବଡଭାଇ ନାରାୟଣ ସାହୁଙ୍କ ଅଭିଯୋଗକ୍ରମେ ପୋଲିସ ମାମଲା(ନଂ.୮୧/୧୯) ରୁଜୁ କରି ତଦନ୍ତ ଚଳାଇଛି। ତେବେ ଦୁର୍ଘଟଣା ଘଟାଇବା ପରେ କାର ଚାଳକ ଫେରାର ହୋଇଯାଇଥିବା ବେଳେ ଏହି କାର ନିମାପଡ଼ା ଅଞ୍ଚଳର ବୋଲି ପୋଲିସ ସୂତ୍ରରୁ ଜଣାପଡିଛି।

### ଭାଜପାର କର୍ମୀ ସମାବେଶ

**ବ୍ରହ୍ମଗିରି, ୧୧।୩(ଡି.ଏନ୍.ଏ.)-** ବ୍ରହ୍ମଗିରି ଭାଜପାର ପୁରାତନ କର୍ମୀ ସମାବେଶ ସୋମବାର ପୂର୍ବତନ ମଣ୍ଡଳ ସଭାପତି ଆର୍ତ୍ତତ୍ରାଣ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଏହି ସମାବେଶରେ ଭାଜପାରେ ଥିବା ପୁରାତନ କର୍ମୀମାନେ ଯୋଗ ଦେଇଥିଲେ। ବ୍ରହ୍ମଗିରିରେ ଲଳିତେନ୍ଦୁ ବିଦ୍ୟାଧର ମହାପାତ୍ର ଯୋଗ ଦେବା ପରେ ଭାଜପାର ଦଳୀୟ ସଂଗଠନ ମଜଭୁତ ହୋଇଥିବା ସମୟରେ ନୂତନ କର୍ମୀମାନେ ପୁରାତନ କର୍ମୀମାନଙ୍କୁ ଅଣଦେଖା କରୁଛନ୍ତି। ଫଳରେ ପୁରାତନ କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି । ତଥାପି ଭାଜପା କ୍ଷମତାକୁ ଆସିବା ଲକ୍ଷ୍ୟ ନେଇ ଏହି କର୍ମୀମାନେ ଶତପ୍ରତିଶତ ଚେଷ୍ଟା କରିବା ପାଇଁ ଶପଥ ନେଇଥିଲେ । ଦଳୀୟ ଅସନ୍ତୋଷର ସମାଧାନ ପାଇଁ ଲଳିତେନ୍ଦୁଙ୍କ ସହ ଆଲୋଚନା କରାଯିବାର ପ୍ରସ୍ତାବ ନିଆଯାଇଥିଲା। ଏହି ବୈଠକରେ ପୁରାତନ କର୍ମୀ ତଥା ପୂର୍ବତନ ଜିଲା ସଭାପତି ଶରତ ମିଶ୍ର, ଗୀତାରାଣୀ ସାହୁ, ରବୀନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

### ଚୋରା ମଦ ଜବତ, ବ୍ୟବସାୟୀ କୋର୍ଟ ଚାଲାଣ

**ବ୍ରହ୍ମଗିରି, ୧୧।୩(ଡି.ଏନ୍.ଏ.)-** ଚୋରା ମଦ କାରବାର ରୋକିବା ପାଇଁ ବ୍ରହ୍ମଗିରି ଥାନା ଅଞ୍ଚଳରେ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି। ସୋମବାର ବ୍ରହ୍ମଗିରି ଥାନା ଆଇଆଇସି ମନୋଜ କୁମାର ଶତପଥୀଙ୍କ ତତ୍ତ୍ୱାବଧାନରେ ଉକ୍ତ ଥାନା ଅନ୍ତର୍ଗତ ସୁଆଁସବଙ୍ଗାଳ ଅଞ୍ଚଳରେ ପୋଲିସ ଚଢାଉ କରି ବିଭିନ୍ନ ଦେଶୀ ଓ ବିଦେଶୀ ମଦ ଜବତ କରିଛି। ଚୋରା ମଦ ବ୍ୟବସାୟୀ ଉକ୍ତ ଗ୍ରାମର ସୁରଥ ପ୍ରଧାନଙ୍କୁ ପୋଲିସ ଗିରଫ କରି ୨୪/୧୯ରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

### ଭାଜପାର ବିଜୟ ସଂକଳ୍ପ ଅଭିଯାନ

**ପୁରୀ ଅଫିସ, ୧୧।୩-** ପୁରୀ ଜିଲା ଭାଜପା ପକ୍ଷରୁ ବିଜୟ ସଂକଳ୍ପ ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ସୋମବାର ସନ୍ଧ୍ୟାରେ ଶରଧାବାଲିଠାରୁ ଏହି ସଂକଳ୍ପ ଅଭିଯାନ ଯାତ୍ରା ଆରମ୍ଭ ହୋଇଥିଲା। ବିଜୟ ସଂକଳ୍ପ ଅଭିଯାନ ଯାତ୍ରା ପ୍ରମୁଖ ସଚ୍ଚିଦାନନ୍ଦ ଦାଶଙ୍କ ସଂଯୋଜନାରେ ବହୁସଂଖ୍ୟାରେ ଦଳୀୟ କର୍ମୀ ଓ ନେତୃବୃନ୍ଦ ଏକ ବାଇକ୍ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ମାଟିଆପଡ଼ା, ସିଦ୍ଧମହାବୀର ଛକ ଦେଇ ଏହି ଯାତ୍ରା ବାଲିଘାଇ ଛକ ପର୍ଯ୍ୟନ୍ତ ଯାଇଥିଲା। ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା କରାଯାଇଥିଲା। ଏହି ବିଜୟ ସଂକଳ୍ପ ଅଭିଯାନ ଯାତ୍ରାରେ ନଗର ସଭାପତି ନାରାୟଣ ପାତ୍ର, କୃଷ୍ଣଚନ୍ଦ୍ର ପଣ୍ଡା, ରବିନାରାୟଣ ଦାଶ, ସୁଦର୍ଶନ ରାଉଳ, ପ୍ରଶାନ୍ତ ଭୂୟାଁ, ଧୀରେନ ରାୟ, ଅନିତା ପଟ୍ଟନାୟକ, ଅନିତା ସିହ୍ନା, ସୁଦେଶା ପଣ୍ଡା, ରାଜଶ୍ରୀ ଦୋରା ପ୍ରମୁଖ ସାମିଲ ହୋଇଥିଲେ।

## ଜିଲା ପ୍ରଶାସନର ନିର୍ବାଚନ ପ୍ରସ୍ତୁତି

# ପୁରୀ ଜିଲାର ମୋଟ ଭୋଟର ୧୩,୫୪,୨୫୫

**ପୁରୀ ଅଫିସ, ୧୧।୩**

### ୧,୫୯୩ ପୋଲିଂ କେନ୍ଦ୍ରରେ ହେବ ମତଦାନ

୨୦୧୯ ସାଧାରଣ ନିର୍ବାଚନ ପାଇଁ ତାରିଖ ଘୋଷଣା ହୋଇଛି। ଜିଲାସ୍ତରରେ ମଧ୍ୟ ନିର୍ବାଚନକୁ ନେଇ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଏହି କ୍ରମରେ ସୋମବାର ପୁରୀ ଜିଲା ପ୍ରଶାସନ ପକ୍ଷରୁ ଏକ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଜ୍ୟୋତିପ୍ରକାଶ ଦାସ ଆଗାମୀ ନିର୍ବାଚନକୁ କିପରି ମୁକ୍ତ, ଅବାଧ ଏବଂ ଶାନ୍ତିପୂର୍ଣ୍ଣ ଭାବେ ସମ୍ପନ୍ନ କରାଯିବ ସେ ନେଇ ଜିଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଏବଂ ନିର୍ବାଚନୀ କଟକଣା ପ୍ରଭୃତି ବିଷୟ ଉପରେ ସୂଚନା ଦେଇଥିଲେ।

ଜିଲାପାଳ ଦାସ କହିଥିଲେ, ତୃତୀୟ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୨୩ରେ ପୁରୀ ଲୋକ ସଭା ଏବଂ ଏହା ଅଧୀନ ୪ଟି ବିଧାନସଭା ଆସନ ପିପିଲି, ସତ୍ୟବାଦୀ, ପୁରୀ ଓ ବ୍ରହ୍ମଗିରି ପାଇଁ ଭୋଟ ଗ୍ରହଣ କରାଯିବ। ଏଥିଲାଗି ମାର୍ଚ୍ଚ ୨୮ରେ ବିଜ୍ଞପ୍ତି ପ୍ରକାଶ ପାଇବ। ଏହିଦିନଠାରୁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହେବ। ଏପ୍ରିଲ ୪ ପ୍ରାର୍ଥିପତ୍ର ଦାଖଲର ଶେଷ ତାରିଖ ରହିଥିବାବେଳେ ଏପ୍ରିଲ ୫ରେ ପ୍ରାର୍ଥିପତ୍ର ଯାଞ୍ଚ ହେବ। ଏପ୍ରିଲ ୮ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ସେହିପରି ଜିଲାର ୨ଟି ବିଧାନସଭା ଆସନ ନିମାପଡ଼ା ଓ କାକଟପୁର ଜଗତ୍‌ସିଂହପୁର ଲୋକ ସଭା ନିର୍ବାଚନମଣ୍ଡଳୀ ଅଧୀନରେ ରହିଛି। ତେଣୁ ଏହି ଦୁଇଟି ବିଧାନସଭା ଆସନ ପାଇଁ ଚତୁର୍ଥ ପର୍ଯ୍ୟାୟ ଅର୍ଥାତ୍ ଏପ୍ରିଲ ୨୯ରେ ଭୋଟ ଗ୍ରହଣ କରାଯିବ। ଏଥିଲାଗି ଏପ୍ରିଲ ୨ରେ ବିଜ୍ଞପ୍ତି ପ୍ରକାଶ ପାଇବ। ସେହିଦିନଠାରୁ ପ୍ରାର୍ଥିପତ୍ର ଦାଖଲ ଆରମ୍ଭ ହେବ। ଏପ୍ରିଲ ୯ ପ୍ରାର୍ଥିପତ୍ର ଦାଖଲ ଶେଷ ତାରିଖ ରହିଥିବାବେଳେ ଏପ୍ରିଲ ୧୦ ପ୍ରାର୍ଥିପତ୍ର ଯାଞ୍ଚ ଏବଂ ଏପ୍ରିଲ ୧୨ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର କରାଯିବ। ଉପରୋକ୍ତ ଦୁଇଟି ଲୋକ ସଭା ଏବଂ ଏହା ଅଧୀନ ଜିଲାର ୬ଟି ବିଧାନସଭା ଆସନର ଭୋଟ ଗଣତି ମେ ୨୩ରେ ହେବ। ନିର୍ବାଚନ ପାଇଁ ୪,୩୦୧ ଇଭିଏମ୍-ଭିଭିପ୍ୟାଟ୍ ବ୍ୟବହାର ନିମନ୍ତେ ପ୍ରସ୍ତୁତ ରହିଛି ବୋଲି ଜିଲାପାଳ ଦାସ କହିଥିଲେ।

ପୁରୀ ଜିଲାର ମୋଟ ଜନସଂଖ୍ୟା ୧୭,୬୦,୯୧୦ ମଧ୍ୟରୁ ଭୋଟରଙ୍କ ସଂଖ୍ୟା ୧୩,୫୪,୨୫୫। ଏଥିରେ ପୁରୁଷ ଭୋଟର ୭,୦୪,୨୪୧, ମହିଳା ଭୋଟର ୬,୪୯,୯୫୪ ଏବଂ ଅନ୍ୟାନ୍ୟ ଭୋଟରଙ୍କ ସଂଖ୍ୟା ୬୦ ରହିଛି। ଏମାନଙ୍କ ମଧ୍ୟରେ ୧୮,୨୫୦ ଭିନ୍ନକ୍ଷମ ଭୋଟରଙ୍କୁ ଚିହ୍ନଟ କରାଯାଇଛି। ଏଥର ଜିଲାରେ ୫୩,୪୬୫ ଜଣ ନୂଆ ଭୋଟର ଭାବେ ସାମିଲ ହୋଇଥିବାବେଳେ ୨୮,୦୦୦ ବାଦ୍ ପଡିଛନ୍ତି। ସମୁଦାୟ ଭୋଟରଙ୍କ ମଧ୍ୟରୁ ପ୍ରଥମ କରି ଭୋଟ ଦାନ ପାଇଁ ଯୋଗ୍ୟତା ହାସଲ କରିଥିବା ଯୁବ ଭୋଟରଙ୍କ ସଂଖ୍ୟା ୨୧,୪୫୦ ରହିଛି।

ଜିଲାରେ ମୋଟ ୧,୫୯୩ ପୋଲିଂ କେନ୍ଦ୍ର ରହିଛି। ଭୋଟରମାନେ କିପରି ସୁବିଧାରେ ଆସି ମତଦାନ କରିପାରିବେ ତାହା ଉପରେ ଗୁରୁତ୍ୱ ଦିଆଯାଉଛି। କେନ୍ଦ୍ରଗୁଡ଼ିକରେ ସମସ୍ତ ପ୍ରକାର ଆନୁଷଙ୍ଗିକ ବ୍ୟବସ୍ଥା ଯେପରି କି, ଭିନ୍ନକ୍ଷମ ଭୋଟରଙ୍କ ଲାଗି ରେଲିଂ ସହିତ ର୍‍ୟାମ୍ପ, ହ୍ୱିଲଚେୟାର ସାଙ୍ଗକୁ ପାନୀୟଜଳ, ବିଦ୍ୟୁତ୍, ଶୌଚାଳୟ, ବିଶ୍ରାମ ଗୃହ ଆଦି କରାଯାଉଛି। ଏଥର ୯ କୋଟି ଟଙ୍କା ନିର୍ବାଚନ ବଜେଟ ହୋଇଥିବାବେଳେ ବର୍ତ୍ତମାନ ସୁଦ୍ଧା ୫ କୋଟି ୭୦ ଲକ୍ଷ ଟଙ୍କା ମିଳିଥିବା ଜିଲାପାଳ କହିଛନ୍ତି।

### ୧୪୫ ବୁଥ୍ ସମ୍ବେଦନଶୀଳ

ପୁରୀ ଜିଲାର ମୋଟ ୧୫୯୩ ବୁଥ୍ ମଧ୍ୟରୁ ୧୪୫ଟିକୁ ସମ୍ବେଦନଶୀଳ ବୁଥ୍ ଭାବେ ଚିହ୍ନଟ କରାଯାଇଛି। ଏଥିମଧ୍ୟରେ ବ୍ରହ୍ମଗିରିର ସର୍ବାଧିକ ୧୦୮ଟି ବୁଥ୍ ରହିଛି। ଏହିସବୁ ବୁଥ୍‌ରେ ସୁରକ୍ଷା ବ୍ୟବସ୍ଥାକୁ ଅଧିକ କଡାକଡି କରାଯିବ। ଏହାଛଡା ୱେବ୍‌କାଷ୍ଟିଂ, ଭିଡିଓଗ୍ରାଫି ଏବଂ ଷ୍ଟିଲ ଫଟୋଗ୍ରାଫି କରାଯିବ। ୧୬୩ଟି ବୁଥ୍‌ରେ ୱେବ୍‌କାଷ୍ଟିଂ ବ୍ୟବସ୍ଥା କରାଯାଇଛି। ଏହାଛଡ଼ା ସଦର ମହକୁମାରେ ପୁରୀ ପୌରସଂସ୍ଥା କାର୍ଯ୍ୟାଳୟ ଏବଂ ପ୍ରତି ବ୍ଲକ ଓ ତହସିଲରେ ଆଦର୍ଶ ନିର୍ବାଚନ ଆଚରଣ ବିଧି ସେଲ୍ ରହିବ।

### ନିୟୋଜିତ ହେବେ ୧୩ ହଜାର କର୍ମଚାରୀ

ମୋଟ ୧୩ ହଜାର କର୍ମଚାରୀ ପୁରୀ ଜିଲାର ନିର୍ବାଚନ ପ୍ରକ୍ରିୟାରେ ସାମିଲ ହେଉଛନ୍ତି। ପ୍ରାୟ ୧,୭୦୦ ମହିଳା ପୋଲିଂ କର୍ମଚାରୀ ଅଛନ୍ତି, ଯାହାକି ପ୍ରଥମଥର ପାଇଁ ଏତେ ସଂଖ୍ୟକ ମହିଳା ନିର୍ବାଚନ ଦାୟିତ୍ୱରେ ରହିଛନ୍ତି। ଏମାନଙ୍କ ମଧ୍ୟରେ ୮୫ ମାଇକ୍ରୋ ଅବ୍‌ଜରଭର ଓ ୧୮୧ ଜଣ ସେକ୍ଟର ଅଫିସର ରହିଛନ୍ତି। ମୋଟ ପୋଲିଂ କର୍ମଚାରୀଙ୍କ ମଧ୍ୟରେ ୧୬୦ଜଣ ଷ୍ଟିଲ ଫଟୋଗ୍ରାଫର, ୨୩୯ ଜଣ ଭିଡିଓଗ୍ରାଫର ଏବଂ ୧୬୩ ଜଣ ୱେବ୍‌କାଷ୍ଟିଂ ପାଇଁ ରହିଛନ୍ତି।

### ନଜର ରଖିବ ଜିପିଏସ୍ ଟ୍ରାକିଂ ସିଷ୍ଟମ

ଏଥର ନିର୍ବାଚନ କମିଶନ ଜିପିଏସ୍ ଟ୍ରାକିଂ ସିଷ୍ଟମ କରିଛନ୍ତି। ସବୁ ସେକ୍ଟର ଅଫିସରଙ୍କ ଗାଡିରେ ଏହି ବ୍ୟବସ୍ଥା ରହିବ। ଏହାଦ୍ୱାରା ସେମାନଙ୍କ ଗତିବିଧି ଉପରେ ସମ୍ପୂର୍ଣ୍ଣ ଭାବେ ନଜର ରଖାଯାଇପାରିବ। ପ୍ରତି ସେକ୍ଟର ଅଫିସରଙ୍କୁ ୧୦ରୁ ୧୫ଟି ବୁଥ୍‌ର ଦାୟିତ୍ୱ ଦିଆଯାଇଛି। ସେମାନେ ପୋଲିଂ ପାର୍ଟିଙ୍କୁ ନେଇ ବୁଥ୍‌ରେ ପହଞ୍ଚାଇବେ ଏବଂ ସେମାନେ କିପରି ଫେରିବେ ତାହାର ମଧ୍ୟ ତଦାରଖ କରିବେ ବୋଲି ଜିଲାପାଳ କହିଛନ୍ତି।

ଏହି ଖବରଦାତା ସମ୍ମିଳନୀରେ ଅତିରିକ୍ତ ଜିଲାପାଳ ବିନୟ କୁମାର ଦାଶ, ଉପଜିଲାପାଳ ଭବତାରଣ ସାହୁ, ଡେପୁଟି କଲେକ୍ଟର (ନିର୍ବାଚନ) ସୁମନ୍ତ କର ଉପସ୍ଥିତ ଥିଲେ।

## ରାସାୟନିକ ସାର ମଣିଷର କ୍ଷତି ପହଞ୍ଚାଉଛି

**ପୁରୀ ଅଫିସ,୧୧।୩**

ବଳିଆପଣ୍ଡାସ୍ଥିତ ପ୍ରଜାପିତା ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପରିସରରେ ରବିବାର କୃଷି ସମ୍ବନ୍ଧୀୟ ଏକ ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପୁରୀ ଜିଲା ପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ ଯୋଗଦେଇ ରାସାୟନିକ ସାର ବ୍ୟବହାର ଦ୍ୱାରା ମଣିଷର କ୍ଷତି ଘଟୁଛି। ତେଣୁ ଜୈବିକ ସାର ପ୍ରୟୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ସମ୍ମାନିତ ବକ୍ତା ରାଜଯୋଗୀ ବିକେ ରାଜୁ ସମ୍ମିଳନୀର ଉଦ୍ଦେଶ୍ୟ ଓ ପ୍ରଭାଗର ବିଭିନ୍ନ ଯୋଜନା ଏବଂ ଏହାର ସଫଳତା ସମ୍ପର୍କରେ କହିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ରାଷ୍ଟ୍ରୀୟ ଅଧ୍ୟକ୍ଷା ରାଜଯୋଗିନୀ ବ୍ରହ୍ମାକୁମାରୀ ସରଳା ଦାଦି କୃଷିକ୍ଷେତ୍ରରେ ଜୈବିକ ସାର ସହ ରାଜଯୋଗର ପ୍ରୟୋଗ କିପରି ଶସ୍ୟାଦିର ଉତ୍ପାଦନ ବୃଦ୍ଧି କରୁଛି, ତାହା ଉପରେ ବକ୍ତବ୍ୟ ରଖିଥିଲେ। ମହାରାଷ୍ଟ୍ରର ଅଗ୍ରଣୀ ଚାଷୀ ବିକେ ବାଳାସାହେବ ଓ ଉତ୍ତରପ୍ରଦେଶ ଲକ୍ଷ୍ନୌର କୃଷି ଅଧିକାରୀ ବିକେ ବଦ୍ରି ବିଶାଳ ନିଜର ବହୁବର୍ଷର ଅଭିଜ୍ଞତା ବଖାଣିଥିଲେ। ଏହି ସମ୍ମିଳନୀରେ ପୁରୀ ବନଖଣ୍ଡ ଅଧିକାରୀ ହର୍ଷବର୍ଦ୍ଧନ ଉଦ୍‌ଗାତା, କୃଷି ଅଧିକାରୀ ସୁରେଶ ଚନ୍ଦ୍ର ନାୟକ, ଜୈବିକ କୃଷି ବିଶେଷଜ୍ଞ ଏ.ଏସ୍. ରାଜପୁତ, ସାଧନା କେନ୍ଦ୍ରର ରାଜଯୋଗିନୀ ଡ. ବିକେ ନିରୁପମା ଅତିଥି ଭାବେ ଯୋଗଦେଇଥିଲେ। ବିକେ ଡା. ସତ୍ୟାନନ୍ଦ ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରସନ୍ନ କୁମାର ଧନ୍ୟବାଦ ଦେଇଥିଲେ।

## ହୋର୍ଡିଂ, ବ୍ୟାନର ହଟାଇଲା ପ୍ରଶାସନ




ପୁରୀ ପ୍ରଶାସନ ପକ୍ଷରୁ ହୋର୍ଡିଂ ଉଚ୍ଛେଦ କରାଯାଉଛି।

**ପୁରୀ ଅଫିସ, ୧୧।୩**

ନିର୍ବାଚନ ଆଚରଣବିଧି ଲାଗୁହେବା ପରେ ତତ୍ପର ହୋଇପଡ଼ିଛି ପୁରୀ ଜିଲା ପ୍ରଶାସନ। ରବିବାର ରାତିରୁ ସହରର ବିଭିନ୍ନ ସ୍ଥାନରେ ଲଗାଯାଇଥିବା ରାଜନୈତିକ ଦଳଗୁଡ଼ିକର ହୋର୍ଡିଂକୁ ପ୍ରଶାସନ ହଟାଇବା ଆରମ୍ଭ କରିଛି। ଏହି ଅଭିଯାନ ସୋମବାର ଦିନତମାମ୍ ଚାଲିଥିବା ଦେଖିବାକୁ ମିଳିଥିଲା। ବିଶେଷକରି ସହରର ଭିଆଇପି ରୋଡ୍, ବଡ଼ଦାଣ୍ଡ ସମେତ ଅନ୍ୟ ଯେଉଁଠି ବ୍ୟାନର, ହୋର୍ଡିଂ, ପୋଷ୍ଟର ଲଗାଯାଇଥିଲା ତାହାକୁ ହଟାଯାଇଛି। ପୁରୀ ତହସିଲଦାର ବରଣେନ୍ଦୁ ମହାନ୍ତି, ପୌରସଂସ୍ଥା ଏନ୍‌ଫୋର୍ସମେଣ୍ଟ ଅଫିସର ପ୍ରମୁଖଙ୍କ ତତ୍ତ୍ୱାବଧାନରେ ପୌରସଂସ୍ଥା ଏନ୍‌ଫୋର୍ସମେଣ୍ଟ ସ୍କ୍ୱାଡ୍ ଏହାକୁ ହଟାଉଛି। ତହସିଲଦାର ମହାନ୍ତି କହିଛନ୍ତି, ସହରର ବିଭିନ୍ନ ସ୍ଥାନରୁ ପ୍ରାୟ ୪୦୦ ହୋର୍ଡିଂ ଓ ବ୍ୟାନରକୁ ହଟାଯାଇଛି।

## ମହିଳା, କିଶୋରୀ ସ୍ୱାସ୍ଥ୍ୟ ସଚେତନତା ଶିବିର

**କଣାସ, ୧୧।୩(ସ୍ୱ.ପ୍ର.)**

କଣାସ ବ୍ଲକ ବଡାସ ପଞ୍ଚାୟତ ଅନ୍ତର୍ଗତ ବଡାସ ପଞ୍ଚମୁଖୀ ମନ୍ଦିର ପ୍ରାଙ୍ଗଣରେ ଅପରାହ୍ନ ୩ଘଟିକା ସମୟରେ ଇନ୍ଦିରା ଗାନ୍ଧୀ ଜାତୀୟ ମୁକ୍ତ ବିଶ୍ୱବିଦ୍ୟାଳୟ ଭୁବନେଶ୍ୱର, ଫ୍ୟାନ୍ସ ଓଡ଼ିଶା ଗୋପବନ୍ଧୁ ସେବା ପରିଷଦ ଓ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ସିଏଏସ୍‌ଡବ୍ଲ୍ୟୁଆର୍‌ସିଙ୍କ ମିଳିତ ସହଯୋଗରେ ମହିଳା ଓ କିଶୋରୀ ବାଳିକାମାନଙ୍କ ମାସିକ ଋତୁସ୍ରାବ ଓ ସ୍ୱାସ୍ଥ୍ୟ ସୁରକ୍ଷା ସମ୍ବନ୍ଧିତ ଏକ ସଚେତନତା ଶିବିର ଅୟୋଜନ କରାଯାଇଥିଲା। ଗୋପବନ୍ଧୁ ସେବା ପରିଷଦର ଅଧ୍ୟକ୍ଷ ପ୍ରଦୀପ କୁମାର ମହାରଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସାଧନକର୍ମୀ ରୂପେ ଗୀତାଞ୍ଜଳି ବେହେରା ଓ କଣାସ ବ୍ଲକର ଆଶା ସାଥୀ ଯଶଧାରା ବାରିକ ଯୋଗଦେଇ କିଶୋରୀ ଅବସ୍ଥାରେ ବାଳିକାମାନେ ମାସିକ ଋତୁସ୍ରାବର ଅନିୟମିତତା ଏହାର କାରଣ ଓ ନିରାକରଣ ସମ୍ବନ୍ଧରେ ବୁଝାଇଥିଲେ। ଏତଦ୍‌ବ୍ୟତୀତ ବାଳିକା ଓ ମହିଳାମାନେ ନିଜ ସ୍ୱାସ୍ଥ୍ୟର ଯତ୍ନନେବା ସହିତ ସୁଷମଖାଦ୍ୟ ସେବନ ଉପରେ ଗୁରୁତ୍ୱାରୋପ କରିଥିଲେ। ମା' ସୁସ୍ଥ ରହିଲେ ଶିଶୁଟି ସୁସ୍ଥ ରହିବ ବୋଲି ସେ କହିଥିଲେ। ଏହି କାର୍ଯ୍ୟକ୍ରମକୁ କମଳଲୋଚନ ବେହେରା ପରିଚାଳନା କରିଥିଲେ। ସର୍ବଶେଷରେ ସମୀର କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଲୁଟି ନେଲେ ୨ଲକ୍ଷ ଟଙ୍କା, ସୁନା ଚେନ୍

**କଣାସ,୧୧।୩(ଡି.ଏନ୍.ଏ.)**

### ମଦ ଦୋକାନ ମ୍ୟାନେଜରଙ୍କୁ ଆକ୍ରମଣ

ଡେଲାଙ୍ଗ ଥାନା ଅଧୀନସ୍ଥ ସାଉରିଆ ମୌଜାରେ ଜଣେ ମଦ ଦୋକାନ ମ୍ୟାନେଜରଙ୍କୁ ରବିବାର ରାତିରେ କେତେକ ଦୁର୍ବୃତ୍ତ ରକ୍ତାକ୍ତ ଆକ୍ରମଣ କରିବା ସହ ଟଙ୍କା, ସୁନା ଚେନ୍ ଲୁଟି ନେଇଥିବା ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ, ମଦ ଦୋକାନ ମ୍ୟାନେଜେର ଚକ୍ରଧର ସାହୁ(୩୦) ସାଉରିଆ ସମେତ ବିଭିନ୍ନ ସ୍ଥାନରେ ଥିବା ତାଙ୍କ ସରକାରୀ ଅନୁମୋଦିତ ମଦ ଦୋକାନରୁ ବିକ୍ରି ଟଙ୍କା ସଂଗ୍ରହ କରି ନିଜ ଗ୍ରାମ ଉତ୍ତରାକୁ ଫେରୁଥିଲେ। ଖୋର୍ଦ୍ଧା ପଟ୍ଟନାୟିକିଆ ସଡକର ଲୁହାଗଡ ଛକ ପାର୍ଶ୍ୱରେ ପୂର୍ବରୁ ଏକ ପଲସର, ହିରୋ ହୋଣ୍ଡାରେ ଆସି ଛକି ରହିଥିବା ୪ଜଣ ଯୁବକ ଧାରୁଆ ଅସ୍ତ୍ରରେ ଚକ୍ରଧରଙ୍କ ମୁଣ୍ଡ ଓ କାନ୍ଧକୁ ହାଣିବା ସହ ବାମ ଗୋଡକୁ ଆଘାତ କରିଥିଲେ। ଆହତ ଚକ୍ରଧର ତଳେ ପଡିଯିବା ପରେ ଦୁର୍ବୃତ୍ତମାନେ ତାଙ୍କ ଠାରୁ ୨ଲକ୍ଷ ଟଙ୍କା ଓ ସୁନାଚେନ୍ ଛଡାଇ ନେଇ ଫେରାର ହୋଇଯାଇଥିଲେ। ଚିତ୍କାର ଶୁଣି ସ୍ଥାନୀୟ କେତେକ ଯୁବକ କ୍ଷତାକ୍ତ ଚକ୍ରଧରଙ୍କୁ ଡେଲାଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ପ୍ରାଥମିକ ଚିକିତ୍ସା କରାଯାଇ ଭୁବନେଶ୍ୱର ୬ନଂ ୟୁନିଟ ସରକାରୀ ହସ୍ପିଟାଲକୁ ସ୍ଥାନାନ୍ତରିତ କରାଯାଇଛି। ଖବର ପାଇ ଡେଲାଙ୍ଗ ଥାନା ପୋଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଆହତ ଚକ୍ରଧରଙ୍କ ବୟାନ ରେକର୍ଡ କରିବା ସହ ୫୧/୧୯ରେ ମାମଲା ରୁଜୁ କରିଛି। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ତଦନ୍ତ ଜାରି ରଖିଥିବା ଏସ୍‌ଆଇ ଉପେନ୍ଦ୍ରନାଥ ଦାସ ସୂଚନା ଦେଇଛନ୍ତି।

## ସିପିଆଇ ପକ୍ଷରୁ ଗୋପ ବ୍ଲକ ସମ୍ମୁଖରେ ବିକ୍ଷୋଭ

**ଗୋପ, ୧୧।୩(ଡି.ଏନ୍.ଏ.)**



ସିପିଆଇ ପକ୍ଷରୁ ଗୋପ ବ୍ଲକ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଛି।

ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଣୟନ କରାଯାଇଥିବା ବିଭିନ୍ନ ଯୋଜନାର ବିଫଳତାକୁ ନେଇ ସୋମବାର ସିପିଆଇ ପକ୍ଷରୁ ଗୋପ ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିପିଆଇ କର୍ମୀମାନେ ଗୋପ ଅଖଣ୍ଡଳେଶ୍ୱର ଶୈବପୀଠରୁ ଏକ ଶୋଭାଯାତ୍ରାରେ ବାହାରି ବଜାର ପରିକ୍ରମା କରିବା ପରେ ଗୋପ ବ୍ଲକ କାର୍ଯ୍ୟାଳୟ ସାମ୍ନାରେ ପହଞ୍ଚିଥିଲେ। ସେଠାରେ ପ୍ରସନ୍ନ ଦାସଙ୍କ ସଭାପତିତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଓଡ଼ିଶା ସରକାରଙ୍କ ଦ୍ୱାରା ଆରମ୍ଭ କରାଯାଇଥିବା କାଳିଆ ଯୋଜନା, ରାଶନ କାର୍ଡ଼, ସ୍ୱାସ୍ଥ୍ୟ ବୀମା ଯୋଜନା, ବିଜୁ କୃଷକ କଲ୍ୟାଣ ଯୋଜନା ଆଦି ଦିଗହରା ହୋଇ ପଡ଼ିରହିଥିବାବେଳେ ରାଜ୍ୟରେ ବେକାରିଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। କାଳିଆ ଯୋଜନାରେ ଗୋଟିଏ ପରିବାରର ଏକାଧିକ ଲୋକ ଅନ୍ତର୍ଭୁକ୍ତ ହୋଇଥିବାବେଳେ ପ୍ରକୃତ ଚାଷୀ ଏହି ଯୋଜନାରୁ ବଞ୍ଚିତ ହୋଇଛନ୍ତି। ସରକାର ଭୋଟ୍ ପାଇବା ଆଶାରେ ଏଭଳି ଯୋଜନା କରି ଲୋକଙ୍କୁ ଭୁଆଁ ବୁଲାଉଥିବା ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ କହିଥିଲେ। ଗୋପ ବ୍ଲକ କାର୍ଯ୍ୟାଳୟ ଦୁର୍ନୀତିର ଗନ୍ତାଘର ପାଲଟିବା ସହ ଲାଞ୍ଚ ନ ଦେଲେ କୌଣସି କାମ ହେଉ ନ ଥିବା ସିପିଆଇ ଜିଲା ସମ୍ପାଦକ ପ୍ରଦୀପ ମହାନ୍ତି ସୂଚନା ଦେଇଛନ୍ତି। ୯ ଦଫା ଦାବିକୁ ପୂରଣ କରିବା ପାଇଁ ଓଡ଼ିଶାର ରାଜ୍ୟପାଳଙ୍କୁ ଗୋପ ବିଡିଓ ଦୀପ୍ତିରାଣୀ ଦାସଙ୍କ ଜରିଆରେ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ବିକ୍ଷୋଭରେ କୃଷକ ସଭାର ସଭାପତି ମନୋରଞ୍ଜନ ପରିଡ଼ା, ଜୋନ୍ ସମ୍ପାଦକ ବ୍ରହ୍ମାନନ୍ଦ ଦାସଙ୍କ ସମେତ ଶତାଧିକ କର୍ମୀ ଉପସ୍ଥିତ ଥିଲେ।

## ସଂସ୍କୃତକୁ ଦ୍ୱିତୀୟ ରାଜଭାଷା ମାନ୍ୟତା ଦିଆଯାଉ




ଖବରଦାତା ସମ୍ମିଳନୀରେ ଉପସ୍ଥିତ ସଂସ୍କୃତ ବଞ୍ଚାଅ ମଞ୍ଚର କର୍ମକର୍ତ୍ତା।

**ପୁରୀ ଅଫିସ,୧୧।୩**

ଭାରତର ୧୭ଟିସଂସ୍କୃତ ବିଶ୍ୱବିଦ୍ୟାଳୟରେ ସଂସ୍କୃତର ପ୍ରଚାର ପ୍ରସାର, ଅଧ୍ୟାପନା, ଗବେଷଣା ଜାରି ରହିଛି। ଦେଶ ବିଦେଶରେ ମଧ୍ୟ ସଂସ୍କୃତ ଭାଷା ଉପରେ ଗବେଷଣା ଚାଲିଛି। ସଂସ୍କୃତକୁ ବିଶ୍ୱର ଆଦ୍ୟଭାଷା ଭାବେ ଗ୍ରହଣ କରାଯାଇଛି। ପୁରୀ ଶ୍ରୀଜଗନ୍ନାଥ ସଂସ୍କୃତ ବିଶ୍ୱବିଦ୍ୟାଳୟ ଓ ରାଷ୍ଟ୍ରୀୟ ସଂସ୍କୃତ ସଂସ୍ଥାନରୁ ପ୍ରତିବର୍ଷ ହଜାର ହଜାର ଛାତ୍ରୀଛାତ୍ର ପ୍ରାକ୍ ଶାସ୍ତ୍ରୀ, ଶାସ୍ତ୍ରୀ (ସ୍ନାତକ), ଆଚାର୍ଯ୍ୟ (ଏମ୍‌ଏ), ବିଶିଷ୍ଟାଚାର୍ଯ୍ୟ (ଏମ୍‌ଫିଲ), ବିଦ୍ୟାବାରିଧି (ପିଏଚ୍‌ଡି), ଶିକ୍ଷାଶାସ୍ତ୍ରୀ (ବିଏଡ୍), ଶିକ୍ଷା ଆଚାର୍ଯ୍ୟ (ଏମ୍‌ଏଡ୍) ଆଦି ନିୟମିତ ପାଠ୍ୟକ୍ରମ ବ୍ୟତୀତ ଦୂରଶିକ୍ଷା ମାଧ୍ୟମରେ ହଜାର ହଜାର ବିଦ୍ୟାର୍ଥୀ ଅଧ୍ୟୟନ କରୁଛନ୍ତି। ଅନ୍ୟପଟେ ସଂସ୍କୃତ ଶିକ୍ଷାକୁ ରାଜ୍ୟ ସରକାର ଉପେକ୍ଷା କରୁଛନ୍ତି ବୋଲି ସୋମବାର ସଦାଶିବ ପରିସର ସମ୍ମିଳନୀ କକ୍ଷରେ ସଂସ୍କୃତ ବଞ୍ଚାଅ ମଞ୍ଚ ଆନୁକୂଲ୍ୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ମଞ୍ଚର ଆବାହକ ବିହାର ରାଜେନ୍ଦ୍ର ପ୍ରସାଦ କେନ୍ଦ୍ରୀୟ କୃଷିବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପ୍ରଫୁଲ୍ଲ କୁମାର ମିଶ୍ର କହିଛନ୍ତି।

ପ୍ରଫେସର ମିଶ୍ର ଆହୁରି ମଧ୍ୟ କହିଛନ୍ତି, ରାଜ୍ୟ ସରକାର ଶିକ୍ଷାକ୍ଷେତ୍ରରେ ସଂସ୍କୃତ ଭାଷାର ମୂଳୋତ୍ପାଟନ କରିବାକୁ ବସିଛନ୍ତି। ସଂସ୍କୃତ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ନିନ୍ଦନୀୟ। ଓଡ଼ିଶା ସରକାର ମାଧ୍ୟମିକ ଶିକ୍ଷାସ୍ତରରେ ସଂସ୍କୃତ ଭାଷାକୁ ବାଧ୍ୟତାମୂଳକ ମର୍ଯ୍ୟାଦା ନ ଦେଇ ଧନ୍ଦାମୂଳକ ପାଠ୍ୟକ୍ରମକୁ ଗୁରୁତ୍ୱ ଦେଇଛନ୍ତି। ରାଜ୍ୟର ବିଭିନ୍ନ ବିଦ୍ୟାଳୟରେ ସଂସ୍କୃତ ଶିକ୍ଷକ ପଦବୀ ଖାଲିପଡିଛି। ସରକାରଙ୍କ ଏହି ମନୋଭାବ ଯୋଗୁ ଆଗାମୀ ଦିନରେ ସଂସ୍କୃତ ଭାଷା ପ୍ରତି ଛାତ୍ରୀଛାତ୍ରଙ୍କ ଆଗ୍ରହ କମିଯିବ। ସରକାରଙ୍କ ସଂସ୍କୃତମାରଣ ନୀତିକୁ ଆମେ ତୀବ୍ର ନିନ୍ଦା କରୁଛୁ। ଏ ନେଇ କେନ୍ଦ୍ର ମାନବ ସମ୍ବଳ ବିକାଶ ମନ୍ତ୍ରଣାଳୟ, ରାଷ୍ଟ୍ରପତିଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି। ସଂସ୍କୃତ ଭାଷାକୁ ଓଡ଼ିଶାରେ ଦ୍ୱିତୀୟ ରାଜଭାଷା ଭାବେ ମାନ୍ୟତା ପ୍ରଦାନ ଲାଗି ମଞ୍ଚ ଦାବି କରିଛି।

ଖବରଦାତା ସମ୍ମିଳନୀରେ ମଞ୍ଚର ସମ୍ପାଦକ ଡ. ସୁଶାନ୍ତ କୁମାର ରାଜ, ପ୍ରଫେସର ଅଦ୍ୱୈତ ଚରଣ ଧଳ ଓ ପ୍ରଫେସର ବିଜୟ ପାଳ କଚ୍ଛବାହ ପ୍ରମୁଖ ଉପସ୍ଥିତ ଥିଲେ।

## ବକୁଳବନ ବାର୍ତ୍ତାର ସୁଦୂରପ୍ରସାର କରିବାକୁ ଆହ୍ୱାନ

**ସାକ୍ଷୀଗୋପାଳ, ୧୧।୩(ଡି.ଏନ୍.ଏ.)**



ସାକ୍ଷୀଗୋପାଳସ୍ଥିତ ପଞ୍ଚସଖା ସ୍ମୃତି ଭବନରେ ବକୁଳବନ ମହୋତ୍ସବ ପାଳନ ଅବସରରେ ଯୋଗ ଦେଇଥିବା ଅତିଥି।

ସ୍ଥାନୀୟ ପଞ୍ଚସଖା ସ୍ମୃତି ଭବନରେ ବକୁଳବନ ମହୋତ୍ସବ ସୋମବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଅତିଥିମାନେ ପଞ୍ଚସଖା ସମାଧି ପୀଠ ଓ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ଚୋରି, ନାରୀ, ନିଶା ଓ ଦୁରାଚାର ପ୍ରବୃତ୍ତି ଗ୍ରାମ୍ୟ ଜୀବନକୁ ଦୂଷିତ କରିଥାଏ। ଊନବିଂଶ ଦଶକରେ ଉତ୍କଳମଣି ଗୋପବନ୍ଧୁ ସମାଜ ସଂସ୍କାର ପାଇଁ ତାଙ୍କ ସାହିତ୍ୟ ଓ କବିତା ପଙ୍କ୍ତିରେ ନାନା ଉପାଦେୟ ରଚନା କରି ସମାଜର ସଂସ୍କାର ନିମନ୍ତେ ନିଜକୁ ସମର୍ପିତ କରିଥିଲେ। ସେହି ରଚନାବଳୀରେ ଉତ୍କଳୀୟ ମାନଙ୍କର ଉନ୍ନତ ଚିନ୍ତା, ଚେତନା ଓ ଅତିଥି ଆଦର ଦେବାର୍ଚ୍ଚନାର ନିଦର୍ଶନ ପ୍ରତୀୟମାନ ହୋଇ ସତ୍ୟବାଦୀ ଯୁଗକୁ ପରିପୁଷ୍ଟ କରିଛି ବୋଲି ମୁଖ୍ୟବକ୍ତା ଉତ୍କଳ ବିଶ୍ୱବିଦ୍ୟାଳୟର ଅବସରପ୍ରାପ୍ତ ପ୍ରାଧାପକ ଶରତ କୁମାର ରଥ କହିଥିଲେ। ବକୁଳବନରେ ରହିଥିବା ବିରଳ ଛୁରିଅନା ବୃକ୍ଷ ସମ୍ପର୍କରେ ରଥ ଆଲୋଚନା କରିଥିଲେ। ମୁଖ୍ୟଅତିଥି ଭାବରେ ସତ୍ୟବାଦୀ ବିଧାୟକ ଉମାକାନ୍ତ

### ବକୁଳବନ ମହୋତ୍ସବ

ସାମନ୍ତରାୟ ସତ୍ୟବାଦୀ ବନ ବିଦ୍ୟାଳୟର ପୂର୍ବ ଐତିହ୍ୟ ଫେରାଇ ଆଣିବାକୁ ରାଜ୍ୟ ସରକାର ସତ୍ୟବାଦୀରେ ଓଡ଼ିଆ ବିଶ୍ୱବିଦ୍ୟାଳୟର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଖୁବଶୀଘ୍ର ଜମି ଅଧିଗ୍ରହଣ କରାଯାଇ କାମ ଆରମ୍ଭ ହେବା ସଙ୍ଗେ ସଙ୍ଗେ ବକୁଳବନର ସୌନ୍ଦର୍ଯ୍ୟକରଣ ପାଇଁ ୭ ଲକ୍ଷ ଟଙ୍କାର ଟେଣ୍ଡର ପ୍ରକ୍ରିୟା ଶେଷ ହୋଇଛି ବୋଲି ସୂଚନା ଦେଇଥିଲେ। ସମ୍ମାନିତ ଅତିଥି ପୁରୀ ଜିଲାପରିଷଦ ଅଧ୍ୟକ୍ଷ ଜ୍ୟୋତିର୍ମୟ ଦଳାଇ ଏହି ଉତ୍ସବକୁ ଅଧିକ ସରସ ସୁନ୍ଦର କରାଯିବାକୁ ପ୍ରସ୍ତାବ ଦେଇଥିବା ବେଳେ ଓଡ଼ିଆ ଭାଷା ଆନ୍ଦୋଳନର ଅନ୍ୟତମ ସଦସ୍ୟ ସୀତା ବଲ୍ଲଭ ମହାପାତ୍ର ସରକାରୀ ସ୍ତରରେ ଓଡ଼ିଆ ଭାଷା ପ୍ରଚଳନ ବିଳମ୍ବିତ ହେଉଥିବା କହିଥିଲେ। ସତ୍ୟବାଦୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ପ୍ରଧାନ, ନାଟ୍ୟକାର ପୂର୍ଣ୍ଣଚନ୍ଦ୍ର ଦାସ ଯୋଗଦେଇ ବକୁଳବନର ସ୍ମୃତି ଚାରଣ କରିଥିଲେ। ଐତିହାସିକ ବକୁଳବନର ସ୍ମୃତିକୁ ଜନମାନସରେ ଜାଗରଣ କରିବା ଏହି ମହୋତ୍ସବର ଲକ୍ଷ୍ୟ ବୋଲି କମିଟିର ସ୍ଥାୟୀ ସଭାପତି ସାମାଜିକ କର୍ମୀ ସୁକାନ୍ତ କିଶୋର ସାମନ୍ତରାୟ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଥିଲେ। ସମ୍ପାଦକ କବି ଶଶିକାନ୍ତ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସଂଯୋଜନା କରିଥିଲେ କମିଟିର କାର୍ଯ୍ୟକାରୀ ସଭାପତି ରବୀନ୍ଦ୍ର ନାଥ ଷଡଙ୍ଗୀ। ମହୋତ୍ସବର ମୁଖପତ୍ର 'ବକୁଳବନର ବାର୍ତ୍ତା' ଅତିଥିମାନେ ଉନ୍ମୋଚନ କରିଥିଲେ। ଶିକ୍ଷାବିତ, ସାହିତ୍ୟିକ, ସେବିକା, ଛାତ୍ରୀଛାତ୍ର, ସ୍ୱେଚ୍ଛାସେବୀ, ଖବରଦାତା ଓ ବିଭିନ୍ନ ବର୍ଗର ମହିଳାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୋଷାଧ୍ୟକ୍ଷ ଯଯାତି କେଶରୀ ରାୟ ଧନ୍ୟବାଦ ଦେଇଥିଲେ ଏବଂ ରାଜ କିଶୋର ମହାପାତ୍ର ପରିଚାଳନା କରିଥିଲେ।